ଜୁନ ୨୦୨୪ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website : www.rebatee.in



# ନିର୍ବାଚନ ସରିଗଲା, ରାଜନୀତି ସରିନି

**ଆସନ୍ତୁ ପଢ଼ିବା - ରାଜନୀତି, ରାଜନେତା, ଶାସନ ଓ ପ୍ରଶାସନକୁ ନେଇ କେତୋଟି ଉପାଦେୟ ବହି**




scan on mobile camera to buy

**PEN IN BOOKS**
an imprint of **Odia Media Private Limited**
M-6/51, Acharya Vihar, Bhubaneswar-751013
Contact: 0674 254 0203, peninbooks@gmail.com
www.peninbooks.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୮ମ ସଂଖ୍ୟା, ଜୁନ ୨୦୨୪ ■ Vol-6, Issue : 08, June 2024



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**
**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*



Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha.
Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/-**
■ ବାର୍ଷିକ : **୭୯୦ ଟଙ୍କା ମାତ୍ର** ■ Annual : **INR 790/-**

# ରେବତୀ
ଆମ ମାଟିର ସ୍ୱର


୪
ସମ୍ପାଦକୀୟ : ପରିବାରରେ ନାରୀର ପରିଚୟ
: ସୁବାସିନୀ ଜେନା

୯ ପର୍ବପର୍ବାଣି : ପାର୍ବଣର ରାଣୀ ରଜ :
ସଂଗ୍ରାମ କେଶରୀ ପୃଷ୍ଟି

୧୬ ଅନୁଶୀଳନ :ଫୁଲ ଫୁଟୁକି ନଫୁଟୁ..:
ସୌଭାଗ୍ୟବନ୍ତ ମହାରଣା

୨୨ ଭ୍ରମଣ କାହାଣୀ-୧ : ସୀମାନ୍ତର ଶେଷ ଗାଁ:
ପ୍ରଫେସର ଦାଶରଥି ଭୂୟାଁ

୨୮ ପର୍ଯ୍ୟଟନ : ହୀରକ ତ୍ରିଭୁଜର ...:
ନାରାୟଣ ରାଉତରାୟ

୪୦ ଭ୍ରମଣ କାହାଣୀ-୨ :ଦକ୍ଷିଣୀ ଦେବଭୂମି :
ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

୪୪ ଭ୍ରମଣ କାହାଣୀ-୩: ମନ୍ଦିରର ମହକ :
ରେବା ପଟ୍ଟନାୟକ






୪୮ ସଂସ୍ମରଣ : ପ୍ର. ମଣୀନ୍ଦ୍ର କୁମାର ମେହେର
୫୪ ଦ୍ୱି-ପ୍ରଚ୍ଛଦ : ତୃପ୍ତି ମୀରାମ୍ବିକା

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**

୫୭ : ଆଶୁତୋଷ ପରିଡ଼ା
୫୮ : ମନୋରମା ବିଶ୍ୱାଳ ମହାପାତ୍ର
ନୀଳମାଧବ କର
୫୯ : ଅପର୍ଣ୍ଣା ମହାନ୍ତି
ସୁଜାତା ଶୁଭଦର୍ଶିନୀ ନାୟକ




## ସମ୍ପାଦକୀୟାଂଶ...

××× ଯୁଗେ ଯୁଗେ ନାରୀର ସ୍ନେହଶ୍ରଦ୍ଧା, ସେବାଭାବ, ପ୍ରେମ, ସହନଶୀଳତା, ପ୍ରେରଣା ଓ ସମର୍ପଣଭାବ, ତ୍ୟାଗ ଓ ତିତିକ୍ଷା ତାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ନାରୀଟିଏ ସହନଶୀଳା ଓ କ୍ଷମାଶୀଳ ନହେଲେ ସମାଜରେ ବଞ୍ଚିରହିବା କଷ୍ଟକର ହୁଅନ୍ତା । ଏ କଥା ଆମେ ଭୁଲିଯିବା ଉଚିତ ନୁହେଁ । ସୁତରାଂ ନାରୀର ସେବା ଓ ତ୍ୟାଗ ହିଁ ସମାଜ ଗଠନ ପାଇଁ ଅଭିପ୍ରେତ । ନିଜ ପାଇଁ କମ୍ ଭାବେ ସେ । ନିଜକୁ କଷ୍ଟର ଆଢୁଆଳେ ରଖି ସେ ହସେ । ଅନ୍ୟର ସେବାରେ ନିଜକୁ ସେ ଅଚିରେ ନଈ ଭଳି ପ୍ରଖର କରିଦିଏ । ନିଜ ସନ୍ତାନ, ନିଜ ପରିବାର, ନିଜ ଦେଶ, ନିଜ ମାଟି ପାଇଁ ନିଜକୁ ଉତ୍ସର୍ଗ କରିଦେବା ବେଳେ ନାରୀଟିଏ କେବେ ବି ଭାବେ ନାହିଁ ସ୍ୱାର୍ଥର କଥା । ତା'ର ଏଇ ନିଃସ୍ୱାର୍ଥସେବା, ତା'ର ଏଇ ଆତ୍ମୀୟପଣ ତାକୁ କେବଳ ମହିୟସୀ କରେ ନାହିଁ । ତାକୁ ଅସାମାନ୍ୟା କରି ତୋଳେ । ତାକୁ ମିଳେ ଏକ ଅନନ୍ୟ ପରିଚୟ । ଏ ଅନନ୍ୟତାକୁ ସେ ନିଜ ଭଳି ଅନୁଭବ କରିବା ପାଇଁ ଟିକେ 'ରାହା' ଖୋଜେ । ଚେନାଏ ଆକାଶର 'ନୀଳ' ଖୋଜେ । ପାପୁଲିଏ 'ପ୍ରେମ' ଖୋଜେ । ତାଙ୍କି ହେବାକୁ ଫୁଲ ପରି ପାଖୁଡ଼ାଟିଏ ଖୋଜେ । ପାଏ କି ?

ସୁବାସିନୀ ଜେନା














୯୪ ଶ୍ରଦ୍ଧାଞ୍ଜଳି : ସୁଶାନ୍ତ
୯୯ ଆତ୍ମଜୀବନୀ : ଜୟନ୍ତୀ ରଥ
୧୦୨ ସୌନ୍ଦର୍ଯ୍ୟ-ଚର୍ଚ୍ଚା : ଡକ୍ଟର ପ୍ରୀତିପଦ୍ମା ପଣ୍ଡା
୧୦୪ ରୂପଚର୍ଚ୍ଚା : ସସ୍ମିତା ମେହେର
୧୦୫ ରୋଷେଇଶାଳ : ସଙ୍ଗୀତା ଦାସ

୧୦୬: ଶେଷପୃଷ୍ଠା : ସାହିତ୍ୟରେ ଶୂନ୍ୟସ୍ଥାନ :
କୃଷ୍ଣ କୁମାର ମହାନ୍ତି

୬୦ : ଅଜୟ ପ୍ରଧାନ
କୌଶିକ ନାୟକ
୬୧ : ଡକ୍ଟର ନୃସିଂହ ଷଡ଼ଙ୍ଗୀ
କୈଳାଶ ଚନ୍ଦ୍ର ସାହାଣୀ
୬୨ : ନିରାକାର ଦାସ
୬୩ : ସୁଚିତ୍ରା ପାଣିଗ୍ରାହୀ
ପିନାକୀ ମିଶ୍ର
୬୪ : ବାଦଲ ମହାନ୍ତି
ଚକ୍ରପାଣି ପରିଚ୍ଛା
୬୫ : ଡକ୍ଟର ସୁମିତ୍ରା ମିଶ୍ର
ପ୍ରଶାନ୍ତ କୁମାର ଦାଶ
୬୬ : ବିଜୟ ମହାପାତ୍ର
ରଶ୍ମିରେଖା ବେହେରା
୬୭ : ଚୈତନ୍ୟ ପ୍ରସାଦ ବେହେରା
ପ୍ରଦୀପ ବନ୍ଧ
୬୮ : ପୁରୁଷୋତ୍ତମ ମିଶ୍ର
ଦେବାଶିଷ ପାତ୍ର
୬୯ : ସତ୍ୟବ୍ରତ ସାହୁ
ମମତା ପ୍ରିୟଦର୍ଶିନୀ ସାହୁ
୭୦ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୭୬ କଥା-କାହାଣୀ-୧ : ସୁକାନ୍ତି ମହାପାତ୍ର
୭୯ କଥା-କାହାଣୀ-୨ : ପ୍ରଦ୍ୟୁମ୍ନ ପଟ୍ଟନାୟକ
୮୩ ପୁଷ୍ପବିତାନ : ଶ୍ୱେତା ରାଉତ
୮୯ ଭ୍ରମଣ କାହାଣୀ-୪ : କିରଣ ମିଶ୍ର






ପ୍ରଚ୍ଛଦ ଭାବନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ତୃପ୍ତିମୟୀ ବେହେରା, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ବୃତ୍ତି : ବ୍ୟାଙ୍କର୍
ରୁଚି : ମଡ଼େଲିଂ ଓ ପେଣ୍ଟିଂ
ଶିକ୍ଷା : ପୋଷ୍ଟ ଗ୍ରାଜୁଏଟ୍ (ଫାଇନାନ୍ସ)
ପ୍ରଚ୍ଛଦ ଫଟୋଗ୍ରାଫି : ରାଜକୁମାର ସ୍ୱାଇଁ,ଭୁବନେଶ୍ୱର
ମେକ୍‌ଅପ୍ : ଅନୀତା ମହାନ୍ତି, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ଫଟୋଶୁଟ୍ ସ୍ଥାନ : ମେଘେଶ୍ୱର ମନ୍ଦିର, ଭୁବନେଶ୍ୱର
ସହାୟତା : ସମ୍ବିତ ପଟ୍ଟନାୟକ, ଜିଲ୍ ଏଣ୍ଟର୍‌ଟେନ୍‌ମେଣ୍ଟ୍


**ମଲାଟ କଥା :** ପୂଜା ଓ ଉପାସନା ହେଉଛି ଭାରତୀୟ ହିନ୍ଦୁ ନାରୀର ବ୍ରତ ଓ ଉପଚାର । ପୂଜାପାଠ କରିବା ଦ୍ୱାରା ମାନସିକ ଶାନ୍ତି ଓ ପାରିବାରିକ ଖୁସି ପ୍ରାପ୍ତ ହୋଇଥାଏ ବୋଲି ଆମର ଏକ ବିଶ୍ୱାସ ରହିଛି । ସେଥିପାଇଁ ଏକ ବା ଏକାଧିକ ଦେବାଦେବୀଙ୍କୁ ଭକ୍ତିପୂର୍ବକ ଶ୍ରଦ୍ଧାଂଜଳି ଅର୍ପଣ କରିବା ହେଉଛି ହିନ୍ଦୁମାନଙ୍କର ଏକ ପବିତ୍ର କର୍ମ । ଏହାଦ୍ୱାରା ଆଧ୍ୟାତ୍ମିକ ଚେତନାର ବିକାଶ ହେବା ସହିତ ମଣିଷ ଭିତରେ ଜୀବନକୁ ନେଇ ଏକ ସକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ । ପରିବାରର ସମସ୍ତଙ୍କ ମଙ୍ଗଳ କାମନା କରି ନାରୀ ହିଁ ବିଭିନ୍ନ ପୂଜାବିଧି ମାଧ୍ୟମରେ ଦେବାଦେବୀଙ୍କୁ ଶ୍ରଦ୍ଧା ନିବେଦନ କରିଥାନ୍ତି । ଏହା ବିଶ୍ୱାସ କରାଯାଏ ଯେ, ସବୁ ପ୍ରକାର ବିପତ୍ତିରେ ଈଶ୍ୱର ରକ୍ଷାକର୍ତ୍ତା ଭାବେ ଉଭା ହେବେ । ନାରୀର ଏହି ପବିତ୍ର କର୍ମ ହିଁ ଆମର ଏ ମାସର ପ୍ରଚ୍ଛଦ ।

# ପରିବାରରେ ନାରୀର ପରିଚୟ

ଆମ ସମାଜରେ ନାରୀର ଭୂମିକାକୁ ନେଇ ସବୁବେଳେ ଏକ ନକାରାତ୍ମକ ନାରା ଶୁଣିବାକୁ ମିଳିଥାଏ । କିନ୍ତୁ ନାରୀ ଯେ ସକଳ ଶକ୍ତିର ଆଧାର, ଏକଥା ସମାଜ ଭୁଲିଯାଏ । ଆମେ ଜାଣୁ ସୃଷ୍ଟି ଓ ବିନାଶ- ଏ ଉଭୟଟିରେ ନାରୀର ଭୂମିକା କ'ଣ । କାରଣ ନାରୀ ସୃଷ୍ଟି କରିପାରେ ଯେମିତି, ଆବଶ୍ୟକ ପଡ଼ିଲେ ବିନାଶ ବି କରିପାରେ ସେ । ଏଥିପାଇଁ ପ୍ରକୃତି ତାକୁ ସେଇଭଳି ହିଁ ନିର୍ମାଣ କରିଛି । କିନ୍ତୁ ଆମର ଦୁର୍ଭାଗ୍ୟ ଯେ, ନାରୀର ଅସଲ ପରିଚୟ ଓ ନାରୀର ପ୍ରକୃତ ପରିସୀମା ବିଷୟରେ ଆମେ ସବୁବେଳେ ଅଜ୍ଞ ଥାଉଁ । ଥାଉଁ ଏଇଥିପାଇଁ ଯେ, ଆମ ଭିତରେ ନାରୀକୁ ଚିହ୍ନିବାର ପରଖିବାର, ନାରୀକୁ ନେଇ ଗର୍ବ କରିବାର ସାମାନ୍ୟତମ ସ୍ୱାଭିମାନ ନଥାଏ । ନାରୀର ନିୟତିରେ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ଭରିଦେବାରେ ଯେଉଁମାନଙ୍କର ହାତ ଥାଏ, ସେମାନେ ବି ସେଇ ନାରୀର ଏକ ଅଂଶ ବୋଲି ଭୁଲି ଯାଆନ୍ତି । ସେଇଥିପାଇଁ ତ ନାରୀ ହିଁ ପ୍ରକୃତି । ନାରୀ ହିଁ ଏ ସମାଜର ଆଇନା । ନାରୀର ପ୍ରତିବିମ୍ବ ଯେଭଳି ବିମ୍ବିତ ହେବ, ସମାଜ ସେଭଳି ହିଁ ଦୃଶ୍ୟ ହେବ- ଏଥିରେ ଭାବିବାର କିଛି ନାହିଁ । ନାରୀର କଷଣ, ନାରୀର ପୀଡ଼ା, ନାରୀର ଦୁର୍ଭାଗ୍ୟ- ଏସବୁ ହିଁ ଆମ ସମାଜର ପ୍ରତିଫଳନ । ମନ୍ଦିରର ମୁଖଶାଳା ପରି ସମାଜର ମୁଖଶାଳା ହେଉଛି ନାରୀର ପରିଚୟ । ନାରୀକୁ ସମାଜର 'ମୁଖଶାଳା' କରି ଛିଡ଼ା ହେବାକୁ ଦେବା ଆମର କର୍ତ୍ତବ୍ୟ କେବଳ ନୁହଁ, ଆମର ଧର୍ମ ହେବା ଉଚିତ ।

ଆମେ କହୁ: ସମାଜ କଳୁଷିତ । କିନ୍ତୁ ସମାଜର ଏ କଳୁଷତା, ସମାଜର ଏ ରୁଗ୍ଣ ଚେହେରା ପାଇଁ ଦାୟୀ କରୁନା କେବେ ନିଜକୁ । ସମାଜର ଚେହେରା ବଦଳିଥାଏ, ଆମର ଭାବନା ଆମର ଦୃଷ୍ଟିଭଙ୍ଗୀ, ଆମର କାର୍ଯ୍ୟକଳାପ ଯୋଗୁଁ ନାରୀଟିଏ ଯେଉଁ ସମାଜରେ ତା'ର ପରିଚୟ ଓ ପରିସୀମାକୁ ନେଇ ପ୍ରତିନିୟତ ସଂଘର୍ଷ କରୁଥାଏ । ଲାଞ୍ଛିତ ହେଉଥାଏ, ସଂଗ୍ରାମ କରୁଥାଏ, ସେ ସମାଜ କେବେ ବି ସୁସ୍ଥ ସମାଜ ନୁହେଁ । ସେପରି ଏକ ସମାଜରେ ଥାଇ ଆମେ କିପରି କରିପାରିବା ଯେ, ସମାଜ ଗଠନରେ ଆମର ଭୂମିକା ନାହିଁ? ସମାଜର ଏ ପତନରେ ଆମେ ଦାୟୀ ନୋହୁଁ ବୋଲି କହିପାରିବା କି ?

ଯୁଗେ ଯୁଗେ ନାରୀର ସ୍ନେହଶ୍ରଦ୍ଧା, ସେବାଭାବ, ପ୍ରେମ, ସହନଶୀଳତା, ପ୍ରେରଣା ଓ ସମର୍ପଣଭାବ, ତ୍ୟାଗ ଓ ତିତିକ୍ଷା ତାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ନାରୀଟିଏ ସହନଶୀଳା ଓ କ୍ଷମାଶୀଳ ନହେଲେ ସମାଜରେ ବଞ୍ଚିରହିବା କଷ୍ଟକର ହୁଅନ୍ତା । ଏ କଥା ଆମେ ଭୁଲିଯିବା ଉଚିତ ନୁହେଁ । ସୁତରାଂ ନାରୀର ସେବା ଓ ତ୍ୟାଗ ହିଁ ସମାଜ ଗଠନ ପାଇଁ ଅଭିପ୍ରେତ । ନିଜ ପାଇଁ କମ୍ ଭାବେ ସେ । ନିଜକୁ କଷ୍ଟର ଆଡୁଆଳେ ରଖି ସେ ହସେ । ଅନ୍ୟର ସେବାରେ ନିଜକୁ ସେ ଅଚିରେ ନଈ ଭଳି ପ୍ରଖର କରିଦିଏ । ନିଜ ସନ୍ତାନ, ନିଜ ପରିବାର, ନିଜ ଦେଶ, ନିଜ ମାଟି ପାଇଁ ନିଜକୁ ଉତ୍ସର୍ଗ କରିଦେବା ବେଳେ ନାରୀଟିଏ କେବେ ବି ଭାବେ ନାହିଁ ସ୍ୱାର୍ଥର କଥା । ତା'ର ଏଇ ନିଃସ୍ୱାର୍ଥସେବା, ତା'ର ଏଇ ଆତ୍ମୀୟପଣ ତାକୁ କେବଳ ମହିୟସୀ କରେ ନାହିଁ । ତାକୁ ଅସାମାନ୍ୟା କରି ତୋଳେ । ତାକୁ ମିଳେ ଏକ ଅନନ୍ୟ ପରିଚୟ । ଏ ଅନନ୍ୟତାକୁ ସେ ନିଜ ଭଳି ଅନୁଭବ କରିବା ପାଇଁ ଟିକେ 'ରାହା' ଖୋଜେ । ଚେନାଏ ଆକାଶର 'ନୀଳ' ଖୋଜେ । ପାପୁଲିଏ 'ପ୍ରେମ' ଖୋଜେ । ଢାଙ୍କି ହେବାକୁ ଫୁଲ ପରି ପାଖୁଡ଼ାଟିଏ ଖୋଜେ । ପାଏ କି ? ଆମେ ତାକୁ ଦେଉ କି ? କେବେ ଆମେ ଭାବୁ କି, ବାସ୍ନାଟିଏ ହୋଇ ଭରିଦେବା ତା' ଅଗଣାକୁ ! ଭରିଦେବା ତା' ଯିବା ଆସିବା ରାସ୍ତାକୁ । ଭରିଦେବା ତା' ସ୍ୱପ୍ନକୁ ! ନା, ଆମେ ସେପରି ତ କେବେ ଭାବୁନା । ଅଧିକନ୍ତୁ ଆମେ କାଟିଦେଉ ତା' ପରିଚୟର ପର । ସଂକୁଚିତ କରିଦେଉ ତା' ପରିସୀମା । ଏଇଟା ନୁହେଁ, ସେଇଟା ନୁହେଁ ଭଳି ନାନା ରକମର 'ନାହିଁ ନାହିଁ'ରେ ତା' ଜୀବନକୁ ଆମେ ନାରଖାର କରିଦେଉ । ତା'ର କୋମଳ ମନରେ ପ୍ରହାର କରି ତାକୁ ବିଷାକ୍ତ କରିତୋଳୁ । ନାରୀ ହୋଇ ଉଠେ ନାଚାର । ନାରୀ ହୋଇଉଠେ ନିରୁପାୟ । 'ସୁସ୍ଥ ସମାଜ' ଖୋଜିଲେ କେଉଁଠୁ ଆସିବ ? କିଏ ଦେବ ଆମକୁ ଆମର ଈପ୍‌ସିତ ସମାଜ ? ଯେତେବେଳେ ଆମେ ନିଜେ ହିଁ ନିଜ ହାତରେ ନଷ୍ଟ କରୁଛୁ ତାକୁ ।

ନାରୀ ନିଃଶେଷ ହେବାକୁ ଜନ୍ମ ନେଇଛି- ଏପରି ଭାବନା ମନରୁ ପରିହାର କରିଦେବା ଶ୍ରେୟସ୍କର । କାରଣ ନାରୀର ସରିଯିବାରେ ଅନେକ କିଛି ଶେଷ ହୋଇଯିବାର ଭାଗ୍ୟ ନିର୍ଭର କରେ । କାହିଁକି ବା ନାରୀ ଜୀବନ ସାରା ଜଳିଜଳି ଶେଷ ହେବ ! କାହିଁକି ସେ ନିଜ ପୃଥିବୀଟେ ଗଢ଼ି ନିଜ ଭଳି ବଞ୍ଚି ପାରିବନି ! କାହିଁକି ତାକୁ ପ୍ରତିଟି ପଦପାତରେ କୈଫିୟତ ଦେବାକୁ ହେବ । କୈଫିୟତ୍ ଦେବ ତ କାହାକୁ ଦେବ ? କାହିଁକି ବା ଦେବ ? ସେଇ ପୁରୁଷଟିଏ ହିଁ ତ କୈଫିୟତ୍ ମାଗୁଥିବ । ସେ ପୁରୁଷଟି ହୋଇପାରେ ତା'ର ବାପା, ତା'ର ଭାଇ, ତା'ର ସ୍ୱାମୀ ବା ସମାଜର କେହି ବଡ଼ପଣ୍ଡା ! କିନ୍ତୁ ତାକୁ ସେଇ ଅଧିକାର ଦେଲା କିଏ ? ସେଇ ସମାନ ଅଧିକାର ନାରୀଟିଏ ପାଇବ ନାହିଁ କାହିଁକି- ଏ ପ୍ରଶ୍ନ ଆମେ କେବେ ନିଜକୁ ପଚାରିଛୁ କି ।

ନାରୀର ସ୍ୱାଧୀନତା, ନାରୀର ସ୍ୱାଧିକାର କେବଳ ତା'ର । ତା' ଉପରେ ହସ୍ତକ୍ଷେପ କରିବାର ଅଧିକାର କାହାର ବି ଅଛି- ସେପରି ଭାବନ୍ତୁନି । ଆମେ ସବୁଥିରେ ସ୍ୱାଧୀନତା ଖୋଜୁ । ଦେଶ, ଜାତି, ଧର୍ମ, ଅଭିବ୍ୟକ୍ତି ସବୁଥିରେ । କିନ୍ତୁ ନାରୀର ସ୍ୱାଧୀନତା କଥା ପଡ଼ିଲେ ଆମେ କାହିଁକି ନିରବି ଯାଉ ? ତାକୁ ତା'ର ସ୍ୱାଧୀନତା ଟିକିକ ଦେଇ ପାରିଲେ ହିଁ ଆମେ ନିଜକୁ ସୁସ୍ଥ ସମାଜର ଦାୟାଦ କହି ପାରିବା । ଅନ୍ୟଥା ଆମେ ନିଜକୁ ସଭ୍ୟ ସମାଜର ବୋଲି କେମିତି କହିବା ?

ମୁକ୍ତିର ଆନନ୍ଦ ଅନନୁଭବ୍ୟ । ତାକୁ ଯିଏ ଭୋଗିଛି, ସେ ଜାଣିଛି । ପରାଧୀନତାର ପରିଭାଷା ଭିତରେ ପୀଡ଼ା ଓ କ୍ଳେଶ ଥାଏ । କିନ୍ତୁ ସ୍ୱାଧୀନତାର ଶ୍ରୀକ୍ଷେତ୍ରରେ ଥାଏ ଖାଲି ଆନନ୍ଦ ହିଁ ଆନନ୍ଦ । ନାରୀକୁ ଏଇ ଆନନ୍ଦ ଟିକକ ଦେଇ ପାରିବାର ମାନସିକତା ହିଁ ପ୍ରକୃତ ପରିଚୟ ଆମର । ମୁକ୍ତିର ଆନନ୍ଦ ଭିତରେ ନାରୀଟି ଯେଉଁ 'ପରମାନନ୍ଦ'ର ଭାବ ଚେତନାର ନିମଜ୍ଜିତ ହେବ, ତାହା କେବଳ ଅବ୍ୟକ୍ତ ନୁହଁ, ଅବର୍ଣ୍ଣନୀୟ ମଧ୍ୟ ।

ସମସ୍ତଙ୍କୁ ରଜ ପର୍ବ ଅବସରରେ ଶୁଭେଚ୍ଛା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା, ସଭିଙ୍କ ସମୟ ମଙ୍ଗଳମୟ କରନ୍ତୁ ।

ସୁନ୍ଦରୀ ମେଧା (signature)

ସମ୍ପାଦିକା






## ନଟବର ଶତପଥୀଙ୍କ ଆଲେଖଟି ଭଲ ଲାଗିଲା

● ସମ୍ମାନନୀୟ ସମ୍ପାଦିକା, ମଇ ମାସର 'ରେବତୀ'ରେ ପ୍ରଫେସର ନଟବର ଶତପଥୀଙ୍କ 'ଟଙ୍କିକିଆ ମଣିଷର ମୂଲ୍ୟ' ଆଲେଖ୍ୟଟି ପଢ଼ିଲି । ଆମ ସମୟର ପ୍ରତିଭାବାନ କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ କବିତା ଉପରେ ଲିଖିତ ଏହି ସମାଲୋଚକୀୟ ପ୍ରବନ୍ଧଟି ବେଶ୍ ଭଲ ଲାଗିଲା । କବିତାର ଅସ୍ଥି ମଜ୍ଜା ଓ ରକ୍ତକୁ ଚିପୁଡି, ଶବ୍ଦକୋଷ ଏବଂ କବିତା ସାରା ଜୀବନରେ, କବିତାର ରସ (ଭାବ), ରୂପ (ଆଙ୍ଗିକ ବା ଗଢ଼ଣ) ତଥା ଗନ୍ଧ: ସ୍ୱାଦକୁ ଖୁବ୍ ନିବିଡ ବା ପ୍ରଚ୍ଛନ୍ନ ଭାବେ ନିରୀକ୍ଷଣ କରି ଆଲୋଚନାକୁ ଆଗେଇ ନେଇଛନ୍ତି । ଯାହା ସମାଲୋଚକ ଶ୍ରୀ ନଟବର ଶତପଥୀଙ୍କ ଭିନ୍ନ ଦୃଷ୍ଟିଭଙ୍ଗୀର ପରିଚୟ ଦିଏ । ଭାଷାର ସାବଲୀଳତାକୁ ଲୋକୋତ୍ତର ଭାଷାର ବକ୍ତବ୍ୟ ବା ଆପ୍ତ ବାକ୍ୟ ଭାବେ କିପରି ସୁଖପାଠ୍ୟ ହେଇଚି (ପଦ୍ୟାୟନ) ତାହା ଦର୍ଶାଇ ଅଛନ୍ତି । ମୋଟାମୋଟି ବହୁତ୍ ସୁନ୍ଦର ଓ ଯଥାର୍ଥ ଆଲୋଚନା । ଧନ୍ୟବାଦ ।

**ଦୀନବନ୍ଧୁ ସାହୁ,**
ପଦ୍ମାବତୀ, ନୟାଗଡ଼

## ସାହିତ୍ୟରେ ଅସହିଷ୍ଣୁତା ଭଲ କଥା ନୁହେଁ

● ପ୍ରୟାଗରାଜରୁ ଫେରି ଏପ୍ରିଲ ମାସର 'ରେବତୀ'ରୁ 'ସାହିତ୍ୟରେ ଅସହିଷ୍ଣୁତା' ଶୀର୍ଷକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପଢିଲି । କେତେ ବଡ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାସଙ୍ଗିକ କଥାଟି ଆପଣ ଖୁବ୍ ସରଳ ଓ ରୋକ୍‌ଠୋକ୍ ଭାବେ ଲେଖିଛନ୍ତି । କଲିକତାରେ କେନ୍ଦ୍ର ସାହିତ୍ୟ ଅକାଦେମୀର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏକଥା ମୁଁ ଅଂଗେ ନିଭାଇଛି । ଆମ ସାହିତ୍ୟିକମାନଙ୍କର ଏହି ଅସହିଷ୍ଣୁତାକୁ ଏକ ପ୍ରକାର ହୀନମଣ୍ୟତା କହି ପାରନ୍ତି । ଏହାର କାରଣ ଗୁଡ଼ିକ ବିଷୟରେ ଆପଣ ତ ଲେଖିଛନ୍ତି । ତାହା ଛଡ଼ା ଏହା ପଛରେ ଆଉ ଗୋଟାଏ ବଡ ସ୍ୱାର୍ଥ ଲୁଚି ରହିଛି । ତାହା ହେଲା ସରକାରୀ ଓ ବେସରକାରୀ ପ୍ରୋତ୍ସାହନରେ ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ ଓ ବିଳାସପୂର୍ଣ୍ଣ ଆତିଥ୍ୟର ଲୋଭ । ଯେହେତୁ ଏ ସୁଯୋଗ ମାତ୍ର କେତଜଣ ମୁଷ୍ଟିମେୟଙ୍କୁ ହିଁ ମିଳିବା ଚାହି, ପ୍ରତିଦ୍ୱନ୍ଦ୍ୱିତା ତେଣୁ ବହୁ ତୀବ୍ର । କହିବା ବାହୁଲ୍ୟ,ସାହିତ୍ୟ ପାଇଁ ଏହା ଆଦୌ ଭଲ ଲକ୍ଷଣ ନୁହେଁ ।

**ହେମନ୍ତ କୁମାର ମହାନ୍ତି,**
ଭାରତୀୟ ରେଳବାଇ, କଲିକତା

## ଅରୁଣ ଖିଲାରଙ୍କ ସମ୍ପର୍କରେ ଆଲେଖଟି ପାଇଁ ଧନ୍ୟବାଦ

● ଏଇ ତ କାଲି ପରି ଲାଗୁଚି, କେଜାଣି କେମିତି ଏବେ ଏବେ 'ରେବତୀ' ଆମ ସମସ୍ତଙ୍କର ଗେହ୍ଲି ଝିଅ ହେଇ ସାରିଲାଣି । କୋଉଥର ଠିକ୍ ସମୟରେ ଘରେ ନ ପହଞ୍ଚିଲେ ମନ ଖୋଜେ ତାକୁ । ସମ୍ପାଦକୀୟରୁ ଶେଷପୃଷ୍ଠା ଯାଏଁ କେହି ତ କାହା ଠାରୁ ଊଣା ନୁହନ୍ତି । କବିତା, ଗଳ୍ପ, ଆଲେଖ ସଭିଏଁ ନିଜ ନିଜ ଗାରିମାରେ ଗୌରବମୟ କରି ତୋଳି ଧରନ୍ତି ପ୍ରତି ସଂଖ୍ୟାର 'ରେବତୀ'କୁ । ଗତଥରର 'ରେବତୀ' ଏକଦମ୍ ଅନନ୍ୟ ଥିଲା । କବିତା ପ୍ରତି ସମର୍ପିତ ସେଇ ସଂଖ୍ୟାଟି ସତରେ ସଂଗ୍ରହଣୀୟ । ସାଂପ୍ରତିକ ସମୟରେ କବିତା ସଂପର୍କିତ ଆଲୋଚନା କେବେ କେବେ ନିରୁତ୍ସାହିତ ମନେ ହେଉଥିଲେ ବି 'ରେବତୀ'ରେ ପ୍ରକାଶିତ କବିତା-ଆଲେଖଗୁଡ଼ିକ ବେଶ୍ ଆଶ୍ୱସ୍ତ କଲା ଭଳି ଲାଗିଥିଲା । କବିତାର ଯେ ଏକ ସଂଭାବନାମୟ ଦିଗନ୍ତ ରହିଛି- ସେସବୁ ପଢ଼ିଲା ପରେ ମୋତେ ସେମିତି ଲାଗିଥିଲା । ଉଭୟ କବିତା ଲେଖୁଥିବା ଓ କବିତା ପଢୁଥିବା ମଣିଷମାନଙ୍କ ପାଇଁ ଏହି ସଂଖ୍ୟାଟି ଏକାନ୍ତ ଆପଣାର ମନେହେବ ।

ସୂକ୍ଷ୍ମ ଓ କ୍ଷୁଦ୍ର ହେଲେ ମଧ୍ୟ ସମ୍ପାଦିକାଙ୍କର ବକ୍ତବ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥାଏ ପ୍ରତିଟି ସଂଖ୍ୟାରେ ଏବଂ 'ଶେଷପୃଷ୍ଠା' ଏହାକୁ ଶେଷପୃଷ୍ଠା ନଲେଖି ଶ୍ରେଷ୍ଠପୃଷ୍ଠା ଲେଖିଲେ ଉଚିତ ହୁଅନ୍ତା ବୋଲି ମୋର ମତ ।

ଚଳିତ ମଇ ସଂଖ୍ୟାର 'ରେବତୀ'ରେ ସଂଯୋଜିତ ହୋଇଛି ଏକ ଅନନ୍ୟ ପୃଷ୍ଠା 'ମାନନୀୟେଷୁ' । ଏଥରର ଆଲେଖ୍ୟ ସମ୍ପର୍କ ବିଶିଷ୍ଟ ସାହିତ୍ୟପ୍ରାଣ ଅରୁଣୋଦୟ ଖିଲାରଙ୍କୁ ନେଇ । ସେ ନିଜେ କହନ୍ତି ମୁଁ ଲେଖକ କି ସ୍ରଷ୍ଟା ନୁହେଁ । ସତ, ମାତ୍ର ମୋ ଜାଣିବାରେ ତାଙ୍କ ପରି ବିଦଗ୍ଧ ଓ ବିରଳ ପାଠକ କ୍ୱଚିତ ଥାନ୍ତି । ପଠନପ୍ରିୟ ଓ ବନ୍ଧୁପ୍ରିୟ ଅରୁଣ ମଉସାଙ୍କ ବ୍ୟକ୍ତିତ୍ୱ ତାଙ୍କ ପୋଷାକ ପରି ଅତ୍ୟନ୍ତ ସ୍ୱଚ୍ଛ ଓ ସମୁଜ୍ଜଳ । ସାହିତ୍ୟର ପ୍ରତ୍ୟେକ ବିଭାଗର ପାଠକୀୟ ରୁଚି ସେ ରଖନ୍ତି ସତ, ହେଲେ ମୁଁ ଭାବୁଚି କବିତା ତାଙ୍କର ପ୍ରିୟ ସଂପର୍କ । କବିତା ଓ କବିଙ୍କୁ ନେଇ ତାଙ୍କର ସାରସ୍ୱତ ଯାତ୍ରା ନିରନ୍ତର ଚାଲିଥାଉ । ତାଙ୍କର ପରିବାର ଏକ ସଂପ୍ରସାରିତ ବହି-କବିତା-କବି-ସାହିତ୍ୟିକର ମେଳଣ, ଯୋଉଠି ସେ ଏକ ଖୋଲା ହୃଦୟ ନେଇ ଅପେକ୍ଷାରେ ଥାନ୍ତି- ଆସନ୍ତା କି କେହିଜଣେ ଏମିତି- ଯିଏ ବସନ୍ତର କବିତା ସମ୍ଭାର ପଢୁଥାନ୍ତା, ଆବୃତ୍ତି କରୁଥାନ୍ତା । ପ୍ରକୃତରେ ସେ କବି ନୁହନ୍ତି କି ସାହିତ୍ୟିକ ନୁହନ୍ତି- କିନ୍ତୁ ନବୀନ ଠୁଁ ପ୍ରବୀଣ ଯାଏଁ ପ୍ରତ୍ୟେକଙ୍କ କବିତା ପଢ଼ନ୍ତି, ଖାଲି ପଢ଼ନ୍ତି ନାହିଁ ବେଶ୍ ହୃଦୟର ସହ ତା' ସହ ଏକାତ୍ମ ହୁଅନ୍ତି ଓ ସେମାନଙ୍କ ସହ ସମ୍ପର୍କର ଭାବ ବିନିମୟ କରନ୍ତି । ଯହାକି ଆଜିର ସମୟରେ ପ୍ରାୟ ବିରଳ । ସଂପର୍କର ଏଇ ମହାର୍ଘ ଚରିତ୍ରଟିକୁ ନିଜ ପୃଷ୍ଠାରେ ସ୍ଥାନିତ କରିଥିବାରୁ 'ରେବତୀ' ଧନ୍ୟବାଦାର୍ହ ।

**ସୁଚିତ୍ରା ପାଣିଗ୍ରାହୀ,** ଅବସରପ୍ରାପ୍ତ ଅଧ୍ୟକ୍ଷା, ମହିଳା ମହାବିଦ୍ୟାଳୟ, ଭଦ୍ରକ

## ଉଦୟ ନାରାୟଣ ଦାସଙ୍କ ଅରୁଣ ଖିଲାରଙ୍କୁ ନେଇ 'ଆଦମପୁରର ଆକାଶ' ଭଲ ଲାଗିଲା

● ତିନିଦିନରେ ମଇ ସଂଖ୍ୟା 'ରେବତୀ' ପଢି ସାରିଲି । ଉଦୟ ନାରାୟଣ ଦାସଙ୍କ ଅରୁଣ ଖିଲାରଙ୍କୁ ନେଇ 'ଆଦମପୁରର ଆକାଶ' ଭଲ ଲାଗିଲା । ବିଚିତ୍ରା ଦାଶଙ୍କ ଶ୍ରୀକ୍ଷେତ୍ରେ ଚନ୍ଦନଯାତ୍ରା, ଡକ୍ଟର ପ୍ରଫୁଲ୍ଲ କୁମାର ପାଣିଙ୍କ 'ବୃନ୍ଦାବନରେ ରହସ୍ୟମୟୀ ନିଧିବନ', ଜାହ୍ନବୀ ମିଶ୍ରଙ୍କ 'ଓଡିଶୀ ନୃତ୍ୟ : ଏକ ପର୍ଯ୍ୟାଲୋଚନା' ପ୍ରଭୃତି ପ୍ରବନ୍ଧ, ନଟବର ଶତପଥୀଙ୍କ ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ଟଙ୍କିକିଆ ମଣିଷ' ଉପରେ ଆଲୋଚନା, ସୁଷମା ପରିଜାଙ୍କ 'କାନାଡ଼ାର ହାମିଲଟନ ଲାୟନ ସଫାରି', ସରୋଜିନୀ ଷଡ଼ଙ୍ଗୀଙ୍କ 'ନିଉଜିଲାଣ୍ଡରୁ ନିବେଦନ', ପ୍ରଭୃତି ରମ୍ୟ-ପ୍ରବନ୍ଧ ବହୁତ ଭଲ ଲାଗିଲା । ଅଧିକାଂଶ କବିତା ଭଲ ଲାଗିଲା । ବିଶେଷତଃ ଶୁଭଶ୍ରୀ ଶୁଭସ୍ମିତାଙ୍କ 'ରାଷ୍ଟ୍ରବାର୍ତ୍ତା', ମମତା ଦାଶଙ୍କ 'ଜନ୍ମଦିନରେ', ପ୍ରୀତିଲେଖା ଦାସଙ୍କ 'ଭୋକ', ପ୍ରଭାକର ଶତପଥୀଙ୍କ 'ଆମ ଘର', ଅନିତା ପାଣିଙ୍କ 'କଡ଼ ଲେଉଟା ବେଳେ', ବୃନ୍ଦାବନ ଦାସଙ୍କ 'ଗପପରି କିଛି', ଶର୍ମିଷ୍ଠା ସାହୁଙ୍କ 'କେଡ଼େ ସହଜରେ', ନୃସିଂହ ତରାଇଙ୍କ 'କ୍ଷୁଧା', ଶୁଭ ନାରାୟଣ ସ୍ୱାଇଁଙ୍କ 'ଚକ୍ରଧର', ପ୍ରବୀଣ କୁମାର କବିଙ୍କ 'ପାଦ', ରବି ଶତପଥୀଙ୍କ 'ସମୟ ଭଲ ନାହିଁ', ମୁକୁଳ ମିଶ୍ରଙ୍କ 'ମହମ', ଲିପିକା ଦାସଙ୍କ 'ଯୁଦ୍ଧ' ପ୍ରଭୃତି କବିତା ବେଶି ଭଲ ଲାଗିଲା । ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ', ଚିତ୍ତରଞ୍ଜନ ଚିରଞ୍ଜୀତଙ୍କ ଗଳ୍ପ 'ଛାୟା ଚିତ୍ର', ସରୋଜ ଦାସଙ୍କ 'ସଂଧିକାଳ', ଗଳ୍ପ ବହୁତ ଭଲ ଲାଗିଲା । ଜୟନ୍ତୀ ରଥଙ୍କ ଆତ୍ମଜୀବନୀ ମୂଳକ ଆଲେଖିକା ଏବଂ 'ଶେଷପୃଷ୍ଠା' କବି କୃଷ୍ଣ କୁମାର ମହାନ୍ତିଙ୍କ 'ସାହିତ୍ୟିକର ସ୍ୱଧର୍ମ' ବହୁତ ଛୁଇଁଲା । ମୋଟାମୋଟି ମଇ ସଂଖ୍ୟା 'ରେବତୀ' ସବୁଦୃଷ୍ଟିରୁ ପାଠକଙ୍କୁ ସନ୍ତୁଷ୍ଟ କରିବ, ସନ୍ଦେହ ନାହିଁ ।

**ଡ. ହରିଶ୍ଚନ୍ଦ୍ର ବେହେରା,** କଲ୍ୟାଣ ନଗର, ବାଲେଶ୍ୱର-୧, ଫୋନ-୯୪୩୭୮୧୩୭୦୮




## Product Profile


Headless (HL)


PUD


PD


Karikadi


Easy Peel


PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com Website : www.highlandgroups.com

## ଯଥାର୍ଥରେ ଅରୁଣ ଖିଲାର ଆଦମପୁରର ଆକାଶ

● ମଇ ୨୦୨୪ ସଂଖ୍ୟା ମନଲାଖି । ହେଲେ ମୋର ହୃଦୟ ବନ୍ଧା ପଡିଛି ଉଦୟ ନାରାୟଣ ଦାସଙ୍କର 'ଆଦାମପୁରର ଆକାଶ' ପାଖରେ । କବି ବସନ୍ତ ମୁଦୁଲିଙ୍କର ଶ୍ୱଶୁର ପୂଜ୍ୟ ଅରୁଣ୍ ଖିଲାର ପ୍ରକୃତରେ ମଣିଷ ପଣିଆରେ, ନିରଳସ ପାଠକ ଭାବରେ ଅରୁଣସ୍ତମ୍ଭ ପରି । ସ୍ୱଳ୍ପ ପାଠ ପଢ଼ି ମଧ ଅନେକ ସାରସ୍ୱତ୍ କାମ କରିଛନ୍ତି । ବସନ୍ତ ମୁଦୁଲିଙ୍କର ଅଧୁରା କାମ୍ ବହି ଛାପି ଭରଣା କରିଛନ୍ତି । ସ୍ମୃତି ସଂସଦ ଗଠନ, ପୁରସ୍କାର ପ୍ରଦାନ୍ ଦ୍ୱାରା ପ୍ରତିଷ୍ଠିତ କବି ସୃଷ୍ଟି ହେବା କମ୍ କଥା ? ତାଙ୍କ ଆତିଥ୍ୟ, ପତ୍ରପତ୍ରିକା ପାଠ, ପାଠକୀୟ ମତାମତ, ମାଟିପ୍ରୀତି, ପିତାମାତାଙ୍କୁ ସମ୍ମାନ୍ ଆକାଶ ଭଳି ଅସୀମ । ଯଥାର୍ଥରେ ସେ ଆଦମପୁରର ଆକାଶ । ଉତ୍ତର ଦାୟାଦଙ୍କ ଲାଗି ସେ ପୂଜାସ୍ପଦ । ଏସବୁ ଜୀବନ୍ତ ହୋଇଛି, ଉଦୟ ନାରାୟଣ ଦାସଙ୍କର ଉପଯୁକ୍ତ ଉପସ୍ଥାପନା ଲାଗି । ସରଳ ହୃଦୟସ୍ପର୍ଶୀ ଭାଷା, ଲେଖକୀୟ ଦୂରଦୃଷ୍ଟି ଫିଚର୍‌ଟିକୁ କରିଛି ମର୍ମସ୍ପଶୀ । ସତ୍ୟ ଓ ତଥ୍ୟର ମଧୁର ସମନ୍ୱୟ ଥିବାରୁ ପାଠକ ବ୍ୟକ୍ତିତ୍ୱ ମନସ୍କ ହେବେ ।

**ଡ. ଶିଶିର କୁମାର କର,**
ବାଲେଶ୍ୱର, ଫୋନ୍:୯୭୭୮୫୪୩୮୯୭

## 'ଶେଷପୃଷ୍ଠା'ରେ ଯଥାର୍ଥ ଦିଗ୍‌ଦର୍ଶନ ରହିଛି

● 'ରେବତୀ', ମଇ ମାସର ଡାକ ଯୋଗେ ପାଇଲି । 'ରେବତୀ' ପାଇବା କ୍ଷଣି ମୁଁ ପ୍ରଥମେ ପତ୍ରିକାର ମୁଖଶାଳା ସଂପାଦକୀୟ ପଢେ ଏବଂ 'ଶେଷପୃଷ୍ଠା' ଉପରେ ନଜର ପକାଇ ଅନ୍ୟ ବିଷୟ ପଢ଼େ । ସଂପାଦକୀୟ ସାଂପ୍ରତିକ ସମୟର ପରିବାର,ସମାଜ ସମ୍ପର୍କରେ ବିଶଦ ଭାବରେ ଗଠନ ମୂଳକ ଚିନ୍ତନ ପ୍ରକାଶ କରାଯାଉଛି ଯାହା ଆଜିର ବ୍ୟକ୍ତି କୈନ୍ଦ୍ରିକ ଜନଜୀବନ ପାଇଁ ପ୍ରେରଣାପ୍ରଦ ହେବ । 'ଶେଷପୃଷ୍ଠା'ରେ ସାହିତ୍ୟ ଓ ସାହିତ୍ୟିକମାନଙ୍କ ପାଇଁ ଯଥାର୍ଥ ଦିଗ୍‌ଦର୍ଶନ ରହିଛି । ସମାଜ ଓ ସାହିତ୍ୟ ପାଇଁ ପତ୍ରିକାଟି ଅଙ୍ଗୀକାର ଥିବା ଅନୁମେୟ ।

**କୌଶିକ ନାୟକ**
ଭୁବନେଶ୍ୱର

## ଶେଷପୃଷ୍ଠା ଅନୁପ୍ରାଣ ଯୁବ ସାହିତ୍ୟିକଙ୍କ ମାର୍ଗଦର୍ଶନ

● 'ରେବତୀ' ମଇ ସଂଖ୍ୟାର 'ଶେଷପୃଷ୍ଠା' ଏକ ପୃଥକ ସମ୍ପାଦକୀୟ ସୃଜନ । କୃଷ୍ଣ ବାବୁଙ୍କ ଆତ୍ମନିଷ୍ଠ ଅନୁଶୀଳନ ଏବଂ ନିଷ୍କପଟ ଉଚ୍ଚାରଣରେ ସୁଗଠିତ... 'ସାହିତ୍ୟିକର ସ୍ୱଧର୍ମ' ଅନେକ ଅନୁପ୍ରାଣ ଯୁବ ସାହିତ୍ୟିକଙ୍କ ମାର୍ଗଦର୍ଶନ ଓ ପ୍ରୋତ୍ସାହନରେ ସହାୟ ହେବ ବୋଲି ଆଶା ରଖେ ।

**ରଜନୀ ଶତପଥୀ**
ଭୁବନେଶ୍ୱର, ଫୋନ: ୯୦୪୦୦୮୯୬୯୭

## ରେବତୀ ଆଦରରେ କବିତା ଛାପେ

● 'ରେବତୀ' ଆଣିଛି । ସକାଳୁ ପଢ଼ିଛି କିଛି । ଏତେ ସ୍ନେହ ଓ ଆଦରରେ କବିତାଟି ସ୍ଥାନିତ କରିଥିବାରୁ କୃତଜ୍ଞତା ଜଣାଉଛି । ଆପଣଙ୍କ ସାହିତ୍ୟ ପ୍ରତି ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ସତରେ ଅତୁଳନୀୟ । ଭାଇନା ଆପଣଙ୍କୁ କୋଟି ପ୍ରଣାମ ।

**ଅମରେନ୍ଦ୍ର ମାଧବ ଦାଶ,** ଭୁବନେଶ୍ୱର

## ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଗଳ୍ପଟି ଏକ ଚମତ୍କାର ଗଳ୍ପ

● 'ରେବତୀ'ର ମଇ( ୨୦୨୪) ସଂଖ୍ୟାଟି ପଢ଼ିଲି । ସବୁଥର ପରି ଏଥର ମଧ୍ୟ ସମ୍ପାଦିକା ସୁବାସିନୀ ଜେନାଙ୍କ ଉପାଦେୟ ସମ୍ପାଦକୀୟ ସୁସ୍ଥ ସମାଜର ଗଠନ ହିଁ ସୁସ୍ଥ ସମାଜର ମନ୍ତ୍ର । 'ମାନନୀୟେଷୁ' ବିଭାଗରେ ମୋର ଜଣେ ଅତି ପ୍ରିୟ ମଣିଷ ଅରୁଣ ଖିଲାରଙ୍କ ଜୀବନାଲେଖ୍ୟଟି ଦେଖି ଖୁବ୍ ଖୁସି ହେଲି । ଭଲ କାମଟିଏ କରିଛନ୍ତି ଉଦୟ ବାବୁ । ଅରୁଣ ମଉସାଙ୍କ ସହିତ ମୋର ସଂପର୍କ ୧୯୮୨ ମସିହାରୁ କବି ବସନ୍ତ ମୁଦୁଲିଙ୍କ ସହିତ ସଂପର୍କୀତ ହେବା ପରେ । ତାଙ୍କର ସାହିତ୍ୟ ରୁଚି ଓ ସାହିତ୍ୟିକଙ୍କ ପ୍ରତି ନଚ୍ଛଳ ଶ୍ରଦ୍ଧାର ପଟାନ୍ତର ନାହିଁ । ଦୀର୍ଘଦିନର ରାଜନୈତିକ ସଂପୃକ୍ତି ତାଙ୍କୁ କେବଳ ଚାରିଚାରିଥର ସରପଞ୍ଚର ପଦବୀ ଦେଇ ନାହିଁ, ବରଂ ଜଣେ ସମାଜସେବୀ ଓ ସାଂସ୍କୃତିକ ଚେତନାର ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା ଦେଇଛି । ବହୁ ଅନୁଷ୍ଠାନର ମଧ୍ୟ ସେ ସଂସ୍ଥାପକ । ଉଦୟ ବାବୁ ଯଥାସମ୍ଭବ ତାଙ୍କ ବ୍ୟକ୍ତିତ୍ୱକୁ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ତଥାପି କାହିଁକି ମୋ ପାଠକୀୟ ଦୃଷ୍ଟିଭଙ୍ଗୀରେ ଆଲେଖ୍ୟଟି ଫିଚର୍ କମ୍ ରଚନା ଅଧିକ ଜଣାପଡ଼ିଲା । ଆଉ କେତୋଟି ଶାବ୍ଦିକ ବିସଂଗତି ମଧ ମୁଁ ଲକ୍ଷ୍ୟ କଲି । ତେବେ ମୋ ମତ ପ୍ରତି ଉଦୟ ବାବୁ ଉଦାର ହେବେ ବୋଲି ଆଶା କରେ । ବିଚିତ୍ରା ଦାଶଙ୍କ 'ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା'ରୁ ବହୁତ ଅଜ୍ଞାତ ସୂଚନା ପାଇଲି । ବହୁତ ସୁନ୍ଦର ଭାବେ ଲେଖିଛନ୍ତି । ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ 'ନିଧିବନ' ପଢ଼ି ବହୁତ ରୋମାଞ୍ଚକର ତଥ୍ୟ ଜାଣିଲି । 'ବୃନ୍ଦାବନ' ମୁଁ ପୂର୍ବରୁ ଯାଇଥିଲେ ବି ଏତେ ତଥ୍ୟ ଜାଣି ନଥିଲି । ଜାହ୍ନବୀ ମିଶ୍ରଙ୍କ 'ଓଡ଼ିଶୀ ନୃତ୍ୟ' ପ୍ରସଙ୍ଗଟି ସଂକ୍ଷିପ୍ତ ହେଲେ ବି ଉପାଦେୟ । କବି ସମରେନ୍ଦ୍ର ନାଥ ମହାପାତ୍ରଙ୍କ 'ଟଙ୍କିକିଆ ମଣିଷ' କବିତା ଉପରେ ପ୍ରଫେସର ନଟବର ଶତପଥୀଙ୍କ ଆଲୋଚନାଟି କେବଳ ଚମତ୍କାର ନୁହେଁ ଚମକପ୍ରଦ ମଧ୍ୟ । ଏଥିରେ ପ୍ରସଙ୍ଗକ୍ରମେ କବିତା ସଂପର୍କରେ ବହୁ ଉପାଦେୟ ତଥ୍ୟ ରଖିଛନ୍ତି ସାର୍ । ତାଙ୍କୁ ନମସ୍କାର । କବିଙ୍କୁ ଅଭିନନ୍ଦନ । ପର୍ଯ୍ୟଟନ ବିଭାଗଟି ମୋର ପ୍ରିୟ । ଏଥର ସୁଷମା ପରିଜାଙ୍କ 'ହାମିଲଟନ ସିଂହ ସଫାରୀ' ପ୍ରସଙ୍ଗ ବହୁତ ଭଲ ଲାଗିଲା । ସରୋଜିନୀ ଷଡ଼ଙ୍ଗୀଙ୍କ ଦିବ୍ୟ ଅନୁଭବଟି ବେଶ୍ ରୋମାଞ୍ଚକର । ଶ୍ରୀ ଜଗନ୍ନାଥ ସମସ୍ତଙ୍କ ଇଚ୍ଛା ପୂରଣ କରନ୍ତି ବୋଲି ତ ସ୍ଥାନର ନାମ ପୁରୀ । ସମ୍ବେଦନା ମିଶ୍ରଙ୍କ ପଣାର ବିଶେଷତା ମଧ୍ୟ ଯୁଗ ଉପଯୋଗୀ ଆଲେଖ୍ୟ । କବିତାଗୁଡ଼ିକ ସୁସଂପାଦିତ ଓ ଚମତ୍କାର । ଚରିତ ଉପନ୍ୟାସ 'ଦାସେ ଆପଣେ' ଭଲ ଲାଗୁଛି । ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଛାୟାଚିତ୍ର' ଗଳ୍ପ ଗୋଟିଏ ଚମତ୍କାର ଶ୍ୱାସରୋଧକାରୀ ଗପ । ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା ଉତ୍କଣ୍ଠା । 'ବିସ୍ଥାପନ'କୁ ନେଇ ସରୋଜ ଦାସଙ୍କ ଗପଟି ଭଲ ଲାଗିଲା । ଶେତା ରାଉତଙ୍କ 'ପୁଷ୍ପବିତାନ' ବିଭାଗଟି ମୋର ପ୍ରିୟ । କାରଣ ଏଥିରେ ଫୁଲ ସଂପର୍କରେ ତାଙ୍କର ଗବେଷଣାଧର୍ମୀ ଅନୁଧ୍ୟାନ ବହୁ ଅଜ୍ଞାତ ତଥ୍ୟର ସୂଚନା ଦିଏ । ଏଥରର 'ସ୍ଥଳପଦ୍ମ' ଆଲେଖ୍ୟଟି ଆକର୍ଷଣୀୟ । ଜୟନ୍ତୀ ରଥଙ୍କ 'ସ୍ମୃତିର ପ୍ରଜ୍ଞାପୀଠ' ସବୁବେଳେ ଲୋଭନୀୟ । ସ୍ଥାନ, ବ୍ୟକ୍ତି, ବସ୍ତୁଙ୍କୁ ନେଇ ତାଙ୍କର ଅବିସ୍ମୃତି ଅନୁଭବକୁ ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରନ୍ତି । ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସ୍ୱାସ୍ଥ୍ୟଚର୍ଚ୍ଚା ସମୟୋଚିତ ପ୍ରସଙ୍ଗ । ଏଥର 'ଗୁଡ଼' ଉପରେ ଆଲେଖ୍ୟଟି ଅନୁସରଣୀୟ । ଅବିନାଶ ସାହୁଙ୍କ ପୋଡ଼ାବେଲ ପଣା ଓ ଗୀତିକା ଜ୍ୟୋତିପର୍ଣ୍ଣାଙ୍କ 'ରେସିପି'ରେ ଖାଦ୍ୟ-ପାନୀୟ ପିପାସୁଙ୍କ ପାଇଁ ଅଛି ରୁଚିକର ସୂଚନା ।

କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ର ଏଥରର ପ୍ରସଙ୍ଗ 'ସାହିତ୍ୟିକର ସ୍ୱଧର୍ମ' । ଅତ୍ୟନ୍ତ ପ୍ରାସଙ୍ଗିକ ଓ ବୌଦ୍ଧିକ । ଲେଖକ ନିଜେ ଆଣ୍ଟିଜେନ୍ ହୁଏ ନହେଲେ ଲେଖାକୁ ଆଣ୍ଟିବଡ଼ି ଭାବେ ପ୍ରସ୍ତୁତ କରେ । ବହୁତ ସୁନ୍ଦର ଓ ଉତ୍ସାହ ପଦ ଲେଖକମାନଙ୍କ ସ୍ୱଧର୍ମ ପ୍ରତି ଏହା ଇଙ୍ଗିତ କରେ । ସମସ୍ତ ସ୍ରଷ୍ଟା ସମେତ 'ରେବତୀ' ପରିବାରକୁ ଅଶେଷ ଅଶେଷ ସାଧୁବାଦ ।

**ରବି ପଣ୍ଡା,** ଭୁବନେଶ୍ୱର, ଫୋନ: ୯୪୩୭୨୭୫୮୦୮

## ବିଚିତ୍ରା ଦାଶଙ୍କ 'ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା' ଆଲେଖ୍ୟଟି ପଢି ଅନେକ କଥା ଜାଣିହେଲା

● 'ରେବତୀ' ପାଇ ପ୍ରଥମେ କବିତା ଗୁଡିକ ପଢିଗଲି । ପ୍ରତ୍ୟେକ କବିତା ସୁନିର୍ବାଚିତ । ଚୟନକର୍ତ୍ତାଙ୍କୁ ଧନ୍ୟବାଦ । 'ଆଦମପୁରର ଆକାଶ' ଫିଚର୍‌ଟି ଭଲ ଲାଗିଲା । ତେବେ ଆଉ ଟିକିଏ ଅଧିକ ଭଲ ହୋଇ ପାରିଥାନ୍ତା । ଅରୁଣ ମଉସାଙ୍କ ଶିକ୍ଷାଗତ ଯୋଗ୍ୟତା କମ୍ ହେଲେ ମଧ ଅକ୍ଷରଗୁଡିକ ବେଶ୍ ସୁନ୍ଦର । ଯିଏ ବି ତାଙ୍କ ଚିଠି ପାଇଥିବେ ସେ ଜାଣି ପାରିଥିବେ । ବସନ୍ତ ମୁଦୁଲିଙ୍କର ଗୋଟିଏ ବହି ତାଙ୍କ ହାତଲେଖା ଅକ୍ଷରରେ ଛପା ଯାଇଛି । 'ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା' ଆଲେଖ୍ୟଟି ପଢି ଅନେକ କଥା ଜାଣିହେଲା । 'ବୃନ୍ଦାବନର ନିଧିବନ' ଆଲେଖ୍ୟରେ ଅନେକ ଅଜଣା କଥା ରହିଛି ପାଠକ ମାନଙ୍କ ପାଇଁ । ମୁଁ ନିଜେ ନିଧିବନ ଯାଇ ଏସବୁ କଥା ଶୁଣି ଆସିଥିଲି । ଏବେ ସୁଦ୍ଧା ପତ୍ରିକାର ଅନ୍ୟାନ୍ୟ ଆଲେଖ୍ୟ ପଢି ସାରିନି । ତେବେ ପତ୍ରିକାଟିରେ ଅକ୍ଷରର ସାଇଜ୍ ଟିକେ ବଡ କଲେ ପଢିବାକୁ ସୁବିଧା ହୁଅନ୍ତା ।

**ପ୍ରଭାତ ନଳିନୀ ମହାପାତ୍ର,** ଭଦ୍ରକ



# ପାର୍ବଣର ରାଣୀ ରଜ

# ବରଷକେ ଥରେ ଆସିଛି ରଜ


**ସଂଗ୍ରାମ କେଶରୀ ପୃଷ୍ଟି**

ରାଜ କିଶୋର ନଗର, ଅନୁଗୋଳ-୭୫୯୧୨୬
ଫୋନ: ୯୪୩୭୫୪୭୧୪୬


ଫଟୋ ସୌଜନ୍ୟ : ଲେଖକ
ମୁଖ୍ୟପୃଷ୍ଠ ମଡେଲ: ରୋନାଲି ଇପ୍‌ସିତା ଦାସ

**ଧରାପୃଷ୍ଠରେ ଗ୍ରୀଷ୍ମର ତାଣ୍ଡବଲୀଳା । ହା ହୁତାଶନ ଜ୍ୱାଳାରେ ଅତିଷ୍ଠ ହୋଇ ଛଟପଟ ହେଉଛନ୍ତି ଜୀବଜନ୍ତୁ । ପହିଲି ଆଷାଢ଼ ବର୍ଷାର ଛୁଆଁକୁ ପାଇବା ପାଇଁ ଚାତକ ପରି ଚାହିଁ ରହିଛି ପୃଥିବୀ । କେବେ ଆସିବ ବର୍ଷା । ଶେଷରେ ଆସେ ବର୍ଷା । ମିଳନ ହୁଏ ଆକାଶ ଓ ପୃଥିବୀର । ଆଃ କି ଅପୂର୍ବ ଉନ୍ମାଦନା ! ଅପୂର୍ବ ଶିହରଣ । ପୃଥିବୀର ଶିରା-ପ୍ରଶିରାରେ ଖେଳିଯାଏ ରୋମାଞ୍ଚ । ମାଟି ହୁଏ ଆନମନା । ଏଇ ବର୍ଷା ବିନ୍ଦୁ ପୃଥିବୀକୁ କରିଦିଏ ରଜସ୍ୱଳା । ତା' ସହିତ ଆରମ୍ଭ ହୋଇଯାଏ ସୃଷ୍ଟି ସଂରଚନା ଓ ପାଳନର ପର୍ବ: ରଜ ପର୍ବ ।**



▲ ଲେଖକ ସଂଗ୍ରାମ କେଶରୀ ପୃଷ୍ଟି

## ଉପକ୍ରମ

ଧରାପୃଷ୍ଠରେ ଗ୍ରୀଷ୍ମର ତାଣ୍ଡବଲୀଳା । ହା ହୁତାଶନ ଜ୍ୱାଳାରେ ଅତିଷ୍ଠ ହୋଇ ଛଟପଟ ହେଉଛନ୍ତି ଜୀବଜନ୍ତୁ । ପହିଲି ଆଷାଢ଼ ବର୍ଷାର ଛୁଆଁକୁ ପାଇବା ପାଇଁ ଚାତକ ପରି ଚାହିଁ ରହିଛି ପୃଥିବୀ । ଶେଷରେ ଆସେ ବର୍ଷା । ମିଳନ ହୁଏ ଆକାଶ ଓ ପୃଥିବୀର । ଆଃ କି ଅପୂର୍ବ ଉନ୍ମାଦନା! ଅପୂର୍ବ ଶିହରଣ । ପୃଥିବୀର ଶିରା-ପ୍ରଶିରାରେ ଖେଳିଯାଏ ରୋମାଞ୍ଚ । ମାଟି ହୁଏ ଆନମନା । ଏଇ ବର୍ଷା ବିନ୍ଦୁ ପୃଥିବୀକୁ କରିଦିଏ ରଜସ୍ୱଳା । ତା' ସହିତ ଆରମ୍ଭ ହୋଇଯାଏ ସୃଷ୍ଟି ସଂରଚନା ଓ ପାଳନର ପର୍ବ ।

ସୃଷ୍ଟିର ଏ ଆବେଗମୟ ମୁହୂର୍ତ୍ତକୁ ଅନ୍ୟମାନଙ୍କ ପରି ପ୍ରାଣଭରି ଉପଭୋଗ କରନ୍ତି ଉତ୍କଳବାସୀ । ନାରୀ ସହିତ ମା'ଟି ମା'ର ପ୍ରାକୃତିକ ଧାରାକୁ ହୃଦୟଙ୍ଗମ ପୂର୍ବକ ଆନନ୍ଦ ମନରେ ସେମାନେ ଗାଇ ଉଠନ୍ତି: "ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ / ଆସିଛି ରଜ ଲୋ / ଘେନି ନୂଆ ସଜବାଜ ।"

ଉତ୍କଳୀୟ ଐତିହ୍ୟ ଓ ପରମ୍ପରା ସହିତ ଜଡ଼ିତ ଏହା ଭିତରେ ହିଁ ନିହିତ ଥାଏ ନୈସର୍ଗିକ ପର୍ବ ରଜର କଥା ଓ ଗାଥା । ଉତ୍କଳୀୟ ଜନମାନସରେ ନିଆରା ଏହାର ଆକର୍ଷଣ । ଉତ୍କଳୀୟ ଧର୍ମ, ଦର୍ଶନ ଓ ଚିନ୍ତନର ସାର୍ଥକ ପ୍ରତିଫଳନ କାରଣରୁ ରଜ ଏକ ପୂଜା ନୁହେଁ, ଏହା ଏକ ନୈସର୍ଗିକ ପର୍ବ । ପ୍ରକୃତି ଓ ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା କରିବା ସହିତ ମାଟିମାଆର ପୂଜା ଓ ଏ ସମୟରେ ତା'ର ଯତ୍ନ ଉପରେ ବିଶେଷ ଗୁରୁତ୍ୱ ଦେବା ହେଉଛି ଏହାର ପ୍ରମୁଖ ବିଶେଷତା ।

ତେବେ ସାଂପ୍ରତିକ ସମୟରେ ମହତ୍ତ୍ୱ ହରାଇ ବସିଛି ରଜ । ଗାଁ ଦାଣ୍ଡ ଓ ଆମ୍ବତୋଟାରୁ ରଜ ନିଖୋଜ ହୋଇ ଯାଇଛି । ରଜ ଦୋଳି ପାଇଁ ଏବେ ନିଅଣ୍ଟ ପଡ଼ିଲାଣି ଗଛ । ମାଟି ଚୁଲିରେ ପଲମ ଉପରେ ଆଉ ତିଆରି ହେଉନି ପୋଡ଼ପିଠା । କୁଆଁରୀ ଓଠରୁ ଶୁଭୁନି ଆଉ ରଜଦୋଳି ଗୀତ । ଚାରିଆଡ଼େ ଏବେ କେମିତି ଏକ ଖାଁ ଖାଁ ପରିବେଶ । ରଙ୍ଗହୀନ ଏବେ ରଜମଉଜ । ତଥାପି ଡ୍ରଇଂରୁମ୍, ଶପିଂମଲ୍, ପିକ୍‌ନିକ୍ ସ୍ପଟ ଓ ଟିଭି ମଧ୍ୟର ଅନୁଭବ କରିବାକୁ ପଡୁଛି ରଜକୁ ।

## ଶାସ୍ତ୍ର ଅନୁସାରେ ରଜ

ରଜ ପର୍ବ ଅବସରରେ ସୂର୍ଯ୍ୟ ବୃଷରାଶି ତ୍ୟାଗ କରି ମିଥୁନ ରାଶିରେ ପ୍ରବେଶ କରିଥାନ୍ତି । ଏହି କାରଣରୁ ଏହା ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ଭାବରେ ସୁପରିଚିତ । ବର୍ଷାର ପହିଲି ଆଗମନରେ ଏତିକିବେଳେ ଧରିତ୍ରୀ ଓ ଆକାଶର ଘଟିଥାଏ ମହାମିଳନ । ମୌସୁମୀ ପ୍ରବାହରେ ଆଷାଢ଼ ମାସର ପହିଲି ବର୍ଷାର ଛୁଆଁରେ ଧରିତ୍ରୀ ମାତା ହୋଇଥାଏ ପ୍ରଜନନ କ୍ଷମ । କହିବାକୁ ଗଲେ, ମାଟି ମା' ଶସ୍ୟ ଉତ୍ପାଦନ କରିବାର କ୍ଷମତା ହାସଲ କରେ । ଫଳରେ ସେ ହୋଇଥାଏ ସୁଜଳା-ସୁଫଳା-ଶସ୍ୟ-ଶ୍ୟାମଳାର ଅଧିକାରିଣୀ । ନିଦାଘର ଅସହ୍ୟ ଯନ୍ତ୍ରଣାକୁ ପ୍ରଶମିତ କରିବା ନିମିତ୍ତ ଆଷାଢ଼ର ପହିଲି ଦିନରେ ଆକାଶରୁ ଝରି ପଡୁଥିବା ବର୍ଷାରେ ମାଟି ଓ ଆକାଶର ମିଳନ ଘଟେ । ପହିଲି ବର୍ଷାର ପହିଲି ଛୁଆଁରେ ସଂକୋଚବୋଧ କରିଥାଏ ଧରଣୀରାଣୀ ।

## ପରମ୍ପରାରେ ରଜ

ଜଣେ ରଜସ୍ୱଳା ନାରୀ ସହିତ ମାଟି ମା'କୁ ତୁଳନା କରିବାର ଏକ ମହାନ ପରମ୍ପରା ହିଁ 'ରଜ' । ଆଷାଢ଼ର ପହିଲି ବର୍ଷା ସ୍ପର୍ଶରେ ରଜସ୍ୱଳା ହୋଇପଡ଼ିଥିବା ଧଣିତ୍ରୀମାତାର ପୂଜା କରିବା ପାଇଁ ସଜ ହୋଇଥାଏ କୃଷକ । ମାଟି ମା' ବକ୍ଷରେ କୃଷିକାର୍ଯ୍ୟ କରି ଜୀବନ ନିର୍ବାହକୁ ଆଦରି ନେଇଥିବା କୃଷକ ଏହି ସମୟରେ କୃଷି କାର୍ଯ୍ୟରୁ ଦୂରେଇ ରହି ରଜସ୍ୱଳା ମାଟି ମା'କୁ ସଜ କରି ତା' ପୂଜାର୍ଚ୍ଚନାରେ ମନୋନିବେଶ କରିଥାଏ । ଏହି ପରମ୍ପରାର ନାଁ ହେଉଛି 'ରଜ' । ରଜସ୍ୱଳା ନାରୀ ପରି ରଜସ୍ୱଳା ମାଟି ମା'କୁ ମଧ୍ୟ ତିନିଦିନ ଯାଏଁ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ।

ଜ୍ୟେଷ୍ଠ ମାସର ଶେଷ ଦିନ ଓ ଆଷାଢ଼ ମାସର ପ୍ରଥମ ଦୁଇଦିନ- ଏମିତି ତିନିଦିନକୁ ନେଇ ସମୃଦ୍ଧ ରଜପର୍ବ । ଏହି ପର୍ବର ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜସଂକ୍ରାନ୍ତି ଓ ତୃତୀୟ ଦିନ ଭୂମିଦହନ ଭାବରେ ପରିଚିତ । ତା'ପରଦିନ ପାଳନ କରାଯାଏ ବସୁମତୀ ସ୍ନାନ । ରଜପର୍ବର ମୁଖ୍ୟ ତିନିଦିନ ଯାକ ମାଟି ମା'କୁ ପୂର୍ଣ୍ଣ ବିଶ୍ରାମ ଦେବାକୁ ଯାଇ ହଳକାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ରହେ । ଏହି ପର୍ବର ପ୍ରଥମ ତିନିଦିନ ବସୁମାତା ବା ଧରିତ୍ରୀ ମାତାକୁ ଯଥୋଚିତ ସମ୍ମାନ ଦେଲା ପରେ ନୀତି ଅନୁଯାୟୀ ତା'ପରେ ବସୁମତୀ ସ୍ନାନ ବା ଋତୁସ୍ରାବ ସ୍ନାନ କରାଯାଏ । ବସୁମତୀ ସ୍ନାନ ପ୍ରତ୍ୟୁଷରୁ ଗୃହିଣୀମାନେ ନବବସ୍ତ୍ର ପରିଧାନ ପୂର୍ବକ ଏକ କାଠପିଢ଼ା ଉପରେ ଶିଳପୁଆ ସହିତ ଯାବତୀୟ କୃଷି ସରଞ୍ଜାମ ଯଥା-ଲଙ୍ଗଳ, ଈଶ, ଯୁଆଳି, ଦାଆ, କଟୁରି, କୋଡ଼ି, ଶାବଳକୁ ହଳଦୀ ପାଣିରେ ସ୍ନାନ କରାଇ ଫୁଲ, ଦୂବ, ସିନ୍ଦୂର, ଚନ୍ଦନ ଲଗାଇ ଧରଣୀମା'ଙ୍କ ପ୍ରତୀକ ଭାବରେ ପୂଜା କରିଥାନ୍ତି ।

ଯଦିଓ ରଜପର୍ବ ମୁଖ୍ୟତଃ ତିନିଦିନ ଧରି ପାଳିତ ହୋଇଥାଏ, ତଥାପି ମଧ୍ୟ ପାଞ୍ଚଦିନ ଯାଏଁ ଏହାର ପ୍ରଭାବ ଅନୁଭୂତ ହୁଏ । ତିନିଦିନିଆ ରଜ ପାଇଁ ପୂର୍ବ ପ୍ରସ୍ତୁତ ନିମିତ୍ତ ପହିଲି ରଜର ପୂର୍ବଦିନଟି ବିନିଯୋଗ ହୁଏ । ଏହାକୁ  କୁହାଯାଏ- ରଜ ପାଇଁ ସଜବାଜ । ରଜପର୍ବର ତିନିଦିନ ଯାକ କଟା, ବଟା ପରି ଯାବତୀୟ କାର୍ଯ୍ୟ ନିଷେଧ ହୋଇଥିବାରୁ ଏହି ତିନିଦିନର କାର୍ଯ୍ୟତକ ପହିଲିରଜର ପୂର୍ବଦିନ ଠାରୁ ହିଁ ସଂପୂର୍ଣ୍ଣ କରିବାକୁ ପଡ଼ିଥାଏ । ଯା'ଫଳରେ ତିନିଦିନର ଉତ୍ସବକୁ ଆନନ୍ଦ-ଉଲ୍ଲାସର ସହିତ ଉପଭୋଗ କରିବାକୁ ଅବସର ମିଳିଥାଏ । ସମସ୍ତ କାର୍ଯ୍ୟ ବନ୍ଧନରୁ ମୁକ୍ତି ମିଳିଥାଏ । ଯଦିଓ ରଜପର୍ବକୁ ସମସ୍ତେ ମନଭରି ଉପଭୋଗ କରନ୍ତି ତଥାପି ମୁଖ୍ୟତଃ ଝିଅ-ବୋହୂମାନେ ଆନ୍ଦ-ଉଲ୍ଲାସର ସହିତ ଏହାକୁ ପାଳନ କରିଥାନ୍ତି । ନିଜର ଦୈନନ୍ଦିନ କାର୍ଯ୍ୟକଳାପରୁ ଏହି ସମୟରେ ସେମାନଙ୍କୁ ସାମୟିକ ମୁକ୍ତି ମିଳିଥାଏ । ରଜସ୍ୱଳା ମାଟି ମା'କୁ ଯେମିତି କୌଣସି କଷ୍ଟ ନଲାଗେ ସେ ଦିଗରେ ସେମାନେ ବେଶ୍ ସଚେତନ ଥାନ୍ତି । ଏପରିକି ଖାଲିପାଦରେ ମଧ୍ୟ ଭୂଇଁକୁ ସ୍ପର୍ଶ କରନ୍ତି ନାହିଁ । ତେଣୁ ସେମାନେ ପାଦରେ କଦଳୀ ପାଟୁଆ ପରିଧାନ ପୂର୍ବକ ମାଟିରେ ଚଲାବୁଲା କରିଥାନ୍ତି ।

## ଐତିହାସିକ ମହତ୍ତ୍ୱ

ଉତ୍କଳୀୟ ପରମ୍ପରାରେ ରଜର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଅନେକ ଏହାକୁ ଓଡ଼ିଶାର ଜାତୀୟ ପର୍ବ ଭାବରେ ଅଭିହିତ କରିଥାନ୍ତି । ଅନ୍ୟ ପର୍ବ ତୁଳନାରେ ରଜପର୍ବର ପରମ୍ପରା ଖୁବ୍ ପ୍ରାଚୀନ । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ବେଳକୁ ଉତ୍କଳବାସୀ ସମୁଦ୍ର ପାରିହୋଇ ଦକ୍ଷିଣପୂର୍ବ ଏସିଆ ଯଥା-ଶ୍ରୀଲଙ୍କା, କାମ୍ବୋଡ଼ିଆ, ଜାଭା, ସୁମାତ୍ରା, ବାଲି (ଇଣ୍ଡୋନେସିଆ), ଭିଏତନାମ, ବର୍ମା (ମିଆଁମାର) ଓ ଶ୍ୟାମଦେଶ (ଥାଇଲାଣ୍ଡ) ଆଦି ଦ୍ୱୀପରେ ବ୍ୟବସାୟିକ ଓ ସାଂସ୍କୃତିକ ଉପନିବେଶ ସ୍ଥାପନ କରିଥିଲେ । ରଜପର୍ବ ସମୟରେ ଉତ୍କଳୀୟମାନେ ସେ ଅଞ୍ଚଳରେ ଥିବାବେଳେ ସେଠାରେ ଏହି ପର୍ବ ପାଳନ କରୁଥିଲେ । ଫଳରେ ଏହାର ପ୍ରଭାବ ସେ ଅଞ୍ଚଳ ଗୁଡ଼ିକରେ ପଡ଼ିଥିଲା । ଏଥିରେ ପ୍ରଭାବିତ ହୋଇ ସେ ଅଞ୍ଚଳର ଅଧିବାସୀମାନେ ମଧ୍ୟ ଉତ୍କଳୀୟଙ୍କ ସହିତ ସାମିଲ ହୋଇଥିଲେ । ସେହି ଧାରାରେ ଏହି ଦ୍ୱୀପପୁଂଜର ଅଧିବାସୀମାନେ ନିଜସ୍ୱ ଢଙ୍ଗରେ ଓ ଧର୍ମର ଅନୁସରଣରେ ରଜପର୍ବ ପାଳନ କରିଆସୁଛନ୍ତି । ବାଲି ଦ୍ୱୀପର ଅଧିବାସୀଙ୍କ ପାଇଁ ରଜପର୍ବ ଏକ 'ଗଣପର୍ବ'କୁ ରୂପାନ୍ତରିତ ହୋଇଛି । ଏତଦ୍‌ବ୍ୟତୀତ ରଜପର୍ବକୁ କେରଳରେ 'ଓନାମ୍' ଓ ରାଜସ୍ଥାନରେ 'ତାଜ୍' ପର୍ବ ଭାବରେ ପାଳନ କରାଯାଇଥାଏ । ଏଥିରୁ ରଜପର୍ବର ଐତିହାସିକ ମହତ୍ତ୍ୱ ସ୍ପଷ୍ଟ ଅନୁମେୟ ।



## ରଜରେ ଖେଳ

ଅନ୍ୟ ପର୍ବ ପରି ରଜପର୍ବରେ, ନିର୍ଦ୍ଦିଷ୍ଟ କୌଣସି ଦେବୀଦେବୀଙ୍କୁ ପୂଜା କରାଯାଇନଥାଏ । ସେହିପରି ବସୁମତୀ ସ୍ନାନ ଦିନ ହେଉଥିବା ପୂଜାରେ ମଧ୍ୟ ନିର୍ଦ୍ଦିଷ୍ଟ କିଛି ବିଧିବିଧାନ ନଥାଏ । ବାସ୍, ମାଟି ମା'କୁ ସମ୍ମାନ ଦେବାର ଇଏ ଏକ ପରମ୍ପରା ମାତ୍ର । ତେଣୁ ରଜପର୍ବ ପାଲଟି ଯାଇଥାଏ ଅବସର ବିନୋଦନର ପର୍ବ । ପାର୍ବଣର ରାଣୀ କୁହାଯାଉଥିବା ଏହି ପର୍ବରେ ବିଭିନ୍ନ ପ୍ରକାରର ଖେଳ ଖେଳାଯାଇଥାଏ । ତନ୍ମଧ୍ୟରୁ ପ୍ରମୁଖ ଆକର୍ଷଣ ସାଜିଥାଏ-ଦୋଳିଖେଳ । ରଜପର୍ବର ତିନିଦିନ ଯାକ ଝିଅ-ବୋହୂମାନେ ନବବସ୍ତ୍ର ଓ ଅଳଙ୍କାର ପରିଧାନ ପୂର୍ବକ ପାଦରେ ଅଳତା ନାଇ, ମୁହଁରେ ଚନ୍ଦନ ବେଶ ହୋଇ ଦୋଳିଖେଳରେ ମଜ୍ଜିଯାଆନ୍ତି । ଆଃ...କି ଅପୂର୍ବ ଉନ୍ମାଦନା ସତରେ !

ସୁଖ ଓ ଆନନ୍ଦର ବାହକ ଦୋଳି । ଦୋଳି ବିନା ରଜର ପରିକଳ୍ପନା କରାଯାଇ ନପାରେ । ଏ ପର୍ବତର ରାମଦୋଳି, ପଟାଦୋଳି, ବାଉଁଶ ଦୋଳି, ଦଉଡ଼ିଦୋଳି ମୁଖ୍ୟତଃ ଦେଖିବାକୁ ମିଳିଥାଏ । ରଜ ଆରମ୍ଭରୁ ହିଁ ବାରିପଟ ଆମ୍ବଗଛ ଡାଳରେ ଲାଗେ ରଜଦୋଳି । କେତେ ପ୍ରକାରର ଫୁଲରେ ସଜା ଯାଇଥାଏ ଦୋଳିକୁ । ଦୋଳିରେ ଝୁଲିବା ସାଙ୍ଗକୁ ରଜଦୋଳି ଗୀତର ଅପୂର୍ବ ସଙ୍ଗୀତ ମୂର୍ଚ୍ଛନା ମନରେ ଆଣେ ଶିହରଣ । ସମସ୍ତଙ୍କ ମୁହଁରୁ ସ୍ୱାଭାବିକ ଭାବରେ ଝରିପଡ଼େ ସେହି ମଧୁର ସ୍ୱର ଟିକକ:

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ
ଘେନି ନୂଆ ସଜବାଜ ।"

ଦୋଳିଖେଳ ସହିତ ଯୋଡ଼ି ହୋଇ ଯାଇଥାଏ ବୋହୂଚୋରୀ ଓ ପୁଚି ପରି ଅନେକ ପାରମ୍ପରିକ ଖେଳ । ପୁଚିଖେଳରେ ମଜ୍ଜିଯାଇ ଝିଅମାନେ ଏକ ସ୍ୱରରେ ଧରୁଥିବା ସୁମଧୁର ରାହା ଅପୂର୍ବ ସଙ୍ଗୀତ ମୂର୍ଚ୍ଛନା ସୃଷ୍ଟି କରିଥାଏ । ରାହାର ତାଳେ ତାଳେ ବଢ଼ିଥାଏ ସେମାନଙ୍କର ଆତ୍ମବଳ । ମନରେ ଆସିଯାଏ ଜିତିବାର ଝୁଙ୍କ । ଏସବୁ ମୂଳରେ ଥାଏ କେବଳ ଆନନ୍ଦ ଆଉ ଆନନ୍ଦ । ପୁଚି ଖେଳୁଖେଳୁ ମୁହଁରୁ ସେମାନଙ୍କର ଝରିଆସେ:

"ପୁଚିଲୋ...ଯା, ଯା ଘୁଞ୍ଚିଲୋ...
ଠିଆ ପୁଚି ନାରଙ୍ଗ, ଗୋଡ଼ ଦୁଇଟି ସାରଙ୍ଗ
ସାରଙ୍ଗବାଡ଼ି ଯାଇଥିଲି, ସାରଙ୍ଗ ଦୁଇଟି ଆଣିଥିଲି
ଅଧେ କଲି ରାଇ, ଅଧେ କଲି ଭଜା
ମୋ ଭଉଣୀ ରାଣୀ ଲୋ ମୋ ଭାଇଟି ରଜା ।"

କେବଳ ଦୋଳି ଓ ପୁଚି ଖେଳ ମଧ୍ୟରେ ସୀମିତ ହୋଇ ରହିନଥାଏ ରଜ । ଝିଅବୋହୂମାନେ ବିଭିନ୍ନ ଖେଳରେ ମାତିଥିବା ବେଳେ ସେପଟେ ପୁଅପିଲାମାନେ ମଧ୍ୟ ବିଭିନ୍ନ ଖେଳରେ ମଜି ରହନ୍ତି । ରଜ ପର୍ବ ଅବସରରେ ଗିଲିଦଣ୍ଡା, ବୋହୂଚୋରି, ଖପରା ଡିଆଁ, କଉଡ଼ି, ବାଘଛେଳି, ନଟୁ, ଲୁଚକାଳି, କବାଡ଼ି ଓ ବାଟି ଖେଳ ପରି ଅନେକ ଖେଳ ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ଅବସରରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଦେଖଣାହାରୀଏ ରଜମଉଜକୁ ହାତଛଡ଼ା ନକରି ତା'କୁ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରିଥାନ୍ତି ।

## ଦୋଳି ଗୀତର ମାଧୁର୍ଯ୍ୟ

ସୁନ୍ଦର ଗ୍ରାମୀଣ ଭାଷାରେ ବୋଲାଯାଉଥିବା ଦୋଳିଗୀତର ଅପୂର୍ବ ସଙ୍ଗୀତ ମୂର୍ଚ୍ଛନା ରଜ ପରିବେଶକୁ ବେଶ୍ ରଙ୍ଗୀନ କରିଥାଏ । ଝିଅ-ବୋହୂଙ୍କ ସମ୍ମିଳିତ କଣ୍ଠରେ ଦୋଳିଗୀତର ଲାଳିତ୍ୟ ଓ ମାଧୁର୍ଯ୍ୟ ଛୁଇଁଯାଏ ସବୁରି ମନ ଓ ହୃଦୟ । ଦୋଳି ଖେଳୁଖେଳୁ ଭାସି ଆସେ ସେଇ ମନମତାଣିଆ ଗୀତର ଲହରୀ: "ରଜ ଦୋଳି କଟମଟ, ମୋ ଭାଇ / ମୁଣ୍ଡରେ ସୁନାମୁକଟ

ସୁନା ମୁକୁଟ ଲୋ ଦିଶୁଥାଇ ଝଟମଟ ।"

\+ + + + + +

"ବନସ୍ତେ ଡାକିଲା ଗଜ, / ବରଷକେ ଥରେ ଆସିଛି ରଜ / ଆସିଛି ରଜ ଲୋ ଘେନି ନୂଆ ସଜବାଜ ।"

ଏହିପରି କାଳଜୟୀ ଦୋଳିଗୀତ ଆଜି ବି ମନେ ପକାଇଦିଏ ରଜର ମହତ୍ତ୍ୱ ।

ଦୋଳିଖେଳ ଚାଲିଥିବା ଭିତରେ ପରସ୍ପରକୁ ସମ୍ବୋଧନ କରିବା ସହିତ ଗୀତ ଛଳରେ ଚତୁର ପ୍ରଶ୍ନ ମଧ୍ୟ ପଚରା ଯାଇଥାଏ । ପ୍ରତିପକ୍ଷ ଦଳ ମଧ୍ୟ ଦୋଳି ଖେଳୁ ଖେଳୁ ଗୀତ ଛଳରେ ତାହାର ଉତ୍ତର ଦେବାକୁ ଚେଷ୍ଟା କରିଥାନ୍ତି । ତା'ରି ମଧ୍ୟରେ ହୋଇଯାଏ ବୁଦ୍ଧିପରୀକ୍ଷା । ଏମିତି ଭାବରେ ଦୋଳିଖେଳ ଚାଲିଥାଏ । ଗୀତର ଆସର ଜମିଥାଏ । ଯା' ଭିତରେ ସମୟ ଯେ କେତେବେଳେ ସରିଯାଏ ଜଣା ପଡ଼େନି । ତିନିଦିନ ଯାଏଁ ରଜଦୋଳି ଖେଳିଖେଳି ତଥାପି ମଧ୍ୟ ଇଚ୍ଛା ମେଣ୍ଟେ ନାହିଁ । ରଜପର୍ବର ଅନ୍ତିମ ପର୍ଯ୍ୟାୟରେ ଇଚ୍ଛା ନଥାଇ ବାଧ୍ୟବାଧକତାରେ ଯେତେବେଳେ ଦୋଳିକୁ ଛାଡ଼ିବାକୁ ହୋଇଥାଏ ସେତେବେଳେ ଝିଅ-ବୋହୂମାନେ ଉଦାସ ହୋଇ ଗାଇଉଠନ୍ତି:



"ଆମ୍ବ ଗଛ ଆବୁ ଆବୁ, ମରିହଜି ଗଲେ ପାଉଁଶ ହବୁ / ପଉଁଶ ହବୁ ଲୋ, / ଏ ଭାବ କାହିଁ ପାଇବୁ ?"

ରଜ ସମୟରେ ଦୋଳି ଗୀତର କୌଣସି ଲିଖିତ ରୂପ ନାହିଁ । ଦୋଳି ଖେଳୁ ଖେଳୁ କୁଆଁରୀମାନଙ୍କ ମୁହଁରୁ ଯାହା ବାହାରି ଆସେ, ତାହା ହିଁ ଦୋଳିଗୀତ । ଏହି ସମୟରେ ଗୀତ ବୋଲିବା ଓ ଦୋଳି ଖେଳିବାର ଏକ ଅପୂର୍ବ ସୁଯୋଗ କେବଳ ହିଁ ଆଣିଦିଏ ଏହି ରଜପର୍ବ । ଓଡ଼ିଆ ଲୋକଗୀତରେ ପୁଣି ଅଛି:

"ରଜଦୋଳି ଦେଖୁଥିଲି, / ନନା ଡାକିଦେଲେ ଯଶୋଦା ବୋଲି / ଯଶୋଦା ବୋଲି ଲୋ, / ହାତ ଧୋଇ ଭାତ ଦେଲି ।"

ରଜଦୋଳି ଗୀତ କହେ ଗାଁ ମାଟିର କଥା, ପାଣି-ପବନର କଥା ଆଉ ଖାଣ୍ଟି ଓଡ଼ିଆ ପଣିଆର କଥା । ଗାଁ ମାଟିର ମହକରେ ଭରା ଏ ଗୀତ ମନରେ ଆଣିଦିଏ ଉନ୍ମାଦନା, ଉଦ୍ଦୀପନା । ବୋହୂର ରୂପଲାବଣ୍ୟକୁ ବଖାଣିବାକୁ ଗାଇ ସେମାନେ ଗାଇଉଠନ୍ତି: "ପାଦରେ ନାଇଚି ସରୁ ଅଳତା, / ସରୁ ଅଳତା ଲୋ / ମଥାରେ ସିନ୍ଦୂର ଟୋପା ।"

## ମହକେ ପିଠା

ପର୍ବପର୍ବାଣି ଓ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ଦେଶ ବିଦେଶରେ ଓଡ଼ିଶାର ସ୍ୱତନ୍ତ୍ର ପରିଚିତ ରହିଛି । ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଛତିଶ ପଉଟି ଭୋଗ ଲାଗିଥାଏ । ସେହି ଭୋଗ ମଧ୍ୟରେ ଥାଏ ଅନେକ ପିଠାପଣା । ତା' ମଧ୍ୟରେ ପ୍ରମୁଖ ପିଠା ହେଉଛି ପୋଡ଼ପିଠା । ରଜ ଆସିଲେ ମନେ ପଡ଼ିଯାଏ ମା' ଲକ୍ଷ୍ମୀଙ୍କ ହାତରୁ ପ୍ରଭୁ ଜଗନ୍ନାଥ ପୋଡ଼ପିଠା ଖାଇବାର ମହାନ ପରମ୍ପରା । ଶ୍ରୀୟା ଚଣ୍ଡାଲୁଣୀ ଘରେ ଖାଇବା ପରେ ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କ ପୋଡ଼ପିଠାର ସ୍ୱାଦ ଅନୁଭବ କରିଥିଲେ ।

ରଜପର୍ବରେ ଦୋଳିର ଯେମିତି ସ୍ୱତନ୍ତ୍ରତା ରହିଛି, ଖାଦ୍ୟର ମଧ୍ୟ ସେହିପରି ସ୍ୱତନ୍ତ୍ରତା ରହିଛି । ପୋଡ଼ପିଠା ହିଁ ଏହି ପର୍ବର ପ୍ରମୁଖ ଖାଦ୍ୟ ବିଶେଷ । ଯଦିଓ ଏହି ସମୟରେ ଅନ୍ୟାନ୍ୟ ପିଠାପଣା ପ୍ରସ୍ତୁତ ହୋଇଥାଏ, ତଥାପି ମଧ୍ୟ ରଜ ପାଳନ ଅବସରରେ ସମସ୍ତେ ପୋଡ଼ପିଠାର ନିଆରା ସ୍ୱାଦରେ ବିଭୋର ହୋଇ ଉଠନ୍ତି । ରଜ ପାଳନ ପରିପ୍ରେକ୍ଷୀରେ ଓଡ଼ିଶାର ଘରେ ଘରେ ଯତ୍ନର ସହିତ ପ୍ରସ୍ତୁତ କରାଯାଏ ପୋଡ଼ପିଠା । ଅନ୍ୟ ସମୟ ଅପେକ୍ଷା ଏ ପର୍ବ ସମୟରେ ପୋଡ଼ପିଠାର ସ୍ୱାଦ ବେଶ୍ ନିଆରା । ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୋଡ଼ପିଠା ପରି ରଜ ଅବସରରେ ପ୍ରସ୍ତୁତ ପୋଡ଼ପିଠା ବେଶ୍ ରୁଚିକର । ରଜମଉଜ ସାଙ୍ଗକୁ ପୋଡ଼ପିଠା ପ୍ରସ୍ତୁତ କରାଯାଇ ସାଇପଡ଼ିଶା ଓ ବନ୍ଧୁବାନ୍ଧବଙ୍କୁ ବଣ୍ଟାଯାଏ । କୁମାରୀ ଝିଅମାନେ ସାଙ୍ଗମାନଙ୍କ ଘର ବୁଲି ବୁଲି ପୋଡ଼ପିଠା ଖାଇ ସମୟ ଅତିବାହିତ କରନ୍ତି ।

ତେବେ ଏ ପର୍ବରେ ପୋଡ଼ପିଠା ପ୍ରସ୍ତୁତ ପଛରେ ରହିଛି ଏକ ଗୂଢ଼ ରହସ୍ୟ । ରଜ ତିନି ଦିନ ଯାକ କଟା, ବଟା ଆଦି ଯାବତୀୟ କାର୍ଯ୍ୟ ବନ୍ଦ ହେଉଥିବା କାରଣରୁ ପହିଲି ରଜ ପୂର୍ବଦିନ ପୋଡ଼ପିଠା ତିଆରି କରାଯାଏ । ଏହି ପିଠାକୁ ଦୁଇ ତିନିଦିନ ଯାଏଁ ରଖିଲେ ମଧ୍ୟ ତାହା ନଷ୍ଟ ହୋଇଯିବାର ଭୟ ନଥାଏ । ଫଳରେ ରଜ ତିନିଦିନ ଯାକ ଝିଅ-ବୋହୂମାନେ ଖାଦ୍ୟ ପ୍ରସ୍ତୁତିରେ ସମୟ ନଦେଇ ମଉଜ କରିଥାନ୍ତି । ସମସ୍ତେ ପୋଡ଼ପିଠାକୁ ହିଁ ଖାଆନ୍ତି । ବିରି-ଚାଉଳ, ନଡ଼ିଆରେ ତିଆରି ସ୍ୱାଦିଷ୍ଟ ପୋଡ଼ପିଠା ରଜମଉଜକୁ ଜମେଇ ଦିଏ । ପୋଡ଼ପିଠା ବ୍ୟତୀତ ରଜପର୍ବ ଅବସରରେ ଖାଣ୍ଟି ଓଡ଼ିଆ ପିଠାର ପସରା ଦେଖିବାକୁ ମିଳିଥାଏ । ଏସବୁ ଖାଦ୍ୟ ଯେମିତି ସ୍ୱାଦିଷ୍ଟ ସେମିତି ଲୋଭନୀୟ ମଧ୍ୟ । ଓଡ଼ିଆଣୀଙ୍କ ହାତର ନିଖୁଣ କାରିଗରୀରେ ସମୃଦ୍ଧ ପିଠାର ଅପୂର୍ବ ମାଦକତା ରଜର ମହତ୍ତ୍ୱକୁ ବଢ଼ାଇ ଦେଇଥାଏ । ଏହି ସମୟରେ ପ୍ରସ୍ତୁତ ହେଉଥିବା ପ୍ରମୁଖ ପିଠା ଗୁଡ଼ିକ ହେଲା: ବୁଢା ଚକୁଳି, ଚିତଉ ପିଠା, ଗଇଁଠା ପିଠା, ଏଣ୍ଡୁରି ପିଠା, କାକରା ପିଠା, ଆରିଷା ପିଠା, ମଣ୍ଡା ପିଠା, ଚକୁଳି ଓ ଛୁଞ୍ଚିପତ୍ର ପିଠା । ଏହି ପିଠା ରଜର ମାଦକତାକୁ ବଢ଼ାଇବା ସହିତ ଭାଇଚାରା ଭାବ ସୃଷ୍ଟି କରିଥାଏ ।

## ରଜପାନ

ଭାରତୀୟ ପରମ୍ପରାରେ ପାନର ସ୍ୱତନ୍ତ୍ରତା ରହିଛି । ଜଗନ୍ନାଥ ସଂସ୍କୃତିରେ ପାନ ଅନିବାର୍ଯ୍ୟ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଛତିଶ ପଉଟି ଭୋଗ ଖାଇଲା ପରେ ବିଡ଼ିଆ ପାନ ସେବନ କରନ୍ତି । ସୁତରାଂ ରଜପର୍ବରେ ମଧ୍ୟ ପାନର ପ୍ରମୁଖ ଆକର୍ଷଣ ରହିଛି । ରଜପାନର ମନଲୋଭା ସ୍ୱାଦ ମନ କିଣିନିଏ । ପାରସ୍ପରିକ ସମର୍ଥ, ସ୍ନେହ, ଶ୍ରଦ୍ଧା ଓ ପ୍ରୀତିର ପ୍ରତୀକ ଭାବରେ ରଜପାନର ଦିଆନିଆ ହୋଇଥାଏ । ରଜପାନ ବିହୁନେ ଲାଗେ ସବୁ ଯେମିତି ଫିକାଫିକା । ରଜପର୍ବରେ ଘରକୁ କେହି କୁଣିଆଁ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି । ଛୋଟ ଛୁଆ ଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ


BIS
100% Hall Marked Jewellery
SMILE GOLD JEWELLERS
“ବାହାଘର ଏବଂ ସାବିତ୍ରୀ ବ୍ରତ
ପାଇଁ ଗହଣା କିଣନ୍ତୁ
SMILE GOLD ରୁ ।”
Fancy Market, Saheed Nagar, Bhubaneswar || Mob: +9438019696

# ରଜକୁ ନେଇ କିଏ କ'ଣ କହନ୍ତି



## ସାଇ ଲିପ୍‌ସା ସାହୁ

**ଦ୍ୱିତୀୟ ବର୍ଷ ଛାତ୍ରୀ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ତାଳଚେର, ସ୍ୱୟଂଶାସିତ ମହାବିଦ୍ୟାଳୟ, ତାଳଚେର, ଅନୁଗୋଳ**

ଓଡ଼ିଶାର ସାଂସ୍କୃତିକ ସ୍ୱାକ୍ଷର ବହନ କରିବା ସହିତ ଭାଇଚାରା ପ୍ରତିଷ୍ଠା କରିବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ ଓଡ଼ିଶାର ଗଣପର୍ବ-ରଜ । ଏହା ମନରେ ଉତ୍ସାହ ଓ ଉନ୍ମାଦନା ଭରିଦିଏ । ରଜଦୋଳି, ପୋଡ଼ପିଠା, ପାନ ଓ ରଜଗୀତର ତାଳେ ତାଳେ ଝୁମିଉଠେ ପଲ୍ଲୀ । ଆବାଳବୃଦ୍ଧବନୀତା ଏହାକୁ ବେଶ୍ ମନଭରି ଉପଭୋଗ କରନ୍ତି । ତେବେ ଦୁଃଖର ବିଷୟ ଏବେ ନାହିଁ ସେ ପର୍ବର ଉନ୍ମାଦନା । ସମସ୍ତେ ନିଜ ବ୍ୟସ୍ତ ବହୁଳ ଜୀବନ ଭିତରେ ଏହାକୁ ପାଶୋରି ଯାଇଛନ୍ତି ଯେପରି । ଏହା ମଧ୍ୟ କୁହା ଯାଇପାରେ କି ସଂପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯାଇଛି ଏ ପର୍ବ । କର୍ପୁର ଉଡ଼ି ଯାଇଥିଲେ ମଧ୍ୟ ତଥାପି କନା ପଡ଼ି ରହିଛି ।

## ପ୍ରତିଭା ସାହୁ (ସାହିତ୍ୟିକା)



**ପଳାଶୁଣୀ, ଭୁବନେଶ୍ୱର**

ସହରରେ ରହିଲେ ମଧ୍ୟ ପର୍ବପର୍ବାଣି କଥା ମନେପଡ଼ିଲେ ମନ ପୁଲକିତ ହୁଏ ଆଲୋଡ଼ନ ସୃଷ୍ଟି ହୁଏ । ମହକି ମହକି ଭାସି ଆସେ ଗାଁ ମାଟିର ବାସ୍ନା । ଏବେ ବି ଝିଅ ବେଳର କଥାସବୁ ଗୋଟି ଗୋଟି ହୋଇ ମନକୁ ଆସେ । ପନ୍ଦରଦିନ ପୂର୍ବରୁ ଆଖିକୁ ନିଦ ନଥାଏ, ଦିନ ଗଣା ଚାଲିଥାଏ । ତିନିଦିନକୁ ନେଇ ଅନେକ କଳ୍ପନା, ଅନେକ ସ୍ୱପ୍ନ । ପିନ୍ଧିବା, ନାଇବା, ଖାଇବା, ଦୋଳି ଖେଳିବା ଉପରେ ଅଧିକ ଗୁରୁତ୍ୱ ଥିଲା । ପିଠା ଖାଇ ଖାଇ ଦୋଳି ଖେଳିବାର ମଜା ଥିଲା ନିଆରା । ଗାଁରେ ପଡ଼ୋଶୀ ତଥା ସଂପର୍କୀୟମାନଙ୍କ ଘରକୁ ପିଠାପଣା ବଣ୍ଟନ କରିବାର ଯେଉଁ ସୁନ୍ଦର ପ୍ରଥା ରହିଛି, ତାହା ସହରୀ ସଭ୍ୟତାରେ ବିଲୁପ୍ତ ପ୍ରାୟ । ସହରରେ ରହିଲେ ମଧ୍ୟ ପ୍ରତ୍ୟେକ ପର୍ବପର୍ବାଣିକୁ ଆମେ ଠିକ୍ ଭାବରେ ପାଳନ କଲେ ଧୀରେ ଧୀରେ କ୍ଷୟ ଘଟୁଥିବା ଶ୍ରଦ୍ଧା ଓ ଆନ୍ତରିକତାର ଭାଇଚାରା ପୁନରୁଦ୍ଧାର ହୋଇପାରିବ ।



## ସୁଦୀପା ସାହୁ (ଛାତ୍ରୀ)

**ବାସୁଦେବପୁର, ଭଦ୍ରକ**

ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ରଜପର୍ବ ସାଂପ୍ରତିକ ପରିସ୍ଥିତିରେ ତା' ନୀତିନିୟମ ଓ କୌଶଳରେ ପରିବର୍ତ୍ତନ ହୋଇଚାଲିଛି । ରଜ ଅଛି ସତ ହେଲେ ଆଗର ସେ ମଉଜ ନାହିଁ । ସ୍ୱାଦ ହରାଇ ବସିଛି ପୋଡ଼ପିଠା । ପାନର ବି ମହକ ନାହିଁ । 'ରଜଦୋଳି କଟମଟ...' ଗୀତ ପରିବର୍ତ୍ତେ ଏବେ ଶୁଣିବାକୁ ମିଳୁଛି: "ଆମ୍ବବନେ କେଳି କୁଞ୍ଜ / ମୋବାଇଲେ ଆସେ କେତେ ମେସେଜ / କେତେ ମେସେଜ ଲୋ ନୂଆନୂଆ ଲାଗେ ରଜ ।"

## ଡକ୍ଟର ପ୍ରବୀଣା ପରିଡ଼ା (ଶିଶୁ ସାହିତ୍ୟ ଗବେଷିକା)

**ଭୁବନେଶ୍ୱର**



ସେଦିନର ରଜ ଆଉ ନାହିଁ । ନା ଅଛି ଉଦ୍‌ବେଗ, ନା ଅଛି ଆନନ୍ଦ । ଯୁଗ ପରିବର୍ତ୍ତନ ଧରାଇ ସଭିଏଁ ଆତୁର । ଆଧୁନିକତାର ଦ୍ୱାହି ଦେଇ ସଂସ୍କୃତିର ବାହକ ପର୍ବପର୍ବାଣି ମଉଳି ଗଲାଣି । ବନ୍ଧୁବାନ୍ଧବ ଓ ପରିବାର ଭିତରେ ସୁଖର ବାତାବରଣ ଆଉ ନାହିଁ । ପୋଡ଼ପିଠା, ମିଠା, ଆମ୍ବ, ପଣସ ଜାଗାରେ ବର୍ତ୍ତମାନର ଫାଷ୍ଟଫୁଡ଼୍‌କୁ ସମସ୍ତେ ବେଶି ପସନ୍ଦ କରୁଛନ୍ତି । ଦୋଳି ବଦଳରେ ଟିଭି, ମୋବାଇଲରେ ସମୟ ଅତିବାହିତ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ବାହ୍ୟ ସଂସ୍କୃତିକୁ ଆପଣେଇ ଗର୍ବିତ ଅନୁଭବ କରୁଛନ୍ତି । ସୁତରାଂ ଏକ ଉନ୍ନତ ଜୀବନର ସମୃଦ୍ଧି ଓ ବିକାଶ ନିମନ୍ତେ ଅତୀତର ଅଭିଜ୍ଞତା, ସଂସ୍କୃତିକୁ ଭୁଲିନଯାଇ ବା ଅଣଦେଖା ନକରି ଆତ୍ମବିଶ୍ଳେଷଣ କରିବା ଉଚିତ୍ । ଆମ ସଂସ୍କୃତିର ବାର୍ତ୍ତାବହ ପର୍ବପର୍ବାଣିର ସାର୍ଥକତାକୁ ଉପଲବ୍ଧି କରିପାରିଲେ ଆମ ମାଟି ହସି ଉଠିବ ।



## ସୁପ୍ରଭା ସାହୁ(ପ୍ରଧାନ ଶିକ୍ଷୟିତ୍ରୀ)

**କିଶୋର ନଗର ଉଚ୍ଚ ବିଦ୍ୟାଳୟ, ରାଜକିଶୋର ନଗର, ଅନୁଗୋଳ**

ଏବେ ବଦଳି ଯାଇଛି ରଜର ପରିଭାଷା । ଏହି ପର୍ବ ପାଳନ ଅନ୍ତରାଳରେ ଥିବା ମହାନ ଉଦ୍ଦେଶ୍ୟକୁ ଆମେ ଭୁଲିଯିବାକୁ ବସିଛୁ । ଏ ସମୟରେ ଆମ୍ବ, ପଣସ, ସପୁରୀ, ଖଜୁରୀ, ଜାମୁକୋଳି ଆଦି ପାଚୁଥିବାର ଏହା ଆମ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ । ମାତ୍ର ଏବେ ଆମେ ଏହାକୁ ଭୁଲିଯାଇ ଫାଷ୍ଟଫୁଡ଼୍ ପଛରେ ଦୌଡ଼ୁଛୁ । ରଜ ସଂକ୍ରାନ୍ତିରେ ଘର ଚାରିପଟେ ଗୋବର ଲେପିବା (ସାପୁଆ ଗୋବର) ଆଜିକାଲି ବିରଳ ମନେହୁଏ । ଇଂରାଜୀ ନବବର୍ଷ ଓ ନିଜର ଜନ୍ମଦିନକୁ ଯେଉଁଳି ଆନନ୍ଦ ଉତ୍ସାହର ସହିତ ପାଳନ କରାଯାଉଛି, ରଜପର୍ବ ପାଳନ କାହିଁକି କେଜାଣି ଉତ୍ସାହହୀନ ମନେହେଉଛି । ବରଓହଳର ପ୍ରାକୃତିକ ଦୋଳି ଅପେକ୍ଷା ପାର୍କର ଦୋଳିକୁ ଆମେ ଶ୍ରେଷ୍ଠ ମଣୁଛୁ । ଆମ ମାନସିକତା ବଦଳିବା ସହିତ ପାଣିପାଗ ମଧ୍ୟ ବଦଳିବାରେ ଲାଗିଛି । ଆକାଶରେ ଯେତେବେଳେ ମେଘ ଭାସି ବୁଲିବା କଥା ସେତେବେଳେ ମର୍ତ୍ତ୍ୟରେ ଚାଲୁଛି ନିଦାଘର ରାଜୁତି । ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ମଧ୍ୟରେ ରଜ ଫିକା ପଡ଼ିଯାଉଛି ।

ଯାଏଁ ସଭିଙ୍କ ମୁହଁକୁ ସୁନ୍ଦର କରେ ରଜପାନ । ଦୋଳିଖେଳ ଠାରୁ ତାସ୍ ହେଉ ନତୁବା ଲୁଡୁ ହେଉ ସବୁଠି ରଜପାନର ଆସର । ପରୋକ୍ଷରେ ଖାଦ୍ୟ ହଜମରେ ସହାୟକ ହେଉଥିବା ପାନ ବିନା ରଜ ସତେ ଯେମିତି ଅଧୁରା ମନେହୁଏ ।

ପାନପତ୍ରର ହଜମକାରକ ଗୁଣ ଅଛି । ଏଥିରେ ରାଇବୋଫ୍ଲାବିନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ କ୍ୟାରୋଟିନ୍ ପରି ପୋଷକ ତତ୍ତ୍ୱ ରହିଛି । ପାନ ଯେକୌଣସି ଗରିଷ୍ଠ ଖାଦ୍ୟକୁ ହଜମ କରାଇବାରେ ସହାୟକ ହୋଇଥାଏ । ଏହା ଚୋବାଇବା ବେଳେ ପାଟିରୁ ବାହାରୁଥିବା ଲାଳ ମଧ୍ୟ ହଜମ କ୍ରିୟାରେ ସହାୟକ ହୋଇଥାଏ । ଶୀତଳ ପ୍ରକୃତିର ହୋଇଥିବାରୁ ମୁଣ୍ଡବ୍ୟଥା ଦୂର କରିପାରେ । ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଖାଦ୍ୟର ସ୍ୱାଦ ସମ୍ପୂର୍ଣ୍ଣ କରିବା ଲାଗି ପାନ ବେଶ ଉପକାରୀ । ପାନରେ ମେଦ ବହୁଳତା ହ୍ରାସ କରିବାର ଗୁଣ ରହିଛି । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ଥିବାରୁ ଏହା ମୁଖର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହୋଇଥାଏ । ରଜପର୍ବ ଅବସରରେ ପୋଡ଼ପିଠା ଏବଂ ଅନ୍ୟାନ୍ୟ

ଗରିଷ୍ଠ ଖାଦ୍ୟ ଖିଆ ଯାଉଥିବାରୁ ହଜମ ଲାଗି ପାନ ଏହି ପରମ୍ପରାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କୁହାଯାଇପାରେ ।

## ସହରରେ ରଜ

ରଜ ପର୍ବ ପଲ୍ଲୀ ଠାରୁ ସହର ଯାଏଁ ପରିବ୍ୟାପ୍ତ । ପ୍ରାକୃତିକ ପରିବେଶ ମଧ୍ୟରେ ପଲ୍ଲୀବାସୀ ରଜପର୍ବ ପାଳନ କରୁଥିବା ବେଳେ ସହରରେ ଏହାକୁ ନିଆରା ଢଙ୍ଗରେ ପାଳନ କରାଯାଏ । ହୋଟେଲ ଓ କ୍ଲବ୍‌ମାନଙ୍କରେ ଆୟୋଜନ କରାଯାଇଥାଏ ସ୍ୱତନ୍ତ୍ର ରଜଉତ୍ସବ । ସହରର ବିଭିନ୍ନ ପାର୍କରେ ଥିବା ଦୋଳିରେ ଉପଲବ୍ଧି କରିହୁଏ ରଜର ମାହୋଲ । ସବୁଦିନ ଫାଷ୍ଟ୍‌ଫୁଡ୍ ମଧ୍ୟରେ ବୁଡ଼ି ରହିଥିବା ସହରିଆଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ପିଠାପଣାର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥାଏ । ରଜ ଅବସରରେ ସହରରେ ଥିବା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପିଠାପଣା ପ୍ରତିଯୋଗିତା, ପୁଚିଖେଳ ପ୍ରତିଯୋଗିତା, ପାନଭଙ୍ଗା ପ୍ରତିଯୋଗିତା ଏବଂ ସାଂସ୍କୃତିକ ପ୍ରତିଯୋଗିତା ମାନ ଆୟୋଜନ କରି ରଜକୁ ରଙ୍ଗୀନ କରିବା ପାଇଁ ଚେଷ୍ଟା କରନ୍ତି ।

ଓଡ଼ିଆ ଟିଭି ଚ୍ୟାନେଲ୍‌ମାନେ ମଧ୍ୟ ଏ ଉତ୍ସବରୁ ବାଡ଼ ପଡ଼ନ୍ତି ନାହିଁ । ଏଣୁ ରଜ ଅବସରରେ ସ୍ୱତନ୍ତ୍ର ରଜ କାର୍ଯ୍ୟକ୍ରମ ଏବଂ କୁଆଁରୀକୁ ନେଇ 'ରଜ କୁଇନ' ପରି ପ୍ରତିଯୋଗିତା ଭିତ୍ତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଦର୍ଶକଙ୍କ ନିକଟତର ହେବା





ପାଇଁ ଉଦ୍ୟମ କରନ୍ତି । ଚଳଚ୍ଚିତ୍ର ଓ ଆଲ୍‌ବମ୍‌ରେ ମଧ୍ୟ ଓଡ଼ିଆ ସଂସ୍କୃତିକୁ ପରିଚିତ କରାଇବା ଲକ୍ଷ୍ୟରେ ରଜପର୍ବକୁ ସାମିଲ୍ କରା ଯାଇଥାଏ । ରଜ ତିନିଦିନ ଯାକ ମୁଖ୍ୟତଃ ଛୁଟି ରହୁଥିବାରୁ ସହରବାସୀ ଆନନ୍ଦ ଓ ଉଲ୍ଲାସର ସହିତ ଏହି ପର୍ବକୁ ମନଭରି ଉପଭୋଗ କରିଥାନ୍ତି । ନିଜର କର୍ମଜଞ୍ଜାଳ ମଧ୍ୟରୁ ସମୟ ବାହାର କରି ସମସ୍ତେ ଏଥିରେ ନିଜକୁ ସାମିଲ୍ କରାଇଥାନ୍ତି । ଭ୍ରାତୃଭାବ, ମୈତ୍ରୀ ସହବନ୍ଧନତା ଓ ସହଭାଜନତାର ସ୍ୱାଦ ଚଖାଉଥିବା ପ୍ରୀତିର ପର୍ବ ହେଉଛି ରଜ । ଏହା ମଧ୍ୟରେ ଉତ୍କଳୀୟ ସଂସ୍କୃତ ଓ ପରମ୍ପରାର ନିଛକ ପ୍ରତିଛବି ପ୍ରତିଫଳିତ ହୋଇଥାଏ । ସାମାଜିକ ଜୀବନ, ନିଛକ ଅବସର ବିନୋଦନ ତଥା କୃଷିପର୍ବର ଚିତ୍ର ପ୍ରଦାନ କରିଥାଏ 'ରଜ' । ପକ୍ଷାନ୍ତରେ ରଜପର୍ବ ପାଳନ ଅବସରରେ କୁଆଁରୀମାନେ ହିଁ ରଜସ୍ୱଳା ନାରୀଟିଏ କିପରି ତା' କର୍ତ୍ତବ୍ୟ ସମ୍ପାଦନ କରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପାଇଥାନ୍ତି ।

## ନିଖୋଜ ରଜ

ସାଂପ୍ରତିକ ପରିସ୍ଥିତିରେ ଏବେ ବଦଳି ଯାଇଛି ରଜର ସଂଜ୍ଞା । ଖାଁ ଖାଁ ଲାଗୁଛି ଗାଁ ଦାଣ୍ଡ ଓ ଗାଁ ତୋଟା ବରଗଛ । ସୁନ୍ଦର ସୁଶୀତଳ ବୃକ୍ଷର ସମ୍ଭାର ଏବେ ଗାଁରେ ନାହିଁ । ନାହିଁ ସେ ଢିଙ୍କିକୁଟା ଚାଉଳ ଓ ଶିଳରେ ବଟା ବିରିରେ ତିଆରି ପୋଡ଼ପିଠା । କୁଆଁରୀ ଝିଅଙ୍କ ଓଠରୁ ହଜିଯାଇଛି ରଜଦୋଳି ଗୀତ । ବନସ୍ତକୁ ଗିଳିଦେଲାଣି ଆମ ଶିଳ୍ପ ସଭ୍ୟତା । କ୍ରମଶଃ ଧ୍ୱଂସ ପାଇବାରେ ଲାଗିଛି ଗଜବଂଶ । ଏବେ ବର୍ଷକରେ ଥରେ ରଜ ଆସୁଛି ସତ, ବନସ୍ତରେ ଗଜ ଆଉ ଡାକୁନି । ରଜ ଏବେ ଡ୍ରଇଂରୁମ୍‌ରେ, ପିକ୍‌ନିକ୍ ସ୍ପଟରେ ନହେଲେ ସପିଙ୍ଗ୍‌ମଲ୍‌ରେ । କବି ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି' ଭିତରୁ ନିଖୋଜ ହୋଇଯାଇଛି ରଜ । ଯେଉଁ ଉଦ୍ଦେଶ୍ୟ ନେଇ ଏ ପର୍ବକୁ ପାଳନ କରିବାର ବିଧି ଚଳି ଆସୁଥିଲା ତାହା ସମସ୍ତେ ଭୁଲିବାକୁ ବସିଲେଣି । ରଜ ପାଇଁ ପୂର୍ବରୁ ଯେଉଁ ଉତ୍ସାହ, ଉତ୍କଣ୍ଠା ଓ ଅପେକ୍ଷା ରହୁଥିଲା, ତାହା ଆଉ ନାହିଁ । ରଜ ଆସୁଛି, ପୁଣି ଚାଲିଯାଉଛି ତା' ବାଟରେ । କ୍ରମଶଃ ବାସ୍ନା ହରାଇବାକୁ ବସିଛି ରଜ । ଭାଇଚାରା ବିହୀନ ଗାଁ ଭିତରୁ ରଜର ମାଦକତା ଆଜି ସ୍ୱପ୍ନ । ପାନର ମହକ ନାହିଁ, ପୋଡ଼ ପିଠାର ସ୍ୱାଦ ନାହିଁ ଓ ଦୋଳି ଗୀତର ଚମକ ନାହିଁ । ସହରୀ ମୁଖା ଏବେ ଗାଁ ସଭ୍ୟତା । ରଜର ନା ଅଛି ରୀତିନୀତି, ନା ଅଛି ଭାବ ପ୍ରବଣତା । ରଜକୁ ଏବେ ଦେଖି ହେଉଛି ସତ, କିନ୍ତୁ ଅନୁଭବ କରିହେଉନାହିଁ । ଏପରି ସ୍ଥିତିରେ କେବଳ ସମୟକୁ ଦୋଷ ଦେଇ ଆମେ ଏହି ପାରମ୍ପରିକ ପର୍ବ ଭିତରୁ ନିଜକୁ ମୁକୁଳେଇବାକୁ ଶ୍ରେଷ୍ଠ ମଣୁଛୁ । ଏସବୁ ଭିତରେ ତଥାପି ରଜ ବଞ୍ଚିଛି ।

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମଣିଷର ମାନସିକ ଚାପ କ୍ରମଶଃ ବଢ଼ିବାରେ ଲାଗିଛି । ଏପରି ସ୍ଥିତିର ମଣିଷ ମନକୁ ସତେଜ କରିବା ପାଇଁ ପ୍ରକୃତି ଆମ ପାଇଁ ଯେଉଁ ସୁନ୍ଦର ପରିବେଶଟିଏ ଆଣି ଦେଇଛି ତା'କୁ ଉପଭୋଗ କରିବା ଏକାନ୍ତ ଆବଶ୍ୟକ । ଦୋଳି ଝୁଲି ଝୁଲି ଯେତେ ଉପରକୁ ଯିବ ଶରୀରରେ ସେତିକି ଆନନ୍ଦ ସଞ୍ଚରିତ ହେବ । ତା' ସହିତ ମନ ମଧ୍ୟ ଶିଖର ଛୁଇଁବାକୁ ତତ୍ପର ହେବ । ସେଇଥିପାଇଁ ତ କବି ଲେଖିଛନ୍ତି: "ଯା'ରେ ମନଦୋଳି ଉଡ଼ିଯା, / ମେଘ ଛୁଇଁ ଛୁଇଁ ଆ ।"

ତେବେ ଆସନ୍ତୁ ନା ଉତ୍କଳର ସଂସ୍କୃତି, ପରମ୍ପରାର ଏହି ମହାନ ଗଣପର୍ବ ରଜକୁ ଆମେ ମନଭରି ଉପଭୋଗ କରିବା ଓ ଆମ ସଂସ୍କୃତିକୁ ବଜାୟ ରଖିବା ।



ପେଣ୍ଟିଂ : ସଞ୍ଜୟ ରାଉତ

# ଫୁଲ ଫୁଟୁ କି ନଫୁଟୁ
# ଆଜି ବସନ୍ତ

# ବିଦ୍ରୋହର ବିଭୂତି
# ବସନ୍ତ ମୁଦୁଲି


## ସୌଭାଗ୍ୟବନ୍ତ ମହାରଣା

ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
ଫୋନ : ୯୪୩୭୪୫୭୭୩୬


ଫଟୋ ସୌଜନ୍ୟ : ଅମିତାଭ ଖିଲାର

ଓଡ଼ିଆ ସାହିତ୍ୟର କବିତା ପୃଷ୍ଠଭୂମିରେ ବୈପ୍ଳବିକ ଚେତନା ଓ ବିଦ୍ରୋହୀ ଭାବନାର କ୍ଷଣଜନ୍ମା କବି ବସନ୍ତ କୁମାର ମୁଦୁଲି (୧୯୫୫-୧୯୮୬) ଏକ ଅଗ୍ନିବର୍ଷୀ ସ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ, ଯିଏ ଅନ୍ୟାୟ, ଅନୀତି, ଅବିଚାର, ଶୋଷଣ କଷଣ ଆଦିକୁ ସାମାଜିକ ବ୍ୟବସ୍ଥାରୁ ହଟେଇ ଦେବାକୁ ବଦ୍ଧ ପରିକର ଥିଲେ । ତାଙ୍କ କବିତାର ପ୍ରଗତିଶୀଳ ଭାବନାର ଅନ୍ତରାଳରେ ଦଳିତ, ନିସ୍ପେସିତ, ନିର୍ଯ୍ୟାତିତ ଓ ଅସହାୟ ମଣିଷଙ୍କ ଆର୍ତ୍ତନାଦର ପ୍ରତିଧ୍ୱନି ଶୁଣା ଯାଉଥିଲା । ଯାହା ପାଠକଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି ଏ ପର୍ଯ୍ୟନ୍ତ । ତାଙ୍କ କବିତା ସଂକଳନ 'ଯିଏ ଯେଉଁଠି ଅଛି', 'ବସନ୍ତ ବର୍ଣ୍ଣମାଳା' ଓ 'ବିଭୋର ବସନ୍ତ' ଓଡ଼ିଆ ସାହିତ୍ୟର ଚିର ସ୍ମରଣୀୟ କାବ୍ୟକୃତି କହିଲେ ଯଥାର୍ଥ ହେବ । ଓଡ଼ିଆ କବିତାର ପ୍ରଗତିଶୀଳ ଚେତନାରେ ଅନେକ ବରିଷ୍ଠ ଓ ପ୍ରବୀଣ କବି ସେମାନଙ୍କ କାବ୍ୟସ୍ୱରକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି ନିଜନିଜ ଅନନ୍ୟ ଅବବୋଧ ଓ ଅନ୍ୱେଷାକୁ ସାକାର କରି । କିନ୍ତୁ ବସନ୍ତ ମୁଦୁଲିଙ୍କ ସମସାମୟିକ କବିମାନଙ୍କ ମଧ୍ୟରେ ସେ ଥିଲେ ସ୍ୱତନ୍ତ୍ର ଓ ସ୍ୱାଭିମାନୀ, ଯିଏ ତାଙ୍କ ଅଗ୍ନିବର୍ଷୀ କବିତା ମାଧ୍ୟମରେ ପାଠକଙ୍କୁ ଚମକେଇ ଦେବାର ଆସ୍ପର୍ଦ୍ଧା ରଖିଥିଲେ । ତାଙ୍କ କବିତାର ଶବ୍ଦ ଯେତେ ତୀକ୍ଷ୍ଣ, ଭାବ ସେତେ ଗଭୀର ଓ ସ୍ୱର ଆହୁରି ପ୍ରଖର- ଜୀବନ ଓ ମୃତ୍ୟୁକୁ କୋଳେଇ ନେବାକୁ ସ୍ୱୀୟ କବିତାର ତନ୍ମୟ ଆବେଗ ଓ ମନ୍ମୟ ଉଚ୍ଚାରଣରେ । ଯେମିତି କଥାରେ ଅଛି, Whom the gods love, die young' ଯାହାକୁ ଈଶ୍ୱର ଓ ଦେବତାମାନେ ଭଲ ପାଆନ୍ତି ଯୁବାବସ୍ଥାରେ ହିଁ ତାଙ୍କ ଦେହାନ୍ତ ହୁଏ । ଜୀବନର ଏକତିରିଶଟି ବସନ୍ତକୁ ପ୍ରାଣଭରି ଭଲ ପାଇବା ପରେ କବି ବସନ୍ତ ମୁଦୁଲିଙ୍କ ଅଚାନକ ଦେହାବସାନ ତାଙ୍କ ପ୍ରିୟ ପାଠକପାଠିକାଙ୍କୁ ମର୍ମାହତ କରିଥିଲା ବିପୁଳ ମାତ୍ରାରେ । କବି ବସନ୍ତଙ୍କ ବିଦ୍ରୋହୀ ଉଚ୍ଚାରଣର ତୀବ୍ରତା ମାଟିରୁ ଆକାଶ ଓ ସମୁଦ୍ର ଯାଏଁ ବ୍ୟାପିଥିଲା । ତାଙ୍କ କବିତା ବର୍ଣ୍ଣନାଧର୍ମୀ ନହେଇ ବ୍ୟଞ୍ଜନାଧର୍ମୀ ଥିବାରୁ ଅନେକ ସାହିତ୍ୟ ସମାଲୋଚକ ଓ ସମୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । କବି ବସନ୍ତ ମୁଦୁଲିଙ୍କ କବିତା ଯେଉଁଠି ଥିଲେ ମଧ୍ୟ ବାରି ହୋଇଯାଏ ତାଙ୍କର ସ୍ୱାଭିମାନ, ଶୈଳୀ ଓ ଭାବର ଅନୁପମ ଚିତ୍ରାୟନରେ । ସେ ଉତ୍ତର-ଆଧୁନିକ କବିତାରେ ଏକ ଉଦାତ୍ତ ସ୍ୱର ରୂପେ ପାଠକଙ୍କୁ ଚମକାଇ ଦେଇଥିଲେ ।

ବସନ୍ତ ମୁଦୁଲିଙ୍କ ସ୍ମରଣୀୟ କବିତା 'କବିତା ପଢ଼ିବ ତ ଆସ'ରେ ପାଠକଙ୍କୁ ମୁଗ୍ଧ ଓ ବିଭୋର କରିବାର ସବୁ ଉପାଦାନ ରହିଛି । ସମୁଦାୟ ଗୁଳିକୁ ନିଜ ଛାତିରେ କୁଢ଼େଇ ଦେବାକୁ ତଥା ଯେତେ ପ୍ରେମ ଅଛି ମାଟିରେ ଅଜାଡ଼ି ଦେବାକୁ ସେ ଆହ୍ୱାନ କରିଛନ୍ତି ସହକବିଙ୍କୁ କବିତା ପାଠୋତ୍ସବର ବିଶେଷ ମୁହୂର୍ତ୍ତରେ । ଖାସ୍ ସେତିକି କହିବାକୁ ସେ ମଞ୍ଚକୁଆସିଥିଲେ ନିଜ ସ୍ୱାଭିମାନ ପ୍ରକଟ କରିବାକୁ । ସଂଘର୍ଷର ପୃଷ୍ଠଭୂମିରେ କବି ଅଜସ୍ର ଗୁଳିଙ୍କୁ ଆଲିଙ୍ଗନ କରିଛନ୍ତି ଛାତି ଭିତରେ ।

"ଯେତେ ଗୁଳି ଅଛି କୁଢ଼େଇ ଦିଅ ମୋ' ଛାତିରେ / ଯେତେ ପ୍ରେମ ଅଛି ଅଜାଡ଼ି ଦିଅ ମାଟିରେ/ ବାସ୍, ମୋର କହିବାର କଥା ଏତିକି / ଏତିକି କହିବା ପାଇଁ ମୁଁ ଆସିଥିଲି / ମଞ୍ଚକୁ ତରବରରେ, ଯାଉଛି ମନ୍ଥର ଗତିରେ / ତମ ସମସ୍ତଙ୍କୁ ସମ୍ଭାଷଣ ଜଣେଇ ପ୍ରଚ୍ଛଦପଟକୁ ।" **(କବିତା ପଢ଼ିବତ ଆସ)**

କବି ବସନ୍ତ ମୁଦୁଲି ଥିଲେ ତାଙ୍କ ସମକାଳର ଜଣେ ପ୍ରଭାବଶାଳୀ ଓ ପ୍ରତିଭାଶାଳୀ କବି ଯିଏ ପାଠକମାନଙ୍କ ହୃଦୟରେ ନିଜ ଆସ୍ଥାନକୁ ସୁରକ୍ଷିତ କରି ରଖିଥିଲେ । ତାଙ୍କର ସମସାମୟିକ କବି ମଧ୍ୟରେ ବିଦ୍ରୋହୀ ଭାବ ଓ ପ୍ରଗତିଶୀଳ ଚେତନାର ହାତଗଣତି କବି ଥିଲେ ସେ ସମୟରେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ । ସୁତରାଂ, ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କବି ରୂପେ ଯିଏ ଜନ୍ମନେବ ତାଙ୍କ ବିଷୟରେ କବି ବସନ୍ତଙ୍କ ନିମ୍ନୋକ୍ତ ଟିପ୍ପଣୀ ବାସ୍ତବରେ ସ୍ୱାଗତଯୋଗ୍ୟ ମନେହୁଏ ।

"ମୋର ପ୍ରତିଦ୍ୱନ୍ଦ୍ୱୀ ହୋଇ ଯିଏ ଜନ୍ମ ନେବ / ସିଏ ହୋଇଥିବ ଠିକ୍ ମୋରି ପରି / ପ୍ରେମିକ ପୁରୁଷ, ମାଟିର ପ୍ରେମିକ / ପ୍ରତିଟି ରକ୍ତ ବିନ୍ଦୁରେ ସୃଷ୍ଟି କରିବ କବିତା / ଯାହା ପ୍ରତିଧ୍ୱନିତ ହେଉଥିବ / ପ୍ରତିଟି ମଣିଷର କଣ୍ଠରେ / ଲେଖିହୋଇ ଯାଉଥିବ / ପ୍ରତିଟି ଧଳା କାଗଜରେ ।" **(କିଛି ସମୟ ପୂର୍ବରୁ ଆସିବାର ଥିଲା)**

ବସନ୍ତ ମୁଦୁଲି ନିଜ କବିତାରେ କେବଳ ବିପ୍ଳବ ଓ ବିଦ୍ରୋହର ଅଗ୍ନିବର୍ଷା କରି ନାହାନ୍ତି ତାଙ୍କ କବିତାରେ ଆଶା, ଆଶ୍ୱାସନା ଓ ଭରସାର ବାଣୀ ପାଠକଙ୍କୁ ମୁଗ୍ଧ କରିବାର ସାମର୍ଥ୍ୟ ରଖେ । 'ବିଶ୍ୱାସ ରଖ ହୃଷୀକେଶ' ଶୀର୍ଷକ କବିତାରେ କବିଙ୍କ ଆଶାଦୀପ୍ତ ସ୍ୱର ବେଶ୍ ସ୍ୱାଗତଯୋଗ୍ୟ ମନେହୁଏ । ନିଜ ହାତମୁଠାକୁ ଟାଣ କରି ବିଶ୍ୱାସ ଉପରେ ଜୋର୍ ଦେବାକୁ କବି ଉତ୍ସାହବାଣୀ ଶୁଣାଇଛନ୍ତି ।

"ସୂର୍ଯ୍ୟାସ୍ତ ପରେ ସୂର୍ଯ୍ୟ ଆସେ ବୋଲି ଯଦି ଜଣାଅଛି / ତେବେ ନିଜ ଉପରେ ଭରସା ରଖ ହୃଷୀକେଶ । / ବିଶ୍ୱାସ ରଖ ନିଜ ହାତମୁଠା ଉପରେ /ନିଜ ଶିଙ୍ଗରେ ଖୋଳିଥିବା ମାଟି ହିଁ ନିଜର / ହେଉ ପଛେ ଟାଙ୍ଗର ଅବା ଉର୍ବର / ଫଳିବାର ପ୍ରଚୁର ସମ୍ଭାବନା ଥାଏ / ଅମୁହାଁ ବୀଜର ।" **(ବିଶ୍ୱାସ ରଖ ହୃଷୀକେଶ)**



▲ଲେଖକ ସୌଭାଗ୍ୟବନ୍ତ ମହାରଣା

'ବିଭୋର ବସନ୍ତ' କବିତା ସଂକଳନର ପ୍ରଥମ କବିତା 'ରାଜଧାନୀ-୩' କବିତାରେ ଭୁବନେଶ୍ୱରର କଦାକାର ପିଚୁ ରାସ୍ତାର ଚେହେରା, ତାହାର ପ୍ରତି ବର୍ଗଇଞ୍ଚ ଦେହରେ ଅସୁମାରୀ ମଣିଷଙ୍କ ଶୋଷଣ ଓ କଷଣର ଇତିହାସ ଲେଖା ହୋଇ ଗୋଲାମ୍ ନଗରୀର ଅଭିଶାପ ଝରି ପଡୁଛି ଅସଂଖ୍ୟ ଗୋଲାମ୍‌ମାନଙ୍କ ଉପରେ । ରାଜଧାନୀରେ ରକ୍ତପାୟୀ ଅମଣିଷଙ୍କ ଅତ୍ୟାଚାରରେ କବଳିତ ସମସ୍ତେ ନିରୁପାୟ ହୋଇ ।

"ତୋର ପ୍ରତି ବର୍ଗଇଞ୍ଚ ଦେହରେ ଦେଖ୍  
କେମିତି ଲେଖା ହୋଇ ରହିଛି  
ତୋର ଅଭୟ ଆଶ୍ରୟରେ ବଂଚି ରହିଥିବା  
ରକ୍ତପାୟୀ ଅମଣିଷଙ୍କ ଦ୍ୱାରା  
ଅଗଣିତ ମଣିଷଙ୍କ ଶୋଷଣର ଇତିହାସ ।  
କୁଆଁ କୁଆଁ କରୁଥିବା ଶିଶୁ ଦରୋଟିରୁ  
ମଶାଣୀକୁ ବୁହା ହେଉଥିବା ଶବର ଓଠରୁ  
ଶୁଣ୍, ତୋର ଗୋଲାମମାନଙ୍କ ଉପରେ  
କେମିତି ଅଗ୍ନିବର୍ଷୀ ଅଭିଶାପ !  
(ରାଜଧାନୀ-୩)



ଶବ୍ଦର ଶାଣିତ ଅସ୍ତ୍ରଟେ ହିଁ ବିପ୍ଳବୀ କବି ପାଇଁ ଖୁବ୍ ଆବଶ୍ୟକ ମନେହୁଏ ଯାହା ବସନ୍ତ ମୁଦୁଲିଙ୍କ କବିତାରେ ମର୍ମସ୍ପର୍ଶୀ ହୋଇ ପାରିଥିଲା । ଯୌବନୋଦୀପ୍ତ ଦେହ ଓ ମନର ଅନ୍ତରାଳରେ ତାଙ୍କ କବିତାର ସର୍ଜନା ସମସ୍ତଙ୍କୁ ବିସ୍ମିତ କରିଥିଲା । ମାନବ ଭିତରେ ମାନବତ୍ୱକୁ ଉଚ୍ଚାଙ୍ଗ କରି ସେ ବିଦ୍ରୋହୀ ମଣିଷ ସମାଜରେ ଜୀବନର ବାସ୍ତବତା ତଥା ମାଟିମନସ୍କତାକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । କବିଙ୍କ ରକ୍ତର ପ୍ରତିଟି କଣିକା ନିର୍ଦ୍ଦୟ ଆତତାୟୀର ହାତମୁଠାରୁ ମୁକୁଳି ଗଙ୍ଗା ହୋଇ ପ୍ରବାହିତ ହୁଏ ଅସୁମାରୀ ତୃଷାର୍ତ୍ତ ମଣିଷର ଓଠକୁ ଶାନ୍ତି ପ୍ରଦାନ କରିବାକୁ 'ମୁଠାଏ ମାଟିର ମୋହରେ' କବିତାର ନିମ୍ନୋକ୍ତ କିଛି ପଂକ୍ତି କବିଙ୍କର ଜୀବନାୟନର ଉତ୍କୃଷ୍ଟ ପରିଚୟ ପ୍ରଦାନ କରେ । ତାଙ୍କ ଶାଣିତ, ଶ୍ଲେଷଯୁକ୍ତ କାବ୍ୟସ୍ୱର ଦୋହଲାଇ ଦିଏ ଛାତିକୁ ।

"ମୁଁ ବନ୍ଧ ନୁହେଁ / କୌଣସି ମୁହୂର୍ତ୍ତରେ / ମୃତ୍ୟୁର ଏନ୍ତୁଡ଼ି ଶାଳରେ ମୁଁ ଜନ୍ମନିଏ ସର୍ବନାମରେ / ମୋ ରକ୍ତର ପ୍ରତିଟି କଣିକା / ନିଷ୍ଠୁର ଆତତାୟୀର ହାତମୁଠାରୁ ବହିଯାଏ ଗଙ୍ଗା ହୋଇ / ଅନେକ ତୃଷାର୍ତ୍ତ ମଣିଷଙ୍କ ଓଠକୁ / ଏବଂ ସେମାନଙ୍କ ନିଷ୍ଫଳ ଶରୀର ଭିତରେ / ପ୍ରଚଣ୍ଡ ଅଗ୍ନିଦାହ ହେଉଥାଏ / ମୋର ପରବର୍ତ୍ତୀ ଅଙ୍କୁରୋଦ୍‌ଗମ ପର୍ଯ୍ୟନ୍ତ ।" **(ମୁଠାଏ ମାଟିର ମୋହରେ)**

ବସନ୍ତ ମୁଦୁଲିଙ୍କ କବିତାର ସୃଜନ କାଳରେ ରହିଛି ରକ୍ତର ମରମୀ ଡାକ, ଦରଦୀ ହୃଦୟର କୋମଳ କଂପନ ଏବଂ ଖଟିଖିଆ ମଣିଷ ପ୍ରତି ଅପ୍ରମିତ ଅନୁରାଗର ଆନ୍ତରିକତା । ମଣିଷର ଦୁଃଖ ସଂପର୍କରେ ତାଙ୍କର ଏଇ କିଛି ପଂକ୍ତି ପାଠକଙ୍କୁ ବିସ୍ମିତ କରିଥାଏ । "ଦୁଃଖ ତ ପୁରୁଣା କ୍ଷତ ଅତୀତ ଦିନର / ଦୁଃଖ ତ ଶୋଷିଲା ଜିଭ ଜଳନ୍ତା ଜୁଇର / ଦୁଃଖ ତ ଅନେକ ସ୍ୱର ଭୋକିଲା ଆତ୍ମାର / + + + ଦୁଃଖ ତ ନଇ ମୁହାଁଣର ଭୋକ / ଅନେକ ଉଦୟ ଅସ୍ତର ରିକ୍ତ ପ୍ରତିରୂପ ।" **(ଦୁଃଖ ଯଦି ସତ୍ୟ ହୋଇ ଝରଣାରେ ବହିଯାଏ)**

ବସନ୍ତଙ୍କ କବିତାରେ ମାନବତାର ତୀବ୍ର ଉଚ୍ଚାରଣ, ଦାରିଦ୍ର୍ୟ ପ୍ରତି ଉପହାସର ପ୍ରତିବାଦ ଓ ଜୀବନକୁ ଭଲ ପାଇବାର ଆନ୍ତରିକ ପ୍ରତିବେଦନ ରହିଛି ଛତ୍ରେ ଛାତ୍ର । ଏଇ ପରିପ୍ରେକ୍ଷୀରେ ଚିଲିର ବିଶ୍ୱବିଖ୍ୟାତ କବି Pablo Nerudaଙ୍କ ଉକ୍ତି ମନେପଡ଼େ ଯାହା ବିଦ୍ରୋହର ପ୍ରତିରୋଧକୁ ଉଜ୍ଜୀବିତ କରେ । You can cut all the flowers, but you can't stop spring from coming". (ତୁମେ ସବୁ ଫୁଲଗଛ କାଟି ଦେଇପାର, କିନ୍ତୁ ବସନ୍ତ ଋତୁର ଆଗମନକୁ ବନ୍ଦ କରି ପାରିବ ନାହିଁ ।) କବି ବସନ୍ତଙ୍କ ପ୍ରତିବାଦ ଓ ପ୍ରତିରୋଧର ଶକ୍ତି ଥିଲା ଅନତିକ୍ରମ୍ୟ ।




HIGHLAND
A Highland Group Entity
HIGHLAND
Highland Ajisen
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in

'ବିଭୋର ବସନ୍ତ' କବିତା ସଂକଳନର 'ଅଗଷ୍ଟ ପନ୍ଦର' କବିତାରେ କବିଙ୍କ ଦୁଃଖଭରା ପାରିବାରିକ ଚିତ୍ରର ଆଭାସ ମିଳେ ତାଙ୍କ ମାଁଙ୍କ ଆଖିରେ ଯେଉଁଠି ଲହଡ଼ି ଭାଙ୍ଗୁଥିଲା ଲୁହର ଜହ୍ନରାତି । ବାପାଙ୍କ ବିଷର୍ଣ୍ଣ ମୁହଁରେ ଛାଇ ଯାଇଥିଲା ଦୂର ଆକାଶର ଗଭୀରତା । ଭୋକିଲା ଶେଯରେ ଶୋଇ କବି ଜିଇବାର ରାସ୍ତା ଖୋଜୁଥିଲେ ଆଗାମୀ ପରୀକ୍ଷା ସକାଶେ । ଏ କବିତାରେ 'ଲୁହର ଜହ୍ନରାତି', ଭୋକିଲା ଶେଯ, ଦୂର ଆକାଶର ଗଭୀରତା ଇତ୍ୟାଦି ଉପମା ଓ ଚିତ୍ରକଳ୍ପ କବିତାର ଗୁଣ ଓ ଧର୍ମକୁ ମହନୀୟ କରି ପାରିଛନ୍ତି । 'ଭୋକ'ର ପ୍ରତୀକଟି ଏଠାରେ ବେଶ୍ ମନୋଜ୍ଞ ହୋଇଛି ।



"କାଲି ରାତିରେ ମା'ଙ୍କ ଆଖିରେ / ଲହଡ଼ି ଭାଙ୍ଗୁଥିଲା ଲୁହର ଜହ୍ନରାତି / ବାପାଙ୍କ ଉଦାସ ମୁହଁରେ ଘାରି ରହିଥିଲା / ଦୂର ଆକାଶର ଗଭୀରତା / ଭୋକିଲା ଶେଯରେ ଶୋଇ ବଞ୍ଚିବାର ରାହା ଖୋଜିବାକୁ / ମୁଁ ପ୍ରସ୍ତୁତ ହେଉଥିଲି ଆଗାମୀ ପରୀକ୍ଷା ପାଇଁ / କାନ୍ଥକଡ଼ରେ ଭୋକର ନିଆଁବଡ଼ ଧରି / ଫୁଙ୍କୁଥିଲେ ମୋର ଉପବାସୀ ଭାଇ ଓ ଭଉଣୀ ।" **(ଅଗଷ୍ଟ ପନ୍ଦର)**

ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ବିଜୟୀ କବି ଟି.ଏସ୍. ଇଲିଅଟ୍‌ଙ୍କ ସ୍ମରଣୀୟ ମନ୍ତବ୍ୟ 'Blood turns into ink' ଗୋଟିଏ ଉତ୍କୃଷ୍ଟ କବିତାର ପରିମାପକ ହୋଇଥାଏ । କବି ନିଜ ରକ୍ତକୁ ସ୍ୟାହିରେ ପରିଣତ କରି ତାହାର କାଳଜୟୀ କବିତା ଲେଖିଥାଏ । ଏଠାରେ କବିର ନିଜ କବିତା ପ୍ରତି ନିଷ୍ଠାପର ଭାବକୁ ସୂଚିତ କରୁଛି । କବି ବସନ୍ତ ମୁଦୁଲି 'ଆତ୍ମନେପଦୀ' କବିତାରେ ରକ୍ତର ନିର୍ଭେଜାଲ କାଳିରେ ତାଙ୍କ ଶବ୍ଦମାନଙ୍କୁ ରଙ୍ଗେଇଛନ୍ତି ନିମ୍ନୋକ୍ତ ଉଚ୍ଚାଙ୍ଗ କବିତାଂଶରେ ଯାହା ପାଠକଙ୍କୁ ବିଭୋର୍ କରେ ।

"ଚନ୍ଦନ କାଠ ପରି ଧବଳ ହାଡ଼ରେ
ତିଆରି କରି ମୋର କଲମ
ରକ୍ତର ନିର୍ଭେଜାଲ କାଳିରେ
ରଙ୍ଗେଇ ଦିଅ ମୋର ଶବ୍ଦମାନଙ୍କୁ
ଆଉ ପ୍ରତିନିୟତ ପ୍ରତିଧ୍ୱନିତ ହେଉଥାଉ
ଅସହାୟ ଆତ୍ମାର ଚିତ୍କାର
ମୋର କବିତାରେ, ପ୍ରାର୍ଥନାରେ । **(ଆତ୍ମନେପଦୀ)**

ରୁଷିଆର ବିପ୍ଳବୀ କବି ଭ୍ଲାଡିମିର୍ ମାୟା କୋଭସ୍କି ଯେମିତି ନିଜ ଧୂସର ଜୀବନରେ ଲୋହିତ କ୍ରାନ୍ତିର ସ୍ୱପ୍ନ ଦେଖୁଥିଲେ, ଠିକ୍ ସେମିତି ବିଦ୍ରୋହୀ କବି ବସନ୍ତ ମୁଦୁଲିଙ୍କ ଚିନ୍ତା ଓ ଚେତନା ଲୋହିତ କ୍ରାନ୍ତିରେ ଅଗାଧ ବିଶ୍ୱାସ ଥିଲା । ତାଙ୍କ ପ୍ରଗତିଶୀଳ ଚେତନା ସେତେବେଳେ ଅନେକ ପାଠକ ଓ କବିଙ୍କୁ ବିସ୍ମୟାଭିଭୂତ କରିଥିଲା ବିପ୍ଳବୀ ଚେତନାର ଅନ୍ତରାଳରେ ।

ମାୟାକୋଭସ୍କିଙ୍କ ଦୀର୍ଘ କବିତା 'ଟ୍ରାଉଜରରେ ମେଘ'ରୁ ଆନୀତ ଏଇ କବିତାଂଶଟିର ଗୁରୁତ୍ୱ ଏଠାରେ ବେଶ୍ ଉପଲବ୍ଧି ହୋଇପାରେ ଦୀକ୍ଷିତ ପାଠକଙ୍କ ପାଇଁ । ଏହା ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି ଓ ସମାଲୋଚକ ହରପ୍ରସାଦ ଦାସଙ୍କ 'ଆଧୁନିକତାର ସମକାଳ' ସମାଲୋଚନା ଗ୍ରନ୍ଥ ପୃଷ୍ଠା ୧୪୮ରୁ ଆନୀତ ହୋଇଛି ।

"ମୁଁ ସେଇ, ସୁନାର ଜିଭ ମୋର
ମୋର ପ୍ରତିଶବ୍ଦ ଶରୀରକୁ ଦିଏ ନୂଆ ଜୀବନ,
ଆତ୍ମାକୁ ଦିଏ ନୂଆ ଗୋଟିଏ ଜନ୍ମ
କହି ରଖୁଚି ଆଜି
କଣିକାଏ ଜୀବନ
ମୋର ସବୁ ରଚନା ଠାରୁ ବେଶୀ ମୂଲ୍ୟବାନ ।"
**(ଟ୍ରାଉଜରରେ ମେଘ / ମାୟାକୋଭସ୍କି)**

ବସନ୍ତ ମୁଦୁଲିଙ୍କ ଅନେକ କବିତାରେ ଜୀବନ, ମୃତ୍ୟୁ, ମାଆ, ମାଟି, ମଣିଷ, ମଜଦୂର ବା ଶ୍ରମିକ, ଅସହାୟ ମାନବର ଦୁଃଖ, ଶୋକ, ବିରୋଧ, ପ୍ରତିବାଦ, ଶ୍ରମିକ ପ୍ରତି ମାଲିକର ଛଳନା, ପ୍ରତାରଣା ଓ ଲାଂଛନାର ପ୍ରତିଫଳନ ଦେଖିବାକୁ ମିଳେ । ତାରୁଣ୍ୟର ବହ୍ନିରେ ଜଳି ଯାଉଥିବା ଯୁବକବି ବସନ୍ତ ମୁଦୁଲି ଦରଦୀ ମାନବର ମରମୀ ଯନ୍ତ୍ରଣାକୁ ତାଙ୍କ କବିତାର ଅନେକ ସ୍ଥାନରେ ଲିପିବଦ୍ଧ କରିଛନ୍ତି । 'ଶୁଣ ସଭାଜନେ' କବିତାରେ କବି ବସନ୍ତ ଦାରିଦ୍ର୍ୟର କୋରଡ଼ା ମାଡ଼ରେ ସିଝି ଛଳନାର ପାଗଳଖାନାରେ ଗୋଟିଏ ଉଦ୍ଭଟ ନାଟକର ଅନୁଭବରେ ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି ନିମ୍ନୋକ୍ତ ପଂକ୍ତିମାନଙ୍କରେ ଯାହା ତାଙ୍କ ବିପ୍ଳବୀ ଚେତନାର ଗୁରୁତ୍ୱ ବହନ କରେ ।

"ଦାରିଦ୍ର୍ୟର ନିର୍ଦ୍ଧୂମ୍ କୋରଡ଼ା ମାଡ଼ / ଦର୍ପଣ ସାମ୍ନାରେ ମୁଁ ପ୍ରତୀକ୍ଷିଛି, / ପରାକ୍ରମୀ ଶବ୍ଦଙ୍କ ଶେଯରେ / ଆତ୍ମାର ଉଦାସ ମୁହଁ ମୁଁ କାନେଇଛି; / ଛଳନାର ପାଗଳ ଖାନାରେ / ଉଦ୍ଭଟ ନାଟକ ମୁଁ ଅନୁଭବିଛି / ବୃକ୍ଷର ଶୀର୍ଷତମ ଡାଳରେ ସୁରକ୍ଷିତ ଫଳଟିକୁ / ତୋଳିବାକୁ ମୁଁ ନାକେଇଛି ।" **(ଶୁଣ ସଭାଜନେ)**

'ବିଭୋର ବସନ୍ତ' କବିତା ସଂକଳନର 'ସମୟର ସ୍ୱର' କବିତାଟିରେ ରହିଛି ଆଶା ଓ ଅନ୍ୱେଷାର ନିଆରା ସ୍ୱର ଯାହା କବିଙ୍କୁ ପ୍ରେରଣାଦୀପ୍ତ କରିଛି, ଜୀବନକୁ ଏକ ନୂଆ ଦିଶା ପ୍ରଦାନ କରିଛି । ବାଟ ହୁଡ଼ି ଯାଇଥିବା ନଈକୁ ସମୁଦ୍ର ଫେରେଇ ଆଣିବା, ଦେଉଳରୁ ଉଭାନ୍ ଦିଅଁଙ୍କୁ ପୁଣି ଫେରେଇ ଆଣିବା, ମଣିଷପଣିଆର ସ୍ୱରକୁ ଆଉଥରେ ହୃଦୟ ଓ ପ୍ରାର୍ଥନାକୁ ଫେରେଇ ଆଣିବା ଇତ୍ୟାଦି ସକାରାତ୍ମକ ଭାବନା କବିତାକୁ ପରିପୁଷ୍ଟ କରିଛି ଆଶା ସଂଚାର କରିବାକୁ ମାନବ ଭିତରେ । ଏଠି କବିଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବେଶ୍ ଉତ୍ସାହପ୍ରଦ ।

"ନିଦ୍ରାରେ ଅଚେତ୍ ଭାଗ୍ୟକୁ / ପୁଣି ଫେରେଇ ଆଣିବାକୁ ହେବ / ଜୀବନ / ବାଟ ହୁଡ଼ି ଯାଇଥିବା ନଈକୁ / ପୁଣି ଫେରେଇ ଆଣିବାକୁ ହେବ ସମୁଦ୍ରକୁ /




ଫେରାର୍ ଦିଅଁଙ୍କୁ ପୁଣି / ଖୋଜି ଆଣିବାକୁ ହେବ ଦେଉଳକୁ / ମାନବିକତାର ସ୍ୱରକୁ / ପୁଣି ଫେରାଇ ଅଣିବାକୁ ହେବ / ପ୍ରତିଟି ହୃଦୟକୁ, ପ୍ରାର୍ଥନାକୁ।" **(ସମୟର ସ୍ୱର)**

ଜୀବନରେ ବଞ୍ଚିବାକୁ ଭାତ, ପିନ୍ଧିବାକୁ ଲୁଗା, ରହିବାକୁ ଟିକେ ଜାଗା, ହସ ପାଇଁ ଚୁମା ନିହାତି ଆବଶ୍ୟକ ହୋଇଥାଏ। ଏସବୁ ବଦଳରେ କବି ତାଙ୍କ ସ୍ୱାଧୀନତା, ସାମ୍ରାଜ୍ୟ, ସ୍ନେହ ଓ ଏପରିକି ନିଜ ସମଗ୍ର କବିତା ଦେବାକୁ ରାଜି ଅଛନ୍ତି। 'କଙ୍କାଳ ସଂଗୀତ' ବସନ୍ତ ମୁଦୁଲିଙ୍କ ଏକ ବହୁ ଚର୍ଚ୍ଚିତ କବିତା ଯେଉଁଠି ଉଲ୍ଲିଖିତ ଭାବ ଓ ଶବ୍ଦମାନଙ୍କ ନିର୍ଯ୍ୟାସ ସ୍ପଷ୍ଟ ଭାବେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ।

"ବଞ୍ଚିବାକୁ ମୁଠାଏ ଭାତ ଦିଅ / ନିଅ ମୋର ସ୍ୱାଧୀନତା / ପିନ୍ଧିବାକୁ ଖଣ୍ଡିଏ ଲୁଗା ଦିଅ / ନିଅ ମୋର ସାମ୍ରାଜ୍ୟ / ମୁଣ୍ଡ ଗୁଞ୍ଜିବାକୁ ଟିକେ ଜାଗା ଦିଅ / ନିଅ ମୋର ସ୍ନେହ / କ୍ରୋଧୀ ସମୟର ପହରା ଭିତରେ / ଟିକେ ହସ ପାଇଁ ଚୁମାଟିଏ ଦିଅ / ଆଲିଙ୍ଗନ କର / ନିଅ ମୋର ସମଗ୍ର କବିତା।"**(କଙ୍କାଳ ସଂଗୀତ)**

ବସନ୍ତ ମୁଦୁଲି ବିଦ୍ରୋହୀ ଚେତନାର କବି ହୋଇଥିଲେ ମଧ୍ୟ ସେ ପ୍ରେମ କବିତାର ଅନ୍ତଃସ୍ୱରକୁ ଭୁଲି ନାହାନ୍ତି ବଂଚିବାର ନିଃଶ୍ୱାସ ପ୍ରଶ୍ୱାସରେ କିଛି ରଙ୍ଗ, ରୋମାଂଚ ଓ ରସର ରୂପାୟନ କରିବାକୁ। 'କୁବୁଜା ଓ ଅନ୍ୟାନ୍ୟ ପ୍ରେମ କବିତା'ରେ କବି ନିଜ ପ୍ରେମର ଦୀର୍ଘ ପ୍ରେମପତ୍ର ଲେଖି ଆକାଶକୁ ଉଡ଼େଇ ଦେବାକୁ ମନସ୍ଥ କରିଛନ୍ତି। ପ୍ରେମର ପଣତ କାନିରେ ତାଙ୍କ ସମୁଦାୟ ଅପବାଦର ଚିହ୍ନ ଘୋଡ଼େଇ ଦେବାକୁ ସେ ବଦ୍ଧପରିକର ହୋଇଛନ୍ତି ଯାହା ନିମ୍ନୋକ୍ତ ପଂକ୍ତିରେ ପ୍ରକଟିତ ହୋଇଛି ସ୍ପଷ୍ଟ ଭାବରେ।

"ଜୀବନ ସାରା / ଏକ ଲମ୍ବା ପ୍ରେମପତ୍ର ଲେଖି ଲେଖି / ମୁଁ ଉଡ଼େଇ ଦେବି ଆକାଶକୁ / ପ୍ରେମର ପଣତ କାନିରେ / ମୁଁ ଘୋଡ଼େଇ ଦେବି ମୋର / ଯାବତୀୟ ଅପବାଦର ଚିହ୍ନ। / ମୋର ଅଜ୍ଞାତ ଜନ୍ମଦିନ ପରି ବି / ମୋର ମୃତ୍ୟୁ ଗୋପ୍ୟ ରହିଯିବ / ତୋରି ଛାତିରେ / ବହୁରଙ୍ଗୀ ଅଭୟାରଣ୍ୟରେ।" **(କୁବୁଜା ଓ ଅନ୍ୟାନ୍ୟ ପ୍ରେମ କବିତା-୫)**

ଆଧୁନିକ କବିତାର ତିନୋଟି ମୁଖ୍ୟ ଧର୍ମ ହେଲା, ସମୟ, ସଂପର୍କ ଓ କାବ୍ୟସତ୍ତାର ଗୁରୁତ୍ୱ। ଏଇ ତିନୋଟି ଗୁଣ କବି ବସନ୍ତ ମୁଦୁଲିଙ୍କ କବିତାମାନଙ୍କରେ ପ୍ରତିଫଳିତ ହୋଇଛି କହିଲେ ଯଥାର୍ଥ ହେବ। ସମୟର ଭିନ୍ନ ଭିନ୍ନ ରୂପର ଗତିଶୀଳତା ମଧ୍ୟରେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନର ଘଟଣାପ୍ରବାହ କବିଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି। ଏହି ତିନୋଟି ପର୍ଯ୍ୟାୟ କବିଙ୍କ ତଥା ମଣିଷଙ୍କ ଉତ୍‌ଥାନ ପତନରେ ଖୁବ୍ ସକ୍ରିୟ ପାଲଟି ଯାଆନ୍ତି। ନୋବେଲ ପୁରସ୍କାର ବିଜେତା ଇଂରାଜୀ କବି ଟି.ଏସ୍.ଏଲିୟଟ୍‌ଙ୍କ ନିମ୍ନୋକ୍ତ କବିତାଟି ସମୟର ମହାର୍ଘତାକୁ ସୂଚନା ଦିଏ, ଯାହା ତାଙ୍କର କବିତା ବହି Four Quastet ରେ ଲିପିବଦ୍ଧ ହୋଇଛି।

"Time present and time past / are both perhaps present in time future, / and time future contained in the time past / if all time is eternally present / all time is unredeemable."

'ପ୍ରିୟତମା ଓ ପ୍ରିୟତମ ସହର' 'ବିଭୋର ବସନ୍ତ'ର ଏକ ଗଭୀର ଭାବପୂର୍ଣ୍ଣ କବିତା, ଯେଉଁଠି କବି ସହର ପୋଡ଼ାଜଳାର ଗନ୍ଧରେ ଖୁବ୍ ଅତିଷ୍ଠ, ଯେଉଁଠି ଫୁଲ ବାସ୍ନା ଭୁଲିଗଲାଣି, କବିତା ଛନ୍ଦ ଭୁଲିଗଲାଣି, ଦିନ ଭୁଲି ଗଲାଣି କଳରୋଳ ଏବଂ ରାତି ଭୁଲିଗଲାଣି ଶୃଙ୍ଗାରର ମୋହ। ଏ କବିତାରେ ସାହରିକ ଜୀବନର ବିଲକ୍ଷଣ ଓ ଧୂସର ଚିତ୍ରର ରୂପାୟନ ହୋଇଛି କଳାତ୍ମକ ଭଙ୍ଗୀରେ।

"ଆଜିକାଲି ପୋଡ଼ାଜଳାର ଗନ୍ଧରେ
ତମାମ୍ ସହରର ହୁଲ୍‌ସ୍ଥୁଲ୍।
ଗନ୍ଧ ଭୁଲିଗଲାଣି ଫୁଲ
ଛନ୍ଦ ଭୁଲିଗଲାଣି କବିତା
ଦିନ ଭୁଲିଗଲାଣି କୋଳାହଳ
ରାତ୍ରି ଭୁଲିଗଲାଣି ଶୃଙ୍ଗାର
ଚାରିଆଡ଼େ ଗୁମ୍‌ସୁମ୍ ନୀରବତା
ଓ ଛୁରୀ ଆଗରେ ଚିକ୍‌ମିକ୍ କରେ
ଆମ ନିଷ୍ଠୁ ଆୟୁଷ।" **(ପ୍ରିୟତମା ଓ ପ୍ରିୟତମ ସହ)**

କବି ବସନ୍ତ ମୁଦୁଲି ଥିଲେ ତାଙ୍କ ସମୟଖଣ୍ଡର ଏକ ପ୍ରଚଣ୍ଡ ପ୍ରତିଭାଧର ସୃଜନଶିଳ୍ପୀ। ବେସାଲିସ୍ ମନୋଭାବର ସେ ଥିଲେ ନିଛକ ପ୍ରତିଭୂ ଯିଏ ମୃତ୍ୟୁକୁ ବି ଭୟ ନକରି ଜୀବନର ଚଲାପଥରେ ଅନେକ ବାଧାବିଘ୍ନ ଅତିକ୍ରମ କରିବାର ଅପ୍ରମିତ ସାହସ ସହିତ ଅଗ୍ରସର ହେଉଥିଲେ ନିଜ ଗନ୍ତବ୍ୟ ସ୍ଥଳକୁ ଲକ୍ଷ୍ୟ ପୂରଣ ପାଇଁ। 'ବିଭୋର ବସନ୍ତ' କାବ୍ୟ ସଂକଳନର ଆଦ୍ୟ ଭାଷରେ କବିଙ୍କ ସଂପର୍କରେ ନିମ୍ନୋକ୍ତ କେଇ ଧାଡ଼ି ପାଠକଙ୍କୁ ଅନ୍ୟମନସ୍କ କରିଦେବାର ସାମର୍ଥ୍ୟ ରଖେ। ତାଙ୍କ କାବ୍ୟିକ ଯାତ୍ରାପଥରେ ସେ ଜୀବନର ଦୁଃଖ, କଷ୍ଟ, ଭୋକ, ଶୋଷ ଭୁଲି ନିଜ କର୍ତ୍ତବ୍ୟାଭିମୁଖୀ ହୋଇଛନ୍ତି ଅଦମ୍ୟ ସାହସରେ।

"ଏପଟେ ପାରିବାରିକ ପୀଡ଼ନ / ଆର୍ଥିକ ଦୁଃସ୍ଥିତି ଭିତରେ ଜୀବନକୁ ବହଲାଇ ବଞ୍ଚି ଶିଖିଥିଲେ କବି ବସନ୍ତ / ବାପା ମାଆଙ୍କର ବଡ଼ପୁଅ ହିସାବରେ ଘରର ସବୁ ଦାୟିତ୍ୱ ସେ ତୁଲାଇଛନ୍ତି ନିର୍ଭୁଲ୍ ଭାବେ। ତା ସହିତ ନେଇଛନ୍ତି ବି ପୀଡ଼ିତ ମାନବର କାରୁଣ୍ୟ ଓ ଦୁର୍ଭାଗ୍ୟକୁ କାନ୍ଧେଇବାରେ କାବ୍ୟିକ ସଚେତନତା। ବେଳେବେଳେ ଏମିତି ମୁହୂର୍ତ୍ତ ଆସିଛି ଯେତେବେଳେ ସାରାଦିନ ଗୋଟାଏ ମାତ୍ର ପାଉଁରୁଟିରେ ନିଜର କ୍ଷୁଧା ମେଣ୍ଟାଇଛନ୍ତି। କିନ୍ତୁ ସେ କ୍ଷୁଧା ତାଙ୍କୁ ଦୁଃଖ ଦେଇନାହିଁ। ଦେଇନାହିଁ କବିତାର କଦମ୍ବ ବନରୁ ସନ୍ୟାସୀ ନେବାର ଇଚ୍ଛା।"

କବି ବସନ୍ତ ମୁଦୁଲିଙ୍କ ସମଗ୍ର ଜୀବନ କାଳ ଥିଲା ସଂଘର୍ଷ ଓ ସଂଗ୍ରାମର ଇତିହାସ। ତାଙ୍କ କବିତାର ସ୍ପନ୍ଦିତ ଉଚ୍ଚାରଣ ତଥା ବାସ୍ତବବାଦୀ ଜୀବନର ଧୂସର ଚିତ୍ରପଟ ଓ ଅଭାବଗ୍ରସ୍ତ ଆୟୁଷ୍କାଳର ପ୍ରଚଣ୍ଡ ଦାରିଦ୍ର୍ୟ ପାଠକମାନଙ୍କୁ ସମ୍ବେଦନା ଓ ପ୍ରେରଣା ଯୋଗାଇବ ଆଗାମୀ ଦିନମାନଙ୍କରେ। ବସନ୍ତଙ୍କ କବିତା ରୋମାଣ୍ଟିକ ଯୁଗର ଇଂରାଜୀ କବି ୱାର୍ଡ଼ସୱାର୍ଥ (Words Worth)ଙ୍କ ପରି 'ମାନବାତ୍ମାର ନିସ୍ପନ୍ଦ କରୁଣ ସଙ୍ଗୀତ। "Still sad music of humanity'' ତାଙ୍କ କବିତାର ଗଭୀର ମାନବିକ ମୂଲ୍ୟବୋଧ, ଜୀବନର ଦୁଃଖ ଦାରିଦ୍ର୍ୟ ପ୍ରତି ଅପ୍ରମିତ ଆକୁଳତା ଏବଂ ପୀଡ଼ିତ ଆତ୍ମା ପ୍ରତି ସଦୟ ଭାବ ତାଙ୍କ ସଂଘର୍ଷଶୀଳ ଜୀବନର ଦସ୍ତାବିଜ୍ ହୋଇ ରହିବ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଭ୍ରମଣ କାହାଣୀ-୧



# ସୀମାନ୍ତର ଶେଷ ଗାଁ

## ନାଗାଲାଣ୍ଡର ମୁଣ୍ଡଶିକାରୀଙ୍କ ଗାଁରେ ଦିନେ


**ପ୍ରଫେସର ଦାଶରଥି ଭୂୟାଁ**

ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ଲୁମାମୀ, ଜିଲ୍ଲା-ଜୁନ୍‌ହେବୋଟୋ
ନାଗାଲାଣ୍ଡ-୭୯୮୬୨୭


ଫଟୋ ସୌଜନ୍ୟ : ଲେଖକ



▲ଲେଖକ ପ୍ରଫେସର ଦାଶରଥି ଭୂୟାଁ

ବଞ୍ଚିଥିବା ଚିତାକୁଟା-ମୁଣ୍ଡ ଶିକାରୀ (ଟାଟୁ-ହେଡ୍‌ହଣ୍ଟର୍ସ) ଏବଂ ଯୋଦ୍ଧାମାନଙ୍କୁ ଭେଟିବା ପାଇଁ ଆମେ ବାହାରିଥିଲୁ ଭାରତ-ମିଆଁମାର୍ ସୀମାରେ ଅବସ୍ଥିତ ଲଙ୍ଗ୍‌ୱା ଗାଁକୁ । ନାଗାଲାଣ୍ଡର ଟାଟୁ-ମୁଣ୍ଡଶିକାରୀଙ୍କ ଭୂମିକୁ ଯାତ୍ରା କରିବା ଏବଂ ତାଙ୍କୁ ଦର୍ଶନ କରିବା ପାଇଁ ଆମକୁ ଏକ କଠିନ ପାହାଡିଆ ରାସ୍ତା ଦେଇ ମୋନ ଜିଲ୍ଲାରେ ପହଂଚିବାକୁ ପଡିଥିଲା । ଭାରତ-ମିଆଁମାର୍ ସୀମାରେ ଅବସ୍ଥିତ ଥିବାରୁ ଗାଁରେ ଉଭୟ ଦେଶର ସେନା ଉପସ୍ଥିତି ଥିଲେ । ମିଆଁମାର୍ ପାର୍ଶ୍ୱରେ ଗୁଇନ୍ଦା ବାହିନୀର କ୍ୟାମ୍ପ୍ ଅଛି ଏବଂ ଏହା ଏକ ସମ୍ବେଦନଶୀଳ ଅଞ୍ଚଳ ଅଟେ । ତେଣୁ ଏହି ଅଜ୍ଞାତ ସ୍ଥାନରେ ଏକାକୀ ବୁଲିବା ପାଇଁ ମନରେ ଭୟ ଥାଏ । କିନ୍ତୁ ସାଙ୍ଗରେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଜାରେନଥୁଙ୍ଗ ଏଯୁଙ୍ଗ ଥିବା କାରଣରୁ ମୋର ଭୟ କୁଆଡେ ଉଭେଇ ଯାଇଥିଲା ।



ଯିବା ରାସ୍ତାରେ ମୋତେ କେତେକ ପ୍ରାକ୍‌ସୂଚନା ପ୍ରଦାନ କରିଥିଲେ ପ୍ରଫେସର ଜାରେନଥୁଙ୍ଗ । ରାଜା (ଆଙ୍ଗ)ଙ୍କୁ ଭେଟିବା ପରେ ତାଙ୍କୁ ଉପହାର ଦେବାକୁ ହୁଏ । ସ୍ଥାନୀୟ କଳାକୃତି ବିକ୍ରେତାମାନଙ୍କ ସହିତ ମୂଲଚାଲ ନକରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ସେମାନେ କାଠମୂର୍ତ୍ତି, ପିତ୍ତଳ କଳାକୃତି ଏବଂ ଅଳଙ୍କାର ପାଇଁ ନିର୍ଦ୍ଧାରିତ ପାରିଶ୍ରମିକ ମୂଲ୍ୟରୁ ଅଧିକ ନେବେ ନାହିଁ । ସେମାନେ ଉତ୍କୃଷ୍ଟ ୟାଙ୍ଗଲାଉ ମୁଖା ଏବଂ କାଠ ମୂର୍ତ୍ତି ତିଆରି ପାଇଁ ଜଣାଶୁଣା । କୋନ୍ୟାକମାନେ ବନ୍ଧୁକ ଉତ୍ପାଦନ କ୍ଷେତ୍ରରେ ବିଶେଷଜ୍ଞ ଅଟନ୍ତି । ବାଉଁଶ ଏବଂ ପିତ୍ତଳ କାର୍ଯ୍ୟ ସହିତ ହସ୍ତତନ୍ତରେ ମଧ୍ୟ ସେମାନେ ଉତ୍କୃଷ୍ଟ ଅଟନ୍ତି ।

ଲଙ୍ଗ୍‌ୱା ଗ୍ରାମକୁ ପରିବହନ ସୀମିତ ଏବଂ ସପ୍ତାହର ଶେଷ ଦିନରେ (ରବିବାର ଦିନ ) ପରିବହନ ଉପଲବ୍ଧ ନୁହେଁ । ସଡକ ପଥରେ ଯିବା ବେଳେ ଯଦି କାଦୁଅ, ଗୋଡି, ମାଟି, କିମ୍ବା ପଥର ପାହାଡ଼ରୁ ଧସି ଆସେ ତେବେ ରାସ୍ତା ଅବରୋଧ ହେବାର ସମ୍ଭାବନା ଅଧିକ ଅଟେ । ଏହି ସ୍ଥିତିରେ ପର୍ଯ୍ୟଟକଙ୍କୁ ଫେରି ଆସିବାକୁ ହେବ କିମ୍ବା ରାସ୍ତାସଫା ହେବା ପର୍ଯ୍ୟନ୍ତ ସେଠାରେ ଅଟକି ରହିବାକୁ ପଡ଼ିବ । ସୌଭାଗ୍ୟକୁ ସେମିତି କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ନହୋଇ ଆମେ ସୁଉଚ୍ଚ ପାର୍ବତ୍ୟର ଅସ୍ୱଚ୍ଛ କାଦୁଅ ରାସ୍ତା ଦେଇ ପହଂଚିଥିଲୁ ଲଙ୍ଗ୍‌ୱାରେ ବଞ୍ଚିଥିବା ଶେଷ ଟାଟୁ-ହେଡ୍‌ହଣ୍ଟର୍ସମାନଙ୍କ ଗ୍ରାମରେ ।

ଲଙ୍ଗ୍‌ୱା ଗାଁରେ ବଞ୍ଚିଥିବା ଅବଶିଷ୍ଟ ମୁଣ୍ଡ ଶିକାରୀମାନଙ୍କ ମଧ୍ୟରୁ ଜଣଙ୍କୁ ଆମେ ଭେଟିଲୁ । ସେ ପ୍ରାୟ ୯୫ ବର୍ଷ ବୟସର ଥିଲେ । ପ୍ରକୃତରେ ସେ ମୁଣ୍ଡ ଶିକାର କରିନଥିଲେ, କିନ୍ତୁ ଯୁବକ ବୟସରେ ସେ ଯୋଦ୍ଧାଙ୍କ ସହ ଯୁଦ୍ଧ ପାଇଁ ଯାଇଥିଲେ । ଏହି ଭୟଙ୍କର ଜନଜାତିର, ସେଇ ଯୋଦ୍ଧାମାନଙ୍କ ବୃଦ୍ଧଚର୍ମ ତଳେ କୁଞ୍ଚିତ ଚେହେରା ଏବଂ ଶରୀରର ଟାଟୁ ମାଧ୍ୟମରେ ବୀରତାର ଲକ୍ଷଣ ଦେଖିଲୁ । ସେମାନେ ନିଜ ବେକକୁ ପାରମ୍ପରିକ ହାର ଏବଂ କୃତ୍ରିମ କଟାମୁଣ୍ଡରେ ସଜାଇ ଥିଲେ । ସେ ତାଙ୍କର ପାରମ୍ପରିକ ପୋଷାକ ପିନ୍ଧିଥିଲେ, ବରାହ କିମ୍ବା ହରିଣ ଶିଙ୍ଗ ତାଙ୍କ କାନରେ ଫୋଡା ହୋଇଥିଲା । ବରାହ କେଶରେ ସଜ୍ଜିତ ଟୋପି ପିନ୍ଧିଥିଲେ । ଟୋପିରେ ପଶୁ ସିଙ୍ଗ ଲାଗିଥିଲା ଏବଂ ହାତରେ ପାରମ୍ପରିକ ବର୍ଚ୍ଛା ଥିଲା । ତାଙ୍କ ଗୃହର କଳା ବାଉଁଶ କାନ୍ଥରେ ବନ୍ଧୁକ ସଜା ଯାଇଥିଲା । କୋନ୍ୟାକଙ୍କ ଦ୍ୱାରା ପରିଚାଳିତ ନାଗା ପାହାଡରେ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ମୁଣ୍ଡଶିକାରରର ନିଷ୍ଠୁର ପ୍ରଥା ଜାରି ରହିଥିଲା । ଅତୀତରେ, ସେମାନେ ନିକଟସ୍ଥ ଗ୍ରାମଗୁଡିକ ଉପରେ ଆକ୍ରମଣ କରିବା ପାଇଁ କୁଖ୍ୟାତ ଥିଲେ, ଯାହା ଫଳରେ ଅନେକ ସମୟରେ ବିରୋଧୀ ଯୋଦ୍ଧାମାନଙ୍କୁ ହତ୍ୟା କରାଯାଇଥିଲା । କଟି ଯାଇଥିବା ମୁଣ୍ଡଗୁଡିକ ଟ୍ରଫି ଭାବରେ ନିଆ ଯାଉଥିଲା । ସାଧାରଣତଃ 'ବାନ୍' (ସାମ୍ପ୍ରଦାୟ ଘର)ରେ ସେଇ ମୁଣ୍ଡଗୁଡିକୁ ଟଙ୍ଗା ଯାଉଥିଲା । ଶିକାର ହୋଇଥିବା ମୁଣ୍ଡର ସଂଖ୍ୟା ଅନୁସାରେ ଜଣେ ଯୋଦ୍ଧାଙ୍କର ଶକ୍ତି ସୂଚାଉଥିଲା । ମୁଣ୍ଡଶିକାର ଅଭିଯାନ ପ୍ରାୟତଃ ସମ୍ମାନର ସଂକେତ ଭାବେ ବିଶ୍ୱାସ କରାଯାଉଥିଲା । ଯୁଦ୍ଧ କରିବା, ମଣିଷର ମୁଣ୍ଡ କାଟିବା ଏବଂ ମୁହଁ, ହାତ, ଗୋଡ, ପିଠି ଏବଂ ଛାତିରେ ଚିତା କୁଟିବାର ଯନ୍ତ୍ରଣା ଦେଇ ଏହି ବୀରତ୍ୱ ପ୍ରଥା ଗତି କରେ । ଖଜୁରୀ କଣ୍ଟା ଦ୍ୱାରା ଶରୀରକୁ ବିଦ୍ଧ କରାଯାଇ ଏକ ନିର୍ଦ୍ଦିଷ୍ଟ ଗଛର ରସରେ ପ୍ରସ୍ତୁତ କାଳିରେ ସେମାନେ ନିଜ ଶରୀର ଚିତା ଖୁଣ୍ଟାଇ ଥାଆନ୍ତି । ଟାଟୁ ହେଉଛି ଶରୀର ଚର୍ମରେ ବୃକ୍ଷ ରସରୁ ପ୍ରସ୍ତୁତ କାଳିଦ୍ୱାରା ଚିତା କୁଟେଇବା ପରମ୍ପରା । ବିଭିନ୍ନ ଗୋଷ୍ଠୀ ଏବଂ ଶ୍ରେଣୀକୁ ପରସ୍ପର ଠାରୁ ପୃଥକ କରିବାରେ ଟାଟୁଗୁଡ଼ିକ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଟାଟୁଗୁଡ଼ିକ ମଧ୍ୟ ବ୍ୟକ୍ତିର ପରିଚୟକୁ ଚିହ୍ନିତ କରେ । ବିଭିନ୍ନ ଗୋଷ୍ଠୀର ଭିନ୍ନ ଭିନ୍ନ ଟାଟୁ ଥିଲା । ଯୋଦ୍ଧା ଏବଂ ସାଧାରଣ ବ୍ୟକ୍ତିଙ୍କ ପାଇଁ ଟାଟୁ ଭିନ୍ନ ଥିଲା । ଲୋକଙ୍କ ସ୍ଥିତି, ଅବସ୍ଥା, ଲିଙ୍ଗ, ସଫଳତା ଇତ୍ୟାଦି ଦର୍ଶାଇବା ପାଇଁ ବିଭିନ୍ନ ଟାଟୁ ବ୍ୟବହାର କରାଯାଉଥିଲା । ବିବାହିତ, ଅବିବାହିତ ମହିଳାଙ୍କ ପାଇଁ ଭିନ୍ନ ଟାଟୁ ଥିଲା । ବିବାହିତ ମହିଳାଙ୍କ ଭିନ୍ନ ଧରଣର ଟାଟୁକୁ ଦେଖି ଅନ୍ୟ ପୁରୁଷ ତାଙ୍କୁ ଆଉ ବିବାହ ପ୍ରସ୍ତାବ ଦେଉ ନଥିଲେ ସେମାନଙ୍କର ଟାଟୁଗୁଡ଼ିକ ସେମାନଙ୍କର ସମଗ୍ର ଜୀବନକାଳର ଏକ ଚିତ୍ର, ଯାହା ସେମାନଙ୍କର ବୀରତ୍ୱର ମହିମାକୁ ସୂଚିତ କରେ । ସେମାନଙ୍କ ଶରୀରରେ ଥିବା ପ୍ରତ୍ୟେକ ଟାଟୁ ଜଣେ ଯୋଦ୍ଧା ଭାବରେ ସେମାନଙ୍କର କାର୍ଯ୍ୟଗୁଡ଼ିକର କାହାଣୀ କହିଥାଏ । ପ୍ରତ୍ୟେକ ଯୁଦ୍ଧ ପରେ, ଜଣେ କୋନ୍ୟାକ ଯୋଦ୍ଧା ସେମାନଙ୍କ ବିଜୟର ଚିତ୍ର ପାଇଁ ଟାଟୁ ଗ୍ରହଣ କରିଥିଲେ । କୌତୁହଳର ବିଷୟ ଯେ ଅସାଧାରଣ ଓ ଭୟଙ୍କର ମୁଖ ଟାଟୁ ସବୁଠୁ ବଳଶାଳୀ ଯୋଦ୍ଧାମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା ।






ମୁଣ୍ଡକାଟିବା ପଛରେ ମୌଳିକ ବିଶ୍ୱାସ ଥିଲା ଯେ ଏହା ସେମାନଙ୍କ ଫସଲର ଉର୍ବରତା ବୃଦ୍ଧି କରିପାରିବ ଏବଂ ସେମାନଙ୍କ ପାଇଁ ସମୃଦ୍ଧି ଓ ସମ୍ମାନ ଆଣିବ । ତେବେ ବ୍ରିଟିଶ ପ୍ରଶାସନ ସମୟରେ ମୁଣ୍ଡ କାଟିବା ପ୍ରଥା ବନ୍ଦ ହେବା ଆରମ୍ଭ ହେଲା । ବ୍ରିଟିଶମାନେ ଆସାମର ଚା' ବଗିଚାକୁ ଅକ୍ତିଆର କଲା ପରେ ୧୮୭୦ ଦଶକରେ ନାଗାଭୂମିକୁ ମିଶନାରୀ ପଠାଇ ଲୋକମାନଙ୍କୁ ପାଶ୍ଚାତ୍ୟ ସଭ୍ୟତାର ମାନଦଣ୍ଡରେ ପରିଣତ କରିଥିଲେ । ଶିକ୍ଷା, ଖାଦ୍ୟ ଏବଂ ଆଶ୍ରୟ ବଦଳରେ ଅନେକ ନାଗା ଜନଜାତି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ ପରେ ବିଂଶ ଶତାବ୍ଦୀରେ କୋନ୍ୟାକଙ୍କ ଟାଟୁ କରିବା ଓ ମୁଣ୍ଡ ଶିକାର ପ୍ରଥା ଶେଷ ହୋଇଥିଲା । ୧୯୬୯ ମସିହାରେ ମୁଣ୍ଡ ଶିକାରର ଶେଷ ମାମଲା ରିପୋର୍ଟ କରାଯାଇଥିଲା । ସରକାରଙ୍କ ନିଷେଧାଦେଶ ପରେ ଗ୍ରାମରେ ପ୍ରଦର୍ଶିତ ହୋଇଥିବା ବହୁ ସଂଖ୍ୟକ ଖପୁରୀକୁ ଭଲରେ ପୋତି ଦିଆ ଯାଇଥିଲା । ଆମେ ସେଇ ଯୋଦ୍ଧାଙ୍କ ଘରେ 'ଖାଲାପ' ଉପଭୋଗ କଲୁ, ଏହା ହେଉଛି ଏକ ପ୍ରକାର ଚା' ଓ ଚା' କେଟଲ୍‌କୁ ସବୁବେଳେ ଚୁଲି ପାଖରେ ରଖା ଯାଇଥାଏ ଏବଂ କିଛି କାମ ନଥିଲେ ତାର ଚାରିପାଖରେ ପରିବାରର ଲୋକେ ବସନ୍ତି । ଚୁଲି ଉପରେ ଏକ ଭାଡ଼ି ବା ମଞ୍ଚା ଥାଏ । ସେଥିରେ ପୋକ ନକାଟିବା ପାଇଁ ବାଉଁଶର ସରଞ୍ଜାମ ଏବଂ ମାଛ-ମାଂସକୁ ବର୍ଷ ବର୍ଷ ଧରି ସଂରକ୍ଷଣ କରି ରଖାଯାଏ । କିଛି ସମୟ ଅତିବାହିତ କଲା ପରେ ଆମେ ଚୁଲି ପାଖକୁ ଯାଇ ବସିଲୁ ଏବଂ ଖଲାପ ଉପଭୋଗ କଲୁ ।

## ଆଙ୍ଗ ବା ରାଜା

ଆଙ୍ଗ (ରାଜା) ପ୍ରଥା ହେଉଛି କୋନ୍ୟାକ ପରମ୍ପରାର ଏକ ଭିନ୍ନ ଦିଗ । କୋନ୍ୟାକଙ୍କ ମଧ୍ୟରେ ଦୁଇ ପ୍ରକାରର ଆଙ୍ଗ ଅଛି: ପଙ୍ଗିନ୍ ଆଙ୍ଗ /ଅନଗତାକ ଅଙ୍ଗୋଙ୍ଗ (ମହାନ ରାଜା/ବଡ ରାଜା ) ଏବଂ ଆଙ୍ଗ (ଛୋଟ ରାଜା) । ଏକ ଗାଁରେ ଏକ ଆଙ୍ଗ ନିଯୁକ୍ତ କରାଯାଏ, ଯେଉଁଠାରେ ପଙ୍ଗିନ୍ ଆଙ୍ଗ ନାହିଁ । ପଙ୍ଗିନ୍ ଆଙ୍ଗ, ଯାହାର ପରିବାରରୁ ଆଙ୍ଗ ନିଯୁକ୍ତ, ସେ ଏପରି ଏକ ଗ୍ରାମକୁ ତାଙ୍କର ପ୍ରଜାଗ୍ରାମ କରନ୍ତି । ମୋନ ଜିଲ୍ଲା ସାତୋଟି 'ମୁଖ୍ୟ ଆଙ୍ଗ'ରେ ବିଭକ୍ତ, ଯଥା- ମୋନ, ଚୁଇ, ଶେଙ୍ଗା ଚିଙ୍ଗନିୟୁ, ଲଙ୍ଗୱା, ଶ୍ୟାଙ୍ଗନୁ, ଜାବୋକା ଏବଂ ଟାଙ୍ଗନିୟୁ । ଏହି ଗ୍ରାମଗୁଡ଼ିକ ମୁଖ୍ୟ ଆଙ୍ଗମାନେ ଦାୟିତ୍ୱରେ ଅଛନ୍ତି । ଏହି ଗ୍ରାମଗୁଡ଼ିକ ମଧ୍ୟରୁ କେତେକ ଅରୁଣାଚଳ ପ୍ରଦେଶ ଏବଂ ମିଆଁମାର୍‌ରେ ଅଛି, ତଥାପି ମୋନ ଜିଲ୍ଲାର ବାକି ଗ୍ରାମଗୁଡ଼ିକ ସହିତ ସେମାନଙ୍କର ପାରମ୍ପରିକ ସମ୍ପର୍କ ରହିଛି । ମୋନ ଜିଲ୍ଲା ମଧ୍ୟରେ ଥିବା ସାତଟି ଆଙ୍ଗ ମଧ୍ୟରୁ ଲଙ୍ଗ୍ୱା ଆଙ୍ଗ ଅନ୍ୟତମ । ଆଙ୍ଗମାନେ ଅନେକ ଛୋଟ ଗାଁ ଉପରେ ନିୟନ୍ତ୍ରଣ କରନ୍ତି, ଯେଉଁମାନଙ୍କ ମଧ୍ୟରୁ କେତେକ ମୋନ, ଅରୁଣାଚଳ ପ୍ରଦେଶ ଏବଂ ମିଆଁମାର୍‌ରେ ଅବସ୍ଥିତ । ଏହି ସମସ୍ତ ଅଂଚଳ ସହିତ ସେମାନଙ୍କର ପାରମ୍ପାରିକ ଏବଂ ସାଂସ୍କୃତିକ ସମ୍ପର୍କ ଅଛି । ମୋନ ଜିଲ୍ଲା ମଧ୍ୟରେ ଥିବା ସାତଟି ଆଙ୍ଗ ମଧ୍ୟରୁ ଲଙ୍ଗ୍ୱା ଆଙ୍ଗ୍ ଅନ୍ୟତମ ।

ଆମେ ରାଜାଙ୍କ ଘରେ ପହଞ୍ଚିବା ପରେ, ରାଜା ଓ ମୁଖ୍ୟରାଣୀ ଆମକୁ ସ୍ୱାଗତ କରିଥିଲେ । ପ୍ରଫେସର ଏୟୁଙ୍ଗ ରାଜାଙ୍କ ସହ ମୋତେ ପରିଚିତ କରାଇଲେ । ରାଜାଙ୍କ ବେକରେ କୃତ୍ରିମ ମୁଣ୍ଡମାଳ ସଜ୍ଜିତ ଥିଲା । ରାଜା ଏକ ବଡ଼ ଓ ଲମ୍ବା ଗୃହରେ ବାସ କରନ୍ତି । ତାଙ୍କ ଘରଟି ସୁନ୍ଦର କାଠ ନିର୍ମିତ ପଶୁ



Ohm

PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com




ଓ କୃତ୍ରିମ ମନୁଷ୍ୟ ଖପୁରୀରେ ସଜ୍ଜିତ ଥିଲା । ସେମାନେ ଯେତେ ଅଧିକ ନୀଳ ରଙ୍ଗର ପୋଷାକ ପିନ୍ଧନ୍ତି, ସେମାନେ ସମାଜରେ ଅଧିକ ଶକ୍ତିଶାଳୀ ଏବଂ ସମ୍ମାନିତ ହୁଅନ୍ତି ବୋଲି ଧାରଣା ଅଛି । କୋନ୍ୟାକ କାରିଗରଙ୍କ ଦ୍ୱାରା କାଠ ଉପରେ ଖୋଦିତ କାରୁକାର୍ଯ୍ୟ କୋନ୍ୟାକ ଜନଜାତିର କାହାଣୀ ଏବଂ ପରମ୍ପରାକୁ ପ୍ରତିଫଳିତ କରୁଥାଏ । ବହୁ ବର୍ଷ ଧରି ଖୋଲାରେ ଟଙ୍ଗା ଯାଇଥିବା କାରଣରୁ ତାହା କଳା ପଡିଯାଇଥିଲା । ରାଜା ୭୦ ରୁ ଅଧିକ ଗାଁ ଶାସନ କରୁଛନ୍ତି । ପୁରୁଣା ଭୌଗୋଳିକ ସୀମା ଅନୁଯାୟୀ ରାଜାଙ୍କ ଘର ଭାରତ ଏବଂ ମିଆଁମାର୍ ସୀମାରେ ଅଛି । ଘରର ବାମ ପାର୍ଶ୍ୱ ଭାରତ ଏବଂ ଡାହାଣ ପାର୍ଶ୍ୱରେ ମିଆଁମାର୍‌ରେ ପଡେ । ତେଣୁ ଲଙ୍ଗ୍‌ୱା ରାଜା ପ୍ରତିଦିନ ଭାରତରେ ଖାଆନ୍ତି ଏବଂ ମିଆଁମାର୍‌ରେ ଶୋଇଥାନ୍ତି । ଆମେ ରାଜାଙ୍କ ଘରେ ମିଆଁମାର୍ ଏବଂ ଭାରତରେ ଏକ ସମୟରେ ବସିବାର ଅନୁଭବ କଲୁ । ମିଆଁମାର୍ ପାର୍ଶ୍ୱରେ ପ୍ରାୟ ସତେଇଶ କୋନ୍ୟାକ ଗ୍ରାମ ଅଛି । ଏହି ଗ୍ରାମ ମୋନ ଜିଲ୍ଲାରେ ଅବସ୍ଥିତ ଏବଂ ମୁଖ୍ୟ ମୋନ ସହର ଠାରୁ ୪୨ କିଲୋମିଟର ଦୂରରେ । ଏଠାରେ ଅନେକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ ମଧ୍ୟ ଅଛି । ଗ୍ରାମ ପରିଷଦ ସହାୟତାରେ ଆଙ୍ଗମାନେ ଗ୍ରାମ ପ୍ରଶାସନର ପରିଚାଳନା କରନ୍ତି ।

## ଦ୍ୱୈତ ନାଗରିକତ୍ୱର ଗାଁ ଲଙ୍ଗ୍‌ୱା

ଲଙ୍ଗ୍‌ୱା ଗ୍ରାମର ଲୋକମାନେ ଦ୍ୱୈତ ନାଗରିକତା ଉପଭୋଗ କରନ୍ତି । ସୀମାନ୍ତର ଉଭୟ ପାର୍ଶ୍ୱରେ ମୁକ୍ତ ଭାବରେ ବୁଲିବା ପାଇଁ ଗ୍ରାମବାସୀଙ୍କୁ ଭିସା ଦରକାର ନାହିଁ । ଏପରିକି, କିଛି ପରିବାରର ରୋଷେଇ ଘର ମିଆଁମାର୍‌ରେ ଏବଂ ଶୋଇବା ଘର ଅଛି ଭାରତରେ । ଏହି ଗାଁର କିଛି ଯୁବକ ମଧ୍ୟ ମିଆଁମାର୍ ସେନାରେ ନାମ ଲେଖାଇଛନ୍ତି । ଲଙ୍ଗ୍‌ୱା ଦେଇ ଭାରତ ଏବଂ ମିଆଁମାର୍ ମଧ୍ୟରେ ଏକ ସୁସ୍ଥ ବାଣିଜ୍ୟିକ ସମ୍ପର୍କ ରହିଛି । ମିଆଁମାର୍ ସୀମାରେ ଥିବାରୁ ଏହି ଗାଁ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ।

## କୋନ୍ୟାକ ଜନଜାତି

କୋନ୍ୟାକ ହେଉଛି ଏକ ପ୍ରମୁଖ ତିବତ-ବର୍ମା ନାଗାଜାତି ଯାହାକି ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ନାଗାଲାଣ୍ଡର ମୂଳ ଅଧିବାସୀ ଅଟନ୍ତି । କୋନ୍ୟାକ ଜନଜାତିର ଲୋକମାନେ ନାଗାଲାଣ୍ଡର ମୋନ ଜିଲ୍ଲାରେ ବାସ କରନ୍ତି, ଯାହାକୁ ଆଙ୍ଗସ୍ ଲ୍ୟାଣ୍ଡ ମଧ୍ୟ କୁହାଯାଏ । ଆଙ୍ଗସ୍ / ୱାଙ୍ଗସ୍ ସେମାନଙ୍କର ପାରମ୍ପରିକ ମୁଖିଆ ଯାହାକୁ ସେମାନେ ଉଚ୍ଚ ସମ୍ମାନ କରନ୍ତି । ଏହି ଜନଜାତି ଅରୁଣାଚଳ ପ୍ରଦେଶର ତିରାପ, ଲଙ୍ଗଡିଙ୍ଗ ଏବଂ ଚାଙ୍ଗଲାଙ୍ଗ ଜିଲ୍ଲାରେ ମଧ୍ୟ ବାସ କରନ୍ତି ଯେଉଁଠାରେ ସେମାନେ 'ୱାନଚୋ'ନାମରେ ପରିଚିତ ଓ ଆସାମର ଶିବସାଗର ଜିଲ୍ଲା ତଥା ପଡୋଶୀ ମିଆଁମାର୍‌ର ନାଗା ସ୍ୱୟଂଶାସିତ ଜୋନରେ ସେମାନଙ୍କୁ ଦେଖିବାକୁ ମିଳେ । ନାଗାଲାଣ୍ଡରେ ଥିବା ୧୭ ଟି ଜନଜାତି ମଧ୍ୟରୁ କୋନ୍ୟାକ ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ବଡ ଅଟେ । ଅନ୍ୟ ନାଗା ଜନଜାତିଙ୍କ ପରି ସେମାନେ ମୁଖ୍ୟତଃ କୃଷି ଏବଂ ପଶୁ ପାଳକ ଅଟନ୍ତି । ଶିକାର କରିବା ମଧ୍ୟ ସେମାନଙ୍କର ସଂସ୍କୃତିର ଏକ ଅତ୍ୟାବଶ୍ୟକ ଅଂଶ । ସେମାନେ ଜଙ୍ଗଲପୋଡ଼ି ଟେରାସ୍ କିମ୍ବା ଷ୍ଟେପ୍ ପ୍ରଣାଳୀରେ ଚାଷ କରନ୍ତି । ଧାନ, ୟାମ୍ (ସାରୁ), ଆଳୁ, ଏବଂ ପତ୍ରଯୁକ୍ତ ପନିପରିବା ଚାଷ କରନ୍ତି । ଲୁହା ତରଳାଇବା, ପିତ୍ତଳ କାର୍ଯ୍ୟ, ବାଉଁଶ କାର୍ଯ୍ୟ, କାଷ୍ଠ ଖୋଦନ ପାଇଁ ମଧ୍ୟ ସେମାନେ ଜଣାଶୁଣା ।

## ବନ୍ଧୁକ ପାଇଁ ବାରୁଦ ପ୍ରସ୍ତୁତି

ଏକ ଗାଁର ସଦସ୍ୟମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମାସ ମାସ ଧରି ପରିସ୍ରା କରିବାକୁ କୁହାଯାଉ ଥିଲା । ପରିସ୍ରାରେ ପୋଟାସିୟମ୍ ନାଇଟ୍ରେଟ୍ ଏବଂ ସଲଫର୍ ଥାଏ । ପରେ ପରିସ୍ରା ସମୃଦ୍ଧ ମାଟିକୁ ପାଣିରେ ଫୁଟାଯାଏ । ଫୁଟିବା ପରେ ଏକ କଳା ଅବଶିଷ୍ଟ ଜଳ ଉପରେ ଭାସେ । ସେହି ଭାସମାନ ଅବଶିଷ୍ଟକୁ ସଂଗୃହୀତ କରାଯାଇ ଶୁଖା ଯାଏ ଏବଂ ଅଙ୍ଗାର ସହିତ ମିଶ୍ରିତ ହୋଇ ବନ୍ଧୁକ ପାଉଡର ବା ବାରୁଦରେ ପରିଣତ ହୁଏ ।

## ମୋରୁଙ୍ଗ ପରମ୍ପରା

ଏହି ଜନଜାତି ଅନୁସରଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା ହେଉଛି ମୋରୁଙ୍ଗ ଅନୁଷ୍ଠାନ । ମୋରୁଙ୍ଗ ହେଉଛି ଏକ ପ୍ରକାର ସମ୍ପ୍ରଦାୟ/ସମୁଦାୟିକ କେନ୍ଦ୍ର, ଯେଉଁଠାରେ ଅବିବାହିତ କୋନ୍ୟାକ ପୁରୁଷମାନେ ସେମାନଙ୍କ ଜନଜାତିର ସଂସ୍କୃତି ଏବଂ ରୀତିନୀତି ବିଷୟରେ ଜାଣିବା ପାଇଁ ଏକତ୍ରିତ ହୁଅନ୍ତି । ସାଧାରଣତଃ ଗାଁର ବୟୋଜ୍ୟେଷ୍ଠମାନେ ଯୁବକମାନଙ୍କୁ ପାରମ୍ପରିକ ରୀତିନୀତି, ଲୋକ ସଂଗୀତ, କାଠ ଖୋଦନ ଏବଂ ବାଉଁଶ ବୁଣା ଇତ୍ୟାଦି ବିଷୟରେ ଶିକ୍ଷା ଦିଅନ୍ତି । ଅତୀତରେ, ଯୁବକମାନେ ପଶୁଶିକାର କରିବାର କୌଶଳ ଶିଖିବା ସହିତ ମୋରୁଙ୍ଗ ଭିତରେ ପଶୁମୁଣ୍ଡ ମଧ୍ୟ ରଖୁଥିଲେ । ସାଧାରଣତଃ ମୋରୁଙ୍ଗ ଗାଁର ଅବସ୍ଥିତ ଏକ ପାହାଡ ଉପରେ ଶୀର୍ଷ ସ୍ଥାନରେ ଥାଏ, ଯେଉଁଠି ଶତ୍ରୁମାନଙ୍କ ଗତିବିଧି ଉପରେ ନଜର ରଖାଯାଏ । ବାଉଁଶ ଏବଂ ଶୁଖିଲା ଖଜୁରୀ ପତ୍ରରେ ନିର୍ମିତ, ମୋରୁଙ୍ଗର ଆକାର ଏକ ନିର୍ଦ୍ଦିଷ୍ଟ ଗାଁର

ଘର ସଂଖ୍ୟା ଉପରେ ନିର୍ଭର କରେ । ଏହା ଚିତ୍ତାକର୍ଷକ କାଠ ଖୋଦନ ସହିତ ମିଥୁନ୍ ଏବଂ ହର୍ନବିଲର ଖପୁରୀ ସହିତ ସଜା ଯାଇଥାଏ । ଏହାପୂର୍ବରୁ, ମଣିଷର ଖପୁରୀ ମଧ୍ୟ ବାହାରେ ଟଙ୍ଗା ଯାଉଥିଲା ଏବଂ ସେମାନଙ୍କ ସଂଖ୍ୟା ମୋରୁଙ୍ଗର ଶକ୍ତି ସୂଚାଇଥାଏ । ଆଉଲେଙ୍ଗ ଫେଷ୍ଟିଭାଲ୍ ସମୟରେ ମୋରୁଙ୍ଗକୁ ସଜାଯାଇଥାଏ ।




## କୋନ୍ୟାକ ସଂସ୍କୃତିରେ ମିଥୁନ ଏବଂ ହର୍ନବିଲ୍‌ର ମହତ୍ତ୍ୱ

ମିଥୁନ୍ ହେଉଛି ଘରୋଇ ଗୋରୁ । ନାଗାଲାଣ୍ଡ ସଂସ୍କୃତିରେ ମିଥୁନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏହା ନାଗାଲାଣ୍ଡର ରାଜ୍ୟ ପଶୁ ଅଟେ । ଯେଉଁଭଳି ନାଗା ଲୋକମାନେ ହର୍ନବିଲ୍ ପକ୍ଷୀକୁ ଉଚ୍ଚ ସମ୍ମାନ ସହିତ ଗ୍ରହଣ କରନ୍ତି ସେହିଭଳି କୋନ୍ୟାକ ମାନେ ମିଥୁନକୁ ଧନ ଓ ସମୃଦ୍ଧିର ପ୍ରତୀକ ଭାବରେ ସମ୍ମାନ କରନ୍ତି । ବାହାଘର ଭଳି ଉତ୍ସବରେ ମିଥୁନ ମାଂସର ଭୋଜି ହୋଇଥାଏ । ସେମାନେ ନିଜ ଘରର ବାହ୍ୟକୁ ମିଥୁନ ଶିଙ୍ଗ ବା ଖପୁରୀ ସହିତ ସଜାନ୍ତି ଏବଂ ସେମାନଙ୍କର ସଂଖ୍ୟା ଘରର ମୁଖ୍ୟଙ୍କ ସାମାଜିକ ସ୍ଥିତିକୁ ସୂଚିତ କରେ । ନାଗାଲାଣ୍ଡର ସବୁଠାରୁ ଲୋକପ୍ରିୟ ଆଦିବାସୀ ମହୋତ୍ସବକୁ ହର୍ନବିଲ୍ ପକ୍ଷୀ ନାମରେ ନାମିତ କରାଯାଇଛି । ପ୍ରଖ୍ୟାତ ହର୍ନବିଲ୍ ମହୋତ୍ସବ ପ୍ରତିବର୍ଷ ୧ ରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏକ ହର୍ନବିଲ୍ ଦେଖିବା, ଏହାକୁ ଶିକାର କରିବା ଏବଂ ଏହାର ପକ୍ଷୀ ଓ ଥଣ୍ଟ ଦାନ କରିବା ଏହି ଜନଜାତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।




## କୋନ୍ୟାକଙ୍କ ପର୍ବ

କୋନ୍ୟାକଙ୍କ ଜୀବନରେ ଆଓଲିଙ୍ଗ ମୋନ୍ୟୁ ହେଉଛି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ପର୍ବ । ବିହନ ବୁଣିବା ପରେ, ଏକ ନୂତନ ବର୍ଷ ଆରମ୍ଭ ହେବାର ସଙ୍କେତ ସ୍ୱରୂପ ଆଓଲିଙ୍ଗ ମୋନ୍ୟୁ ପର୍ବ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ପାଳନ କରାଯାଏ । ଏହାର ଧାର୍ମିକ ମହତ୍ତ୍ୱ ହେଉଛି ଯେ ପ୍ରଚୁର ଅମଳ ପାଇଁ ଭଗବାନଙ୍କୁ ସନ୍ତୁଷ୍ଟ କରିବା । ଆଓଲିଙ୍ଗ ଅଧିକ ପ୍ରସିଦ୍ଧ ହର୍ନବିଲ୍ ଫେଷ୍ଟିଭାଲ୍ ଠାରୁ ଭିନ୍ନ ଅଟେ । ହର୍ନବିଲ୍ ଫେଷ୍ଟିଭାଲ୍ ସାଧାରଣତଃ ୧ ରୁ ୧୦ ଡିସେମ୍ବର ମଧ୍ୟରେ ନାଗାଲାଣ୍ଡର ରାଜଧାନୀ କୋହିମା ଠାରୁ ୧୨ କିଲୋମିଟର ଦୂରରେ ଥିବା କିସାମା ହେରିଟେଜ୍ ଗ୍ରାମରେ ଆୟୋଜିତ ହୋଇଥାଏ । କୋନ୍ୟାକଙ୍କ ଆଓଲାଙ୍ଗ୍ ହର୍ନବିଲ୍ ଫେଷ୍ଟିଭାଲ୍ ଠାରୁ ଭିନ୍ନ । ଆଲେଙ୍ଗ ପର୍ବର ପ୍ରଥମ ୩ ଦିନକୁ ହୋଲାହ ନିହି, ୟିନ ମୋକ୍ ଫୋ ନିହି ଏବଂ ମୋକ୍ ଶେକ୍ ନିହି କୁହାଯାଏ । ପାରମ୍ପରିକ କପଡା ବୁଣିବା, ବଳି ଦିଆ ଯାଉଥିବା ପଶୁମାନଙ୍କୁ ସଂଗ୍ରହ କରିବା ଏବଂ ପର୍ବ ପାଇଁ ଖାଦ୍ୟ ଏବଂ ଚାଉଳ ବିୟର ପ୍ରସ୍ତୁତ କରିବା ପାଇଁ ଏହି ଦିନ ଅତିବାହିତ ହୁଏ । ଚତୁର୍ଥ ଦିନ, ଲିଙ୍ଗନିୟୁ ନିହି ନାମରେ ଜଣାଶୁଣା ଓ ଏହା ଆଓଲାଙ୍ଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନ ଓ ଏହିଦିନ କୋନ୍ୟାକ ଜନଜାତିର ସମସ୍ତ ସଦସ୍ୟ ସେମାନଙ୍କର ସର୍ବୋତ୍ତମ ରଙ୍ଗୀନ ପାରମ୍ପରିକ ଆଦିବାସୀ ପୋଷାକ ଏବଂ ଅଳଙ୍କାର ପରିଧାନ କରନ୍ତି । ଚତୁର୍ଥ ଦିନ ନୃତ୍ୟ, ଗୀତ ଏବଂ ଭୋଜିରେ ଅତିବାହିତ ହୁଏ । ଉତ୍ସବର ଅନ୍ତିମ ଦୁଇ ଦିନକୁ ଲିଙ୍ଗାହା ନିହି ଏବଂ ଲିଙ୍ଗଶନ୍ ନିହି କୁହାଯାଏ । ପରିବାର ସହିତ ସମୟ ବିତାଇବା ଏବଂ ସମଗ୍ର ଗାଁ ଏବଂ ବ୍ୟକ୍ତିଗତ ଘର ସଫା କରିବା ପାଇଁ ଏହି ସମୟ ଉତ୍ସର୍ଗୀକୃତ । ପ୍ରଥମ ଫସଲ ଅମଳ ପରେ, ଆଓନିମୋ ଜୁଲାଇ କିମ୍ବା ଅଗଷ୍ଟରେ ପାଳନ କରାଯାଏ । ସମସ୍ତ କୃଷି କାର୍ଯ୍ୟ ସମାପ୍ତ ହେବା ପରେ ଲାଓଉନ୍-ଓଙ୍ଗମ ପର୍ବ ଏକ ଅନ୍ୟ ଏକ ଉତ୍ସବ ।

## କୋନ୍ୟାକ ନୃତ୍ୟ

କୋନ୍ୟାକ ନୃତ୍ୟ ହେଉଛି ବିଶ୍ୱର ସର୍ବ ବୃହତ ପାରମ୍ପରିକ ନୃତ୍ୟ ଭାବେ ସ୍ୱୀକୃତ ହୋଇଛି, କାରଣ ୫ ଏପ୍ରିଲ ୨୦୧୯ରେ ମୋନ ଠାରେ ୪,୬୮୭ ଅଂଶଗ୍ରହଣକାରୀଙ୍କ ସହ ଏହି ନୃତ୍ୟ ପରିବେଷଣ କରାଯାଇଥିଲା । ଜିଲ୍ଲାର ୧୧୫ ରୁ ଅଧିକ ଗାଁର ୪,୬୮୭ ମହିଳା ପୁରା କୋନ୍ୟାକ ନାଗା ପାରମ୍ପରିକ ପୋଷାକରେ ଗୀତ ଗାଇ ନାଚି ଥିଲେ । କୋନ୍ୟାକ ପୁରୁଷମାନେ ପୋଷାକ ବଦଳରେ ସେମାନେ ନିଜକୁ ସୁନ୍ଦର ଏବଂ ଆଚ୍ଛାଦନ କରିବା ପାଇଁ ହେଡଗାର୍, ବାହୁବଳୀ, ହାର, କାନଫୁଲ, ବ୍ରେସ୍‌ଲେଟ୍, ବେତ ଲେଗିଙ୍ଗ୍ ଏବଂ ଅନ୍ୟାନ୍ୟ ଜିନିଷ ପିନ୍ଧନ୍ତି । କେତେକ କୋନ୍ୟାକ ପୁରୁଷ ଛାତି ଉପରେ ୧୦ ଇଞ୍ଚ ଲମ୍ବର ଏକ ବେଲ୍‌ଟ୍ ପିନ୍ଧନ୍ତି ଯେଉଁଥିରେ ଏକ ସ୍ୱତନ୍ତ୍ର ଡାଆଁ ରହିଥାଏ ।

କୋନ୍ୟାକଙ୍କ ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ଅନେକ ପର୍ଯ୍ୟଟକଙ୍କୁ ମୋନ ଜିଲ୍ଲାକୁ ଟାଣି ଆଣିଥାଏ । ନାଗାଲାଣ୍ଡରେ ପ୍ରବେଶ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଦରକାର । କିନ୍ତୁ ସରକାରଙ୍କ ଦ୍ୱାରା ଏହି ରାଜ୍ୟରେ ନିୟୋଜିତ ବ୍ୟକ୍ତି ଏବଂ ଏହି ରାଜ୍ୟର ବାସିନ୍ଦା ଅନୁମତି ପତ୍ରରୁ ମୁକ୍ତ ଅଟନ୍ତି ।

# ହୀରକ ତ୍ରିଭୁଜର ତପୋଭୂମି



# ବିଶ୍ୱପ୍ରସିଦ୍ଧ ହୀରକ ତ୍ରିଭୁଜ : ରତ୍ନଗିରି, ଉଦୟଗିରି ଓ ଲଳିତଗିରି

**ନାରାୟଣ ରାଉତରାୟ**
ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ

**ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ହୀରକ ତ୍ରିଭୁଜ ନାମରେ ଖ୍ୟାତ ଉଦୟଗିରି, ଲଳିତଗିରି ଓ ରତ୍ନଗିରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ ସବୁବେଳେ । ଯାଜପୁର ଜିଲ୍ଲାରେ ଉଦୟଗିରି ଓ ରତ୍ନଗିରି ରହିଥିବା ବେଳେ କଟକ ଜିଲ୍ଲାରେ ଲଳିତଗିରି ଅବସ୍ଥିତ । ଏହି ହୀରକ ତ୍ରିଭୁଜ ବୁଲି ଆସି ଏହି ଆଲେଖଟି ଉପସ୍ଥାପନା କରନ୍ତି ଲେଖକ ।**


◀ ଲେଖକ ନାରାୟଣ ରାଉତରାୟ

ଯାଜପୁରରେ ବୌଦ୍ଧ ଧର୍ମ ପ୍ରବାହର ଏକ ପ୍ରମୁଖ ସ୍ମାରକୀ ଭାବେ ରତ୍ନଗିରି ବିଶ୍ୱପ୍ରସିଦ୍ଧ । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଏକ ମହାନ ବୌଦ୍ଧ ସାଂସ୍କୃତିକ ପୀଠ ଭାବେ କାର୍ଯ୍ୟ କରୁଥିଲା । ଏହି ସ୍ଥାନରୁ ପ୍ରାପ୍ତ ଏକ ଶିଳାଲେଖ ପଠିତ ହୋଇ ଲୋକଲୋଚନକୁ ଆସିବା ପରେ ଏହା ଚତୁର୍ଥ /ପଞ୍ଚମ ଶତାବ୍ଦୀ ସମୟର ଏକ ବୌଦ୍ଧବିହାର ବୋଲି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷିତ କରିବା ସହ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲା । ଫଳସ୍ୱରୂପ ବିଂଶ ଶତାବ୍ଦୀର ଷଷ୍ଠ ଦଶକ ପ୍ରାରମ୍ଭରେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ସର୍ବେକ୍ଷଣ କରାଯାଇ ଖନନ କାର୍ଯ୍ୟ ଆରମ୍ଭ କରାଗଲା । ଖନନ ସମୟରେ ମାଟି ତଳେ ପୋତି ହୋଇ ରହିଥିବା ଏକ ବିଶାଳ ବୌଦ୍ଧବିହାରର ସନ୍ଧାନ ମିଳିଲା ଏବଂ ବହୁସଂଖ୍ୟକ ବୌଦ୍ଧ ସ୍ତୁପ ଓ ବୌଦ୍ଧ ମୂର୍ତ୍ତି ଦେଖିବାକୁ ମିଳିଲା । ଏଗୁଡିକ ଆବିଷ୍କୃତ ହେବା ପରେ ଜଣାପଡିଲା ଯେ ଅତୀତରେ ଏହା ବିହାରର ନାଳନ୍ଦା ବିଶ୍ୱ ବିଦ୍ୟାଳୟ ଶୈଳୀରେ ନିର୍ମିତ ହୋଇଥିଲା ଏବଂ ଏଠାରେ ସେହି ଢାଞ୍ଚାରେ ଉପାସନା, ଅଧ୍ୟାପନା, ଅଧ୍ୟୟନ ଓ ଗବେଷଣା ଆଦି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିଲା ।

ଲାରା ତାରାନାଥଙ୍କ ବିବରଣୀରୁ ଜଣାପଡେ ଯେ ଗୁପ୍ତବଂଶ ରାଜତ୍ୱ ସମୟରେ ରାଜା ବୁଦ୍ଧପକ୍ଷ ରତ୍ନଗିରି ଠାରେ ଏକ ସୁବିଶାଳ ବୌଦ୍ଧ ବିହାର ନିର୍ମାଣ କରାଇ ସେତେବେଳର କଳିଙ୍ଗ / ଏବେକାର ଓଡିଶାରେ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିଲେ । ଏହି ବୌଦ୍ଧବିହାର ମଧ୍ୟରେ ବହୁସଂଖ୍ୟକ ବୌଦ୍ଧ ଧର୍ମଗ୍ରନ୍ଥକୁ ସଂରକ୍ଷିତ କରି ରଖା ଯାଇଥିଲା । ପାଞ୍ଚଶହ ବୌଦ୍ଧ ସନ୍ୟାସୀଙ୍କ ରହଣି ପାଇଁ ଏଠାରେ ସୁଚିନ୍ତିତ ବ୍ୟବସ୍ଥାମାନ କରାଯାଇଥିଲା । ସେମାନଙ୍କର ଅଧ୍ୟୟନ, ଅଧ୍ୟାପନ, ଗବେଷଣା ଓ ଉପାସନା ପାଇଁ ୮ଗୋଟି ସ୍ୱତନ୍ତ୍ର ଧରଣର ପ୍ରକୋଷ୍ଠ ନିର୍ମାଣ କରାଯାଇଥିଲା । ସେହି ସମୟର ବୌଦ୍ଧବିହାର ଓ ସ୍ତୁପଗୁଡ଼ିକ ଧ୍ୱଂସ ପାଇଯାଇଥିଲେ ମଧ୍ୟ ସେଗୁଡ଼ିକର ଭଗ୍ନାବଶେଷ ଏବେ ବି ବିକ୍ଷିପ୍ତ ହୋଇ ପଡିରହିଛି । ଏଠାରୁ ଉତ୍‌ଖନନ ସମୟରେ ମିଳିଥିବା ଏକ ମୋହରରେ ଶ୍ରୀ ରତ୍ନଗିରି ମହାବିହାର, ଆର୍ଯ୍ୟଭିକ୍ଷୁ ସଂଘସ୍ୟ ବୋଲି ଲିଖିତ ହୋଇଥିବା ଦେଖିବାକୁ ମିଳିଛି ।

ଓଡିଶାରେ ଯେତେବେଳେ ମହାଯାନର ପ୍ରଚାର ପ୍ରସାର ନଥିଲା ସେତେବେଳେ ଏହା ହୀନଯାନମାନଙ୍କର ସାଧନାର ମୁଖ୍ୟ ପୀଠ ଥିଲା । ଗୁପ୍ତବଂଶର ପତନ ପରେ ଏବଂ ହର୍ଷବର୍ଦ୍ଧନଙ୍କ ରାଜତ୍ୱର ମଧ୍ୟବର୍ତ୍ତୀ କାଳରେ ମହାରାଜା ଶଶାଙ୍କଙ୍କ ଦ୍ୱାରା ଶୈବଧର୍ମର ପୃଷ୍ଠପୋଷକତା ଫଳରେ ବୌଦ୍ଧ ଧର୍ମର ହୀନଯାନ ସଂକୁଚିତ ହେବାକୁ ଲାଗିଲା । ହର୍ଷବର୍ଦ୍ଧନଙ୍କ ସମୟରେ ଓଡିଶାରେ ମହାଯାନ ପନ୍ଥୀଙ୍କ ବିକାଶ ପାଇଁ ନାଳନ୍ଦା ବିଶ୍ୱ ବିଦ୍ୟାଳୟରୁ କେତେଜନ ବିଶିଷ୍ଟ ଅଧ୍ୟାପକଙ୍କୁ ଏଠାକୁ ଆଣିବାର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସେମାନେ ହୀନଯାନ ମାନଙ୍କ ଦାର୍ଶନିକ ତତ୍ତ୍ୱର ସମ୍ମୁଖୀନ ହୋଇନପାରିବା ଭୟରେ ଏଠାକୁ ଆସିନଥିଲେ ବୋଲି ଜଣାପଡେ । ଏଣୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ରତ୍ନଗିରି ମହାବିହାର ବୌଦ୍ଧଧର୍ମର ହୀନଯାନ ବର୍ଗର ପ୍ରଧାନ ପୀଠ ଥିଲା । ତତ୍‌ପରେ ଉତ୍କଳର ଭୌମକର ରାଜବଂଶର ଶାସନକାଳରେ ଏହି ବିହାରର ନବକଳେବର ହେବା ସଂଗେସଂଗେ ଏକ ପ୍ରମୁଖ ବିଶ୍ୱ ବିଦ୍ୟାଳୟର ରୂପଗ୍ରହଣ କଲା । ଭୌମକର ରାଜବଂଶର ପୃଷ୍ଠପୋଷକତାରେ ମହାଯାନପନ୍ଥିର ପ୍ରସାର ଘଟିଲା । ଭାରତବର୍ଷର ବିଭିନ୍ନ ଅଂଶରୁ ବହୁ ସଂଖ୍ୟକ ପଣ୍ଡିତ, ଦାର୍ଶନିକ ଯୋଗାଚାର ଓ ବିଜ୍ଞାନବାଦର ଶିକ୍ଷା ଲାଭ କରିବା ପାଇଁ ଏଠାରେ ପହଁଚିଥିଲେ । ଭୌମକର ରାଜା ଶୁଭାକର ଦେବ ପ୍ରଥମ ବୌଦ୍ଧ ଧର୍ମର ପରମ ପୃଷ୍ଠପୋଷକ ଥିଲେ ବୋଲି ଜଣାପଡେ । ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ଢେଙ୍କାନାଳ ତାମ୍ରଶାସନ ଓ ପୃଥୀ ମହାଦେବୀଙ୍କ ବୌଦ୍ଧ ତାମ୍ରଶାସନରୁ ଜଣାଯାଏ ଯେ ଶୁଭାକର ଦେବ ଅନେକ ଗୁଡ଼ିଏ ବୌଦ୍ଧବିହାର ନିର୍ମାଣ କରାଇଥିଲେ । ପ୍ରତ୍ନତାତ୍ତ୍ୱିକ ଖନନ ପରେ ରତ୍ନଗିରିରୁ ଯେଉଁ ଅତୁଳନୀୟ ରତ୍ନ ସଂପଦ ଆବିଷ୍କୃତ ହୋଇଛି ତାହା ସମଗ୍ର ଭାରତରେ ବିରଳ । ଉପାସନା ନିମିତ୍ତ ଏକ ବିଶାଳ ସ୍ତୁପ, ଦୁଇଟି ବିଶାଳ ମଠ, ଆଠଗୋଟି ସୁନ୍ଦର ବୌଦ୍ଧ ମନ୍ଦିର, ଦୁଇଟି ଚତୁଃଷ୍କୋଣାକାର ବିହାର, ଗୋଟିଏ ବାତାୟନ ଯୁକ୍ତ ବିହାର, ବହୁ ସଂଖ୍ୟକ ସ୍ତୁପ, ଅଗଣିତ କ୍ଷୁଦ୍ରାକୃତି ଭୋଟିଭ ସ୍ତୁପ, ବୁଦ୍ଧମସ୍ତକ ଇତ୍ୟାଦି ମାଟିତଳୁ ଉଦ୍ଧାର କରାଯାଇଛି । ବିଶାଳ ସ୍ତୁପଟି ଉପାସନା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ପାର୍ଶ୍ୱବର୍ତ୍ତୀ ତିନିଗୋଟି ବିହାର ଭୀକ୍ଷୁ ଓ ଭୀକ୍ଷୁଣୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସର୍ବବୃହତ ବିହାରଟିର ଲମ୍ୱ ୧୮୧ଫୁଟ ୬ଇଂଚ ହୋଇଥିବା ବେଳେ ଓସାର ୧୮୦ ଫୁଟ୍ । ଏହା ମଧ୍ୟରେ ଥିବା ଅଗଣାଟି ୮୮ ଫୁଟର ଏକ ବର୍ଗାକାର କ୍ଷେତ୍ର । ଏହାର ଚତଃପାର୍ଶ୍ୱରେ ୨୪ ଗୋଟି କୋଠରୀ ରହିଛି । କୋଠରୀ ଗୁଡିକର ସମ୍ମୁଖ ବାରଣ୍ଡାରେ ୬୪ ଗୋଟି ସ୍ତମ୍ଭ ରହିଛି, ଯାହା ଏହାର ଉପରିସ୍ଥ ଛାତକୁ ଧରି ରଖିଥିଲା । କୌଣସି କାରଣରୁ

ଏହି ବିହାରଟି ଭାଙ୍ଗି ପଡିଥିଲା ଏବଂ ପରେ ଏହାର ପୁନଃନିର୍ମାଣ କରା ଯାଇଥିଲା । ଏହି ବିହାରର ଚମତ୍କାରିତା ପରିଦୃଷ୍ଟ ହୁଏ ଗଜଲକ୍ଷ୍ମୀ ଦ୍ୱାରପାଳ, ପତ୍ରପୁଷ୍ପର ସୂକ୍ଷ୍ମ ଖୋଦନ ସ୍ଥାନିତ ହୋଇଛି । ଏଠାରୁ ଅସଂଖ୍ୟ ବୁଦ୍ଧ ମୂର୍ତ୍ତି ଓ ପଦ୍ମପାଣି, ବଜ୍ରପାଣି, ବଜ୍ରରାଗ, ଫେରୁକ, ଜମ୍ଭଳ, ମଞ୍ଜୁଶ୍ରୀ, ହାରିତୀ, ଅପରାଜିତା, ତାରା, ବସୁଧାରା, ଅବଲୋକିତଶ୍ୱର, ଇତ୍ୟାଦି ପ୍ରାପ୍ତ ହୋଇଛି । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଚମତ୍କାରିତା ଲାଗି ରତ୍ନଗିରି ବହୁସଂଖ୍ୟକ ଦର୍ଶକଙ୍କୁ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଖନନ ସମୟରେ ଉଦ୍ଧାର କରାଯାଇଥିବା ମୂର୍ତ୍ତିଗୁଡିକୁ ଓ ପ୍ରତ୍ନତାତ୍ତ୍ୱିକ ଅବଶେଷ ଗୁଡିକୁ ଏକ ମ୍ୟୁଜିୟମ / ସଂଗ୍ରହାଳୟରେ ସଂରକ୍ଷିତ କରି ରଖା ଯାଇଛି ।



ଉଦୟଗିରି-ରତ୍ନଗିରି ଠାରୁ ମାତ୍ର ୮ କିଲୋମିଟର ଦୂରରେ ଥିବା ଆସିଆ ପର୍ବତମାଳାର ପୂର୍ବରେ ପ୍ରବାହିତ ହେଉଥିବା କେଲୁଅ ନଦୀ କୂଳରେ ଉଦୟଗିରି ଅବସ୍ଥିତ । ସମୁଦାୟ ପର୍ବତମାଳାଟି ଘୋଡାଟାପୁ ପରି ଦୃଷ୍ଟିଗୋଚର ହୁଏ । ପର୍ବତମାଳାର ସମସ୍ତ ଗଡାଣିଆ ଅଂଶ ବୌଦ୍ଧକୀର୍ତ୍ତିରେ ପରିପୂର୍ଣ୍ଣ । ମୁଖ୍ୟରାସ୍ତାରୁ ଉଦୟଗିରିର ପ୍ରବେଶ ପଥ ସ୍ୱଷ୍ଟ ଭାବରେ ଦେଖିବାକୁ ମିଳେ । ଏକ ଦ୍ୱିଭୁଜ ଲୋକେଶ୍ୱର ମୂର୍ତ୍ତି ଯାହାର ଉଚ୍ଚତା ୭ ଫୁଟ ୧୦ ଇଂଚ ମସ୍ତକ ଉପରେ ଅମିତାବ ବୁଦ୍ଧଙ୍କ ମୂର୍ତ୍ତି ଖୋଦିତ ହୋଇଛି । ମୂର୍ତ୍ତିର ପଶ୍ଚାତ୍ ଭାଗରେ ଏକ ତିନି ଧାଡିର ଶିଳାଲେଖ ଉତ୍କୀର୍ଣ୍ଣ ହୋଇଥିବାର ଦୃଷ୍ଟିଗୋଚର ହୁଏ । ଏହି ଶିଳାଲିପିରେ ଦେଓଧର୍ମୟଂ ଭିକ୍ଷୁଶୁଭ ଗୁପ୍ତସୟ ବୋଲି ଲିଖିତ ଅଛି । ଏହି ମୂର୍ତ୍ତି ଠାରୁ ୨୦୦ମିଟର ଦୂରରେ ଏକ ବାମ୍ଫି ରହିଛି । ଏହାର ବ୍ୟାସ ୨୩

# ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ବିଶ୍ୱପ୍ରସିଦ୍ଧ 'ହୀରକ ତ୍ରିଭୁଜ' ଅଲୋଡ଼ା

**ଶୁଭେନ୍ଦୁ କୁମାର ଭୂୟାଁ**

**ଦୂର ଅତୀତରେ ଦିନେ ଏଠି ଗୁଞ୍ଜରିତ ହେଉଥିଲା ମଧୁର ସୁରରେ ମନ୍ତ୍ରଧ୍ୱନି, ବୁଦ୍ଧବାଣୀ । ବୌଦ୍ଧଶ୍ରମଣମାନଙ୍କ ସିଦ୍ଧି ଓ ସାଧନାର ଏହି ତପୋଭୂମି ଦେଶବିଦେଶର ବହୁ ପ୍ରାଜ୍ଞ ବୌଦ୍ଧ ପଣ୍ଡିତମାନଙ୍କୁ ମଧ୍ୟ ଆକର୍ଷିତ କରୁଥିଲା ଏଇ ମାଟିକୁ । ପୁରାତନ ଉତ୍କଳର ବୌଦ୍ଧ ଜନପଦଗୁଡ଼ିକରେ ଗଢ଼ି ଉଠିଥିବା ବୌଦ୍ଧବିହାର ଗୁଡ଼ିକର ଅଲୌକିକ ପ୍ରଭାର ବଳୟ ଶହ ଶହ ମାଇଲ ଦୂରକୁ ବି ଆଲୋକିତ କରୁଥିଲା । ବିଶ୍ୱବିଖ୍ୟାତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରସିଦ୍ଧ ଅର୍ଜନ କରିଥିବା ଲଳିତଗିରି-ରତ୍ନଗିରି-ଉଦୟଗିରିର ପାରିପାର୍ଶ୍ୱିକ କ୍ଷେତ୍ର ଯେଉଁଭଳି ବିକଶିତ ହେବା କଥା- ତାହା ହୋଇପାରି ନାହିଁ ।**



ଶୁଭେନ୍ଦୁ କୁମାର ଭୂୟାଁ

ଅଢ଼େଇ ହଜାରରୁ ଅଧିକ ବର୍ଷ ତଳେ ଦିନେ ପ୍ରାଚୀନ ଓଡ଼ିଶାର ସୁବିସ୍ତିର୍ଣ୍ଣ ଜନବସତିଗୁଡ଼ିକରେ ଗଢ଼ି ଉଠିଥିଲା ବୌଦ୍ଧକୀର୍ତ୍ତିରାଜିର ଅମ୍ଳାନ ମାନମନ୍ଦିର । ବୌଦ୍ଧଧର୍ମ, ସଂସ୍କୃତି ଓ ଐତିହ୍ୟର କଳାକୀର୍ତ୍ତିରେ ଖୋଦିତ ବୌଦ୍ଧ ମହାବିହାର ଗୁଡ଼ିକରେ ବୌଦ୍ଧଶ୍ରମଣମାନଙ୍କ ସହିତ ସାଧାରଣ ଜନତା ଓ ବୌଦ୍ଧଧର୍ମାଶ୍ରିତ ପ୍ରଜାମାନଙ୍କର ଗଢ଼ି ଉଠିଥିଲା ଉତ୍ତମ ସାମାଜିକ ସଂପର୍କ । କୋଳାହଳ ମୁଖରିତ ବିହାର, ବୌଦ୍ଧଗୁମ୍ଫା, ବୌଦ୍ଧପୀଠ ଓ ବୌଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଧର୍ମ-ସଂସ୍କୃତି-ଜ୍ଞାନ-ସଂଘର ବାଣୀ ଓ ଦର୍ଶନଗୁଡ଼ିକର ବ୍ୟାଖ୍ୟାନ ହେଉଥିଲା । ଭାରତବର୍ଷର ପୂର୍ବ ଉପକୂଳରେ ଥିବା ଆମ ରାଜ୍ୟର ଏହି ପ୍ରମୁଖ ଓ ଶ୍ରେଷ୍ଠ ବୌଦ୍ଧାୟତନଗୁଡ଼ିକ ଭାରତ ବାହାରେ ଥିବା ପ୍ରମୁଖ ରାଷ୍ଟ୍ରଗୁଡ଼ିକରେ ମଧ୍ୟ ତା'ର ଜ୍ଞାନ ଓ ପ୍ରଜ୍ଞାର ଦୀପଶିଖାକୁ ପ୍ରଜ୍ୱଳିତ କରୁଥିଲା । ଦେଶ ବିଦେଶରୁ ବହୁ ବୌଦ୍ଧ ପଣ୍ଡିତମାନଙ୍କର ଆଗମନ ହେଉଥିଲା ଏଠାକୁ । ଓଡ଼ିଶାର ଏହି ବିକଶିତ ବୌଦ୍ଧ ଜ୍ଞାନମନ୍ଦିର ଗୁଡ଼ିକରୁ ବୌଦ୍ଧ ଧର୍ମ-ସଂସ୍କୃତିର ମହନୀୟ ଦର୍ଶନ-ଚିନ୍ତନର ପରିପ୍ରକାଶ ଓ ପରିପ୍ରସାର ହେଉଥିଲା ସାରାବିଶ୍ୱକୁ । ଅବିଭକ୍ତ କଟକ ଜିଲ୍ଲାରେ ଗଢ଼ିଉଠିଥିଲା ତତ୍କାଳୀନ ବିଶ୍ୱପ୍ରସିଦ୍ଧ


SMILE GOLD
Agarbati
JHPPL
SMILE
SMILE
900
AN ISO 9001:2008 Certified
Since : 20years
Our Product
SMILE SANITISER
White Phenyle
SMILE GOLD
ROSE
BLACK DIMOND
LEMON GOLD
Rose Gold
ROOM FRESHENER
MALLI GOLD
NEEM GOLD
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

# ମତ ଓ ମନ୍ତବ୍ୟ



ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି, ରତ୍ନଗିରି,ଓ ଲଳିତଗିରିକୁ ଗୋଟିଏ ପରିଧିରେ ରଖି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଏହି ଅଂଚଳକୁ ହୀରକ ତ୍ରିଭୁଜ ମାନ୍ୟତା ପ୍ରଦାନ କରିଛନ୍ତି । ବୌଦ୍ଧବିହାର ଇଲାକା କେନ୍ଦ୍ର ସରକାରଙ୍କ ପ୍ରତ୍ନତାତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧିନରେ ଥିଲାବେଳେ ବାହାର ପାରିପାର୍ଶ୍ୱିକ ଅଂଚଳ ରାଜ୍ୟ ସରକାରଙ୍କ ଅଧିନରେ ରହିଛି । ଉଦୟଗିରିର ପ୍ରାକୃତିକ ଶୋଭା ଓ ପାହାଡ ବକ୍ଷରେ ଗଢି ଉଠିଥିବା ବୌଦ୍ଧ କୀର୍ତ୍ତିରାଜି ତତ୍‌ସହିତ ଆବିଷ୍କୃତ ମାଧବପୁର ମହାବିହାର ଏବଂ ସିଂହପ୍ରସ୍ଥ ମହାବିହାରର ସଂଯୋଗ ସାରା ବିଶ୍ୱରେ କେଉଁଠି ଦେଖିବାକୁ ମିଳେ ନାହିଁ । ବୌଦ୍ଧ ଯୁଗୀୟ କଳାକୃତି ସାରା ବିଶ୍ୱରେ ଏକ ଅଗ୍ରଗଣ୍ୟ ସତ୍ୟତାର ନିଦର୍ଶନ ହୋଇଥିବା ବେଳେ, ଏହାର ପ୍ରଭାବ ହୀରକ ତ୍ରିଭୁଜ ଅଂଚଳରେ ଦେଖାଦେଇଛି । ପର୍ଯ୍ୟଟକ ଓ ଗବେଷକମାନେ ଏହି ସ୍ଥାନକୁ ଆସନ୍ତୁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଉପଭୋଗ କରନ୍ତୁ ଏହା ସମସ୍ତଙ୍କର ଇଚ୍ଛା । ହେଲେ ସେହିପରି କୌଣସି ଯୋଜନା ଆଜି ପର୍ଯ୍ୟନ୍ତ କୌଣସି ସରକାର କରିନାହାନ୍ତି । ଉଦୟଗିରି ଠାରେ ରାଜ୍ୟ ସରକାର ତିନିଥର ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ କରିଥିଲେ । ଏଥିସହିତ ପ୍ରତିବର୍ଷ ବିଶ୍ୱ ଐତିହ ସପ୍ତାହ ପାଳନ ଅବସରରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ତରଫରୁ ବୁଦ୍ଧ ମହୋତ୍ସବ ପାଳନ କରାଯାଇ ସମସ୍ତଙ୍କ ନଜରକୁ ଆକୃଷ୍ଟକରିବା ପାଇଁ ଉଦ୍ୟମ କରାଯାଉଛି । ହେଲେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ କେବଳ ଉଦୟଗିରି ନୁହେଁ ସମଗ୍ର ହୀରକ ତ୍ରିଭୁଜ ଅଂଚଳ ଆଜି ଅବହେଳିତ ହୋଇ ରହିଛି । ଉଦୟଗିରି ଠାରେ ୨୦୦୨ ମସିହାରୁ ଖନନ କାର୍ଯ୍ୟ ବନ୍ଦ ରହିଛି । ଖନନ ସମୟରେ ଯାହାସବୁ ପ୍ରତ୍ନତତ୍ୱ ଆବିଷ୍କୃତ ହୋଇଥିଲା ସେହିସବୁ ଏବେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ଭୁବନେଶ୍ୱର ସର୍କଲର ଗୋଦାମ ଘରେ ବସ୍ତାରେ ପଶି ପଡି ରହିଛି । ଆବିଷ୍କୃତ ସଂପତ୍ତିକୁ ନେଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମ୍ୟୁଜିୟମ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ବିଳମ୍ବ ଘଟୁଥିବାରୁ ସାଧାରଣରେ ପ୍ରତିକ୍ରୟା ପ୍ରକାଶ ପାଇଛି । ସବୁସ୍ତରରୁ ଏହି ହୀରକ ତ୍ରିଭୁଜ ଅଂଚଳ ପ୍ରତି ଗୁରୁତ୍ୱର ସହିତ ଦୃଷ୍ଟି ଦେବା ଜରୁରୀ ଅଟେ ।

**ମହେଶ୍ୱର ବଳ**

**ଆବାହକ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି**

ପ୍ରମୁଖ ବୌଦ୍ଧ ମହାବିହାର 'ପୁଷ୍ପଗିରି' । ଯାହାଥିଲା ଲଳିତଗିରି-ଉଦୟଗିରି-ରତ୍ନଗିରି ତିନି ବୌଦ୍ଧପୀଠ ସମ୍ମିଶ୍ରଣର ଏକ ସଂଯୁକ୍ତ ବୌଦ୍ଧସ୍ଥଳୀ । କିନ୍ତୁ କାଳର କୁଠାରଘାତ ଏବଂ ମନୁଷ୍ୟକୃତ ତଥା ବିଭିନ୍ନ ସାମାଜିକ ସଂଘାତରୁ କ୍ରମେ ଏହି ପ୍ରଖ୍ୟାତ ବୌଦ୍ଧବିହାରଗୁଡ଼ିକ ମାଟିର ସ୍ତୁପ ତଳେ ପୋତି ହୋଇଗଲା । ଯଦିଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ମାଟିତଳୁ ଉତ୍‌ଖନନ କରି ଏହି ବିରଳ ଓ ଦୁର୍ମୂଲ୍ୟ ବୌଦ୍ଧଭୀର୍ତ୍ତିରାଜି ଗୁଡ଼ିକୁ ଲୋକଲୋଚନକୁ ଆଣି ପାରିଛନ୍ତି କିନ୍ତୁ ଉତ୍‌ଖନନ ପରବର୍ତ୍ତୀ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଦେଶର ଏହି ଜାତୀୟ ସଂରକ୍ଷିତ କୀର୍ତ୍ତିରାଜି ଓ ବିଶ୍ୱବିଖ୍ୟାତ ବୌଦ୍ଧପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ଆଜି ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି । ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିରୁ ଆବିଷ୍କୃତ ମାଧବପୁର ମହାବିହାର ଓ ସିଂହପ୍ରସ୍ଥ ବୌଦ୍ଧମହାବିହାର ଏହାର ଏକ ଉଦାହରଣ । ପଂଚରଥ ଶୈଳୀରେ ନିର୍ମିତ ସିଂହପ୍ରସ୍ଥ ମହାବିହାରର ଇଟା ନିର୍ମିତ ପ୍ରକୋଷ୍ଠର ଭାଙ୍ଗି ଯାଇଥିବା ଦ୍ୱାରବନ୍ଧକୁ ଏବେ ଯୋଡ଼ା ଯାଇଛି ଏବଂ ଏହାର ଭଗ୍ନ ଅଗଣାକୁ ମଧ୍ୟ ଇଟା ଆଚ୍ଛାଦିତ କରାଯାଇଛି । ସେହିଭଳି ଅଶୀ ଦଶକ ଶେଷ ଭାଗରେ ଆବିଷ୍କୃତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ କୀର୍ତ୍ତିରାଜି ଚୈତ୍ୟଗୃହ ପରିମଣ୍ଡଳ ମଧ୍ୟରୁ ମୂର୍ତ୍ତି ଚୋରି ହେବା ସହ ତାହା ମଧ୍ୟ ଭାଙ୍ଗିରୁଜି ଗଲାଣି । କୋଟି କୋଟି ଟଙ୍କା ବ୍ୟୟରେ ଉଦୟଗିରି ପାହାଡ଼ ଚର୍ତୁପାର୍ଶ୍ୱର ଦିଆ ଯାଇଥିବା ଲୁହା ରେଲିଙ୍ଗ୍‌ର ବାଡ଼କୁ ମଧ୍ୟ ସ୍ଥାନୀୟ ଲୋକେ ଚୋରିକରି ନେଉଛନ୍ତି ।

ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିଠାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ) ପକ୍ଷରୁ ବିଧିବଦ୍ଧ ଖନନ ପୂର୍ବରୁ ୧୯୭୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସେଠାରେ ଥିବା ଏକ ବିଶାଳ ସ୍ତୁପର ପୂର୍ବପଟ ଖୋଳି ତାକୁ ନଷ୍ଟ କରିଦେଇଥିବାର ଅଭିଯୋଗ ହୋଇଥିଲା । ସେହିଭଳି ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଲଳିତଗିରିଠାରେ ଏ.ଏସ୍.ଆଇ ଉତ୍‌ଖନନର ବହୁ ପୂର୍ବରୁ ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଗବେଷକ ଛାତ୍ରମାନେ ଏହାର ଚୈତ୍ୟଗୃହ ସଂଲଗ୍ନ ଅଞ୍ଚଳକୁ ମଧ୍ୟ ଖୋଳାଖୋଳି କରିଥିଲେ ।

୧୮୭୫ ମସିହାରେ କଟକର କଲେକ୍ଟର ଜନ୍ ବୀମସ୍ ସେହିବର୍ଷ ନଭେମ୍ବର-ଡିସେମ୍ବର ମାସରେ ନଦୀପଥରେ ଉଦୟଗିରି ଯାଇଥିଲା ବେଳେ ଅନାବନା ଜଙ୍ଗଲ ଭିତରେ ଲୁଚି ରହିଥିବା ଏହି ବିଖ୍ୟାତ ବୌଦ୍ଧପୀଠକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ତାଙ୍କ ସାଙ୍ଗରେ ଥିବା ଯୋବ୍ରା କେନାଲ ବିଭାଗର ନିର୍ମାଣଶାଳାର ଇଂରେଜ ଯନ୍ତ୍ରୀ ଜର୍ଜ ଫକ୍‌ନର ସେଠାକୁ ନୌକା ଓ ଭାରୋତ୍ତଳନ ସରଞ୍ଜାମ ମଗାଇ ସେଠାରେ ଥିବା ମନୋରମ ଦ୍ୱାରବନ୍ଧ (ଫାଟକ) ସମେତ ସେଠାରେ ଥିବା ସବୁଠାରୁ ଭଲ ମୂର୍ତ୍ତିରୁ ପ୍ରାୟ ଅଧଡଜନ କଟକ ନେଇ ଆସିଥିଲେ । ବୀମ୍‌ସ୍ ସାହେବ ଗୋଟିଏ ଚତୁର୍ହସ୍ତ ବିଶିଷ୍ଟ ଜଟାମୁକୁଟ ଲୋକେଶ୍ୱର ମୂର୍ତ୍ତି ଓ ଗୋଟିଏ ଧ୍ୟାନୀ ବୁଦ୍ଧମୂର୍ତ୍ତି ଆଣିଥିଲା ବେଳେ ସେଗୁଡ଼ିକୁ ସେତେବେଳେ ଚାଉଳିଆଗଞ୍ଜ ପାଖର କେନାଲ ନିକଟରେ ସେ କରିଥିବା ସର୍ବସାଧାରଣ ଉଦ୍ୟାନରେ ସେଗୁଡ଼ିକୁ ଅବସ୍ଥାପିତ କରିଥିଲେ । କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ସେଥିରୁ କେତୋଟି ମୂର୍ତ୍ତି ଥିଲା ବେଳେ ସନ୍ନିକଟସ୍ଥ ଷୋଳପୁଅମା' ମନ୍ଦିରରେ ମଧ୍ୟ କେତେକ ମୂର୍ତ୍ତି ରହିଥିଲା । ଅଳ୍ପ କିଛି ବର୍ଷ ତଳେ ରେଭେନ୍ସା ପରିସରରେ ଥିବା ଏହି ବୌଦ୍ଧ ମୂର୍ତ୍ତି ଗୁଡ଼ିକୁ ପୂର୍ବ ସ୍ଥାନରୁ ହଟାଇ ନିଆ ଯାଇଛି । ତାହା ଏବେ କେଉଁଠି ଅଛି ଜଣା ପଡୁନାହିଁ । ମୋଟ ଉପରେ 'ହୀରକ ତ୍ରିଭୁଜ' ବଳୟ ଅନ୍ତର୍ଭୁକ୍ତ ବିଖ୍ୟାତ ବୌଦ୍ଧପୀଠ ଲଳିତଗିରି-ରତ୍ନଗିରି-ଉଦୟଗିରିରୁ ଭିନ୍ନ ଭିନ୍ନ ସମୟରେ ଶତାଧିକ ବିରଳ ମୂର୍ତ୍ତି ଓ ଐତିହ୍ୟପୂର୍ଣ୍ଣ ସ୍ଥାପତ୍ୟ ରାଜ୍ୟ ବାହାରର ବିଭିନ୍ନ ସଂଗ୍ରହାଳୟକୁ ପଠା ଯାଇଛି ଏବଂ ସ୍ଥାନୀୟ ପ୍ରଭାବଶାଳୀ ଜମିଦାରମାନେ ମଧ୍ୟ ବିପୁଳ ପରିମାଣରେ କୀର୍ତ୍ତିରାଜି ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ନେଇଯାଇଛନ୍ତି, ତାହାର ବିଧିବଦ୍ଧ ତଦାରଖ କରାଯାଇ ସେଗୁଡ଼ିକ ପୁନରାୟ ଓଡ଼ିଶା ସଂଗ୍ରହାଳୟ ଅଥବା ସଂପୃକ୍ତ ବୌଦ୍ଧପୀଠକୁ ଫେରାଇ ଅଣାଯିବା ଉଚିତ ।

ରାଜ୍ୟରେ ଭାରତ ସରକାରଙ୍କ (ଏ.ଏସ୍.ଆଇ.) ପ୍ରତିଷ୍ଠାର ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ବିତି ଯାଇଛି । ଇତିମଧ୍ୟରେ ଏ.ଏସ୍.ଆଇ.ର ଭୁବନେଶ୍ୱର ସର୍କଲରୁ ଅଲଗା କରି ପୁରୀ ଠାରେ ଏକ ନୂତନ ସର୍କଲ ପ୍ରତିଷ୍ଠା କରାଯାଇଛି । ରାଜ୍ୟର ବୌଦ୍ଧକୀର୍ତ୍ତିରାଜି ଅଂଚଳ ଉପକୂଳ ଜିଲ୍ଲାଗୁଡ଼ିକ ଏହି ସର୍କଲ ଅଧୀନରେ ରହିଛି । ଭାରତୀୟ ପ୍ରତ୍ନତତ୍ତ୍ୱ ସଂରକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏବଂ ରାଜ୍ୟ

## ମତ ଓ ମନ୍ତବ୍ୟ



ରତ୍ନଗିରି, ଲଳିତଗିରି ଓ ଉଦୟଗିରିକୁ ନେଇ ବିଶ୍ୱର ହୀରକ ତ୍ରିଭୂଜ କୁହାଯାଏ । ଏକ ବିସ୍ତୃତ ତଥା ବ୍ୟାପକ କ୍ଷେତ୍ର ସର୍ବେକ୍ଷଣରୁ ଏହି ଲେଖକ ତଥା ବୌଦ୍ଧ ଗବେଷକ ଲଳିତଗିରି ଅନ୍ତର୍ଗତ ଲଣ୍ଡା ପାହାଡ, ପାରାଭାଡି , ବନ୍ଦେରଶ୍ୱର, ହାତୀଖାଲ, ଅକରପଡା, ଲଙ୍ଗୁଳିମଠ, ଗାଙ୍ଗିମଠ, ପାର୍ଶ୍ୱାଞ୍ଚଳ ମାନଙ୍କରୁ ବିଭିନ୍ନ ମୁଦ୍ରାରେ ଦଣ୍ଡାୟମାନ ଓ ଆସୀନ ବୁଦ୍ଧ ମୂର୍ତ୍ତିମାନଙ୍କୁ ଅକ୍ଷତ ଓ ଧ୍ୱସ୍ତବିଧ୍ୱସ୍ତ  ଅବସ୍ଥାରେ ଲୋକଲୋଚନକୁ ଆଣି ପାରିଛନ୍ତି । ରତ୍ନଗିରି ଓ ଲଳିତଗିରିରୁ ପ୍ରାପ୍ତ ବୌଦ୍ଧ କୀର୍ତ୍ତିରାଜି ଗୁଡିକୁ ଏକ ସଂଗ୍ରହାଳୟ ସ୍ଥାପନ କରାଯାଇ ସଂରକ୍ଷିତ କରାଯାଇଥିବା ବେଳେ ଉଦୟଗିରିରୁ ପ୍ରାପ୍ତ ବୌଦ୍ଧ ମୂର୍ତ୍ତି ଗୁଡିକୁ ଓ ମହାବିହାର ଗୁଡିକୁ ସଂରକ୍ଷିତ ନକରିବା ଘୋର ପରିତାପର ବିଷୟ । ଏଠାରେ ୧୩ ବର୍ଷ ହେବ ମାଷ୍ଟର ପ୍ଲାନ କରା ଯାଇଥିଲେ ମଧ୍ୟ ଏଯାବତ କିଛି କାର୍ଯ୍ୟ ଆଗେଇ ପାରି ନାହିଁ । ବହୁ ପୂର୍ବରୁ ଫ୍ରାନ୍ସ, ପ୍ୟାରିସ, ଜାଭା, ଫିଲିପାଇନ୍ସକୁ ଚାଲିଯାଇଥିବା ମୂର୍ତ୍ତିଗୁଡିକୁ ଫେରାଇ ଆଣିବା ଜରୁରୀ ହୋଇ ପଡିଛି । ଏଠାରେ ଏଯାଏ ପାନୀୟ ଜଳ, ଆଲୋକ, ରାସ୍ତାର ସୁବିଧା ନଥିବାରୁ ଅନେକ ସମୟରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଦର୍ଶକ ନିରାଶରେ ହଇରାଣ ହରକତ ହୋଇ ଫେରୁଛନ୍ତି । ମୋ ମତରେ ମାଟି ତଳେ ପୋତି ହୋଇ ରହିଥିବା ବୌଦ୍ଧ କୀର୍ତ୍ତିରାଜି ଗୁଡିକ ବହୁ ଭଲରେ ଥିଲେ । ଉତ୍‌ଖନନ ପରେ ପାହାଡ ଉପରେ ପଡି ଖରାବର୍ଷା ଖାଇ ଦିନକୁଦିନ ମୂର୍ତ୍ତିଗୁଡିକ କଳାକୁଶଳତା ହରାଇ ବସୁଛନ୍ତି । ଗୋଟିଏ ପଟେ ବୌଦ୍ଧ ମହୋତ୍ସବ ପାଳନ କରାଯାଉଥିବା ବେଳେ ଅନ୍ୟପଟେ ଉଦୟଗିରିର ଚତୁଃପାର୍ଶ୍ୱରୁ ପଥର ତଡା ହେବା ଫଳରେ ଦିନ ଆସିବ ଉଦୟଗିରି ବୌଦ୍ଧ ବିହାର ଗୁଡିକର ଅସ୍ତିତ୍ୱ ମାଟିରେ ମିଶିଯିବ । ଏହାର ସୁରକ୍ଷା ନିମନ୍ତେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ଏ ଦିଗରେ ଦୃଷ୍ଟିଦେବା ଉଚିତ ।

**ଡକ୍ଟର ହରିଶ ଚନ୍ଦ୍ର ପୃଷ୍ଟି**

**ଐତିହାସିକ ତଥା ବୌଦ୍ଧ ଗବେଷକ, ବାଲିଚନ୍ଦ୍ରପୁର**



ସରକାରଙ୍କ ପ୍ରତ୍ନତତ୍ତ୍ୱ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍‌ଖନନ କରି ଚିହ୍ନଟ କରା ଯାଇଥିବା କୀର୍ତ୍ତିରାଜି ବ୍ୟତୀତ ଏବେବି ୨୦୦ରୁ ଅଧିକ ବିରଳ କୀର୍ତ୍ତିମଣ୍ଡଳ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଓ ଅଚିହ୍ନଟ ଅବସ୍ଥାରେ ପଡ଼ିରହିଛି । ଧର୍ମଶାଳା ଅଞ୍ଚଳର ଲାଙ୍ଗୁଡ଼ି ସମେତ କାଏମା, ଦେଉଳି, ନେଉଳପୁର, ତରାପୁର, ପନ୍ତୁରି, କଣ୍ଟିଗଡ଼ିଆ, ବଜ୍ରଗିରି ପାହାଡ଼ରେ ଲୁପ୍ତ ବୌଦ୍ଧସ୍ମାରକୀ ସମେତ ଦୁଇହଜାର ବର୍ଷତଳର ୪୦ରୁ ଉର୍ଦ୍ଧ୍ୱ ପୁରାତନ ପ୍ରସ୍ତରକଟା ବର୍ଷାବାସ ବୌଦ୍ଧଗୁମ୍ଫା ଗୁଡ଼ିକର ସନ୍ଧାନ ମିଳିଛି । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର କୋଲଣଗିରି ପାହାଡ଼ର ଶୀର୍ଷଦେଶରେ ଏକ ଅଳଙ୍କାର ବିମଣ୍ଡିତା ତାରାମୂର୍ତ୍ତି ଓ ଧ୍ୟାନୀ ବୁଦ୍ଧମୂର୍ତ୍ତି ପରିତ୍ୟକ୍ତ ଭାବେ ପଡ଼ିରହିଛି । ସେଠାରେ ମୈତ୍ରେୟଙ୍କ ଏକ ମିଟରର ଉଚ୍ଚତା ବିଶିଷ୍ଟ ବିରଳ ମସ୍ତକ ମଧ୍ଯ ଭୂଲୁଣ୍ଠିତ । ଯାଜପୁର ସହର ଓ ସହରାଞ୍ଚଳ ସନ୍ନିକଟ ଇଲାକା ଭିତରେ ଯଥା - ବିରଜା ମନ୍ଦିର, ବରାହ ମନ୍ଦିର, ସନ୍ତୁମାଧବ, ସିଦ୍ଧେଶ୍ୱର ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ବୌଦ୍ଧକୀର୍ତ୍ତିରାଜି ରହିଛି । ସେହିଭଳି ଯାଜପୁର ଜିଲ୍ଲା ଶୁଖୁଆପଡ଼ା ପାହାଡ଼ର ପାରାଭାଡ଼ି ଓ ହାତୀଖାଲ ଅଞ୍ଚଳରେ ବହୁ ବୌଦ୍ଧଗୁମ୍ଫା, ବୌଦ୍ଧସ୍ତୁପ ଓ ବୌଦ୍ଧ ବିଗ୍ରହ ରହିଛି । ଏବେ ନିକଟରେ ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଲଳିତଗିରିର ନିକଟରେ ଥିବା ପାରାଭାଡ଼ି ବୌଦ୍ଧସ୍ତୂପର ଖନନ କରାଯିବା ପରେ ପ୍ରାୟ ୧୪ଶହ ବର୍ଷ ତଳର ବୌଦ୍ଧକୀର୍ତ୍ତିରାଜିର ସନ୍ଧାନ ମିଳିଛି ।

ଅବିଭକ୍ତ କଟକ ଜିଲ୍ଲାର ଏହିଭଳି ଶତାଧିକ ସ୍ଥାନ ରହିଛି, ଯେଉଁଠି ହଜାର ହଜାର ବର୍ଷ ତଳେ ବିକଶିତ ଓ ସମୃଦ୍ଧ ବୌଦ୍ଧପଲ୍ଲୀ ଗୁଡ଼ିକ ଗଢ଼ି ଉଠିଥିଲା । ଯେଉଁଠାରେ ବୌଦ୍ଧଧର୍ମ ସଂସ୍କୃତିର ଅପୂର୍ବ ମାନମନ୍ଦିର ଗୁଡ଼ିକରେ ବୁଦ୍ଧ, ଧର୍ମ

ଫୁଟ, ଜଳସ୍ତର ପର୍ଯ୍ୟନ୍ତ ଗଭୀରତା ୨୮ଫୁଟ୍ । ଜଳସ୍ତର ପର୍ଯ୍ୟନ୍ତ ଥିବା ପାହାଚ ଗୁଡିକର ଉଚ୍ଚତା ପ୍ରତ୍ୟେକ ୩ ଫୁଟ । ରାଣକ ବଜ୍ରନାଗ ନାମକ ଜନୈକ ସାମନ୍ତଙ୍କ ଦ୍ୱାରା ଏହି ବାମ୍ଫି ବୌଦ୍ଧ ସନ୍ୟାସୀ ମାନଙ୍କୁ ଉତ୍ସର୍ଗୀକୃତ ହୋଇଥିବା କଥା ଜଳସ୍ତର ନିକଟରେ ଥିବା ଏକ ଶିଳାଲେଖରୁ ଜାଣିବାକୁ ମିଳେ । ଏହି ପ୍ରକାର ବାମ୍ଫି ସେ ସମୟରେ ପ୍ରଥମ । ଉଦୟଗିରିର ଯେଉଁ ଦିଗକୁ ଲକ୍ଷ୍ୟ କଲେ ଅସଂଖ୍ୟ ଭଗ୍ନ ଓ ପୂର୍ଣାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ । ବିଶାଳ ବାମ୍ଫିର ପାର୍ଶ୍ୱବର୍ତ୍ତୀ ମଠର କାନ୍ଥରେ ୧୮ଗୋଟି ବିଭିନ୍ନ ବୌଦ୍ଧଧର୍ମୀୟ ମୂର୍ତ୍ତି ଦେଖିବାକୁ ମିଳେ । ମଠର ପଶ୍ଚିମ ଦିଗକୁ ପାହାଡ ପର୍ଯ୍ୟନ୍ତ ଥିବା ବିଶାଳ ପ୍ରାନ୍ତର ଶେଷରେ ସର୍ବପ୍ରଥମେ ଉତ୍‌ଖନନକାର୍ଯ୍ୟ ୧୯୮୭ ମସିହାରେ ଆରମ୍ଭ ହୋଇ ବହୁ ମୂଲ୍ୟବାନ ବୌଦ୍ଧପ୍ରତ୍ନତାତ୍ତ୍ୱିକ ଅବଶେଷ ଆବିଷ୍କୃତ ହୋଇଛି । ଏହି ଉତ୍‌ଖନନ ସ୍ଥାନଟିକୁ ଇଟାଭାଟି କୁହାଯାଏ । ଏଠାରୁ ମିଳିଥିବା ମୋହର ଗୁଡିକରେ ଉତ୍‌କୀର୍ଣ୍ଣ ଲେଖାରୁ ଜଣାଯାଏ ଏହାର ନାମ ଥିଲା ମାଧବପୁର ମହାବିହାର ଆର୍ଯ୍ୟ ଭୀକ୍ଷୁ ସଂଘ । ଏହି ସ୍ଥାନରୁ ଏକ ଘଂଟାକୃତି ସ୍ତୁପ ଓ ମହାବିହାର ଆବିଷ୍କୃତ ହୋଇଛି । ସବୁଠାରୁ ମୂଲ୍ୟବାନ ଆବିଷ୍କାର ହେଉଚି ସେହି ଚୈତସ୍ତୁପରୁ ବୁଦ୍ଧଦେବ କିମ୍ବା ପଦ୍ମସମ୍ଭବଙ୍କ ଦେହାସ୍ଥି ଯାହା ଏକ ଶୁଭ୍ର ପ୍ରସ୍ତରର ଖୋଳ ମଧ୍ୟରେ ରୂପାର ଖୋଳ, ତନ୍ମଧ୍ୟରେ ସୁନାର ଖୋଳ ମଧ୍ୟରେ ସଂରକ୍ଷିତ ଥିଲା କ୍ଷୁଦ୍ର ଅସ୍ଥି ଖଣ୍ଡ । ୨୦୦୨ ଖ୍ରୀଷ୍ଟାବ୍ଦରେ ଉଦୟଗିରି ପର୍ବତମାଳାର ଦକ୍ଷିଣ-ପୂର୍ବ କୋଣରେ ମହାକାଳୀ ମନ୍ଦିର ପାର୍ଶ୍ୱରେ ଉତ୍‌ଖନନ ଫଳରେ ଏକ ବୌଦ୍ଧବିହାର ଆବିଷ୍କୃତ ହୋଇଛି । ଏଠାରୁ ମିଳିଥିବା ଏକ ଶିଳାଲେଖରେ ସିଂହପ୍ରସ୍ଥ ମହାବିହାର ଆର୍ଯ୍ୟ ଭୀକ୍ଷୁ ସଂଘସ୍ୟ ବୋଲି ଲେଖାଯାଇଛି । ଏହି



ଓ ସଂଘର ପବିତ୍ର ବାଣୀ ନିନାଦିତ ହେଉଥିଲା, ସେଠାରେ ଆଜି ସମୟର କୁଠାରଘାତ ଏହି ଐତିହ୍ୟ ଓ କୀର୍ତ୍ତିରାଜିଗୁଡ଼ିକୁ ଏବେବି ଲୋକଲୋଚନକୁ ଆଣି ପାରି ନାହିଁ । ପ୍ରାଚୀନ ଉତ୍କଳର ଏହି ଗୌରବମଣ୍ଡିତ ବୌଦ୍ଧକୀର୍ତ୍ତିରାଜିର ସ୍ମାରକୀ ଗୁଡ଼ିକ ଅବ୍ୟବସ୍ଥିତ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଥିଲାବେଳେ ଭାରତ ସରକାରଙ୍କ ଏ.ଏସ.ଆଇ. ବିଭାଗ ପକ୍ଷରୁ ସବୁଗୁଡ଼ିକର ବିଧିବଦ୍ଧ ଚିହ୍ନଟ ପ୍ରକ୍ରିୟା ମଧ ଏଯାବତ୍ କରାଯାଇ ନାହିଁ । ଅର୍ଥାଭାବରୁ ରାଜ୍ୟର ବହୁ ବିରଳ ବୌଦ୍ଧପୀଠକୁ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଓ ଉତ୍‌ଖନନ ପରବର୍ତ୍ତୀ ସଂରକ୍ଷଣ କରା ଯାଇପାରୁ ନଥିଲା ବେଳେ ନୂତନ ଇଲାକାରୁ ମିଳୁଥିବା ଏହିସବୁ ପ୍ରାଚୀନ ତଥା ବିରଳ କୀର୍ତ୍ତିରାଜି ଅବହେଳା ଓ ଅଣଦେଖାର ଶିକାର ହେବା କିଛି ବିଚିତ୍ର ନୁହେଁ । ସ୍ଥାନୀୟ ଜନବସତି ଅଞ୍ଚଳରେ ରହିଥିବା ପ୍ରାଚୀନ ବୌଦ୍ଧପଲ୍ଲୀଗୁଡ଼ିକର ଦୁର୍ମୂଲ୍ୟ କଳାକୃତିଗୁଡ଼ିକୁ ସଂରକ୍ଷଣ କରିବା ସହିତ ଏ ଦିଗରେ ସ୍ଥାନୀୟ ଗ୍ରାମବାସୀମାନେ ସଚେତନ ହେବା ସହିତ ବିଭାଗ ପକ୍ଷରୁ ଏହି ଅନାବିଷ୍କୃତ କୀର୍ତ୍ତିସ୍ଥଳଗୁଡ଼ିକର ପଞ୍ଜୀକରଣ ଓ ଏହି ପୀଠଗୁଡ଼ିକର ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି ।

## ଓଡ଼ିଶାରେ ବୌଦ୍ଧ ପର୍ଯ୍ୟଟନକୁ ଅଣଦେଖା

ଦେଶର ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିବା ରାଜ୍ୟର 'ହୀରକ ତ୍ରିଭୁଜ' ବୌଦ୍ଧପୀଠଗୁଡ଼ିକର ବିକାଶ ଏବେ ପଛରେ ପଡ଼ିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗର ଅଣଦେଖା ଏବେ ରତ୍ନଗିରି-ଉଦୟଗିରି-ଲଳିତଗିରି-ଲାଙ୍ଗୁଡ଼ି ଭଳି ବହୁ ପୁରାତନ ବୌଦ୍ଧ ଐତିହ୍ୟ ସ୍ଥଳର ଭବିଷ୍ୟତକୁ ଦିଶାହୀନ କରିଛି ବୋଲି ଆଲୋଚନା ହେଉଛି । କେନ୍ଦ୍ର ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.)ର ନିୟନ୍ତ୍ରଣାଧୀନ ରାଜ୍ୟର ଏହି ପ୍ରମୁଖ ବୌଦ୍ଧସ୍ଥଳ ବିଭିନ୍ନ ସମୟରେ ଦେଶବିଦେଶର ବୌଦ୍ଧ ପର୍ଯ୍ୟଟକ, ଗବେଷକ ଓ ଐତିହାସିକମାନଙ୍କ ପାଇଁ ହେଉଛି ଆକର୍ଷଣର କେନ୍ଦ୍ରବିନ୍ଦୁ । ପ୍ରାୟ ଚାରି ଦଶନ୍ଧି ତଳର ପ୍ରତ୍ନଉତ୍‌ଖନନ ପରେ ମାଟିତଳୁ ଆବିଷ୍କୃତ ହୋଇଥିବା ଏହି ଐତିହାସିକ କୀର୍ତ୍ତିରାଜିଗୁଡ଼ିକୁ ଠିକଣା ଭାବରେ ରକ୍ଷଣାବେକ୍ଷଣା ମଧ କରାଯାଇନାହିଁ । ଫଳରେ ଏହା ଗଦା ହୋଇରହିଛି ଏ.ଏସ୍.ଆଇ.ର ଷ୍ଟ୍ରଙ୍ଗ୍ ରୁମ୍‌ରେ ।



ପୂର୍ବରୁ ଓଡ଼ିଶାର 'ହୀରକ ତ୍ରିଭୁଜ' ଲଳିତଗିରି-ରତ୍ନଗିରି-ଉଦୟଗିରି ବୌଦ୍ଧପୀଠ ମଧ୍ୟରୁ ଉଦୟଗିରି ବୌଦ୍ଧବିହାର ଠାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ୨୦୧୩, ୨୦୧୪, ୨୦୧୫ ଓ ୨୦୧୭ ମସିହାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଆୟୋଜନ କରିଥିଲା । ଚାରିବର୍ଷ ଧରି ଆୟୋଜିତ ଏହି ସମ୍ମିଳନୀରେ ଶ୍ରୀଲଙ୍କା, ଚୀନ, ନେପାଳ, ମିଆଁମାର, ଜାପାନ, ତାଇୱାନ, ଇଣ୍ଡୋନେସିଆ ଓ ଥାଇଲାଣ୍ଡ ସମେତ ଦେଶ ବିଦେଶର ବହୁ ବୌଦ୍ଧ ପଣ୍ଡିତ, ବୌଦ୍ଧଭିକ୍ଷୁ, ପର୍ଯ୍ୟଟକ ଓ ଟୁର୍ ଅପରେଟର୍‌ମାନେ ଯୋଗ ଦେଇ ଓଡ଼ିଶାର ଏହି ପ୍ରମୁଖ ବୌଦ୍ଧକ୍ଷେତ୍ର ଗୁଡ଼ିକ ସଂପର୍କରେ ଅବଗତ ହେବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ । ସମ୍ମିଳନୀ ସମୟରେ ଭାରତ ସରକାରଙ୍କ ରେଳ ଓ ପର୍ଯ୍ୟଟନ ମନ୍ତ୍ରାଳୟର ସହଭାଗିତାରେ ସଂପୃକ୍ତ ଅଂଚଳ ନିକଟକୁ 'ମହା ପରିନିର୍ବାଣ ଏକ୍ସପ୍ରେସ୍' ରେଳଗାଡ଼ି ବୌଦ୍ଧ ପର୍ଯ୍ୟଟକ, ଟୁର୍ ଅପରେଟର ଓ ଜାତୀୟ ଗଣମାଧ୍ୟମଗୁଡ଼ିକୁ ନେଇ ଆସିଥିଲା । ବାର୍ଷିକ ପ୍ରାୟ ୫୦/୬୦ ଲକ୍ଷ ଟଙ୍କା ବ୍ୟୟରେ ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀ ବନ୍ଦ ହୋଇଯାଇଥିଲେ ମଧ୍ୟ ଏହାପରେ ଓଡ଼ିଶାକୁ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କ




# ଡଃ ସୁମିତ୍ରା ମିଶ୍ରଙ୍କ

**୨୦୨୩-୨୪ ରେ ପ୍ରକାଶିତ ପୁସ୍ତକ ପାଇବା ପାଇଁ**

**ଯୋଗାଯୋଗ କରନ୍ତୁ- ଲେଖିକା: ୯୯୨୦୬୯୬୮୧୫**

**ସମସ୍ତ ବହି ପାଇପାରିବେ ଆମାଜନ୍ ବୁକ୍ସ ରେ ।**

ମହାବିହାର ଦୁଇ ମହଲା ବିଶିଷ୍ଟ । ଏହି ମହାବିହାର ମଧ୍ୟରେ ୧୩ ଗୋଟି କୋଠରୀ ରହିଛି ଓ ଭୂମିସ୍ପର୍ଶ ମୁଦ୍ରାରେ ଉପବିଷ୍ଟ ଦଶଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ବୁଦ୍ଧଙ୍କ ମୂର୍ତ୍ତି ଅକ୍ଷତ ଅବସ୍ଥାରେ ରହିଛି । ମହାବିହାର ମଧ୍ୟରୁ ବୋଧିସତ୍ୱ, ତାରା, ହାରିତୀ, ଲୋକେଶ୍ୱର, ଲୌହଖଡ୍ଗ, ତୀର ଇତ୍ୟାଦି ଆବିଷ୍କୃତ ହୋଇଛି । ଏଠାରୁ ମିଳିଥିବା ମାଟିପାତ୍ର, ମୋହର ଓ ଶିଳାଲିପିରୁ ଜଣାପଡେ, ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ୫୦୦ବର୍ଷ ପର୍ଯ୍ୟନ୍ତ ଏହା ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କର ସାଧନାର ପୀଠ ହୋଇ ରହିଥିଲା । ପରବର୍ତ୍ତୀ ସମୟରେ ଭୌମକର ବଂଶର ରାଜତ୍ୱ କାଳରେ ଏହା ଥିଲା ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଓ ବଜ୍ରଯାନ ସାଧନାପୀଠ, ଏବଂ ଏହି ଉଦୟଗିରିରୁ ହିଁ ବଜ୍ରଯାନର ବାର୍ତ୍ତା ସୁଦୂର ଜାଭା, ବର୍ମା, ସିଂହଳ, କାମ୍ବୋଡିଆ ଓ ଲାଉସରେ ପ୍ରଚାରିତ ହୋଇଥିଲା । ଇଂରେଜ ଶାସନକାଳରେ ଉଦୟଗିରିରୁ ବହୁ ପ୍ରତ୍ନସ୍ଥାପତ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛି । ଜନ୍ ବୀମ୍ସ୍ ଉଦୟଗିରିରୁ ଧ୍ୟାନୀ ବୁଦ୍ଧ, ଅମିତାଭ, ଦ୍ୱାଦଶଭୁଜ ବିଶିଷ୍ଟ ପ୍ରଜ୍ଞାପାରମିତା ଓ ଏକ ଗଙ୍ଗାମୂର୍ତ୍ତି କଟକକୁ ସ୍ଥାନାନ୍ତରିତ କରିଥିଲେ । କଲିକତା ସଂଗ୍ରହାଳୟରେ ଏବେ ବି ସଂରକ୍ଷିତ ଅଷ୍ଟଭୂଜା ମାରିଚୀ ମୂର୍ତ୍ତି ଓ ବୈଶ୍ରବଣ ମୂର୍ତ୍ତି ଉଦୟଗିରିରୁ ସ୍ଥାନାନ୍ତରିତ ହୋଇଥିବା ଜାଣିବାକୁ ମିଳେ । ସଂଖ୍ୟା ଦୃଷ୍ଟିରୁ ଲଳିତଗିରି ଓ



ରତ୍ନଗିରିରୁ ଉପଲବ୍ଧ ହେଉଥିବା ପ୍ରତ୍ନବୌଦ୍ଧ ଅବଶେଷ ତୁଳନାରେ ଉଦୟଗିରିର ପ୍ରତ୍ନ ସଂପଦ ଅଧିକ ସ୍ଥାପତ୍ୟ ଦୃଷ୍ଟିରୁ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ । ରତ୍ନଗିରି ବୌଦ୍ଧମାନଙ୍କର ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ସ୍ଥଳ ଥିବା ବେଳେ ଉଦୟଗିରି ଥିଲା ସିଦ୍ଧସାଧକ ମାନଙ୍କର ସାଧନା ଓ ସିଦ୍ଧିର ପୀଠସ୍ଥଳ । ଉଦୟଗିରିର ଗୌରବମୟ ପରମ୍ପରା ସାମଗ୍ରିକ ପରିପ୍ରକାଶ ଘଟିନାହିଁ । କାରଣ ଏବେ ମଧ୍ୟ ଏହି ପର୍ବତମାଳାର ବହୁ ଅଂଶ ପ୍ରତ୍ନତାତ୍ତ୍ୱିକ ଉତ୍ଖନନ ଲାଗି ଅପେକ୍ଷାରତ ।

## ଲଳିତଗିରି

ଅବିଭକ୍ତ କଟକ ଜିଲ୍ଲାର ମାହାଙ୍ଗା ଥାନା ଓ ଯାଜପୁର ଜିଲ୍ଲାର ବଡଚଣା ଥାନାର ସଂଯୋଗସ୍ଥଳୀରେ ବିରୂପା ଓ ଚିତ୍ରୋତ୍ପଳା ଉପତ୍ୟକାରେ ଲଳିତଗିରି ଅବସ୍ଥିତ । ଅଶେଷ ପ୍ରତ୍ନବୌଦ୍ଧ ସଂପଦରେ ପରିପୂର୍ଣ୍ଣ । ଓଲାଷୁଣୀ, ଲଣ୍ଡା ଓ ପାରାଭାଡି ନାମକ ତିନିଗୋଟି ପାହାଡକୁ ନେଇ ଲଳିତଗିରି ନାମିତ । ଓଲାଷୁଣୀ ପାହାଡରେ ସନ୍ଥ ଅରକ୍ଷିତ ଦାସଙ୍କ ଗୁମ୍ଫା ଓ ସମାଧି ବ୍ୟତୀତ ବିଶେଷ କିଛି ବୌଦ୍ଧ କୀର୍ତ୍ତି ପରିଲକ୍ଷିତ ହୁଏ ନାହିଁ । ଏକଦା ପାରାଭାଡି ପାହାଡର ଉତ୍ତର ପାର୍ଶ୍ୱରେ ଗୁମ୍ଫା ଭଳି କଟା ଯାଇଥିବା ପଥର ପାହାଡ ଉପରେ ଅନେକ ଗୁଡ଼ିଏ

ସଂଖ୍ୟା ବଢ଼ିଥିଲା ।

ତେବେ ଦେଶର ଅନ୍ୟ ରାଜ୍ୟରେ ଥିବା ବୌଦ୍ଧ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଯେଭଳି ଆନୁଷଙ୍ଗିକ ବିକାଶ କରାଯାଇ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇପାରୁଛି- ଓଡ଼ିଶା କ୍ଷେତ୍ରରେ ସେଭଳି ହୋଇନାହିଁ । ବିଖ୍ୟାତ ବୌଦ୍ଧପୀଠ ଲଳିତଗିରି ଠାରେ ତଥାଗତ ଗୌତମ ବୁଦ୍ଧଙ୍କ ପବିତ୍ର ରେଲିକ୍ସ କାସ୍କେଟ ଆବିଷ୍କୃତ ହୋଇଥିଲା ବେଳେ ଉଦୟଗିରି ଠାରେ ବିରଳ ଦ୍ୱିତଳ ବୌଦ୍ଧ ମହାବିହାର, ମହାସ୍ତୁପ ରତ୍ନଗିରି ଠାରେ ପ୍ରାଚୀନ ବୌଦ୍ଧ ବିଶ୍ୱ ବିଦ୍ୟାଳୟ ଭଳି ଅନେକ ବିଶ୍ୱବିରଳ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି । କିନ୍ତୁ ଏହି ପୀଠଗୁଡ଼ିକର ଆନୁଷଙ୍ଗିକ ବିକାଶ ସହିତ ଏହାକୁ ଆକର୍ଷଣୀୟ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ କୌଣସି ମାଷ୍ଟର ପ୍ଲାନ କରାଯାଇ ନାହିଁ ।



ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଲଳିତଗିରି-ରତ୍ନଗିରି-ଉଦୟଗିରି ଠାରେ ବୌଦ୍ଧକୀର୍ତ୍ତିରାଜିର ଅନେକ ମହାର୍ଘ ଓ ମନୋରମ ବୌଦ୍ଧବିହାର, ମହାସ୍ତୂପ, ଚୈତଗୃହସ୍ତୂପ, ମହାକାଳ ମନ୍ଦିର,ବିଶାଳ ସ୍ତୂପରାଜି, ଶହଶହ ମନୋଜ୍ଞ ବୌଦ୍ଧବିଗ୍ରହ ଏବଂ ଗୌତମ ବୁଦ୍ଧଙ୍କ ପବିତ୍ର ଅସ୍ଥି ଦେହାବଶେଷ ସମେତ ହଜାର ହଜାର ସଂଖ୍ୟାରେ ପ୍ରତ୍ନସଂପଦ ଆବିଷ୍କୃତ ହୋଇଛି । କିନ୍ତୁ ଏହି ମନୋରମ କୀର୍ତ୍ତିରାଜିଗୁଡ଼ିକୁ ଉପଯୁକ୍ତ ଭାବେ ପ୍ରଦର୍ଶିତ କରି ଏବଂ ସଂପୃକ୍ତ ବୌଦ୍ଧପୀଠଗୁଡ଼ିକୁ ଆକର୍ଷଣୀୟ ଭାବେ ବିକଶିତ କରାଗଲେ, ଦେଶ ବିଦେଶରୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଏହି ପୀଠ ପରିଦର୍ଶନ କରନ୍ତେ । ବୋଧଗୟା, ସାରନାଥ, ନାଳନ୍ଦା ଓ ତକ୍ଷଶିଳା ଠାରେ ଯେଭଳି ବୌଦ୍ଧ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ସୁନ୍ଦର ପାରିପାର୍ଶ୍ୱିକ କ୍ଷେତ୍ରଗୁଡ଼ିକର ବିକାଶ କରାଯାଇଛି- ତାହା ଓଡ଼ିଶାର ଏହି ପ୍ରମୁଖ ବୌଦ୍ଧପୀଠଗୁଡ଼ିକରେ ଏଯାବତ୍ କରା ଯାଇନାହିଁ ।

## ବିଶ୍ୱ ଐତିହ୍ୟ କୀର୍ତ୍ତିରାଜି ମାନ୍ୟତା ରଖେ 'ହୀରକ ତ୍ରିଭୁଜ'

ପୂର୍ବଭାରତର ଏହି ପ୍ରମୁଖ ତିନି ବୌଦ୍ଧପୀଠ ସମୂହର ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ଏବଂ ସେଠାରୁ ଆବିଷ୍କୃତ ବୌଦ୍ଧକୀର୍ତ୍ତି ଗୁଡ଼ିକ ପାଇଁ ଲଳିତଗିରି-ରତ୍ନଗିରି-ଉଦୟଗିରି ବୌଦ୍ଧପୀଠ ଇଲାକା ବିଶ୍ୱ ଐତିହ୍ୟ କୀର୍ତ୍ତି (**World Heritage Site**) ଭାବେ ମାନ୍ୟତା ପାଇବା କଥା । କିନ୍ତୁ ତାହା ହୋଇ ପାରିନାହିଁ । ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱ ଐତିହ୍ୟ କୀର୍ତ୍ତିରାଜି ଅଂଚଳରେ ସାମିଲ ହେଲେ ଅବିଭକ୍ତ କଟକ ଜିଲ୍ଲାର ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଇଲାକାର ପାରିପାର୍ଶ୍ୱିକ ରୂପରେଖ ବଦଳି ଯିବ ଏବଂ ଦେଶ ବିଦେଶରୁ ଅଧିକରୁ ଅଧିକ ପର୍ଯ୍ୟଟକ, ଗବେଷକ ଓ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଣତ ହୋଇପାରିବ ।



ପଦ୍ମପାଣୀ ଅବଲୋକିତେଶ୍ୱର ରହିଥିଲା । ଏହି ସ୍ଥାନକୁ ସ୍ଥାନୀୟ ଲୋକମାନେ ହାତୀଆଖାଲ ବୋଲି କହନ୍ତି । ପରବର୍ତ୍ତୀ ସମୟରେ ସେହି ମୂର୍ତ୍ତି ଗୁଡ଼ିକୁ ଏକ ସଂଗ୍ରହାଳୟ ମଧ୍ୟରେ ସଂରକ୍ଷିତ କରାଯାଇଛି । ଲଣ୍ଡା ପାହାଡର ପୂର୍ବ-ଉତ୍ତର ପାର୍ଶ୍ୱ ପାହାଡକୁ ଲାଗି ଯେଉଁ ଉପତ୍ୟକା ଭଳି ସ୍ଥାନ ସୃଷ୍ଟି ହୋଇଛି ସେଠାରେ ଏକ ବୌଦ୍ଧ ମନ୍ଦିର ମଧ୍ୟରେ ଅଷ୍ଟମ ଶତାବ୍ଦୀ ସମୟର ବୌଦ୍ଧଧାରଣୀ ଖୋଦିତ । ସେହି ଉପତ୍ୟକାରେ ପାଂଚଗୋଟି ଅବଲୋକିତଶ୍ୱେର ମୂର୍ତ୍ତି ରହିଥିଲା । ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ଦ୍ୱାରା ଅଧିଗ୍ରହଣ ପୂର୍ବରୁ ଖୋଳାଖୋଳି କରିବା ଫଳରେ ଅନେକ ବୌଦ୍ଧମୂର୍ତ୍ତି ପ୍ରାପ୍ତ ହୋଇଥିଲା । ଛଅଗୋଟି ମୂର୍ତ୍ତି ଏଠାରୁ କେନ୍ଦ୍ରାପଡା ନିଆଯାଇ ସେଠାରୁ କଲିକତାର ଭାରତୀୟ ସଂଗ୍ରହାଳୟକୁ ସ୍ଥାନାନ୍ତରିତ ହୋଇଛି । ୧୯୮୫ ମସିହାରେ କେନ୍ଦ୍ରୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା ଲଣ୍ଡା ପାହାଡରେ



## ଉଦୟଗିରିରେ ବୌଦ୍ଧ ସଂଗ୍ରହାଳୟ ପ୍ରତିଷ୍ଠା ବିଳମ୍ବିତ

ପ୍ରତ୍ନ ଉତ୍‌ଖନନର ଦୀର୍ଘ ୩୫ବର୍ଷ ବିତିଯାଇଥିଲେ ମଧ୍ୟ ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ଠାରେ ପ୍ରତିଷ୍ଠା ହୋଇ ପାରିନି ବୌଦ୍ଧ ଐତିହ୍ୟ ସଂଗ୍ରହଳାୟ । ଭୌଗୋଳିକ ପରିସୀମାକୁ ଦେଖିଲେ ‘ହୀରକ ତ୍ରିଭୁଜ’ (**Diamond Tringle**) ବୌଦ୍ଧ ପରିମଣ୍ଡଳ ମଧ୍ୟରୁ ଉଦୟଗିରି ହେଉଛି ଏକ ସୁବୃହତ ବୌଦ୍ଧକ୍ଷେତ୍ର । ତିନିପଟ ପାହାଡ଼ର ସବୁଜିମା ପରିବେଷ୍ଟିତ ଏହି କ୍ଷେତ୍ରର ପ୍ରାକୃତିକ ସୁଷମା ଓ ସୌନ୍ଦର୍ଯ୍ୟ ଏକ ଅନୁପମ ଭୂଖଣ୍ଡର ଭ୍ରମ ସୃଷ୍ଟି କରିଥାଏ । ଉଦୟଗିରି ବୌଦ୍ଧକ୍ଷେତ୍ରରୁ ବିପୁଳ ପରିମାଣର କୀର୍ତ୍ତିରାଜି ଆବିଷ୍କୃତ ହୋଇ ସଂଗ୍ରହାଳୟ ଅଭାବରୁ ତାହାକୁ ଏ.ଏସ୍.ଆଇ.ର ଭୁବନେଶ୍ୱର କାର୍ଯ୍ୟାଳୟ ଗୋଦାମଘରେ ବର୍ଷ ବର୍ଷ ଧରି ଗଦା କରି ରଖାଯାଇଛି । ପ୍ରଥମେ ରତ୍ନଗିରି ଏବଂ ପରେ ଲଳିତଗିରି ଠାରେ ୨୦୧୯ ମସିହା ଡିସେମ୍ବର ୨୪ ତାରିଖରେ ପ୍ରଧାନମନ୍ତ୍ରଙ୍କ ଦ୍ୱାରା ଭିଡ଼ିଓ କନ୍‌ଫେରେନସିଂ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ଉଦୟଗିରି ପଛରେ ପଡ଼ିଯାଇଛି । ନିକଟରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଉଦୟଗିରି ଠାରେ ବୌଦ୍ଧ ଐତିହ୍ୟ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଏକ ଦାବିପତ୍ର ଦିଆଯାଇଛି । କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଏଥିପାଇଁ ସବୁଜ ସଂକେତ ମିଳିଛି ଏବଂ ଏ.ଏସ୍.ଆଇ. ପକ୍ଷରୁ ପ୍ରସ୍ତାବିତ ବୌଦ୍ଧ ସଂଗ୍ରହାଳୟ ପାଇଁ ଏକ ପରିବର୍ଦ୍ଧିତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସଂସ୍କୃତି ବିଭାଗକୁ ପଠାଯାଇଛି ।

## ଶେଷକଥା

ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ଉପଯୁକ୍ତ ବିକାଶ ଓ ଦେଶ ବିଦେଶରେ ଏହାର ପ୍ରଚାର-ପ୍ରସାର ପାଇଁ ଯେଭଳି ଉଦ୍ୟମ କରିବା କଥା ତାହା ଓଡ଼ିଶାରେ ହୋଇପାରି ନାହିଁ । ସେଥିପାଇଁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବୌଦ୍ଧ ପର୍ଯ୍ୟଟନ ବିଭବଗୁଡ଼ିକ ଏବେ ବି ଅଣଦେଖା ହୋଇ ପଡ଼ି ରହିଥିବା ବୁଦ୍ଧିଜୀବୀମାନେ ମତ ଦେଇ କୁହନ୍ତି । ଉତ୍‌ଖନନର ଦୀର୍ଘ ୩୫ବର୍ଷ ପରେ ପ୍ରାଚୀନ ସଂରକ୍ଷିତ ବର୍ଗରେ ଆସୁଥିବା ଏହି ବୌଦ୍ଧପୀଠ ପରିସୀମା ଚାରିପଟେ ତାରବାଡ଼ ଦିଆ ଯାଉଛି ଓ ଏବେ ବି ପର୍ଯ୍ୟାୟ କ୍ରମେ ସଂରକ୍ଷଣ କାର୍ଯ୍ୟ ଚାଲୁ ରହିଛି । ଉଦୟଗିରି ଭଳି ଏକଦା ପ୍ରାଚୀନ ବୌଦ୍ଧଧର୍ମ, କଳା ଓ ସଂସ୍କୃତି କ୍ଷେତ୍ରରେ ‘ହୀରକ ତ୍ରିଭୁଜ’ର ଅସାଧାରଣ କୀର୍ତ୍ତିସ୍ଥଳଗୁଡ଼ିକ ଥିଲା ସମଗ୍ର ଭାରବର୍ଷରେ ଏକ ପ୍ରମୁଖ ପୀଠ । ଏହାର ସାମଗ୍ରିକ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କର ଆନ୍ତରିକ ଓ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ । ରାଜ୍ୟର ଏହି ବୌଦ୍ଧ ସର୍କିଟର ଆନୁଷ୍ଠାନିକ ଭିତ୍ତିଭୂମିର ବିକାଶ କରାନଗଲେ, ଦେଶ ବିଦେଶର ବୌଦ୍ଧ ପର୍ଯ୍ୟଟକମାନଙ୍କ ପାଇଁ ଏହା କେବଳ ସ୍ମୃତିର ସ୍ମାରକୀ ହୋଇ ରହିଯିବ ।

ସଦସ୍ୟ, ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର
ଫୋନ : ୯୪୩୭୨୨୬୭୯୭

ଉତ୍ଖନନ ଶେଷ ହୋଇଯିବା ପରେ ସେଠାରୁ ମିଳିଥିବା କଳାକୃତି ଓ ମୂର୍ତ୍ତିସବୁ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ସଂଗ୍ରହାଳୟରେ ସଂରକ୍ଷିତ କରାଯାଇ ରଖାଯାଇଛି । ଲଣ୍ଡା ପାହାଡର ଶିଖର ଦେଶରୁ ଏକ ପ୍ରସ୍ତର ସ୍ତୁପ ଆବିଷ୍କୃତ ହୋଇଛି । ଏହି ସ୍ତୁପର ବ୍ୟାସ ୧୨ମିଟର ଉଚ୍ଚତା ୮ମିଟର । ଏହି ସ୍ତୁପ ମଧ୍ୟରୁ ତିନିଗୋଟି ସ୍ୱର୍ଣ୍ଣ ପେଟିକାରେ ସଂରକ୍ଷିତ ତଥାଗତ ବୁଦ୍ଧ, ସାରିପୁତ୍ତ ଓ ମୋଗଲୟାନଙ୍କ ଦେହାସ୍ଥି ଆବିଷ୍କୃତ ହୋଇଛି । କେତେକ ଏହାକୁ ତଥାଗତ ବୁଦ୍ଧଙ୍କ ଚିତାଭସ୍ମ ବୋଲି ମନେକରନ୍ତି । ସେ ଯାହାହେଉ ପୃଥିବୀର ସମଗ୍ର ବୌଦ୍ଧ ଜଗତରେ ଏହା ସର୍ବପ୍ରଥମ ଆବିଷ୍କାର । ଅଧୁନା ଏହି ପେଟିକା ଗୁଡିକ ଭୁବନେଶ୍ୱର ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗର ଭଣ୍ଡାର ଘରେ ସୁରକ୍ଷିତ ଭାବେ ରଖାଯାଇଛି ।



ଲଳିତଗିରି ଉତ୍ଖନନ ବେଳେ ୪ଗୋଟି ବିହାର ଆବିଷ୍କୃତ ହୋଇଛି । ପ୍ରତ୍ୟେକ ବିହାର ମଧ୍ୟରେ ଅନେକ କୋଠରୀ ରହିଛି ଓ କେନ୍ଦ୍ରୀୟ କକ୍ଷରେ ଗୋଟିଏ ଗୋଟିଏ ବିରାଟ ବୁଦ୍ଧମୂର୍ତ୍ତି ରହିଛି । ପ୍ରଥମ ବିହାର ମଧ୍ୟରୁ ମିଳିଥିବା ଏକ ମୋହରରେ ଲିଖିତ ଅଛି ଶ୍ରୀ ପୁଷ୍ପଗିରି । ଚତୁର୍ଥ ବିହାର ମଧ୍ୟରୁ ମିଳିଥିବା ମୋହରରେ ଉଲ୍ଲେଖ ଅଛି ଶ୍ରୀ ଚନ୍ଦ୍ରାଦିତ୍ୟ ମହାବିହାର, ସମଗ୍ର ଆର୍ଯ୍ୟଭୀକ୍ଷୁ ସଂଘସ୍ୟ । ଏଥିରୁ ସ୍ପଷ୍ଟ ମନେହୁଏ ଏହି ବିହାରଟି ଗୁପ୍ତ ସମ୍ରାଟ ବିଷ୍ଣୁଗୁପ୍ତ ଚନ୍ଦ୍ରାଦିତ୍ୟ ନାମରେ  ନାମିତ ହୋଇଥିଲା । ଏହି ବିହାରଟି ପ୍ରଥମେ ହୀନଯାନୀ ବୌଦ୍ଧମାନଙ୍କର ସାଧନାର ପୀଠ ଥିବା ଅନୁମାନ କରାଯାଏ । କାରଣ ଏଠାରେ  ବୁଦ୍ଧ ଓ ତାଙ୍କର ପ୍ରମୁଖ ଶିଷ୍ୟମାନଙ୍କର ଦନ୍ତ, ଅସ୍ଥି ଆଦି ମିଳିଥିଲା । ଏହା ବ୍ୟତୀତ ଅଶ୍ୱସ୍ଥ ବୃକ୍ଷ ଓ ବୁଦ୍ଧଙ୍କ ପାଦଯୁଗଳ ଆଦି ମଧ୍ୟ ମିଳିଥିଲା । ଉତ୍ଖନନରୁ ବହୁ କୁଷାଣ ମୁଦ୍ରା ଓ ସ୍ୱର୍ଣ୍ଣମୁଦ୍ରା ପ୍ରାପ୍ତ ହୋଇଛି । ଏହିସ୍ଥାନରୁ ପ୍ରାପ୍ତ ହୋଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାପତ୍ୟ ହେଲା ଅଶ୍ୱଖୁରାକୃତି ଚୈତ୍ୟଗୃହର ଆବିଷ୍କାର । ଏହାକୁ ମହାଯାନୀ ବୌଦ୍ଧମାନେ ପ୍ରାର୍ଥନା ଗୃହ ଭାବେ ବ୍ୟବହାର କରୁଥିଲେ । ନିଜର ମନସ୍କାମନା ପୂର୍ଣ୍ଣ କରିବା ନିମିତ୍ତ ପ୍ରସ୍ତର ଖଣ୍ଡରେ ବୌଦ୍ଧ ମନ୍ତ୍ର ଉତ୍କୀର୍ଣ୍ଣ କରି ଏହି ଚୈତ୍ୟଗୃହରେ ସ୍ଥାପନ କରିଥିଲେ । ଏହିଭଳି ଏକ ଶିଳାଲିପି ଓଡିଶା ସଂଗ୍ରହାଳୟରେ ଓ ଅନ୍ୟଟି ଯାଜପୁରର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତା ମଧ୍ୟରେ ସଂରକ୍ଷିତ ହୋଇ ରଖା ଯାଇଛି ।



## ବୌଦ୍ଧଧର୍ମର ଅଧୋଗତି

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ପରେ ପରେ  ଓଡିଶାରେ ବୌଦ୍ଧଧର୍ମର ଅଧୋଗତି ଦେଖା ଦେଇଥିଲା ।  ତତ୍କାଳୀନ ରାଜା ଓ ରାଜ ପରିବାରର ପୃଷ୍ଠପୋଷକତା ହରାଇ ବୌଦ୍ଧଧର୍ମ ହିନ୍ଦୁଧର୍ମ ସହ ପ୍ରତିଯୋଗୀତା କରିପାରିଲା ନାହିଁ  । ଏହାଛଡା ବୌଦ୍ଧମାନେ କେତୋଟି ସଂପ୍ରଦାୟରେ ବିଭାଜିତ ହେବା ଦ୍ୱାରା ସେମାନଙ୍କର ଏକତା ଧୀର ଧୀରେ ହ୍ରାସ ପାଇବାକୁ ଲାଗିଲା । ବୌଦ୍ଧଧର୍ମାବଲମ୍ବୀ ମାନେ ମୂର୍ତ୍ତି ପୂଜାର ଘୋର ବିରୋଧୀ ଥିଲେ । ସେମାନେ ବୁଦ୍ଧ ନୀତିବାଣୀ ଉପରେ ବିଶେଷ ପ୍ରାଧାନ୍ୟ ଦେଉଥିଲେ । ହୀନଯାନ ପ୍ରଥା ମହାତ୍ମା ବୁଦ୍ଧ ଓ ଅଶୋକଙ୍କ ସମୟରେ ପ୍ରଚଳିତ ଥିଲା । କାଳକ୍ରମେ ମହାଯାନ ପ୍ରଚଳନ ଫଳରେ  ବୌଦ୍ଧଧର୍ମାବଲମ୍ବୀମାନେ ବୁଦ୍ଧଙ୍କ ମୂର୍ତ୍ତି ସହିତ ଅନ୍ୟାନ୍ୟ ମୂର୍ତ୍ତି, ଯଥା: ଅବଲୋକିତେଶ୍ୱର, ବଜ୍ରପାଣି, ବୁଦ୍ଧିସତ୍ୱ, ନାଗରାଜ, ଉଡନ୍ତା ବିଦ୍ୟାଧର, ଜାମ୍ଭଳ, ଆଦିଙ୍କୁ ପୂଜା ଉପାସନା କରିବାକୁ ଆରମ୍ଭ କଲେ । ବହୁଧର୍ମ ସହ ବୌଦ୍ଧ ଧର୍ମର ସମ୍ମିଶ୍ରଣ ଘଟିଲା । ଫଳରେ ମୂଳ ବୌଦ୍ଧଧର୍ମ ନିଜର ସ୍ୱତନ୍ତ୍ରତା ହରାଇ ବସିଲା । ପ୍ରଥମରୁ ବୌଦ୍ଧଧର୍ମର ତତ୍ୱ ସହଜ ଏବଂ ସରଳ ଥିଲା । ପରେ ତାନ୍ତ୍ରିକ ବିଶ୍ୱାସ ଦ୍ୱାରା ଜଡିତ ହୋଇ ବୌଦ୍ଧଧର୍ମ ବିକୃତ ହେବା ସଂଗେ ସଂଗେ ଲୋକପ୍ରିୟତା ହରାଇ ବସିଲା ।

## ଅଭାବ ଅସୁବିଧା

ରାଜ୍ୟ ତଥା ରାଜ୍ୟବାହାରୁ ପ୍ରତିଦିନ ହୀରକ ତ୍ରିଭୁଜ ରତ୍ନଗିରି,ଉଦୟଗିରି ଓ ଲଳିତଗିରି ଭ୍ରମଣରେ  ଆସୁଥିବା ପର୍ଯ୍ୟଟକ, ଐତିହାସିକ, ଗବେଷକ ତଥା ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଗମନାଗମନ ନିମିତ୍ତ ବିଶେଷ କିଛି ସୁବିଧା ନାହିଁ । ରାଜ୍ୟ ପର୍ଯ୍ୟଟନ ବିଭାଗ ତଥା କେନ୍ଦ୍ର ସରକାରଙ୍କ ତରଫରୁ ଆଜି ପର୍ଯ୍ୟନ୍ତ ଏ ଦିଗରେ ଦୃଷ୍ଟିପାତ କରାଯାଇନି । ବୌଦ୍ଧ କୀର୍ତ୍ତିରାଜି ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ସହାୟତା ନିମନ୍ତେ ଗାଇଡ୍ ନିଯୁକ୍ତି ପାଇନଥିବାରୁ ବହୁ ଅସୁବିଧା ପରିଲକ୍ଷିତ ହେଉଛି । ପ୍ରତ୍ନତତ୍ୱ ବିଭାଗ ତରଫରୁ ଗାଇଡ୍‌ମାନଙ୍କୁ ନିଯୁକ୍ତ କଲେ ପର୍ଯ୍ୟଟକମାନେ ସମସ୍ତ ପ୍ରସଙ୍ଗ ଭଲଭାବେ ଜାଣିପାରିବେ ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ଭ୍ରମଣ କାହାଣୀ-୧



# ଦକ୍ଷିଣୀ ଦେବଭୂମି

## ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଫ୍ଲାଟ୍ ନଂ-୨୦୬, କୁଶୁମ ବାଟିକା ଆପାର୍ଟମେଣ୍ଟ୍,
ଶତାବ୍ଦୀ ନଗର, ଭୁବନେଶ୍ୱର-୭୫୧୦୦୩
ଫୋନ: ୯୭୭୭୯୦୫୦୫୨/ ୯୮୬୧୭୮୮୯୯୯


ଫଟୋ ସୌଜନ୍ୟ : ଲେଖିକା

# ଚାରୋଟି ମନ୍ଦିରର ଇତିକଥା

**ଯାତ୍ରା ଏକ ଜିଜ୍ଞାସା । ବିଳାସ ନୁହେଁ । ଏହା ଏକ କୌତୁହଳ ବି । ଏଇ କୌତୁହଳବଶତଃ ତାମିଲନାଡୁ ଓ କେରଳ ଯିବାର ଏକ ଅଭିନବ ପ୍ରସ୍ତାବ ମୂଳରେ ଥିଲା ମନ୍ଦିର ଦର୍ଶନର ଅଭିପ୍ରାୟ । କାରଣ ମୀନାକ୍ଷୀ, ରାମେଶ୍ୱରମ୍, କନ୍ୟାକୁମାରୀ ଓ ପଦ୍ମନାଭ ସ୍ୱାମୀ ମନ୍ଦିର ଦେଖିବାର ପ୍ରବଳ ଆକାଂକ୍ଷା ଥିଲା ମନରେ । ମନ୍ଦିର ଦେଖିବା ସହ ତାର କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ଶୋଭା ଆଦି ଦେଖିବା ଥିଲା ଅନ୍ୟତମ ଆକର୍ଷଣ । ମନ୍ଦିର ଦେଖା ହୁଏ, ତା ସହ ଇତିହାସ, ପ୍ରାଚୀନ ସାହିତ୍ୟ ଓ ପୁରାଣ ବିଷୟରେ ଅନୁସନ୍ଧିତ୍ସା ବି ପୂରଣ ହୁଏ ପାରିବାରିକ ଯାତ୍ରାରେ । ଏପରି ଏକ ପାରିବାରିକ ଯାତ୍ରାର ଅନୁଭୂତି ବାଢନ୍ତି ଲେଖିକା ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ।**




ଯାତ୍ରା ଏକ ବିଳାସ ଆଦୌ ନୁହେଁ । ଏହା ଏକ କୌତୁହଳ ବରଂ । ଏଇ କୌତୁହଳରେ ତାମିଲନାଡୁ ଓ କେରଳ ଯିବାର ଏକ ଅଭିନବ ପ୍ରସ୍ତାବରେ ମୋ ବର ହଠାତ୍ ରାଜି ହୋଇଯିବାର ଅନ୍ୟ ଏକ ବଡ କାରଣ ଥିଲା ମନ୍ଦିର ଦର୍ଶନ । ବାଟରେ ମୀନାକ୍ଷୀ, ରାମେଶ୍ୱରମ୍, କନ୍ୟାକୁମାରୀ ଓ ପଦ୍ମନାଭ ସ୍ୱାମୀ ମନ୍ଦିର ଦେଖିବାର ପ୍ରବଳ ଆକାଂକ୍ଷାରେ ସେ ରାଜି ହୋଇଗଲେ । କଥା ହେଲା ସେ ମନ୍ଦିର ଦେଖିବେ ଓ ମୁଁ କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ଶୋଭା । ଆମ ଦୁହିଁଙ୍କର ଭିନ୍ନ ରୁଚି ହେଲେ ବି ଆମେ ଏକାଙ୍ଗ ହେଉ ପିଲାମାନଙ୍କ ଲାଗି । ତାଙ୍କର ମନ୍ଦିର ଦେଖା ହୁଏ, ମୋର ଇତିହାସ, ପ୍ରାଚୀନ ସାହିତ୍ୟ ଓ ପୁରାଣ ବିଷୟରେ ଅନୁସନ୍ଧିତ୍ସା ପୂରଣ ହୁଏ ଏଇ ପାରିବାରିକ ଯାତ୍ରାରେ ।

ଆମର ଯାତ୍ରାର ଅନେକ କଷ୍ଟକର ଅନୁଭବମାନଙ୍କୁ ଆପଣମାନଙ୍କୁ କହି ଏଠି ଅଯଥା ଭାରାକ୍ରାନ୍ତ କରୁନାହିଁ । ମୁଖ୍ୟତଃ ଏଠି ଚାରୋଟି ମନ୍ଦିର, ଦର୍ଶନ, ଇତିହାସ, ପୌରାଣିକ କାହାଣୀ ଓ କଥାବସ୍ତୁ ତଥା ତାର ପାରମ୍ପରିକତାର ବିଷୟରେ ଆପଣମାନଙ୍କୁ ସମ୍ୟକ ଧାରଣା ଦେଉଛି ।

ଓଡିଶାରୁ ଆମକୁ ହାଇଦ୍ରାବାଦ ଯାତ୍ରା କରିବାର ଥିଲା ପ୍ଲେନ୍‌ରେ, ସେଠୁ କନେକ୍‌ଟିଙ୍ଗ୍ ଫ୍ଲାଇଟ୍ ଥିଲା ମଦୁରାଇ । କିନ୍ତୁ ଫ୍ଲାଇଟ୍ କ୍ୟାନ୍‌ସଲ୍ ଆଉ ତଜ୍ଜନିତ କଷ୍ଟମାନଙ୍କୁ ଅତିକ୍ରମ କରି ଆମେ ଡିସେମ୍ବର ସତେଇଶ ତାରିଖ ଦିନ ନ'ଟାରେ ପହଞ୍ଚିଲୁ ମଦୁରାଇ । ବାହାରିଥିଲୁ ବଡଦିନରେ ।

## ମୀନାକ୍ଷୀ ମନ୍ଦିର

ତାମିଲନାଡୁର ପାଣିପାଗ ଆପାତତଃ ଖୁବ୍ ଅଧିକ ଗରମ, ଓଡିଶା ଅପେକ୍ଷା । ସେତେବେଳକୁ ଓଡିଶା (ଭୁବନେଶ୍ୱର)ରେ ଟିକେ ଥଣ୍ଡା ଅନୁଭୂତ ହେଉଥିବା ବେଳେ ମଦୁରାଇରେ ଥିଲା ଖୁବ୍ ଗରମ ଓ ଟାଇଁଟାଇଁ ଖରା । ଦିନ ବାରଟା ପୂର୍ବରୁ ଆମେ ମନ୍ଦିର ଭିତରେ ପ୍ରବେଶ କରି ଯାଇଥିଲୁ । ଏଠି ମାତା ପାର୍ବତୀ ମୀନାକ୍ଷୀ ଓ ସଦାଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି । ସେଠାର ଲୋକାଲ ଲୋକ 'ମୀନାକ୍ଷୀ ଆମ୍ମା' ବୋଲି ସମ୍ବୋଧନ କରନ୍ତି ମାତାଙ୍କୁ ।

ରାଜା ମଳୟଧୈଜ ଓ କାଞ୍ଚନମାଳାଙ୍କର କୌଣସି ସନ୍ତାନସନ୍ତତି ନହେବାରୁ ରାଜା ଏକ ଭବ୍ୟ ଯଜ୍ଞ ଆୟୋଜନ କଲେ ପୁତ୍ର କାମନା କରି । ଯଜ୍ଞ ସଫଳ ହେଲା ସତ କିନ୍ତୁ ରାଜାଙ୍କୁ ପ୍ରାପ୍ତ ହେଲା ଏକ କନ୍ୟାସନ୍ତାନ ଯାହାର କି ତିନୋଟି ସ୍ତନ ଥିଲା । ଅତିବ ସୁନ୍ଦରୀ କନ୍ୟାର ଲାଳନପାଳନ ରାଜାରାଣୀ ଦୁହେଁ କଲେ ବି ତାର ବିବାହ ଚିନ୍ତାରେ ଅସ୍ଥିର ହେଲେ ଦମ୍ପତ୍ତି । ଝିଅଟି ବଡ ହେବା ଉତ୍ତାରୁ ତାର ଆକର୍ଷଣ ଶିବଙ୍କ ପ୍ରତି ବଢି ଚାଲିଲା । କନ୍ୟାଟି ମଦୁରାଇ ନିକଟସ୍ଥ ଏକ ଅନୁଚ୍ଚ ପର୍ବତ ଉପରେ ଶିବଙ୍କୁ ଆରାଧନା କରିବାକୁ ଆରମ୍ଭ କଲେ । କନ୍ୟାର ତପସ୍ୟାରେ ସନ୍ତୁଷ୍ଟ ହେଇ ଶେଷରେ ମହାଦେବ ତାଙ୍କୁ ବିବାହ କରିବାର ସମ୍ମତି ଦେବା ସହ ମଦୁରାଇ ଫେରିଯାଇ ତାଙ୍କୁ ସେଠି ଅପେକ୍ଷା କରିବାକୁ କହିଲେ । ମଦୁରାଇ ଫେରିବାର ଅଷ୍ଟମ ଦିନରେ ଶିବ ସୁନ୍ଦରେଶ୍ୱର ଭାବରେ ଆସି ଉକ୍ତ କନ୍ୟାଟିର ପାଣି ଗ୍ରହଣ କଲେ । ଝିଅଟିର ନାମ ଥିଲା ମୀନାକ୍ଷୀ । କୁହାଯାଏ ଏଇ ବାହାଘରରେ ପାଳନକର୍ତ୍ତା ବିଷ୍ଣୁ ନିଜେ ମୀନାକ୍ଷୀଙ୍କ ଭାଇ ହେବାର ଶପଥ ନେଇଥିଲେ ଓ କନ୍ୟାଦାନ ମଧ୍ୟ କରିଥିଲେ ।

ରାଜା କୁଳ ଶେଖର ପାଣ୍ଡା ପାଣ୍ଡା ବଂଶର ରାଜା ଏହି ମନ୍ଦିର ନିର୍ମାଣ କରାଇ ଥିଲେ । ଷୋହଳ ଶହ ଶତାବ୍ଦୀରେ । କିଛି ଲୋକ ଏକଥା ମଧ୍ୟ କୁହନ୍ତି ମୀନାକ୍ଷୀ ରାଜ ମଳୟଧୈଜ ନୁହେଁ ବରଂ କୁଳ ଶେଖରଙ୍କ କନ୍ୟା ଥିଲେ । ତଥାପି ଏହି ବିରାଟ ତଥା ସୁନ୍ଦର ମନ୍ଦିରରେ ମାତା ପାର୍ବତୀ ମୀନାକ୍ଷୀଙ୍କ ରୂପରେ ପୂଜା ପାଆନ୍ତି । ମାଆଙ୍କ ନାକର ହୀରାଫୁଲଟି ଦୀପର ଆଲୋକରେ ନକ୍ଷତ୍ର ପରି ଝଟକୁଥାଏ । ଚାରୋଟି ବାରଣ୍ଡାରେର ମଧ୍ୟ ସ୍ଥଳରେ ମନ୍ଦିରଟି ଅଛି । ସମ୍ପୂର୍ଣ୍ଣ ବାରଣ୍ଡା ଗୁଡିକର କାରୁକାର୍ଯ୍ୟ ଦେଖିଲେ ଭାରତୀୟ ହେବାର ଏକ ଅହଂକାର ଆପେ ଆପେ ମନକୁ ଆସେ ।

## ରାମେଶ୍ୱରମ୍

ପମ୍ବନ ଦ୍ୱୀପ ତାମିଲନାଡୁର ଏକ ଶାଖା । କିନ୍ତୁ ଏହା ମୂଳ ଜମି ଠାରୁ ଆରବ ଓ ବଙ୍ଗୋପସାଗର ଯୋଗେ ଅଲଗା ହୋଇଛି । ଏହାକୁ ଏକ ତ୍ରିକୋଣ ଭୂମି କୁହାଯାଇ ପାରେ । ରାମେଶ୍ୱରମ୍‌ରେ ପୂଜା ପାଉଥିବା ଲିଙ୍ଗ ଆମ ଦ୍ୱାଦଶ ଜୋତିର୍ଲିଙ୍ଗଙ୍କ ଭିତରୁ ଅନ୍ୟତମ । ଏହି ଜାଗାର ପ୍ରତିଷ୍ଠାକୁ ନେଇ ଦୁଇଟି କାହାଣୀ ଅଛି ।

### ପ୍ରଥମ କାହାଣୀ

ଲଙ୍କାର ରାଜା ରାବଣ ପ୍ରଚଣ୍ଡ ଓ ପ୍ରବଳ ଶିବଭକ୍ତ ଥିଲା । ସେ ସବୁଦିନ ବ୍ରାହ୍ମ ମୁହୂର୍ତ୍ତରେ ଲଙ୍କାରୁ

କୈଳାଶ ଯାଉଥିଲେ ତାର ଆରାଧ୍ୟଙ୍କୁ ଦର୍ଶନ କରିବାକୁ । ଦିନେ ସେ କୈଳାସରେ ପହଞ୍ଚିଲା ବେଳକୁ ସୂର୍ଯ୍ୟ ଉଦୟ ହେଇ ସାରିଥିଲେ । ସେଦିନ ସେ ସମ୍ପୂର୍ଣ୍ଣ ଦିନଟି ଉପବାସରେ କାଟିଦେଲେ । ଆଉ ସେଇଠି ବସି ରହି ସେ ଶିବ ତାଣ୍ଡବ ସ୍ତୋତ୍ରକୁ ବୋଲିବା ଆରମ୍ଭ କଲେ (ଅନେକ ଜାଣନ୍ତିକି ନାହିଁ ନିଜେ ରାବଣ ଏହାର ରଚୟିତା ମଧ୍ୟ) । ରାତ୍ରି ହେବାରୁ ମହାଦେବ କୈଳାସ ଫେରିଲେ ଏବଂ ଭକ୍ତକୁ ଏପରି ଅବସ୍ଥାରେ ଦେଖି ଅତି ଦୁଃଖିତ ହେଲେ । ଏବଂ ନିଜ ଶକ୍ତିର ଏକ ଅଂଶ ଭାବରେ ଏକ ଜୋତିର୍ଲିଙ୍ଗ ଗଣେଶଙ୍କ ହାତରେ ଲଙ୍କା ପ୍ରେରଣ କଲେ । କିନ୍ତୁ ଦେବତାମାନେ ହେଲେ ଭୟାର୍ତ୍ତ । ତେଣୁ କଥା ହେଲା ରାବଣ ବୁଲି ଚାହିଁବ ନାହିଁ । ଯଦି ସେ ପଛକୁ ଫେରି ଦେଖେ ତେବେ ସେ ଲିଙ୍ଗ ସେଇଠି ରହିଯିବେ ଆଉ ଲଙ୍କା ଯିବେ ନାହିଁ । ଆଗେ ଆଗେ ରାବଣ ଓ ପଛରେ ଗଜାନନ ଜୋତିର୍ଲିଙ୍ଗଙ୍କୁ ଧରି ଚାଲିଥାନ୍ତି । ଗଣେଶଙ୍କ ନୂପୁରର ଧ୍ୱନିରୁ ରାବଣ ଜାଣୁଥାଏ ସେ ପଛରେ ଆସୁଛନ୍ତି । ଲଙ୍କା ପାଖ ହେଇ ଆସୁଛି, ଭୀତତ୍ରସ୍ତ ସମଗ୍ର ଦେବଗଣ ! ଏତିକି ବେଳେ ଗଣେଶଙ୍କ ଗୋଡ ସମୁଦ୍ର ବାଲିରେ ପଶି ଆଉ ନୂପୁରର ନିକ୍ୱଣ ଶୁଭିଲା ନାହିଁ, ତେଣୁ ଦଶାନନ ପଛକୁ ଫେରି ଚାହିଁଦେଲେ ଏବଂ ବଚନ ରକ୍ଷା କରି ଜ୍ୟୋତିର୍ଲିଙ୍ଗ ସେଇଠି ପମ୍ବନ ଦ୍ୱୀପରେ ରହିଗଲେ । ଲଙ୍କା ଆଗକୁ ଆହୁରି ଶହେ ଯୋଜନ ଦୂରରେ ରହିଲା । ଆଶ୍ୱସ୍ତ ହେଲେ ଦେବତାମାନେ ।

ଆଉ ଏକ କାହାଣୀ ଅନୁସାରେ ରାବଣକୁ ବଧ କରି ଫେରିଲା ପରେ ନିଜର ବିଜୟର ସଂକେତ ରୂପରେ ରଘୁବଂଶୀ ରାମ ସେଠି ଜ୍ୟୋତିର୍ଲିଙ୍ଗଙ୍କୁ ପ୍ରତିଷ୍ଠା କରିବାକୁ ଚାହିଁଲେ । ହନୁମାନଙ୍କୁ ପଠାଗଲା କୈଳାଶ ଜ୍ୟୋତିର୍ଲିଙ୍ଗ ଆଣିବାକୁ । ହନୁମାନ ଯାଇଛନ୍ତି, ଏଣେ ଗଡି ଯାଉଛି ଶୁଭ ମୁହୂର୍ତ୍ତ । ସୀତା ଆଉ ଅପେକ୍ଷା କଲେ ନାହିଁ ନିଜର ଅଶ୍ରୁ ଓ ସମୁଦ୍ରର ବାଲିକୁ ଏକାଠି କରି ଗଢିଲେ ଏକ ଶିବଲିଙ୍ଗ ଏବଂ ପ୍ରତିଷ୍ଠା କରାଗଲା ତାଙ୍କୁ ରାମଶ୍ୱରମ୍ ବା ରାମଙ୍କ ଈଶ୍ୱର ଭାବରେ । ଏତିକି ବେଳେ ହନୁମାନ ଫେରିଲେ ଧରି ଏକ ସ୍ଫଟିକର ଲିଙ୍ଗ । ସେ ରହିଲେ ସାଥିରେ । ଏଇ ସ୍ଫଟିକର ଲିଙ୍ଗ କେବଳ ବ୍ରାହ୍ମ ମୁହୂର୍ତ୍ତରେ ନିଜ ପେଟିକାରୁ ପଦାକୁ ଆସନ୍ତି ଏବଂ ପୂଜା ହୁଅନ୍ତି । ଅନ୍ୟ ସବୁ ସମୟରେ ମାତାସୀତାଙ୍କ ବାଲୁକା ଲିଙ୍ଗ ଏଠି ଦୃଶ୍ୟମାନ ।

ଏହି ମନ୍ଦିରର ବାରଣ୍ଡା ସମଗ୍ର ବିଶ୍ୱରେ world longest corridor ନାମରେ ମଧ୍ୟ ନାମିତ । ଏହା

The outer set of corridors is reputed to be the longest in the world, measuring about 6.9 m in height, 400 feet each in the east and west and about 640 feet in the north and the south. The inner corridors are about 224 feet each in the east and the west and about 352 feet each in the north and the south.

ମନ୍ଦିର ସଂଲଗ୍ନ ହେଇ ପ୍ରାୟ ବାଇଶଟି କୂଅ ଅଛନ୍ତି । ଯେଉଁଠି ଭକ୍ତମାନେ ମନ୍ଦିର ପ୍ରବେଶ ପୂର୍ବରୁ ସ୍ନାନ କରନ୍ତି । ଆଚମ୍ବିତ କଥା ହେଉଛି ସମ୍ପୂର୍ଣ୍ଣ ବାଇଶ୍‌ଟି କୂଅ ଇଣ୍ଡିଆନ୍ ଆର୍କିଟେକ୍‌ଚରାଲ୍‌ର ଏକ ଅତି ଅଦ୍ଭୁତ କାରନାମା ଏ କୂଅ ସବୁ । ଭାବି ହେଉନି ଯେ ସେ ସମୟରେ ଆଧୁନିକ ଇକ୍ୟୁପ୍‌ମେଣ୍ଟ୍ ବିନା କିପରି ଭାବରେ ମାଟିର ବିଭିନ୍ନ ସ୍ତରକୁ ଠିକ୍ ଭାବରେ ପରୀକ୍ଷା କରି ସେମାନେ





କୂଅ ସବୁ ଖୋଳି ପାରିଲେ ? କାରଣ ପ୍ରତିଟି କୂଅର ପାଣିର ସ୍ୱାଦ ଓ ଉଷ୍ଣତା ଭିନ୍ନ ଭିନ୍ନ ଯେତେବେଳେ କି ବାଇଶଟି କୂଅର ସମ୍ପୂର୍ଣ୍ଣ ପରିସର ୫୦୦ ମିଟର !! ଆମେ ଭାରତୀୟମାନେ କେବଳ ପଥର ନୁହେଁ ବରଂ ମାଟିକୁ ବି ଉପଯୁକ୍ତ ଭାବରେ ବୁଝିବାର କଳା ରଖୁ । ମନ୍ଦିର ପାଖରେ ପାର୍ବତୀ ଆମ୍ମାଙ୍କ ଏକ ଛୋଟ ତଥା ଗଣେଷ ଓ କାର୍ତ୍ତିକେୟ ବା ମୁରୁଗାନ୍ ମନ୍ଦିର ମଧ୍ୟ ଅଛି ।

## କନ୍ୟାକୁମାରୀ

କନ୍ୟାକୁମାରୀ ମନ୍ଦିରରେ ଫଟୋ ଉଠାଇବା ମନା । କେବଳ ମନ୍ଦିରର କିଛି ଫଟୋ । ବାକି ସବୁ ନେଟ୍‌ରୁ ମିଳିଲା ।

କୁହାଯାଏ କନ୍ୟାକୁମାରୀ ଆଦ୍ୟା ମହାବିଦ୍ୟା ମହାକାଳୀଙ୍କର ଶହେ ସାତ ତମ ଜନ୍ମ(ଶିବଙ୍କର ପତ୍ନୀ ଭାବରେ ମାଆ କାଳୀ ମାନବ ରୂପରେ କେବଳ ତାଙ୍କୁ ଶହେ ଆଠ ଥର ବରଣ କରିଥିଲେ । ଦେବୀ ଭାଗବତ୍ ପୁରାଣ) ଏହି ଜନ୍ମ ନେବାର କାରଣ ଥିଲା ରାକ୍ଷସ ବାଣାସୁର । ଯେ’ ବ୍ରହ୍ମାଙ୍କ ଠୁ ବରପ୍ରାପ୍ତ ଥିଲା ତାଙ୍କୁ ମହାକାଳ, ମହାକାଳୀ, ବିଷ୍ଣୁ, ତ୍ରିଦେବ, ଅଗ୍ନି, ବରୁଣ, ଇନ୍ଦ୍ର କିମ୍ବା ଅନ୍ୟ କୌଣସି ଦେବାଦେବୀ ବଧ କରି ପାରିବେ ନାହିଁ ! ସେ କେବଳ ଏକ ଅକ୍ଷତ କୁମାରୀ କନ୍ୟା ହାତରେ ମୃତ୍ୟୁପ୍ରାପ୍ତ ହେବ ଯେ କି ତାକୁ ଯୁଦ୍ଧରେ ପରାଜିତ କରି ପାରିବେ !

ଅତଏବ ମହାକାଳୀ କୁମାରୀ ଭାବରେ ଏକ କୁମ୍ଭାର ପରିବାରରେ ଜନ୍ମଗ୍ରହଣ କଲେ । କିନ୍ତୁ କାଳଖଣ୍ଡରେ ସେ ମହାଦେବ ‘ଶିବ’ଙ୍କ ପ୍ରତି ଆକୃଷ୍ଟ ହେଲେ ଓ ତାଙ୍କୁ ପତି ରୂପରେ ବରଣ କରିବାର ଇଚ୍ଛାରେ ମାଟିର ଶିବଲିଙ୍ଗ ତିଆରି ଆରାଧନା କରିବାକୁ ଲାଗିଲେ । ବାଣାସୁର କୁମାରୀଙ୍କ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାଙ୍କ ତପଭଗ୍ନ କରିବାର ପ୍ରୟାସ କରନ୍ତେ କୁମାରୀ ପ୍ରତିଜ୍ଞା କଲେ ଆଜି ରାତିର ଶେଷ ପ୍ରହର ସୁଦ୍ଧା ସେ ମହାଦେବଙ୍କୁ ବିବାହ ନକରି ପାରିଲେ ଚିର କୁମାରୀ ରହିବେ ।

ପ୍ରହର ପରେ ପ୍ରହର ବିତୁଛି ରାତି, ଶେଷ ହେଉନି ଅର୍ଚ୍ଚନା, ଆସୁ ନାହାଁନ୍ତି ମହାଦେବ । ତେଣେ ମହାଦେବଙ୍କୁ ଅଟକାଇ ରଖା ଯାଇଛି । ରାତିର ଶେଷ ପ୍ରହର, ଉତ୍କଣ୍ଠିତ କୁମାରୀ ! ଆରାଧନାରେ ମଗ୍ନ । ଏଇ ତ, ଏଇ ତ ଉଦୟ ହୋଇଗଲେ ସୂର୍ଯ୍ୟ ! ତପସ୍ୟାର ଫଳ କଣ ଏଇଆ ? ଏଇ କଣ ତାଙ୍କର ସମର୍ପଣର ପରିଣାମ ? ଏତିକି ବେଳେ ବାଣାସୁରର ପ୍ରବେଶ, କ୍ରୋଧିତ କୁମାରୀ ଭୀଷଣ ଯୁଦ୍ଧରତ ଅସୁର ସହ । ପରାସ୍ତ ଅସୁର ଓ ଶେଷରେ ମୃତ ।

ହାତରେ ବରଣମାଳା ଧରି ଚିର ଅପେକ୍ଷିତ କୁମାରୀ । ପହଞ୍ଚି ପାରି ନାହାନ୍ତି ମହାଦେବ !!

କନ୍ୟାକୁମାରୀ ମନ୍ଦିରକୁ ନେଇ ଟିକେ ଦ୍ୱିଧା ଅଛି । କିଛି କୁହନ୍ତି କନ୍ୟା କୁମାରୀ ମନ୍ଦିର ବିବେକାନନ୍ଦ ଶିଳା ପାଖାପାଖି । ତଥାପି ଲୋକାଲ୍ ଲୋକମାନଙ୍କ ସହ କଥାବାର୍ତ୍ତା ହୋଇ ଜାଣିଲୁ ମନ୍ଦିରଟି ଏଇଟି ଏବଂ ଏଠି ମାତା କୁମାରୀ ଭାବରେ ପୂଜା ପାଆନ୍ତି । ପ୍ରତି ରାତିରେ ମାତା ଷୋଡଶ ଶ୍ରୀଙ୍ଗାର କରି ଅପେକ୍ଷା କରନ୍ତି ପ୍ରିୟତମକୁ । ସେଥିପାଇ ଏଠି ଭକ୍ତମାନେ ଫୁଲ (ଗଭାରେ ସଜାଇବାକୁ), ଚୁଡି, ସିନ୍ଦୂର ଓ ଟିକିଲି ଦିଅନ୍ତି ଭେଟିରେ । କଥିତ ଅଛି ଏହି ମନ୍ଦିରକୁ ପର୍ଶୁରାମ ପ୍ରତିଷ୍ଠା କରିଥିଲେ ।

## ପଦ୍ମନାଭ ସ୍ୱାମୀ ମନ୍ଦିର

ଅଠର ଶହ ଶତାବ୍ଦୀରେ ମହାରାଜା ମାର୍ତ୍ତଣ୍ଡ ବର୍ମା ଏହି ମନ୍ଦିରଟି ନିର୍ମାଣ କରାଇ ଥିଲେ । ଅଦ୍ୟାବଧି ଏହି ରାଜବଂଶ ଏହାର ପ୍ରଥମ ସେବକ । ଆମ ଠାକୁର ରାଜାଙ୍କ ପରି ପଦ୍ମନାଭ ସ୍ୱାମୀ ତାଙ୍କର ଆରାଧ୍ୟ । ଏହା କେରଳର ଥିରୁଅନନ୍ତପୁରମ୍ ଏକ ବିରାଟ ମନ୍ଦିର ଯେଉଁଠି ପାଳନକର୍ତ୍ତା ବିଷ୍ଣୁଙ୍କୁ ଆପଣ ଅନନ୍ତ ଶୟନ ମୁଦ୍ରାରେ ଦେଖିବାକୁ ପାଇବେ । ଅଠର ଫୁଟ ଲମ୍ବା ମୂର୍ତ୍ତି ଇଏ । ଏଯାବତ୍ ଏ ମନ୍ଦିରକୁ ନେଇ ରହସ୍ୟର କୌଣସି ସୀମା ନାହିଁ । ଏହାର ଗଠନ ନିତାନ୍ତ ସାଧାରଣ ତଥାପି କୁହାଯାଏ ବିଭିନ୍ନ ସମୟରେ ଏ ମନ୍ଦିରକୁ ବାରମ୍ୱାର ଭାଙ୍ଗି ପୁନଃନିର୍ମାଣ କରା ଯାଇଛି । କାରଣ ଏହାର ସମ୍ପତ୍ତି । କିଛି ବର୍ଷ ତଳେ ସୁପ୍ରିମକୋର୍ଟର ଅର୍ଡରରେ ଏହାର ସମୁଦାୟ ଛଅଟି ଗୁପ୍ତ ଦ୍ୱାର ଖୋଲାଯାଇ ଅକଳନ ସମ୍ପତ୍ତିର ଠିକଣା କରା ଯାଇଛି । ସେଥିରେ ଅଛି ସୁନା, ରୂପା, ହୀରା, ମୋତି, ମାଣିକ୍ୟ, ବୈଦୁର୍ଯ୍ୟ, ତଥା ଅନ୍ୟାନ୍ୟ ଦୁର୍ମୂଲ୍ୟ ବସ୍ତୁ । କୁହା ଯାଉଛି ତାହାର ମୂଲ୍ୟାଙ୍କନ ମଧ୍ୟ ସମ୍ଭବ ନୁହେଁ । ଏପରି ବି କୁହା ଯାଉଛି ଯାହା ମୂଲ୍ୟ ଆକଳନ କରା ଯାଉଛି ତାହା ବାରମ୍ୱାର ପରିବର୍ତ୍ତିତ ତଥା ପରିବର୍ଦ୍ଧିତ ହେଉଛି । ସବୁଠାରୁ ଆଚମ୍ଭିତ କଥା ହେଉଛି ଏହାର ସପ୍ତମ ଦ୍ୱାର ! ଏଥିରେ କୌଣସି ଚାବି, ତାଲା କିମ୍ବା ଅନ୍ୟ କିଛି ନାହିଁ । କେବଳ ଦୁଇଟି ବିରାଟକାୟ ସାପ ପରସ୍ପରକୁ ମୁଖ କରି ରହିଛନ୍ତି । ସେଠାକାର ମୂଳ ନିବାସୀ ମାନଙ୍କ ବିଶ୍ୱାସ ଏହି ଦ୍ୱାରକୁ ଗରୁଡ ମନ୍ତ୍ରଦ୍ୱାରା ବନ୍ଦ କରା ଯାଇଛି । ଆଉ କିଛି କୁହନ୍ତି ଏ ଦ୍ୱାରା ଭିତରେ ମିଳିଥିବା ଛ’ଅଟି ଦ୍ୱାର ଠୁ ଅଧିକ ସମ୍ପତ୍ତି ଅଛି । ଆଉ କେହି କୁହନ୍ତି ଏହି ଦ୍ୱାର ଖୋଲିଲେ ବା ଖୋଲିବାର ଚେଷ୍ଟା କରାଗଲେ ଏ ପୃଥିବୀ ଉପରକୁ ମହା ବିପତ୍ତି ଆସିବ ।

ଲୋକ ମୁଖରେ ଅନେକ କଥା, କାହାଣୀ ଓ କିମ୍ବଦନ୍ତୀ- ଏହି ମନ୍ଦିରର ସପ୍ତମ ଦ୍ୱାରକୁ ନେଇ । ମନ୍ଦିର ଭିତରେ କ୍ୟାମେରା, ଘଡି, ବେଲ୍ଟ୍ ତଥା ମୋବାଇଲ୍ କିଛି ବି ନେବାର ଅନୁମତି ନାହିଁ । ଏ ମନ୍ଦିରରେ ପୁରୁଷ ଓ ନାରୀ ମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଡ୍ରେସ୍‌କୋଡ୍ ଅଛି । ପୁରୁଷ ମାନେ କେବଳ କେରଳି ଧୋତି ଓ ନାରୀମାନେ ହାଫ୍ ଶାଢ଼ି ନହେଲେ ଶାଢି ପିନ୍ଧି ପାରିବେ ।

ଏ ସମସ୍ତ ମନ୍ଦିର ବୁଲିବା ଏବଂ ତାହାର ଡାଟା ସଂଗ୍ରହ କରିବା ଭିତରେ ମୁଁ କେବଳ ଏତିକି ବୁଝିଲି ଯେ’ ଈଶ୍ୱର କେବଳ ଧନୀ ଲୋକମାନଙ୍କର । ଯାହା ପାଖରେ ଟଙ୍କା ଅଛି ତାକୁ ଜଲ୍‌ଦି ମିଳନ୍ତି । ଏ ସବୁ ହୁଏତ ମୋର ନିଜସ୍ୱ ଅନୁଭବ । କିନ୍ତୁ ଆପଣମାନଙ୍କ ଅନୁଭବ ମୋ ଠୁ ଅଲଗା ହେଇପାରେ ।

ପଦ୍ମନାଭ ସ୍ୱାମୀ ମନ୍ଦିର ଦର୍ଶନ ଦିନ ମଧ୍ୟ ମୋର ଶରୀର ଅସୁସ୍ଥ ଥିଲା । ମୋର ଅସୁସ୍ଥତା ଯୋଗୁ ଆମେ କେରଳର ଅନେକ ଜାଗା ବୁଲି ପାରିଲୁ ନାହିଁ । ତେବେ ଶେଷରେ ଗୋଟେ କଥା ସମୁଦ୍ରକୂଳିଆ ଝିଅ ହେଇ ବି ମୋତେ ପାହାଡ ଆକର୍ଷିତ କରେ । ଚପିକାଲ ଜାଗାମାନଙ୍କର ଆନନ୍ଦ ମୁଁ ସେତେଟା ନେଇ ପାରେ ନାହିଁ । ମୋତେ ସମୁଦ୍ର ଲାଗେ ଅହଂକାରୀ ପ୍ରେମିକଟେ ପରି । ଯେ’ ନଦୀର ସମର୍ପଣରେ ଧାର୍ ଧାରେନା ।

ଆପଣମାନେ କେବେ ଏସବୁ ଜାଗା ବୁଲିଗଲେ ଯଦି ମୋର ଏହି କ୍ଷୁଦ୍ର ଆଲ୍ୟଖଟି ଆପଣମାନଙ୍କର ସାମାନ୍ୟ କାମରେ ଆସେ, ତେବେ ଶ୍ରମ ସାର୍ଥକ ହେବ ।



# ମନ୍ଦିରର ମହକ

# ବିଦେଶରେ ହିନ୍ଦୁତ୍ୱର ବୌଦ୍ଧିକ ଅନୁଭବ

**ରେବା ପଟ୍ଟନାୟକ**
ଫ୍ଲାଟ୍ ନଂ ୨୦୫, ସ୍ୱର୍ଣ୍ଣଲତା ଆପାର୍ଟମେଣ୍ଟ,
ଇଣ୍ଡିଆ ଅଫିସ ପାଖ, ବମିଖାଲ,
ଭୁବନେଶ୍ୱର-୭୫୧୦୧୦
ଫୋନ: ୯୮୬୧୦୧୭୫୫୧

ଫଟୋ ସୌଜନ୍ୟ : ଲେଖିକା

**ଭାରତ ବାହାରେ ଭାରତୀୟଙ୍କୁ ଦେଖିଲେ ଯେମିତି ଆପଣାପଣ ଅନୁଭବ ହୁଏ, ଠିକ ସେମିତି ବିଦେଶରେ କୋଉଠି ଭାରତୀୟ ମନ୍ଦିର ଦେଖିଲେ ଆଶ୍ଚର୍ଯ୍ୟ ଚକିତ ହେବା ଥୟ । କମ୍ବୋଡିଆ ଦେଶର ଏକ ସହରରେ ରହଛି ସେମିତି କିଛି ହିନ୍ଦୁ ଦେବାଦେବୀଙ୍କ ମନ୍ଦିର, ଯାହାର ରକ୍ଷଣାବେକ୍ଷଣ ମଧ୍ୟ ଭାରତ ସରକାର କରୁଛନ୍ତି । ସେମିତି ଏକ ସହରରୁ ଫେରି ନିଜସ୍ୱ ଅନୁଭବ ବାଢନ୍ତି ଲେଖିକା ।**



▲ ଲେଖିକା ରେବା ପଟ୍ଟନାୟକ

ଗତ ଫେବ୍ରୁଆରି ମାସ କୋଡ଼ିଏ ତାରିଖରେ ଭୁବନେଶ୍ୱରରୁ ବାହାରି ଆମେ ପହଞ୍ଚିଲୁ କୋଲ୍‌କାତା ବିମାନବନ୍ଦର ଠାରେ । କୋଲ୍‌କାତାରୁ ଆମର ଯାତ୍ରା ଥିଲା ସିଙ୍ଗାପୁର ପର୍ଯ୍ୟନ୍ତ । ମନ ଅତ୍ୟନ୍ତ ବ୍ୟଗ୍ର, ଆକାଶରେ ଉଡୁଥାଏ ଯେମିତି । ଆମେ ଭୁବନେଶ୍ୱର ଠାରୁ ଯାଇଥାଉ ମାତ୍ର ଛଅ ଜଣ । ମୋର ଅନେକ ଦିନର ଅଭିଳାଷ ପୂରଣ ହେବାକୁ ଯାଉଥାଏ । ନିଜର ଶିକ୍ଷୟିତ୍ରୀ ଜୀବନ କାଳରେ ପିଲାଙ୍କ ସାଙ୍ଗରେ ଓ ଇତହାସର ପୃଷ୍ଠା ଓଲଟାଇଲା ବେଳେ କାମ୍ବୋଡ଼ିଆର ସିଏମ୍ ରିପ୍ ସହରରେ ଅବସ୍ଥିତ ସେହି ବିରାଟ ହିନ୍ଦୁ ମନ୍ଦିରର ଛବି ମୋ ମାନସ ପଟରେ ସଦାସର୍ବଦା ଏକ ପ୍ରତିଛବିଟିଏ ଆଙ୍କିଦିଏ କିଛିଦିନ ପାଇଁ । କୋଲ୍‌କାତାରୁ ସିଙ୍ଗାପୁର ପ୍ରାୟ ଚାରିଘଣ୍ଟାର ବିମାନ ଯାତ୍ରା । ବାଟ ସାରା ପୁରୁଣା ଓଡ଼ିଆ ଗୀତ ଗୁଣୁ ଗୁଣାଉଥାଏ ମୁଁ । ମନ ଉଡୁଥାଏ ଉଚ୍ଛାଟ ହୋଇ । ସିଙ୍ଗାପୁର ପହଞ୍ଚିଲା ବେଳକୁ ସକାଳ ସାତଟା । ସାଢ଼େ ଆଠଟା ସ୍ଥାନୀୟ ସମୟରେ । ସେଠାରୁ ଫ୍ଲାଇଟ୍ ଥାଏ ସିଏମ୍ ରିପ୍‌କୁ ।

ଠିକ୍ ସାଢ଼େ ଦଶଟାରେ ଆମ ଫ୍ଲାଇଟ୍ ଛୁଇଁଲା ସିଏମ୍ ରିପ୍‌ର ମାଟିକୁ । ସତରେ ଅଦ୍ଭୁତ ଥିଲା ସେ ଅନୁଭବ । ପୃଥିବୀର ଆଉ କେଉଁ ପ୍ରାନ୍ତରରେ ପହଞ୍ଚିଥିଲେ ହୁଏତ ଏ ପ୍ରକାରର ଶିହରଣ ଅନୁଭବ କରି ନ ଥାଆନ୍ତି ମୁଁ । ଆଉ ସବୁଠାରୁ ବିସ୍ମିତ ହେଲୁ ସିଏମ୍ ରିପ୍ ବିମାନ ବନ୍ଦରରେ ସେ ଅପୂର୍ବ ସୁନ୍ଦର ଶିବ ମୂର୍ତ୍ତିକୁ ଦେଖି । ଏ କଣ ? ସେ ଦେଶରେ ଏତେ କାରୁକାର୍ଯ୍ୟ ପୂର୍ଣ୍ଣ ସୁନ୍ଦର ଶିବଙ୍କୁ ଦେଖି ବିହ୍ୱଳ ହୋଇଗଲୁ । ଖୁସିରେ ଖୁସିରେ ଚାଲିଲୁ ଲଗେଜ୍ ସଂଗ୍ରହ କରିବା ପାଇଁ । ଆରେ ଏ କଣ ? ଛିଡ଼ା ହୋଇ ଅନାଇ ରହିଛୁ, ଶେଷରେ ଲଗେଜ୍ ସବୁ ଆସିବା ବନ୍ଦ ହୋଇଗଲା । କଥା କଣ ବୁଝିଲା ବେଳକୁ ଆମର ଦୁଇଟି ଲଗେଜ୍ ଓ ବନ୍ଧୁ ପୁଣ୍ୟଶ୍ଳୋକ ବାବୁଙ୍କର ଲଗେଜ୍ ସିଙ୍ଗାପୁର ଠାରେ ଲୋଡ୍ ହିଁ ହୋଇ ନାହିଁ । ସିଏମ୍ ରିପ୍ ଏୟାରପୋର୍ଟଟି ଛୋଟ । ସେଠାକୁ ସିଙ୍ଗାପୁରରୁ ମାତ୍ର ଗୋଟିଏ ଫ୍ଲାଇଟ୍ ପ୍ରତିଦିନ ଆସେ । ତା ମାନେ ଆମକୁ ଆମର ସୁଟ୍‌କେସ୍ ପାଇଁ ତା ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଆଉ କିଛି ଉପାୟ ନ ଥିଲା । ମୁଁ ଭୁବନେଶ୍ୱରରୁ ଯେଉଁ ଶାଢ଼ି ପିନ୍ଧି ଯାଇଥିଲି, ସେହି ଶାଢ଼ିରେ ହିଁ ଦୁଇଦିନ କଟାଇଲି । ମୋର ସ୍ୱାମୀ ଓ ତାଙ୍କ ବନ୍ଧୁଙ୍କ ଅବସ୍ଥା ମଧ୍ୟ ତଦ୍ରୂପ ଥିଲା । ତେବେ ସିଏମ୍ ରିପ୍ ର ମାଟି ଛୁଇଁବା ପରେ ଏ ସବୁ ଅସୁବିଧା ଅତି ନଗଣ୍ୟ ମନେ ହୋଇଥିଲା ।

ଆମେ ଏୟାରପୋର୍ଟରେ ପହଞ୍ଚିବା ବେଳକୁ ବମ୍ବେରୁ ଆସିଥିବା ଆମ ଗ୍ରୁପ୍‌ର ଅନ୍ୟାନ୍ୟ ବନ୍ଧୁମାନେ ପହଞ୍ଚି ଆମକୁ ସେଠାରେ ଅପେକ୍ଷା କରିଥିଲେ । ଗୋଟିଏ ଘଣ୍ଟା ବସ୍ ଯାତ୍ରା କରି ଆମେ ହୋଟେଲ୍‌ରେ ପହଞ୍ଚିଥିଲୁ । ମଧ୍ୟାହ୍ନ ଭୋଜନ ଗୋଟିଏ ଭାରତୀୟ ହୋଟେଲରେ ବ୍ୟବସ୍ଥା ହୋଇଥିଲା । ତାପରେ ଆମେ ବାହାରି ଯାଇଥିଲୁ 'ୱାଟ୍ ପ୍ରେହ୍ ପ୍ରୋମ୍ ରଥ୍' ପାଗୋଡା ଦେଖିବା ପାଇଁ । ସହରର ପୁରୁଣା ବଜାର ନିକଟରେ ଅବସ୍ଥିତ ଷୋଡ଼ଶ ଶତାବ୍ଦୀର ଖେମର ଶୈଳୀରେ ନିର୍ମିତ ଏହି ପାଗୋଡ଼ାଟି । ଗେଟ୍‌ରେ ପଶୁ ପଶୁ ଦୁଇ ଏକର ବିଶିଷ୍ଟ ବଗିଚାରେ ସ୍ଥାପିତ ବୌଦ୍ଧୀୟ କାରୁକାର୍ଯ୍ୟର ମୂର୍ତ୍ତିମାନ ଦେଖି ଆଚମ୍ବିତ ହେଲୁ । ମାର୍ବଲ କାନ୍ଥ ମାନଙ୍କରେ ବୌଦ୍ଧ ଧର୍ମ ସହିତ ଜଡ଼ିତ ଭିନ୍ନ ଭିନ୍ନ ସମୟର କାହାଣୀମାନ ଅଙ୍କିତ ହୋଇ ରହିଛି । ପାଗୋଡ଼ା ଭିତରେ ସ୍ଥାନିତ ହୋଇଛନ୍ତି ବୁଦ୍ଧଦେବଙ୍କ ବିରାଟ ମୂର୍ତ୍ତି । ଚାରିଆଡ଼େ ରଙ୍ଗୀନ ଘଣ୍ଟିମାନ ଓହଳି ସେହି ସ୍ଥାନଟି ଏକ ପବିତ୍ର ନିରୋଳା ବାତାବରଣ ଭିତରେ ଉଦ୍ରେକ କରୁଥାଏ ସେହି ମହିମାମୟ ବୁଦ୍ଧଙ୍କ ପ୍ରତି ସମସ୍ତଙ୍କ ମନରେ ଅଶେଷ ଭକ୍ତିଭାବ । କିମ୍ବଦନ୍ତୀ କୁହେ ବୌଦ୍ଧ ସନ୍ନ୍ୟାସୀ 'ପ୍ରେହ୍ ଆଙ୍ଗ୍ ଚୋଙ୍ଗ୍ ହାନ୍ ହଏ' ଏକଦା ଗୋଟିଏ ଭୟଙ୍କର ଦୁର୍ଘଟଣାରୁ ରକ୍ଷା ପାଇଥିଲେ । ଭଗବାନ ବୁଦ୍ଧଙ୍କର ଅଶେଷ ଉଦାରତାରେ ଅଭିଭୂତ ହୋଇ ସେ ସ୍ଥାପନ କରିଥିଲେ ଏ ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ଶାୟିତ ବୁଦ୍ଧଙ୍କୁ ।

ରାତ୍ରୀଭୋଜନର ସମୟ ହୋଇ ଯାଇଥିଲା । ସେଠାରେ ସମସ୍ତେ ସନ୍ଧ୍ୟା ୭ଟାରେ ରାତ୍ରୀ ଭୋଜନ କରନ୍ତି । ଆମେ ସମସ୍ତେ ଯାଇଥିଲୁ 'ଆମାଜନ୍ ଆଂଗକୋର' ହୋଟେଲକୁ । ସେଠାରେ ପହଞ୍ଚି ଦେଖିଲୁ ପୃଥିବୀର ବିଭିନ୍ନ ଦେଶରୁ ଉପସ୍ଥିତ ଥିଲେ ଶହ ଶହ ପର୍ଯ୍ୟଟକ । ମୋର ମନେ ହୋଇଥିଲା କମ୍ବୋଡିଆ ଦେଶର ଏହି ସହରରେ ଏକା ସମୟରେ ବିଶ୍ୱର ସର୍ବାଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା । ବିଭିନ୍ନ ପ୍ରକାରର ଖାଦ୍ୟସାମଗ୍ରୀ ସହ ସେ ରାତ୍ରୀର ବିଶେଷ ଆକର୍ଷଣ ଥିଲା ସେଠାରେ ପରିବେଷିତ ହେଉଥିବା ପାରମ୍ପରିକ ଅପସରା ନୃତ୍ୟ । ସେଠାକାର ପୁଅ ଓ ଝିଅମାନଙ୍କର ଅପସରା ଓ ଗନ୍ଧର୍ବ ବେଶରେ ଖେମର୍ ସମ୍ପ୍ରଦାୟର ଏହି ପାରମ୍ପରିକ ନୃତ୍ୟଶୈଳୀକୁ ଅବଲୋକନ କରି ଯେମିତି ଆଖି ସ୍ଥିର ହୋଇ ରହି ଯାଇଥିଲା ମଞ୍ଚ ଉପରେ । ସପ୍ତମ ଶତାବ୍ଦୀ ସମୟରୁ ଆରମ୍ଭ ହୋଇଥିବା ଏହି ନୃତ୍ୟକଳା ବର୍ତ୍ତମାନ କମ୍ବୋଡିଆର ସର୍ବୋତ୍ତମ ନୃତ୍ୟଶୈଳୀର ମାନ୍ୟତା ପାଇଛି । ଶୁଣାଯାଏ ଦ୍ୱାଦଶ



ଶତାବ୍ଦୀର ରାଜା ଜୟବର୍ମନ୍-୭ଙ୍କ ଦରବାରରେ ତିନି ହଜାରରୁ ଊର୍ଦ୍ଧ୍ୱ ଅପସରା ନର୍ତ୍ତକୀ ଥିଲେ । ପୃଥିବୀର ଜଳ ଓ ଆକାଶର ବାଦଲର ସମଷ୍ଟିର କଳ୍ପନାରୁ ପ୍ରସ୍ତୁତ ଏହି ନୃତ୍ୟକଳା ସେଠାରେ ଉପସ୍ଥିତ ସମଗ୍ର ଛୋଟିଆ ବିଶ୍ୱଟିକୁ ସେହି ସମୟ ତକ ଅଭିଭୂତ କରିଦେଇ ପାରିଥିଲା । ସେ ଦିନ ସନ୍ଧ୍ୟାର ପରିସମାପ୍ତି ଘଟିଥିଲା ସେଇଠି ।

ତା ପରଦିନ ସକାଳୁ ସକାଳୁ ଆରମ୍ଭ ହୋଇ ଯାଇଥିଲା ଜଳଖିଆ ପର୍ବ । ଘରେ ନଅଟା ନ ବାଜିଲେ ଜଳଖିଆ କଥା ଭାବି ହୁଏ ନାହିଁ । କିନ୍ତୁ ସେ ଦିନଟି ଥିଲା ଅତ୍ୟନ୍ତ ଉତ୍ସାହଜନକ । କମ୍ବୋଡ଼ିଆରେ ପୂର୍ବଦିନରୁ ପହଞ୍ଚି ଥିଲେ ମଧ୍ୟ ସେ ପର୍ଯ୍ୟନ୍ତ ମୋର ଲକ୍ଷ୍ୟସ୍ଥଳିରେ ପହଞ୍ଚି ପାରି ନ ଥାଏ । ତାହା ଥିଲା କମ୍ବୋଡିଆରେ ଦ୍ୱିତୀୟ ଦିନ । ବସ୍‌ରେ ବସି ପହଞ୍ଚିଲୁ 'ତା ପ୍ରୋମ୍' ମନ୍ଦିର ପ୍ରାଙ୍ଗଣରେ । ପ୍ରଥମେ ଯାହା ଦେଖିଲୁ, ତାହା ଥିଲା ପ୍ରସିଦ୍ଧ ବେୟନ୍ ମନ୍ଦିର । ଖେମର ସାମ୍ରାଜ୍ୟ ଅନ୍ତର୍ଭୁକ୍ତ କାମ୍ବୋଡ଼ିଆର ଏହା ସର୍ବପ୍ରଥମ ଓ ଏକମାତ୍ର ବୌଦ୍ଧ ମନ୍ଦିର ଥିଲା । ରାଜା ଜୟବର୍ମନ୍-୭ (୧୧୮୧-୧୨୨୦)ଙ୍କର ଯେତେବେଳେ ଖେମର ସାମ୍ରାଜ୍ୟ ସହ ମତଭେଦ ହେଲା, ସେ ମହାୟନା ବୌଦ୍ଧ ଧର୍ମକୁ ଆପଣେଇ ଥିଲେ । ତାଙ୍କରି ରାଜତ୍ୱ ସମୟରେ ସେ ନିର୍ମାଣ କରିଥିଲେ ଏହି ବୌଦ୍ଧ ମନ୍ଦିର । ଅବଶ୍ୟ କେତେକ ଐତିହାସିକଙ୍କ ମତରେ ତାହା ଆରମ୍ଭରେ ଭଗବାନ ବ୍ରହ୍ମାଙ୍କୁ ଉତ୍ସର୍ଗୀକୃତ ଥିଲା । ତେବେ କିଏ ସେହି କାରିଗର ଯିଏ ଗଢ଼ି ତୋଳିଥିଲେ ଏହି ବିଶାଳକାୟ କାରୁକୀର୍ତ୍ତି ଯାହା ଭାଷାରେ ଥିଲା ଅବର୍ଣ୍ଣନୀୟ ଓ ମନରେ ଭରି ଦେଉଥିଲା ସେମାନଙ୍କ ପାଇଁ ଅଜସ୍ର ଶ୍ରଦ୍ଧା ଓ ଭଲପାଇବା ! ମନର ଉନ୍ମାଦନା ମନ ଭିତରେ ଧରି ରଖିବାର ପ୍ରଚେଷ୍ଟାରେ ଛବିଟିଏ ତୋଳି ନେଇଥିଲୁ ମନ୍ଦିର ସାମ୍ନାରେ । ବାଲିପଥରରେ ନିହାଣ ମୂନରେ ସତେକି ଶିଳ୍ପୀ ଗଢ଼ି ତୋଲିଥିଲା ତାର ଅମର କୀର୍ତ୍ତିର କାହାଣୀ । ଚଉବନଟି ସ୍ତମ୍ଭରେ ଚାରୋଟି ମୁଖ ଥାଇ ବୋଧିସତ୍ତ୍ୱମାନଙ୍କ ମୁଖମଣ୍ଡଳ ଖୋଦିତ ହୋଇଥିଲା । ଏବେ ବି ଦୁଇ ଶହରୁ ଊର୍ଦ୍ଧ୍ୱ ମୁଖମଣ୍ଡଳ ସୁସ୍ପଷ୍ଟ ବାରି ହୋଇ ପଡୁଛି । ଶିଳାଲେଖର ଏ ଅପୂର୍ବ କୀର୍ତ୍ତିର ସମାହାରକୁ ସମୟର ପାବନ୍ଦି ଭିତରେ କେବଳ ସାଇତି ରଖିବାର ଥିଲା ନିଜ ମାନସପଟରେ ଓ ହୃଦୟର ଅଭ୍ୟନ୍ତରରେ । ଯେତିକି ଭଗ୍ନାବଶେଷ ଚାରିପଟେ ପଡି ରହିଥିବାର ଦେଖିଲୁ, ତାକୁ ମିଶାଇ ଚିନ୍ତା କଲା ବେଳକୁ ମନ୍ଦିରର ଆକାର ଆକଳନ କରିବା ସୀମାତୀତ ଥିଲା । ଲୋକକଥାରୁ ବିଶେଷ ସ୍ପଷ୍ଟ ହେଲା ନାହିଁ କିଏ ପ୍ରକୃତରେ ସେହି ମନ୍ଦିରରେ ପୂଜା ପାଉଥିଲେ । କେତେକଙ୍କ ମତରେ ନିଜେ ଜୟବର୍ଦ୍ଧନ ଯାହାଙ୍କୁ ବୁଦ୍ଧଙ୍କର ଅଂଶ ବୋଲି ଚିନ୍ତା କରାଯାଉଥିଲା ଓ ଅନ୍ୟ କେତେକ ଐତିହାସିକଙ୍କ ମତରେ ନିଜେ ଅବଲୋକିତେଶ୍ୱର ସେଠାରେ ପୂଜା ପାଉଥିଲେ । ତେବେ ବର୍ତ୍ତମାନ ସେହି ସ୍ଥାନ କେବଳ ଦର୍ଶନୀୟ ସ୍ଥାନର ମାନ୍ୟତା ପାଇ ସବୁବେଳେ ଲୋକାରଣ୍ୟ ହୋଇ ରହିଛି । ତାହା ପରେ ସେହି ପ୍ରାଙ୍ଗଣରେ ଆମେ ଦେଖିଥିଲୁ ଏକାଦଶ ଶତାବ୍ଦୀରେ ରାଜା ଉଦୟବର୍ମନ୍-୨ଙ୍କ ଦ୍ୱାରା ନିର୍ମିତ ପ୍ରସିଦ୍ଧ ବାଫୁନ୍ ମନ୍ଦିର । ଏହି ମନ୍ଦିରଟିରେ ମହାଦେବଙ୍କ ଉପାସନା ହେଉଥିଲା । ତେବେ ପରବର୍ତ୍ତୀ ସମୟରେ ତାହା ଏକ ବୌଦ୍ଧ ମନ୍ଦିରକୁ ରୂପାନ୍ତରିତ ହୋଇ ଯାଇଥିଲା ।

ଏହାପରେ ମୋର ସେହି ମହାନ୍ ଐତିହାସିକ ଗସ୍ତର ଅବିସ୍ମରଣୀୟ ଅନୁଭୂତି ବିଷୟରେ ବର୍ଣ୍ଣନା କରିବାକୁ ଯାଉଛି । ଧରାଧାମର ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ କମ୍ବୋଡିଆ ସ୍ଥିତ ପୃଥିବୀର ସବୁଠାରୁ ବୃହତ୍ ହିନ୍ଦୁ ମନ୍ଦିର 'ଆଙ୍ଗକୋର୍ ୱାଟ୍' । ମନ୍ଦିରର ପ୍ରତିଟି କାନ୍ଥରେ କାରୁକାର୍ଯ୍ୟର ସମ୍ଭାର ସାଙ୍ଗକୁ ଶିଳାଲେଖର



ଅପୂର୍ବ ସଙ୍ଗୀତର ଥିଲା ଅଦ୍ଭୁତ ସମ୍ମୋହନ । ସେଇ ସମ୍ମୋହନ ମୋତେ ଚଢ଼ାଇ ନେଲା ଦୁଇ ଶହରୁ ଊର୍ଦ୍ଧ୍ୱ ଲୁହାର ପାହାଚ । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ମନ୍ଦିର ମେରୁ ପର୍ବତର ପ୍ରତୀକ ବୋଲି ବିଶ୍ୱାସ କରାଯାଉଥିଲା । କମ୍ବୋଡିଆ ବାସୀ ସେହି ମନ୍ଦିରକୁ ବିଷ୍ଣୁ ଓ ଶିବଙ୍କ ଆବାସ ହିମଆଳୟ ବୋଲି ମନେ କରୁଥିଲେ । ଖେମର ସାମ୍ରାଜ୍ୟରେ ଯେତେବେଳେ ହିନ୍ଦୁତ୍ୱ ତାର ଶୀର୍ଷତମ ସୋପାନରେ ପହଞ୍ଚିଥିଲା, ସେତେବେଳେ ଖେମର ବଂଶର ରାଜା ସୂର୍ଯ୍ୟବର୍ମନ୍ (୨) ଏହି ମନ୍ଦିର ନିର୍ମାଣ ର ସ୍ୱପ୍ନ ଦେଖିଥିଲେ । ତାହା ପ୍ରାୟ ଦ୍ୱାଦଶ ଶତାବ୍ଦୀର କଥା । ପ୍ରାୟ ବାରଶହ ବର୍ଷ ତଳେ ଚାରିଶହ ଏକର ପ୍ରାଙ୍ଗଣରେ କମ୍ବୋଡ଼ିଆର



ହିନ୍ଦୁ ରାଜାଙ୍କ ସ୍ୱପ୍ନ ଯେ ସାକାର ହୋଇ ଦିନେ ତାହା ପୃଥିବୀର ବୃହତ୍ତମ ହିନ୍ଦୁ ମନ୍ଦିରରେ ପରିଗଣିତ ହୋଇ ୟୁନେସ୍କୋ ଦ୍ୱାରା 'ୱାର୍ଲ୍ଡ ହେରିଟେଜ୍ ସାଇଟ'ର ମାନ୍ୟତା ପ୍ରାପ୍ତ ହେବ, ତାହା ସେତେବେଳେ ଚିନ୍ତା ମଧ କରାଯାଇ ନଥିବ । ସମଗ୍ର ରାଜପ୍ରାସାଦ ମଧ ତାହା ଭିତରେ ହିଁ ଥିଲା । କଳା ଓ ସ୍ଥାପତ୍ୟ ଦୃଷ୍ଟିରୁ ଏହା ଯେ କୌଣସି ହିନ୍ଦୁ ମନ୍ଦିର ଠାରୁ ଉତ୍କୃଷ୍ଟ ଓ ନିଆରା, ସେ ମନ୍ଦିର ଦେଖିବା ପରର ଅନୁଭୂତିରୁ ମୁଁ କହୁଛି ।

ମନ୍ଦିରର ପଶ୍ଚିମ ଦ୍ୱାର ଦେଶରେ ପାଞ୍ଚ ମିଟର ଲମ୍ବା ବିଷ୍ଣୁଙ୍କର ବିଶାଳକାୟ ମୂର୍ତ୍ତି ଆମେ ଦର୍ଶନ କରିଥିଲୁ । କମ୍ବୋଡ଼ିଆ ଭାଷାରେ ତାଙ୍କୁ 'ତା-ରିଚ୍' ବୋଲି କହୁଛନ୍ତି ଆଉ ତାଙ୍କୁ ହିନ୍ଦୁ ଓ ବୌଦ୍ଧ ଦୁଇ ଧର୍ମାବଲମ୍ବୀ ମାନେ ପୂଜା କରୁଛନ୍ତି । ମନ୍ଦିରର ପ୍ରତ୍ୟେକ କାନ୍ଥରେ ଖୋଦେଇ ହୋଇଛି ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗର ରାମାୟଣ ଓ ମହାଭାରତ ମହାକାବ୍ୟ ମାନଙ୍କର ବିସ୍ତୃତ ବର୍ଣ୍ଣନା । ସେଠାକାର ଟୁରିଷ୍ଟ ଗାଇଡ୍ ସୋଫି ଯେପରି ଭାବରେ ସମୁଦ୍ର ମନ୍ଥନର ଦୃଶ୍ୟକୁ ଆମମାନଙ୍କୁ ବର୍ଣ୍ଣନା କରି ଶୁଣାଉଥାନ୍ତି, ଆମ ଯୁବପିଢି ତାର କିୟଦଂଶ ଯଦି ଜାଣୁଥାଆନ୍ତେ ! ନିହାଣ ମୂନରେ କଳା ଓ ସ୍ଥାପତ୍ୟର ଏହି ଅପୂର୍ବ ସଙ୍ଗମ, ସେ ସମୟର ସାଂସ୍କୃତିକ, ଧର୍ମନିଷ୍ଠତା, କଳା ଓ ସାହିତ୍ୟର ପ୍ରତୀକ ରୂପେ ଠିଆ ହୋଇଛି କମ୍ବୋଡିଆର ସିଏମ୍ ରିପ୍ ସହରରେ ଅବସ୍ଥିତ 'ଆଙ୍ଗକୋର୍ ୱାଟ୍'ର ଏହି ବିଷ୍ଣୁ ମନ୍ଦିର । ଉଚ୍ଚକୋଟୀର ସ୍ଥାପତ୍ୟ ପ୍ରଣାଳୀ, ପ୍ରତ୍ନତତ୍ତ୍ୱ ଓ କଳା





ନିପୁଣତାର ପରାକାଷ୍ଠାର ପ୍ରତୀକ ଏହି ମନ୍ଦିର ସେ ସମୟର ଅଦ୍ଭୁତ ଭାସ୍କର୍ଯ୍ୟର ପରିଚୟ ସ୍ୱରୂପ ଦଣ୍ଡାୟମାନ ହୋଇ ରହିଛି । ଶୁଣି ଖୁସି ଲାଗିଲା ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ସେଠାକାର ଧ୍ୱଂଶାବଶେଷର ସୁରକ୍ଷା ଓ ମନ୍ଦିର ରକ୍ଷଣାବେକ୍ଷଣ ର ଦାୟିତ୍ୱ ନେଇଛନ୍ତି ।

ପ୍ରସିଦ୍ଧ ବିଷ୍ଣୁ ମନ୍ଦିର ଦେଖି ସାରିବା ପରେ ମଧ୍ୟାହ୍ନ ଭୋଜନ ସାରି ଆମେ ପୁଣି ବାହାରିଗଲୁ ସିଏମ୍ ନଦୀର ଅପର ପାର୍ଶ୍ୱରେ ଥିବା ରାଜପ୍ରାସାଦ ଦେଖିବା ଉଦ୍ଦେଶ୍ୟରେ । ରାଜପ୍ରାସାଦର ଚାରିପାଖରେ ଥିବା ଲୁହବାଡକୁ ଅତିକ୍ରମ କରି ଭିତରକୁ ଯିବାର ଅନୁମତି ନ ଥିଲା । ସୁନ୍ଦର ଓ ପୁରାତନ ରାଜପ୍ରାସାଦଟିକୁ ଦୂରରୁ ଦେଖି ତାର କେତେ ଗୁଡ଼ିଏ ଫଟୋ ଉଠାଇଲୁ । ରାଜପ୍ରାସାଦର ପଶ୍ଚିମ ଦିଗରେ ଯେଉଁ ଭଗ୍ନୀ ମନ୍ଦିର ( Sister's temple) ଥିଲା, ତାହା ବିଷୟରେ ଦୁଇପଦ ନିଶ୍ଚୟ କହିବି । ଦୁଇ ଭଉଣୀ ଆଙ୍ଗକୋର୍‌ର ରାଜକୁମାରୀ ଦ୍ୱୟ ଥେରାୱାଡ଼ା ବୌଦ୍ଧ ଧର୍ମାବଲମ୍ବୀଙ୍କ ପୋଷାକରେ ସେଠାରେ ପୂଜା ପାଉଛନ୍ତି । ସେଠାକାର ବାସିନ୍ଦାମାନଙ୍କର ଏହି ମନ୍ଦିରରେ ପୂଜା କରିବା ଦୈନନ୍ଦିନ ଜୀବନର ଏକ ଅଂଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚାରିଆଡେ ଅସଂଖ୍ୟ ପଦ୍ମକଢ଼ ଓ ହଜାର ହଜାର ଧୂପକାଠିର ମହକରେ ସ୍ଥାନଟି ମହକି ଉଠୁଥାଏ । ସେପ୍ଟେମ୍ବର ମାସରେ ଏଠାରେ ପାଳନ କରାଯାଉଥିବା 'ଚୁମବେନ୍' ଉତ୍ସବରେ ପୃଥିବୀର ଅଧିକାଂଶ ଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି । କମ୍ବୋଡିଆର ପ୍ରସିଦ୍ଧ ରାଜା ନରୋଦମ୍ ସିହାନୋକ୍‌କ୍ ସବୁବେଳେ ଏଠାକୁ ପୂଜା କରିବା ପାଇଁ ଆସୁଥିଲେ । ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ଯେ ଏହି ଦୁଇ ଭଉଣୀ 'ଟୋନଲେ ସାପ୍' ହ୍ରଦ ଉପରେ ଶୋଇ ରହି ରକ୍ଷା କବଚ ପରି ସିଏମ୍ ରିପ୍ ସହରକୁ ସବୁ ବିପଦ ଆପଦରେ ସହାୟ ହେଉଛନ୍ତି ।

'ଇଣ୍ଟରଗ୍ଲୋବ୍ ଏକ୍ସପେଡିସନ'ର ତତ୍ତ୍ୱାବଧାନରେ ଆମର ଏହି କମ୍ବୋଡିଆ ଯାତ୍ରା ବେଶ୍ ମନୋରଞ୍ଜକ ହୋଇଥିଲା । ସେହି ସଂସ୍ଥାର ପରିଚାଳକ ରତିକାନ୍ତ ବାବୁ ଜଣେ ଅତି ଅମାୟିକ ଭଦ୍ରବ୍ୟକ୍ତି । ଦୁଇଦିନ ସିଏମ୍ ରିପ୍‌ରେ ରହିବା ପରେ ଆମେ ଯାଇଥିଲୁ ପଡ଼ୋଶୀ ଦେଶ ଭିଏତନାମର ରାଜଧାନୀ ହାନୋଇକୁ । ପରବର୍ତ୍ତୀ ଭାଗରେ ରହିବ ଭିଏତନାମ୍ ଭ୍ରମଣର ସାରାଂଶ ।



# ସ୍ମୃତି ରୋମନ୍ଥନରେ ରାମ ପ୍ରସାଦ

## ପୂର୍ବାଶାରେ ଉଷା-ସନ୍ଧାନୀ ରାମ ପ୍ରସାଦ ସିଂହ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପୂର୍ବତନ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ
ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୩୬୫୬୯୮
ଫଟୋ ସୌଜନ୍ୟ : ଲେଖକ



◄ ଲେଖକ ମଣୀନ୍ଦ୍ର କୁମାର ମେହେର

ଯେଉଁ ଅଗଣିତ ସାହିତ୍ୟ ସ୍ରଷ୍ଟାଙ୍କ ମହତ୍ତର ଅବଦାନରେ ଓଡ଼ିଆ ସାରସ୍ୱତ ଭଣ୍ଡାର ହୋଇଛି ସମୃଦ୍ଧଶାଳୀ, ସେ ସମସ୍ତଙ୍କୁ ନା ଇତିହାସ ଦେଇପାରିଛି ଉପଯୁକ୍ତ ସ୍ଥାନ ନା ପାଠକବର୍ଗ ସେମାନଙ୍କୁ ଦେଇ ପାରିଛନ୍ତି ଯଥୋଚିତ ସମ୍ମାନ ! ଆଜି ସେଭଳି ଜଣେ ଉପେକ୍ଷିତ ଓ ବିସ୍ମୃତ ପ୍ରତିଭାଙ୍କ ସମ୍ପର୍କରେ ଅବତାରଣା କରିବାକୁ ଯାଉଛି ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଭୂମି ବରପାଲିକୁ ଓଡ଼ିଶାର ଚତୁର୍ଦ୍ଦିଗରୁ ପହଂଚିଛନ୍ତି ଅନେକ କବି ଓ ଲେଖକ । ମାତ୍ର ଯେଉଁ ଲେଖକଙ୍କ ବିଷୟରେ କହିବାକୁ ଯାଉଛି ସେ ଯେତେବେଳେ ଯାଇଛନ୍ତି ବିରପାଲିକୁ ସେଇଠି ତାଙ୍କର ପାଦ ଅଟକି ଯାଇଛି ଅପୂର୍ବ ଭକ୍ତି ଓ ଶ୍ରଦ୍ଧା ବିଗଳିତ ହୋଇ । ସମ୍ଭବତଃ ୧୯୬୩-୬୪ ମସିହାରୁ ଆରମ୍ଭ କରି ୧୯୮୪ ମସିହା ପର୍ଯ୍ୟନ୍ତ ସେ ରହିଯାଇଛନ୍ତି ଏହି ପବିତ୍ର ଭୂମିର ଅଦ୍ଭୁତ ଆକର୍ଷଣରେ ବାନ୍ଧି ହୋଇଯାଇ ।

ସେ ହେଉଛନ୍ତି ଓଡ଼ିଶାର ବିଶିଷ୍ଟ କଥାଶିଳ୍ପୀ **ରାମ ପ୍ରସାଦ ସିଂହ** । ବାଲ୍ୟକାଳରୁ ତାଙ୍କର ଦୁର୍ଲଭ ସ୍ନେହ ଲାଭ କରିବାର ଯେଉଁ ସୁଯୋଗ ଏ ଲେଖକକୁ ମିଳିଥିଲା ତାହାର ସ୍ମୃତି ସତେଜ ହୋଇ ରହିଛି ନବପଲ୍ଲବ ପରି ସୁକୁମାର ରୂପ ନେଇ । ଏଠାରେ ଉଲ୍ଲେଖନୀୟ ଯେ, ସେ କଟକ ସ୍ଥିତ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର' ସମ୍ବାଦପତ୍ରରେ ନିଜର ସକଳ ଶକ୍ତି ଓ ପ୍ରାଣ-ପ୍ରାଚୁର୍ଯ୍ୟ ଢାଳି ଦେଇଥିଲେ । ବରପାଲିକୁ ଗଲେ କାହିଁକି- ଏ ପ୍ରଶ୍ନ ଅନେକଙ୍କ ମନକୁ ଆନ୍ଦୋଳିତ କରିବା ଅସ୍ୱାଭାବିକ ନୁହେଁ । ପ୍ରକୃତ କଥା ହେଲା ଶୈଳବାଳା ବାନାର୍ଜୀଙ୍କ ସହିତ ଏକ ନିଃସ୍ୱାର୍ଥ ଓ ନିଃସର୍ତ୍ତ ପ୍ରେମରେ ସେ ହୋଇ ଯାଇଥିଲେ ଏକାତ୍ମ । ଶୈଳବାଳା ଘଟଣାକ୍ରମେ ବରପାଲି ସରକାରୀ ଚିକିତ୍ସାଳୟରେ ଯୋଗ ଦେଇଥିଲେ ନର୍ସ ଭାବରେ । ସମଗ୍ର ବରପାଲିର ଏମିତି କୌଣସି ପରିବାର ନାହାନ୍ତି ଯେଉଁମାନେ ଶୈଳବାଳାଙ୍କ ଦ୍ୱାରା ଉପକୃତ ହୋଇ ନାହାନ୍ତି । ବିଶେଷତଃ ପ୍ରସବକାଳୀନ ସେବାରେ ତାଙ୍କର ରହିଥିଲା ପ୍ରଶସ୍ତ ସୁଖ୍ୟାତି । ଜୀବନର ଅନ୍ତିମ ପର୍ଯ୍ୟାୟ ନିଜ ପ୍ରଣୟିନୀ ସହିତ ଅତିବାହିତ କରିବା ପାଇଁ ରାମ ପ୍ରସାଦ ସିଂହ ଚାଲି ଯାଇଥିଲେ ବରପାଲିକୁ । ଶୁଣାଯାଏ ଉଭୟଙ୍କ ମଧ୍ୟରେ ବୈବାହିକ ସଂପର୍କ ମଧ୍ୟ ସ୍ଥାପିତ ହୋଇପାରିଥିଲା ଉଭୟଙ୍କ ଉତ୍ତୀର୍ଣ୍ଣ ବୟସରେ । ଶୈଳବାଈ ନାମରେ ପ୍ରସିଦ୍ଧ ସେହି ମାତୃ ପ୍ରତିମା ଦେବୀଙ୍କୁ ଦର୍ଶନ କରିବା ଓ ତାଙ୍କ ସ୍ନେହରେ ଆପ୍ଲୁତ ହେବାର ସୁଯୋଗରୁ ମଧ୍ୟ ଏ ଲେଖକ ନଥିଲା ବଞ୍ଚିତ ।

ସକାଳର ଶୁଭ୍ରାଲୋକ ବରପାଲିରେ ଯେତେବେଳେ ବିଚ୍ଛୁରିତ ହୋଇପଡ଼େ ସେତେବେଳେ ମୁଁ ଦେଖେ ଆମଘରେ ତାଙ୍କୁ ପ୍ରାତଃଭ୍ରମଣ ପାଇଁ ଅପେକ୍ଷାରତ ମୋର ପିତାମହ କବି ପୁତ୍ର ଭଗବାନ ମେହେରଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଉପସ୍ଥିତ ଥାଆନ୍ତି । ମୁଁ ଥାଏ ଚତୁର୍ଥ ଶ୍ରେଣୀରେ ପଢୁଥିବା ନିରୀହ ଓ ବୁଦ୍ଧିହୀନ ବାଳକଟିଏ ମାତ୍ର । ଅଥଚ ମୋତେ ଦେଖିଦେବା କ୍ଷଣି ରାମ ପ୍ରସାଦଙ୍କ ମୁହଁରେ ଫୁଟିଉଠେ ସୌରକିରଣରେ ଉଜ୍ଜ୍ୱଳତା । ହସିହସି ମୋତେ ଅନାଇ କହନ୍ତି- "ଆଜି ସକାଳୁ ସକାଳୁ ଦେଖିଲି ପଣ୍ଡିତଙ୍କୁ । ମାଛ ଖାଇବାକୁ ମିଳିବ ନିଶ୍ଚୟ ।" କାହିଁକି ମୋ ପରି ବୋକା ପିଲାଟିକୁ ସେ ସର୍ବଦା ସମ୍ବୋଧନ

କରୁଥିଲେ ପଣ୍ଡିତେ ବୋଲି ତାହାର ରହସ୍ୟ ଉନ୍ମୋଚନ କରିବା ମୋ ପାଇଁ ଅସାଧ୍ୟ । କେବଳ ସେତିକି ନୁହେଁ, ମୋର ଜେଜେ ପଠାନ୍ତି ତାଙ୍କ ପାଖକୁ ଯେତେବେଳେ ମୋତେ ଆଜ୍ଞାନୁବର୍ତ୍ତୀ ପୌତ୍ର ଭାବରେ ଯାଉଥିଲି ରାମ ପ୍ରସାଦ ସିଂହଙ୍କ ବାସଗୃହକୁ । ଦେଖେ, ପ୍ରତିଥର ମୁଁ ଗଲାବେଳେ ନିଶ୍ଚିତ ଭାବରେ ତାଙ୍କ ପାଖରେ ଉପସ୍ଥିତ ଥାନ୍ତି ଓଡ଼ିଶାର ବିଭିନ୍ନ ସ୍ଥଳରୁ ଯାଇଥିବା ଚାରି ପାଂଚଜଣ ଭଦ୍ର ବ୍ୟକ୍ତି ବା ଲେଖକ । ମୁଁ ସଂକୋଚର ସହିତ ଧୀର ପଦକ୍ଷେପରେ ପ୍ରବେଶ କରେ ତାଙ୍କ ବୈଠକ ଘରକୁ ଆଶ୍ଚର୍ଯ୍ୟ କଥା । ମୋତେ ଦେଖିଦେବା କ୍ଷଣେ ଯେତେ ଗଭୀର, ତାତ୍ତ୍ୱିକ ଅଥବା ଅନ୍ତରଙ୍ଗ ଭାବାଳାପ ତାଙ୍କର ଚାଲିଥାଏ ଭଦ୍ରବ୍ୟକ୍ତିମାନଙ୍କ ସହିତ ଜ୍ୱଳନ୍ତ ଅଗ୍ନିକୂପରେ ଶୀତଳ ଜଳ ନିକ୍ଷେପ ହେବା ପରି ପରିବେଶ ହୋଇଯାଏ ନୀରବ ଓ ନିଥର । ରାମ ପ୍ରସାଦ ସିଂହ ସକଳ ଆଲୋଚନାରୁ ନିଷ୍କ୍ରାନ୍ତ ହୋଇ ପ୍ରଥମେ ସ୍ୱାଗତ କରନ୍ତି ଏଇ ବୋକା ପିଲାଟିକୁ ପଣ୍ଡିତେ ସମ୍ବୋଧନରେ ଆଉ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ସହିତ ସେ ମୋତେ ପରିଚିତ କରାଇଦେଇ କହନ୍ତି- "ମଣୀନ୍ଦ୍ର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପଣନାତି ।" ରାମ ପ୍ରସାଦ ସିଂହଙ୍କ ଶ୍ରଦ୍ଧାପୁତ ଏହି ପରିଚୟ ପ୍ରଦାନ ପରେ ଭଦ୍ର ବ୍ୟକ୍ତିମାନଙ୍କ ବିସ୍ମିତ ଓ ସ୍ମିତହାସ୍ୟ ରେଖାଙ୍କିତ ସ୍ନେହପୂର୍ଣ୍ଣ ଦୃଷ୍ଟି ମୋ ଉପରେ କେନ୍ଦ୍ରୀଭୂତ ହୁଏ । ଆଜି ମୋ ଅନ୍ତରର ଏକ ଗଭୀରତର ସତ୍ୟାଲୋକ ଆବିଷ୍କାର କରି କୃତଜ୍ଞତାବୋଧରେ ବିଗଳିତ ହୋଇଯାଉଛି ମୋର ଆତ୍ମୀକ-ସତ୍ତାଟି । ସମଗ୍ର ଓଡ଼ିଶାରେ ସ୍ୱଭାବ କବିଙ୍କ ପ୍ରପୌତ୍ର ଭାବରେ ମୋର ପରିଚୟ ଓ ସୁଖ୍ୟାତି ସଂପ୍ରସାରିତ । କିନ୍ତୁ ଆଜି ବି ମନେ ଯେଉଁ ଅଗଣିତ ସାହିତ୍ୟ ସ୍ରଷ୍ଟାଙ୍କ ମହତ୍ତର ଅବଦାନରେ ଓଡ଼ିଆ ସାରସ୍ୱତ ଭଣ୍ଡାର ହୋଇଛି ସମୃଦ୍ଧଶାଳୀ, ସେ ସମସ୍ତଙ୍କୁ ନା ଇତିହାସ ଦେଇପାରିଛି ଉପଯୁକ୍ତ ସ୍ଥାନ ନା ପାଠକବର୍ଗ ସେମାନଙ୍କୁ ଦେଇ ପାରିଛନ୍ତି ଯଥୋଚିତ ସମ୍ମାନ ! ଆଜି ସେଭଳି ଜଣେ ଉପେକ୍ଷିତ ଓ ବିସ୍ମୃତ ପ୍ରତିଭାଙ୍କ ସମ୍ପର୍କରେ ଅବତାରଣା କରିବାକୁ ଯାଉଛି ।

ରାମ ପ୍ରସାଦ ସିଂହଙ୍କୁ ସେହି ଛୋଟଟି ବେଳରୁ ଆଜି ପର୍ଯ୍ୟନ୍ତ ମୁଁ କେବେବି ଭାବି ପାରି ନାହିଁ ଯେ ସେ ଆମ ପରିବାର ଠାରୁ ହୋଇପାରନ୍ତି ଭିନ୍ନ । ସେହି ପ୍ରାତଃ ଭ୍ରମଣ ପ୍ରସଙ୍ଗ ତାହା ପୂର୍ବରୁ ଉଲ୍ଲେଖ କରି ତାହା ସମାପନ କରି ସେ ପ୍ରତ୍ୟାବର୍ତ୍ତନ କରନ୍ତି ନିଜ ଗୃହକୁ । ପୁନଶ୍ଚ ପୂର୍ବାହ୍ନ ପୂର୍ବ ମୁହୂର୍ତ୍ତରେ ଆଗମନ କରନ୍ତି ପୂଜ୍ୟ ପିତାମହଙ୍କ ନିକଟକୁ । ଉଭୟଙ୍କ ମଧ୍ୟରେ ଯେଉଁ ଭାବ ବିନିମୟ ହେଉଥିଲା ସେଥିରେ ନଥିଲା ସାମାନ୍ୟ ଅସ୍ଥିରତା, ବ୍ୟଗ୍ରତା, ବା କଣ୍ଠସ୍ୱରର ଉଚ୍ଚଗୀତ ଉଚ୍ଚାରଣ । ଉଭୟେ ଥିଲେ ମୃଦୁଭାଷୀ । ଅତି ଧୀର ମନ୍ଥର ଗତିରେ ଚାଲୁଥିଲା ବାର୍ତ୍ତାଳାପ ଯାହା ଅନ୍ୟ କାହାରି କର୍ଣ୍ଣଗୋଚର ହେବା ପରି ନଥିଲା ଆକର୍ଷଣମୁକ୍ତ । ଏମିତି ସାହିତ୍ୟିକ ଭାବ ଆଦାନ ପ୍ରଦାନ ଦୃଶ୍ୟ ଆଉ କେଉଁଠି ହେଲେ ଦେଖିନାହିଁ ମୁଁ । ଉଭୟଙ୍କ ଏହି ବାର୍ତ୍ତାଳାପକୁ ବ୍ୟାହତ କରୁଥିଲା ମଝିରେ ମଝିରେ ବରପାଲି ଅଞ୍ଚଳର ଅଥବା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପହଞ୍ଚୁଥିବା ଲେଖକ, ସମାଜସେବୀ, ସାହିତ୍ୟାନୁରାଗୀ, ଭଦ୍ରବ୍ୟକ୍ତିମାନଙ୍କ ଶୁଭାଗମ । ମୁଁ ସିନା ଶବ୍ଦ ଅଭାବରୁ କହି ଦେଉଛି ଆଲୋଚନା ହେଉଥିଲା 'ବ୍ୟାହତ' ବୋଲି । ବାସ୍ତବରେ ତାହା ମଧ୍ୟ ସତ୍ୟ ହୋଇ ନପାରେ । ଭଦ୍ର ବ୍ୟକ୍ତିମାନଙ୍କୁ ଯଥୋଚିତ ମର୍ଯ୍ୟାଦା ପ୍ରଦାନ କରି ଏହି ଦୁଇ ମହାପୁରୁଷ ସେମାନଙ୍କୁ ସ୍ୱାଗତ କରୁଥିଲେ । ଅନେକ ସମୟ ଧରି କବିପୁତ୍ରଙ୍କ ପରାମର୍ଶ ଗ୍ରହଣ କରୁଥାନ୍ତି ସେମାନେ । ସମାନଙ୍କ କାର୍ଯ୍ୟକ୍ରମ ସରିଯିବା ପରେ ପୁନଶ୍ଚ ପିତାମହ ଓ ରାମ ପ୍ରସାଦ ସିଂହଙ୍କ ମଧ୍ୟରେ ଚାଲୁଥିଲା ଆଲୋଚନା, ଯାହା ଦେଖିଲା ବେଳକୁ ମନେ ହେଉ ନଥିଲା ଯେ, ମଝିରେ ଅନ୍ୟମାନଙ୍କ ଉପସ୍ଥିତି ଉଭୟଙ୍କ ବାର୍ତ୍ତାଳାପର ଭାବଧାରାକୁ କରିଛି ସାମାନ୍ୟ ବି ବିଚ୍ୟୁତ ।

ଏହା ଗୋଟିଏ ଦିନର ସ୍ମୃତି ନୁହେଁ । ପିତାମହଙ୍କର ଦେହାନ୍ତ ଘଟିଥିଲା ୧୯୭୭ ମସିହା ଡିସେମ୍ବର ୨୦ ତାରିଖର ଶୀତାର୍ତ୍ତ ରାତ୍ରିରେ । ତାହାର ପୂର୍ବଦିନ ପର୍ଯ୍ୟନ୍ତ ରାମ ପ୍ରସାଦ ସିଂହଙ୍କ ଆଗମନ ଓ ଆଲୋଚନା ରହିଥିଲା ଅପ୍ରତିହତ । ପୁଣି ରାମ ପ୍ରସାଦ ବାବୁ ଯାଉଥିଲେ ଘରକୁ ତାଙ୍କର ମଧ୍ୟାହ୍ନ ଭୋଜନ କରି କିଛି ସମୟ ବିଶ୍ରାମ ନେବା ନିମନ୍ତେ । ଅପରାହ୍ଣ ନ ହେଉଣୁ ପୁନଶ୍ଚ ସେ ପହଞ୍ଚୁଥିଲେ ଆମ ଏକ ତାଲା ବିଶିଷ୍ଟ ଗୃହର ନିର୍ଜନ ବାରଣ୍ଡାକୁ ଓ କାଠ ତିଆରି ବେଞ୍ଚ୍ ଉପରେ ବସି ଅପେକ୍ଷା କରୁଥିଲେ ପିତାମହଙ୍କୁ ଶ୍ରେଷ୍ଠ ଭକ୍ତଟିଏ ସ୍ୱୟଂ ଈଶ୍ୱରଙ୍କୁ ଅପେକ୍ଷା କରିବା ସଦୃଶ । ସଂଧ୍ୟା ଉତ୍ତୀର୍ଣ୍ଣ ହୋଇ ରାତିର ଅନ୍ଧକାର ଯେତେବେଳେ ପ୍ରଗାଢ଼ ହୋଇ ଉଠେ ନିଜ ଅନିଚ୍ଛା ସତ୍ତ୍ୱେ ରାମ ପ୍ରସାଦ ନେଉଥିଲେ ହୃଦୟସ୍ପର୍ଶୀ ବିଦାୟ ପିତାମହଙ୍କ ନିକଟରୁ ।

ଆମ ଗୃହର ଏହି ବାହାର ଅଂଶଟି ଥିଲା ଏକ ଆଶ୍ରମ ପରି ଶାନ୍ତ ଓ ସୁଶୀତଳ । ଦାଦା ଓ ପିତାମହ ରୋପଣ କରିଥାନ୍ତି ଜୁଇ ଲତାର ଚାରା । ଆଉ ଗୋଟିଏ ପାଖରେ ମାଧବୀ ଫୁଲର କେଣ୍ଡା କେଣ୍ଡା ଉପହାର । ଜୁଇ ଫୁଲର ଭୂରି ଭୂରି ବାସ୍ନା ପରିବେଶକୁ କରି ଦେଉଥିଲା ଅପୂର୍ବ ପରିଶୁଦ୍ଧ ସୌରଭରେ ଏକ ଅବର୍ଣ୍ଣନୀୟ ଭାବ-ଜଗତ । ଏ ପ୍ରସଙ୍ଗରେ ଆଉ ଗୋଟିଏ ଦୁଇଟି ଉଲ୍ଲେଖନୀୟ ଅନୁଭୂତି ବ୍ୟକ୍ତ କରିବାର ପ୍ରୟୋଜନ ଅନୁଭବ କରୁଛି । ତାହା ହେଲା ଯେତେ ଜଣ ବି ଭଦ୍ର ବ୍ୟକ୍ତି ଆସୁଥିଲେ ଆମ ଗୃହକୁ ତାହାକୁ ଦିଆଯାଉ ନଥିଲା ସ୍ୱାଦିଷ୍ଟ ଜଳଖିଆ । ମୋ ଉପରେ ସ୍ୱତଃ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଯେ ସମସ୍ତଙ୍କୁ କେବଳ ପାଣି ଗ୍ଲାସ୍‌ଟିଏ ବଢ଼ାଇ ଦେବାକୁ । ସେହି କେବଳ ଜଳପାନ ଦ୍ୱାରା ନିଜ ନିଜକୁ ଭାଗ୍ୟବାନ ମନେ କରୁଥିଲେ ସମସ୍ତେ । ରାମ ପ୍ରସାଦ ସିଂହ ମୁଁ ତାଙ୍କ ହାତକୁ ବଢ଼ାଇ ଦେଉଥିବା ଜଳପୂର୍ଣ୍ଣ ପାତ୍ରଟିକୁ ଗ୍ରହଣ କରୁଥିଲେ ଅମୃତୋପମ ପାନୀୟ ଭାବରେ । ଆମ ଗୃହ ବାରଣ୍ଡାରେ ଅନେକ ସମୟ ବସି ରହୁଥିବା ବେଳେ ଏକାଧିକ ଥର ସେ ପାଣି ଗ୍ଲାସ୍‌ଟି ପାଇଁ ବରାଦ କରନ୍ତି ତାଙ୍କର ପ୍ରିୟ ପଣ୍ଡିତକୁ । ଗ୍ଲାସ୍‌ରେ ପାଣି ନେଇ ଦେବା ପରେ ଯେପରି ସେ ତାକୁ ଗ୍ରହଣ ଓ ପାନ କରୁଥିଲେ ଆଜି ବି ମୋର ପ୍ରତୀତ ହେଉନାହିଁ ଯେ ରାମବାବୁ ଯେଉଁ ପରିତୃପ୍ତିର ସହିତ ସେହି ଜଳ ପାନ କରନ୍ତି; ସ୍ୱର୍ଗର ଦେବତାମାନେ ସୁଦ୍ଧା ଅମୃତ ପାନ ସମୟରେ ସେପରି ପ୍ରଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରି ପାରୁଥିବେ ବୋଲି । ରାମ ପ୍ରସାଦ ବାବୁଙ୍କ ଯେଉଁ ଆନ୍ତରିକ ବାତ୍ସଲ୍ୟ ଭାବରେ ମୋର ଆତ୍ମତୃପ୍ତିର ଅନୁଭୂତି ପ୍ରାପ୍ତ ହୋଇଛି ପରିପୂର୍ଣ୍ଣତା, ତାହା ଆଉ କାହାରି ମୁଖମଣ୍ଡଳରେ ଦେଖିନାହିଁ ।

ରାମପ୍ରସାଦ ସିଂହଙ୍କ ସେହି ସ୍ନେହ ବଳୟରୁ ମୋର ମୁକ୍ତି ନାହିଁ । ବର୍ଷର ଅଧିକାଂଶ ଦିନ ତାଙ୍କୁ ହିଁ ମନେ ପକାଏ ମୁଁ । ଯେତେବେଳେ ସମସ୍ତେ ଘରେ ଶୋଇ ପଡ଼ନ୍ତି ଠିକ୍ ସେହି ନିସ୍ତବ୍ଧ ରାତିଟି ବହୁ ବେଳ ପର୍ଯ୍ୟନ୍ତ ମୁଁ ରାମବାବୁଙ୍କ ଉଦ୍ଦେଶ୍ୟରେ ଜଣାଉଥାଏ ବିନମ୍ର ପ୍ରଣତି । ଏହା ତ ତାଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ବନ୍ଧରେ ଅସଂପୂର୍ଣ୍ଣ ଚିତ୍ରଟିଏ ମାତ୍ର ।

ତାଙ୍କ ପରି ଲେଖକ ଜଣେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ କରିଛନ୍ତି କିପରି ସମୁଜ୍ଜଳ ଆଉ ନିଜେ ବରଣ କରି ନେଇଛନ୍ତି ଅନ୍ଧକାର- ସେ ବିଷୟରେ ଆଲୋକପାତ କରିବା ନିଷ୍ଚୟ ହେବ ଗୌରବାବହ ।

॥ ୨ ॥

ଓଡ଼ିଆ ପ୍ରଗତିବାଦୀ ସାହିତ୍ୟର ଅଭ୍ୟୁଦୟ ସମୟରେ ରାମପ୍ରସାଦ ସିଂହ ଯେଉଁ ବାଣୀ ଉଚ୍ଚାରଣ କରି ମଣିଷକୁ ହିଁ ଦେଇଥିଲେ ସର୍ବାଗ୍ରେ ପ୍ରାଧାନ୍ୟ, ତାହା ଏବେ ମଧ୍ୟ ବିଭିନ୍ନ ଗ୍ରନ୍ଥରେ ଅନ୍ତର୍ଭୁକ୍ତ । ଉପନ୍ୟାସ ରଚନାରେ ସେ ନିଜକୁ ଯେପରି କରିଥିଲେ ସମର୍ପିତ ତାହା ବିସ୍ମୟକର ବ୍ୟାପାର । ଏଠାରେ ଉଲ୍ଲେଖନୀୟ ଯେ, ସେ ପ୍ରଥମରୁ ଓଡ଼ିଆ ଭାଷା ଶିକ୍ଷା କରିବାର ସୁଯୋଗରୁ ହୋଇଥିଲେ ବଞ୍ଚିତ । ସେହି କଥା ମନେ ପକାଇ ସେ ମୋ ଆଗରେ ଅନେକ ଥର କହିଛନ୍ତି- "ବହୁ ବିଳମ୍ବରେ ଶିଖିଲି ଓଡ଼ିଆ ଭାଷା । ମାତ୍ର, ଭାଷା ପ୍ରତି ମମତା ସୃଷ୍ଟି ହେବା ପାଇଁ ହୋଇ ନଥିଲା ଆଦୌ ବିଳମ୍ବ । ସମଗ୍ର ଜୀବନ କିପରି ତାଙ୍କର ସାହିତ୍ୟ ସାଧନାରେ ଅତିବାହିତ ହୋଇଛି ସେହି ଅନୁଭୂତି ପ୍ରକାଶ କରିବା ବେଳେ ତାଙ୍କ ଦୁଇ ଆଖି ବୃଦ୍ଧ ବୟସରେ ମଧ୍ୟ ଭାବାକୁଳ



ହୋଇ ଉଠୁଥିଲା । ସେହି ପବିତ୍ର ଭାବ ବିହ୍ୱଳତାରେ ସ୍ନାନ କରିବାର ଦୁର୍ଲଭ ଅନୁଭୂତି ଯେ ପ୍ରାପ୍ତ ହେଲା ମୋତେ, ସେଥିରେ କିଏ ବା ହୋଇ ନଥାନ୍ତା ଗୌରବାନ୍ୱିତ ! ସବୁଠୁ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଲା ସାହିତ୍ୟ ପ୍ରତି ଓ ସମାଜ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା । ବାସ୍ତବିକ କେହି ଯଦି କିଛି ଭୁଲ ନ ବୁଝନ୍ତି ତା'ହେଲେ ସ୍ୱଷ୍ଟ ଭାବରେ କହି ଦେବା ପାଇଁ ମୋର ଇଚ୍ଛା ହେଉଛି ଯେ ବର୍ତ୍ତମାନ ଯେଉଁମାନଙ୍କୁ ଭଦ୍ରବ୍ୟକ୍ତି ବୋଲି କୁହାଯାଏ ଓ ଯେଉଁମାନେ କହନ୍ତି ସେମାନେ ପ୍ରକୃତ ଭଦ୍ରବ୍ୟକ୍ତି ଜୀବନରେ ଦେଖିଛନ୍ତି ବୋଲି ମନେହୁଏ ନାହିଁ । ଅବଶ୍ୟ ଏ କଥା ଯେ ସର୍ବତ୍ର ପ୍ରଯୁଜ୍ୟ ଏହା କହିବା ମୋର ଉଦ୍ଦେଶ୍ୟ ଆଦୌ ନୁହେଁ । ନିଜ ଜୀବନରେ ଯେଉଁ ଭଦ୍ର ବ୍ୟକ୍ତିମାନଙ୍କ ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଛି ମୋତେ ସେହି ଶ୍ରେଷ୍ଠ ଭଦ୍ରବ୍ୟକ୍ତି ମାନଙ୍କ ମଧ୍ୟରେ ରାମ ପ୍ରସାଦ ସିଂହ ହେଉଛନ୍ତି ଏକାନ୍ତ ପ୍ରେରଣାଦୀପ୍ତ ବ୍ୟକ୍ତିତ୍ୱ ଓ ପ୍ରତିଭାର ଅଧିକାରୀ । ସେ ଥିଲେ ଏପରି ଦେଶପ୍ରେମୀ ଯାହାଙ୍କ ନିଃଶ୍ୱାସ ପ୍ରଶ୍ୱାସର ସ୍ୱର୍ଶରେ ଅନୁଭବ କରି ହେଉଥିଲା ତାଙ୍କ ଆତ୍ମାର ଅକଳନ୍ତି ଦେଶ-ପ୍ରୀତି । ମୁଁ ଯେତେବେଳେ କଲେଜର ଛାତ୍ର ସେତେବେଳେ ମଧ୍ୟ ଛୋଟ ସମୟରୁ ଯେଉଁ ଦୃଷ୍ଟିରେ ଦେଖୁଥିଲେ ମୋତେ ତାହା ଆଦୌ ବଦଳି ଯାଇ ନଥିଲା । ତାଙ୍କ ପାଖକୁ ଯିବା ମାତ୍ରକେ ଯଦି ଖଟରେ ନେଉଥାନ୍ତି ବିଶ୍ରାମ ସେଇଠି ହିଁ ବସିବା ପାଇଁ ଦିଅନ୍ତି ସସ୍ନେହ ଇଙ୍ଗିତ । ଚୌକି ଉପରେ ବସିଥିଲେ ତାଙ୍କ ପାର୍ଶ୍ୱରେ ନୁହେଁ ସମ୍ମୁଖରେ ବସିବା ପାଇଁ କହନ୍ତି ଅନୁରାଗଭରା ଥରଥର କଣ୍ଠରେ । ଆମେ ଉଭୟେ ଭାବାଳାପ କରୁଥିବା ବେଳେ ମଧ୍ୟରେ ମଧ୍ୟରେ ସ୍ନେହମୟୀ ଶୈଳବାଇଙ୍କର ଆବିର୍ଭାବ ଘଟେ ଆଉ ସେ ପରିତୃପ୍ତ ନୟନରେ ଚାହିଁ ରହନ୍ତି ମୋତେ । କୁମାର ପୂର୍ଣ୍ଣିମା ପାଳନ ସମୟରେ ଆମ ଘରେ ତିଆରି ହୁଏ ଲିଆ ବା ଖଇ ଗୁଣ୍ଡର ଗୁଡଯୁକ୍ତ ଲଡୁ ଯାହାକୁ କୁହାଯାଏ ଛତ୍ । ରାମବାବୁ କହିବେ ମୋତେ ପଣ୍ଡିତେ ! କିନ୍ତୁ ଆଣି ଦେବେ କେବେ । ଯଥା ସମୟରେ ମୁଁ ଥାଳିରେ ପିଉସୀ କିମ୍ବା ବଡ଼ମା ସଚେତ କରି ଦେଇଥିବା କୋଡ଼ିଏ ପଚିଶଟି ଛତ୍ ଲଡୁ ନେଇ ଦିଏ ତାଙ୍କ ପାଇଁ । ତାହା ଗ୍ରହଣ କରି ସେ ଏପରି ପ୍ରତିକ୍ରିୟା ବ୍ୟକ୍ତ କରିଥାନ୍ତି ଯେ ସମଗ୍ର ପୃଥିବୀରେ ଏମିତି ଏକମାତ୍ର ସ୍ୱାଦିଷ୍ଟ ଖାଦ୍ୟ ହେଲା ତାଙ୍କ ଭାଷାରେ ସେହି ଛତୁ । ପ୍ରପିତାମହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜୟନ୍ତୀ ଶ୍ରାବଣ ପୂର୍ଣ୍ଣିମା ତିଥିରେ ପିତାମହଙ୍କ ନିର୍ଦ୍ଦେଶରେ ମୁଁ ଯାଏଁ ତାଙ୍କୁ ମଧ୍ୟାହ୍ନ ଭୋଜନ ସକାଶେ ଆମନ୍ତ୍ରଣ କରିବାକୁ । ଆମ ଗୃହ ପ୍ରସ୍ତୁତ ଯେକୌଣସି ଖାଦ୍ୟ ପଦାର୍ଥ ତାଙ୍କୁ ଲାଗୁଥିଲା ଅମୃତୋପମ । ମନେ ପଡୁଚି ପିତାମହଙ୍କର ଦେହାନ୍ତ ଘଟି ଯାଇଥାଏ ୧୯୭୭ ମସିହାରେ । ଥରେ ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ଆମେ କାହାକୁ ପ୍ରସାଦ ସେବନ ସକାଶେ ଆମନ୍ତ୍ରଣ ନକରି ରହିଗଲୁ ନୀରବ ବଡ଼ବାପାଙ୍କ ନିଷ୍ପତ୍ତି ଅନୁସାରେ । ଏହା ସେହି ସଂଧ୍ୟାରେ ହୋଇଗଲା ଏକ ଚର୍ଚ୍ଚାର ବିଷୟ । ଗୋଟିଏ ପାଖରେ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ପଟ୍ଟନାୟକ ଆଉ ଏକ ପାଖରେ ଅସାଧାରଣ ସଂଗ୍ରାମୀ ଓ ସାହିତ୍ୟିକ ରାମପ୍ରସାଦ ସିଂହ କବିଙ୍କ ଗୃହରୁ ଆସିଲା ନାହିଁ ଆମନ୍ତ୍ରଣ ଅଥବା ପ୍ରସାଦ ବୋଲି କ୍ଷୋଭ ପ୍ରକାଶ ଯେପରି କଲେ ତତ୍‌କ୍ଷଣାତ୍ ଘରେ ଆମର ତିଆରି ହେଲା ଗୁଡ଼ ମିଶ୍ରିତ ଚାଉଳ ବରା । ଏହି ପ୍ରସାଦ ନେଇ ବିଶିଷ୍ଟ ସଂଗ୍ରାମୀ ଓ ସାହିତ୍ୟିକଙ୍କ ଘରକୁପହଞ୍ଚାଇବାର ଦାୟିତ୍ୱ ମୋ ଛଡ଼ା ଆଉ କିଏ ବା ନେଇଥାନ୍ତା ସେତେବେଳେ !

ଆଗରୁ କହୁଥିଲି ଯେ ରାମପ୍ରସାଦ ସିଂହ ଜଣେ ଶକ୍ତିଶାଳୀ ଔପନ୍ୟାସିକ । ଲେଖିଛନ୍ତି 'ପ୍ରତିହିଂସା', 'ପୂଜାର ବଳି', 'ଅଗ୍ନିପଥେ', 'ହୋମଶିଖା', 'ମରୀଚିକା', 'ମରୁର ସାଥୀ', 'ଯୁଗାନ୍ତର', 'ସଂଧ୍ୟାଦୀପ', 'ରକ୍ତରେଖା' ଆଦି ଅନେକ ଉପନ୍ୟାସ । ଉପନ୍ୟାସ ପଢ଼ିବା ପୂର୍ବରୁ ସ୍ୱୟଂ ଔପନ୍ୟାସିକଙ୍କୁ ପଢ଼ିବାର ଅପୂର୍ବ ସୁଯୋଗ ମିଳିଥିଲା ମୋ ପରି ଏକ ସାମାନ୍ୟ ବାଳକ ଓ ଛାତ୍ରକୁ । ତାଙ୍କ ମୁହଁରୁ ବାହାରୁଥାଏ ମହାତ୍ମାଗାନ୍ଧୀଙ୍କ କଥା, କାର୍ଲମାକ୍ସଙ୍କ ଦର୍ଶନ ଏବଂ ଜୀବନ ପାଇଁ ଯେ କଳାର ସୃଜନ ଏହି ପ୍ରତ୍ୟୟପୂର୍ଣ୍ଣ ଉଚ୍ଚାରଣ । ମୁଁ ଆଉ କ'ଣ ଏତେ ବଡ଼ ପାଠକ ଥିଲି ଯେ, ତାଙ୍କ ସବୁ ଉପନ୍ୟାସକୁ ପଢ଼ି ପାରିଥାନ୍ତି ? ପଢ଼ିଛି ମାତ୍ର କେତୋଟି । ଏବେ ବି ମନେ ପଡ଼େ ଯାଉଛି ତାଙ୍କର 'ସଂଧ୍ୟାଦୀପ' ଉପନ୍ୟାସ ଅଧ୍ୟୟନର ଅଭୁଲା ସ୍ମୃତି । ଏ ଉପନ୍ୟାସରେ ସେ ହିଁ ପ୍ରଥମ କରି ଚିତ୍ରଣ କରିଛନ୍ତି ଯେଉଁ ନାୟକକୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ବେଳେ ତାର ଟାଇଟିଲ ବା ସଂଜ୍ଞାକୁ ଉଠାଇ ଦେଇଛି । ଏପରି ଚିନ୍ତନ ତାଙ୍କ ବୈପ୍ଳବିକ ମାନସିକତାର ପ୍ରକୃତ ପ୍ରତିଫଳନ ଓଡ଼ିଶାର ଯେଉଁ ମହାନ ସଂଗ୍ରାମୀ, ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ସେ ଆସିଥିଲେ କଥା ପ୍ରସଙ୍ଗରେ ସେମାନଙ୍କ ସହିତ ବିତିଥିବା ମୁହୂର୍ତ୍ତଗୁଡ଼ିକକୁ ସେ ମୋ ଆଗରେ ଅବିକଳ ବର୍ଣ୍ଣନା କରନ୍ତି । ମନେ ପଡୁଛି ଦିନେ ସଂଧ୍ୟା ଉତ୍ତୀର୍ଣ୍ଣ । ପହଞ୍ଚିଲି ମୁଁ ତାଙ୍କ ଗୃହ ମଧ୍ୟକୁ । ଖୋଲା ଅଗଣାରେ ମୁକ୍ତ ଆକାଶ ତଳେ ବିଶ୍ରାମ ନେଉଥାନ୍ତି ସେ ଗ୍ରୀଷ୍ମକାଳ ହେତୁ । ସେ ସମୟରେ ଓଡ଼ିଶାର ଜଣେ ମହାନ ରାଜନୀତିଜ୍ଞ ଓ ସାହିତ୍ୟିକଙ୍କ ପ୍ରସଙ୍ଗ ପଡୁ ପଡୁ ମୁଁ ପଚାରି ଦେଲି ସେ ରାଜନୀତିଜ୍ଞ ନା ସାହିତ୍ୟ ସ୍ରଷ୍ଟା କେଉଁ ଭାବରେ ସ୍ମରଣୀୟ ହୋଇ ରହିବେ ଓଡ଼ିଶାବାସୀଙ୍କ ପାଇଁ ? ସେ କ୍ଷୀଣ କଣ୍ଠରେ ଉତ୍ତର ଦେଲେ: କୌଣସି ଦୃଷ୍ଟିରୁ ସ୍ମରଣୀୟ ହୋଇ ରହିବେ ନାହିଁ । ଏପରି ଅପ୍ରିୟ ସତ୍ୟ ଉଚ୍ଚାରଣ ପାଇଁ ବୃଦ୍ଧ କାଳରେ ମଧ୍ୟ ତାଙ୍କ ଜିଭ ପଛଘୁଞ୍ଚା ଦେଉନଥିଲା । 'ନବ ଜୀବନ' ପତ୍ରିକାରେ ତାଙ୍କର ବାହାରେ ଅନେକ ଲେଖା । ଘରେ ତାହା ସୁସଜ୍ଜିତ କରି ରଖିବା ବେଳେ ଆଖି ପକାଇଛି ଅନେକ



ଲେଖା ଉପରେ । ସେହି ବରପାଲିରେ ଥିବା ବେଳେ ତାଙ୍କର ଏକମାତ୍ର ଗଳ୍ପ ସଂକଳନ 'କଲ୍ଲୋଳ' ପ୍ରକାଶିତ ହେଲା । ବହିଟିକୁ ମୋତେ ଦେଖାଇ ହୃଦୟରେ ଭରିଦେଲେ ଅମାପ ଉଲ୍ଲାସ । ତାଙ୍କର ଶେଷ ରଚନା ହେଉଛି 'ଶ୍ରୀକୃଷ୍ଣ' । ଏ ପୁସ୍ତକ ପ୍ରସ୍ତୁତି ବେଳେ ଅନେକ ଦିନ ପ୍ରାତଃ କାଳରେ ତାଙ୍କର ନିକଟବର୍ତ୍ତୀ ହୁଏ । ସେ ଲାଗି ଯାଆନ୍ତି ପୃଷ୍ଠା ପରେ ପୃଷ୍ଠା ବେଳେବେଳେ ବ୍ଲଡ୍ ପ୍ରେସର ବଢ଼ି ଯାଉଥିବା ଯୋଗୁଁ ମୁଣ୍ଡ ବୁଲାଇଦିଏ ତାଙ୍କର । କହନ୍ତି– "ଆଜି ଏତିକି ଥାଉ ମଣୀନ୍ଦ୍ର । କାଲି ପୁଣି ଲେଖିବା ।" ଏହାରି ମଧ୍ୟରେ ସେ ଥରେ କହିଲେ ମୋ ଉଦ୍ଦେଶ୍ୟରେ– "ମଣୀନ୍ଦ୍ର ! ତୁମେ ଏତିକି ଅନ୍ତତଃ ଜାଣିଥାଅ ଯେ ଯେଉଁ ଶ୍ରୀକୃଷ୍ଣଙ୍କର ଚରିତ୍ର ରୂପାୟନରେ ଆଜି ଧ୍ୟାନସିଦ୍ଧ ସେ ହେଉଛନ୍ତି ମୂଳ ମହାଭାରତର ଶ୍ରୀକୃଷ୍ଣ ।" ରାମାୟଣ ଓ ମହାଭାରତର ମୂଳଗ୍ରନ୍ଥ ପଢ଼ିବା ସଙ୍ଗେ ସଙ୍ଗେ ସେ ସବୁ ତାଙ୍କ ଶୃତିକୋଷରେ ସାଇତା ହୋଇ ରହିଥାଏ । ଶ୍ରୀକୃଷ୍ଣଙ୍କ ସମ୍ପର୍କୀତ ବହିର ରୂପାୟନ ବେଳେ ସେ କୌଣସି ବହି ପତ୍ର ଆଦୌ ଦେଖି ନଥିଲେ । ଯାହା ଥିଲା ତାଙ୍କ ସ୍ମୃତିର ସଂପଦ ସେହିଠାରୁ ଆବଶ୍ୟକ ଉପାଦାନ ସଂଗ୍ରହ କରି ତାକୁ ପ୍ରକାଶ କରୁଥିଲେ ଅତ୍ୟନ୍ତ ସଂହତିମୁକ୍ତ ଭାବରେ ।




॥ ୩ ॥

ସେ ସମୟର ଲୋକପ୍ରିୟ କଥାଶିଳ୍ପୀ ରାମ ପ୍ରସାଦ ସିଂହ କଟକ ଜିଲ୍ଲାର ମାହାଙ୍ଗା ଠାରେ ୧୯୦୪ ମସିହାରେ ଜନ୍ମ ନେଇଥିଲେ । କିଏ ବା ଜାଣିଥିଲା ଯେ ସେ ଦିନେ ଗଙ୍ଗାଧର–ଜନ୍ମକ୍ଷେତ୍ର–ବରପାଲି ଅଭିମୁଖୀ ହେବେ ବୋଲି ? ସେ ହେଉଛନ୍ତି ବରପାଲିର ଗଙ୍ଗାଧର ସାହିତ୍ୟ ପରିଷଦର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି । ବରପାଲି ଛାଡ଼ିଦେଇ ଅନ୍ତିମ ଜୀବନରେ ସେ ଚାଲି ଆସିବେ ଭୁବନେଶ୍ୱର ବୋଲି କଳ୍ପନାରେ ବି ଭାବି ନଥିଲି ମୁଁ । ହୁଏତ ସେ ମଧ୍ୟ ଏହା ଚିନ୍ତା କରିପାରି ନଥିଲେ । ଯେଉଁ ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଅଧ୍ୟୟନ କରୁଥିଲି ମୁଁ, ସେତେବେଳେ ଦୁଃଖଦ ବିୟୋଗ ଘଟିଲା ଶୈଳବାଈଙ୍କର । ରାମ ପ୍ରସାଦ ସିଂହ ହୋଇଗଲେ ଏକୁଟିଆ । ସେ ପର୍ଯ୍ୟନ୍ତ ମୁଁ ଜାଣିବାର ଅବକାଶ ପାଇ ନଥିଲି ଯେ ଯେଉଁ ଘରେ ରାମ ପ୍ରସାଦ ସିଂହ ରହୁଥିଲେ ତାହା ତାଙ୍କର ନିଜସ୍ୱ ଗୃହ ନଥିଲା । ଶୈଳବାଈ ଯାହାଙ୍କୁ ଗ୍ରହଣ କରିଥିଲେ ପୋଷ୍ୟପୁତ୍ର ଭାବରେ ସେ ଗୃହଟିକୁ ଖାଲିକରି ଦେବା ପାଇଁ ଦେଲେ ସଂକେତ ଯେତେବେଳେ, ସେତେବେଳେ ହିଁ ଜାଣିଲି ମୁଁ, ରାମ ପ୍ରସାଦ ସିଂହ ହୋଇପାରନ୍ତି ପୁଣି ଗୃହଶୂନ୍ୟ । ତାଙ୍କ ନିକଟରେ ତାଙ୍କରି ଭାତୃପୁତ୍ର ମୋର ଅଗ୍ରଜ ପ୍ରତିମ ଟୁକୁଭାଇ ରହୁଥାନ୍ତି ସେବା ଯତ୍ନ ପାଇଁ । ଭାଇଙ୍କ ଏହି ସମର୍ପିତ ପୁତ୍ରଟିର ଭବିଷ୍ୟତ ଚିନ୍ତାରେ ରାମବାବୁ ହୋଇଥିଲେ ବିଚଳିତ । ଭୁବନେଶ୍ୱରରୁ ପ୍ରକାଶିତ ହେଉଥିବା 'ସ୍ୱରାଜ୍ୟ' ସମ୍ବାଦପତ୍ରର ସମ୍ପାଦକ ଭାବରେ ଦାୟିତ୍ୱ ନେବା ପାଇଁ ଆସିଲା ଯେଉଁ ନିବେଦନ ତାକୁ ପରିସ୍ଥିତିର ଚାପରେ ପଡ଼ି ଗ୍ରହଣ କରି ନେଇଥିଲେ ସେ । ମନେରଂଜନ ଦାଦା ଓ ମୁଁ ଜ୍ୟୋତିବିହାର ହଷ୍ଟେଲରେ ରହୁଥିବା ବେଳେ ଆରମ୍ଭ କରିଥିଲୁ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକାର ପ୍ରକାଶନ । ରାମ ପ୍ରସାଦ ସିଂହଙ୍କୁ ପତ୍ରିକାର ଉପଦେଷ୍ଟା ରହିବା ପାଇଁ ଅନୁରୋଧ କରିବା ବେଳେ ସେ ଢାଳି ଦେଇଥିଲେ ଯେଉଁ ନିର୍ମଳ ଆଶୀର୍ବାଦର ଧାରା ତାହାର ପ୍ରବାହ ଏ ପର୍ଯ୍ୟନ୍ତ ରୁଦ୍ଧ ହୋଇ ଯାଇନାହିଁ ।



ଦିନେ ଜ୍ୟୋତିବିହାରରୁ ଯାଇ ପହଞ୍ଚିଲି ଯେତେବେଳେ ବରପାଲି ଘରେ ଜାଣିଲି ପୂଜ୍ୟ ପିତାମହ ପ୍ରତିମ ରାମ ପ୍ରସାଦ ସିଂହ ବରପାଲି ମାଟିରୁ ନେଇଛନ୍ତି ଚିର ବିଦାୟ । ଦିନେ ମୋର ପିତାମହ କବିପୁତ୍ର ଭଗବାନ ମେହେରଙ୍କୁ ହରାଇ ଯେଉଁ ଶୂନ୍ୟତା ଅନୁଭବ କରୁଥିଲି ତାହାକୁ ଅନେକାଂଶରେ ସାନ୍ତ୍ୱନାଯୁକ୍ତ ସ୍ପର୍ଶ ସହ ପୂରଣ କରୁଥିଲେ ରାମବାବୁ । ବରପାଲି ଛାଡ଼ି ସେ ଭୁବନେଶ୍ୱର ଚାଲି ଆସିବାରୁ ଚତୁର୍ଦ୍ଦିଗ ଶୂନ୍ୟତାମୟ ଅନୁଭୂତ ହୋଇଥିଲା ମୋତେ । ଏବେ ବି ସତେଜ ହୋଇ ରହିଛି ଗଙ୍ଗାଧର ସ୍ମରଣିକାରେ ହୋଇଥିବା ତାଙ୍କର ସ୍ମୃତିଚିତ୍ର । ବରପାଲିକୁ ଆସି ମାଙ୍ଗଲ୍ୟଦାୟିନୀ 'ଉଷା'କୁ ସେ ଆବିଷ୍କାର କରିବା ପାଇଁ ରାତି ପାହିବା ପୂର୍ବରୁ ପ୍ରତିଦିନ ଯାଇ ବସିଥିଲେ ହିମାଳୟର ତପସ୍ୱୀଟିଏ ପରି ଡାକ ବଙ୍ଗଳା ବାରଣ୍ଡାରେ । ବହୁ ବେଳ ପର୍ଯ୍ୟନ୍ତ ଅନାଇ ରହୁଥିଲେ ପୂର୍ବାକାଶକୁ ଗଦାଧରଙ୍କ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରେ ବର୍ଣ୍ଣିତ 'ମଙ୍ଗଳେ ଅଇଲା ଉଷା'ର ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିବାକୁ । ତାଙ୍କର ଏହି ତପସ୍ୟାମଗ୍ନ ନିର୍ନିମେଷ ପୂର୍ବାକାଶ ଦର୍ଶନ ମହଲରେ ଦେଇ ନଥିଲା ତୃପ୍ତି ଓ ସନ୍ତୋଷ । ତେବେ ଏକ ସୁନିର୍ଦ୍ଦିଷ୍ଟ ଦିନରେ ଉଷାର ଯେଉଁ ଶୁଭାଗମନ କଲେ ସିଏ ପ୍ରତ୍ୟକ୍ଷ, ସେଥିରେ ପରିଶୁଦ୍ଧ ହୋଇଗଲା ତାଙ୍କ ଆତ୍ମାନୁସନ୍ଧାନର ତୀର୍ଥ । ଆଉ କିଏ ଏପରି ବରପାଲିର ପୂର୍ବାଷା ଉଦ୍ଦେଶ୍ୟରେ ନେତ୍ର ଉନ୍ମିଳନ କରି ରଖିବ ମଙ୍ଗଳେ



ଅଇଲା ଉଷାଙ୍କ ଦର୍ଶନାର୍ଥେ ହେବା ପାଇଁ । ତାଙ୍କ ପରେ ଆଉ ଦ୍ୱିତୀୟ ବ୍ୟକ୍ତି ଦେଖିନାହିଁ ମୁଁ ଯିଏ ବିକଚ ରାଜୀବ- ଦୃଶା ଉଷା ଦର୍ଶନର ତୃଷା ବହନ କରିଛନ୍ତି ।

ଭୁବନେଶ୍ୱର ଚାଲି ଆସିବା ପରେ 'ସ୍ୱରାଜ୍ୟ' ସମ୍ବାଦ ପତ୍ରରେ ସମ୍ପାଦକ ଭାବରେ ତାଙ୍କର ନାମ ମୁଦ୍ରିତ ପ୍ରତିଟି ସଂଖ୍ୟା ଆସୁଥିଲା ଘରକୁ ଆମର । ୧୯୮୫ ମସିହାରେ ନଶ୍ୱର ଶରୀର ତ୍ୟାଗର ଶୋକ ସମ୍ବାଦ ପାଇଲୁ ଆମେ ଯେତେବେଳେ କ୍ରନ୍ଦନ କରି ଉଠିଥିଲେ । ହୃଦୟ, ଜଣେ ଅନାଥିନୀ ସୁକନ୍ୟାକୁ ନିଜର ଝିଅ ଭାବରେ ପାଳନ କରି ସେ ବିବାହ କାର୍ଯ୍ୟ ମଧ୍ୟ ସଂପନ୍ନ କରି ଦେଇଥିଲେ । ଦିନେ ଅପରାହ୍ନ ବେଳାରେ ତାଙ୍କର ଜାମାତା ଆମ ଘରେ ପହଞ୍ଚି ମୋ ହାତରେ ନ୍ୟସ୍ତ କରିଦେଲେ ତାଙ୍କର ଅନେକ ମୂଲ୍ୟବାନ କାଗଜପତ୍ର ତଥା ମାନପତ୍ର ଯାହା ଗଙ୍ଗାଧର ସାହିତ୍ୟ ପରିଷଦର କାଠ ଆଲମିରା ମଧ୍ୟରେ ସଯତ୍ନେ ସାଇତି ରଖିଲି ମୁଁ । ଜୀବନର ଅନ୍ତିମ ଭାଗରେ ସେ ତାଙ୍କର ଆତ୍ମଜୀବନୀ ରଚନା କରୁଥିଲେ । ଏକାଧିକ ଥର ତାହାର ଅନେକ ପୃଷ୍ଠା ନିଜେ ପାଠ କରି ଶୁଣାଇ ଦେଇଛନ୍ତି ମୋତେ । ତାହାର ନାମକରଣ କରିଥିଲେ ସେ- 'ଶତାବ୍ଦୀର ପଦଧ୍ୱନି' । କହିଥିଲେ, "ମଣୀନ୍ଦ୍ର ମନେରଖ ମୁଁ ମୋ କଥା ଲେଖି ନାହିଁ ଏଠି ଅଧିକ । ଲେଖିଛି ସମୟର ପଦଚିହ୍ନକୁ ।" ସେହି ଆତ୍ମକଥା ଆଜି ନିରୁଦ୍ଦିଷ୍ଟ । ତାହା ରହିଛି ସେପରି ଅସଂପୂର୍ଣ୍ଣ ଭାବରେ କେଉଁ ଅବହେଳିତ ସ୍ଥାନରେ ତାହା ବାରମ୍ବାର ଅନୁସନ୍ଧାନ କରି ମଧ୍ୟ ମୁଁ ଜାଣି ପାରି ନାହିଁ । ତାଙ୍କର ଜାମାତା କହୁଥିଲେ ମୋତେ ଯେ ରାମବାବୁଙ୍କ ପ୍ରକାଶିତ ଉପନ୍ୟାସ ରହିଛି ଯେତିକି ଅପ୍ରକାଶିତ ଉପନ୍ୟାସର ସଂଖ୍ୟା ତାଠାରୁ କାହିଁ କେତେ ଗୁଣରେ ବେଶୀ । ସେ ସବୁ ଏକ ଅଖା ଭିତରେ ଅସହାୟ ଭାବରେ ଅନାଥ ହୋଇ ରହିଛନ୍ତି ନିରୁପାୟ । ଓଡ଼ିଆ ଶବ୍ଦରୁ ଇଂରାଜୀ ବିଷୟରେ ଏକ ଅଭିଧାନ ପ୍ରସ୍ତୁତ କରିଥିଲେ ସେ । ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ତାଙ୍କର ରହିଥିଲା ଯେଉଁ ସୁଗଭୀର ଜ୍ଞାନ ତାହା ପ୍ରମାଣିତ କରି ଦେଇଛି ଏ ଅଭିଧାନ । ଆଜି ରାମ ପ୍ରସାଦ ସିଂହଙ୍କ ହୃଦୟରେ ସାଇତା ହୋଇ ରହିଥିବା ସ୍ମୃତି ସହିତ ଏହି ଅଭିଧାନଟି ମଧ୍ୟ ମୋ ପାଖରେ ସଂରକ୍ଷିତ । ଯେକୌଣସି ଓଡ଼ିଆ ଶବ୍ଦର ଇଂରାଜୀ ଜାଣିବା ପାଇଁ ଦେଖେ ମୁଁ ଏହି ଅଭିଧାନଟି ଓ ପ୍ରତିଟିଥର ଶବ୍ଦାର୍ଥ ସନ୍ଧାନ ପଡ଼େ ବହିଟିକୁ ମସ୍ତକରେ ଲଗାଇ ବାରମ୍ବାର କରେ ପ୍ରଣାମ । ତାଙ୍କ ଫଟୋଗ୍ରାଫ୍‌ଟିଏ ବି ଆଜି ଦୁର୍ଲଭ । ବରପାଲିରୁ ଚାରିଶହରୁ ଉର୍ଦ୍ଧ୍ୱ କିଲୋମିଟର ଦୂରରେ ଭୁବନେଶ୍ୱର ଠାରେ ରହୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତିକୂଳ ଥିବା ହେତୁ ଯାଇପାରୁ ନାହିଁ ବରପାଲିର ଆମର ଅତି ପ୍ରିୟ ବାସଗୃହକୁ । ଯେତେଥର ଆଗରୁ ଯାଇଛି ଘରଟିକୁ ଦେଖିଦେବା ମାତ୍ରକେ ଶିଶୁ କଣ୍ଠର କ୍ରନ୍ଦନ ଧ୍ୱନି ଶୁଣିଛି ନିଜ ଛାତି ଭିତରୁ । ଶତ ସହସ୍ର ସ୍ମୃତିସ୍ନିଗ୍ଧ ଆଲୋକଚିତ୍ର ଛାଡ଼ି ଆସିଛି ସେଠାରେ । ମୋର



କବିପୁତ୍ର ଭଗବାନ ମେହେର

ଆବିର୍ଭାବ ୧୯/୦୮/୧୮୯୨    ତିରୋଭାବ ୨୦/୧୨/୧୯୭୭



ପୂର୍ଣ୍ଣ ବିଶ୍ୱାସ ରାମ ପ୍ରସାଦ ସିଂହଙ୍କ ଏକାଧିକ ଫଟୋଗ୍ରାଫ୍ ମୋ ଆଲମିରା ମଧ୍ୟରେ ଥିବେ ଅପେକ୍ଷାରତ । ସେଦିନ ରାମ ପ୍ରସାଦ ସିଂହ ପରିସ୍ଥିତିର ଆହ୍ୱାନରେ ଚାଲି ଆସିଥିଲେ ବରପାଲିରୁ ଭୁବନେଶ୍ୱର । ଆଉ ଆଜି କର୍ମମୟ ଜୀବନରୁ ଅବସର ଗ୍ରହଣ କରିବା ପରେ ଏବଂ ଭୟଙ୍କର କରୋନା କବଳରୁ ଉଦ୍ଧାର ପ୍ରାପ୍ତ ହେବା ପରେ ବରପାଲିକୁ ପ୍ରତ୍ୟାବର୍ତ୍ତନ କରିବାର ଅନୁମତି ଦେଉ ନାହିଁ ସାରା ଶରୀର । କିନ୍ତୁ ହୃଦୟ ମୋର ନିତ୍ୟ କ୍ରନ୍ଦନରତ ଜନ୍ମଭୂମି କବିତୀର୍ଥ ବରପାଲି ଉଦ୍ଦେଶ୍ୟରେ ଯାତ୍ରା କରିବା ନିମିତ୍ତ ଅନ୍ତର ମଧ୍ୟରୁ ଶୁଣି ପାରୁଛି ସାନ୍ତ୍ୱନାସିକ୍ତ ଏକ ମଧୁରବାଣୀ । ତାହା ହେଲା – "ତୁ ଆମକୁ ଛାଡ଼ି ଆସିଲୁ ବୋଲି ଭାବୁଚୁ କାହିଁକି ? ଆମକୁ ପରା ହୃଦୟ ମଧ୍ୟରେ ସଯତ୍ନେ ସଜାଇ ଧରି ଆସିଛୁ ଏତେ ଦୂରକୁ । ତୁ ବାରବର୍ଷ ପୂର୍ବରୁ ଥିଲୁ ଆମ ଭିତରେ । ଏବେ ଆମେ ରହିଛୁ ତୋ ଭିତରେ ।" ଦେଖୁଛି ଦୁଇ ପିତାମହ ଭଗବାନ ମେହେର ଓ ରାମ ପ୍ରସାଦ ସିଂହ ମୋ ଅନ୍ତଃସ୍ଥଳରେ ନିର୍ମିତ 'ଗଙ୍ଗାଧର ସ୍ମୃତି ସଦନର'ର ପ୍ରାଙ୍ଗଣରେ ପରସ୍ପର ଭାବ ବିନିମୟରେ ବ୍ୟାପୃତ । କବିପୁତ୍ର ଭଗବାନ ମେହେର ଅର୍ଦ୍ଧଶାୟିତ ଅବସ୍ଥାରେ ଦଉଡ଼ିଆ ଖଟଟି ଉପରେ ଉପବିଷ୍ଟ । ଆଉ ତାର ପାର୍ଶ୍ୱରେ ପଡ଼ିଛି ଯେଉଁ କାଠ ବେଞ୍ଚଟି ରାମ ପ୍ରସାଦ ସିଂହ ସେଇଠି ବସି ନୀରବରେ ଶୁଣୁଛନ୍ତି ମୃଦୁଭାଷୀ କବିପୁତ୍ରଙ୍କ ଓଠରୁ ଉଚ୍ଚାରିତ ଗୋଟିଏ ପରେ ଗୋଟିଏ ଶବ୍ଦ । କବି ପୁତ୍ର ନିଜ ଅନୁଭୂତି ବିନମ୍ର ଭାବରେ ବ୍ୟକ୍ତ କରି ସାରିବା ପରେ ଚାହିଁ ରହିଛନ୍ତି ରାମ ପ୍ରସାଦ ସିଂହଙ୍କ ମୁଖମଣ୍ଡଳକୁ । ତାଙ୍କ ଉଚ୍ଚାରିତ ବାକ୍ୟ ଶୁଣିବା ଅଭିଳାଷ ନେଇ । ପୁନଶ୍ଚ ଦେଖାଯାଉଛି ମୋ ଆଖିରେ ଦୁଇ ପିତାମହଙ୍କ କୋଳମଣ୍ଡନ କରି ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ରିକ୍ସାରେ ଯାଉଛୁ ଆମେ କବିଙ୍କ ଶ୍ରାଦ୍ଧ ତିଥିରେ ଶ୍ରଦ୍ଧାଂଜଳି ନିବେଦନ କରିବାକୁ ପବିତ୍ର ସମାଧି ସ୍ଥଳକୁ । ସେଠୁ ଫେରୁଛୁ କବିଙ୍କ ଜନ୍ମଗୃହ କବି ଭବନକୁ । ଶ୍ରଦ୍ଧାଂଜଳି ଅର୍ପଣ ନିମନ୍ତେ ଆସିଥିବା ଭଦ୍ର ବ୍ୟକ୍ତିମାନେ ବିଦାୟ ନେଇ ସାରିଛନ୍ତି । କିନ୍ତୁ ମଞ୍ଚରେ ପଡ଼ିଛି ଏକ ଟେବୁଲ୍ । ତାର ଦୁଇ ପାଖରେ ବସିବା ପାଇଁ ଛୋଟ ବେଞ୍ଚ୍ ଦୁଇଟି । ପରସ୍ପର ସାମ୍ନାସାମ୍ନି ବସି ରହିଛନ୍ତି କବିପୁତ୍ର ଓ ରାମ ପ୍ରସାଦ ସିଂହ । ରାମବାବୁ ବିନୀତ ଭାବରେ ଅନୁରୋଧ କରୁଛନ୍ତି କବି ପୁତ୍ରଙ୍କୁ- "ଆଜି କବି ପୂଣ୍ୟତିଥି । ଆପଣ କୁହନ୍ତୁ ନିଜ ଅଙ୍ଗେ ନିଭା ଅନୁଭୂତି ।" ୧୯୨୪ ମସିହା ଏପ୍ରିଲ ୪ ତାରିଖ ଚୈତ୍ର ଅମାବାସ୍ୟା ଦିନ କବିଙ୍କ ଘଟିଥିଲା ମହାପ୍ରୟାଣ । ଏଇ ଆଗାମୀ ଚୈତ୍ର ଅମାବାସ୍ୟାରେ ପୂର୍ଣ୍ଣ ହୋଇଯିବ ପୂଣ୍ୟତିଥିର ଏକ ଶତ ବର୍ଷ । ଏହି ସଂଯୋଗ ବେଳାରେ ସେଥିପାଇଁ ମୋର ଅନ୍ତର୍କର୍ଣ୍ଣରେ ଶୁଭୁଛି ଶ୍ରାଦ୍ଧ ଦିବସ ପାଳନ ପୂର୍ବାହ୍ନ ବେଳାର କବିପୁତ୍ର ଓ ରାମ ପ୍ରସାଦ ସିଂହଙ୍କ ମଧ୍ୟରେ ହୋଇଥିବା ଶ୍ରଦ୍ଧାପୂର୍ଣ୍ଣ ଓ କଥୋପକଥନ । ଆଉ ଉଭୟଙ୍କ ଯେଉଁ ବିନମ୍ର ପ୍ରଶାନ୍ତ ନିରଭିମାନ ବଦନ ଓ ମଧୁର ବଚନ ଗୁଂଜରିତ ଓ ଦୃଶ୍ୟାୟିତ ହେଉଛି ମୋ ଭିତରେ, ସେଥିରେ ସଂପୂର୍ଣ୍ଣ ରୂପରେ ମୁଁ ଭାବମଗ୍ନ ।




ସ୍ୱୟଂଭୂ

RUCHI FOODLINE
Since 1976
Karlo Dosti Sehat Se

# ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଊର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ
ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।

ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ
ମୂଲ୍ୟ : ୬୦୦ ଟଙ୍କା

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍‌ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

ପ୍ରକାଶକ:
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

* ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ *


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସର
ପ୍ରଚ୍ଛଦ କଳ୍ପନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ତୃପ୍ତି ମୀରାମ୍ବିକା,କଟକ
ଉଚ୍ଚତା : ୫ ଫୁଟ୍ ୬ ଇଞ୍ଚ୍
ବୃତ୍ତି : ଅଭିନୟ
ଶିକ୍ଷା : ବିଏସ୍‌ସି, ମାଥ୍‌ମେଟିକ୍ସ
ରୁଚି : ନାଚ, ଚିତ୍ରାଙ୍କନ
ପ୍ରଚ୍ଛଦ ଫଟୋଗ୍ରାଫି : ତୃପ୍ତି ମୀରାମ୍ବିକା, କଟକ
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ତୃପ୍ତି
ସ୍ଥାନ : କଟକ
ସହଯୋଗ : ସମ୍ବିତ ପଟ୍ଟନାୟକ, ଜିଲ୍ ଏଣ୍ଟର୍‌ଟେନ୍‌ମେଣ୍ଟ୍

ଲେଣ୍ଡର

# ୨୦୨୪

# ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ପର୍ବପର୍ବାଣି**

୦୬/୦୬/୨୦୨୪ : ସାବିତ୍ରୀ ବ୍ରତ
୧୪/୦୬/୨୦୨୪ : ପ୍ରଥମ ରଜ
୧୫/୦୬/୨୦୨୪ : ରଜ ସଂକ୍ରାନ୍ତି
୧୭/୦୬/୨୦୨୪ : ଇଦ୍‌ଜୁହା
୨୩/୦୬/୨୦୨୪ : ମହାବୀର ଜୟନ୍ତୀ

### ୨୦୨୪ ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

# ଦ୍ରୌପଦୀ-୪୦

**ପ୍ରଫୁଲ୍ଲ କୁମାର ମହାନ୍ତି**



ନଗର ଥିଲା ସୂର୍ଯ୍ୟମଖା ଜନତା ସତେଜ
ପବନ ଥିଲା ଧିରଛୁଆଁ ନିର୍ମେଘ ଆକାଶ
ସୁସଜ୍ଜ ରାସ୍ତାଘାଟ ପରିଚ୍ଛନ୍ନ ଘରଦ୍ୱାର
ଅତିଥିଶାଳା ଥିଲା ସୁଗନ୍ଧିତ ମନୋରମା
ହସଖୁସୀ ସ୍ୱାଗତ ତୋରଣ ସ୍ୱାଗତ ନିଖୁଣ
ରାଜାଙ୍କର ଯୋଗ୍ୟବାସ ସବୁଥିରେ ପୂର୍ଣ୍ଣ
ଧାଡ଼ି ଧାଡ଼ି ଫୁଲକୁଣ୍ଡ ଧୂପଚନ୍ଦନ ଗନ୍ଧ
ଝୁଲୁଥିଲା ପବନରେ ସମାଜର ଛନ୍ଦ
ରଥମାନେ ପହଞ୍ଚିଲେ ପୂର୍ବ ପଶ୍ଚିମରୁ
ଉତ୍ତର ଦକ୍ଷିଣ ଦିଗୁ ଉତ୍ସାହ ସ୍ରୋତରେ
ଫୁଲମାଳ ଫୁଲତୋଡ଼ା କୁଙ୍କୁମର ଟିକା
ରସାଳ ପାନୀୟ ପାତ୍ର କ୍ଲାନ୍ତିହରା ଆୟୋଜନ
ଭରିଲା ବିମଳ ହସ ସବୁରି ମୁଖରେ ।
ଯୁଧିଷ୍ଠିର ଠିଆ ହୋଇ ପ୍ରାସାଦ ଆଗରେ
ପାଛୋଟିଲେ ନମ୍ରଶୀଳତାରେ ଶୁଭ ମଣ୍ଡପରେ
ସୈନ୍ୟ ସେବକ ସହ ପାଣ୍ଡବ ଭାଇମାନେ
ଶଙ୍ଖଧ୍ୱନି ତାଳରେ ଫିଙ୍ଗୁଥିଲେ ଫୁଲ
ଆରତୀର ଥାଳି ଧରି ପାଞ୍ଚାଳ ସୁନ୍ଦରୀ
ଉଭା ହୋଇଥିଲେ ପୂଜାରିଣୀ ପରି
ଯୁଧିଷ୍ଠିର ଧୋଇଦେଲେ ରାଜାଙ୍କର ପାଦ
ରାଜାମାନେ ତାଳିମାରି ଦେଲେ ସାଧୁବାଦ
ରୁଚି ସଂସ୍କୃତି ଆଉ ନମ୍ରତାର ଧାରା
ଝରୁଥିଲା ଚାରିଦିଗୁ ଅମୃତ କଣିକା ପରି
ଇନ୍ଦ୍ରପ୍ରସ୍ଥ ଲାଗୁଥିଲା ଭାରତର ସଂସ୍କୃତି ବିହାର
ଦ୍ରୌପଦୀ ଆରତୀର ମଧୁବାକ୍ୟ ନିବେଦନ
ମୁଗ୍ଧ ହେଲେ ଦୂରାଗତ ଅତିଥି ସମୂହ
ପ୍ରଶଂସାର ମଧୁର ବାକ୍ୟ କଲେ ଉଚ୍ଚାରଣ
ସନ୍ତୋଷର ଆଶୀର୍ବାଦ ନିଚ୍ଛଳ ବଚନ ।

ନଗରର ଚାରିଦିଗେ ଉଡୁଥିଲା ବିଭିନ୍ନ ପତାକା
ନାନା ରଙ୍ଗ ନାନା ଭାଷା ଆକାର ନିଶାଣ
ସବୁ ଥିଲା ଭାରତର ବିବିଧ ବିତାନ
ଦେଖଣାହାରୀଏ ଦେଖି ଭାଷା ଚିତ୍ର ରଙ୍ଗ
ଭାବିଲେ ଭାରତ ବର୍ଷ ବିଶାଳ ବସୁଧା
ବହୁବିଧ ଗୌରବର ମହାନ୍ ସଭ୍ୟତା
ଗର୍ବ ଆନନ୍ଦରେ ସବୁ ନୁଆଁଇଲେ ମଥା ।
ଏତେ ରୁଚି ଏତେ ଭାଷା ଏତେ ସୁନ୍ଦରତା
ବେଶ ପୋଷାକର ରୂପକଥା ବିବିଧତା
ଏହା ହିଁ ଭାରତବର୍ଷ ଭବ୍ୟ ଏକତା
ସବୁ ଜାତି ଭାଷା ରଙ୍ଗ ଏକାଗ୍ର ସମତା ।

ଇନ୍ଦ୍ରପ୍ରସ୍ଥ ଆଦି ବିଶାଳ ଭାରତ
ଏକାଠି ହୋଇଛି ଦେଖିବାକୁ ଯଜ୍ଞ ପବିତ୍ରତା
ମନ୍ତ୍ର ଧ୍ୱନିରେ ହେବ ଭାବର ପୂର୍ଣ୍ଣତା
ଏମାନେ ଏକାଠି ଏଠି ବରଷିବେ ଫୁଲ
ଯୁଧିଷ୍ଠିର ମୁଣ୍ଡ ପରେ ଆସ୍ଥାର ଦୃଢ଼ତା
ଯିଏ ବଡ଼ସାନ ଦେଖେ ନାହିଁ ନୀତି ହୁଡ଼େ ନାହିଁ

ସେବା ଯାହାର ଧର୍ମ କର୍ତ୍ତବ୍ୟ ହିଁ ପ୍ରାଣ
ଯିଏ ଧୋଇପାରେ ପାଦ ପରମ ଶ୍ରଦ୍ଧାରେ
ତାର ପାଦେ ସମର୍ପିତ କ୍ଷମତାର ଧ୍ୱଜା
ଆଜିର ପୃଥିବୀ ଚାହେଁ ଏପରି ଶାସକ
ଯିଏ କରେ ମଣିଷର ଜୟଗାନ ନୀତିର ସମ୍ମାନ
ଯିଏ କରେ ନିରନ୍ତର ସ୍ୱାର୍ଥହୀନ ସେବା

ଜୟ ଯୁଧିଷ୍ଠିର ଜୟ ଉଠିଲା ଆକାଶ
ପ୍ରତି କଣ୍ଠ ପ୍ରତିଟି ଶିବିରୁ
ହାତୀ ଘୋଡ଼ା ବଜାଇଲେ ଘଣ୍ଟି
ଭରାପେଟ ଆନନ୍ଦରେ
ସେନା ପ୍ରହରୀ ମାନେ ଭୁଲିଗଲେ ପଥଶ୍ରମ
ଭୁଲିଗଲେ ନିଜରାଜ୍ୟ ଯୁଧିଷ୍ଠିର ଆତିଥ୍ୟରେ ।

'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୭୬୨୩

## ଆଭିମୁଖ୍ୟ

**ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।**

**ପ୍ରଫୁଲ୍ଲ କୁମାର ମହାନ୍ତି**



ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳ କବିତା

# ବିଶ୍ୱାସ ଦେ’ ପୃଥ୍ୱୀ

## ଆଶୁତୋଷ ପରିଡ଼ା



ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

ତୁ ଜାଣି ପାରିବୁନି ପୃଥ୍ୱୀ
ପାଣିରେ ଗୋଳାଇ ମୁଁ ପିଇ ସାରିଲିଣି କେତେ ଅନ୍ଧାର
କାହିଁକି କ୍ରମଶଃ ବିଷାଦରେ ଭରିଯାଉଛି ମୋର ସ୍ୱର,
ମନେ ହେଉଛି ସମୟ ଯେପରି
ମୋ ପାଇଁ ତିଆରି କରୁଛି କାରାଗାର !

ଏ କାରାଗାର ଗୋଟେ ଭୀଷଣ ଦୁଃସ୍ୱପ୍ନ
କିଏ କହି ପାରିବ କେବେ ଭାଙ୍ଗିଯିବ
ଶବ୍ଦମାନେ ନିଆଁହୁଳା ଧରି ବାହାରି ଆସିବେ
କାଳ କୋଠରିର ଅନ୍ଧକାରରୁ,
ମୁଁ ଆଞ୍ଜୁଳା ପାତିଥିବି
ତୋଳି ନେବାକୁ ସେ ନିଆଁକୁ
ତତାଇ ଦେବାକୁ ଶୀତଳ ହୋଇଯାଉଥିବା ମାଟିକୁ !

ପୃଥ୍ୱୀ, ତୋ’ର ଏମିତି କ’ଣ ହେଲା ଯେ
ତୋ’ ଛାତି ଉପରେ ଜନ୍ମନେଲା ଏତେ ଲୋଭ,
ତୋ’ ଉଚ୍ଚ ଅଟ୍ଟାଳିକାକୁ ଘେରି
ପାଳିତ ହେଲା ଭ୍ରାନ୍ତିର ଉତ୍ସବ,
ଜୀବନକୁ ନେଇ ଚାଲିଥିବା କପଟ ଖେଳରେ
ବାରମ୍ୱାର ହାରିଗଲା ମଣିଷ,
କେଉଁଠି ବନ୍ଧା ପଡ଼ିଗଲା ତା’ର ଭବିଷ୍ୟତ ?

କେମିତି ଏ ଭୂମି ଉପରକୁ ମାଡ଼ି ଆସିଲେ
ଏତେ ଚୋର, ତସ୍କର, ସଇତାନ
କେମିତି ଗଢ଼ି ଉଠିଲା
ଦଲାଲ୍‌ମାନଙ୍କ କିଣାବିକାର ବିଚିତ୍ର ବଜାର
କେମିତି ଜମା ହୋଇଗଲା ଧନର ପାହାଡ଼
ଓ ତୋ’ର ହୃଦୟକୁ ଚାପିଦେଲା ତା’ର ଭାର !

କ୍ଷମତାର ବୀଭତ୍ସ ହାତ ସବୁ
ସାପ ପରି ଲହଲହ ହେଲେ,



କବି ଆଶୁତୋଷ ପରିଡ଼ା

ସବୁ ରାସ୍ତାଘାଟରେ ଢାଳିଦେଲେ ଗରଳ
ସବୁ ଗଳିକନ୍ଦିରେ ଖେଳିଗଲା ବିଷାକ୍ତ ବାଷ୍ପ
ଆତଯାତ ହେଉଥିବା କୋଟି କୋଟି ଲୋକ
ବିନା ଦ୍ୱିଧାରେ ପାଲଟିଗଲେ ମୂର୍ଖ
ଆଉ କେତେ ହୋଇଗଲେ ଧୂର୍ତ୍ତ, ବଟସ୍କର
ପୃଥ୍ୱୀ, ଏ କେଉଁ ଅଧଃପତନର ବେଳ ?

ଯେବେ କଠିନରୁ କଠିନତର ହେଉଛି ଦୁଃଖ
ଆକାଶ ଭର୍ତ୍ତି ହୋଇଯାଉଛି ଅବିଶ୍ୱାସର ଧୂଆଁରେ,
ଯେବେ ମରଣକୁ ନେଇ ଖୋଲିଛି ବିରାଟ ବିପଣୀ
ଶୁଭି ଯାଉଛି ମିଛରେ ତିଆରି ଆଶ୍ୱାସନା ବାଣୀ,
ଯେବେ ଭୋକ ପାଖରେ ନଇଁପଡୁଛି ଜୀବନ
ଦଣ୍ଡ ପାଇଥିବା ପିଲା ପରି ଥରି ଉଠୁଛି ସ୍ୱପ୍ନ,
ଏବେ କେଉଁଠି ଯାଇ ଠିଆ ହେବି
ଛାତି ଭିତରେ କୁହୁଳୁଥିବା ଶବ୍ଦମାନଙ୍କୁ
କେଉଁ ରୂପ ଦେବି ?

ପୃଥ୍ୱୀ, ଏବେ ତୋ’ଠାରୁ
ମାଗିବି ଅପରିମିତ ଧୈର୍ଯ୍ୟ
ମାଗିବି ତୋ’ର ସଂଘର୍ଷର ଅଭିମାନ
ମାଗିବି ତୋ’ର ଅନ୍ତିମ ଆହ୍ୱାନ ।

ତୋ’ର ଅଖଣ୍ଡ ବିଶ୍ୱାସ ଦେ’ ପୃଥ୍ୱୀ
ଦେ’ ତୋର ସବୁଜିମାର ବିପୁଳ ମହିମା
ଦେ’ ତୋ’ର ନଦୀମାନଙ୍କ ଅବିଶ୍ରାନ୍ତ ଧ୍ୱନି
ଦେ’ ତୋର ପର୍ବତର ଆକାଶୀ ଆସ୍ପର୍ଦ୍ଧା
ଦେ’ ତୋ’ର ସମୁଦ୍ରର ଅନନ୍ତ ସ୍ପନ୍ଦନ,
ସମୟ ପାଇଁ ତୋ’ ପାଖରେ
ଯଦି କିଛି ଧିକ୍‌କାର ଅଛି ଦେ’
ସତ୍ୟ ପାଇଁ ତୋ’ର ଯେତେ
ସଂଚିତ ଶକ୍ତି ଅଛି ଦେ’
ବଂଚି ରହିବାକୁ ଗୀତ ଗାଇବାକୁ
ଯେତେ ବିଶ୍ୱାସ ଅଛି ଦେ’, ଦେ’ ।

ପ୍ରତ୍ୟୟ, ପ୍ଲଟ୍ ନଂ ୧୩୬୪, ଶାସ୍ତ୍ରୀନଗର
ୟୁନିଟ-୪, ଭୁବନେଶ୍ୱର-୭୫୧୦୦୧, ଫୋନ:୯୯୩୭୫୬୩୩୫୮

# ସବୁ ପାଇଚିର ଦେଶ ଶାନ୍ତିନିକେତନ

**ମନୋରମା ବିଶ୍ୱାଳ ମହାପାତ୍ର**

କବିର ପୃଥିବୀ ଥିଲା ଶାନ୍ତିନିକେତନ
ମଣିମୁକ୍ତା ଖଚିତ ନଅର ନୁହେଁ
ହୀରା କିମ୍ବା ନୀଳାର ନଅର ମଧ୍ୟ ନୁହେଁ
କୋଇଲି ଓ କୁମ୍ଭାଟୁଆ ଗୀତ ଗାଉଥିବା
ପୃଥିବୀର ଛବି ଥିଲା

କେନ୍ଦୁବିଲ୍ୱ ଗାଁ'ର ଚିତ୍ର କିମ୍ବା ଅଜୟ ନଈର ଧାର
ଧୀରେ ଧୀରେ ବହି ଯାଉଥିଲା ।
କବି ଋଷି ରବୀନ୍ଦ୍ରନାଥଙ୍କ ଦେଶ
ସବୁ ପାଇଚିର ଦେଶ ଶାନ୍ତିନିକେତନ ।

ସବୁ ପାଇଚିର ଦେଶ ହେଉ ସ୍ୱପ୍ନଲୋକ ହେଉ
ଯେଉଁଠାରେ ସୁନ୍ଦର ସ୍ୱପ୍ନଟିଏ
ତାଳପତ୍ର ମେଲି ଉଠିଥିଲା ଆକାଶକୁ ।
ଆକାଶର ରଙ୍ଗ କେମିତି ବଦଳୁଥିଲା
ପ୍ରତିଟି ଋତୁରେ ।
ନାଲି ଅବିର ରଙ୍ଗରେ ତ
ଆଉ କେତେବେଳେ ମେହେନ୍ଦି ରଙ୍ଗରେ
ଶାନ୍ତିନିକେତନ ବିଭୋର ହୋଇ ଉଠୁଥିଲା ଆନନ୍ଦରେ ।

ମୁଁ ସେଠାରେ ପହଞ୍ଚିଲା ପରେ
ମୋ ସ୍ୱପ୍ନର ରଙ୍ଗ ବଦଳିଲା ।
ଅନୁରାଗର ରଙ୍ଗରେ
ମୋ ଅନ୍ତକରଣ ଉଦ୍‌ଭାସିତ ହେଲା ।

ମୁଁ ଭିଜିଲି ବର୍ଷାରେ
ବସନ୍ତରେ ଶିଶିରକଣାରେ
ମୋତେ ମେଘ ଡାକିଲା 'ଆୟ'
ନଈ ଡାକିଲା 'ଆୟ'
ମେଘ ସଙ୍ଗେ ମେଘ ହୋଇଗଲି ।
ଅଁଳା ଓ ହରିତକୀ ବଣରେ
ମେଘର ଟୁପ୍‌ଟାପ୍ ଶବ୍ଦ ସଙ୍ଗୀତ ହୋଇଗଲା
ମୁଗ୍ଧ ହେଲି ।
ଚତୁର୍ଦ୍ଦିଗ କେମିତି ମୋହମୟ ସ୍ୱପ୍ନମୟ ଲାଗିଲା ।

'ପ୍ରୀତମପୁରୀ', ୧୨୫-ଆଚାର୍ଯ୍ୟବିହାର, ଭୁବନେଶ୍ୱର-୭୫୧୦୧୩
ଫୋନ: ୯୪୩୭୦୧୧୦୦୩



ମନୋରମା ବିଶ୍ୱାଳ ମହାପାତ୍ର

# ଭୁଲ ବୁଝିବୁନି

**ନୀଳମାଧବ କର**

ସବୁ ସର୍ତ୍ତ ତୋର, ମୁଁ ମାନିବି ପକ୍ଷୀରେ
ଅମେଇଶା ଆକାଶରେ, ଜହ୍ନ ମୁଁ ଦେଖିବି
ଗଣିଦେବି ତାରା ଲକ୍ଷେ, ଦି'ପହର ଉଜ୍ଜ୍ୱଳ ଖରାରେ
ଜାଡ଼ ଦିନେ ତୋ ପାଇଁ ମୁଁ ବୁଡ଼ ପକେଇବି
ଓଷା ବ୍ରତ ପୁନେଇଁ ପରବେ,
ତୋ ପାଇଁ ମୁଁ ଭୋଗ ମନାସିବି

ଖୋଇବାକୁ ଦୁଧଭାତ, ଦେବି ତୋତେ ସୁନା ଥାଳିଆରେ
ପଞ୍ଜୁରୀକୁ ଜାଳିଦେବି, ତୋ ପାଇଁ ମୁଁ ବନସ୍ତ ରଚିବି
ଯେଣେ ଇଚ୍ଛା ତେଣେ ଯିବୁ,
କହିବୁ ତୁ କଥା ଯେତେ, ସବୁ ମୁଁ ସହିବି
ମଳୟରେ ପଙ୍ଖା କରୁଥିବି
ସ୍ନେହ ଦେଇ ଭିଜେଇବି ତୋତେ ଗ୍ରୀଷ୍ମରେ
ଅଳି ଅର୍ଦ୍ଦଳି ତୋର ମାନିବି, ପକ୍ଷୀରେ
ଦୁଷ୍ଟାମୀରେ ଧୀରେ ହସିଦେବି
କାଣିଚାଏ ଆଶା ଭୁଲି, ହୃଦୟରେ ତୋତେ ଧରିଥିବି
ସବୁ ସର୍ତ୍ତ ତୋର, ମୁଁ ମାନିବି ପକ୍ଷୀରେ
ତୋ ପାଇଁ ନିଶ୍ୱାସ ମୁଁ ନେବି

ତୋତେ ସବୁ ଦେଇ ପାରିବାର ଗର୍ବ ମୋର,
ତୁ ରଖିବୁ ପକ୍ଷୀରେ
ତୋ ପାଇଁ ନିଃସ୍ୱ ହେବାକୁ ଚାହୁଁଥିବା, ମଣିଷଟିଏର ଗର୍ବ
ଜୀବନର ଲମ୍ବା ରାସ୍ତାରେ, ସାଥି ମୋର, ପକ୍ଷୀରେ
କେଉଁ ପଦ ଅବା ପାଦ ପାଇଁ, ମୋତେ ତୁ ଭୁଲ ବୁଝିବୁନି
ମୋ ଭୁଲ ପାଇଁ, ମୋତେ କ୍ଷମା ଦେବୁ ସିନା
ଭୁଲ ବୁଝି ଦୂରେଇ ଦେବୁନି, ଚାହିଁବୁନି ଆଡ଼ ଆଖି କରି
ଭୁଲ ବୁଝିବାରେ ମୋତେ, ମୋ ଗର୍ବ ଭାଙ୍ଗି ଯିବ
ମୋ ହୃଦୟ ତଳେ ପଡ଼ି, ଭାଙ୍ଗିରୁଜି ଯିବ
ଖପରାରେ ଆଉ ଥରେ କଣ ହାଣ୍ଡି ଗଢ଼ିହେବ !

ଓଲଭର୍ ହାମ୍ପଟନ୍, ୟୁକେ
ଫୋନ: +୪୪ ୭୫୫୦୨୩୭୪୫୪



ନୀଳମାଧବ କର

# ସବୁ ପାଇବା ହରାଇବାର ଶେଷକଥା

ଅପର୍ଣ୍ଣା ମହାନ୍ତି

ଆଉ ଲେଖିପାରୁନି କବିତା... ।

ଭିତରର ଯେତେ କୋଳାହଳ
ଧୀରେ ଧୀରେ ନୀରବ ନିଶ୍ଚଳ
ଆଖିରୁ ଶୁଖିଯାଉଛି ଲୁହ
ଛାତିରୁ ସରିଯାଉଛି କୋହ
ଟିକେ ଜଳେ
ଟିକେ ଲିଭେ
ଜୀବନ ସଳିତା... ।

ଦୂରେ...କେତେ ଦୂରେ ଆଜି
ଦିନେ ନିଜ ଠୁଁ ନିଜର ଲାଗୁଥିବା
ସବୁ ବନ୍ଧୁ ପରିଜନ ।
କେତେ ପାଖରେ ଦିଶୁଛି ସତେ
ଖୁବ୍ ଅପହଞ୍ଚ ଲାଗୁଥିବା
ଶେଷ ଶୁଭଦିନ ।

ଶାସ୍ତ୍ର, ପୋଥି ପୁରାଣକୁ
ଥାକରେ ସାଇତି ଦେଇ
ପଢ଼ିବାକୁ ଇଚ୍ଛା ହୁଏ
ଅଜଣା-ଅଶୁଣା ଏଇ
ଆତ୍ମାର ସଂହିତା ।

ହୃଦୟ ପାଶୋରି ଦେଲାଣି
ପ୍ରେମ ଆଉ ବିଦ୍ରୋହର ରାଣ ।

ଦୁଇ ହାତ ପାପୁଲିରେ
ତଥାପି କାହିଁକି
ମୁଠେଇ ଧରିଛି ମୁଁ
କେବେ, କାହାରି କିଛି
କରିପାରି ନଥିବା
ଦି ମୁଠା, ଅକର୍ମଣ୍ୟ
ଅଲୋଡ଼ା, କଲ୍ୟାଣ ।

ଏତିକି ତା'ହେଲେ କ'ଣ
ସବୁ ପାଇବା, ହରାଇବାର ଶେଷକଥା... !

♥ କପାଳେଶ୍ୱର, ଠାକୁରପାଟଣା, କେନ୍ଦ୍ରାପଡ଼ା
ଫୋନ: ୯୪୩୭୧୨୮୩୧୬



ଫଟୋ: ଅପର୍ଣ୍ଣା ମହାନ୍ତି

# ମଣିଷର ଦୁଃଖ

ସୁଜାତା ଶୁଭଦର୍ଶିନୀ ନାୟକ

ଯଦି କେହି ତା ଭାବନାକୁ ନବୁଝେ
ମଣିଷ ହୁଏ ଦୁଃଖୀ ।
ନିଜ ହୃଦୟର କଥା
ଉପସ୍ଥାପନା କରି ନପାରିଲେ,
ନିରବ ଯନ୍ତ୍ରଣାରେ
ସେ ହୁଏ ଜର୍ଜରିତ ।

ସେ କେବେ
କଥାଟିଏ କହୁକହୁ
ଆଉ କିଛି କହିଯାଏ,
ଯାହାର ଅର୍ଥକୁ ଅନର୍ଥ କରି,
ତାକୁ ଦୁଃଖ ଦେବାକୁ
ଲୋକଙ୍କ ନଥାଏ ଅଭାବ ।

ଆଉ କେବେ,
ଠିକ୍ କଥା କହୁ କହୁ
କାଳେ କାହା ମନରେ
ଆଘାତ୍ ହେଇଥିବ
ଭାବି ଭାବି
ଦୁଃଖର କୁହୁଡ଼ିରେ
ହଜିଯାଏ ।

ଜୀବନରେ
ବନ୍ଧୁ, ଜ୍ଞାତି, କୁଟୁମ୍ବଙ୍କ
ସ୍ନେହ ଶ୍ରଦ୍ଧା ଭିତରେ
ଯଦି କିଂଚିତ୍ କେଉଁଠି କମିଗଲା,
ଗୋଡ଼ି ଭଳି କଥାକୁ
ପର୍ବତ କରି
ସେଇ ମଣିଷ
ନିଜ ସହ ସମସ୍ତଙ୍କୁ
କରେ ଦୁଃଖୀ ।

ଆଉ କେହି
ତାର ସମସ୍ତେ ଥାଇ,
କାହାଠୁଁ ସମୟ ନପାଇ,
ବାହାର ଲୋକଙ୍କୁ
ଭରସା କରି,
ଠୋକର୍ ଖାଇ,
ଦୁଃଖୀ ହୋଇ
ଚାଲିଥାଏ
ସାରା ଜୀବନ ।

ଅନେକ
ଦୁଇ ମୂରବୀଙ୍କ ଦ୍ୱାରା
ଟଣା, ଓଟରା ହେଇ
ବ୍ରହ୍ମହତ୍ୟା / ଗୋହତ୍ୟା
ଭିତରେ କେଉଟା
କରିବ, ନକରିବ
ସ୍ଥିର ନକରିପାରି
ବିଚଳିତ ହୁଏ ତ,
ପୁଣି କିଏ
ଜୀବନକୁ ସଦା
ଆଲୋକିତ କରୁଥିବା
ଜହ୍ନ, ସୂର୍ଯ୍ୟଙ୍କୁ ଛାଡ଼ି
ମରିଚୀକା ପଛରେ
ଗୋଡ଼ାଇ ଗୋଡ଼ାଇ
ଦୁଃଖ ସାଗରରେ ବୁଡ଼ିଯାଏ ।

ଆଘାତ ପାଇ
ବନ୍ଧୁକୁ ହାତ ବଢ଼ାଇଲେ,
ଯଦି ସେ ନିଜର
ବଡ଼ିମା ପ୍ରତିପାଦିତ
କରିବାକୁ
ତୁମ କଟା ଘାଆରେ
ଚୂନ, ଲଙ୍କା, ଲୁଣ
ପୁରାଇ ମକଚି ଦିଏ,
ହୃଦୟ ସହ
ସମସ୍ତ ଶୀରା, ପ୍ରଶୀରା
ବିଳାପ କରି ଉଠନ୍ତି ।

କିନ୍ତୁ, ସିନ୍ଧୁଏ ପୂର୍ଣ୍ଣତା ଭିତରେ
ବିନ୍ଦୁଏ ଶୂନ୍ୟତା,
କେବେ ଦୁଃଖର
ପଦବାଚ୍ୟ ହେବା କଥା ନୁହେଁ,
ବରଂ ବିଭୁଦତ୍ତ
ସେ ସିନ୍ଧୁ ଭିତରେ
ଜୀବନ ନୌକାକୁ
ବାହି ନେବା ହିଁ
ବିଜ୍ଞତାର ପରିଚୟ ।

♥ ଏକରୁଖା, ଜଗତସିଂହପୁର
ଫୋନ: ୭୦୦୮୩୬୫୮୯୯



ଫଟୋ: ସୁଜାତା ଶୁଭଦର୍ଶିନୀ ନାୟକ

## ମଧ୍ୟସ୍ଥ

### ଅଜୟ ପ୍ରଧାନ

ସେ ଯେତେବେଳେ ସମୁଦ୍ର କଲେ ସୁନା ଓ ରୂପାରେ
ମୁଁ ଦେଖିଲି କବିତା
ବିଶାଳ ବିରାଟର ଚିତ୍ର ନାଚିଲା ଆଖିରେ
ଲୁଚେଇ ଦେଲି ଯାବତ୍ ଭୟ
ପାଣି ଫାଟିବାକୁ ଯାଉଥିବା ରକ୍ତରେ !

ସେ ଯେତେବେଳେ ସୁନାକଏନ୍‌ରେ ତିଆରିଲେ ତାରା
କାଗଜ ଟଂକାରେ ମେଘମୟ କଲେ ଆକାଶ
ମୁଁ ଶୁଣିଲି କବିତା
ସେ ହସିଲେ ଯାତ୍ରା ପେଂଡାଲ୍‌ର ରଜା ପରି,
ମୁହଁ ପଡ଼ିଗଲା ମୋ ଶେତା !



ସେ ଯେତେବେଳେ ଅମଳ କଲେ କ୍ଷେତ ନଈକଂଡିଆ ବାଡ଼ି ଗୋରଡ଼ାରୁ
ସମ୍ମାନ,ଫଳକ, ଉପଢୌକନ, ମାନପତ୍ର ଇତ୍ୟାଦି
ମୁଁ ଛୁଇଁଲି କବିତା,
ସଭାପତି, ମୁଖ୍ୟ ବକ୍ତା, ସମ୍ମାନିତ ବକ୍ତା ହେଇ ହେଲେ ଗଦଗଦ
ମୁଁ ଗୋଟେଇ ଚାଲିଲି ରାସ୍ତା ଆଉ ଆବର୍ଜନାମୟ ଗଳିରୁ ଶବ୍ଦ,
ଯୋଉମାନଂକୁ ଭେଟିବା ଥିଲା ଅସଂଭବ !

ସେ ଯେତେବେଳେ ଦେଶ ବିଦେଶ ବୁଲିଲେ
ମୁଁ ଟେବୁଲ୍ ଉପରେ ହାମୁଡ଼େଇ ବାଛିଲି କୁବେରଂକ ପରି
ଧାନରୁ ଅଗାଡ଼ି,ଗୋଡ଼ି
କବିତା ପାଇଁ ଯା' ଠିକ୍ ଓ ଆବଶ୍ୟକ;
ବାଗେଇଲି ମାତ୍ରାମାନଂକୁ, ଟିପବାଡ଼େଇ ଶୁଣିଲି ସ୍ୱର
ଖୋଜିଲି ଚେହେରା ମୁତାବକ ପୋଷାକ ।

ସେ ଜିତିଲେ ଗଡ଼ ପରେ ଗଡ଼
ମୁଁ ଗଲି ତଳରୁ ତଳ,
ଉଡ଼ିଗଲା ଚାଳଛପର,ଗଳିଲା ଶୀତ ଖରା ବର୍ଷା !
ମାଟି,ଝାଳ ଓ ଭଲପାଇବା ଧରି ତଥାପି ଉଡ଼େଇଲି କବିତାରେ ତିରଂଗା !

ସେ ଆରଂଭ କରିଚଂତି ମାତିବା ଚଂଦ୍ରରେ ପ୍ଲଟ୍ ବିକାକିଣାରେ
ମୁଁ ମୁଂଡରେ ଧରି କବିତାର କଠଉ
ଚାଲିଚି,ଚଲଉଚି ସ୍ୱୀକୃତି ପାଇ ଘୋଷଣା ହେଇନଥିବା ରାଇଜ;
ସୁଖ ଏତିକି:
ମୁଁ ଅଘୋଷିତ ସମ୍ରାଟ ମଂତ୍ରୀ ପାରିଷଦ ଫଉଜ ଓ ନାଗରିକ ।

ଉଡ଼ିଉଡ଼ି ଯାଉଚଂତି ସେ ଉପରକୁ ଉପର ନିଶବ୍ଦରେ,
ମୁଁ ଶବ୍ଦ ହେଇ ମିଶିମିଶି ଯାଉଚି କବିତାରେ !

ସେ ଓ ମୁଁ ନଥିବାବେଳେ ଦିଶେ କିଏ
ଦିଗଂତର ଆଖିପୁଅରେ ?

♥ ଦଇତାପଡ଼ା ସାହି, ପୁରୀ-୧, ଫୋନ:୭୯୭୮୮୫୮୦୯୧

## ବନବାଳା

### କୌଶିକ ନାୟକ

ଦୂର ଅଦୃଶ୍ୟରୁ ଭାସି ଆସୁଥିଲା କେଉଁ ସ୍ୱର
ଗୁଞ୍ଜରିତ କରି ଗଗନ ପବନ
କେତେ ତାହା ମଧୁର ମଧୁର
ସେହି ସ୍ୱର ନୁହେଁ ଜଣଙ୍କର,
ଚଇତିର ତିଥି ଜହ୍ନ ମାରୁଥିଲା ହାଇ
କେଉଁ ସୁଦୂର ଆକାଶୁ ବନସ୍ତ ବନସ୍ତ ଭେଦି
ଛାଇ ଛାଇକା ଖେଳ ଖେଳି
ବନ୍ୟ ଜନ୍ତୁ ବୁଲୁଥାନ୍ତି ସ୍ୱାଧୀନ ଗତିରେ
ଡର ଭୟ ନଥିଲା ହିଂସୁକ ଶିକାରୀର,
ସେ ମାତି ଥିଲା ନାଚ ନାଚିବାକୁ
ସୁନ୍ଦରୀମାନଙ୍କ ଗହଣେ
ବାହୁରେ ବାହୁ ଛନ୍ଦି ପରବ ଦିନର ନାଚ ।

ସରି ସରି ଆସୁଥିଲା ପରବର ରାତି
ଆନନ୍ଦ ଉଚ୍ଛ୍ୱାସର ଅସରନ୍ତି ସ୍ରୋତ ।

ପକ୍ଷୀମାନେ ଗୁମୁରୁଥାନ୍ତି ଅନ୍ଧାର କୋଳରେ
ନିଜ ନିଜ ନିଡ଼ରେ ଆପଣା ପଣେ
ପ୍ରେମ ଓ କରୁଣାର ବଳୟ ଭିତରେ ।
ମୁଁ ପଢ଼ିଥାଏ 'ବନସ୍ତେ ଅଜଗର ପ୍ରାୟେ'
ଭୟ ଓ ନିସଂଗତାର ଆଶା ଓ ଆଶଙ୍କାରେ
ସୀମିତ ମୋ'ବନ୍ଦ କୋଠରୀରେ ।

ଦୂରରୁ ଶୁଭୁଥାଏ ଯେଉଁ ସ୍ୱର
ଆଙ୍କୁଥିଲା ଏକ ପଟ୍ଟଚିତ୍ର
ମନ ଓ ହୃଦୟରେ ଖୁବ୍ ଅନ୍ତରଙ୍ଗ
ନର୍ତ୍ତକୀ ଓ ନୃତ୍ୟରତା ନିଝୁମ୍ ରାତିର ।

ଏ ରାତି ସେତିକି ନିବିଡ
ସମୁଦ୍ର କୂଳର ଜୁଆରିଆ ନିଃସଂଗ ରାତି ପରି
ଉଚ୍ଛ୍ୱସିତ କରୁଥିଲା
ଉପେକ୍ଷିତ ଢ଼େଉର ବାହୁ ବନ୍ଧନୀରେ ।

ସମୁଦ୍ର ଏବଂ ମୁଁ
ବନସ୍ତ ଓ ବନବାଳା

ଅନ୍ତରଙ୍ଗ ଆକାଶରେ ପକ୍ଷୀଙ୍କ ଉଡ଼ାଣ ପରି
ଉଡୁଥାଉ ଭେଟିବାକୁ ସେଇ ଆନନ୍ଦ ଲହରି
ଯାହା ଭାସି ଆସୁଥିଲା
ମାଛିମାଛିକା ଜହ୍ନରାତିରେ
ଅଗନାଗ୍ନି ବନସ୍ତ ଭିତରୁ ।

ବନବାଳା !
ତୁମେ କ'ଣ ଘଞ୍ଚ ଜଙ୍ଗଲର
ମୁହଁକୁ ମୁହଁ ଦିଶୁନଥିବା
ଅନ୍ଧାରରେ ରାସ୍ତା ଦେଖାଉଥିବା
ଆଲୋକର ଶୁଭ୍ର ରଶ୍ମିରେଖା
ଅଥଳ ଜଳ ରାଶିରେ ଦିଗ ଖୋଜୁଥିବା
ବିଦେଶୀ ଜାହାଜର ଦିଗ ନିର୍ଣ୍ଣାୟକ ।

♥ ସାହାଡ଼ାପଦା,
ବାଙ୍କୀ, କଟକ,
ଫୋନ:୯୩୪୮୨୪୨୨୦୧



# ମାୟା

## ଡକ୍ଟର ନୃସିଂହ ଷଡ଼ଙ୍ଗୀ

କେବେଠୁଁ ଘାସ ଉଠିଗଲାଣି ମୋ ସମାଧି ଉପରେ
ମୋ ସ୍ମୃତି ବନରେ ରାତି ଅପେକ୍ଷା
ଦିନ ବି ଖୁବ୍ ବେଶୀ ବିରକ୍ତିକର,
ଆଲୁଅରେ ମୁଁ ମତେ ଦେଖିପାରେ ବୋଲି
କେବେ ଠୁ ଭୁଲିଛି ଦର୍ପଣ ,
ଯାହା ଭିତରେ ଦିନେ ମୁଁ
ତୋଫା ଗୋରା ଜହ୍ନ ପରି ଦିଶୁଥିଲି,
ମୋ ଉତ୍ତର ବୟସରେ
ଆଉ ସବୁ ଛବିମାନେ
କେତେ ସବୁଜ ନ ଥିଲେ !

ଏଥର ବର୍ଷା ଋତୁରେ ମୁଁ ଭିଜିବିନି ବୋଲି
ମାଗିଛି ତାଳପତ୍ର ଛତାଟିଏ,
ଅଥଚ ବିନା ଛତାରେ ବି ମୁଁ ଭିଜିଲିନି
ନିଜ ଆଶ୍ଚର୍ଯ୍ୟକୁ ଖୁବ୍ ସୀମିତ କରି ।

ମାଗିଲି ସ୍ତ୍ରୀକୁ ଟିକେ ଚୁମ୍ବନ
ଯେତେବେଳେ ବସନ୍ତ ଆସିଲା ,
ହେଲେ ସେ ଆସିଲା ସ୍ୱପ୍ନରେ...
କହିଲା ନାତିନାତୁଣୀର ସଂସାରରେ
ମୁଁ କାଳେ ବୁଢ଼ା ହେଇଗଲିଣି
ଗୋଟେ ଏକ୍ସପାଏରୀ ମେଡିସିନ୍ ଭଳି ।

ଓଃ କେତେ ଗରମ୍ ଏ ବଂକର...
କେମିତି ଲୁଚନ୍ତି ସନ୍ତ୍ରାସୀ ମାନେ !
ଅଫିସର୍ ପୁଅକୁ କହିଲି ଏ.ସି. ନହେଲା ନାହିଁ
ଦେ ଗୋଟେ ସିଂଫୋନି କୁଲର୍,
ନହେଲେ ଗୋଟେ ଖୈତାନ ଫ୍ୟାନ୍ ।

କହିଲି ପାଖ ସମାଧିରେ
ହରି ସିଂହ ଶୋଇଛି ....ଡାକମୁନସୀ...
ଗୋପାଳ ସିଂହର ବାପା ।
ଏମିତି ନିଦ ଯେ ତା ସହ କଥା ହେବା ମୁସ୍କିଲ୍ ।
ପୁଅ କହିଲା ହରି ସିଂ ଭାଗ୍ୟବାନ୍...
ସେ ଶୋଇ ପାରୁଛି,ତୁମେ ସେତକ ବି ପାରୁନ ।
ଶେଷକୁ ଗରମ୍ ବାଂଫ ପାଲଟିବା ଆଗରୁ
ମୁଁ ବରଫ୍ ପାଲଟି ଗଲି ।

ଶୀତ ଆସିଲା, ଓଃ କେତେ ବେରସିକ ଏ ଶୀତ
ନିର୍ଦ୍ଦୟ ପ୍ରେମିକା ପରି କେବଳ ବିରହ ଦିଏ
ଓଠରେ ଉଷ୍ମ୍ ଦେବ କଣ...
ମୁଁ ଘରୁ ଆଣିଥିବା କମ୍ବଳ ଖଣ୍ଡକୁ ବି ଘୋଷାରି ନିଏ

ମୁଁ ରସିକ ମଣିଷଟେ...
ମହାପୁରାଣ ପରି ମୋ ପ୍ରେମର ଅନେକ
କାହାଣୀ..ଉପକଥା,
କେହି ମତେ ଛାଡି ନାହାନ୍ତି...
କିଏ ନେଇଚି ପାଉଁଜି ତ,କିଏ ସମ୍ବଲପୁରୀ ପାଟ,
କିଏ ବ୍ରାଣ୍ଡେଡ୍ ଘଣ୍ଟା ତ, କିଏ ଆଇଫୋନ୍,
ଶେଷ ପ୍ରେମିକା କେବଳ ନେଇଚି ଚୁମ୍ବନଟିଏ,
ଦେଇଛି ଚୁମ୍ବନଟିଏ,
ସେତକ ଏ ଶୀତର ସମ୍ବଳ ହେଉ ।

ମୁଁ ଜଣେ କବି, ଜଣେ ଲେଖକ
ଭାବିଥିଲି ମୋ ପାଇଁ ମଲା ପରେ
ଅନେକଦିନ ଚାଲିବ ଶୋକସଭା,
ହେଲେ ସେମିତି କିଛି ହେଲାନି ।
ବର୍ଷା ହେବା ଆଗରୁ
ପବନ ହିଁ ଉଡେଇ ନେଲା...
ଗୋଟେ ଖିଆଲି ମେଜାଜ୍ ।

ମୁଁ ମଧ୍ୟବିତ୍ତ ମଣିଷ ବୋଲି ସବୁ ସହିନେଲି
ଦେଲି କଣ, ନେଲି କଣ....
ମୋ ସମାଧିରେ ତଥାପି ମୁଁ ଜିଉଁଥିଲି,
ବର୍ଷା ଦେଇଥିବା ଭିଜାପଣ,
ଶୀତ ଦେଇଥିବା ଆତ୍ମୀୟତା,
ଗ୍ରୀଷ୍ମ ଦେଇଥିବା ଝାଂଜି
ବସନ୍ତ ଦେଇଥିବା ବିରହ
ସବୁ ତ ମୋ ଆପଣାର..... ।

ଯେଉଁଠି ମୋ ସମାଧି ଏବେ
ତା ସମାଧି ପାଇଁ ବେଶୀ ଆତୁର,
ଯାହାର ପରିଚୟ କିଛି ଶିଉଳିର ନୀଳ ଆବରଣ,
ଆଉ ମୁଁ ଅନିଶ୍ୱାସୀ ହେଉନି....
ମହଲ ଯେତେବେଳେ ପୋତି ହୋଇ ପଡୁଛି
କିଛି ବୟସ୍କ ଖରାଂକ ବଶମ୍ବଦତାରେ ।

♥ ସନ୍ତୋଷୀ ଭିଲ୍ଲା, ମହାନଦୀ ବିହାର,
ନୂଆବଜାର, କଟକ-୭୫୩୦୦୪,
ଫୋନ: ୯୯୩୭୨୨୨୧୨୨



# ଗନ୍ଧୁଣୀ ଗଛ ମୁଁ.. !

## କୈଳାଶ ଚନ୍ଦ୍ର ସାହାଣୀ

ଅନାବନା ଗଛ ନାମ ମୋ ଗନ୍ଧୁଣୀ
ଜୀବନଟା ଅକାରଣ,
କେଉଁ କାରଣରେ ଗଢ଼ିଅଛି ବିହି
ଝୁରେ ସଦା ମୋ ପରାଣ ।

ପଥପ୍ରାନ୍ତେ କେବେ ଦେଖେ ମଥା ଟେକି
କାଳେ କେ ଲୋଡ଼ିବ ସତେ
ଲୋଡ଼ିବା ତ ଦୂର ଆଡ଼ ଆଖି ଟିକେ
ଦେଖି ନାହିଁ କା'ର ମୋତେ ।

ବଡ଼ ମୁଣ୍ଡବଥା କାରଣ ମୁଁ କେବେ
ପଥ ଧାରେ ବଢ଼ିଗଲେ
ଫୁଟି ଲୋଟେ ଆପେ ଅନାଥ ପରି ମୁଁ
ଆୟୁଷ ମୋ ସରିଗଲେ ।

ତୁମରି ସହରେ ବସ୍ତି କୁଡ଼ିଆର
ନାହିଁ ଯେହ୍ନେ ଦରକାର,
ସେହିପରି ମୁଁ ଯେ ଗନ୍ଧୁଣୀ ନାମରେ
ଅପବାଦେ ନତ ଶିର ।

ମୁଁ ଏଇ ମାଟିର ସନ୍ତାନ ଗୋ ଅଟେ
ଲୁହରେ ପଖାଳା ନିତି,
ବାରମାସୀ ଝଡ଼ ଅସହ୍ୟ ଯନ୍ତ୍ରଣା
ସହଜେ ପାରିଛି ଜିତି ।

ନାହିଁ କ୍ଷୋଭ ମୋର କାଲି ମରିଗଲେ
ମୋ ପରି ତୁମେ ବି ଶବ,
କିଏ କେତେ ନେଲା କିଏ ଅରଜିଲା
ମିଛ ଗପ ପାଲଟିବ ।

ଈଶ୍ୱର ସୃଷ୍ଟିରେ ସଭିଏଁ ସମାନ
ନୁହେଁ ସାନ ବଡ଼ କିଏ,
ଟିକେ ହସିଦେଲେ ବଧୂଳୀ ଓଠରେ
ହୃଦୟ ପରଶି ଯାଏ ।

ମନରେ ଗରିବ ଧନରେ ଧନୀ ଯେ
ସିଏ କି ବୁଝିବ ମୋତେ,
ମମତା ଭିଜା ମୋ ଟିକି ଦେହେ ଦେଖ
ସେନେହ ବୋଳିଛି କେତେ !

♥ଅଧ୍ୟାପକ: ବାପୁଜୀ ଉଚ୍ଚ
ମାଧ୍ୟମିକ ବିଦ୍ୟାଳୟ,
ଗଡ଼ପଳାଶୁଣି, ଢେଙ୍କାନାଳ
ଫୋନ:୯୪୩୭୮୪୩୨୧୯



# ସଭ୍ୟତା ବଞ୍ଚାଅ

## ନିରାକାର ଦାସ

ସଭ୍ୟତାର ଦୁଇ ଶତ୍ରୁ
ଧନତନ୍ତ୍ର ଆଉ ଈଶ୍ୱରଙ୍କୁ ମାରିବାକୁ
ମୁଁ ପହଞ୍ଚି ସାରିଛି
ଯୁଦ୍ଧ ଭୂମିରେ....
ସମ୍ମୁଖ ସମର ପାଇଁ
ହେ ଦେବଗଣ
ହେ ବେପାରୀ ଗୋସେଇଁ !
ତୁମେ ଧର୍ମକୁ ମାଜିମୁଜି ଯେତେ ସଫା କରି
ମୋ ହାତମୁଠାରେ ଗେଂଜିଲେ ବି,
ଆମ ବିଶ୍ୱାସକୁ
ନିୟତି, ନରକ, ନିର୍ଯ୍ୟାତନାର ନଉତିରେ
ଯେତେ ଘଣ୍ଟାଚକଟା କରି
ମୋ ପାଟିରେ ଭରିଲେ ବି,
ଆମ ଚେତନାକୁ ଚୌଷଠିଯୋଗିନୀଙ୍କ
ଚମତ୍କାରୀ ଚରିତ ଯେତେ ଶୁଣେଇଲେ ବି,
ଯୁଦ୍ଧଭୂମିରୁ ମୁଁ ଜମା ହଟିବିନି,
କି ଘରେ ଘରେ ପୁରେ ପୁରେ
ଭଗବାନଙ୍କ ଭାବବନ୍ଧ୍ୟା ବଟିକା ବାଣ୍ଟିବାକୁ
ଜମା ଛାଡ଼ିବିନି ।

ମଣିଷକୁ ମଣିଷ ବଦଳରେ
ବଳଦ ବନେଇବାକୁ
ଜମା ସୁଯୋଗ ଦେବିନି ।
ସଂକଟରେ ସଂଗ୍ରାମ ଛାଡ଼ି ସଂକୀର୍ତ୍ତନ କରିବାକୁ
ଅନୁମତି ଦେବିନି ।
ମୁଁ ଜାଣିଛି, ମୋ ଲୋକେ
ତୁମ କୀର୍ତ୍ତନ କରି ଝୁମୁଛନ୍ତି ଦିନରାତି
ପେଟରେ ଓଦାକନା ଦେଇ,
ଈଶ୍ୱର ଆଲ୍ଲାଙ୍କୁ ନିଜ ରକ୍ତରେ ଭିଜେଇ,
ନିଜ ନିଜର ବିଶ୍ୱାସ ଜଳରେ ଗାଧେଇ ପାଧେଇ ।


▶ କବି ନିରାକାର ଦାସ

ଦୁଃଖରେ ଦୀର୍ଘଶ୍ୱାସ ମାରି,
ଯନ୍ତ୍ରଣାକୁ ଦୈନ୍ୟର ପିଠିରେ ଲଦି
ଅନ୍ଧାର ରାସ୍ତାରେ ଚାଲୁଛନ୍ତି
ଲୋତକ ଗଡ଼େଇ ।
ତୁମ ହୃଦୟହୀନ ପୃଥିବୀରେ
ହୃଦୟ ଟିକେ ପାଇଁ
ଦୌଡ଼ୁଛନ୍ତି ଏ ଘର ସେ ଘର
ଅଣନିଃଶ୍ୱାସୀ ହୋଇ ।

ମୁଁ ଜାଣିଛି,
ମୋ ସହ ଲଢ଼ିବାକୁ
ବାହାରିବେନି କେହି ।
ତଥାପି,
ଏ 'ସଭ୍ୟତା ବଞ୍ଚାଅ' ଲଢ଼େଇ ଲଢ଼ିବି
ତୁମର ସମୁଳେ ବିନାଶ ପାଇଁ ।

ମୁଁ ଏକଥା ବି ଜାଣିଛି
ତୁମ ସହ ଅଛନ୍ତି
ଅଜସ୍ର ଅର୍ଥଶକ୍ତିର ଅଶ୍ୱାରୋହୀ
ଶୋଷଣ ସାମ୍ରାଜ୍ୟ ନିର୍ମାଣକାରୀ
ଈଶ୍ୱର ଠିକାଦାର, ପରମ୍ପରାର ପଦାଧିକାରୀ ।

ମୁଁ ଏହା ମଧ୍ୟ ଜାଣିଛି
ତୁମ ସାଥେ ଥିବେ,
ଆଲୋକର ଅନ୍ତପୁରରେ ଅନ୍ଧାର ବିଛାଉଥିବା
ଶୃଙ୍ଗାର ସାରଥି ।
'ହୋ ଭଗତେ' ଡାକୁଥିବେ
ତୁମ ରଥ ଉପରେ ବିରାଜମାନ ହୋଇ ।
ତୁମ ସୁରକ୍ଷା ପାଇଁ
ଚାରିପଟୁ ଘେରି ରହିଥିବେ
ତୁମ ଅନ୍ଧଭକ୍ତ ଅହଂକାର ଅସ୍ତ୍ରଧାରୀ ।
ସମସ୍ତେଏକକୁ ଆରକେ ବଳୀ
କିଏ ନିଷ୍କପଟ ତ କିଏ କପଟ ବେଶଧାରୀ
କିଏ ଅତିବଡ଼ି ତ କିଏ ଅଜ୍ଞାନ ଆରୋହୀ
କିଏ ନିର୍ବୋଧ ତ କିଏ ଜ୍ଞାନ ଛତ୍ରଧାରୀ ।
ସମସ୍ତେ ତୁମ ସୁରକ୍ଷା ପାଇଁ ଲଢ଼ିବେ ଅଣ୍ଟାଭିଡ଼ି ।

ଏତିକି ଜାଣିଥାଅ, ହେ ଈଶ୍ୱର ବେପାରୀ !
ମୋ ସହ ତେତିଶକୋଟି ଦେବତା,
ନାରାୟଣୀ ସେନା ନଥିଲେ ବି


▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

ଅଛନ୍ତି,
କୋଟିକୋଟି ଖର୍ବଖର୍ବ ବିଦୀର୍ଣ୍ଣ ମଣିଷ ବକ୍ଷର
ସୁପ୍ତ ଆଗ୍ନେୟଗିରି ।
ଦଧିଚିମାନଙ୍କ ହାଡ଼ରେ ନିର୍ମିତ ଅସଂଖ୍ୟ ତରବାରୀ ।
ମାଟିସାରା ବିଛେଇ ହୋଇ ରହିଛି
କଷଣରେ କର୍ଷିତ କୁରାଢ଼ୀ ।

ଆଉ ମୋ ସହ ଅଛନ୍ତି
ନିତି ତୁମ ତାଚ୍ଛଲ୍ୟ ଶୁଣୁଥିବା
ଦୁଇ କଉଡ଼ିର ଲୋକେ
ଏକଜୁଟ ହୋଇ ।

ବାସ୍ ଏତିକି ଯଥେଷ୍ଟ
ତୁମ ଦୁହିଁଙ୍କୁ ବିଦା କରିବାକୁ ଅରକ୍ଷିତ କରି ।
ଆମ ମାନସିକ କ୍ଳିବତାର ସୂତ୍ରଧର
ହେ ଈଶ୍ୱର !
ଆମ ଦୈନ୍ୟଦାଦନର ଦୀକ୍ଷାକାରୀ
ହେ ବେପାରୀ !
ଶୁଣି ରଖ !
ଯେତେବାର ପରାସ୍ତ ହେଲେ ବି
ସେତେବାର ଲଢ଼ିବି ।
ଯଦି ଲୋଡ଼ାହୁଏ
ମୋ ସଭ୍ୟତାର ସୁରକ୍ଷା ପାଇଁ
ବାରମ୍ବାର ଜନ୍ମ ନେଉଥିବି ।

♥ ଭିଲ୍ଲା-୦୧, ଫେଜ୍-୦୨, ଏସ୍‌ବିଟି ଇଣ୍ଡସ୍
ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪
ଫୋନ: ୯୪୩୭୦୧୩୧୩୯

# ଆସ ଏଥର

## ସୁଚିତ୍ରା ପାଣିଗ୍ରାହୀ

କେବେ କେମିତି ଆସିଯାଏ କେହିଜଣେ
ଠିକ୍ ଯେମିତି ଖୋଜୁଥାଏ ମନ


ଫଟୋ ସୁଚିତ୍ରା ପାଣିଗ୍ରାହୀ

ଅବିକଳ ସେଇମିତି ଜଣେ
ଆସେ, ପାଖରେ ଠିଆ ହୁଏ
ପୁଣି କେତେବେଳେ କେଜାଣି
ହାତ ଧରେ ଆଉ କହେ: ଏବେ ଚାଲ ।

ମୁଁ ଚମକି ଚାହିଁଲା ବେଳକୁ
ନା ଆଗରେ କେହି ଥାଏ ନା ପଛରେ
ଖାଲି ଥାଏ ତ ଜଣେ
ଦେହ ପାଖରେ ଦେହର ଛାଇ ପରି
ଦେଖିବା ଦରକାର ପଡ଼େନି
ଛାଇ ତ ଥାଏ ଚିରଦିନ ସାଙ୍ଗରେ
ସେ ବି ଥାଏ,
ଯେତେ ମୁଁ ଘୁଂଚି ଘୁଂଚି ଗଲେ ବି
ସେ ପୁଣି ଥରେ ଆସେ ଓ
ମୋ ହାତରେ ହାତ ରଖେ,
କହେ: ଏଥର ଚାଲ ।

ଖରାରେ ମୁହଁ ଝାଇଁ ମାରିଗଲେ ବି
ସେ ଥାଏ ସେମିତି ପାଖେ ପାଖେ
ପୁଣି ଅଚାନକ ମେଘ ଘୋଟି ଆସି
ଚାରିଆଡ଼ ଅନ୍ଧାର ହୋଇ
ବର୍ଷା କାଟି ଦେଇ ଗଲେ ବି
ସେ ଚାଲୁଥାଏ ପାଖେ ପାଖେ
ଆଉ କହୁଥାଏ,ଡର ମାଡୁଚି କି

ବ୍ୟସ୍ତ ହ'ନା ମୁଁ ପରା ଅଛି
ଆ' ଚାଲି ଆ ଏଥର ।

ଏତେ ଆମନ୍ତ୍ରଣ ପରେ ତ
ନିହାତି ମୋତେ ଯିବାକୁ ହେବ
କିଏ ଜାଣେ କେହି ଆଉ ମୋତେ
ଡାକିବ କି ନାହିଁ...
ଜୀବନର ଅବଧି ତ ଅଧାରୁ ଅଧିକ
ସରି ଆସିଲାଣି,
କେହି ତ ଡାକି ନାହିଁ କେବେ ଥରେ ମୋତେ
ଆଜି ତେଣୁ ଏ ଡାକକୁ
କେଉଁ ପରି ବା ଆଡ଼େଇ ଦେଇ ପାରିବି !

ଭାବୁଚି, ଯାଏଁ
ଥରେ ତ ପାଦ ବଢ଼େଇ ଦେଖେଁ
ବାଟରେ କଂଟା ଅଛି କି ଅଛି ପଥର,
ଆଉ ସେ ସବୁକୁ ମୋ ପାଦ ଛୁଇଁବା ଆଗରୁ
କେହି ଜଣେ ଆଡ଼େଇ ଦଉଚି କି
ମୋ ପାଦ ତାକୁ ମାଡ଼ି ଦେଉଚି,
ଯାଏଁ, ପୁଣି ସେ ଡାକି କହିଲାଣି:
ଆଗରେ ରାସ୍ତା ଦେଖା ଗଲାଣି
ଆସ, ଏଥର ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷା, 'ଛାଇ',
ଜଗନ୍ନାଥ ବିହାର, ସାଳନ୍ଦୀ ନଗର, ଭଦ୍ରକ
ଫୋନ:୮୯୧୭୨୭୭୦୩୩

# ମେହନତୀ

## ପିନାକୀ ମିଶ୍ର

ତୋ' ପିଠିର ତତଲାଚୁଲୀରେ ସୁଖ ରୁଟି ସେକେ,
ଆଇଁଷିଆ ହାତ ମସଲା କଷେ,
ତୋ' କପାଳ ରିବିରିବି ଝାଳ
ବିଳାସୀ ଚର୍ବିଦେହକୁ ଶୀତଳାଏ,

ତୋ' ବଳ ବିଶ୍ୱାସ ଆୟୁଷ ଲାଗି-
ଥିଲାବାଲା ଉପରମୁହାଁ,
ମାସ ପୁରିଗଲେ ତୁ
ପ୍ରାପ୍ତି ଆଶାରେ ତଳମୁହାଁ ।

ସଂଜବେଳେ ଗାଁ ରାସ୍ତାରେ ଚାଲୁ
ହାଲିଆ ବଳଦ ପରି,
ପ୍ରବାସରେ ଥିଲେ
ସଂସାର ସୁମରୁ କପାଳ ଆଦରି
ଅନ୍ଧାର ଯାବୋଡ଼ି ।

ଛାଇ ପରି ତୋ ଅଭାବ ପାଖେପାଖେ ଥାଏ
ଖଟିଖିଆର କେବେ ଭାଉ ନଥାଏ,
ତୁ ଭାରି ନମ୍ର ହାକିମ ହତାରେ
ତୋ' ଛାତି କଥାଅକଥା ସବୁ ସହିପାରେ
ବିନା ପ୍ରତିବାଦରେ ।

ଯେତେଦିନ ଖଟି ପାରୁଛୁ
ସେତେଦିନ ତୁ ସୁନାପୁଅ,
ବଳ ଖସିଗଲେ ଜିଙ୍ଘାସ ଶୁଣୁ
ଭୋକ ହାଇମାରେ ଧୂଳିପିଣ୍ଡାରେ,
ଅଣଦେଖା ହେଉ ଶ୍ରମିକ ହାଟରେ,
କ୍ଷେତକୁ ,ଖାଦାନ୍‌କୁ, କାରଖାନାକୁ
ପାରିଲାର ସିନା ଦମ୍ ଦମ୍ ପଶେ,
ଦରପାଚିଲା ବୟସ ବଲବଲ ଅନେଇଁଥାଏ ।

ସିଂହାସନଠୁ ତୁ ବହୁତ ଦୂରରେ
ଗୋଲାପୀ ଗାଲକୁ ନଜର ଦେଉନା,
ଆକାଶକୁ କିଛି ମାଗୁନା ତୁ,
ଫୁଟ୍‌ପାଥର ଜୀବନ
ମଫିରାସ୍ତା ଗାଡ଼ିକୁ ତୁ ସଲଖେଇ ଚାହୁଁନା ।

ଅଧାରୁ ପାଠ ଛାଡ଼ିଥିଲୁ ଯେ'
ଦେହେକ ଚିନିବସ୍ତା ବୋହିଲୁ,
କ୍ଳାନ୍ତ ସଂଜରେ ଗମାତ ହେଲୁ
ଅଭାବୀ ଘରକୁ ନିନ୍ଦିନୁ କେବେ
ଅନ୍ଧାରକୁ ପୂରେଇ ଦେଇଛୁ
ନିଜ ଛାତିତଳ ଦୁର୍ଭାଗା ଗାତରେ ।

ଥିଲାବାଲା ତ ଲୁଟିଖିଆ, ପାହାନ୍ତିପାଚିଲା ନିଦରେ,
ଆଉ ତୁ ମାମୁଲି, ଖଟିଖିଆ ଜୀବନ ଅଣ୍ଡାଳୁଛୁ
ବାସିଚୁଲିର ଥଣ୍ଡାପାଉଁଶରେ ।

♥ 'ଶୂନ୍ୟନୀଳ'
ଚର୍ଚ୍ଚପାଖ, ଜେଲ୍ ରୋଡ, କେନ୍ଦୁଝର-୧
ଫୋନ:୯୪୩୮୧୧୮୩୯୭


ଫଟୋ ପିନାକୀ ମିଶ୍ର

# ପରପୁରୁଷ

**ବାଦଲ ମହାନ୍ତି**

ଆଉ ଟିକେ ପରେ
ଅଣ୍ଡାରୁ ବାହାରି ଆସିଥାନ୍ତେ ସେମାନେ
ଗାଇଥାନ୍ତେ ପ୍ରେମର ଦୂର ଗୀତ
ଭୋଗିଥାନ୍ତେ ଦୋରସ୍ତ ଆକାଶ
ହେଲେ ହାୟ ! ଏଡିକି ନିଷ୍ଠୁରା ତମେ
କଚ୍‌କଚ୍ କରି କାଟି ପକେଇଲ
ତୁମ କୁନିକୁନି ନିରୀହ ଅବୋଧ
ଇଚ୍ଛାମାନଙ୍କ ବେକ ?

ଖୁବ୍ ବିକଳ ହେଇ
ସେମାନେ ମୋତେ ଡାକୁଥିଲେ
ଆମର କ'ଣ ଅପ୍ରାଧ ବୋଲି
ପ୍ରଶ୍ନ କରୁଥିଲେ
ମୁଁ କାନ୍ଦକାନ୍ଦ ହେଇ ଚାହିଁଥିଲି
ତୁମ ମୁହଁକୁ ।

କାଳେ ସେମାନେ ଉଡ଼ି ଆସିବେ
ମୋ ପାପର ଶାଖା ପ୍ରଶାଖାକୁ
ଏହି ଭୟରେ
ଗୋଟିଏ ପରେ ଗୋଟିଏକୁ
ହତ୍ୟା କରି ଚାଲିଥିଲ
ଓ ତୁମ ପୁଣ୍ୟର ନଅରକୁ
ସେମାନଙ୍କ ରକ୍ତରେ
ଧୋଇ ପୋଛି ପବିତ୍ର କରୁଥିଲ
ମୁଁ ହସୁଥିଲି ଲୋକଦେଖାଣିଆ ହସ
କଟା ଡେଣାର ଗୀତ ଗାଇବା
ସତରେ ବହୁତ୍ କଷ୍ଟ !

ତମ ତମାମ୍ ଶରୀରର
ମୋର ସବୁଠୁ ପ୍ରିୟ
ତୁମ ପାଦ ।

ତମର ଖୁବ୍ ପସନ୍ଦ
ପାହାଡ଼
ମୋର ସମୁଦ୍ର ।

ସଫଳତାର ପାହାଚ ପରେ ପାହାଚ ଚଢ଼ି
ଶିଖରକୁ ଛୁଁ ତମ ପାଦ
ପ୍ରାର୍ଥନା ଏତକ

ବେଳାଭୂମିର ବାଲିରେ ଖୁବ୍ ଶୀଘ୍ର
ଲିଭି ଯାଉଥିବା ପାଦଚିହ୍ନ ପ୍ରତି
ମୋର ଅହେତୁକ ମୋହ !

ଖୁବ୍ ପୁଣ୍ୟ ଅର୍ଜିତ
ପାଦରେ ଅଳତା, ସିନ୍ଥିରେ ସିନ୍ଦୂର,
ହାତରେ ଚୁଡ଼ି ପିନ୍ଧି ଅହ୍ୟ ବେଶରେ
ସ୍ୱାମୀର କାନ୍ଧରେ ସ୍ୱର୍ଗଦ୍ୱାର ଆସିବ
ତମ ଶେଷ ଇଚ୍ଛା ପୂରଣ କରିଛନ୍ତି
ତୁମ ପ୍ରିୟ ଜଗନ୍ନାଥ ।

ହେଲେ ମନେ ରଖିଥିବ
ସ୍ୱର୍ଗଦ୍ୱାର ଠୁ ଖୁବ୍ ପାଖ ସମୁଦ୍ର
ତୁମ ଅଶରୀର ଇଚ୍ଛାକୁ କହିବ
ଆସିବନି ବେଳାଭୂମିକୁ
ସେଠି ଲୁହ ପିଇ ମାତାଲ୍ ହେଇ ଗଡୁଛି
ଗୋଟେ କଳଙ୍କିତ ମଣିଷ
ଯା'ର ନାଁ ପରପୁରୁଷ ।

♥ ପ୍ଲଟ ନଂ-୫୧୩, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର-୧୨
ଫୋନ: ୯୭୭୮୦୩୫୭୬୭



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର



▲ ଫଟୋ ବାଦଲ ମହାନ୍ତି

# ଜୀବନ ଦାସ

**ଚକ୍ରପାଣି ପରିଚ୍ଛା**

ଜୀବନ ଦାସ
ଏକ ବିରଳ ପ୍ରଜାତି

ନିହାତି ଆନମନା
ପିନ୍ଧେ
ନିଜକୁ,
ଉତାରେ ବି

ନିରୁଦ୍ଦିଷ୍ଟ
ନିଜ ଭିତରେ
ଯୋଉଠି ଅନ୍ଧକୂପ
ଚୌରାଶୀ ନର୍କର ସମାହାର

ଜୀବନ ଦାସ
କେବେ ଭୋଗୀ ତ
କେବେ ଯୋଗୀ

କେବେ ଶୂନ୍ୟଦେହୀ
ବିଚରୁଥାଏ
ସାରା ଅନ୍ତରୀକ୍ଷ

ଉଡ଼ଂତା ପକ୍ଷୀର ପର ଗଣିପାରେ
ଏବଂ ଉଡ଼େ
ଛଳନାର ଡେଣା ଖଂଜି ହେଇ

ଜୀବନ ଦାସ
ଅଣନିଃଶ୍ୱାସୀ ଅହରହ
ନା ଛୁଇଁପାରେ
ସୁଖ ପରି ଲାଗୁଥିବା
ଫାଳିକିଆ ଜହ୍ନକୁ ଅଥବା

ଦୁଃଖରେ ଜୁଡୁବୁଡୁ
କଳଂକିଲଗା କଟୁରୀକୁ ।

ଜୀବନ ଦାସ
ପରାଂଗପୁଷ୍ଟ, ଚିରକାଳ ।

♥ ବୈପାରିଗୁଡ଼ା(କୋରାପୁଟ)
ଫୋନ: ୯୧୭୮୬୪୭୧୩୭



▶ ଫଟୋ ଚକ୍ରପାଣି ପରିଚ୍ଛା

# ତନୁତୀର୍ଥ

## ଡକ୍ଟର ସୁମିତ୍ରା ମିଶ୍ର

ହେ ପ୍ରେୟସୀ !
ତୁମ ତନୁତୀର୍ଥରେ ଅବଗାହି
ଭୁଲି ଯାଇଛି ମୁଁ ମୋର ସମସ୍ତ ଶୋଷ
ଗଳେଇ ପକେଇଛି ସମସ୍ତ ଆବରଣ, ଛଦ୍ମବେଶ
ତୁମ ତନୁତୀର୍ଥ ରୂପକ ପାବକ ଗଂଗାରେ
ମୁଁ ଧୋଇ ଦେଇଛି ମୋର ସମସ୍ତ କାମନାର କଳଙ୍କ
ସଫା କରି ଦେଇଛି ମଳିନ ମନର ସମସ୍ତ ଅବସୋସ !

ତୁମ ତନୁତୀର୍ଥର କଳ୍ପବଟ ଛାୟାରେ ବସି
ସଜାଇଛି ମୁଁ ଲକ୍ଷେ ସ୍ୱପ୍ନର ରଂଗୀନ୍ ଦିପାଳୀ,
ବଜେଇଛି ପ୍ରଣୟର ମୋହନ ବଂଶୀ
ମତୁଆଲା ହୋଇଛି ଅଧରର ମଦିରା ଶୋଷି
କେବେ କେବେ ଜହ୍ନ ଆଲୁଅରେ ଦେଖିଛି ମାୟାକୁ
କେବେ ନିଜ ଦେହକୁ ସମିଧ କରି ଜାଳିଛି କାମନାର ଯଜ୍ଞକୁଣ୍ଡରେ !

ତୁମ ତନୁତୀର୍ଥର ସୌଖୀନ୍ ଚଟିଘର ବାରଣ୍ଡାରେ ବସି
ମୁଁ କଟେଇଛି କେତେ ଅଳସ ସମୟର ଆନନ୍ଦିତ ମୁହୂର୍ତ୍ତ
କେତେ ଦୌଡିଛି ଅଣନିଶ୍ୱାସୀ ହୋଇ ପହଚିଂବା ପାଇଁ
ତୁମ ତନୁର ନିବୃତ୍ତ ବିଳାସମୟ, ରହସ୍ୟଘେରା କକ୍ଷରେ
କେବେ ଉଭଳା ହୋଇ ଚଢ଼ିଛି କୋମଳ ବିଛଣା ଉପରେ
ତୁମ ତନୁ ଲତିକାର ଉପବନରେ ମହୁମାଛି ସାଜି !

ଯେବେ ତୁମ ତନୁ ବଲ୍ଲରୀକୁ ମାନିନିଏ ମୁଁ ତୁଳସୀ ବୋଲି
ତୁମେ ବନିଯାଅ ମୋ ଖଣ୍ଡିତ ଜୀବନର ପରମ ଈଶ୍ୱରୀ
ତୁମ ତନୁର ଆଞ୍ଚଳରେ ମୋ ଜଳନ୍ଧର ତନୁକୁ ଲୁଚେଇ
ଲଭେ ମୁଁ ମୋ ପତିତ, ଶାପିତ, ନିଷ୍ପେତ ଆତ୍ମାର ନିର୍ବାଣ !

♥ ୧୨୬/୭୨୨, କୋଲଥିଆ, ଭୁବନେଶ୍ୱର-୭୫୧୦୩୦
ଫୋନ୍:୯୯୨୦୬୯୬୮୧୫



# ଶିଳ୍ପୀ

## ପ୍ରଶାନ୍ତ କୁମାର ଦାଶ

ସେମାନେ ଦିନେ ମରିଯାଆନ୍ତି
ମରିବା ସେମାନଙ୍କ ଭାଗ୍ୟ,
ସେମାନଙ୍କୁ ଝୁରି ହେବା ଆମର ଭବିତବ୍ୟ ।

ସେମାନଙ୍କ କପାଳ ଏକ କୁରୁକ୍ଷେତ୍ର,
ଯୋଉଠି ପ୍ରତ୍ୟହ ନିଜେ ନିଜ ସହ ଯୁଦ୍ଧିବାକୁ ହୁଏ,
ହାତରୁ, ପାଦରୁ, ଆଖିରୁ, ହୃଦୟରୁ ରକ୍ତ କ୍ଷରଣ ନହେଲା ଯାଏ
ନିଜକୁ ପରିପକ୍ୱତାର ଶିଖରରେ ନ ପହଞ୍ଚେଇଲା ଯାଏ,
ଯୁଦ୍ଧ ତାଙ୍କର ଚାଲିଥାଏ ଅବିରାମ ଗତିରେ ।

ସେମାନେ ନିଜକୁ ଚକଟି ନିର୍ମାଣନ୍ତି ଏକ ଅନନ୍ୟ ପୃଥ୍ୱୀ,
ପ୍ରଜାପତି, ଈଶ୍ୱରଙ୍କ ଛାତି, ଗଛବୃଛ ତରୁଲତା,ସବୁଜ ବନଭୂଇଁ,
ଅମୃତର କୁମ୍ଭ,ସଦା ସତ କହୁଥିବା ଜିଭ,
ସ୍ୱର୍ଗ ଆଡ଼କୁ ଲମ୍ବିଥିବା ମାର୍ଗ, ଦୟା କ୍ଷମାର ଅପୂର୍ବ ରାଗ,
ଏସବୁ ନିର୍ମାଣି ସାରିଲା ପରେ
ବଳକା ଅଂଶକୁ ପୋତିଦିଅନ୍ତି ମାଟି ଭିତରେ,
ଏକ ଆଗନ୍ତୁକର ପ୍ରତ୍ୟାଶାରେ ।

ସେମାନେ ଅନ୍ଧାରକୁ ଅନ୍ଧାର ବୋଲି କହନ୍ତି ନାହିଁ,
ନିଜ ଭିତରକୁ ଆହୁରି ଭିତରକୁ
ଅଣ୍ଡାଳିବାର ମାହେନ୍ଦ୍ର ମୁହୂର୍ତ୍ତ,
ସେମାନେ ନିର୍ଜନତାକୁ ଏକ୍ଲାପଣ ବୋଲି ମଣନ୍ତି ନାହିଁ,
ସମଗ୍ର ସଂସାରକୁ ସୁନ୍ଦର କରିବାର ପ୍ରାକ୍ ପ୍ରସ୍ତୁତି ।

ସେମାନେ ଦିନେ ମରିଯାଆନ୍ତି,
ପୃଥ୍ୱୀରେ ଛାଡିଯାଆନ୍ତି ନିଜ ହୃଦୟ ।

♥ ରେଗଡା, ଏମ୍. ରାମପୁର, କଳାହାଣ୍ଡି
ଫୋନ:୭୭୩୫୪୧୯୫୭୩





## ଘଟ ଛୁଟିଲେ

### ବିଜୟ ମହାପାତ୍ର

ଇଉରିଆ ପରି ସୂର୍ଯ୍ୟାସ୍ତ ଖରା
ବଉଳିଲା ତୋଫା ଜହ୍ନରାତି
ମାଟିକୁ ତାକତ ଦେଉଥିବା ବଢ଼ିପାଣି ଆଉ ନାହିଁ,
ଏବେ ଆମ ଆଖିରେ ଖରା କି ତରା
ଶ୍ରାବଣରେ ବାଉଳା ହୋଇ ଗାଁ ଦାଣ୍ଡକୁ
ଖେଳି ଖେଳି ଉଠି ଆସୁଥିବା କଉ କି ମାଗୁର
ଫଟାକାନ୍ଥରେ ଜକ ଜକ କରୁଥିବା ନାଗସାପର ଫଁ
ସବୁ ଏକାକଥା !

ଯାରଦାସ୍ତ ଲିଜ୍‌ଫ୍ଲଟ୍ ଓ ଘରର ଯାବତୀୟ
ବଥମାନେ ଆଉ ବ୍ୟସ୍ତ କରନ୍ତିନି
ଖାଁ ଖାଁ ଆଖିର ଦେହକୁ ଓ
ନଇମାନେ ଉଛୁର ହେଲାଣି ବୋଲି
ଲେଉଟାଣି ଜୁଆର ଭଟ୍ଟାକୁ
ଆଉ କେଉଁ ପ୍ରକାରରେ
ଶବ୍ଦହୀନ କାଙ୍ଗାଳ
ବର୍ଣ୍ଣବୋଧ ସ୍ୱରବର୍ଣ୍ଣ ପ୍ରଶ୍ନହୀନ ଛଳଛଳ ଜଳ !

ବ୍ୟଥାରେ ଦରଦ ଦେଉଥିବା ବଥ ଭଳି ଟାପୁ
ନଈମଝିରେ ଅଚାନକ ଖରାରେ ଫାଟିଯାଏ
ଶୃଂଖଳ ଫିଟିଯିବା ପରି ଓ
ତୁମ ଦାଣ୍ଡରେ ବିଞ୍ଛିହୋଇ ପଡ଼ିଥିବା
ଧଳାଧଳା କଣ୍ଢା ପରି ଖଇ ଓ କଉଡ଼ି
ପଡୁଥିବ ସବୁଦିନ ପରି ।

ଫୁଟିଯିବା ଫୁଲ ଓ ଫାଟିଯିବା ଗାଲ କି ଓଠ
ଶୀତରେ ଏକା କଥା !

♥ ଶ୍ୟାମପୁର, ଦୁର୍ଗାମାଧବ ନଗର, ଲେନ୍-୩
ଆୟୁର୍ବେଦିକ୍ ହସ୍‌ପିଟାଲ୍ ନିକଟ, ଭୁବନେଶ୍ୱର-୭୫୧୦୨୯
ଫୋନ : ୮୨୪୯୦୭୯୮୫୩

## ସ୍ୱପ୍ନ

### ରଶ୍ମିରେଖା ବେହେରା

କିଏ ଅବା କଳାମେଘରୁ ପୁଳା ପୁଳା ଭସା ବାଦଲ,
ନେସି ହେଉଛନ୍ତି, ଘୋଟି ଯାଉଛନ୍ତି,
ପୁଣି ନିଜକୁ ହଜେଇ ଦେଇ
ଭାସି ବୁଲୁଛନ୍ତି, ବନ୍ଦ ଥିବା ହଳକ କଳା ଡୋଳା ଭିତରେ ।

ବିନା ନିମନ୍ତ୍ରଣରେ ଏମାନେ ଗୁଆ ଦିଆ ବନ୍ଧୁ ସତେ... !
ଦିନରେ ରାତିରେ ମୁଦ୍ରିତ ଆଖିରେ,
ଭଉଁରୀରେ ଫସିଲେ ବି ମୁକୁଳେଇ ନିଅନ୍ତି ନିଜକୁ ।
ଶରୀରଟା ନିସ୍ତେଜ ହେବା ପରେ ପରେ,
ଏମାନଙ୍କର ଆରମ୍ଭ ହୁଏ ନାଟକୀୟ ଦୃଶ୍ୟ ।

ପରଦା ପଡୁଥାଏ ଉଠୁଥାଏ
ଯାଏ ଆସେ କାହାର ବା କଣ ?
କିଛି ଚରିତ୍ରଙ୍କର ବିନା ଅନୁମତିରେ ହୁଏ ଅବାଧ ପ୍ରବେଶ ।
ସବୁ ସ୍ୱପ୍ନ ଧୀରେ ଧୀରେ କଷୁଥାନ୍ତି ଜୀବନର ଅଙ୍କ,
ଛିଣ୍ଡୁଥାଏ ଭାଗଫଳ,
ବଳି ପଡୁଥାଏ ଭାଗଶେଷରୁ ଅଙ୍କ ।

ନଦୀନାଳ ହିଡ଼ଗୋହିରୀ ଡେଇଁ ଯାଇ
ପାଇଥା'ନ୍ତି ଅନନ୍ତ ଆକାଶ ଆଉ ସୀମାହିନ ସାଗର ।
ହାତମୁଠାରେ ପୃଥିବୀ ଆଉ ଅଫେରା ସମୟ ।
କିଛି ପ୍ରଜାପତିର କଅଁଳିଆ ଡେଣା ମାଖି ଉଡୁଥାନ୍ତି ଦଶଦିଗ ।
ଲେଉଟାଣି ଜହ୍ନ, ଅବା ପାହାନ୍ତିଆ ପହର,ଏମାନେ ବେଶ୍ ଲଗାମ ଛଡା,
ମାନଚିତ୍ରର ନ ଥାଏ ନିର୍ଦ୍ଦିଷ୍ଟ ଆକାର ।

ନିଅଣ୍ଟିଆ ରାତିର ଆଖିପତା ଭିତରେ,
ବହଳିଆ ଅନ୍ଧାରି ପଣରେ ସ୍ୱପ୍ନସବୁ ସଜେଇ ହୁଅନ୍ତି,
ପରସ୍ପର ଦେହରେ ଦେହ ଲଗାନ୍ତି,
ଜାକିଜୁକି ହୋଇ ଆଖିକୋଣରୁ
ଧୀରେ ଧୀରେ ବେଶ୍ ସତର୍କତାର ସହିତ ଓହ୍ଲେଇ ଯାଆନ୍ତି,
ହାତରେ ହାତ ଛନ୍ଦି ଦେଇ !

ଅନ୍ଧାରି ମୁଲକରେ ନିଜ ସ୍ଥିତି ଜାହିର କରନ୍ତି ଏ ପୁଞ୍ଜିଭୁତ ସ୍ୱପ୍ନ ସବୁ ।

ସବୁ ସ୍ୱପ୍ନ କ'ଣ ସତ ହୁଏ ?
ନିଶବ୍ଦ ରାତିର ବିଭୋର ପଣରେ,
କେତେ ସ୍ୱପ୍ନ ସେମିତି ଉଭେଇ ଯାଏ ।

♥ ଟାଟା ଅଫିସର୍ସ କଲୋନୀ, ମଧୁବନ,ପାରାଦ୍ୱୀପ
ଫୋନ :୭୬୮୨୯୭୫୨୩୫



# ଲାଜରେ ସରିଗଲି ଆଜ

## ଚୈତନ୍ୟ ପ୍ରସାଦ ବେହେରା

କି ଗୀତ ଗାଇବିରେ ସଖୀ !
ସବୁ ଗୀତ ତ ଏବେ ଶୁଭୁଛି ମୋ କଣ୍ଠରୁ
ନିହାତି ବେସୁରା



ଚୈତନ୍ୟ ପ୍ରସାଦ ବେହେରା

ତାଳହୀନ ପୁଣି ଲୟଚ୍ୟୁତ ଆଜି
ମୋ ଶିଳ୍ପୀର ଅଲୋଡା ଜୀବନ
ଆଉ ପାରୁନି ଗାଇ ମୁଁ ତୁମ ପାଇଁ
ପ୍ରୀତିର ଗଜଲ୍ ଅବା
ବିରହର ଚମ୍ପୂ,
କିବା ଜୀବନର ଛାନ୍ଦ କି
ଔଜ୍ଜ୍ୱଲ୍ୟର ଓଡିଶୀ ।

ଖାଲି ଅତୀତଟା ମୋର ଗୁମୁରି କାନ୍ଦୁଛି
କେତେ ତାଳମୟ ଥିଲା
ମୋ କଳାର ସୁରମ୍ୟ ଉଦ୍ୟାନ
କେତେ ସୁରଭି ଭରିଥିଲା
ମୋ ଅମୃତ କଣ୍ଠର ଗର୍ଭ ଗୃହରେ
ଖାସ୍ ତମ ପାଇଁରେ ସଖୀ !
ହେଲେ ଏବେ ତ ଅଟକି ଗଲାଣି
ମୋ ଜୀବନ ନନ୍ଦିଘୋଷର ଷୋଳଚକ
ଆଉ କି ପାରିବ ଗଡି ସଂଗୀତର ବଡଦାଣ୍ଡରେ
କଳାର ଗୁଣ୍ଡିଚା ମନ୍ଦିର ।

ଜୀବନର ସବୁ କିଛି ଯାହା ପାଇଁ
ହରାଇ ଦେଲି ସେ ତ ଆଜି
ମୋ ଆତ୍ମାର ଶ୍ରୀମନ୍ଦିରେ
ହସୁଛି ଅଧା ଅଧା ତାଚ୍ଛଲ୍ୟର ହସ, ପୁଣି
ମୋତେ ଅସହାୟ କରି ଅବଲୋକନ କରେ
ଭଗାରୀଙ୍କର ଭଗ୍ନ ନାଟ ମଣ୍ଡପରେ
ଯେତେ ସବୁ ମୋର
ବୁକୁ ଫଟା ଦୃଶ୍ୟ ।

ଏବେ କୁହ ସଖୀ !
କି ଗୀତ ବା ଗାଇବି ତୁମ ପାଇଁ
ପ୍ରୀତିର ଗଜଲ୍ ଅବା
ବିରହର ଚମ୍ପୂ, କିବା
ଜୀବନର ଛାନ୍ଦ କି ଔଜ୍ଜ୍ୱଲ୍ୟର ଓଡିଶୀ ।

ଏବେ ତ ଲୁହର ବର୍ଷାରେ ଏବଂ
ହୃଦୟର ଅଦିନ ଝଡରେ
ଉଜୁଡି ଗଲାଣି ମୋ ମନ ଫଗୁଣର
ଯେତେ ସବୁ ଫୁଲବନ
ଉପୁଡିବି ଗଲାଣି ହାୟ !
ମୋ, ଜୀବନର ଦୁର୍ମୂଲ୍ୟ କଳ୍ପବଟ,
ବାରମ୍ବାର ଭାଙ୍ଗିପଡେ
ମୋ କଳ୍ପନାର କୋଣାର୍କ
ଏଣେ ଭଗାରି ହସନ୍ତି ଖାଲି
ମୋ ଅସହାୟତାରେ ପୁଣି
ମୋତେ ବି ଶୁଣାନ୍ତି ମୋ ବିରହର ଗୀତି
ଶକୁନୀ ମାନଙ୍କ ଛିଗୁଲିଆ ପଣରେ
ଲାଜରେ ସରିଗଲି ଆଜ ।

♥ ଅଧକ୍ଷ: ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍
ଟ୍ରଷ୍ଟ, ଖୋର୍ଦ୍ଧା-୭୫୨୦୫୫,
ଫୋନ: ୯୪୩୭୩୬୩୭୪୧

# ସ୍ୱପ୍ନ

## ପ୍ରଦୀପ ବନ୍ଧ

ସ୍ୱପ୍ନ ତିଆରି ହୁଏନି ତକିଆରୁ
କି ତକିଆ ବିନା ନିଦ
ନିଦ ବିନା ସ୍ୱପ୍ନ ସବୁ ତୁଚ୍ଛ
ବୋଧହୁଏ ଏସବୁ ସୃଷ୍ଟି
ସେହି ଅମା ଅନ୍ଧାରରୁ ।

ସ୍ୱପ୍ନର ଉତ୍ତାପରେ ତରଳେ ଆକାଶ
ସ୍ୱପ୍ନର ମାୟା ପଣରେ ପୁରି ଉଠେ ନିଃଶ୍ୱାସ
ସ୍ୱପ୍ନର ସହରେ ଉଏଁ ଜୁନ୍ ଆକାଶର ଜହ୍ନ
ସ୍ୱପ୍ନ ବି କୋଳ ଲୋଡ଼େ ତାର ଅଛି ଛୁଆମାନ
ଅନ୍ଧକୁ ସ୍ୱପ୍ନ ଦେଖିବା ମନା
ମୂକକୁ ଦୂରଦୃଷ୍ଟି କେତେ ଯେ ଛଳନା ।

ଗୃହିଣୀକୁ ବଜାର ମନା
ସେ ରୋଷେଇ ଶାଳରେ
ତିଆରିଛି ମିନି ବଜାର
ବେଣୀରେ ଗୁନ୍ଥେ ନାଲି ମନ୍ଦାର
ପତିରି ଜାଳେଣି ଜାଳି
ଦୁଧରୁ ବାହାର କରେ ଛେନା

ସ୍ୱପ୍ନ ମାୟା ମଞ୍ଚର ନର୍ତ୍ତକୀ
ରମ୍ଭା ଉର୍ବଶୀ ମେନକା
ସ୍ୱପ୍ନରେ ନ ଆସିଲେ କାଳେ
ହୃଦୟ ହୃଦୟ ନୁହଁ
ବୟସ୍କ ଲାଗେ ଶରୀର
ଛାତିରେ ପଶେ ଛନକା ।

ନିକାଞ୍ଚନ ବଣରେ ହୁଏ ମନ ବାଟବଣା
ଆଞ୍ଜୁଳେ ପାଣିରେ ଜହ୍ନ ଖେଳେ ଦୋଳି
ତାରା ତାରା ନୁହଁ
ଯଦି ଫିକା ଆକାଶରେ ଗୋଟେ ବି ତାରା
ଚାଳ କଣାରେ ଦେଖା ନାହିଁ
ସେ କେଉଁ ତାରାରେ ଗଣା !

ଯଦି ଇଚ୍ଛାରେ ତିଆରି ହେଇନି ପୃଥିବୀ
ସପନ ହେଇନି ଥଇଥାନ
ସେ ସ୍ୱପ୍ନ ସ୍ୱପ୍ନ ନୁହଁ
ସେ ପୃଥିବୀ ପୃଥିବୀ ନୁହଁ
ଗୋଟେ ବେଫିକର ପରିଚୟ
ମୂଲ୍ୟହୀନ ଜୀବନ ।

ସ୍ୱପ୍ନ ନାଁକୁ ମାତ୍ର
ଅସଙ୍ଗତ ଅସଜଡ଼ା ଦେହ
ପାପରୁ ପୁଣ୍ୟକୁ ପଥ
ହେଇପାରେ ଅଚିହ୍ନା ସକାଳର
ଗୋଟେ ଦର ପଖଲା ମୁହଁ ।

♥ ସାନମଚ୍ଛୁଆଘାଇ, ରାଜଘର ପୋଖରୀ,
ବାସୁଦେବପୁର, ଭଦ୍ରକ,
ଫୋନ: ୮୦୭୨୭୮୩୨୨୦



# ବେସୁରା ବିଳାପ

## ପୁରୁଷୋତ୍ତମ ମିଶ୍ର

ଅଦିନ ଝଡ଼ ଭାରି ଭୟଙ୍କର
ଯିଏ କେବେ କେବେ
ଦୋହଲାଇ ଦିଏ ନୀଡ଼
ରାଗ ବିରାଗ ଖାଏ
ମାଂସ ପୁଳାପୁଳା
ଅଣଚାଶ ପବନରେ ଭାଂଗିଯାଏ
ଅଗଣାର ଅନୁରାଗୀ ବାଡ଼ ।

ମୁଁ ବା କଣ କରନ୍ତି
ମାଟିର ଭୂଗୋଳ ବଦଳାଇ
ସ୍ୱତଃ ନଈଟିଏ ବହିଗଲେ
ନଈରେ ବନ୍ୟା ଆସି
ଗାଁ ଗଣ୍ଡା ଘରଦ୍ୱାର ଭସେଇ ନେଲେ ?
ମୁଁ ବା କଣ କରନ୍ତି
ଧୂଆଁ ଧୂଆଁରେ ଧୂଆଁମୟ ହେଲେ ଘର ?

ଏତିକି ଦୁଃଖ ଯେ
ନଈର ନାମ ଯନ୍ତ୍ରଣା
ଧୂଆଁର ନାମ ଉନ୍ମନା
ଯିଏ ପାରଦ ପରି ଢଳଢଳ
ଯିଏ ଯାଏ ଦେଇ
ଲୁହାର ଛାତିରେ ଲୁହ ଲୁହ
ତାତିର ଖରାବେଳ ।

ଯଦି କେବେ ବିଦୀର୍ଣ୍ଣ ହୋଇଯାଏ ଛାତି
ଭିତରେ ଥିବ ଗୋଟିଏ
ପୁନେଇଁ ଜହ୍ନରାତି ,
ଯଦି କେବେ ଅକସ୍ମାତ
କୋରି ହୋଇଯାଏ ମୁଣ୍ଡ
ଶୀରାମାନଙ୍କର ମଝି ବଖରାରେ ଥିବ
ଗୋଟିଏ ବୋଲି ଗୋଟିଏ
ଢଳଢଳ ମୋତି,
ଯଦି କେବେ ବିଷ ମାଖି
ଅନ୍ଧ ହୋଇଯାଏ ଆଖି
ଆଖିପୁଅରେ ମୋର ଲେଖାଥିବ
ସମର୍ପଣ ସୂକ୍ତି ।

ବେଳେବେଳେ ନିର୍ବୋଧ ଏ ଜୀବନ
ପାଦଛାଟି ଦୁଲୁକେଇ ଦିଏ ମାଟି
ମାଘୁଆଣି ଝଡ଼ରେ
ଦିଗନ୍ତ ଯାଏ ଉଡ଼ିବୁଲେ
ଅହଂକାରୀ କୁଟାକାଠି ,
ଘଡ଼ଘଡ଼ି ବିଜୁଳିରେ
ମହାଦ୍ରୁମ ଦିଏ ମାଟିଚାଟି ।

ରେ ଅବୁଝା ଜୀବନ,
ଜହ୍ନକୁ ଯନ୍ତ୍ରଣା ଦେଲି
ମୋତିକୁ ଦେଲି ଶୋଷ
ପାଦରେ ଅଂଗାର ଲେପି
ଆଖିପୁଅରେ ବୋଳିଦେଲି ବିଷ ।

ଏତିକି ବର ଦେ ବୋଲି
ମାଗିବି କି ତୋତେ ?
ଯେମିତି ସୁର ମୋର ବିକୃତ ନହେଉ
ପରାସ୍ତ ନହେଉ ଗୀତ
ନାଆକୁ ନଖାଉ ନଈର ଭଉଁରୀ
ହାତକୁ ଦେବୁରେ କାତ ।

♥ ପ୍ରାଧ୍ୟାପକ: ଓଡ଼ିଆ, ରାମକୃଷ୍ଣ ନଗର,
ସୁବର୍ଣ୍ଣପୁର-୭୬୭୦୧୭
ଫୋନ: ୮୮୯୫୮୦୮୦୫୦



◄ ଡ଼ ପୁରୁଷୋତ୍ତମ ମିଶ୍ର



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ଆସ ! ଗାଇବା ସେ ଗୀତ

## ଦେବାଶିଷ ପାତ୍ର

ମୁଁ ସେହି ଗୀତ ଗାଉଥାଏ
ଯିଏ ହତାଶାରୁ
ମୁକୁଳାଇ ଥାଏ ମୋର ଆତ୍ମାକୁ
ପାଲଟୁଥାଏ
ଉତ୍‌ଥିତ ଶକ୍ତିର ଏକ ସ୍ଫୁଲିଙ୍ଗ ।

ବ୍ୟଥାରୁ ଦେଖାଇଥାଏ
ସାଧନାର ବାଟ
ଶିଥିଳତାରୁ ନେଇଥାଏ
ଶୌର୍ଯ୍ୟର ହିରଣ୍ମୟ ପରିଧି ଆଡ଼କୁ ।

କେତେ ଘୃଣା, କେତେ ଭୟ
କେତେ ସଂଘର୍ଷ, କେତେ ସଂଶୟ
ସବୁରି ଭିତରୁ ମୁକୁଳାଇ
ଲହରେଇଥାଏ
ଜିଇଁବାର ଛନ୍ଦ ଓ
ମୁକ୍ତିର ଆନନ୍ଦ ।

ତୁମେ ବି ଦିନେ ଆସ
ଗାଇବାକୁ ସେହି ଗୀତ ମୋ ସହ
ସେ ଜାଗା ବି ନୁହେଁ ବେଶି ଦୂର
ତୁମ ଠାରୁ ।
ସଂଧ୍ୟା ପୂବରୁ ପହଞ୍ଚିଲେ
ରାତି ସାରା ଗାଇବା ସେ ଗୀତ
ଅନ୍ଧାରରେ ପହଁରି ଯାଉଥିବ ପକ୍ଷୀ
ସେହି ଗୀତ ଶୁଣି
ମାଟି ଉପରେ ଝରୁଥିବ ଶୁଭ୍ରଫୁଲ
ଶିହରିତ ହେଉଥିବ ପତ୍ର
ଗଛର ଡାଳରେ ।

ରାତି ତମାମ୍ ଏମିତି ହିଁ ଚାଲିଥିବ,
ରାତି ପାହିଲା ବେଳକୁ
ସେ ସଂଗୀତ ନଥିବ
ତୁମେ ତୁମେ ନୁହଁ
ମୁଁ ମୁଁ ନୁହେଁ ।

♥ ଭାଷା ଓ ସାହିତ୍ୟ
ବିଭାଗ, ଫକୀରମୋହନ
ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ଫୋନ:୯୪୩୭୫୯୦୮୪୮



◄ ଡ଼ ଦେବାଶିଷ ପାତ୍ର

# ମାଟି ପାଇଁ

## ସତ୍ୟବ୍ରତ ସାହୁ

ତମେ ଚିହ୍ନିଛ କି ମାଟିକୁ
ଶୁଙ୍ଘିଛ କି ତା ବାସ୍ନାକୁ
ଚାଖିଛ କି ତା ସ୍ୱାଦକୁ
ବୁଝିବାକୁ ଚେଷ୍ଟା କରିଛ କି
ତା ସୁଖ-ଦୁଃଖ, ମନକଥାକୁ ?

କହିପାର...ହଃ... ମାଟି ତ ମାଟି
ମାଟିର ପୁଣି ସୁଖ-ଦୁଃଖ କ'ଣ ?
ସତରେ ମାଟିର କ'ଣ ଅଛି ଯେ !
ଜୀବନ ନା ଯନ୍ତ୍ରଣା... କିଛି ନାହିଁ
ତାକୁ ଖୋଳିଲେ, ହାଣିଲେ,
ତାଡ଼ିଲେ କେବେ ତ ଆଃ କରେନି
କି ଝରାଏନି ଲୁହ
ବୋଧହୁଏ ସେଥିପାଇଁ କେହି ବୁଝିବାକୁ
ଚେଷ୍ଟା କରନ୍ତିନି ତା ମନକଥା ।

ମାଟିକୁ ବୁଝିବାକୁ ହେଲେ ...
ମାଟି ସହ ମିଶିବାକୁ ହେବ
ମାଟି ସହ ମାଟି ହେବାକୁ ହେବ
ତେବେ ଯାଇ କହିହେବ
ମାଟିର ରୂପ, ଗନ୍ଧ, ସ୍ୱାଦ
ନହେଲେ ଯିଏ ନାହିଁ ସିଏ କହିବ
ମାଟିର ରୂପ ମାଟିଆ
ମାଟିର ବାସ୍ନା ମାଟିଆ
ମାଟିର ସ୍ୱାଦ ବି ମାଟିଆ ।

ତମେ ମାଟିକୁ ଚିହ୍ନ ବା ନଚିହ୍ନ
ଅଯାଚିତ ଭାବରେ ସେ ଆପଣେଇ ନେଇଛି ତମକୁ
ତମ ପାଇଁ ଖଞ୍ଜି ଦେଇଛି ଜୀବନ,
ଖାଦ୍ୟ,ପାନୀୟ, ବସ୍ତ୍ର, ବାସସ୍ଥାନ ସବୁକିଛି ।
ତମ କୁନି ପାଦର ଠୁକୁ ଠୁକୁ ଛୁଆଁଠୁ
ତମ ଲୌହ ଯନ୍ତ୍ରର ଖନନ ସହିନେଇଛି ହସି ହସି
ମୁଣ୍ଡେଇ ଧରିଛି ତମ ନଭଶ୍ଚୁମ୍ବୀ ଅଟ୍ଟାଳିକା ସବୁ ।
ମଞ୍ଜିଟେ ଆଶ୍ରା ମାଗିଲେ ସେ ଦେଉଛି ଜୀବନ
ଗଛଟିକୁ ପାଳି ପୋଷି ଠିଆ କରାଇଦେଉଛି
ତା ବକ୍ଷରେ ।

ଆସ...ମାଟି ପାଇଁ ଭାବିବା
ମାଟିକୁ ଭଲପାଇବା ମାଟି ମନସ୍କ ହେବା ।

♥ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ଫୋନ: ୯୩୩୮୧୭୫୬୧୯



▶ ଫଟୋ ସତ୍ୟବ୍ରତ ସାହୁ



▶ ଚିତ୍ର : ଶିଳ୍ପୀ ପ୍ରୀତି ମୋହନ୍ତା ଦାସ

# ପରିଚୟ

## ମମତା ପ୍ରିୟଦର୍ଶିନୀ ସାହୁ

ମୁଁ ପରିଚୟ ଖୋଜିଲା ବେଳେ
ମୋ ଅଜ୍ଞାତସାରରେ ଲୁଚିଥିବା ନିଃଶବ୍ଦ ସତ୍ତାଟିଏ
ଉତ୍ତର ଦେଉଥିଲା
ଅନ୍ଧାର ଆଲୁଅର ସନ୍ଧିରେ ।

ମୋ ପରିବେଷ୍ଟନୀର
ମିଛ ଆତ୍ମୀୟତା ନିରୁତ୍ତର ଥିଲା
ନିଘୋଡ଼ ନିଦର ବାହାନା ନେଇ ।

ଅଗ୍ନିସ୍ନାନ ପରେ ବି
ନଷ୍ଟ ଗ୍ରହର ମୁକୁଟ ପିନ୍ଧେଇ
ଶୋଇଥିଲା ଚିତ୍ ହୋଇ
ମୋ ଆଡ଼କୁ ପଛ କରିଦେଇ ।

ଜୀବନର ପୂର୍ଣ୍ଣତା ପ୍ରାପ୍ତି ସନ୍ଧିକ୍ଷଣରେ
ସନ୍ତକ ଲୋଡୁଥିଲା
ଯଦିଓ ଅଙ୍କୁରି ସାରିଥିଲା
କଅଁଳ ପ୍ରେମ ।

ଅଙ୍କୁରୋଦଗମ୍‌ର ଆଭାସ
ନ ମିଳିବାରୁ
କାଢି ଦେଉଥିଲା ଅନ୍ତବୁଜୁଳା
ନିୟମର ଦ୍ୱାହି ଦେଇ ।

ପରଂପରାକୁ କାଖରେ ଜାକି
ଶୂନ୍ୟେ ଶୂନ୍ୟେ ମହାଶୂନ୍ୟରେ
ଘୋଟକ ଦଉଡେଇବା ବେଳେ
ସଂସାର ଫାଶକୁ ଫିଙ୍ଗିଥିଲା
ଅନାୟାସରେ ପିଠି ଉପରେ ।

ଦୁର୍ଦ୍ଦାନ୍ତ ସମୟକୁ ଅତିକ୍ରମି
ହାତରେ ସ୍ୟାହିକୁ
ଚାପି ଧରିଲା ବେଳେ
କଳେବଳେ ଫିଙ୍ଗୁଥିଲେ
ସଂସାର ମାୟାର ମୋହିନୀ ଜାଲକୁ ।

ମାଟି ଫଟେଇ
ବିଜରୁ ଚାରା ହେବାକୁ
ଫୁଲ ଫଳ ସମ୍ଭାରରେ
ଘର ଅଗଣା ଭର୍ତ୍ତି ଦେବାକୁ
ଓଦା ଓଦା ଆଲିଙ୍ଗନ
ତାଗିଦ୍ କରେ ବାରଂବାର ।

ଫଳି ନ ପାରିଲେ
ବାରଂବାର ହାଣ ଖାଏ
ଟାଙ୍ଗିଆ ଚୋଟରେ
ମାଂସର କୋଣାର୍କ ଟିକକ ।

ସେତେବେଳେ ବି ଖୋଜୁଥାଏ
ସତ୍ତାଖଣ୍ଡକ ସ୍ୱସତ୍ତା ଗୋଟିକୁ,
ଆଉ ଅମାନିଆ ଶବ୍ଦମାନଙ୍କୁ ନେଇ
ଫୁଟ୍‌ପାଥ୍‌ର ରାତ୍ରି ନିରବତାରେ
ଲମ୍ବ ହୋଇ ପଡ଼ିଯାଏ ।

ତଥାପି ଜାବୁଡ଼ି ଧରେ
ପୁନଶ୍ଚ ପ୍ରାତଃ କାଳରେ
ଅଧା ଅର୍ଥର ସମ୍ବଳକୁ,
ଆକାଶକୁ ଜାବୁଡ଼ି ଧରି ଖୋଜି ବସେ
ଅଣଇଶ୍ୱରର ଠିକଣାକୁ ।

♥ ମାର୍ଫତ : ଦେବରାଜ ସାହୁ, ଝରିଆପାଲି,
ସୁନ୍ଦରଗଡ଼-୭୭୦୦୧୧,
ଫୋନ: ୯୩୩୭୦୬୭୧୮୬



▶ ଫଟୋ ମମତା ପ୍ରିୟଦର୍ଶିନୀ ସାହୁ

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୩୭

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଗୋପବନ୍ଧୁ କଟକରେ ପରମ ମିତ୍ର ବ୍ରଜ ସୁନ୍ଦର ଦାସଙ୍କ ଘରେ ବସିଥିଲେ । ଅନ୍ୟ ଦିନ ହୋଇଥିଲେ ଦୁଇ ଘନିଷ୍ଠ ବନ୍ଧୁଙ୍କ ଭିତରେ ଚାଲିଥାନ୍ତା କେତେ ଥଟ୍ଟା ମଜା । ସ୍ୱଭାବ ଦୃଷ୍ଟିକୋଣରୁ ଦୁଇ ଜଣ ଯାକ ପରିହାସ ପ୍ରିୟ । ଜଣେ ଜଣକୁ ପୁରୀ ଦାସେ କହିଲା ବେଳେ ଆର ଜଣକ କହେ କଟକ ଦାସେ । ଆଜି ୧୯୧୯ ମସିହା ଏପ୍ରିଲ ୧୯ ତାରିଖ, କଟକର ମ୍ୟୁନିସପାଲିଟି ପଡ଼ିଆରେ ଅନୁଷ୍ଠିତ ହେଉଛି ଉତ୍କଳ ସମ୍ମିଳନୀର ଅଧିବେଶନ । ଦୁଇ ବନ୍ଧୁ ନିଜ ନିଜ ବାଟରେ ବ୍ୟସ୍ତ । ତେବେ ବ୍ରଜ ଗୋପବନ୍ଧୁଙ୍କ ମୁହଁରେ କିଛିଟା କ୍ଳାନ୍ତି ଲକ୍ଷ୍ୟ କଲେ । ମନେ ହେଲା ସେ ଯେମିତି ନିଜ ଭିତରର କୌଣସି ଯନ୍ତ୍ରଣା ଚାପି ରଖି ନିଜକୁ କାର୍ଯ୍ୟ ଭିତରେ ହଜାଇ ଦେବାକୁ ଚାହୁଁଛନ୍ତି ।

"ଦେହ ସୁସ୍ଥ ଅଛି ତ ଗୋପ ?" ପଚାରିଲେ ବ୍ରଜସୁନ୍ଦର ।

"ନା ବ୍ରଜ ଦେହ ସୁସ୍ଥ ନାହିଁ । ଗତ କେତେ ମାସ ଧରି ପ୍ରବଳ କାର୍ଯ୍ୟ ଚାପରେ ଏପଟ ସେପଟ ହୋଇ ଦେହ ଯେମିତି ପ୍ରତିବାଦ କରୁଛି । ମାର୍ଚ୍ଚ ୧୩ ତାରିଖରେ ଥିଲା ବ୍ୟବସ୍ଥାପକ ସଭାର ଅଧିବେଶନ । ଏପ୍ରିଲ ପହିଲାରେ ବଜେଟ ଅଧିବେଶନ । ଉଭୟ ଅଧିବେଶନ ଥିଲା ଗୁରୁତ୍ୱପୂର୍ଣ୍ଣ । ଏତେ ରେଳ ଯାତ୍ରା ହୁଏତ ଦେହ ସହୁ ନାହିଁ ।"

"ଏବେ ଦେହର ଅବସ୍ଥା କଣ ?"

"ପୁଣି ଅର୍ଶ ସମସ୍ୟା ଦେଖା ଦେଇଛି । ନିତ୍ୟ କର୍ମ ସମୟରେ ଅଧିକ ରକ୍ତ ସ୍ରାବ ହେଉଛି । ଯନ୍ତ୍ରଣା ମଧ୍ୟ ହେଉଛି ।"

"ଚିକିତ୍ସା ବ୍ୟବସ୍ଥା ।"

"ଡାକ୍ତରୀ ଔଷଧ ଏଥିପାଇଁ ବିଶେଷ ସହାୟକ ହେଉ ନାହିଁ । ତେଣୁ ହୋମିଓପାଥି ଖାଉଛି । ତେବେ ବିଶେଷ କିଛି ଫଳ ହେଉ ନାହିଁ ।"

"ତୁମେ ତ ଦେହକୁ ବିଶ୍ରାମ ଦେଉନ । ପୂର୍ଣ୍ଣ ଆରୋଗ୍ୟ ନ ହୋଇ କାମ କାମ ହେଉଛ । ଦେହ ଠିକ୍ ରହିବ କେମିତି ?"

"ଏ କଥା ମୋତେ ସବୁବେଳେ କହେ ରାମ । ହେଲେ ଦେଖୁଛ ତ କାମର ଚାପ ।"

"ଖାଦ୍ୟପେୟ ଓ ବିଶ୍ରାମ ବିନା ଦେହ ସୁସ୍ଥ ରହିବ ନାହିଁ । ତୁମେ ତ ଖାଦ୍ୟ କି ବିଶ୍ରାମ କେଉଁଥିରେ ନିୟମିତ ନୁହଁ । ଶାସ୍ତ୍ର କହୁଛି – ଦେହ ଆଗ । ବାକି ସବୁ ପଛ ।"

"ତୁମେ ବି ବ୍ରଜ ରାମା ଭଳି କଥା କହୁଛ । ସେ ଯେତେବେଳେ ମୋତେ କହେ ଆପଣେ ଦେହକୁ ଚାହୁଁ ନାହାନ୍ତି । ସେତେବେଳେ ମୁଁ କୁହେ – ଏ ଦେହ ଗୋଟିଏ ବାହନା । ତାକୁ ଅଯଥା ଗୁରୁତ୍ୱ କାହିଁକି ଦେବି । ତୁମ କଥାର ମଧ୍ୟ ଉତ୍ତର ସେଇଆ ।"

"ଦେହ ଥରେ ଭାଙ୍ଗି ଗଲେ କୋଉ କାମ କରି ହେବନି ।"

"ବ୍ରଜ ମୋର ଏ ବିଶ୍ୱାସ ଯେ ପରମେଶ୍ୱର ମୋ ଦ୍ୱାରା ଯାହା ଚାହୁଁଛନ୍ତି ତାହା କରାଇ ନେବେ । ମୁଁ ଏ ଦେହକୁ ତାଙ୍କରି ଯନ୍ତ୍ର ଭାବେ ବ୍ୟବହୃତ ହେବାକୁ ଛାଡି ଦେଇଛି ।"

"ଯାହା ବି ହେଉ ମୁଁ ଏତେ କଥା ବୁଝେନା । ଅର୍ଶ ପାଇଁ ରାଗ ଓ ଖଟା କମ୍ କର ।"

"ରାଗ ପ୍ରତି ମୋର ଆକର୍ଷଣ ନାହିଁ । ହେଲେ ଖଟା ପ୍ରତି ଟିକେ ଦୁର୍ବଳତା ଅଛି । ସେଥି ପାଇଁ ସତର୍କ ହେବାକୁ ପଡ଼ିବ ।"

"ମାର୍ଚ୍ଚ ୧୩ ତାରିଖ କାଉନସିଲ ସଭାରେ ଲବଣ ଶିଳ୍ପ କଥା ଉଠାଇ ଥିଲ ପରା ।"

ମାର୍ଚ୍ଚ ୧୩ ବ୍ୟବସ୍ଥାପକ ସଭାରେ ମୁଁ ଦେଇଥିବା ବକ୍ତୃତା ଓ ଏପ୍ରିଲ୍ ପହିଲାରେ ବଜେଟ ଅଧିବେଶନ ସମ୍ପର୍କରେ ଦେଇଥିବା ମତାମତର ନକଲ ତୁମକୁ ଦେଇଥିଲି ଯେ ।"

"ହଁ ସେଥିରେ ତୁମେ ଉଠାଇଥିବା ପ୍ରଶ୍ନଗୁଡିକ ଅତୀବ ତୀକ୍ଷ୍ଣ । ତା ପରେ ଗୋପବନ୍ଧୁଙ୍କ ବକ୍ତୃତା ଉପରେ ଆଲୋଚନା ହେଲା । ପାଖରେ ଗୋପଙ୍କ ବକ୍ତୃତା ପଡ଼ିଥିଲା । ତାଙ୍କର ବକ୍ତୃତା ର କିଛି ଅଂଶ ବ୍ରଜ ସୁନ୍ଦର ପଢ଼ି ପକାଇଲେ: It recommends the Governent to take steps for the revival of an industry which flourished but is now no more.

ଲବଣ ଶିଳ୍ପର ଅବକ୍ଷୟର କାରଣ ମଧ୍ୟ ଖୋଜିବା ଉପରେ ଗୋପବନ୍ଧୁ ଗୁରୁତ୍ୱ ଆରୋପ କରି କହିଥିଲେ: Now sir the question would be,if the salt industry did once flourish on the Orissa coast how did it disappear ? An examination of the causes and circumstances that led to its stoppage is necessary before any step is taken for its revival. For it is to be ascertained that if revived, the industry has a chance to stand.

The salt industry in Orissa has a long history of a sad and chequered career.Salt was manufactured from time immemorial along the extensive sea-board of Orissa.When the British Government took possession of the province in 1803,the manufacture was in the hands of the Rajas and Zamindars who had coast areas included in their estates.The Government introduced the monopoly system through out the Orissa coast in 1804.The system was thoroughly organised in 1831 and continued till 1863,when it was abandoned in favour of the excise system.The excise system afforded scope for smuggling and the monopoly system was again resorted to by the madras salt department to which the industry in Orissa was transferred from Bengal in 1888-1889. It was not long under Madras;some time after its transfer there was a long correspondence for its retransfer to Bengal which was effected in 1898,the year in which salt was last manufactured in Orissa.

Transfer,retransfer,uncongenial and unwilling combination has always been the fate of Orissa,with absolutely no regard for its needs and local conditions . Orissa salt was placed under the Bengal salt department from the begining.The duty on Orissa manufacture was at the Bengal rate.

ଉଭୟ କିଛି ସମୟ ପାଇଁ ଆଜିର ଅଧିବେଶନକୁ ଦୃଷ୍ଟିରେ ରଖି ଲବଣ ଶିଳ୍ପ ଜନିତ ସମସ୍ୟାକୁ ନେଇ ଆଲୋଚନା କଲେ । ହୁଏତ ସମ୍ମିଳନୀରେ ଏ କଥା କେହି ପକାଇ ପାରନ୍ତି ।

ଉଭୟେ ସମ୍ମିଳନୀ ପାଇଁ ବ୍ୟସ୍ତ । ମଝିରେ ଏ ଆଲୋଚନା ଓଡ଼ିଶାର ସମସ୍ୟା ସହ ପରିଚିତ ହେବାର ଆଗ୍ରହରୁ ସୃଷ୍ଟ । କଥା ପୁଣି ଆରମ୍ଭ କରି ବ୍ରଜ ସୁନ୍ଦର କହିଲେ: "ଆର ବର୍ଷ ତ ସତ୍ୟବାଦୀର ଛାତ୍ରମାନେ ସଭାକୁ ଚମକାଇ ଦେଇଥିଲେ । ମଧୁବାବୁଙ୍କ ହୃଦୟ ଜିତିଥିଲେ ।"

"ହଁ ବ୍ରଜ ! ପିଲାମାନଙ୍କ ଶୃଙ୍ଖଳା ଜ୍ଞାନରେ ମଧୁବାବୁ ମୁଗ୍ଧ ହୋଇ ପଡ଼ିଥିଲେ ।"

"ଖାଲି ଛାତ୍ର କଣ ଗୁରୁ ବି କିଛି କମ୍ ଚମକେଇ ନଥିଲେ ।"

ତାଙ୍କ କଥା ବ୍ରଜ କହୁଛନ୍ତି ଜାଣି ଗୋପବନ୍ଧୁ ଅଳ୍ପ ହସିଲେ ।

ବ୍ରଜ ବର୍ଷେ ଅତୀତକୁ ଚାଲି ଗଲେ । ୧୯୧୮ର ଉତ୍କଳ ସମ୍ମିଳନୀ ସଭା ଚାଲିଥାଏ ସେ ଦିନ ଜନତା ଦାବୀ କରିଥିଲେ ।

"ଦାସେ ଆପଣେ କିଛି କହନ୍ତୁ ।"

ଜନତାର ଏ ଉତ୍ସାହରେ ମଧୁବାବୁ ଢେର୍ ପ୍ରଭାବିତ ହୋଇ କହିଥିଲେ: "ଗୋପବନ୍ଧୁ ଆଉ ଗୋପ୍ୟ ହୋଇ ରହି ନପାରେ । ଏ ସମ୍ପର୍କରେ ତାର କହିବାର ନଥିଲା । ମାତ୍ର ଲୋକପ୍ରାଣରେ ମୋ ଗୋପବନ୍ଧୁ ସ୍ଥାନ ପାଇଛି । ସଭାପତିଙ୍କ ଅନୁମତି ହେଉ ।" ଗୋପବନ୍ଧୁଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ଆଦରରେ ଆଣି ବକ୍ତୃତା ମଞ୍ଚରେ ଠିଆ କରାଇଥିଲେ ମଧୁବାବୁ । ତା ପରେ ଆରମ୍ଭ ହୋଇଥିଲା ଗୋପଙ୍କର ଉଦାତ୍ତ ଉଦ୍‌ବୋଧନ । ବ୍ରଜଙ୍କ ଭିତରେ ଏବେ ବି ପ୍ରତିଧ୍ୱନିତ ହେଉଥିଲା ଗୋପବନ୍ଧୁଙ୍କ ଭାଷଣ ।

"ଏଇ ସମ୍ମିଳନୀରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବି ଦୀର୍ଘ ସତର ବର୍ଷ ଧରି ହୋଇ ଆସୁଅଛି ଏବଂ ତିରିଶ ବର୍ଷ ଧରି ଗଞ୍ଜାମର ଜନ ସାଧାରଣ ଏ ଦାବୀ କରି ଆସୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଏହାର କୌଣସି ଫଳାଫଳ ପ୍ରକାଶ ପାଇ ନାହିଁ । ଆମ ଆନ୍ଦୋଳନ ମନ୍ଥର ଗତିରେ ଚାଲିଥିବାରୁ ଅନେକଙ୍କ ମତ ଯେ ଆମେ କିଛି ହାସଲ କରିପାରିବା ନାହିଁ । ଆମେ ତଳ ଠାରୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଅନୁଯୋଗ ଓ ଆବେଦନ କରିଛେ । ଏପରିକି ଗଭର୍ଣ୍ଣର ଜେନେରାଲଙ୍କ ପାଖରେ ମଧ୍ୟ ଆବେଦନ ପେଶ କରାଯାଇଛି ; କିନ୍ତୁ କିଛି ଫଳ ମିଳି ନାହିଁ । ମହାଦେବଙ୍କୁ ଦର୍ଶନ ପୂର୍ବରୁ ବାସୁଆ ବଳଦକୁ ଓ ଜଗନ୍ନାଥଙ୍କୁ ଦର୍ଶନ ପୂର୍ବରୁ ଗରୁଡ ସ୍ତମ୍ଭରେ ମୁଣ୍ଡିଆ ମାରିବାକୁ ହୁଏ । ବର୍ତ୍ତମାନ ମହାମାନ୍ୟ ଇଂରେଜ ସରକାରଙ୍କ ଭାରତ ଶାସନ ନିମନ୍ତେ ନିଯୁକ୍ତ ସେକ୍ରେଟାରୀ ଭାରତ ଭ୍ରମଣରେ ଆସିଛନ୍ତି । ସେ ହେଉଛନ୍ତି ଆମ ପାଇଁ ଇଂରେଜ ସରକାର । ତାଙ୍କୁ ହିଁ ଜଣାଇଲେ ବୋଧହୁଏ ଆମର ସୌଭାଗ୍ୟ ଆସିଯିବ । ଅନେକ ଲୋକଙ୍କ ମତ ଯେ – ଭାରତୀୟ ସ୍ୱରାଜ୍ୟ ସଂଗ୍ରାମରେ ଓଡ଼ିଶା ଯୋଗ ଦେଇ ନାହିଁ । ସେମାନଙ୍କ ମତରେ ଓଡ଼ିଶାର ଏହି ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀ ମଧୁବାବୁ ଓ ବ୍ରଜ ସୁନ୍ଦରଙ୍କ ପରି କେତେ ଜଣ ଉଚ୍ଚ ଇଂରାଜୀ ଶିକ୍ଷିତ ବ୍ୟକ୍ତିଙ୍କ ନିକଟରେ ସୀମାବଦ୍ଧ । ସେମାନଙ୍କର ଏ ଧାରଣା ଦୂର କରିବା ପାଇଁ ଆମ୍ଭମାନଙ୍କୁ ସାଧାରଣ ନିରକ୍ଷର ଚାଷୀ,ତଳ ଜାତିର ପତିତ ଠାରୁ ଉଚ୍ଚ ସମାଜସେବୀ ଓ ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନେଇ ଏକ ବ୍ୟାପକ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ । ଆବାଳବୃଦ୍ଧବନିତା ସମସ୍ତେ ଏଥିରେ ମାତି ଉଠିବେ । ତା ହେଲେ ସରକାର ଆମର ଗୁରୁତ୍ୱ ଉପଲବ୍ଧି କରିବେ ଓ ଆମ ଦାବୀର ମର୍ମ ବୁଝି ପାରିବେ ।

ଭାଇମାନେ ଗତ କେତେ ବର୍ଷ ମଧ୍ୟରେ କଟକ, ଗଞ୍ଜାମ, ସମ୍ବଲପୁର, ପୁରୀ ସିଂହଭୂମ – ବହୁ ସ୍ଥାନରେ ଏ ସମ୍ମିଳନୀର ସଭା ହୋଇ ଗଲା । ପୁରୀରେ ପାଞ୍ଚ ହଜାର, ସତ୍ୟବାଦୀରେ ଚାରି ହଜାର, କଟକରେ ପ୍ରାୟ ସାତ ହଜାର ଏହିପରି ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ହୋଇ ଏକ ସ୍ୱରରେ ଏଥିପାଇଁ ଦାବୀ ଜଣାଇଲେ । ଏହି ସଭା ତରଫରୁ ସରକାରଙ୍କ ପାଖକୁ ତାର ବାର୍ତ୍ତାମାନ ପଠାଗଲା । ମୋତେ ସତ୍ୟବାଦୀ ସଭାରେ ଲୋକେ ଉତ୍କଣ୍ଠାର ସହିତ ପୁରୀ ସଭା ପରେ ପଠା ହୋଇଥିବା ତାର ବାର୍ତ୍ତାର ଫଳାଫଳ କଣ ହେଲା ବୋଲି ପଚାରୁଥିଲେ । ମୁଁ ଉତ୍ତର ଦେଲି – ସରକାର ଆମ ତାର ପାଇଥିଲେ ମଧ୍ୟ ଆମ ମନ୍ତ୍ରୀମାନେ ଏଥି ପାଇଁ ପାଟି ଫିଟାଇ ନାହାଁନ୍ତି । ଏଥିରୁ ସାଧାରଣ ଲୋକଙ୍କ ଦେଶ ମିଶ୍ରଣ ଆଗ୍ରହ ସହଜରେ ଅନୁମେୟ । ସରକାର ଯଦି ଏଥିରୁ ଜନତାର ଉଦବେଗ ନବୁଝନ୍ତି, ତେବେ ଆଉ କଣ କରାଯାଇ ପାରିବ ମୋତେ ଜଣା ନାହିଁ । ଯଦି ଆମ ପାଖରେ ଗୋଟିଏ ଗ୍ରାମୋଫୋନ୍ ଥାଆନ୍ତା, ତାହେଲେ ଅବା ସେଥିରେ ସମସ୍ତଙ୍କ ମିଳିତ ଧ୍ୱନିକୁ ରେକର୍ଡ କରାଯାଇ ମନ୍ତ୍ରୀମାନଙ୍କ ଆଗରେ ବଜା ଯାଇପାରନ୍ତା । ଭାଇମାନେ ଓଡ଼ିଶା ପ୍ରେମ, କରୁଣା ଓ ମୈତ୍ରୀ ଦେଶ । ଏଠାରେ ଅନ୍ୟ କୌଣସି ଆନ୍ଦୋଳନ ସମ୍ଭବ ନୁହେଁ । ଓଡ଼ିଆମାନେ ଅଧିକ ଆଉ କଣ କରି ପାରିବେ ?"

ତା ପରେ ବ୍ରଜ ଗୋପବନ୍ଧୁଙ୍କୁ କହିଲେ, "ଓଡ଼ିଆଙ୍କ ଭାଗ୍ୟ ତୁମେ ଶେଷରେ ଈଶ୍ୱରଙ୍କ ନିଷ୍ପତ୍ତିରେ ଛାଡି ଦେଇଥିଲ ।"

"ହଁ ବ୍ରଜ ! ଗୋଟିଏ ଅବହେଳିତ ଜାତି ହିସାବରେ ଆମେ ଯାହା କିଛି କରି ପାରୁଛେ କରୁଥାଇ । ହେଲେ ଚୂଡ଼ାନ୍ତ ଭାବେ ଆମ ଅସହାୟତା ର ଉତ୍ତର କେବଳ ସୃଷ୍ଟି କର୍ତ୍ତାଙ୍କ ଇଚ୍ଛା ଉପରେ ନିର୍ଭରଶୀଳ । ଆମେମାନେ ଆନ୍ଦୋଳନକୁ ଧାରା ବାହିକ ଭାବେ ଶେଷ ପର୍ଯ୍ୟନ୍ତ ନେଇ ଆସିଅଛେ । ଏଠୁ ଆଗକୁ ଜଗନ୍ନାଥ ଭରସା । ତା ପରେ ଗୋପଙ୍କ କଣ୍ଠରୁ ଶୁଭିଥିଲା ଆବେଗ ଭରା ଉଦାତ୍ତ ବାଣୀ: "ସରକାର ଯଦି ଅନ୍ୟ କୌଣସି ପ୍ରକାର ଆନ୍ଦୋଳନ ଚାହୁଁଥାନ୍ତି, ତେବେ ଆମକୁ ଇଙ୍ଗିତ ଦେଲେ ଆମେ ତାହାହିଁ କରିବା, ଯହିଁରେ ସେମାନେ ଖୁସି ହେବେ । ଏଣିକି ଆମ ଆନ୍ଦୋଳନ ଭଗବାନଙ୍କ ଠାରେ ଛାଡି ଦେବା । ମୁଁ ଗଭୀର କ୍ଷୋଭରେ ଏକଥା କହୁଛି । କାକର ବିନ୍ଦୁ ପରି ଆମର ଆଶା ସୂର୍ଯ୍ୟ କିରଣରେ ଶୁଖି ଯାଇଛି । ଆମ ଲୁହ ଓ ଆକୁଳତା ଆଜି ଏକାକାର ହୋଇଛି । ଦୁର୍ବଳର ଏହାଠାରୁ ବଳି ବଡ ଅସ୍ତ୍ର କିଛି ନାହିଁ । ଦୀର୍ଘଶ୍ୱାସ ଏବଂ ପ୍ରାର୍ଥନା ଏଣିକି ଆମର ସମ୍ବଳ । ଆମେ ଆଜି ଉତ୍ତର ପାଇଁ ଅପେକ୍ଷା ରଖିବା । ସେମାନେ ହଁ ବା ନାହିଁ ଗୋଟିଏ ନିର୍ଦ୍ଦିଷ୍ଟ ଜବାବ ଦିଅନ୍ତୁ । ଆମେ ଦେଖିବା ଏ ସରକାର ଏହି ଦାବୀକୁ ଗ୍ରହଣ କରୁ ବା ନିଜେ ଭାଙ୍ଗି ଯାଉ । ଯଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ନହୁଏ ତେବେ ଏ ସରକାର ସହିତ ମୋର ଆଜୀବନ ଆଉ କୌଣସି ସମ୍ପର୍କ ରହିବ ନାହିଁ । ସରକାର ଜନମତ ଦ୍ୱାରା ଚାଳିତ ବୋଲି କୁହନ୍ତି । ସେମାନେ ତାଲୁକ,ଜିଲ୍ଲା ବୋର୍ଡ ଓ ସମ୍ବିଧାନ ସଭା ଗଠନ କରିଛନ୍ତି ଶାସନର ସୁବିଧା ପାଇଁ । ଏହି ସଂସ୍ଥାମାନଙ୍କ ଯେଉଁ ମାନେ ନିର୍ବାଚିତ ହୋଇଛନ୍ତି ଯଦି ତାଙ୍କ କଥାରେ ସରକାରଙ୍କ ଭରସା ନଥାଏ ତେବେ ଏସବୁ ପ୍ରତାରଣା ମାତ୍ର । ମୁଁ ଆଉ ଅଧିକ କଣ କରି ପାରିବି । ମୋ ଛିନ୍ନମସ୍ତା ଉତ୍କଳ ଜନନୀ ପାଖରେ ନିଜକୁ ମୁଁ ଆଜି ଏଥି ପାଇଁ ଉତ୍ସର୍ଗ କରୁଛି । ମା ଯଦି ଏ ଜୀବନରେ ତୋର ସୁନ୍ଦର ସୁଶ୍ରୀ ବଦନ ଦେଖି ପାରିବି ନାହିଁ, ତା ହେଲେ ତୋର ଛିନ୍ନମସ୍ତା କଦାକାର ରୂପର ହିଁ ପୂଜା କରିବି ।"

ବ୍ରଜଙ୍କର ମନେ ଅଛି ଏତିକି କହିବା ପରେ ଗୋପଙ୍କର କଣ୍ଠ ବାଷ୍ପରୁଦ୍ଧ ହେଲା । ଆଜି ସେ ଧାଡ଼ି ମନେ ପକାଇ ବ୍ରଜଙ୍କ ଆଖି ହେଲା ଛଳଛଳ ।

ବ୍ରଜ କହିଲେ, "ଆମେ ସଭାକୁ ବାହାରିବା ଗୋପ ।"

"ହଁ ବ୍ରଜ ବାହାରିବା ।"

ଦୁଇ ବନ୍ଧୁ ମ୍ୟୁନିସିପାଲିଟି ପଡ଼ିଆରେ ପହଞ୍ଚିଲେ । ଯଥାରୀତି ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ ଆରଂଭ ହେଲା । ବ୍ରଜ ଲକ୍ଷ୍ୟ କରୁଥାନ୍ତି ଗୋପ ଧୀରେଧୀରେ ଗମ୍ଭୀର ହୋଇ ଉଠୁଥାନ୍ତି । ତାଙ୍କର ସଭାପତି ଅଭି ଭାଷଣ ଦେବାର ସମୟ ଆସିଲା ସେ ପୂର୍ବ ବର୍ଷ ପରି କହିବା ଆରମ୍ଭ କଲେ, "ଭାଇମାନେ, ଆଜି ଓଡ଼ିଆ ଜାତିର ଏହି ସମ୍ମିଳନୀରେ ଆପଣମାନେ ମୋତେ ନାୟକ ପଦରେ ବସାଇଛନ୍ତି, ସେଥିପାଇଁ ମୁଁ ଧନ୍ୟବାଦ ଦେଉଅଛି । କେବଳ ଏତିକି କହିଲେ ବିଧିରକ୍ଷା ହେଲା ମାତ୍ର ମୋ ପ୍ରାଣର କଥା ପ୍ରକାଶ ପାଇଲା ନାହିଁ । ମୋର ଆକିଞ୍ଚନତା ଯେବେ ଜୀବନରେ କେବେ ବୁଝିଥାଏ ଏ ଘଟନାରେ ଆଜି ତାହା ବିଶେଷ ରୂପେ ବୁଝୁଅଛି । ସେଥି ସଙ୍ଗେ ସଙ୍ଗେ ଦେଶବାସୀ ମୋତେ ଯେଉଁ ସମ୍ମାନ ଦେଇଛନ୍ତି ତାହାର ଗୁରୁତ୍ୱ ମଧ୍ୟ ବୁଝୁ ଅଛି । ବୟସ,ବିଷୟ ବୋଧ ଦୃଷ୍ଟିରେ ମୁଁ ଯେ ଏ ସମ୍ମାନର ଏକାନ୍ତ ଅଭାଜନ ଏହା ମୋର ବିଶ୍ୱାସ । ଏ ସମ୍ମାନ ଯେ କାହାରି ପକ୍ଷରେ ପରମ ଗୌରବ । ଉତ୍କଳ ମାତାଙ୍କର ଯେତେ ସ୍ନେହ ଆଦର ଥିଲା, ସେ ଆଜି ମୋତେ ତାହା ସବୁ ଦେଇ ଅଛନ୍ତି । ଓଡ଼ିଆ ଜାତିର ହାତରେ ଯେ ସମ୍ମାନ ଦେବାର ଥିଲା ତାହା ମୁଁ ସମୁଦାୟ ପାଇ ଅଛି । ମାତ୍ର ଆମ୍ଭମାନଙ୍କର ଯେ ସମସ୍ତ ଜାତୀୟ ସମସ୍ୟା ରହି ଅଛି, ଜାତିର ସେ ଶତ ଶତ ସହସ୍ର ସହସ୍ର ଅଭାବ ଦୂର କରିବାର ଦାୟିତ୍ୱ ଆମ୍ଭମାନଙ୍କର ସମ୍ମୁଖୀନ ତାହା ସବୁ ଭାବି ମୁଁ ଜଡ ପ୍ରାୟ ହୋଇଯାଏ । ଯଥାର୍ଥରେ ପ୍ରାୟ ମାସକ ତଳେ ସମ୍ମିଳନୀର ମନ୍ତ୍ରଣା ସଭା ଯେତେ ବେଳେ ସମ୍ବାଦପତ୍ରମାନଙ୍କରେ ସଭାପତି ସଂକ୍ରାନ୍ତୀୟ ପ୍ରସ୍ତାବ ପ୍ରକାଶ କଲେ, ମୋ ନାମର ପ୍ରସ୍ତାବ ଉଠାଇ ଦେବା ଲାଗି ଲେଖିବି ବୋଲି ଭାବିଲି ; ମାତ୍ର ପରେ ବିଚାରିଲି ମୋ ପର୍ଯ୍ୟନ୍ତ ଆସିବ ନାହିଁ । ଦେଖୁଦେଖୁ ଆଜିକୁ ଠିକ୍ ଏକ ସପ୍ତାହ ପୂର୍ବେ ହଠାତ୍ ସମ୍ମିଳନୀର ଦୂତ ମୋ ଦ୍ୱାର ଦେଶରେ ଉପସ୍ଥିତ । ଅବାକ୍ ହେଲି;କ୍ଷଣେ କିଛି କରି ନ ପାରିଲା ଭଳି ହୋଇଗଲି । ତେଣେ ପୁଣି ଆଉ କେତେଗୁଡ଼ିଏ ଉପସ୍ଥିତ ଜଞ୍ଜାଳରେ ଉଦ୍‌ବ୍ୟସ୍ତ । ସେ ଦୂତ ସମ୍ମିଳନୀ ପକ୍ଷରୁ ଯେ ଅନୁରୋଧ ପତ୍ର ନେଇ ଆସିଥିଲେ ତାକୁ ବାରମ୍ବାର ପଢ଼ିଲି । ସେ ମୋତେ ମାଙ୍କ ଡାକ ପରି ଲାଗିଲା । ସେ ଡାକ ଏଡ଼ିବ କିଏ ? ଟିକିଏ ଇତଃସ୍ତତ ହୋଇ ହଁ ଭରିଲି ।

ମା ଉତ୍କଳ ଜନନୀ, ଏ ଅଧମ ସନ୍ତାନ ଠାରେ ଯଦି ତୁମର ଏତେ ଦୟା, ଏହାର କର୍ତ୍ତବ୍ୟ ପଥରେ ତୁମେ ହିଁ ସହାୟ ହୁଅ । ମା ମୁଁ ଉପସ୍ଥିତ ଘଟଣାରେ ଦେଶର ନାୟକ ନୁହେଁ; ତୁମର ନିୟତ ସେବକ ହେବା ହିଁ ମୋ ଜୀବନର ଚିର ଆକାଂକ୍ଷା । ଆଜି ବିଶେଷ ଭାବେ ସେ ସେବା କରିବାକୁ ମୋତେ ସୁଯୋଗ ଦେଇଅଛ ତହିଁରେ ମୁଁ ଧନ୍ୟ ଓ ପୂର୍ଣ୍ଣ ହୋଇଅଛି । ମା ଏ ଅଧମ ଅଜ୍ଞାନ ସନ୍ତାନ ତୋର କି ସେବା କରିବ ? ତତେ ହିଁ ତୁହି ରକ୍ଷାକର,ମୁଁ ଛାର ମନୁଷ୍ୟ ମାତର ।

ଭାଇମାନେ, ସ୍ୱଦେଶ ସେବା ହିଁ ମନୁଷ୍ୟ ପକ୍ଷରେ ଭଗବତ ସେବା । ଏହି ପୁଣ୍ୟ ଜାତୀୟ ପୀଠରେ ସେହି ସେବା କାର୍ଯ୍ୟରେ ମୋତେ ଆପଣମାନେ ପ୍ରଧାନ ପୂଜକର ଭାର ଦେଇ ଅଛନ୍ତି । ଆପଣମାନଙ୍କ ସାହାଯ୍ୟ, ସହାନୁଭୂତି, ସୁଦୟା ଓ ସହଯୋଗିତା ବିନା ତାହା ନିର୍ବାହ କରିବା ମୋର ସାଧ ନୁହେଁ ।

ଭାଇମାନେ, ଏହି ଆସନରେ ବସିବା ସଂଗେସଂଗେ ସର୍ବପ୍ରଥମେ ମୋର ମନେ ପଡୁଛି ସରସ୍ୱତୀ ଫକୀରମୋହନ ଆରବର୍ଷ ଠିକ୍ ଏହି ସମୟରେ ଏହିଠାରେ ବସିଥିଲେ । ସେ ଆଜି ନାହାଁନ୍ତି । ଓଡ଼ିଆର ପ୍ରାଣର କଥା, ହୃଦୟର ଗୀତି,ସାହିତ୍ୟ ଭୂମିରେ ଆଉ ଶୁଣା ଯାଉନାହିଁ । କ୍ରମେ ଆମ୍ଭମାନଙ୍କର ପ୍ରବୀଣ ନେତା ଓ କର୍ମୀ ଗୋଟିଏ ଗୋଟିଏ ଏହି ପରି ଚାଲି ଯାଉଛନ୍ତି । ଗତ ବର୍ଷ ମଧ୍ୟରେ ଓଡ଼ିଶାର ରାଜ କୁଳରେ ଯେ ବିପତ୍ତି ଘଟିଅଛି ତାହା ଭାବିଲେ ଦାରୁଣ ଦୁଃଖ ଲାଗେ । ପ୍ରବୀଣ, କିଶୋର ରାଜା, ରାଣୀ, ଯୁବରାଜମାନେ ଚାହୁଁ ଚାହୁଁ କେତେ ଗୁଡିଏ ଚାଲିଗଲେ । ଏହି ସମ୍ମିଳନୀର ଭୂତପୂର୍ବ ସଭାପତି ଆଠଗଡ଼ର ରାଜା ବାହାଦୂର ଏବଂ ପ୍ରଜାବତ୍ସଳ ଧର୍ମପ୍ରାଣ ଶୂର ପ୍ରତାପଙ୍କ ବିୟୋଗ ସମ୍ମିଳନୀକୁ ବିଶେଷ ଭାବରେ ବାଧିବ । ଉତ୍କଳ ନାରୀ ସମାଜରେ ସୁପରିଚିତ ବିଦୂଷୀ ରାଣୀ କନକ ମଞ୍ଜରୀଙ୍କ ସ୍ଥାନ ଅନେକ ଦିନ ଖାଲି ରହିବ । ଏହାଛଡା ଦେଶର କେଉଁ ଅଜ୍ଞାତ କୋଣରେ ଅଭାବ, ଅନ୍ନ କଷ୍ଟରେ କାତର,ରୋଗ ବ୍ୟାଧିରେ ଜର୍ଜରିତ ହୋଇ ନିରାଶ୍ରୟ ଓ ନିରାଶାରେ କେତେ ଜଣ ଲୋକ ପ୍ରତିଦିନ ଅସମୟରେ ଚାଲି ଯାଉଛନ୍ତି; ସବଳ ସୁସ୍ଥ ଶରୀରରେ ଦୀର୍ଘଜୀବୀ ହୋଇ ରହିଥିଲେ ସେମାନେ ଏ ଦେଶର କେତେକ ଶକ୍ତି ବଢାଇ ପାରିଥାନ୍ତେ, ସେମାନଙ୍କ ମଧ୍ୟରେ କାହା ଠାରେ କି ପ୍ରତିଭା ଲୁଚି ରହିଥିଲା, ଯଥା ସମୟରେ ବିକାଶ ପାଇଥିଲେ ମାନବ ସମାଜର କି କଲ୍ୟାଣ ସାଧିତ ହୋଇଥାନ୍ତା କିଏ କହିପାରେ ? ଆଜି ଉତ୍କଳର ସେହି ସମସ୍ତ ଅନାଶ୍ରିତ ,ଅଜ୍ଞାତ,ମୃତ ବ୍ୟକ୍ତିଙ୍କ ନିମନ୍ତେ ଆମ୍ଭମାନଙ୍କ ପ୍ରାଣରେ ଗଭୀର ଶୋକ ହେଉଅଛି । ସେମାନଙ୍କ ମୃତ୍ୟୁରେ ଉତ୍କଳ ଯେ ବଳହୀନ ହୋଇଅଛି ବୋଲିବା ବାହୁଲ୍ୟ । ସେମାନେ ପ୍ରତ୍ୟେକେ ମୁଖ୍ୟ ଭାବରେ ହେଉ ବା ଗୌଣ ଭାବରେ ହେଉ ଆମ୍ଭମାନଙ୍କର ଏହି ଜାତୀୟ ସମ୍ମିଳନୀର ଶକ୍ତି । ଏହି ସମ୍ମିଳନୀ ଓଡ଼ିଆ ଜାତିର ।

ଆମ୍ଭେମାନେ ଯେ କେତେଜଣ ଏଠାରେ ଉପସ୍ଥିତ ଥାଇ କିମ୍ବା ଯେଉଁମାନେ ଆସି ନ ପାରି ସହାନୁଭୂତି ପତ୍ର ଲେଖିଛନ୍ତି,ସମ୍ମିଳନୀ କେବଳ ସେହିମାନଙ୍କର ନୁହେଁ । ଏମନ୍ତ କି ବର୍ତ୍ତମାନ ଓଡ଼ିଆ ଜାତିର ଆବାଳ ବୃଦ୍ଧ ବନିତା ସମଗ୍ର ଜୀବିତ ବ୍ୟକ୍ତିଙ୍କର କେବଳ ଏ ସମ୍ମିଳନୀ ନୁହେଁ । ଅଦ୍ୟାପି ଯେଉଁମାନେ ଜନ୍ମ ହୋଇ ନାହାନ୍ତି, ଶତ ଶତ ବର୍ଷ ପରେ ଯେଉଁମାନେ ଆମର ଉତ୍ତରାଧିକାରୀ ହେବେ, ସେମାନଙ୍କର ମଧ୍ୟ ଏହି ସମ୍ମିଳନୀ । ଓଡ଼ିଆ ଜାତିର ଏହା ନିରବଚ୍ଛିନ୍ନ ପ୍ରାଣ ପ୍ରବାହ । ସମ୍ମିଳନୀକୁ ଏହି ଭାବରେ ନ ଦେଖିଲେ ଏହା ସମ୍ମିଳନୀ ନୁହେଁ । ଏ କେବଳ କନ୍ଫରେନ୍ସ ମାତ୍ର ; ଅର୍ଥାତ୍ ଓଡ଼ିଶାର ବା ଓଡ଼ିଆ ଜନ ସାଧାରଣଙ୍କର ହିତାହିତ ବିଚାର କରିବା ଲାଗି କେତେ ଜଣ ଜାଣିବା ଶୁଣିବା ଲୋକଙ୍କର ଏକ ବୈଠକ ମାତ୍ର;ଏହା ଧାରଣା କଲେ ମିଳନର ପବିତ୍ର ଭାବ,ଜାତୀୟତାର ଅଖଣ୍ଡ ମୂର୍ତ୍ତି ଏଥିରେ ପ୍ରକାଶ ପାଏ ନାହିଁ ।

ମୋର ଆଶଙ୍କା ହୁଏ ଆମ୍ଭମାନଙ୍କ ମଧ୍ୟରୁ ଅନେକେ ସମ୍ମିଳନୀର ସ୍ୱରୂପ ଏ ପର୍ଯ୍ୟନ୍ତ ବୁଝି ନାହାଁନ୍ତି– ଏହାକୁ କେବଳ କନ୍ଫରେନ୍ସ ବୋଲି ମନେ କରନ୍ତି ; ତେଣୁ ସମୟେ ସମୟେ ପଚାରିଥାଆନ୍ତି 'ସମ୍ମିଳନୀ ଏତେଦିନ ହେଲା କଣ କଲା ।' ସେମାନେ ମନେ କରନ୍ତି ସମ୍ମିଳନୀ ଯେପରିକି ଏକ ପ୍ରକାର ସମବାୟ ଋଣ ସମିତି ବା ଯୌଥ ଭଣ୍ଡାର, ଦୁଇ ବର୍ଷ ବା ପାଞ୍ଚ ବର୍ଷ ପରେ ସମସ୍ତ ଦେଶବାସୀଙ୍କ ହାତରେ କିଛି କିଛି ଲାଭ ଦିଅନ୍ତା ।

ସମ୍ମିଳନୀ ଆମ୍ଭମାନଙ୍କ ଜାତିର କି କଲ୍ୟାଣ ସାଧନ କରିଅଛି,ତାହା କହିବା ପୂର୍ବରୁ ସମ୍ମିଳନୀର ଉଦ୍ଦେଶ୍ୟ, ପ୍ରକୃତି,ପ୍ରକ୍ରିୟା, କ୍ଷେତ୍ର, ଲକ୍ଷ୍ୟ, ଭିତ୍ତି ଆଦିର ଆଲୋଚନାର ପ୍ରୟୋଜନ ବୋଲିବା ବାହୁଲ୍ୟ । ସମ୍ମିଳନୀର ଲକ୍ଷ୍ୟ ଲକ୍ଷଣମାନ ନିରୂପିତ ହୋଇ ନଥିବାରୁ ତାହା ଆଶାନୁରୂପେ କାର୍ଯ୍ୟ କରି ପାରିନାହିଁ ଏବଂ ତହିଁ ସମ୍ବନ୍ଧେ ଅନେକ ସମୟରେ ଅନେକ ପ୍ରକାର ମତଭେଦ ଘଟୁ ଅଛି । ସମ୍ମିଳନୀର ପରିଚାଳନା ନିମନ୍ତେ ନିୟମମାନ ପ୍ରଣୀତ ହୋଇଅଛି ପୁଣି ତାହା ଭାଙ୍ଗି ଅଛି । କାର୍ଯ୍ୟର ପ୍ରଥା ଏବଂ ପ୍ରଣାଳୀରେ ବାରମ୍ବାର ପରିବର୍ତ୍ତନ ଘଟି ଅଛି । ଏଥି ଲାଗି ଅନେକଙ୍କ ଆପତ୍ତି । ଏ ଆପତ୍ତି ଅସଙ୍ଗତ ନ ହୋଇପାରେ,ମାତ୍ର ବୁଝି ରଖିବାକୁ ହେବ ଯେ ଅନେକ ଭଙ୍ଗା ଗଢା ମଧ୍ୟରେ ଓ ପରିବର୍ତ୍ତନ, ପ୍ରତ୍ୟାବର୍ତ୍ତନ ମଧ୍ୟରେ ଯେ କୌଣସି ବ୍ୟକ୍ତି ବା ଜାତିକୁ ପୂର୍ଣ୍ଣତା ଆଡ଼କୁ ଯିବାକୁ ହୁଏ । ମତଭେଦ ଅବଶ୍ୟ ଘଟିବ । ସମ୍ମିଳନୀ ଅଦ୍ୟାପି ଅଳ୍ପ ଦିନର ଅନୁଷ୍ଠାନ, ଏହା ଏକାଦିନକେ କୌଣସି ସୁଚିନ୍ତିତ ପଥ ଧରିପାରିବ ନାହିଁ ;କିନ୍ତୁ ତାହା ବୋଲି ଯଦି କେହି ସମ୍ମିଳନୀରୁ ଅନ୍ତର ହୁଅନ୍ତି ଏବଂ ସମ୍ମିଳନୀର ଅନ୍ୟାନ୍ୟ କର୍ମୀମାନଙ୍କୁ ବ୍ୟଙ୍ଗ ବିଦ୍ରୁପ ଭାବରେ କଟାକ୍ଷ କରନ୍ତି,ତାହା ଅତ୍ୟନ୍ତ ପରିତାପର ବିଷୟ ଏବଂ ଆମ୍ଭ ମାନଙ୍କ ଜାତୀୟ କଲ୍ୟାଣ ପକ୍ଷରେ ଅନ୍ତରାୟ । ଏ ଅଧିବେଶନରେ ସମ୍ମିଳନୀର ଗଠନ ଏବଂ କାର୍ଯ୍ୟ ପରିଚାଳନା ବିଷୟ ରେ ନିୟମ ମାନ ଆଲୋଚିତ ହୋଇ ଧାର୍ଯ୍ୟ କରାଯିବ । ମାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ଉତ୍ତମ ରୂପେ ସର୍ବ ପ୍ରଥମେ ନିରୂପିତ ନ ହେଲେ କେବଳ କାର୍ଯ୍ୟ ପରିଚାଳନାରେ ନିରସ ନିୟମରେ କିଛି ଫଳ ହେବ ନାହିଁ ।

ଅନେକେ ମନେ କରନ୍ତି,ବିଚ୍ଛିନ୍ନ ଓଡ଼ିଆଭାଷୀ ପ୍ରଦେଶମାନଙ୍କର ମିଳନ ଘଟାଇବା ସମ୍ମିଳନୀର ଲକ୍ଷ୍ୟ । ଓଡ଼ିଆ ଭାଷୀ ପ୍ରଦେଶର ମିଳନ ସମ୍ମିଳନୀର ଅବାନ୍ତର ପ୍ରକ୍ରିୟା । ଖଣ୍ଡ ବିଖଣ୍ଡିତ ହେଲେ ସୁଦ୍ଧା ଓଡ଼ିଆ ଜାତି ବର୍ତ୍ତମାନ ବିଦ୍ୟମାନ ରହିଅଛି । ରାଜନୈତିକ ବିଚ୍ଛେଦ ତାହାର ବାହ୍ୟ କଳେବରର ବିଭଙ୍ଗ ଘଟାଇ ଅଛି ମାତ୍ର ; କିନ୍ତୁ ଜାତୀୟ ଆତ୍ମା ଅଦ୍ୟାପି ଅକ୍ଷୁର୍ଣ୍ଣ । ମୁଁ ଅନ୍ୟାନ୍ୟ ଘଟଣାରେ କହିଥାଏ ଆଜି ମଧ୍ୟ କହୁଅଛି ବ୍ୟକ୍ତିଗତ ଆତ୍ମା ଯେପରି ଅବିନଶ୍ୱର

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ

ନ ଚୈନଂ କ୍ଲେଦୟନ୍ତ୍ୟା ପୋ ନ ଶୋଷୟତି ମାରୁତଃ"

ଅର୍ଥାତ୍ ବ୍ୟକ୍ତିଗତ ଆତ୍ମା ଯେପରି ଅସ୍ତ୍ରରେ ଛିଣ୍ଡେ ନାହିଁ, ଅଗ୍ନିରେ ପୋଡେ ନାହିଁ, ଜଳରେ ବୁଡେ ନାହିଁ,ପବନରେ ଶୁଖେ ନାହିଁ ସ୍ଥୂଳରେ କୌଣସି ପ୍ରକାର ବାହ୍ୟ ଶକ୍ତି ଦ୍ୱାରା ଏହାର ବିନାଶ ହୁଏ ନାହିଁ । ଜାତୀୟ ଆତ୍ମା ସେହିପରି । ଜାତୀୟ ଆତ୍ମା ରାଜନୈତିକ ବା ଅନ୍ୟ ଯେ କୌଣସି ପ୍ରକାର ବାହ୍ୟ ଅସ୍ୱାଭାବିକ ପ୍ରଭାବରେ ସହଜରେ ଲୋପ ପାଏ ନାହିଁ । ଉତ୍କଳ ସମ୍ମିଳନୀ ଓଡ଼ିଆ ଜାତିର ଏହି ଅବିନଶ୍ୱର ଆତ୍ମାର ଇନ୍ଦ୍ରିୟ ଗ୍ରାହ୍ୟ ମୂର୍ତ୍ତି; ସୁତରାଂ ଆମ୍ଭମାନଙ୍କ ଜାତୀୟ ଆକାଂକ୍ଷାର ପ୍ରକାଶକ ।

ଓଡ଼ିଆ ଜାତି କିଏ ? ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସ୍ୱତଃ ମାୟା ମମତା ଜନ୍ମେ । ସେମାନଙ୍କ ଆଶା, ଅଭିପ୍ରାୟ,ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କ କର୍ମ ଭୂମି ଏକ ଓ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମ ଭୂମି । ସେମାନଙ୍କ ଦୃଷ୍ଟିରେ ସ୍ୱର୍ଗାଦପି ଗରୀୟସୀ । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡ ଅନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡିଶାରେ ସମାନ ଆଶା,ଆକାଂକ୍ଷା ଧରି ଜନ୍ମ ମରଣରେ ସମାନ ଶ୍ରେୟ ସ୍ୱାର୍ଥରେ ବିଜଡ଼ିତ ସେମାନେ ସମସ୍ତେ ଓଡ଼ିଆ ଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ୍ ନୁହେଁ । ବଙ୍ଗଳାରେ ହୁଅନ୍ତୁ ବା ପଞ୍ଜାବରେ ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ

ହୁଅନ୍ତୁ ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସତ୍ତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଛନ୍ତି ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜି କାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁ ନାହାଁନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳ କ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ୍ ଷ୍ଟେଟ୍ସ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ; ମାତ୍ର ଏକ ଦେଶ ବା ପ୍ରଦେଶର ଜାତି ବିଶେଷ କାଳକ୍ରମେ ଅନ୍ୟ ଜାତିର ସଂଶ୍ରବରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା, ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଓ ପୁରାତନ ଅଧିବାସୀଙ୍କର ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ; ଆଜି କାଲିର ରାଜନୈତିକ ଓଡ଼ିଶା ନୁହେଁ । ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା – ଗଙ୍ଗା ନଦୀ ଠାରୁ ଗୋଦାବରୀ ପର୍ଯ୍ୟନ୍ତ । ମହୋଦଧି ଠାରୁ ମଧ ପ୍ରଦେଶର ପର୍ବତ ଶ୍ରେଣୀ ପର୍ଯ୍ୟନ୍ତ ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବା ମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବ ନାହିଁ । ଓଡ଼ିଆମାନେ ଏଠାରେ ବାସ କରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳ କ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରି ଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଛି – ଏହା ବୋଲିବା ବାହୁଲ୍ୟ ।"

+ + +

ମଝିରେ ମଝିରେ ବିପୁଳ କର ତାଳି ଶୁଭୁଥାଏ । ଗୋପବନ୍ଧୁ ଓଡ଼ିଆ ଜାତିର ଚେର ଓ ମୂଳ ବିଷୟରେ କହି ଚାଲିଥାନ୍ତି ।

ଉପସଂହାର ରେ କହିଲେ, "ବର୍ତ୍ତମାନ ଏହାର ସନ୍ତାନମାନଙ୍କର ସନ୍ୟାସୀ ହେବାର ସମୟ ଆସିଅଛି, ପ୍ରୟୋଜନ ହୋଇଅଛି । ସନ୍ନ୍ୟାସୀର ତପସ୍ୟା ଓ ସାଧନା ବିନା ଜଗତରେ କେବେ କୌଣସି ଗୁରୁ କାର୍ଯ୍ୟ ସାଧିତ ହୋଇନାହିଁ । ସନ୍ନ୍ୟାସୀର ସାଧନାରେ ହିଁ ଆମମାନଙ୍କ ଜାତିର ମୁକ୍ତି ।"

ବ୍ରଜ ସୁନ୍ଦର ଆଶ୍ଚର୍ଯ୍ୟ ହେଉଥାନ୍ତି । ଏ ଲୋକଟି ଅଳ୍ପ କେତେ ଘଂଟା ତଳେ ରୋଗ କ୍ଲେଶରେ ମଳିନ ଦିଶୁଥିଲା । ବର୍ତ୍ତମାନ ତା ଦେହରୁ ବିକିରିତ ହେଉଛି ଜାତୀୟତାର ଦୀପ୍ତି ।

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।
- 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।
- ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହି ରଖୁଛି ।
- କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ୱା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।
- ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।
- ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥିପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।
- 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍‌ରେ ବ୍ୟବହୃତ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: rebati.rebati2018@gmail.com
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।
- 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କବିତା ବା କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com

# ବିଦୀର୍ଣ୍ଣ ବସନ୍ତ



# ବିଦୀର୍ଣ୍ଣ ବସନ୍ତ


## ସୁକାନ୍ତି ମହାପାତ୍ର

ଅଧ୍ୟାପିକା, ଇଂରାଜୀ ବିଭାଗ,
ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ-୭୫୬୧୦୧
ଫୋନ: ୯୪୩୮୬୭୨୬୫୪


ଅଳଙ୍କରଣ : ପ୍ରଦ୍ୟୁମ୍ନ ପାଢୀ

ବଳାକା ଶୋଇଥିଲା ଖଟରେ। ସାମ୍ନା ଝର୍କା ସେପଟେ ଥିବା ବଗିଚାରେ ଆସିଥିଲା ଋତୁ ବସନ୍ତ। ଫୁଲରେ ଫୁଲରେ ଭାଙ୍ଗି ପଡୁଥିଲେ ଗଛସବୁ। ନୂଆ ପତ୍ର କଅଁଳି ଆସୁଛି ଆମ୍ବ ଗଛରେ। କିନ୍ତୁ ତାକୁ ହଠାତ୍ ସବୁ ବିବର୍ଣ୍ଣ ଦିଶିଲେ। ସବୁ ଧୂଆଁ ଧୂଆଁ, ଅଦିନ ଅଗ୍ନି ବର୍ଷାରେ ପୋଡ଼ି ଯାଇଛି ଯେମିତି। ତା ଭିତରଟା ଥରି ଉଠିଲା। ତା'ର ଆର୍ତ୍ତ ଚିତ୍କାର ଶୁଣି ମାଆ ଦଉଡ଼ି ଆସିଲେ ରୋଷେଇ ଘରୁ। ଝିଅ ମୁହଁକୁ ଚାହିଁ ତାଙ୍କର ଅନ୍ତର କାନ୍ଦି ଉଠିଲା। ମୁଣ୍ଡରେ ହାତ ବୁଲାଉ ବୁଲାଉ ତାକୁ ପ୍ରବୋଧ ଦେଇ କହୁଥିଲେ, "ଏବେ ତୁ ତୋର ଘରେ ମାଆ, ଡର୍ ନାହିଁ।" ବଳାକା ଅନେକ ଅପ୍ରକାଶ୍ୟ ଆବେଗ ନେଇ ମାଆକୁ ଦେଖୁଥିଲା କେବଳ। ଆଖି ତଳେ ତାଙ୍କର ସଦ୍ୟ ଅଙ୍କିତ ଗାଢ଼ କଳା ଗାର। ଆଉ ତା'ର ଚିର ସବୁଜ ବାପା, ଲାଗୁଛି ଯେପରି ସେ ହଠାତ୍ ବୁଢ଼ା ହୋଇଗଲେ! ବଳାକା ସମ୍ମୁଖକୁ ଆସିବାକୁ ଯେପରି ସେ ସଙ୍କୋଚବୋଧ କରୁଥିଲେ।

ଏଇ କାଲି ରାତିରେ ଆସି ସେ ଘରେ ପହଞ୍ଚିଛି। ଗତ ଫେବୃଆରୀ ୨୪ରୁ ଦୁଇ ଦିନ ତଳେ ପୋଲାଣ୍ଡରେ ପହଞ୍ଚିବା ପର୍ଯ୍ୟନ୍ତ ସେ ଯେ କି ନାରକୀୟ ଅବସ୍ଥା ଦେଇ ଗତି କରିଛି, ସେ ଜାଣେ। ୟୁକ୍ରେନର ଖାର୍‌କିଭ୍ ଜାତୀୟ ମେଡ଼ିକାଲ ବିଶ୍ୱ ବିଦ୍ୟାଳୟରେ ଡାକ୍ତରି ପଢ଼ିବ ପାଇଁ ଜାନୁଆରୀ ପ୍ରଥମ ସପ୍ତାହରେ ପ୍ରଥମେ ଭୁବନେଶ୍ୱରରୁ ଓ ତାପରେ ଦିଲ୍ଲୀରୁ ଯାତ୍ରା କରିଥିଲା ସେ ଏକ ଏଜେନ୍ସି ମାଧ୍ୟମରେ। ତା ସହ ଆହୁରି କୋଡ଼ିଏ ଜଣ ଓଡ଼ିଆ ଛାତ୍ରଛାତ୍ରୀ ମଧ୍ୟ ଥିଲେ। ଭୁବନେଶ୍ୱର ବିମାନ ବନ୍ଦର ଠାରେ ବାପା, ମାଆ ଓ ଛୋଟ ଭାଇକୁ ବିଦାୟ ଦେଲାବେଳେ ତା ଆଖିରେ ଲୁହର ବନ୍ୟା ଖେଳୁଥିଲା। ଛୋଟ ସହରଟିରୁ ଏକାଥରେ ଦେଶାନ୍ତର ହେବାର ଏ ଅନୁଭୂତି ବଳାକା ପାଇଁ ପାଣିରୁ ବାହାରି ଆସି ଶୁଖିଲାରେ ଛଟପଟ ହେଉଥିବା ମାଛ ପରି ଥିଲା। କିନ୍ତୁ ସେ ସବୁଦିନ ଚୁପ୍‌ଚାପ୍ ଝିଅଟି। ନିଜ ମନ ବ୍ୟଥା ନା କାହାକୁ କହିଛି ନା ଭାଗ୍ୟ ବିରୁଦ୍ଧରେ କିଛି ଅଭିଯୋଗ ବାଢ଼ିଛି ପ୍ରଭୁ ଜଗନ୍ନାଥଙ୍କ ଠାରେ।

ଖାର୍‌କିଭ୍ ମେଡ଼ିକାଲ ହଷ୍ଟେଲ୍‌ରେ ପ୍ରବଳ ହାଡ଼ଥରା ଶୀତରେ ରୁମ୍‌ହିଟର୍ ଜଳାଇ, କମ୍‌ଫୋର୍ଟର୍ ଭିତରେ ଶୋଇ ବଳାକା କେବେ କେବେ ପ୍ରଶ୍ନ କରିଛି ତା ନିଜକୁ। ସେ କାହିଁକି ଆସିଛି ଏ ପର ଦେଶକୁ? ମନେପଡ଼େ ଛୋଟ ଦିନରୁ ହିଁ ବାପା ତାକୁ ଦେଖେଇ ଅନ୍ୟମାନଙ୍କୁ ଗର୍ବ କରି କହୁଥିଲେ, "ମୋ ଝିଅ ବଡ଼ ହୋଇ ଡାକ୍ତର ହେବ।" ତାକୁ ବି ବହୁତ ଭଲ ଲାଗୁଥିଲା ଏ କଥା ଶୁଣିବାକୁ। ସେ ଭଲ ଛାତ୍ରୀ ବି ଥିଲା। ଯେତେଥର ବି ଇଂରାଜୀରେ, ଓଡ଼ିଆରେ ନିଜ ଜୀବନର ଲକ୍ଷ୍ୟ ବିଷୟରେ ରଚନା ଲେଖିଛି, ସେତେଥର ସେଇ ଗୋଟାଏ କଥା ଲେଖିଛି- ସେ ଡାକ୍ତର ହେବ। ସ୍ୱପ୍ନ ଆଉ ବାସ୍ତବତା ଭିତରେ ବି ବଡ଼ ଫାଙ୍କଟିଏ ରହି ଯାଇପାରେ। ବଳାକା ଯୁକ୍ତ ଦୁଇ ବିଜ୍ଞାନରେ ଖୁବ୍ ଭଲ ନମ୍ବର ରଖି ପାସ୍ କଲା ପ୍ରଥମ ଶ୍ରେଣୀରେ। ବାପା ଖୁସି ହୋଇ ତାକୁ ଭୁବନେଶ୍ୱର ଆକାଶ କୋଚିଂରେ ଭର୍ତ୍ତି ବି କରେଇ ଦେଲେ। ହେଲେ ଦାଉ ସାଧିଲା କରୋନା। ଆଭାସୀ ମାଧ୍ୟମରେ ସେ ପ୍ରାୟ ବେଶୀ କିଛି ଗ୍ରହଣ କରିପାରିଲା ନାହିଁ। ଦୁଇଥର ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଦେବା ପରେ ବି ସରକାରୀ ମେଡ଼ିକାଲ କଲେଜରେ ସିଟ୍ ମିଳିଲା ନାହିଁ। ପ୍ରାଇଭେଟ୍‌ରେ ଅତି କମରେ ପଢ଼ା ସାରିବା ବେଳକୁ କୋଟିଏ ଟଙ୍କା ଖର୍ଚ୍ଚ। କେଉଁଠୁ ଆଣନ୍ତେ ତା ବାପା? ସେଇ ସମୟରେ ତାକୁ ଯେତେ ହତାଶ ଲାଗୁନଥାଏ, ବେଶୀ ଲାଗୁ ଥାଏ ତା'ର ବାପାଙ୍କୁ। ନିଜ ଦେଶରେ ପ୍ରାଇଭେଟ୍ ମେଡ଼ିକାଲ କଲେଜ୍‌ରେ ଝିଅକୁ ପଢ଼ାଇବାର ଆର୍ଥିକ ସକ୍ଷମତା ତାଙ୍କର ନଥିଲା। ଗୋଟିଏ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍‌ର ପରିଚାଳନା ନିର୍ବାହୀ ବଳାକାର ବାପା। ଅତି ବେଶୀ ତ ରୋଜଗାର ନୁହେଁ। ତଥାପି ଦିନରାତି ଗୋଟିଏ କଥା ହିଁ ମନରେ ଚାଲୁଥାଏ, କିପରି ଝିଅ ଡାକ୍ତର ହେବ। ଯା ଭିତରେ ବାପା ଭୁଲି ଯାଇ ଥାଆନ୍ତି ଯେ, ଏ ସ୍ୱପ୍ନ ତାଙ୍କର ଥିଲା, ଯାହା ସେ ପିଲାଦିନରୁ ଝିଅକୁ ଦେଖେଇ ଥିଲେ। ବଳାକା ବି ବୁଝି ପାରେନି କ'ଣ ଦେଖି ବାପା ଭାବିଦେଲେ ଯେ, ଏଇ ସ୍ୱପ୍ନ ଇ ତାଙ୍କ ଝିଅ ଜୀବନର ନିୟନ୍ତା। ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା ପରେ ସେ ତା ନିଜର ଲକ୍ଷ୍ୟ ବଦଳେଇ ଦେଇଥିଲା। ସ୍କୁଲ ବା କଲେଜରେ ବିଜ୍ଞାନ ଶିକ୍ଷୟିତ୍ରୀ ହେବାକୁ ସେ ମନେମନେ ଠିକ୍ କରି ସାରିଥିଲା।

ତେବେ କିପରି ଘଟିଲା ଭାଗ୍ୟର ଏ ବିଡ଼ମ୍ବନା! କିପରି ଆସି ସେ ପହଞ୍ଚିଲା ଏ ବିଦେଶ ମାଟିରେ। ଆଉ ସହିଲା ତା'ର ସମସ୍ତ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତିରୁ ଭିନ୍ନ ଏକ ଭୟଙ୍କର ଦୁଃସ୍ଥିତିକୁ ଆମୂଳଚୂଳ ସତରେ!

ସେଦିନ ରାତି ଏଗାରଟା। ବଳାକା ତା'ର ଜଣକିଆ ଖଟଟି ଉପରେ ତକିଆ ମାଡ଼ି ପେଟେଇ ଶୋଇ ଗୋଟେ ଆନିମେଟେଡ୍ ମୁଭି ଦେଖି ହସି ହସି ଗଡ଼ି ଯାଉଥାଏ। ବାପା ତାଙ୍କ କାର୍ଯ୍ୟରୁ ଫେରିଲେ ଖୁବ୍ ଖୁସି ହୋଇ। ଆଜି ତାଙ୍କ ଷ୍ଟୋର୍‌କୁ ଜଣେ ବ୍ୟକ୍ତି ଆସିଥିଲେ। ସେ କହୁଥିଲେ ୟୁକ୍ରେନର ବିଭିନ୍ନ ମେଡ଼ିକାଲ କଲେଜରେ ଭାରତ ଅପେକ୍ଷା ଅପେକ୍ଷାକୃତ କମ୍ ଖର୍ଚ୍ଚରେ ପିଲାଙ୍କୁ ଡାକ୍ତରି ପଢ଼ାଇ ହେବ। ବାପା ସବୁ ବୁଝାବୁଝି କରି ଫେରିଥିଲେ। ଭୁବନେଶ୍ୱରର ଯେଉଁ ଏଜେନ୍ସି ଓଡ଼ିଶାରୁ ମେଡ଼ିକାଲ ପଢ଼ିବା ଆକାଂକ୍ଷୀ ପିଲାଙ୍କୁ ନେଉଛି ତାଙ୍କ ସହ ଯୋଗାଯୋଗ ବି କରିଥିଲେ। ପାସ୍‌ପୋର୍ଟ, ଭିସା


▶ଗାଳ୍ପିକା ସୁକାନ୍ତି ମହାପାତ୍ର

**କାହାଣୀ ପଛର କାହାଣୀ**

**ୟୁକ୍ରେନରେ ଚାଲିଛି ମହାଯୁଦ୍ଧର ତାଣ୍ଡବ। ଓଡ଼ିଶାରେ, ଭାରତରେ ମେଡ଼ିକାଲ ପଢ଼ିବାର ସୁଯୋଗ ପାଇ ନଥିବା ଅନେକ ଛାତ୍ରଛାତ୍ରୀ ସେଠାରେ ଏଇ ଜୀବନ ମୃତ୍ୟୁର ସୀମାନ୍ତରୁ ସ୍ୱଦେଶକୁ, ଘରକୁ ଫେରିବାକୁ କରିଛନ୍ତି ଅକଳ୍ପନୀୟ ସଂଘର୍ଷ। ଖାଦ୍ୟ, ପାନୀୟ କିଛି ନାହିଁ। ଖାର୍‌କିଭ୍ ସହ ଧ୍ୱସ୍ତ ବିଧ୍ୱସ୍ତ ବଙ୍କର ଭିତରେ ମାଇନସ୍ ୧୧ ଡିଗ୍ରୀ ତାପମାତ୍ରା। ବାହାରକୁ ଖାଦ୍ୟ ପାଇଁ ବାହାରିଲେ ମୃତ୍ୟୁ ସୁନିଶ୍ଚିତ। ଷ୍ଟେସନରେ ନାହିଁ ନଥିବା ଭିଡ଼। ବରଫ ଉପରେ ଦୀର୍ଘ ପଥ ଚାଲିବାକୁ ପଡ଼ିଛି ବର୍ଡ଼ର ପହଞ୍ଚିବା ପାଇଁ। ଏପରି ପରିସ୍ଥିତିରେ ପରିଚିତ ଶାନ୍ତ ଶିଷ୍ଟ ଝିଅଟିଏ ତା ଇଚ୍ଛା ବିରୁଦ୍ଧରେ ମେଡ଼ିକାଲ ପଢ଼ିବାକୁ ଯାଇ ଯେଉଁ ଭଙ୍ଗା ମନ ନେଇ ଫେରିଛି, ତାହାରି ଏକ କାହାଣୀ ବର୍ଣ୍ଣନା କରେ ଏ ଗଳ୍ପ। ଯୁଦ୍ଧର ବିଭୀଷିକ, ଶରୀର ଓ ମନ ଉପରେ ତାହାର ପ୍ରଭାବର କିଞ୍ଚିତ୍ ଆଭାସ।**

ସୁକାନ୍ତି ମହାପାତ୍ର

ସବୁର ବନ୍ଦୋବସ୍ତ ସେମାନେ କରିବେ । ବାପା ବଳାକାକୁ କହୁଥିଲେ, "କିଛି ଭାବ୍ ନା ମାଆ, ତୁ ଆମର ଡାକ୍ତର ହେବୁ ହିଁ ହେବୁ ।" ବାପା ଥରେ ବି ତାକୁ ପଚାରିଲେ ନାହିଁ ତା'ର ଇଛା କ'ଣ ବୋଲି ।

ଖାର୍‌କିଭ୍ ସହର । ବେଶ୍ ସୁନ୍ଦର । ଏଠାରେ ସବୁ କିଛି ମାର୍ଜିତ, ସମ୍ଭ୍ରାନ୍ତ । ବଳାକା ଏଠାରେ ପହଞ୍ଚିବା ପରେ, ତା'ର ବିଶ୍ୱ ବିଦ୍ୟାଳୟ ପରିସର, ଉନ୍ନତ ଭିତ୍ତିଭୂମି ଦେଖିବା ପରେ ପରିବାର ଠାରୁ, ସାଙ୍ଗସାଥୀଙ୍କ ଠାରୁ ବିଚ୍ଛିନ୍ନ ହେବାର ଦୁଃଖ କିଛିଟା ଭୁଲି ଯାଇଥିଲା । ମନକୁ ବୁଝାଇ ପାଠ ପଢୁଥିଲା । ନୂଆ ସାଙ୍ଗ ବି ହୋଇଥିଲେ, ଉଭୟ ଓଡ଼ିଆ ତଥା ଅଣ ଓଡ଼ିଆ ପିଲା । ଦୁଇମାସ ଭିତରେ ସେ ଅନେକଟା ଏଠାକାର ପରିବେଶ ସହ ଖାପ୍ ଖୁଆଇ ଚଳିବାକୁ ଶିଖି ବି ଯାଇଥିଲା । ମାର୍ଚ୍ଚ ଆରମ୍ଭରୁ ଋଷ, ୟୁକ୍ରେନ୍ ଗମ୍ଭୀର ସ୍ଥିତି ସମ୍ପର୍କରେ ସୂଚନା ତାଙ୍କ ପାଖକୁ ଆସୁଥିଲା । ତେବେ ଏତେ ଶୀଘ୍ର ଯୁଦ୍ଧ ଲାଗି ଯାଇପାରେ, ଏକଥା ସେମାନେ ଭାବି ନଥିଲେ, ତାପର ଅବସ୍ଥା ଭାବିବା ତ ଦୂରର କଥା । ମାର୍ଚ୍ଚ କୋଡ଼ିଏ ପରଠୁ ଯୁଦ୍ଧ ଯେ ନିଶ୍ଚିତ ଓ କେତେବେଳେ ବି ଆରମ୍ଭ ହୋଇ ଯାଇପାରେ ଏ ଖବର ଆସିଲା । ସେମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଏକ ବ୍ୟାଗ ପ୍ରସ୍ତୁତ କରି ରଖିଲେ । ଚବିଶ ତାରିଖ ସକାଳେ ସେମାନେ ଶୁଣିବାକୁ ପାଇଲେ ଆକାଶ ମାର୍ଗରେ ଯୁଦ୍ଧର ଘନଘଟା, ସତର୍କ ରହିବା ପାଇଁ ସାଇରନ୍ । ସେମାନେ ରହୁଥିବା ହଷ୍ଟେଲର ଭୂତଳ କକ୍ଷରେ ଥିଲା ବଙ୍କର । ଅତ୍ୟାବଶ୍ୟକୀୟ ସାମଗ୍ରୀ ନେଇ ସେଠାକୁ ଚାଲିଯିବାକୁ ପରିଚାଳନା ତରଫରୁ ସେମାନଙ୍କୁ କୁହା ଯାଇଥିଲା । ସପିଂ ମଲ୍, ସୁପର ମାର୍କେଟ ସବୁଠି ଖାଦ୍ୟ ସାମଗ୍ରୀ ପାଇଁ, ଏଟିଏମ କାଉଣ୍ଟର ପାଖରେ ପାଣି ଓ ପଇସା ପାଇଁ ଅସମ୍ଭବ ଭିଡ଼ । ଅନେକ ସମୟ ଧାଡ଼ିରେ ଛିଡ଼ା ହୋଇ ବଳାକା ତା ନିଜ ପାଇଁ କିଛି ଶୁଖିଲା ଖାଦ୍ୟ ସାମଗ୍ରୀ ଓ ୟୁକ୍ରେନ ମୁଦ୍ରା ଆଣି ପାରିଲା, ପୁଣି ସତର୍କ ସୂଚନା ପାଇ ସେମାନେ ବଙ୍କର୍‌କୁ ଚାଲିଗଲେ । ଯେଉଁ ଏଜେନ୍ସି ଦ୍ୱାରା ସେମାନେ ଯାଇଥିଲେ ସେମାନେ ଧୈର୍ଯ୍ୟହରା ନହୋଇ ମନୋବଳ ଦୃଢ଼ କରି ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବଙ୍କର ଭିତରେ ପ୍ରବଳ ଥଣ୍ଡାକୁ ଅସମ୍ଭବ ଭିଡ଼ । ଯୋଡ଼ିଏ ମାତ୍ର ଟଏଲେଟ୍ । ଶୋଇବାକୁ ଜାଗା ନାହିଁ । କ୍ରମାଗତ ଭାବେ ଏୟାର ଷ୍ଟ୍ରାଇକ୍‌ର ଖବର ଓ ସାଇରନର ଶବ୍ଦ । ଖାଦ୍ୟ ଓ ପାଣି ସରି ଆସୁଥାଏ । ପ୍ରଥମେ ପ୍ରଥମେ ଯାହା କିଛି ଆଶା ଥିଲା କୂଟନୈତିକ ଆଲୋଚନା ବଳରେ ଏ ଯୁଦ୍ଧ ବନ୍ଦ ହୋଇଯିବ ସେ ଆଶା ବି ମଉଳିବାକୁ ଲାଗିଲା । ଘରକୁ ମେସେଜ ମାଧ୍ୟମରେ ସେ ଖବର ଦେଉଥାଏ । ବାହାର ସ୍ଥିତି ସମ୍ବନ୍ଧରେ ପୂରା ବିଶ୍ୱ ସେମାନଙ୍କ ଠାରୁ ଅଧିକ ଅବଗତ ଥିଲେ । ଭାରତ ସରକାର ସମସ୍ତ ଭାରତୀୟ ଛାତ୍ରଛାତ୍ରୀଙ୍କୁ ସେଠାରୁ ନେଇଯିବା ବ୍ୟବସ୍ଥା କରିଥିଲେ । ୟୁକ୍ରେନର ଭାରତୀୟ ଦୂତାବାସ ତରଫରୁ ସେମାନଙ୍କ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ବଳାକା ବଡ଼ ଅସହାୟ ଅନୁଭବ କରୁଥିଲା । ସ୍ୱଳ୍ପାଲୋକିତ ବଙ୍କର୍ ଭିତରେ ଅଖିଆ, ଅପିଆ, ଅନିଦ୍ରା ଓ ଦୁଶ୍ଚିନ୍ତା ଭିତରେ ରହି ସେ ଖୁବ ଅସୁସ୍ଥ ଅନୁଭବ କରୁଥିଲା । ଖାର୍‌କିଭ୍ ଉପରକୁ ମାଡ଼ି ଆସୁଥିଲା ବିପଦ । ସିନିଅର ଛାତ୍ରଟିଏ ଖାଦ୍ୟ ଆଣିବାକୁ ଯାଇ ଆଉ ଫେରି ନଥିଲା । ସେମାନଙ୍କୁ



ତୁରନ୍ତ ଗ୍ରୁପ୍ ଗ୍ରୁପ ହୋଇ ଭାରତର ଜାତୀୟ ପତାକାର କପି ଧରି ରେଳ ଷ୍ଟେସନ୍‌ରୁ ଟ୍ରେନ ଯୋଗେ ପଶ୍ଚିମ ଦିଗରେ ଲିଭିଭ୍‌କୁ ଯିବାକୁ କୁହାଗଲା । ବଳାକା ଜାଣେନି ସେ କେମିତି ଅନ୍ୟମାନଙ୍କ ସହ ଯୁଦ୍ଧ ବିଧ୍ୱସ୍ତ ସହର ଦେଇ ଷ୍ଟେସନ ଗଲା, ସେଠାରେ ପୁଣି ପ୍ରବଳ ଲୋକ ଗହଳି । ଜୀବନ ବଂଚାଇବାର ଆତୁରତା ସମସ୍ତଙ୍କ ଭିତରେ । ମନେ ପଡୁଥିଲା ପିଲାଦିନ ମାମୁଁ ଘରେ ଦେଖିଥିବା ଗୋଟେ ଦୃଶ୍ୟ । ମୂଷା ଗାତ ମାନ ଠାବ କରି ମାମୁଁ ତା ଭିତରେ ନଡ଼ିଆ କତା ଜାଳି ଧୂଆଁ ପଶେଇଲେ । ସେଇ ଗୁପ୍ତ ସୁଡ଼ଙ୍ଗ ଭିତରେ ମୂଷାମାନଙ୍କ ଧାଁ ଦଉଡ଼ର ଶବ୍ଦ ଶୁଭୁଥାଏ । ପରେ ସେ ସୁଡ଼ଙ୍ଗ ଭିତରୁ ବାହାରିଲା ଛୋଟ ବଡ଼ ପାଖାପାଖି ଦଶଟି ମୂଷାଙ୍କ ମଲା ଦେହ । ସେ କଥା ମନେପଡ଼ି ଶିହରି ଉଠିଲା ବଳାକା । ଏଠାରେ ଆକାଶ ବି ଆଜି ଯେପରି ଏକ ଆଗ୍ନେୟ ପ୍ରାନ୍ତର ପାଲଟିଛି ! ଧୂଆଁର ବଳୟ ଘେରି ରହିଛି ସେମାନଙ୍କୁ ।

ଟ୍ରେନ ଭିତରେ ପାଦ ରଖିବାକୁ ଜାଗା ନାହିଁ । ସେଠାକାର ପୋଲିସ ୟୁକ୍ରେନ ନାଗରିକଙ୍କୁ ଆଗ ଟ୍ରେନରେ ଚଢ଼ିବା ସୁଯୋଗ ଦେଉଛି । ପରେ ଭିନ୍ନକ୍ଷମମାନଙ୍କୁ ତାପରେ ପ୍ରବାସୀ ମହିଳା । ଝିଅଟିଏ ହୋଇଥିବାରୁ ବଳାକା ହେଲେ ଗୋଟିଏ ଦିନ ଅପେକ୍ଷା କଲା ପରେ ଟ୍ରେନ୍ ଚଢ଼ି ପାରିଥିଲା । ଏକ ଯୁଦ୍ଧ ଗ୍ରସ୍ତ ବିଦେଶ ମାଟିରୁ ସେ ପରିସ୍ଥିତିରେ ଆଉ ଅଧିକ ଆଶା କରାଯାଏନା । ପୁଅମାନେ ତ ବିଚରା ଚଢ଼ିବାକୁ ଅନୁମତି ବି ପାଉନଥିଲେ । ସେତେବେଳେ ଆଉ କିଛି ଭାବିବାର ମାନସିକତା ହରେଇ ବସିଥିଲା ସେ । ସେମିତି ଠିଆ ହୋଇ କୋଡ଼ିଏ ଘଂଟା ଟ୍ରେନ୍‌ରେ ଆସିଥିଲା । ଓଡ଼ିଶାରୁ ଯାଇଥିବା ତା'ର ଜଣେ ବନ୍ଧୁ ଡାକ୍ତରି ଛାତ୍ର ନିଜେ ଟ୍ରେନ ଚଢ଼ି ନପାରିବା ସତ୍ତ୍ୱେ ବଳାକା ଫେରି ଯାଉଛି ବୋଲି ଭାରି ଖୁସି ହୋଇଥିଲା । ତା'ର ସେଇ ବାକ୍ୟଟି ବାରମ୍ବାର ମନେପଡ଼େ, "ନିଜ ଦେଶ, ନିଜ ଜନ୍ମଭୂମିର ତୁଳନା ନାହିଁ, ତୁ ଭଲରେ ପହଂଚିଯା । ବାସ୍ ଆଉ କିଛି ଭାବ ନାହିଁ । ସମୟ ଆମ ପାଇଁ ଦିନେ ବଦଳିବ ।" ତା ପାଇଁ ଦୁଃଖ ଅନୁଭବ କରୁଥିଲେ ବି ବଳାକା ପାଖରେ କିଛି ଉପାୟ ନଥିଲା । ୟୁକ୍ରେନ ସୀମାରେ ପହଂଚିବା ପାଇଁ ଦୀର୍ଘ ବାଟ ବରଫ ଉପରେ ଚାଲି ଚାଲି ଆସିଲେ ସେମାନେ । ସୀମାରେ ପୁଣି ଘଣ୍ଟା ଘଣ୍ଟା ଅପେକ୍ଷା । ପୋଲାଣ୍ଡରେ ସେମାନଙ୍କ ପାଇଁ ଖୋଲା ଯାଇଥିବା ଶିବିରରେ ପ୍ରବେଶ କଲା ପରେ ସେ ଅଚେତ ହୋଇ ପଡ଼ି ଯାଇଥିଲା । ତା'ର ଜୋତା ଛିଡ଼ି ଯାଇଥିଲା । ପାଦରେ ଫୋଟକା ହୋଇ ଯାଇଥିଲା । ପ୍ରବଳ ଜଳଶୁଷ୍କତା ପାଇଁ ତାକୁ ସାଲାଇନ ଲାଗିଥିଲା । ଚେତା ଫେରିବା ପରେ ତାଙ୍କ ପାଇଁ ଉଦ୍ଦିଷ୍ଟ ବିଶେଷ ବିମାନ ଆରୋହଣ କରିଥିଲେ ସେମାନେ । ଭାରତ ସରକାର, ଓଡ଼ିଶା ସରକାରଙ୍କ ପାଖରେ ମଥା ନଇଁ ଯାଉଥିଲା କୃତଜ୍ଞତାରେ । ବିମାନରେ ଆସିବା ସମୟତକ ଏକ ପ୍ରକାର ତନ୍ଦ୍ରାଚ୍ଛନ୍ନ ଥିଲା ସେ । ଯେତେବେଳେ ବିମାନ ଅବତରଣ କଲା ସେତେବେଳେ ଅନୁଭବ କଲା ବଳାକା ଯେ ସେ ବଂଚିଛି, ସୁରକ୍ଷିତ ଆସି ନିଜ ଦେଶରେ, ନିଜ ରାଜ୍ୟରେ ପହଞ୍ଚି ଯାଇଛି । ଅନେକ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଭିତରେ ତାକୁ କୁଣ୍ଢାଇ ଧରି ଯେତେବେଳେ ତା ବାପା, ମାଆ କାନ୍ଦି ଉଠିଲେ ଭୁବନେଶ୍ୱର ବିମାନ ବନ୍ଦରରେ, ସେ କେବଳ ଶୂନ୍ୟ ଆଖିରେ ଚାହିଁ ରହିଥିଲା । ତା ଭିତରେ ଭାବପ୍ରବଣତା ବରଫ ପାଲଟି ଯାଇଥିଲା ଯେମିତି ।

ଏଇ ତ ସେ ଦେଖୁଛି ତାଙ୍କ ଛୋଟ ବଗିଚାରେ ବସନ୍ତର ଆଗମନୀକୁ, ମାତ୍ର ତାକୁ ଆଉ ସେ ଅନୁଭବ କରି ପାରୁନି । ତା ଭିତରେ କିଛି ଗୋଟାଏ ଭାଙ୍ଗିରୁଜି ଯାଇଛି । ଶରୀର କେବଳ ନୁହେଁ ମନ ବି ଖୁବ୍ ଅବଶ ବୋଧ କରୁଛି । ଲାଗୁଛି ଏଇ ସତେ ସାଇରେନ୍ ବାଜି ଉଠିବ, ନିଆଁ ଜଳି ଉଠିବ ଆଉ ଏ ବସନ୍ତର ପ୍ରୀତି ଭରା ବୁକୁ ଚିରଦିନ ପାଇଁ ବିଦୀର୍ଣ୍ଣ ହୋଇଯିବ ।



# ଘାଟ

# ହାଟ


**ପ୍ରଦ୍ୟୁମ୍ନ ପଟ୍ଟନାୟକ**
ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬
ଫୋନ : ୯୯୬୮୨୮୦୮୯୬

ଅଳଙ୍କରଣ : ସଞ୍ଜୟ କୁମାର ରାଉଳ


**ଏତେବଡ଼ ପରିବା ହାଟରେ ମିଣିପଙ୍କ ଗହଳିରେ ଏକା ବସୁଥାଏ ଅଭିଆଡ଼ୀ ଝିଅଟିଏ ରମା । ବୟସ ପାଖାପାଖି ତିରିଶ ହେବ । ଗାଁରୁ ଆଣିଥିବା ଚାଷୀମାନଙ୍କ ପାଖରୁ କିଛି କିଛି ପରିବା ଶାଗ କିଣି ନେଇ ନିଜର ବିପଣୀ ମେଲାଇ ଦିଏ । ଶ୍ରଦ୍ଧାରେ ଗ୍ରାହକମାନଙ୍କୁ ହକାରି ସଉଦା ଦିଏ । ଲୋକେ କହନ୍ତି ତା' ବାପର ବେପାର ଥିଲା । ସେ ଅକାଳରେ ଚାଲିଯିବାରୁ ରମାକୁ ବସିବାକୁ ପଡୁଛି ହାଟରେ । ଘରେ ବିଧବା ମା'ଏବଂ ସାନ ଭଉଣୀ ବଞ୍ଚିଛନ୍ତି ତା' ଆଶ୍ରାରେ ।**

ସକାଳୁ ସକାଳୁ ଗହଳି ଚହଳି ଲାଗିଯାଏ ସାରପଡ଼ା ହାଟରେ । ଆଖପାଖ ଗାଁମାନଙ୍କରୁ ନିଜ ବିଲବାଡ଼ିରେ ଚାଷ କରିଥିବା ପନିପରିବା ନେଇ ଛୁଟି ଆସନ୍ତି ଚାଷୀ । ବଡ଼ ହାଟରୁ ଆଉ କିଛି ବେପାରୀଙ୍କ ଟେମ୍ପୋ ଟ୍ରଲି ଆଳୁ, ପିଆଜ, ପରିବା ଧରି ପହଞ୍ଚି ଯାଉଥାଏ । ଦେଖୁ ଦେଖୁ ମେଲିଯାଏ ଶାଗ, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, ଲାଉ, ପୋଟଳ ଆଦି ନାନା ଜାତିର ତଟକା ପରିବାର ପସରା । ହାଟ ସାରା ଖେଳାଇ ହୋଇ ନିଜନିଜ ଜାଗା ଆବୁଡ଼ି ବସୁଥାନ୍ତି ସଜ ପରିବା ବିକାଳୀ । ଗୋଟିଏ କଡ଼କୁ ଧାଡ଼ି ହୋଇ ଆଳୁ ପିଆଜ ଅଦା ରସୁଣ ବିକ୍ରେତାଙ୍କ ସ୍ଥାୟୀ ଦୋକାନ । ନୂଆ ମାଲ ଆସୁଥାଏ ପୁରୁଣା ସରୁଥାଏ । ପରିବାବାଲାଙ୍କ ଭଳି ତାଙ୍କର ଉଠା ଦୋକାନ ନୁହଁ । ସବୁଦିନ ମାଲ ଝାଡ଼ିଝୁଡ଼ି ସରି ଯାଉନଥାଏ । ଯିଏ ଯେଉଁଠି ବସିଛି ସବୁଦିନ ସେହି ଜାଗାରେ ବସୁଥାଆନ୍ତି ।

ପରିବା ବାଲା ଭଳି ସଜ ମାଛ ନେଇ ହାଟର ଶେଷ ମୁଣ୍ଡରେ ଦୁଇ ଧାଡ଼ିରେ ବସନ୍ତି ମାଛ ବିକାଳୀ । ସପ୍ତାହରେ ତିନି ଆଇଁଷବାର ରବିବାର, ବୁଧବାର, ଶୁକ୍ରବାର ସେମାନଙ୍କ ପାଖରେ ଭିଡ଼ ଜମେ । ତାଜା ତଟକା ପରିବା, ସଜ ମାଛ । ଆଳୁପିଆଜ ସହ ଫୁଲ ଫଳ ବିକ୍ରି ହେଉଥିବା ହାଟଟିରେ ଦେଖୁ ଦେଖୁ ଗ୍ରାହକମାନଙ୍କ ଭିଡ଼ ଜମିଯାଏ । ଗରାଖମାନଙ୍କୁ ଆକର୍ଷିତ କରିବାକୁ କେହି କେହି ଡଙ୍କ ଲାଗିଥିବା କୁନ୍ଦୁରି, ପୋଟଳ, ଡାଳପତ୍ର ଲାଗିଥିବା ବାଇଗଣ ଫୁଲ ଲାଗିଥିବା କାକୁଡ଼ି, ପାଣିରେ ଖେଳୁଥିବା ଜିଅନ୍ତା ମାଛ ନେଇ ବସନ୍ତି । ଛନଛନିଆ ଲେଉଟିଆ, କୋଶଳା, ପୋଇ, ପାଳଙ୍ଗ, ମେଥି, କଳମ ଆଦି ଜାତି ଜାତି ଶାଗ ଖାଉଟିମାଙ୍କୁ ଲୋଭାନ୍ୱିତ କରେ । ଘରେ ଆବଶ୍ୟକ ପରିବା ମହଜୁଦ ଥାଇ ସୁଦ୍ଧା କିଛି ନ କିଣିବାକୁ ମନସ୍ଥ କରି ଆସିଥିବା ଲାକଟିଏ ହାଟ ଭିତରୁ ଘେରାଏ ବୁଲି ଆସିଲେ କିଛି ନ କିଣି ଫେରି ପାରେ ନାହିଁ । ବିକାଳୀ ମାନେ ବି ସବୁଦିନ ଦେଖି ଦେଖି ଚିହ୍ନି ଯାଇ ଥାଆନ୍ତି ନିୟମିତ ଗ୍ରାହକମାନଙ୍କୁ । ଦୂରରୁ ଦେଖି ପାଖକୁ ଡାକନ୍ତି । ବଳେଇ କରି ତାଙ୍କ ପରିବା ଯାଚି ଦିଅନ୍ତି । ଆପେ ଆପେ ଦରଦାମ୍ କମ୍ କରି ଦିଅନ୍ତି । ଗ୍ରାହକମାନେ ବି ସୌହାର୍ଦ୍ଦ୍ୟ ବଶତଃ ଦୋକାନୀ ପିଲାର ନାଁ ଧରି ଡାକନ୍ତି । ପରସ୍ପର ପ୍ରତି ଆତ୍ମୀୟତା ପ୍ରଦର୍ଶନ କରନ୍ତି । କିଏ ମଣ୍ଟୁ ତ କିଏ ଆନନ୍ଦ ପୁଣି କିଏ ମଦନା, ପଦନା ଅବା ସନାତନ । ସେଥିରେ ବି କିଛି ସ୍ୱାର୍ଥ ଥାଏ । ଆପଣାପଣ ଦେଖାଇଲେ ଟଙ୍କେ ଦୁଇଟଙ୍କା ଶସ୍ତାରେ ସାମଗ୍ରୀ ମିଳିଯିବା ଆଶା ରଖୁଥାନ୍ତି ଗ୍ରାହକ ।

ହାଟରେ ପରିବା ବିକାଳୀଙ୍କର ନିଜ ନିଜ ମଧ୍ୟରେ ଚାଲେ ଥଟ୍ଟା ମଜ୍ଜା ଗମାତ୍ । ପ୍ରତିଦ୍ୱନ୍ଦ୍ୱୀର ଜିନିଷକୁ କେହି ପଚା, ସଢ଼ା, ପୋକା, ବୁଢ଼ା କହି ନିଜ ଆଡ଼କୁ ଗ୍ରାହକ ଟାଣିବାକୁ ଚାହୁଁଥାଏ ତ ପୁଣି କେହି ପ୍ରତିଶୋଧ ପରାୟଣ ହୋଇ ଅନ୍ୟର ପରିବା ସାର, କୀଟନାଶକ, ଔଷଧ ପକା ଫସଲ, ମୋ ପାଖରେ ଦେଶୀ ମାଲ କହୁଥାଏ । ବେଳେବେଳେ ସେମାନଙ୍କ ଗାଁରେ ଯିବା ଆସିବା ରାସ୍ତାରେ ଘଟିଥିବା ଘଟଣା, ପୂର୍ବ ରାତିରେ ଦେଖିଥିବା ନାଟ, ତାମସା, ଅପେରା ଆଦିକୁ ନେଇ ଆଲୋଚାନ, ତର୍କ ବିତର୍କ ଥଟ୍ଟା ପରିହାସ ଚାଲେ । ସେଇଥିରେ ଥାଏ ତାଙ୍କର କ୍ଳାନ୍ତିହାରୀ ମନୋରଂଜନ । ହାଟ ପରିସର ହେଉଥାଏ ମୁଖରିତ । ହାଟ ତ ହାଟ, ଗହଳି ଚହଳି ନହେଲେ କି ଶୋଭାପାଏ ! ସକାଳୁ ଦିନ ଦିପହର ଯାଏ ଲାଗିଥାଏ ଗହଳି । ଭୋର ବେଳାରୁ ଗାଁରୁ ପରିବା ନେଇ ଆସିଥିବା ଚାଷୀ ବେପାରୀ ନିଜ ନିଜ ସାମଗ୍ରୀ ବିକି ଦେଇ ଫେରିଯାଆନ୍ତି ଛାଇ ଲେଉଟା ଆଗରୁ ।

ସବୁଦିନ ଶତାଧିକ ଚାଷୀ ବେପାରୀ ଗୋଟିଏ ଜାଗାରେ ବିପଣୀ ମେଲାଇ ବସୁଥିବାରୁ ସେମାନଙ୍କର ଗୋଟିଏ ସଂଘ ଥାଏ । ଥାଏ କିଛି ଅଲିଖିତ ନିୟମ ଯାହାକୁ ସମସ୍ତେ ସମ୍ମାନ ଦିଅନ୍ତି ମାନି ଚଳନ୍ତି ବର୍ଷଯାକ ! ପ୍ରତିମାସ ସଂକ୍ରାନ୍ତି ଦିନ ହାଟ ବନ୍ଦରହେ । କେହି ସେଦିନ ହାଟକୁ ନଆସି ଛୁଟି ପାଳନ୍ତି । ଦିନବାର ତିଥି ନକ୍ଷତ୍ର କେହି ଜାଣନ୍ତୁ ନଜାଣନ୍ତୁ ଚିହ୍ନା ଦୋକାନୀ ମନେ ପକାଇ ଦେଇ କହନ୍ତି । ଆସନ୍ତା କାଲି ହାଟ ବନ୍ଦ ଯାହା ନେବାର ଆଜି ନେଇ ଯାଆନ୍ତୁ ଆଜ୍ଞା । ଇଂରାଜୀ ନୂଆବର୍ଷ ଜାନୁୟାରୀରେ ଗୋଟିଏ ଦିନ ସାରା ହାଟର ବେପାରୀମାନେ ଏକାଠି ହୋଇ

**ଦୁନିଆ ଗୋଟିଏ ହାଟ । ସଂସାରକୁ ଆସୁଥିବା ସମସ୍ତ ବ୍ୟକ୍ତି ସେ ହାଟ ସହ କିଛି ଦିନ ସଂଶ୍ଲିଷ୍ଟ । ନିଜ ନିଜର ବେପାର ସାରି ଫେରିଯିବାକୁ ହୁଏ ହାଟରୁ। ହାଟ ଚାଲୁଥାଏ, ତା ସହ ଲାଗି ରହୁଥାଏ କ୍ରେତା ବିକ୍ରେତାଙ୍କର ଆସିବା ଯିବା । ଦୁନିଆ ହାଟକୁ ଆସିବା ଏବଂ ହାଟରୁ ବାହୁଡି ଯିବା ଚିରନ୍ତନ ସତ୍ୟ । ମାନବ ଜୀବନର ଏ ଶାଶ୍ୱତ ଦର୍ଶନ ବାହାରେ ବି ବାସ୍ତବରେ ଛୋଟ ବଡ଼ ହାଟ ବସେ ବିଭିନ୍ନ ସ୍ଥାନରେ। ସମୟାନୁସାରେ ବିଭିନ୍ନ ହାଟର ବିଭିନ୍ନ କାହାଣୀ। ସେପରି ଗୋଟିଏ ହାଟର କିଛି ଦୃଶ୍ୟ ଏ କାହାଣୀର ବିଷୟ ବସ୍ତୁ । ଘଟଣାଟିକୁ ପ୍ରତ୍ୟକ୍ଷ କରିବା ପରେ ତାକୁ ଗୋଟିଏ କାହାଣୀର ରୂପ ଦେବାକୁ ମନ ଉଦ୍‌ବେଳିତ ହେଲା। ସେଥିରୁ ଜନ୍ମ ନେଲା ଏଇ କାହାଣୀ 'ହାଟ' ।**

ପ୍ରଦ୍ୟୁମ୍ନ ପଟ୍ଟନାୟକ


▶ ଗାଳ୍ପିକ ପ୍ରଦ୍ୟୁମ୍ନ ପଟ୍ଟନାୟକ

ଯାଆନ୍ତି ବଣ ଭୋଜି କରିବାକୁ ନୂଆନଇ, କୋଣାର୍କ, ଚନ୍ଦକା, ଡେରାସ୍ ଅଥବା ସେପରି କିଛି ପିକ୍‌ନିକ୍ ସ୍ଥଳକୁ । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ହାଟ ବନ୍ଦ ରହିବା କଥା ଗ୍ରାହକମାନଙ୍କୁ ଜଣାଇ ଦେଇଥାଆନ୍ତି । କେବେ କେବେ କେହି ବେପାରୀଙ୍କର କୌଣସି କାରଣ ବଶତଃ ଦେହାନ୍ତ ହୋଇଗଲେ ଦିନକ ପାଇଁ ହାଟ ବନ୍ଦ ରହେ ମୃତ ବ୍ୟକ୍ତିର ସମ୍ମାନାର୍ଥେ ।



କିଛିଦିନ ମଧ୍ୟରେ ତଳେ ଅଖାପାରି ବସୁଥିବା ବିକାଳୀମାନଙ୍କ ଲାଗି ଗଢ଼ା ହୋଇଗଲା ସିମେଣ୍ଟ ଚଉତରା । ଖରା ବର୍ଷାରୁ ରକ୍ଷା ପାଇବାକୁ ତା' ଉପରେ ଥିଲା ଟିଣ ଛପର । କ୍ରମିକ ସଂଖ୍ୟା ଦିଆଯାଇ ସେ ଚଉତରା ଗୁଡ଼ିକୁ ଚାଷୀ ଏବଂ ବେପାରୀମାନଙ୍କୁ ବଣ୍ଟନ କରାଗଲା । ସେମାନଙ୍କୁ ଆଉ ପନିପରିବା ନେଇ ଧୂଳି ମାଟିରେ ଗୋଳି ହେବାକୁ ପଡ଼ିଲା ନାହିଁ । ଖରା ବର୍ଷାରେ ହନ୍ତସନ୍ତ ହେଲେନାହିଁ ।

କିଏ ଏସବୁ କାର୍ଯ୍ୟ କରାଇଲା, ସେଥିପାଇଁ କାହାକୁ କେତେ ଚାନ୍ଦାଦେବାକୁ ପଡ଼ିଲା, ପ୍ରତି ମାସକୁ ମାସ କେତେ ହାଟ ମାହାସୁଲ ଦେବାକୁ ହୁଏ ଆଦି ଗହନ କଥା ସାଧାରଣ ଗ୍ରାହକମାନେ ନଜାଣିଲେ ବି ବେପାରୀମାନଙ୍କୁ ଜଣା । କୌଣସି ରାଜନୈତିକ ଦଳର ପୃଷ୍ଠପୋଷକତା ନଥାଇ ସହର ତଳିରେ ଏତେ ବଡ଼ ହାଟ ବସାଇବା ସମ୍ଭବ ନଥିଲା । ଯେମିତି ଆଗ ସାର୍ବଜନୀନ ସରକାରୀ ଜାଗାରେ ମନ୍ଦିରଟିଏ ଗଢ଼ି ଉଠେ ଭକ୍ତି ଭାବ ନେଇ । କିଛି ବ୍ୟକ୍ତିଙ୍କର ନିଃସ୍ୱାର୍ଥପର ଉଦ୍ୟମରେ ମନ୍ଦିରଟି ନିର୍ମିତ ହୋଇ ମୂର୍ତ୍ତି ପ୍ରତିଷ୍ଠା ହେବା ପରେ ଆରମ୍ଭ ହୋଇଯାଏ ତା' ମାଧ୍ୟମରେ ସାମାଜିକ, ଆର୍ଥିକ, ରାଜନୈତିକ ଫାଇଦା ଉଠାଇବାର ହୁନ୍ଦର । କିଛି ବ୍ୟକ୍ତି ଲାଭାନ୍ୱିତ ହୁଅନ୍ତି । ତା'ସହ ସର୍ବସାଧାରଣଙ୍କ ଆବେଗ ଯୋଡ଼ି ହୋଇଥିବାରୁ ସେଥିପ୍ରତି ସହଜେ କେହି ଆଙ୍ଗୁଳି ଉଠାନ୍ତି ନାହିଁ । ଧର୍ମ ନାମରେ ଯେତେ ଅନୀତି ଦୁର୍ନୀତି ହେଲେ ବି କେହି ପ୍ରଶ୍ନ କରନ୍ତି ନାହିଁ । ସେପରି ସେ ହାଟକୁ ଲାଗି ଗୋଟିଏ ରାଜନୈତିକ ଦଳର କାର୍ଯ୍ୟାଳୟ । ସ୍ଥାନୀୟ ନେତା ସ୍ୱାଧୀନତ ଦିବସ, ଗଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ କରନ୍ତି । ହୋଲି, ଦୀପାବଳି, ଗଣେଶ ପୂଜା ବି ପାଳିତ ହୁଏ । ହାଟର ବେପାରୀମାନେ ସେଥିରେ ସାମିଲ ହୁଅନ୍ତି । କ୍ରମଶଃ ହାଟ ପରିସର ପରିଷ୍କାର ପରିଚ୍ଛନ୍ନ ରହୁଥିବାରୁ ବେପାରୀ ତଥା ଗ୍ରାହକମାନେ ସନ୍ତୁଷ୍ଟ ଥାଆନ୍ତି ।

ପୁରୁଷ ପ୍ରଧାନ ପରିବା ହାଟ । କିନ୍ତୁ ମାଛ ହାଟରେ କେଉଟୁଣୀମାନେ ସାମ୍ନାରେ ବସି ଗ୍ରାହକ ଚିହ୍ନି ମୂଲଚାଲ କରି ମାଛ ବିକନ୍ତି । ତାଙ୍କ ମରଦମାନେ ପଛ ପଟକୁ ବସି ବଡ଼ ମାଛ କାଟନ୍ତି । ଚୂନାମାଛ ବାଛନ୍ତି, ଚିଙ୍ଗୁଡ଼ିରୁ ଲାଞ୍ଜ ମୁଣ୍ଡ ଖୋଳ ଛଡ଼ାନ୍ତି । ଏତେବଡ଼ ପରିବା ହାଟରେ ମିଣିପଙ୍କ ଗହଳିରେ ଏକା ବସୁଥାଏ ଅଭିଆଡ଼ୀ ଝିଅଟିଏ ରମା । ବୟସ ପାଖାପାଖି ତିରିଶ ହେବ । ଗାଁରୁ ଆଣିଥିବା ଚାଷୀମାନଙ୍କ ପାଖରୁ କିଛି କିଛି ପରିବା ଶାଗ କିଣି ନେଇ ନିଜର ବିପଣୀ ମେଲାଇ ଦିଏ । ଶ୍ରଦ୍ଧାରେ ଗ୍ରାହକମାନଙ୍କୁ ହକାରି ସଉଦା ଦିଏ । ଲୋକେ କହନ୍ତି ତା' ବାପର ବେପାର ଥିଲା । ସେ ଅକାଳରେ ଚାଲିଯିବାରୁ ରମାକୁ ବସିବାକୁ ପଡୁଛି ହାଟରେ । ଘରେ ବିଧବା ମା'ଏବଂ ସାନ ଭଉଣୀ ବଞ୍ଚିଛନ୍ତି ତା' ଆଶ୍ରାରେ ।

ସହରରେ ଆସିଗଲା ନିର୍ବାଚନ । ନିର୍ବାଚନୀ ହାୱାରେ ସରଗରମ ହେଲା ରାସ୍ତାଘାଟ ଗଳି ମହଲା । ସବୁଠି କେବଳ ସେହି ଚର୍ଚ୍ଚା । ଦିନେ ପରିବା ଦୋକାନୀମାନେ ନିଜ ନିଜ ପରିଚିତ ଗରାଖମାନଙ୍କୁ ଜଣାଇ ଦେଲେ ତା'ପରଦିନ ହାଟ ବନ୍ଦ ରହିବ । କାରଣ ସେଦିନ ଥିଲା ନାମାଙ୍କନ ପତ୍ର ଦାଖଲ । ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ପ୍ରାର୍ଥୀପତ୍ର ଦାଖଲ କରିବେ । ତେଣୁ ସେମାନଙ୍କ ସମର୍ଥକ, ଅନୁଗାମୀ, କର୍ମୀ, ଖୋସାମତିଆ ମାନେ ତାଙ୍କ ସହ ଶୋଭାଯାତ୍ରାରେ ଯିବେ । ତାଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ଜୟଗାନ କରିବେ । କିନ୍ତୁ ସେଥିପାଇଁ ହାଟ କାହିଁକି ବନ୍ଦ ରହିବ ? ସାରା ହାଟ କ'ଣ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନା' ତାକୁ ସମସ୍ତେ ସମର୍ଥନ କରିବା ବାଧ୍ୟ ? ମାତ୍ର ନେତାଙ୍କ ତରଫରୁ ଚାନ୍ଦା ଆଦାୟ କରୁଥିବା ପିଆଦା କହିଯାଇଛି, ଯିଏ ଯେଉଁ ଦଳକୁ ସମର୍ଥନ କରୁ ଥାଉନା କାହିଁକି, ଯେହେତୁ ହାଟ ବସାଇବାରେ ବର୍ତ୍ତମାନ ନେତାଙ୍କର ଅବଦାନ ରହିଛି ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର ଦାଖଲ ସମାରୋହ ନିମିତ୍ତ ସାରା ହାଟ ବନ୍ଦ ରହିବ ।

ବିଧିବଦ୍ଧ ଭାବେ ନାମାଙ୍କନ ପତ୍ର ଦାଖଲ ହୋଇଗଲା । ସେଥିପାଇଁ ଗୋଟିଏ ଦିନ ହାଟବି ବନ୍ଦ ରହିଲା । ତା'ପରେ ଚାଲିଲା ଜୋର ସୋର ପ୍ରଚାର । ପୋଷ୍ଟର ବ୍ୟାନରରେ ଛାଇ ହୋଇଗଲା ସାରା ସହର । ରାସ୍ତାଘାଟ ଗଳି କନ୍ଦି କାନ୍ଥ ବାଡ଼ । ଗାଡ଼ିର ଡାକବାଜି ଯନ୍ତ୍ର ଲଗାଇ ଗୀତ, ବାଜଣା, ଭାଷଣ, ସ୍ଲୋଗାନରେ ଚାରିଆଡ଼ ଉଠିଲା ପଡ଼ିଲା । ସାଧାରଣ ଲୋକମାନେ ନେତାମାନଙ୍କ ସହ ମିଶି ଗଣତନ୍ତ୍ର ଉତ୍ସବ ପାଳିବାରେ ମାତିଗଲେ । ଦିଆନିଆ ଖିଆପିଆର ହିସାବ ରହିଲା ନାହିଁ । ଦିନରେ ପ୍ରଚାର ରାତିରେ ଭୋଜି । ନିକମା, ବେକାର, ଖୋସା ମତିଆଙ୍କର ପାଳକ । ପେଟେ ଖାଇଟାଙ୍କେ ପିଇ ରାସ୍ତାରେ ଉଦ୍ଦଣ୍ଡ ନାଚ ନାଚି ଜୟ ଜୟକାର କରି ବୁଲିଲେ ନିଜ ନେତାଙ୍କର । ମଟର ସାଇକେଲରେ ନେତାଙ୍କ ପ୍ରଦତ୍ତ ପେଟ୍ରୋଲ ଭରି ରାଲି କଲେ । ରାସ୍ତାଘାଟରେ ଭିଡ଼ ଜମାଇଲେ ।

ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆଉ ଗୋଟେ ଦିନ ବାକିଥାଏ ପ୍ରଚାର ଶେଷ ହେବାକୁ । ପୁଣିଥରେ ସାରପଡ଼ା ହାଟ ବନ୍ଦ ହେଲା । ଏଥର କାରଣ ସେଠାକାର ନେତାଙ୍କ ସପକ୍ଷରେ ବିଶାଳ ରାଲିର ଆୟୋଜନ ପ୍ରଚାରର ଅନ୍ତିମ ସୋପାନରେ । ବହୁ ଜନ ସମାବେଶ ଏବଂ ସମର୍ଥନ ନିମିତ୍ତ ହାଟ ରହିବ ବନ୍ଦ ।

ଏସବୁକୁ ଅନୁଧ୍ୟାନ କରୁଥିବା ନିରପେକ୍ଷ ଜନସାଧାରଣ ଏବଂ ପ୍ରତିପକ୍ଷ ରାଜନୈତିକ ଦଳ ସ୍ପଷ୍ଟ ଉପଲବ୍ଧି କରୁଥିଲେ ଯେ ସାରପଡ଼ା ହାଟଟି ସମ୍ପୂର୍ଣ୍ଣ ଭାବେ ଗୋଟିଏ ରାଜନୈତିକ ଦଳର ଆୟତ୍ତାଧୀନ । କେବଳ ସେତକ ନୁହଁ ହାଟରୁ ନିୟମିତ ଅସୁଲ ହେଉଥିବା ଅର୍ଥ ବି ତାଙ୍କ ହାତପାଣ୍ଟି । ତେଣୁ ବିରୋଧୀ ଈର୍ଷାନ୍ୱିତ ହେବା ଥିଲା ସ୍ୱାଭାବିକ ।

ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ ହେଲା । ଦୁଇଦିନ ବ୍ୟବଧାନରେ ଭୋଟ୍ ଗଣତି ବି ହୋଇଗଲା । ଫଳାଫଳ ଘୋଷିତ ହେବା ପରଦିନ ସକାଳୁ ହାଟ ପ୍ରବେଶ ପଥକୁ ଲାଗି ବସୁଥିବା ପଇଡ଼ ବିକାଳୀ କାଳିଆ ଜଣେ ଗ୍ରାହକଙ୍କ ପ୍ରଶ୍ନର ଉତ୍ତରରେ ବଡ଼ ଗର୍ବର ସହ କହୁଥାଏ, "ଆମେ ଜିତିଗଲୁ", "ତୁମେ ଅର୍ଥ" ଗ୍ରାହକ ଜିଜ୍ଞାସା କରିବାରୁ ସେ ତା' ଦୋକାନରୁ ଦୁଇଟି ଦୋକାନ ଛାଡ଼ି ଥିବା ରାଜନୈତିକ ଦଳର କାର୍ଯ୍ୟାଳୟକୁ ତର୍ଜନୀ ଦେଖାଇ ଇସାରା କଲା । ତେଣୁ ହାଟଟିକୁ କବ୍‌ଜା କରି ରଖିଥିବା ନେତା ଯେ ପୁଣି ନିର୍ବାଚନ ଜିତି ଯାଇଛନ୍ତି ଏଥିରେ ଆଉ ସନ୍ଦେହ ନଥିଲା ।

ନିର୍ବାଚନ ଫଳାଫଳ ଘୋଷିତ ହେବାର ଦୁଇଦିନ ଉପରାନ୍ତ ସକାଳୁ ଦେଖିବା ବେଳକୁ ପଇଡ଼ ବିକାଳ କାଳିଆ ବସୁଥିବା ପିଣ୍ଡିଟି ଛାତ ସମେତ ଉପାଟିତ ହୋଇ ଯାଇଥାଏ ଜେସିବି ଦ୍ୱାରା । ତାକ ଲାଗି ଆଉ



ଦୁଇଟି ଦୋକାନକୁ ମଧ୍ୟ ଭାଙ୍ଗି ଦିଆ ଯାଇଥାଏ । ତଥାପି କାଳିଆ ସେ ଭଗ୍ନ ସ୍ତୁପ ଆଗରେ ନିଜ ପଇଡ଼ ଧରି ବସିଥାଏ । ବିରସ ବଦନରେ କହୁଥାଏ ରାତାରାତି ମ୍ୟୁନିସିପାଲିଟି ଭାଙ୍ଗିଦେଇଛି ଉଚ୍ଛେଦ କରିବା ଉଦ୍ଦେଶ୍ୟରେ । ତା'ର ପୂର୍ବ ଦର୍ପ ଏବଂ ନିର୍ବାଚନ ଜିତିବାର ଗର୍ବ ଆଉ ପରିଲକ୍ଷିତ ହେଉନଥାଏ । ସେ ଘଟଣାର ତିନି ଚାରିଦିନ ପରେ ଦିନେ ସକାଳୁ ଚାଷୀ ବେପାରୀମାନେ ହାଟକୁ ଆସି ହତଭମ୍ବ ହୋଇଗଲେ । ସେମାନେ ଆସିବା ଆଗରୁ ପୂରା ହଟଟିକୁ ଭାଙ୍ଗି ମାଟିରେ ମିଶାଇ ଦିଆ ଯାଇଥାଏ । ସଶସ୍ତ୍ର ପୁଲିସ ବାହିନୀର ସୁରକ୍ଷା ବଳୟରେ ଜେସିବି ଗୁଡ଼ିକ ଧ୍ୱଂସ ଲୀଳା ଜାରି ରଖିଥା'ନ୍ତି । ଚଢ଼େଇ ବସାରେ ଢମଣା ପଶିବା ପରି ନିଜ ନିଜର ବେପାର ଉଜୁଡ଼ିଯିବା ଦେଖି ସ୍ଥାୟୀ ଦୋକାନୀ ଗୁଡ଼ିକ କାଉଳି ବାଉଳି ହେଉଥାଆନ୍ତି । ନିରବ ନିର୍ବାକ୍ ହୋଇ ଦେଖୁଥା'ନ୍ତି ସେ ଧ୍ୱଂସଲୀଳାକୁ । କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଆକଳନ କରୁଥାଆନ୍ତି ସେମାନଙ୍କ କ୍ଷୟ କ୍ଷତି । ଚିନ୍ତା କରୁଥାଆନ୍ତି ଆଉ କେଉଁ ବିକଳ୍ପ ମାନରେ ସେମାନେ ବିପଣୀ ମେଲାଇ କୁଟୁମ୍ବ ପୋଷିବେ । କେହି କେହି ନିଜ ଆଖିର ଲୁହ ବୁକୁର କୋହ ସମ୍ବରଣ କରି ପାରୁନଥାନ୍ତି । ତାଙ୍କ ଆଖି ଆଗରେ ତାଙ୍କ ପେଟକୁ ଲାତ ମାରି ତାଙ୍କ ଦୋକାନ ଗୁଡ଼ିକୁ ଧୂଳିସାତ କରି ଦିଆ ଯାଉଥାଏ । ଆଳୁ ପିଆଜ ଆଦି ସାମଗ୍ରୀକୁ ଦଳିମକଚି ନଷ୍ଟ କରି ଦିଆ ଯାଉଥାଏ । ଭାଙ୍ଗି ଯାଉଥାଏ ତାଙ୍କର ସ୍ୱପ୍ନ । ଜୀବିକା ନର୍ବାହ କରିବାର ସମ୍ବଳ ଉତ୍ପାଟିତ ହେଉଥାଏ । ସତେ ଯେମିତି ଖାଇବା ଥାଳିରେ ଅଜାଡ଼ି ହୋଇ ପଡୁଥାଏ କୁଢ଼କୁଢ଼ ଇଟା, ସିମେଣ୍ଟ, ଦୂଳି । ଗାଁରୁ ପରିବା ଧରି ଆସିଥିବା ଚାଷୀ ଗୁଡ଼ିକ ଛୁଆ ଦିଆବିରାଡ଼ି ଭଳି ନିଜ ନିଜ ପରିବା ବୁଜୁଳି ଧରି ଇତସ୍ତତଃ ହେଉଥାଆନ୍ତି । କେଉଁଠି ବି ହେଲେ ରାସ୍ତା କଡ଼ରେ ପସରା ମେଲାଇବାକୁ ଅରାଏ ଜାଗା ଖୋଜୁଥାଆନ୍ତି ।

ସମସ୍ତଙ୍କର ଗୋଟିଏ ଅଭିଯୋଗ ଯେ ସରକାରୀ କଳ ବିନା ସତର୍କ କରାଇ ଅତର୍କିତ ଭାବେ ସେମାନଙ୍କ ଦୋକାନଗୁଡ଼ିକୁ ଭାଙ୍ଗି ଦେଇଛି । ସେମାନଙ୍କ ବେଉସା ବୁଡ଼ାଇ ଦେବା ସହ ଗଚ୍ଛିତ ସାମ୍ରଗୀ ଗୁଡ଼ିକ ନଷ୍ଟ କରି ପ୍ରଭୂତ କ୍ଷତି କରିଛି । ଅବଶ୍ୟ ତାଙ୍କୁ ଜଣାଥିଲା ଯେ ଦିନେ ନା ଦିନେ ଏ ହାଟ ଭଙ୍ଗାଯିବ । କାରଣ ନେତାମାନଙ୍କ ଦ୍ୱାରା ଅନଧିକାର ଭାବେ ସରକାରୀ ଜାଗା ଉପରେ ସେମାନଙ୍କୁ ବସାଇ ଦିଆ ଯାଇଥିଲା । ନିୟମିତ ଅର୍ଥ ଆଦାୟ ବି ଚାଲିଥିଲା । ଏସବୁ ସତ୍ତ୍ୱେ ବିରୋଧୀ ରାଜନୈତିକ ଦଳକୁ ଭୋଟ୍ ଦେଇ ଜିତାଇଥିବାରୁ ଆକ୍ରୋଶମୂଳକ ଭାବେ ଏପରି କାର୍ଯ୍ୟାନୁଷ୍ଠାନ ତରବରିଆ ନିଆ ଯାଇଛି ।

ରମା ବି ମନଦୁଃଖ କରି ବସିଥାଏ ଗୋଟିଏ ଗଛ ମୂଳରେ । ଲାଗୁଥାଏ ଯେମିତି କେହି ବନ୍ୟା ପ୍ରପୀଡ଼ିତ କିମ୍ବା ଘର ପୋଡ଼ି ଜନିତ ସର୍ବସ୍ୱ ହରାଇ ଥିବା ଦୁଃଖିନୀଟିଏ । ବିଷର୍ଣ୍ଣ ବଦନରେ କହୁଥାଏ ରାତି ପାହାନ୍ତାରୁ ମୋ ଦୋକାନ ସହ ଗୋଦାମ ଘର ଭାଙ୍ଗି ଦିଆଗଲା । ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହୋଇଗଲା । କିଛି ବି ବାହାର କରିବାକୁ ସମୟ ମିଳିଲା ନାହିଁ । ଘରେ ରୋଗୀଣା ମା', ସ୍କୁଲ ଯାଉଥିବା ସାନ ଭଉଣୀ । ଆମ ପରିବାରର ଏହି ଏକମାତ୍ର ରୋଜଗାରର ପନ୍ଥା । ଜୀବିକା ନିର୍ବାହର ଆଶ୍ରା ଥିଲା । ଏବେ ତ ନିଆଶ୍ରୀ ହୋଇଗଲୁ । କେବେ କେଉଁଠି ଥଇଥାନ ହେବୁ, ପୁଣି ବେପାର ଆରମ୍ଭ କରିବୁ ଜଣା ନାହିଁ । ଆଗ ଅନ୍ୟ ଜାଗାରେ ଥଇଥାନ କରି ସରକାରୀ ଜାଗା ଉପରୁ ଉଚ୍ଛେଦ କରିଥିଲେ ଆମର ଆପତ୍ତି ନଥିଲା । ଏ କଥା କହିବା ବେଳେ ରମାର ଆଖି ଲୁହ ଛଳଛଳ ହୋଇଯିବ । ସ୍ପଷ୍ଟ ଦିଶୁଥାଏ । ପରିବାର ପୋଷଣର ଚିନ୍ତା ତାକୁ ଘାରିଥାଏ ।

ନେତାମାନେ ନିର୍ବାଚନ ଜିତିବାର ଆନନ୍ଦରେ ଶପଥ ଗ୍ରହଣ କରୁଥିଲେ । ବିଶ୍ୱସ୍ତ ତୋଷାମଦିଆଙ୍କ ଗହଣରେ ବିଚାର ବିମର୍ଶ କରୁଥିଲେ କିପରି ନିଜନିଜ ନିର୍ବାଚନ କ୍ଷେତ୍ରରେ ପତିଆରା ବିସ୍ତାର କରିପାରିବେ । ନିର୍ବାଚନରେ ଖର୍ଚ୍ଚ ହୋଇଥିବା ଅର୍ଥ ସୁଧମୂଳ ମିଶାଇ କେଇଗୁଣା ଅସୁଲ କରି ପାରିବେ । ସାରପଡ଼ା ହାଟ ସ୍ଥଳୀରେ ସରକାରଙ୍କ ଦ୍ୱାରା ଉଚ୍ଛେଦ ପ୍ରକ୍ରିୟା ଏବଂ ତଦ୍‌ଜନିତ ଆକ୍ରୋଶକୁ ଦୃଷ୍ଟିରେ ରଖି ଆଗରୁ ହାଟ ମାହାସୁଲ ଆଦାୟ କରୁଥିବା ନେତାଙ୍କର ପିଆଦାମାନେ କାର୍ଯ୍ୟାନୁଷ୍ଠାନ ଭୟରେ ଭୂମିଗତ ହୋଇଗଲେ । ନୀତି, ଅନୀତି ରାଜନୀତିର ପଶାପାଲିରେ ବାଜି ଲାଗିଥାଏ ନିରୀହ ବେପାରୀମାନଙ୍କ ଜୀବନ ଜୀବିକା । ପେଷି ହୋଇ ଯାଉଥାଏ ଗରୀବ ଚାଷୀମାନଙ୍କର ଭାଗ୍ୟ । ସେମାନେ ହରାଇ ଥାଆନ୍ତି ଦୈନନ୍ଦିନ ରୋଜଗାର ପନ୍ଥା ।

ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଚାଷୀ ବେପାରୀମାନଙ୍କ ବ୍ୟତୀତ ସାଧାରଣ ଜନତାଙ୍କ ମୁଖରେ ସ୍ୱାଭାବିକ ପ୍ରଶ୍ନ । ସରକାରୀ ଜାଗାରେ ବର୍ଷବର୍ଷ ଧରି ହାଟ ବସାଇବାକୁ ଉତ୍ସାହିତ କରିଥିଲା କିଏ ? ମାହାସୁଲ ଆଦାୟ ହେଉଥିଲା କେଉଁ ଅଧିକାରରେ ଏବଂ ସେ ଅର୍ଥ ଯାଉଥିଲା କାହା ପକେଟକୁ ? ହାଟ ବସୁଥିବା ବେଳେ ସରକାରୀ ଲୋକେ ଥିଲେ କେଉଁଠି ? ଖାଇବାକୁ ଦେଇ ଅଚାନକ ଥାଳି ଭାଙ୍ଗି ଦେବା କେଉଁ ମାନବିକତା ? ଏଥିରେ କାହାର କେତେ ଲାଭ ହେଲା, କାହାର କେତ କ୍ଷତି ହେଲା ହସାବ ନିକାଶ କରିବାର ବେଳ ଇୟେ ନୁହଁ । ଯାହା ଜଳଜଳ ଦିଶୁଥିଲା ଏ କୃତ୍ରିମ ଦୁର୍ବିପାକରୁ ଅଣ୍ଟା ସଳଖି ଠିଆ ହେବା ପାଇଁ ସେ ହାଟଟି ଉପରେ ନିର୍ଭର କରୁଥିବା ଶହଶହ ବ୍ୟକ୍ତି ବିକଳ ହୋଇ ଏପଟ ସେପଟ ହେଉଥାଆନ୍ତି । ରାସ୍ତାକଡ଼, କାହା ଘର ସାମ୍ନା, ଗଛ ମୂଳଯିଏ ଯେଉଁଠି ପାଇଲେ ଅରାଏ ଜାଗା ଆବୁଡ଼ି ତାଙ୍କ ପସରା ମେଲାଇ ଦେଉଥାଆନ୍ତି । ନହେଲେ ଘରେ ଚୁଲା ଜଳିବ କେମିତି ।

କିଛିଦିନ ଉପରାନ୍ତ ବେପାରୀମାନଙ୍କ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟି ଗୋଚର ହେବାରୁ ନେତାମାନେ ଆସିଗଲେ ସମ୍ବେଦନା ଜଣାଇବାକୁ । ପୁଣି ରାଜନୀତି କରିବାକୁ । ସେମାନକୁ ପୁନଃ ଥଇଥାନ କରିବା ଆଶ୍ୱାସନା ମିଳିଲା । ରାଜନୀତି ତ ଚାଲୁଥିଲା, ଚାଲୁଛି, ଚାଲୁଥିବ । ଉଦ୍‌ବାସ୍ତୁ ହୋଇଥିବା ନିରୀହ ଚାଷୀ ବେପାରୀମାନେ କେତେ ଶୀଘ୍ର କେଉଁଠି ଥଇଥାନ ହୋଇ ପାରିବେ ସମୟ କହିବ ।

# ଶୋଭାମୟୀ ସେବତୀ



# ଶରତ ରାଣୀ
# ସେବତୀ


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, ୨୨୬-ଲକ୍ଷ୍ମୀସାଗର
କଟକ ରୋଡ, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ: ଗୁଗୁଲ/ଲେଖିକା

## ସେବତୀର ପରିଚୟ

ଶରତ ଋତୁରେ ପ୍ରକୃତିକୁ ଶୋଭାମୟ କରୁଥିବା ସଂସାରର ସୁବୁଠୁ ସୁନ୍ଦର ଓ ମନୋହର ଫୁଲ ହେଉଛି ସେବତୀ । ଯଦିଓ ଚୀନ୍‌କୁ ଏହାର ମୂଳ ଉତ୍ପତ୍ତି ସ୍ଥଳ କୁହାଯାଏ । ପୂର୍ବ ଏସିଆ ହିଁ ସେବତୀର ପ୍ରାଣକେନ୍ଦ୍ର ଓ ୟୁରୋପକୁ ସ୍ଥାନାନ୍ତରଣ କରିଥିବା ପ୍ରଥମ ଦେଶ । ୧୭୮୦ରେ ଫ୍ରାନ୍ସର ଜଣେ ଉଦ୍ଭିଦବିଜ୍ଞାନୀ ସେଲ୍ସ (ଉରକ୍ଷସ୍ୱ) ଇଂଲଣ୍ଡର ବିଶ୍ୱବିଖ୍ୟାତ ଉପବନ କ୍ୟୁ (କରଙ୍ଗ) ଠାରେ ସେବତୀକୁ ପ୍ରଥମେ ରୋପଣ କରିଥିଲେ । ସେବତୀର ସୁନ୍ଦର ରୂପ, କୀଟନାଶକ ପଦାର୍ଥ ଅର୍ଥାତ୍ ପାଇଥ୍ରୋମ୍ ରହୁଥିବା କାରଣରୁ ସେବତୀ ବହୁଳ ଭାବେ ବିସ୍ତାର ହେବାକୁ ଲାଗିଲା । ସେହି ସମୟର ୧୫୦ ପ୍ରଜାତିରୁ ଅଧିକ ୟୁରୋପ, ଆମେରିକା, ଆଫ୍ରିକା ତଥା ଏସିଆ ମହାଦେଶର ଦ୍ୱୀପଗୁଡ଼ିକରେ ମୁଖ୍ୟ ରୂପେ ଦେଖିବାକୁ ମିଳିଲା । ଏହିସବୁ ପ୍ରଜାତି ମଧ୍ୟରୁ ଉପବନରେ ଲଗାଯାଇଥିବା ସେବତୀକୁ 'କ୍ରାଇସେନ୍ଥିକମ୍' କୁହାଯାଏ । ଏହା ଏକ ଶାକ ଶ୍ରେଣୀୟ ଉଦ୍ଭିଦ, ସେବତୀର ମୂଳ ହିଁ ଫୁଲଗୁଡ଼ିକର ଶାଖା ଓ ଷ୍ଟମ୍ ନରମ, ସିଧା ଏବଂ ବେଳେବେଳେ ଲୋମଯୁକ୍ତ ହୋଇଥାଏ । ପତ୍ରଗୁଡ଼ିକ ଅଲଟରନେଟ୍ (ଏପାଖସେପାଖ) ଓ ମସୃଣ କିନ୍ତୁ ସେଗୁଡ଼ିକର ମୂଳ କଟା କଟା ହୋଇଥାଏ । ଫୁଲ ଫୁଟିବା ପରେ ବହୁତ ଗୁଡାଏ ଫୁଲ ଲଦି ହେବା ଭଳି ସେବତୀର ଅଗ୍ରଭାଗ ଫୁଲ ଗୁଚ୍ଛ ପରି ହୋଇଥାଏ । ଡାଳର ନିମ୍ନଭାଗରୁ ବି ଫୁଲ ବା କଢ଼ି ଅଙ୍କୁରିତ ହୋଇ ପୁଷ୍ପଗୁଚ୍ଛ ଉତ୍ପନ୍ନ ହୁଏ । ଯାହା ସାମୂହିକ ଭାବରେ ଏକ କୋରମ୍ବ ସୃଷ୍ଟି କରେ, ଯାହା ହେଟେରୋଜାଇଣ୍ଡ ଏବଂ ରଶ୍ମି ହୋଇଥାଏ । ରଶ୍ମିଫୁଲଗୁଡ଼ିକ ମାଦା (ସ୍ତ୍ରୀ ଫୁଲ) ଏବଂ କ୍ରମାଗତ ଭାବେ ସେମାନଙ୍କର ଜିହିକା ବା କେଶର ଧଳା, ହଳଦିଆ, ନୀଳ କମ୍ବା ଗୋଲାପୀ ହୋଇଥାଏ । ବିମ୍ବପୁଷ୍ପଗୁଡ଼ିକ ଉଭୟଲିଙ୍ଗ ଓ ନଳୀ ସଦୃଶ ହୋଇଥାଏ, ଏହାର ଦଳଚକ୍ର, ଯୁକ୍ତଦଳ ଓ ଉର୍ଦ୍ଧ୍ୱକୁ ଗଲାପରେ ଚାରି ପାଞ୍ଚ ଭାଗରେ ବିଭକ୍ତ ହୋଇଥାଏ । ନିମ୍ନକୁ ରହିଥିବା ଇନ୍‌ଭୋକୁକ୍ରାଲ୍ ବ୍ରାକ୍ଟ ଗୁଡ଼ିକ ସଂଲଗ୍ନ ଓ ବହୁ କ୍ରମିକ ହୋଇଥାଏ । ଭିତର ପାଖୁଡାଗୁଡାକ ରସାତ୍ମକ ଏବଂ ବାହ୍ୟ ପତ୍ରଗୁଡ଼ିକ ଛୋଟ ଓ ପ୍ରାୟତଃ ରଙ୍ଗୀନ ଧଡ଼ିଯୁକ୍ତ ହୋଇଥାଏ । ପରାଗ କୋଷର ନିମ୍ନଭାଗ ଗୋଲାକାର ଓ ଫଳ ଏକା ପ୍ରକାର ହୋଇଥାଏ । ସେବତୀକୁ 'ଶରତ ରାଣୀ' କୁହାଯାଏ । ମାଳା ପ୍ରସ୍ତୁତ କରିବାରେ ସେବତୀ ଖୁବ୍ ଆଦରଣୀୟ । ଜାପାନରେ ସେବତୀକୁ ରାଜବୈଭବର ପ୍ରତୀକର ମାନ୍ୟତା ଦିଆଯାଏ । ତେଣୁ ସେବତୀ ଜାପାନ୍‌ର ଜାତୀୟ ଫୁଲ । ଭାରତର ବହୁ ସ୍ଥାନରେ ସେବତୀର ଚାଷ କରାଯାଏ । ସେଥିମଧ୍ୟରୁ ତାମିଲ୍‌ନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ପ୍ରଥମ । ସେବତୀ ଦୀର୍ଘାୟୁ କାୟାକଳ୍ପ ଏବଂ ଏବଂ କୁଳୀନତାର ପ୍ରତିନିଧିତ୍ୱ କରିଥାଏ । ସେବତୀ ସଦ୍‌ଭାବନାର ପ୍ରତୀକ । ଚୀନ୍ ଓ ଜାପାନରେ ମାଟି ପାତ୍ର, କିପୋନୀ ଏବଂ ଓବିସି ସହିତ ଜାପାନର ୫୦ ୟେନ୍ ସିକ୍କା (ପଇସା)ରେ ଦେଖିବାକୁ ମିଳେ ସେବତୀ ।

## ବିବରଣୀ

ବିଭିନ୍ନ ଚମକ୍ରୃତ କଳା ଭଳି ରଙ୍ଗ ଯଥା - ନାଲି, ନୀଳ ଗୋଲାପୀ, ଧଳା, ହଳଦିଆ, ବାଇଗଣୀ ସବୁ ପ୍ରକାର ସୁନ୍ଦର ରଙ୍ଗରେ ଆକୃଷ୍ଟ କରିଥାଏ ସେବତୀ । ଏହା ଏକ ଅଳଙ୍କରଣ ଉଦ୍ଭିଦ, ଯାହା ବାଲକୋନୀ, ବଗିଚାଠୁ ଆରମ୍ଭ କରି କ୍ଷେତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏକ ଆକର୍ଷକ ଫୁଲ । ସେବତୀର ଅନେକ ପ୍ରଜାତି ଯଦିଓ ବାରମାସୀ, କିନ୍ତୁ ସେବତୀ ଶରତରେ ହିଁ ଅଧିକ ଫୁଲ ଫୁଟାଇଥାଏ । ସେଥିପାଇଁ ତାକୁ 'ଶରତ ରାଣୀ' କୁହାଯାଏ । ପୂର୍ବ ଏସିଆର ବିଭିନ୍ନ କଳା ଭାସ୍କର୍ଯ୍ୟରେ ସେବତୀକୁ ଦେଖିବାକୁ ମିଳେ । ସେବତୀକୁ ପ୍ରେମ, ନିଷ୍ଠା, ଖୁସି, ଦୀର୍ଘାୟୁ ଏବଂ ଆନନ୍ଦରେ ପ୍ରତୀକ ଭାବେ ବିବେଚନା କରାଯାଏ । ସେବତୀକୁ କୁହାଯାଏ 'କ୍ରାଇସେନ୍ଥିମସ୍' । ଏହି ଶବ୍ଦଟିର ମଧ୍ୟ ଏକ ମହତ୍ତ୍ୱ ରହିଛି । ଏହି ଶବ୍ଦଟି ପ୍ରାଚୀନ ଗ୍ରୀକ୍ ଶବ୍ଦ 'କ୍ରାଇସସ୍' (ସ୍ୱର୍ଣ୍ଣ) ଏବଂ 'ଏନ୍ଥୋମସ୍' (ଫୁଲ)ରୁ ଆସିଛି, ଯାହାର ଅର୍ଥ 'ସ୍ୱର୍ଣ୍ଣଫୁଲ' । ସେବତୀ ବଡ଼ ଫୁଲ ଓ ଛୋଟ ଫୁଲ ଦୁଇ ପ୍ରକାରର ଦେଖିବାକୁ ମିଳେ । ବଡ଼ ଫୁଲ ପ୍ରକାରରେ ରହିଛି କସ୍ତୁରବା ଗାନ୍ଧୀ (ଧଳା), ଚନ୍ଦ୍ରମା (ହଳଦିଆ), ମହାତ୍ମା ଗାନ୍ଧୀ (ବାଇଗଣୀ) ମୀରା, ତାମ୍ର ଏବଂ ଅରୁଣ (ଲାଲ) । ଛୋଟ ଫୁଲ ପ୍ରକାରରେ ରହିଛି ଶରତ ମୁକ୍ତା ଶରତ ତନାକା, ଶରଦ ମାଲା (ଧଳା) ଶରଦ ବିହାର, ଶରଦ ପ୍ରଭା (ବାଇଗଣୀ) ରାଖି, ଅରୁଣ ଶୃଙ୍ଗାର, ସୁହାଗ ଶୃଙ୍ଗାର (ଲାଲ) । ଏହା ବ୍ୟତୀତ ସେବତୀର ସଙ୍କରୀକରଣ ଦ୍ୱାରା ଉତ୍ପନ୍ନ କିଛି ପ୍ରକାର ରହିଛି - ଶାନ୍ତି, ସଦ୍‌ଭାବନା, କାରଗିଲ୍ ୯୯, ଓ୍ୱାଇଁ ଟୁକେ ଇତ୍ୟାଦି । ବିନା ପିଚିଂ ପ୍ରକାର ସେବତୀ ହେଉଛି ଅଙ୍କିତା ଓ କୋଭାନ୍ । ଜାନୁଆରୀରେ ଫୁଟୁଥିବା ସେବତୀ ଦୁଇ ପ୍ରକାରର 'ଜ୍ୱାଲା' ଓ 'ଜ୍ୟୋତି' ଯାହା ଗ୍ରୀଷ୍ମରେ ବି ଗୁଚ୍ଛ ହୋଇ ଫୁଟିଥାଏ, ଫେବୃୟାରୀରେ ଫୁଟେ 'ବର୍ଷା, ମେଘଦୂତ', ମାର୍ଚ୍ଚରେ 'ଶାରଦା, ଶରଦ, ଶୋଭା, ଜୟା', ସେପ୍ଟେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ 'ଶାଲିନୀ ଓ କେସ୍କେଡ୍' ପ୍ରଜାତିର ସେବତୀ ଭରପୁର ଫୁଟିଥାଏ । ଋତୁ ଅନୁସାରେ ସେବତୀର ବିଭିନ୍ନ ପ୍ରକାର ଫୁଲ ପ୍ରକୃତିକୁ ଶୋଭାମୟ କରିଥାଏ । ସେବତୀ କେବଳ ବିଭିନ୍ନ ରଙ୍ଗର ନୁହେଁ, ବିଭିନ୍ନ ଆକାରର ମଧ୍ୟ ଦେଖାଯାଇଥାଏ ।



▲ ଲେଖିକା ଶ୍ୱେତା ରାଉତ

## ସେବତୀର ଇତିହାସ

ଚୀନର ଜଣେ ଦାର୍ଶନିକ କହିଥିଲେ ଯଦି ଆପଣ ଜୀବନ ଭରି ଖୁସି ରହିବାକୁ ଚାହାଁନ୍ତି, ତେବେ ସେବତୀ ଫୁଲର ଗଛ ଲଗାନ୍ତୁ ବାସ୍ତବରେ ସେବତୀ ଆନନ୍ଦ ଦେଉଥିବା ଓ ଖୁସି ଭରି ଦେଉଥିବା ଫୁଲଟିଏ । ବିଶ୍ୱର ଯେକୌଣସି ପ୍ରାନ୍ତରେ ସେବତୀ ଦେଖିବାକୁ ମିଳେ । ଖ୍ରୀଷ୍ଟପୂର୍ବ ୧୫ ଶତାବ୍ଦୀରେ ଚାଇନାରେ ସେବତୀ କାହାଣୀ ଆରମ୍ଭ ହୋଇଥିଲା ଯେଉଁଠି ସେବତୀ ଚାଷ କରାଯାଉଥିଲା । ଏହା ମୁଖ୍ୟତଃ ରୋଷେଇ ଭାବରେ ବ୍ୟବହୃତ ହେଉଥିଲା । ସେବତୀର ପାଖୁଡା ଓ ଅଙ୍କୁରିତ ଛୋଟ ପତ୍ରକୁ ସାଲାଡରେ ବ୍ୟବହୃତ ହେଉଥିଲା ଓ ଚ଼ ପ୍ରସ୍ତୁତ କରି ଦିଆଯାଇଥିଲା । ଚୀନ୍‌ର ଲୋକମତ କହେ ଯେ ଜୀବନର ଶକ୍ତି ଥାଏ ସେବତୀରେ ଓ କିମ୍ବଦନ୍ତୀ ଅନୁସାରେ ଏହାର ଚେର ଔଷଧୀୟ ଉପଯୋଗରେ ବ୍ୟବହାର କରାଯାଏ । ସେବତୀକୁ ଚୀନ୍‌ରେ ଚୁ' କହିଥାନ୍ତି ଓ ଏହି ନାମାନୁସାରେ ଏକ ସହରର ନାମ ରହିଛି 'ଚୁ-ଦିୟେନ୍' । ଯାହାର ଅର୍ଥ ସେବତୀର ସହର । ଷଷ୍ଠରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ସେବତୀ ଜାପାନ୍‌ରେ ଦେଖାଯାଇଥିଲା । ସେତେବେଳେ ଜାପାନ୍ ଚୀନ୍, ସଂସ୍କୃତି ଦ୍ୱାରା ବହୁତ ପ୍ରଭାବିତ ହେଉଥିଲା ଏବଂ ସେମାନେ ଏହି ଫୁଲ ଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ ସେମାନେ ଏହାକୁ ସାମ୍ରାଜ୍ୟର ମାନ୍ୟତା ଦେଇଥିଲେ । ସେବତୀକୁ ଜାପାନରେ 'କିକୁ' ନାମରେ ଜାଣନ୍ତି ଓ ସେଠାରେ ଏହାକୁ ସମ୍ରାଟଙ୍କ କ୍ରେଷ୍ଟ ଏବଂ ଅଫିସିଆଲ୍ ସିଲ୍ ଭାବରେ ଗ୍ରହଣ କରାଯାଇଥିଲା । କିନ୍ତୁ ଏହା ମଧ୍ୟ ସାଜସଜ୍ଜାର ସର୍ବୋଚ୍ଚ ସ୍ତର, ଯାହାକୁ ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ ଦେବାବେଳେ ସେବତୀର ଗୁଚ୍ଛ ସମ୍ମାନ ଓ ଅଧିକାରୀଙ୍କ ମୋହର ଭାବେ ପ୍ରଦାନ କରାଯାଏ । ଯଦିଓ ଟେକ୍ନିକାଲ୍ ଅର୍ଡରରେ କେବଳ ଗୋଟିଏ ଶ୍ରେଣୀ ଅଛି, ଏହାକୁ କଲର ସହିତ ଅର୍ଥାତ୍ ଏକ ଶୃଙ୍ଖଳାରେ କିମ୍ବା ଗ୍ରାଣ୍ଡ ସର୍କଲେଟ୍ ସହିତ ପୁରସ୍କୃତ କରାଯାଇଥାଏ । ଜାପାନ ରାଜ ପରିବାର ବ୍ୟତୀତ କେବଳ ଛଅ ଜଣ ଜାପାନୀ ନାଗରିକଙ୍କୁ ତାଙ୍କ ଜୀବନ କାଳ ଭିତରେ କଲର ବା ସର୍ବୋଚ୍ଚ ସମ୍ମାନ ପାଇଁ ସେବତୀରେ ସଜା ଯାଇଥିଲା । ଜାପାନରେ ସେବତୀ ଫୁଲ ପାଇଁ ଏକ ରାଷ୍ଟ୍ରୀୟ ଦିବସ 'ଗୁଲ୍‌ଦାଉଦୀ ଦିବସ' ପାଳନ କରାଯାଏ । ଜାପାନର ପାଞ୍ଚଟି ମୁଖ୍ୟ ପର୍ବରୁ ଏହା ଗୋଟିଏ । ସେପ୍ଟେମ୍ବର ୯ ତାରିଖ ଏହି ପର୍ବ ପାଳନ କରାଯାଏ, ଯାହାକୁ ଖୁସିର ପର୍ବ ଭାବେ ବିବେଚନା କରାଯାଏ ।



ସେବତୀର ଇତିହାସ ବହୁ ବ୍ୟାପକ । ସପ୍ତଦଶ ଶତାବ୍ଦୀ ସମୟରେ ମର୍ସିଲର ଏକ ଫ୍ରାନ୍ସ ବ୍ୟାପାରୀ ପିଅରେ ଲୁଇସ୍ ବ୍ଲେଙ୍କର୍ଡ୍ ଚୀନ୍‌ରୁ ତିନୋଟି ପ୍ରଜାତିର ସେବତୀ ନେଇ ପଶ୍ଚିମ ଦେଶ ତାଙ୍କ ନିଜ ବଗିଚାରେ ଲଗାଇଲେ ଓ କେବଳ ଗୋଟିଏ ମାତ୍ର ପ୍ରଜାତି ବଞ୍ଚିଥିଲା ଯାହାକୁ 'ଓଲ୍ଡ ପରପଲ' (Old purple) କୁହାଯାଏ । ଦୁର୍ଭାଗ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ୟୁରୋପ ଦେଶ ସେବତୀକୁ ମୃତ୍ୟୁର ପ୍ରତୀକ ଭାବେ ବିବେଚନା କରି ଅନ୍ତ୍ୟେଷ୍ଟି ସମୟରେ ସାଜସଜ୍ଜା ପାଇଁ ଏହାକୁ ବ୍ୟବହାର କଲେ । ସେବତୀକୁ କବର ଉପରେ ସଜାଇ ଏକ ସ୍ମାରକୀ ଭାବେ ଗ୍ରହଣ କଲେ, କିନ୍ତୁ ସେବତୀ ସେଇଠି ରହିଯାଇ ନଥିଲା । ଆମେରିକାରେ ସମସ୍ତଙ୍କ ପ୍ରିୟ ଥିଲା । ସେବତୀର ଲୋକପ୍ରିୟତା ବଢ଼ିବା ସହିତ ଏସିଆ ଓ ଭାରତରେ ସେବତୀ ସବୁ ସ୍ଥାନରେ ସବୁ ପ୍ରକାର ରଙ୍ଗ, ରୂପ ସୌନ୍ଦର୍ଯ୍ୟ ନେଇ ସମସ୍ତଙ୍କୁ ଆକୃଷ୍ଟ କରୁଥିବାରୁ ସେବତୀକୁ 'ଶରତ ରାଣୀ' ଆଖ୍ୟା ମିଳିଲା । ଧଳା ଓ ହଳଦିଆ ରଙ୍ଗର ସେବତୀ 'ପିନାକୋଲାଡା' ପ୍ରଜାତିକୁ ୨୦୧୨ ଓ ୨୦୧୩ ମସିହାରେ 'ସଂଯୋଗପୂର୍ଣ୍ଣ' ଭାବେ ବିକଶିତ କରାଗଲା । ୨୦୧୬ ମସିହାରେ ଏହି ଫୁଲ ବଜାରର ଚାହିଦା ବଢ଼ାଇଲା । ହାଇବ୍ରିଡିଂ କରାଯାଉଥିବା ସେବତୀର ବଡ଼ ବଡ଼ ଫୁଲ ଭିତରେ କେଶରରେ ନର ଓ ମାଦା (ସ୍ତ୍ରୀ) ଉଭୟ ଭାଗ ରହିଥାଏ, ଯାହା ଫୁଲର ପ୍ରଜନନ କରିଥାଏ ଓ ମଞ୍ଜି ପ୍ରସ୍ତୁତ କରିଥାଏ ।



## ବିଭିନ୍ନ ନାମରେ ସେବତୀ

ଜାପାନର ରାଷ୍ଟ୍ରୀୟ ଫୁଲ ସେବତୀର ବନସ୍ପତିକ ନାମ - କ୍ରିଜାନ୍ଥିମମ୍ । ଭାରତରେ ସେବତୀକୁ 'କ୍ରିଜାନ୍ଥିମସ ଇଣ୍ଡିକମ୍' କୁହାଯାଏ । ଭାରତରେ ହିନ୍ଦୀ କ୍ଷେତ୍ର ବା ଉତ୍ତରରେ 'ଗୁଲଦାଉଦୀ', ପୂର୍ବାଞ୍ଚଳରେ 'ଚନ୍ଦ୍ରମଲ୍ଲିକା', ଦକ୍ଷିଣାଞ୍ଚଳରେ ସାମନ୍ତୀ ଏବଂ ପଶ୍ଚିମାଞ୍ଚଳ ରାଜ୍ୟମାନଙ୍କରେ 'ଶେବନ୍ତୀ' କୁହାଯାଏ । ମରାଠାରେ - ସେଇଟୀ, ସେବନ୍ତୀ, ବଙ୍ଗାଳୀ - ଚନ୍ଦ୍ରମଲ୍ଲିକା, ଗୁଜୁରାଟୀ - ଗୁଲଦାଉଦୀ- ଗୁଲ୍‌ଦାବରୀ, କନ୍ନଡରେ- ସାବନ୍ତୀ, ସାଇଣ୍ଟିପେ, ସେବନ୍ତିକି, ମଣିପୁରୀ, ଚନ୍ଦ୍ରମୁଖୀ ନେପାଳ - ଗୋଦାବରୀ, ସଂସ୍କୃତିରେ - ବହୁ ପତ୍ରିକା, ଭ୍ରିଙ୍ଗବଲ୍ଲଭ, ବ୍ରିଘେଷ୍ଟା, ଚାରୁ କେଶର, ଶତପତ୍ରି, ତାମିଲ୍ - ସମାନ୍ଦି, ଜଲାଣ୍ଡି, ଅକରକରମ, ତେଲଗୁ- ଚାମୁଣ୍ଡି, ଚଳନ୍ତି, ଉର୍ଦ୍ଦୁ - ଗୁଲଦାଉଦୀ, ପଞ୍ଜାମ- ବାଗୋର, ଗୋନ୍ଦୀ, ମାଲାୟଲମ୍-ଚେବନ୍ତୀ, ଆରବିକ୍ - ନସରୀନ, ଓଡ଼ିଆ - ସେବତୀ

– ଚୀନ୍ –ଚୁ, ଜାପାନ – କେକୁ ଓ ଇଂରାଜୀରେ ମସ୍କ ଓ ଗ୍ଲୋରୀ ଅଷ୍ଟ କହିଥାନ୍ତି । ସେବତୀକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଜାଣିଲେ ମଧ୍ୟ ସେବତୀର ଏକ ମନମୁଗ୍ଧକର ନାମ ରହିଛି 'ଶରତ ରାଣୀ', 'ଶରତ ଶୋଭା', ଶତପତ୍ରୀ ଇତ୍ୟାଦି ।



## ସେବତୀର ପ୍ରଜାତି ଓ ପ୍ରକାର

ପ୍ରାକୃତିକ ଭାବେ ସେବତୀ ପ୍ରଥମେ ୪୦ଟି ପ୍ରଜାତିର ଥିଲା ଓ ବନସ୍ପତି ବୈଜ୍ଞାନିକମାନଙ୍କ ଦ୍ୱାରା ଏହାର ନାମକରଣ କରା ଯାଇଥିଲା 'କ୍ରିସାନ୍ଥିମମ୍' । ଏହା ଆଷ୍ଟରେସିଆ ପରିବାର ଅନ୍ତର୍ଭୁକ୍ତ । ସଙ୍କରୀକରଣ ଦ୍ୱାରା ଭାରତ ଯେଉଁ ସେବତୀ ଉତ୍ପନ୍ନ କରିଥିଲା, ଆମେ ତାକୁ କ୍ରିସାନ୍ଥମମ୍ ଇଣ୍ଡିକମ୍ ନାମରେ ଜାଣୁ । ଯଦିଓ ସେବତୀ ବିଶ୍ୱସ୍ତରରେ ଖୁବ୍ ବିସ୍ତିର୍ଣ୍ଣ ପରିଚୟ ରଖିଥାଏ, ଆମେ କିନ୍ତୁ ଭାରତୀୟ ସେବତୀ (କ୍ରିସାନ୍ଥମମ୍ ଇଣ୍ଡିକମ୍) ଉପରେ ଆଲୋକପାତ କରିବା । ଭାରତୀୟ ସେବତୀ (କ୍ରିସାନ୍ଥମମ୍ ଇଣ୍ଡିକମ୍) ଉପରେ ଆଲୋକପାତ କରିବା । ଭାରତୀୟ ସେବତୀ ତା'ର ମୂଳ ୪୦ଟି ପ୍ରଜାତି ସହିତ ପ୍ରାୟ ୨୦,୦୦୦ ସଙ୍କରୀ ପ୍ରଜାତି ସହିତ ଭାରତୀୟ ବଜାରରେ ଖୁବ୍ ଲୋକପ୍ରିୟ ହୋଇପାରିଛି ଏବଂ ସେବତୀକୁ ୧୩ଟି ଭାଗରେ ବର୍ଗୀକରଣ କରାଯାଇଛି ଯଥା- ଅନୀୟମିତ ବକ୍ର, ପ୍ରତିବିମ୍ବ, ନିୟମିତ ଇଙ୍କର୍ଷ, ସଜାବଟୀ (ଅଳଙ୍କରଣ) ଇଣ୍ଟରମିଡିଏଟ୍ ଇଙ୍କର୍ଷ, ପୋମ୍ପୋନ୍, ଏକଳ ଏବଂ ସେ ଡବଲ, ଆନିମୋନ୍, ଚାଟମ, କ୍ୱିଲ୍ ସ୍ପାଇଡର, ବ୍ରଶ ଏବଂ ଥିଷ୍ଟଲ, ଅସ୍ୱାଭାବିକ ଇତ୍ୟାଦି ଭାରତୀୟ ସେବତୀର ମୁଖ୍ୟ କେତୋଟି ସୁନ୍ଦର ପ୍ରଜାତି ଉପରେ ଆଲୋକପାତ କରିବା ।

## ଏଲୋଇସ୍ ପିଙ୍କ୍ (Yellowish Pink)

ଏଲୋଇସ୍ ପିଙ୍କ୍ ଏକ ସୁନ୍ଦର ସେବତୀ ଫୁଲ । ଏହି ଉଦ୍ଭିଦ ବଡ଼ ବଡ଼ ଫୁଲ ସହିତ ବୁଦା ଭଳି ଝଙ୍କାଳିଆ ହୋଇଥାଏ । ଏହାର ରଙ୍ଗ ଆକର୍ଷକ ହାଲୁକା ଗୋଲାପୀ ରଙ୍ଗ । ଏହି ଫୁଲଗୁଡ଼ିକୁ ଇଙ୍କର୍ବ ବଗରେ ବିବେଚନା କରାଯାଏ ଓ ଏହା କିଛି ମାତ୍ରାରେ ଗ୍ଲୋବ୍ ଭଳି ଆକୃତିର ଓ ପାଖୁଡ଼ା ଗୁଡ଼ିକର ଅଗ୍ରଭାଗ ମୋଡି ହୋଇ ରହିଥାଏ । ଏଲୋଇସ୍ ପିଙ୍କ୍ ପ୍ରଜାତିର ଅନେକ ପ୍ରକାର ସେବତୀ ରହିଛି ।



## ଆନାସ୍ତାସିଆ ଗ୍ରୀନ୍ (Anasthasia Green)

ଏହି ପ୍ରଜାତିର ସେବତୀ ଫୁଲ ଅସାମାନ୍ୟ ହାଲୁକା ସବୁଜ ରଙ୍ଗର ହୋଇଥାଏ । ଏହି ଫୁଲର ପାଖୁଡାଗୁଡ଼ିକ ପତଳା ଫାଙ୍କା ଫାଙ୍କା ଟ୍ୟୁବ୍ ଭଳି ହୋଇଥିବାରୁ ଏହାକୁ କ୍ୱିଲ୍ କୁହାଯାଏ ଓ ଏହା ଏକ ଅଦ୍ଭୁତ ସୌନ୍ଦର୍ଯ୍ୟ ପ୍ରଦାନ କରେ । ଫୁଲଗୁଡ଼ିକ ବଡ଼ ବଡ଼ କଟା କଟା ହୋଇଥାଏ ଓ ଅନ୍ୟ ରଙ୍ଗ ସହ ମିଶିଲେ ଆହୁରି ସୁନ୍ଦର ଦିଶେ । ଆନାସ୍ତାସିଆ ଗଛଗୁଡ଼ିକ ଖୁବ୍ ଶୀଘ୍ର ବଢିଥାଏ । ଏହା ବାରମାସୀ ହୋଇଥିବାରୁ ବସନ୍ତ ଆରମ୍ଭରେ ପତ୍ରଛଡା ସମୟରେ ବି ଭଲ ଫୁଟିଥାଏ ।

## ବୋଲେରୋ (Bolero)

ବୋଲେରୋ ଗାଢ଼ ହଳଦିଆ ରଙ୍ଗର ସେବତୀ ଫୁଲ । ଏହାର କେନ୍ଦ୍ର ହଳଦିଆ ଓ ଆପ୍ରିକେଟ୍ ହଳଦିଆ ହୋଇଥାଏ । ଏହି ପ୍ରଜାତି ପ୍ରଚୁର ଫୁଲ ଫୁଟିବା ସହିତ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ଓ ଝୁରା ଫୁଲ ପ୍ରସ୍ତୁତ କରେ । ଘନ ଓ ଗହଳିଆ ରୂପରେ ଉଠୁଥିବା ଏହି ସେବତୀ ଗ୍ରୀଷ୍ମ ଶେଷରୁ ଶରତ ପର୍ଯ୍ୟନ୍ତ ଫୁଟିଥାଏ । ଏହା ଟିକେ ଛୋଟ କିସମ୍ ଏବଂ ସୀମାର ଧାରରେ କିମ୍ବା ଅନ୍ୟାନ୍ୟ ବାରମାସୀ ଉଦ୍ଭିଦ ମଧ୍ୟରେ ଏକ ଗୋଷ୍ଠୀରେ ଲଗାଇଲେ ସୁନ୍ଦର ଦିଶେ ।

## କ୍ଲାରା କର୍ଟିସ୍ (Clara Kartics)

ଡେଜି ଭଳି ଗୋଲାପୀ ଫୁଲ ଦେଉଥିବା ଏହା ସେବତୀର ଆଉ ଏକ ପ୍ରଜାତି ଏହାର କେନ୍ଦ୍ର ରଙ୍ଗ ହଳଦିଆ ଓ ଏକକ ଶ୍ରେଣୀୟ ଫୁଲ ହୋଇଥାଏ । କ୍ଲାରା କର୍ଟିସ୍ ଖୁବ୍ ଆକର୍ଷକ ଓ କଟା ଫୁଲ ଦେଉଥିବା ସେବତୀ, ଯାହା ବାରମାସୀ ହୋଇଥାଏ । ଏହାକୁ ବଡ଼ କୁଣ୍ଡରେ ଲଗାଇଲେ ଭଲ ଲାଗେ । ଏହି ସେବତୀ ଅଳଙ୍କରଣ ଫୁଲ ଭଳି ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରେ । ଗ୍ରୀଷ୍ମ ପରେ ପରେ ଓ ପତ୍ରଝଡା ପର୍ଯ୍ୟନ୍ତ ପ୍ରଚୁର ଫୁଟିଥାଏ ।

## ଫାୟାର ଗ୍ଲୋ କାଂସ୍ୟ (Fair glow Kangsya)

ଏହି ପ୍ରଜାତିର ସେବତୀ ଦେଖିବାକୁ ଖୁବ୍ ଭବ୍ୟ ଓ ଆଲୌକିକ ମନେହୁଏ । ଗେରୁଆ ରଙ୍ଗ ସୁନେଲି ଓ ହଳଦିଆ ରଙ୍ଗ ମିଶ୍ରିତ ଏହି ଫୁଲ୍ ଖୁବ୍ ଉଜ୍ଜ୍ୱଳ ଓ ଆକର୍ଷକ ଅଳଙ୍କରଣ ଫୁଲ । ବାରମାସୀ ହୋଇଥିବାରୁ ଏହାକୁ ଆପଣ ବଗିଚାରେ ଲଗାଇପାରିବେ କିମ୍ବା କୁଣ୍ଡରେ ମଧ୍ୟ ପୂର୍ଣ୍ଣ ସୂର୍ଯ୍ୟ ଓ ଆଂଶିକ ଛାୟା ପଡୁଥିବା ସ୍ଥାନରେ ଲଗାଇ ପାରିବ ।

## ପୋଟା (Pota)

ଏହା ପୋମ୍ପୋମ ଶ୍ରେଣୀୟ ବାରମାସୀ ଫୁଲ ଏହି ସେବତୀରେ ପ୍ରଚୁର ପାଖୁଡ଼ା ଥାଏ ଓ ଗୋଲାକାର ହୋଇଥାଏ । ଏହାର ରଙ୍ଗ ଗୋଲାପୀ ଓ କେନ୍ଦ୍ରର ରଙ୍ଗ ଗାଢ ଗୋଲାପୀ ହୋଇଥାଏ । ଗଛଟି ଖୁବ୍ ଗହଳିଆ ଓ ଯେକୌଣସି ସ୍ଥାନରେ ଭଲ ବଢିପାରେ । ବଗିଚାର ସୌନ୍ଦର୍ଯ୍ୟକରଣ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ ।

## ହିଲ୍‌ସାଇଡ୍ ସେଫିଲ୍ ପିଙ୍କ୍ (Hil Side Sefil Pink)

ଏହି ସେବତୀ ଏକକ ଶ୍ରେଣୀୟ ଶାକାହାରୀ ଉଦ୍ଭିଦ । କେନ୍ଦ୍ରରେ ହଳଦିଆ ଓ ପାଖୁଡ଼ାଗୁଡ଼ିକ ସେଲମନ ପିଙ୍କ୍ (ଗୋଲାପୀ) ହୋଇଥାଏ । ସମ୍ପୂର୍ଣ୍ଣ ସୂର୍ଯ୍ୟ କିରଣ ଆବଶ୍ୟକ କରୁଥିବା ଏହି ସେବତୀ କମ୍ ରକ୍ଷଣାବେକ୍ଷଣରେ ବି ଭଲ ବଢିପାରେ ଏବଂ ଛଟାଇର ଆବଶ୍ୟକତା ନଥାଏ । ବର୍ଷ ବର୍ଷ ଧରି

ଗଛରେ ପ୍ରଚୁର ଫୁଲ ଫୁଟିଥାଏ । ଲମ୍ବା ଡାଳରେ ଫୁଟୁଥିବା ଏହି ସେବତୀ ପରାଗଣଙ୍କୁ ଆକର୍ଷିତ କରିଥାଏ । ଏହାର ରଙ୍ଗ ସେଲମନ୍ ଗୋଲାପୀରୁ ଅଧିକ ଗୋଲାପୀ ଓ ନାରଙ୍ଗୀ ରଙ୍ଗରେ ପରିବର୍ତ୍ତନ ବି ହୋଇଥାଏ ।

### ଜାନଙ୍କ୍ (Jadank)

ଇଣ୍ଟରମିଡିଏଟ୍ ଇଙ୍କର୍ବ ବର୍ଗର ଏହି ପ୍ରଜାତିର ସେବତୀ ଗୋଲାକାର, ସ୍ୱଚ୍ଛ ଧଳା ରଙ୍ଗର ଅଳଙ୍କରଣ ଫୁଲ । ଏହାର ପାଖୁଡାଗୁଡ଼ିକ ଧିରେ ଧିରେ ଉପରକୁ ବକ୍ର ହୋଇଯାଏ । ଏହା ଉତ୍କୃଷ୍ଟ କଟା ଫୁଲ ତିଆରି କରେ । ପତ୍ରଝଡ଼ା ସମୟରେ ଏହି ସେବତୀ ଏକ ଅସାଧାରଣ ସୌନ୍ଦର୍ଯ୍ୟ ପ୍ରଦାନ କରେ । ଏହା ଏକ ଲମ୍ବା ପ୍ରକାରର ଉଦ୍ଭିଦ । ତେଣୁ ଉଦ୍ୟାନରେ ଏହାକୁ ଅଧିକ ସୁନ୍ଦର ଦିଶେ ।

### ଚନ୍ଦ୍ରମା

ଏହା ପାମ୍ପୋସ୍ ବର୍ଗର ଏକ ବାରମାସୀ ପ୍ରଜାତିର ସେବତୀ । ଏହାର ବୈଜ୍ଞାନିକ ନାମ ମୋରିଫୋଲିୟମ୍ 'ମୁନ୍‌ବିମ୍' । ଏହାର ଫୁଲଗୁଡ଼ିକ ସ୍ୱଚ୍ଛ ଧଳା ଓ ହାଲୁକା ହଳଦୀ ରଙ୍ଗର ହୋଇଥାଏ । ଏହି ଫୁଲ ବାସ୍ତବରେ ପୂର୍ଣ୍ଣିମାର ଚାନ୍ଦ ଭଳି ଦେଖାଯାଏ । ଏହି ସେବତୀ ବଡ଼ ବଡ଼ ଗୋଲାକାର ଓ ଗଛକୁ ଆବୃତ୍ତ କରି ରଖିବା ଭଳି ଲଦି ହୋଇ ଫୁଟିଥାଏ ଓ ଖୁବ୍ ଆକର୍ଷକ ଓ ଲମ୍ବା ହୋଇଥାଏ । ଆପଣ ଚନ୍ଦ୍ରମାକୁ ଉପଲବ୍ଧି କରିବାକୁ ଯଦି ଚାହିଁବେ, ତେବେ ବଗିଚାରେ 'ମୁନ୍‌ବିମ୍' ପ୍ରଜାତିର ସେବତୀ ନିଶ୍ଚୟ ରୋପଣ କରିବେ । ଏହା ଚନ୍ଦ୍ରମାକୁ ଉପଲବ୍ଧି କରାଇଥାଏ ।

ସେବତୀ ଏତେ ପ୍ରଜାତି ଓ ପ୍ରକାରର ଉପଲବ୍ଧ ଯେ, ସବୁକୁ ବର୍ଣ୍ଣନା କରିବା କଷ୍ଟସାଧ୍ୟ । ଉପରୋକ୍ତ ଭାରତୀୟ ପ୍ରଜାତି ବ୍ୟତୀତ ମୁଖ୍ୟ କେତୋଟି ଆକର୍ଷକ ପ୍ରଜାତି ହେଉଛି ଆଜିନା, ପରପଲ୍, ସ୍ନୋବଲ୍, ପୋଟୋମାକ, ଅଗ୍ନି ଶିଖା, ଗିପ୍ସି କ୍ୱିନ୍, ନବନିତ ଯେଲୋ, ନାନାକୋ, ଗୌରୀ, ରୋଜା, ସବନମ୍, ପୂର୍ଣ୍ଣିମା ଇତ୍ୟାଦି ।

### ସେବତୀର ବ୍ୟବସାୟିକ କୃଷି

ବିଶ୍ୱ ଫୁଲ ବଜାରରେ ନିଜର ଚାହିଦା ରଖିଥିବା ସର୍ବୋତ୍କୃଷ୍ଟ ଓ ଆକର୍ଷକ ୧୦ଟି ଫୁଲ ମଧ୍ୟରେ ସେବତୀ ଦ୍ୱିତୀୟ ସ୍ଥାନ ଅଧିକାର କରେ । ସାଜସଜ୍ଜା, ମାଳା ପ୍ରସ୍ତୁତ, ଗୃହସଜ୍ଜା, ଘରର ସୌନ୍ଦର୍ଯ୍ୟକରଣ, ଫୁଲତୋଡା, ଉଦ୍ୟାନର ସୌନ୍ଦର୍ଯ୍ୟ, ଔଷଧୀୟ ଉପଚାରର ସବୁ ଆବଶ୍ୟକତା ପାଇଁ ସେବତୀ ଖୁବ୍ ପ୍ରିୟ ଓ ଉପଯୋଗୀ ଫୁଲ । ଅନ୍ତରାଷ୍ଟ୍ରୀୟ ସ୍ତରରେ ଚୀନ୍, ଇଂଲଣ୍ଡ ଆମେରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ନେଦରଲାଣ୍ଡରେ ସେବତୀ ବ୍ୟବସାୟୀକ ରୂପରେ ଚାଷ କରାଯାଏ ଓ ଭାରତୀୟ ବଜାରରେ ସେବତୀର ଚାହିଦା ଯୋଗୁଁ ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ପଶ୍ଚିମ ବଙ୍ଗଳା, ରାଜସ୍ଥାନ, ହରିୟାଣା, କର୍ଣ୍ଣାଟକ, ଇତ୍ୟାଦି ପ୍ରାନ୍ତରେ ଖୁବ୍ ମାତ୍ରାରେ ଚାଷ କରାଯାଏ । ସେବତୀ ଫସଲର ଏକ ବିଶେଷତ ହେଉଛି ଏହା କୃତ୍ରିମ ବାତାବରଣରେ ପଲିହାଉସ୍ ଭିତରେ ମଧ୍ୟ ପ୍ରଚୁର ଉତ୍ପାଦନ କରା ଯାଇପାରେ । ସେବତୀ ତାପମାନ ଅନୁସାରେ ତିନି ବର୍ଗର ବିଭାଜିତ କରାଯାଇଥାଏ, ଯଥା–

### ଥର୍ମୋ ପଜିଟିଭ୍

ଏହି ବର୍ଗରେ ସେମତୀ ନ୍ୟୁନତମ ତାପମାନରେ କଢି ବାରି ନଥାଏ । ଲମ୍ବା ଅବଧି ଅତିକ୍ରମ କରିବା ପରେ ୧୦ ସେଣ୍ଟିଗ୍ରେଡ୍ ତାପମାନ ସ୍ଥାୟୀ ଭାବରେ ରହେ ତ ଫୁଲ ଫୁଟିବାର ପ୍ରକ୍ରିୟା ମଧ୍ୟ ବିଳମ୍ବ ହୁଏ ।

### ଥର୍ମୋ ନେଗେଟିଭ୍

ଏହି ପ୍ରଜାତିର ସେବତୀ ଉଚ୍ଚ ତାପମାନ ରହିଲେ କଢି ବାହାରିବା ବନ୍ଦ ହୋଇଥାଏ । ୧୬ ସେଣ୍ଟିଗ୍ରେଡ୍‌ରେ ତାପମାନ ରହିଲେ ଏହି ପ୍ରଜାତିର ସେବତୀ ପାଇଁ ଅନୁକୂଳ, କିନ୍ତୁ ୨୧ ସେଣ୍ଟିଗ୍ରେଡ୍ ବା ଅଧିକ ହେଲେ ଫୁଲ ଫୁଟିବାରେ ପ୍ରଭାବିତ ହୋଇଥାଏ ।

### ଥର୍ମୋଜିରୋ

ଏହି ବର୍ଗର ବା ପ୍ରଜାତିର ସେବତୀ କମ୍ ଅଥବା ଅଧିକ ତାପମାନ ଦ୍ୱାରା ପ୍ରଭାବିତ ହୋଇନଥାଏ । ବାରମାସୀ ପ୍ରଜାତି ଗୁଡ଼ିକ ଏହି ବର୍ଗର ହୋଇଥାଏ,



ଯାହା ବର୍ଷସାରା ଫୁଲ ଫୁଟାଇଥାଏ । ଏହି ସେବତୀ ଦିନରେ ୧୦-୨୭ ସେଣ୍ଟିଗ୍ରେଡ୍ ଓ ରାତିରେ ୧୬ ସେଣ୍ଟିଗ୍ରେଡ୍ ତାପମାନ ରହିଲେ ପ୍ରଚୁର ଫୁଲ ଫୁଟିଥାଏ । ଏବଂ କ୍ୟାଲସିୟମର ଆବଶ୍ୟକତା ଥାଏ । ଗଛର ଶାଖା ଓ ଫୁଲର ବୃଦ୍ଧି କରିବା ପାଇଁ ଅଗ୍ରଭାଗକୁ ପିଚିଂ ବା କାଟି ଦିଆଯାଏ । ମଞ୍ଜି ଦ୍ୱାରା ପ୍ରବର୍ଦ୍ଧନ ନୂଆ କିସମକୁ ବିକସିତ କରିବା ପାଇଁ ଉଦ୍ଭିଦ ପ୍ରଜନନ ବିଧି ଅନୁସାରେ କରାଯାଏ । କିନ୍ତୁ ଏହା ଦ୍ୱାରା ଗଛର ଗୁଣବତ୍ତା ହ୍ରାସ ପାଇଥାଏ । ବନସ୍ପତିକ ନିୟମ ଅନୁସାରେ ଚାରାରୋପଣ ବା କଲମି ଦ୍ୱାରା ପ୍ରସ୍ତୁତି କଲେ କଠୋର ଅନୁବଂଶୀକ ଭାବେ ଏକପ୍ରକାର ହୋଇଥାଏ । ବ୍ୟବସାୟୀକ ଉଦ୍ଦେଶ୍ୟରେ ସେବତୀ ଚାଷ କଲେ ଉଦ୍ଭିଦର ଉର୍ବରକ ଡାଳରେ ଶୀର୍ଷସ୍ଥାନରୁ ତିଆରି କରାଯାଏ । ବଜାରରେ ଚାହିଦା ରହିଥିବା ପ୍ରଜାତି ଗୁଡ଼ିକ ମଧ୍ୟରେ ସ୍ନେ ଟାଇପ୍ (ଧଳା) – ହ୍ୱାଇଟ୍ ମୁଣ୍ଡିଆଲ୍, ମନିମେକର, ସ୍ପାଇଡର ହ୍ୱାଇଟ୍, ହ୍ୱାଇଟ୍ ମାର୍ବଲ, ଆର୍କଟିକା, ହଳଦିଆ ପ୍ରଜାତିର – ରିଗନ୍ ସନ୍ନୀ, ସ୍ପାଇଡର, ୟେଲୋ, ବଟର କପ୍ ଗୋଲ୍ଡେନ୍ କ୍ରିଷ୍ଟଲ୍, ସନିବିମ୍, ବ୍ରୋଞ୍ଜର ଏପ୍ରିକାଟ୍ ମାର୍ବଲ, ଗୋଲ୍ଡନ୍ ବ୍ରୋଞ୍ଜ, ବ୍ରାଞ୍ଜ ଇଙ୍ଗାଲା, ଗୁଲାବୀ ବା ଗୋଲାପୀ ରଙ୍ଗର – ପିଙ୍କ୍ ମାର୍ବଲ, ପିଙ୍କ୍ ମୁଣ୍ଡିଆଲ୍, ପିଙ୍କ୍ ଇଙ୍ଗାଲା, ଫନ୍‌ସାଇନ୍, ଲାଲ ରଙ୍‌ଗର ରିଗନ୍ ଟେଡ୍ ନେରୋ ଇତ୍ୟାଦି ଖୁବ୍ ଲୋକପ୍ରିୟ ।

## ଔଷଧୀୟ ଉପଚାରରେ ସେବତୀ

କ୍ରାଇସେଣ୍ଟେମ୍ ମୋରିଫୋଲିୟମ୍ – ରାମାତ୍ (ସେବତୀ) ଚୀନ୍ ଭାଷାରେ 'ଜୁହୁଆ' ନାମରେ ଜଣାଶୁଣା । ଚାଇନାରେ ସେବତୀ ଏକ ଔଷଧୀୟ ଉଦ୍ଭିଦ ଭାବେ ଉତ୍ପନ୍ନ ହୋଇଥିଲା । ଏହାର ଇତିହାସ ପ୍ରାୟ ୩୦୦ ବର୍ଷ ପୂର୍ବେ ଜିଆ ଏବଂ ଶ୍ୟାଙ୍ଗ୍ ରାଜବଂଶରୁ ଆରମ୍ଭ ହୋଇଥିଲା ଓ ପରେ ୧୭ତମ ଶତାବ୍ଦୀରେ ୟୁରୋପରେ ଏବଂ ପରେ ଆମେରିକାରେ ପ୍ରବେଶ କରିଥିଲା । ଚୀନ୍ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସେବତୀ ଏକ ଔଷଧ ଭାବେ ମୁଣ୍ଡ ବୁଲାଇବା, ଲାକ୍ରିମେସନ୍ ସହିତ ଫେଟୋଫୋବିୟା, କଞ୍ଜୁକଟିରାଇଟ୍ସ ଜ୍ୱର ସହିତ ମୁଣ୍ଡ ବିନ୍ଧିବା, ନାଲି ଆଖି, ଶୀର ଫୁଲିବା ଏବଂ ଫୁଲି ଯାଇଥିବା ଅବସ୍ଥା ଭଳି ଚିକିତ୍ସା ପ । ଇଁ



ପ୍ରଚଳନ ହୋଇଆସୁଛି । ଆଚାର୍ଯ୍ୟ ବାଳକୃଷ୍ଣ (ପାତଞ୍ଜଳି ଯୋଗପୀଠ)ଙ୍କ ଅନୁସାରେ ସେବତୀ ଗଛ ଘରେ ସକରାତ୍ମକ ଉର୍ଜା ବଜାୟ ରଖେ, ପରିବାରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ଠିକ ରହେ । ସେବତୀ ଫୁଲର ପାଖୁଡାକୁ ଶୁଖାଇ ରଖାଯାଏ ଓ ଚା ପ୍ରସ୍ତୁତ କରି ପିଆଯାଇଥାଏ, ଯାହାକି ଅନେକ ଗମ୍ଭୀର ରୋଗକୁ ଦୂର କରିଥାଏ ।

## ହୃଦୟ ପାଇଁ

ସେବତୀ ହୃଦୟ ପାଇଁ ଏକ ବନ୍ଧୁ ଭଳି କାର୍ଯ୍ୟ କରେ । ଯେକୌଣସି ହୃଦୟ ରୋଗ ପାଇଁ ଉପଯୋଗୀ ହୋଇଥାଏ । ହୃଦୟକୁ ସୁସ୍ଥ ରଖେ । ସେବତୀକୁ ଚା ପ୍ରସ୍ତୁତ କରି ସେବନ କଲେ ଉଚ୍ଚ ରକ୍ତଚାପ ହ୍ରାସ ହୁଏ, ରକ୍ତ ସଞ୍ଚାଳନ ସ୍ୱାଭାବିକ ହୁଏ । ହେମୋଗ୍ଲୋବିନ୍ କମ୍, ହୃଦଘାତ, ଷ୍ଟୋକ୍ ଏବଂ ଆଥେରୋସ୍କେରୋସିସ୍ ପାଇଁ ପ୍ରତିଷେଧକ ଭାବେ ବ୍ୟବହାର କରାଯାଏ । ଲାସୋଡିଲେଟ୍‌ର କାର୍ଯ୍ୟକଳାପ କରି ହୃଦ୍‌ରୋଗରେ ପୋଟାସିୟମ୍ ଏହାର ଭୂମିକା ଗ୍ରହଣ କରିଥାଏ ।

## ତ୍ୱଚାର ଚମକ

ସେବତୀ ଫୁଲର ପାଖୁଡାକୁ ଶୁଖାଇ, ଗରମ ପାଣିରେ ଫୁଟାଇ ପିଇଲେ ତ୍ୱଚାର ଚମକ ଆସେ । ଏଥିରେ ବହୁ ପରିମାଣରେ ବି କେରୋଟେନ୍ ଥାଏ । ବି କେରୋଟିନ୍ ଭିଟାମିନ୍ 'ଏ' ର ଏକ ପୂରକ ଏବଂ ଯକୃତ ଦ୍ୱାରା ରୂପାନ୍ତରିତ । ଭିଟାମିନ୍ 'ଏ' ଆଣ୍ଟି-ଅକ୍ସିଡାଣ୍ଟ ଭଳି ଆଚରଣ କରେ । ଏହା ଏକ୍‌ଜିମା ଓ ସୋରିୟାସିସ୍ ସଫା କରିଥାଏ । ଏହା ବାର୍ଦ୍ଧକ୍ୟ କୁଞ୍ଚନ ଓ ବୟସ ଦାଗର ଚିହ୍ନ ମଧ୍ୟ ହ୍ରାସ କରିଥାଏ ।

## ମାଂସପେଶୀ

ସେବତୀ ମାଂସପେଶୀକୁ ଆରାମ ଦେଇଥାଏ । ବ୍ୟସ୍ତବହୁଳ ଜୀବନ ଭିତରେ ନିଜକୁ ସୁସ୍ଥ ଓ ସତେଜ ଅନୁଭବ କରିବା ପାଇଁ ସେବତୀର ଚା ଖୁବ୍ ଉପଯୋଗୀ ହୋଇଥାଏ । ଶକ୍ତିଶାଳୀ ଆଣ୍ଟି-ଅକ୍ସିଡେଣ୍ଟ ଏବଂ ମିନେରାଲ୍ସ ଆମ ଶରୀରକୁ ରକ୍ତର ଅନାବଶ୍ୟକ ଚାପ, ହରମୋନ ନିୟନ୍ତ୍ରଣ ଥକାପଣ ଦୂର କରିବାରେ ସାହାଯ୍ୟ କରେ ।

## ରୋଗ ପ୍ରତିରୋଧକ ଶକ୍ତି

ଭିଟାମିନ୍ 'ଏ' ଏବଂ 'ସି'ର ପ୍ରଚୁର ମାତ୍ରା ଶରୀର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଭିଟାମିନ୍ ସି.ଡ.ବ୍ଲ୍ୟୁ ବିସିକୁ ଉର୍ଜା ଦେଇଥାଏ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ପୋଟାସିୟମ୍, କ୍ୟାଲସିୟମ୍, ଏବଂ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ମଧ୍ୟ ଜରୁରୀ ଯାହା ଆମେ ସେବତୀ ଫୁଲରୁ ପାଇପାରିବା ।

## ଦୃଷ୍ଟି ଶକ୍ତି

ସେବତୀର ଚା ପ୍ରସ୍ତୁତ କରି ପିଇଲେ ଦୃଷ୍ଟିଶକ୍ତି ବଢ଼ିବା ସହିତ ଅନେକ ଆଖି ସମସ୍ୟାରୁ ମୁକ୍ତି ମିଳିଥାଏ । ଆଣ୍ଟି ଅକ୍ସିଡେଣ୍ଟ ଭାବେ ଭିଟାମିନ୍- 'ଏ' ଆଖି ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଏହା ରେଟିନଲ୍ ୟୁରୋପାଥି ଏବଂ ମାଂସପେଶୀୟ ଅଧପତନରୁ ବଞ୍ଚାଇଥାଏ । ଏହା ବ୍ୟତୀତ ହାଡ, ସମସ୍ୟା ବା ଅସ୍ଥିରସ୍ କମିଯିବା, ଶର୍ଦ୍ଦି, କାଶ, ମୁଣ୍ଡ ବିନ୍ଧା, ଜ୍ୱର, ଗଳା ଦରଜ ଆଦି ଅନେକ ସମସ୍ୟାରୁ ମୁକ୍ତି ଦିଏ ସେବତୀ ଫୁଲ ।

# ଭାରତର ଭୂସ୍ୱର୍ଗ



# ମୋ ସ୍ୱପ୍ନରେ କାଶ୍ମୀର


## କିରଣ ମିଶ୍ର

ଅଧ୍ୟାପିକା, ଏଲ-୮୯୨, କେ-୪, କଳିଙ୍ଗବିହାର,
ହନୁମାନମନ୍ଦିର ପାଖ, ଭୁବନେଶ୍ୱର-୭୫୧୦୧୯
ଫୋନ: ୭୯୭୮୯୪୫୩୧୮


ଫଟୋ ସୌଜନ୍ୟ : ଲେଖିକା

**ଯଥାର୍ଥରେ କାଶ୍ମୀର ହେଉଛି ଭାରତର ଭୂସ୍ୱର୍ଗ । ଧବଳ ବର୍ଣ୍ଣର ତୁଳାର ଶେଯ ସଦୃଶ୍ୟ ମେଘ ଉପରେ ସୂର୍ଯ୍ୟଙ୍କର ପ୍ରଥମ ରୂପେଲି କିରଣ ଓ ତା'ପରେ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ପଡି ମେଘର ମନୋଲୋଭା ଦୃଶ୍ୟରେ ଆପଣ ବିମୋହିତ ନହୋଇ ଚାରା ନାହିଁ । ବାସ୍ତବ ଜଗତରୁ କିଛି ସମୟ ପାଇଁ ବିଚ୍ଛିନ୍ନ ହୋଇ ଭାବୁକ କରିଦେବ କୁହୁକିନୀ କାଶ୍ମୀର । ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବରଫ ଧବଳ ରୂପକାନ୍ତି ଆପଣଙ୍କୁ ବାନ୍ଧି ରଖିବ କିଛି ସମୟ । ଥରେ ବୁଲି ଆସନ୍ତୁ କାଶ୍ମୀର ।**

ଶ୍ରୀନଗରରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ସାଢ଼େ ଆଠଟା ହୋଇ ଯାଇଥାଏ । ସେତେବେଳ ପର୍ଯ୍ୟନ୍ତ ପ୍ଲେନ୍‌ରେ ବସିଥିବା ସମୟରେ ଦେଖିଥିବା ସୁନ୍ଦର ଦୃଶ୍ୟଟି ମୋ ମନକୁ ଆଚ୍ଛନ୍ନ କରି ରଖିଥିଲା । ଧବଳ ବର୍ଣ୍ଣର ତୁଳାର ଶେଯ ସଦୃଶ୍ୟ ମେଘ ଉପରେ ସୂର୍ଯ୍ୟଙ୍କର ପ୍ରଥମ ରୂପେଲି କିରଣ ଓ ତା'ପରେ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ପଡି ମେଘର ମନୋଲୋଭା ଦୃଶ୍ୟରେ ମୁଁ ବିମୋହିତ ହୋଇ ଯାଇଥିଲି । ବାସ୍ତବ ଜଗତରୁ କିଛି ସମୟ ପାଇଁ ଭାବୁକ ହୋଇ ବିଚ୍ଛିନ୍ନ ହୋଇ ଯାଇଥିଲି । ସେଠି ପ୍ରାୟ ସାତଟା ପଇଁତାଳିଶ ବେଳକୁ ସନ୍ଧ୍ୟା ହେଉଥିଲା ।

ପ୍ଲେନ୍‌ରୁ ଓହ୍ଲାଇବା ପରେ ଲଗେଜ୍ ସଂଗ୍ରହ କରିବାକୁ ପ୍ରାୟ କୋଡ଼ିଏ ପଚିଶ ମିନିଟ୍ ଲାଗି ଯାଇଥିଲା । ଛୋଟ ଏୟାରପୋର୍ଟଟିଏ । ଜିନିଷ ସଂଗ୍ରହ କରିବା ସମୟରେ ମୁଁ ଏୟାରପୋର୍ଟ ଭିତରେ ଥିବା ସୁନ୍ଦର ହାଉସ୍ ବୋଟ୍‌ଟି ଦେଖିବାରେ ମୁଗ୍ଧ ଥିଲି । ପହଞ୍ଚିବା ପରେ ମୋ ସ୍ୱାମୀ ଓ ପୁଅ କୌଣସି କାରଣ ପାଇଁ ବ୍ୟସ୍ତ ହେଉଥିଲେ । ଲଗେଜ୍‌କୁ ଅପେକ୍ଷା ଓ ହାଉସ୍ ବୋଟ୍ ଦେଖୁଥିବାରୁ ମୋର ଧ୍ୟାନ ସେପଟେ ନଥିଲା । ପରେ ଯେତେବେଳେ ମୁଣ୍ଡ ପୂରାଇଲି ବୁଝିଲି ଯେ ସେଠି ପ୍ରିପେଡ୍ ଫୋନ୍ କାମ କରୁନି, ସେଥିପାଇଁ ସେମାନେ ବ୍ୟସ୍ତ ହେଉଛନ୍ତି । ପ୍ରିପେଡ୍ କାମ କରିବନି ବୋଲି ଆମର ଧାରଣ ନଥିଲା ।

ଧିରେଧିରେ ସବୁ ଯାତ୍ରୀ ଚାଲି ଯାଉଥିଲେ । ସାଢ଼େ ଆଠଟା ସମୟ ହୋଇଥିଲେ ବି ନିସ୍ତବ୍ଧତାରୁ ରାତି ଦଶଟା ଏଗାରଟା ଭଳି ମନେ ହେଉଥିଲା । ନିଛାଟିଆ ରାତିରେ ନୂଆ ସହର, କେମିତି ସେ ଟ୍ରାଭେଲ୍ ଏଜେନ୍‌ସି ସହିତ ସଂପର୍କ କରିବୁ ? ? ଫୋନ୍‌ରେ ନୂଆ ସିମ୍ ପକାଇବାକୁ ଟାଇମ୍ ବି ଲାଗିବ ; ପୁଣି ଏୟାର ପୋର୍ଟ ବାହାରକୁ ହୋଟେଲ୍‌କୁ ଯିବୁ ବା କେମିତି ? ଚିନ୍ତା ବହୁତ ବଢ଼ି ଯାଉଥିଲା । ମୁଁ ଲଗେଜ୍ ଜଗି ଠିଆ ହୋଇଥାଏ, ସେ ବାପ ପୁଅ ଚେଷ୍ଟା ଚଳାଇଥାନ୍ତି । ଶେଷରେ ଜଣେ ଲୋକ ଠାରୁ ଫୋନ୍ ମାଗି, ଟ୍ରାଭେଲ୍ ଏଜେନ୍‌ସିକୁ ଫୋନ୍ କଲା ପରେ ଜାଣିଲୁ ଆମକୁ ବି ତାଙ୍କ ଲୋକ ଖୋଜୁଛନ୍ତି ଓ ନପାଇ ବ୍ୟସ୍ତ ହେଉଛନ୍ତି ।

କିଛି ସମୟ ପରେ ଆମ ପାଖରେ ଗୋଟିଏ ଯୁବକ ମୋ ମିଷ୍ଟରଙ୍କ ନାଁର ପ୍ଲାକ୍ କାର୍ଡଟିଏ ଧରି ଆସି ପହଞ୍ଚିଲା । ବୟସ ତିରିଶ ଭିତରେ ହେବ । ଗୌର ବର୍ଣ୍ଣ, ଖଣ୍ଡା ନାକ, ଧଳା ସାର୍ଟ ଓ କଳା ପ୍ୟାଣ୍ଟ ପରିଧାନରେ ଖୁବ୍ ସୌମ୍ୟ ଦେଖା ଯାଉଥିଲା । ଯୁବକଟି ଆମକୁ ମୁଖ୍ୟ ଦ୍ୱାରରେ ଅପେକ୍ଷା କରିଥିଲା, ମାତ୍ର ଆମେ ମୁଖ୍ୟ ଦ୍ୱାର ବାଟେ ନଯାଇ ଅନ୍ୟ ଏକ ଦ୍ୱାରରେ ଯାଇଥିବାରୁ ତାକୁ ପାଇ ନଥିଲୁ । ଯାହା ହେଉ ତାକୁ ପାଇବା ପରେ ଆଶ୍ୱସ୍ତ ହେଲୁ । ଅଜଣା ଯାଗାରେ ଆମକୁ ରାହା ମିଳିଥିବା ପରି ମନେ ହୋଇଥିଲା । ଯୁବକଟି ଆମ ଲଗେଜ୍ ତକ ନେଇ ଗାଡ଼ି ଡିକିରେ ରଖି ଦେବା ସମୟରେ କହୁଥାଏ, "ସାହେବଜୀ ଆପ୍‌କୋ ଢୁଣ୍ଡ୍‌ତେ ଢୁଣ୍ଡ୍‌ତେ ମେଁ ତୋ ପରେସାନ୍ ହୋଗଏ ଥେ, ଅବ୍ ଚିନ୍ତା କି କୋଇ ବାତ୍ ନେହିଁ । ସାକିର୍ କି ହୋତେ ହୁଏ ଅବ୍ କୋଇ ତକ୍ଲିପ୍ ନେହିଁ ହୋଗା ।"

ତା' କଥାରୁ ଲାଗିଲା ସତେ ଯେମିତି ଯୁବକଟି ଆମକୁ ଅଭୟର ବାଣୀ ଶୁଣାଉ ଥିଲା । ଆଉ ନୂଆ ଜାଗା ହୋଇଥିଲେ ବି ଆମେ ଖୁବ୍ ସହଜରେ ତା' ଉପରେ ବିଶ୍ୱାସ ବି କରି ଯାଇଥିଲୁ । କଥା ଭିତରୁ ଯୁବକର ନାଁଟି ସାକିର୍ ବୋଲି ଜାଣିଲି । ଆମେ ଗାଡ଼ିରେ ବସିଲା ପରେ ମୋ ମିଷ୍ଟର୍ ପ୍ରଥମେ ନୂଆ ସିମ୍ ପକାଇବା କଥା କହିଲେ । ସେ ଯାହା ଉତ୍ତର ଦେଲା ଆମକୁ ଆଶ୍ଚର୍ଯ୍ୟ ଲାଗିଲା ।

ଶ୍ରୀନଗରରେ ସାଢ଼େ ଆଠଟା ନଅଟା ଭିତରେ ସବୁ ଦୋକାନ ବଜାର ବନ୍ଦ ହୋଇଯାଏ । ମୁଁ କାରଣ ପଚାରିବାରୁ କହିଥିଲା, ସେ ଆଭ୍ୟାସ ଶ୍ରୀନଗରବାସୀଙ୍କ ବହୁ ପୁରୁଣା ଅଭ୍ୟାସ । ଶୀତ ଦିନରେ ବହୁତ ଥଣ୍ଡା ଯୋଗୁଁ ଶୀଘ୍ର ବନ୍ଦ ହୋଇଯାଏ । ଅନ୍ୟଦିନରେ ବି ଲୋକମାନେ ବାହାରକୁ ଆଠଟା ପରେ ବାହାରନ୍ତିନି । ଆଉ ତାପରେ କହିଥିଲା, ଯଦି ବାଟରେ ଦୋକାନ ଖୋଲା ଥିବ, ତାହେଲେ ନୂଆ ସିମ୍ ପକାଇ ଦେବା ।

ସତକୁ ସତ ବହୁତ ବାଟ ଆସିଲା ପରେ ଗୋଟିଏ ଦୋକାନୀ ଦୋକାନ ବନ୍ଦ କରୁଥିଲା, ସାକିର୍ ତାକୁ କହି ଦୋକାନ ଖୋଲିଲା । ଆଉ ଆମ ପାଇଁ ନୂଆ ସିମ୍ ପକାଇବାର ବ୍ୟବସ୍ଥା କଲା ।

ଯଦିଓ ଶ୍ରୀନଗର ବୁଲିବାକୁ ଯାଉଥାଉ ତଥାପି ମନରେ ମୋର କାହିଁ ଟିକେ ଭୟ ଥାଏ । ନାରୀ ସୁଲଭ ଗୁଣ ଯୋଗୁଁ ମନର ଉତ୍ସୁକତା ନେଇ ପଚାରି ଦେଲି, "ସାକିର୍ ଭାଇ ! ୟାହାଁ କୋଇ ଡର୍ ନେହିଁ ଲଗେଗା ତୋ ?"

ମୋ ପ୍ରଶ୍ନର ଉତ୍ତରରେ ହସି ଦେଇ କହିଥିଲା, "ନେହିଁ ନେହିଁ ମ୍ୟାଡମ୍ ଜୀ ! ଟୁରିଷ୍ଟ୍ ଲୋଗ୍ ତୋ ହାମାରା ଭଗବାନ ହେ ! ୟାହାଁସେ ରହନେକେ ବାଦ୍ ଆପ୍‌ଲୋଗ୍ ସବ୍ ସମଝ୍ ଯାଏଗେଁ ।"

ସାକିର୍‌ର କଥାବାର୍ତ୍ତା ଯଦିଓ ଟିକେ ତୀଖା ଥିଲା, ତଥାପି ମତେ କାହିଁ ଭଲ ଲାଗୁଥିଲା ।

ତା'ପରଦିନର ଭ୍ରମଣ ପାଇଁ ଆମକୁ କିପରି ପ୍ରସ୍ତୁତ ହେବାକୁ ପଡିବ ବାଟ ସାରା ସେ ବିଷୟରେ



▶ଲେଖିକା କିରଣ ମିଶ୍ର

କହୁଥାଏ ।

ତା' ପରଦିନ ଥାଏ ସୋନମାର୍ଗ ଭ୍ରମଣ । ସକାଳ ସାତଟା ଭିତରେ ଆମକୁ ପ୍ରସ୍ତୁତ ହେବାକୁ ସାକିର୍ କହୁଥିଲା । କାରଣ ଡେରି ହୋଇଗଲେ ରାସ୍ତା ଭିଡ଼ ହୋଇଯିବ । ରାସ୍ତା ଜାମ୍ ହୋଇଗଲେ ଦୁଇ ଘଣ୍ଟାର ବାଟ ଚାରି ଘଣ୍ଟା ଲାଗି ପାରେ । ତେଣୁ ଶୀଘ୍ର ହୋଟେଲରୁ ବାହାରିବାକୁ ପଡ଼ିବ ।

ହୋଟେଲ ପହଞ୍ଚି କିଛି ଫର୍ମାଲିଟି ପୂରଣ ପରେ ଆମେ ରୁମ୍‌କୁ ଗଲୁ ଓ ସାକିର୍ ଆମଠୁ ବିଦାୟ ନେଲା । କିଛି ଆତ୍ମୀୟତାର ବୀଜ ଆମ ହୃଦୟରେ ବୁଣି ଦେଇ ସାକିର୍ ଚାଲି ଯାଉଥିଲା ହାତ ହଲାଇ ତା' ଧଳା ରଙ୍ଗର କାର୍ ଟିରେ ।

ଆମେ ଧୁଆ ଧୋଇ ହୋଇ ଡାଇନିଂକୁ ଗଲୁ । ଆମେ ଦଶଟାରେ ଡାଇନିଂ ରେ ପହଞ୍ଚିଲା ବେଳକୁ ପ୍ରାୟ ସମସ୍ତ ଟୁରିଷ୍ଟ ଖାଇ ସାରିଥିଲେ । ତଥାପି ଯଥେଷ୍ଟ ଖାଦ୍ୟ ଥିଲା । ଭାତ, ରୁଟି, ଚିକେନ, କଷ୍ଟାର୍ଡ, ପନିର୍ ଓ ସାଲାଡ଼ ସବୁ ଖାଇବା ସୁସ୍ୱାଦୁ ଲାଗିଥିଲା । ତା' ସହିତ ସେମାନଙ୍କ ଅତିଥି ସତ୍କାରରେ କିଛି କମି ମୁଁ ଅନୁଭବ କରିପାରି ନଥିଲି । ସେତେବେଳେକୁ କାଶ୍ମିରୀକୁ ନେଇ ଥିବା ଡର ଆଂଶିକ ପରିମାଣରେ ଦୂର ହୋଇ ସାରିଥିଲା । ଶୀଘ୍ର ଖାଇ ଆମେ ଶୋଇବା ପାଇଁ ଚାଲି ଆସିଲୁ କାରଣ ତା' ପରଦିନ ଭୋର୍‌ରେ ଆମକୁ ବାହାରିବାର ଥିଲା ।

ଶ୍ରୀନଗର ପ୍ରଥମ ଦିନ ଭୋର୍‌ରୁ ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦରେ ମୋ ନିଦ ଭାଙ୍ଗି ଯାଇଥିଲା । ନୂଆ ଜାଗା ତେଣୁ ସହଜରେ କୋଉ ନିଦ ହେଉଥିଲା ଯେ, ଅଗତ୍ୟା ଶେଯ ଛାଡି ଛାତ ଉପରକୁ ଗଲି । ସେଠାରେ ସୂର୍ଯ୍ୟାସ୍ତ ବହୁତ ଡେରିରେ ହୁଏ । କିନ୍ତୁ ଉଦୟ ଚଞ୍ଚଳ ହୁଏ । ପକ୍ଷୀଗୁଡିକଙ୍କ କାକଳି ସୂର୍ଯ୍ୟଙ୍କର ଉଦୟକାଳୀନ ବାର୍ତ୍ତା ଯେମିତି ଦେଉଥିଲା । ପାଞ୍ଚଟା ବେଳକୁ ଆକାଶ ଫର୍ଚ୍ଚା ହୋଇଯାଇଥାଏ । ଚାରିଆଡେ ରୂପେଲି ଆଲୋକରେ ସହରଟି ତପସ୍ୱିନୀଟିଏ ଭଳି ଲାଗୁଥିଲା । ରାତ୍ରିର ଅନ୍ଧକାର ଭିତରେ ଦେଖିଥିବା ନିଦ୍ରିତ ସହରଟି ସଂପର୍କରେ ଯେଉଁ ଧାରଣ ସୃଷ୍ଟି ହୋଇଥିଲା, ଦିନର ଆଲୋକରେ ଦେଖିବା ପରେ, ସେ ଧାରଣ କିଛି ପରିମାଣରେ ବଦଳି ଯାଇଥିଲା । । ରାତିରେ ଲାଗିଥିଲା ସହରଟି ଅନ୍ୟ ବଡ଼ବଡ଼ ସହର ଭଳି ଚକାଚକ୍ ନୁହେଁ, କିନ୍ତୁ ଦିନରେ ଦେଖି ଜାଣିଲି ଯଦିଓ ବଡ଼ବଡ଼ କୋଠା, ସପିଙ୍ଗ୍ ମଲ୍ ନାହିଁ ତଥାପି ଅନୁନ୍ନତ ମାନର ନୁହେଁ ।



ସକାଳ ଛଟା ବେଳକୁ ପୁଅର ଫୋନ୍ ରିଂ କରୁଥିଲା । ଉଠେଇଲା ବେଳକୁ ସେପଟୁ ସାକିର୍ ଫୋନ୍ କରୁଥିଲା । ଆମେ ଉଠିଲୁଣି କି ନାହିଁ, ଆଉ ସାତଟା ବେଳକୁ ଆମକୁ ପ୍ରସ୍ତୁତ ହେବାକୁ କହୁଥାଏ । ଭୁବନେଶ୍ୱରର ଚାଳିଶରୁ ଉର୍ଦ୍ଧ ଡିଗ୍ରୀ ତାପମାତ୍ରାରୁ ଯାଇ କାଶ୍ମୀରର ଥଣ୍ଡାରେ କମ୍ବଳ ଘୋଡ଼େଇ ହୋଇ ବାପପୁଅ ଶାନ୍ତିରେ ଶୋଇ ପଡ଼ିଥିଲେ । ସାକିର ଫୋନ୍ ପାଇ ଆମେମାନେ ରୁମ୍‌ରେ ଟିକେ କଫି କରି ପିଇ ନିତ୍ୟକର୍ମ ସାରି ଜଲଦି ଜଲଦି ବାହାରି ପଡ଼ିଲୁ । ଠିକ୍ ସାତଟା ବେଳକୁ ତଳକୁ ଆସି ଦେଖୁ ଗାଡ଼ି ସହ ସାକିର୍ ଠିଆ ହୋଇଛି । ମୁହଁରେ ହସ ଫୁଟାଇ ଆମକୁ ଅଭିବାଦନ ଜଣାଇ ହିନ୍ଦୀର ପଚାରିଲା, "ମ୍ୟାଡମ୍‌ଜୀ ରାତ୍‌ମେଁ ନିନ୍ଦ୍ ଠିକ୍ ସେ ହୁଆ କି ନେହିଁ ? ଔର୍ ହୋଟେଲ୍ କେଇସା ହେ ?"

ମୋ ଠାରୁ ନିଦ ଭଲ ହେଲା ଓ ହୋଟେଲ ଠିକ୍ ଠାକ୍ ଅଛି ଶୁଣି ସେ ଖୁସି ହୋଇଥିଲା ।

ପର୍ଯ୍ୟଟକମାନଙ୍କୁ ଖୁସି କରିବାକୁ ହୁଏତ ତା'ର ପ୍ରଶ୍ନ ହୋଇଥାଇପାରେ, କିନ୍ତୁ ତା'ର ଏ ପ୍ରଶ୍ନ ଶୁଣି ମତେ ଖୁସି ଲାଗିଥିଲା । ଲାଗୁଥିଲା ନିଜର ଲୋକ କେହି ଜଣେ ଭଲମନ୍ଦ ପଚାରୁଛି । କୁହନ୍ତି ଡ୍ରାଇଭରଟି ଯଦି ଭଲ ମିଳିଗଲା, ତେବେ ଯାତ୍ରା ନିଶ୍ଚିତ ଆନନ୍ଦଦାୟକ ହୋଇଥାଏ । ଆଉ ତା'ର ସମୟାନୁବର୍ତ୍ତୀତା ବି ମତେ ଆଶ୍ଚର୍ଯ୍ୟ କରି ଦେଇଥିଲା । ତା ପରେ ସୋନମାର୍ଗ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଆମ ଶୀତଦିନର ସକାଳ ପରି ଥଣ୍ଡା ଥଣ୍ଡା ଲାଗୁଥିଲା ।

ସକାଳୁ ସୂର୍ଯ୍ୟଙ୍କର କଅଁଳ ଖରା ଏତେ କାଟୁନଥିଲା । ଭଲ ଲାଗୁଥିଲା ଯାତ୍ରା । ରାସ୍ତାର ଉଭୟ ପାର୍ଶ୍ୱରେ ଲମ୍ବା ଲମ୍ବା ପାଇନ୍ ଗଛ ଅଭିବାଦନ ଜଣାଇବା ଭଙ୍ଗିରେ ଠିଆ ହୋଇଥିଲେ । ବାଟରେ ରାସ୍ତାର ମଝିରେ ଗୋଟିଏ ଗୋଟିଏ ବିରାଟ ଗଛ ଦେଖିବାକୁ ପାଉଥିଲୁ । ସେଇ ବିରାଟକାୟ ଦ୍ରୁମଗୁଡିକ ଆମର ସବୁଠାରୁ ମୋଟା ବରଗଛ ଠାରୁ ମଧ୍ୟ ବହୁତ ବଡ଼ । ଦୁଇ ତିନୋଟି ବଡ଼ ବଡ଼ ବରଗଛ ମିଶିଲେ ବି ତା' ଗଣ୍ଡି ସହ ସମାନ ହେବନି । ମୁଁ ପଚାରିବା ପୂର୍ବରୁ ସେ ତା' ଆଡୁ କହିଲା, "ଏଗୁଡ଼ିକ ଚିନାର୍ ଗଛ ମ୍ୟାଡମ୍ ! ଏ ଗଛଗୁଡ଼ିକ ପ୍ରାୟ ତିନିଶହ ଚାରିଶହ ବର୍ଷର ପୁରୁଣା । ତା'ର କାଠ ବହୁତ ମୂଲ୍ୟବାନ । ଏ ଗଛର କାଠରେ ବିଭିନ୍ନ ଗୃହୋପକରଣ ସାମଗ୍ରୀ ତିଆରି ହେବା ସହ, ସୁନ୍ଦର ସୁନ୍ଦର ଘର ସାଜସଜ୍ଜା ସାମଗ୍ରୀ ମଧ୍ୟ ତିଆରି ହୁଏ । ଆଉ ଏ ଗଛର ବିଶେଷତ୍ୱ ଏହାର ପତ୍ରଗୁଡ଼ିକ ବର୍ଷରେ ଚାରି ପ୍ରକାର ରଙ୍ଗ ଧାରଣ କରନ୍ତି ।

ଗଛଗୁଡ଼ିକ ପାଖରୁ ଦେଖିଲା ପରେ ଜାଣିଲି, କେତେଗୁଡ଼ିଏ ହିନ୍ଦୀ ଚଳଚ୍ଚିତ୍ରରେ ସେ ଗଛ ଓ ପତ୍ରଗୁଡ଼ିକୁ ଦେଖିଛି । ସ୍ଥାନେ ସ୍ଥାନେ ରାସ୍ତା ମଝିରେ ଗଛ ଗୋଟିଏ ଗୋଟିଏ ରହି ଡିଭାଇଡର୍‌ର କାମ ଦେଉଛି । ଆମ ଭଳି ରାସ୍ତା ପ୍ରଶସ୍ତିକରଣ ପାଇଁ ବୃକ୍ଷ ଛେଦନ କରାଯାଇନି । ଭଲ ଲାଗିଥିଲା ଏ ମାନସିକତା ଦେଖି ।

ସମତଳ ଅଞ୍ଚଳ ପରେ ପାହାଡି ଅଞ୍ଚଳ ଆସିଲା । ରାସ୍ତାର ଗୋଟିଏ ପାର୍ଶ୍ୱରେ ସିନ୍ଧ୍ ନଦୀ ପ୍ରବାହିତ ହେଉଥିଲା । ସିନ୍ଧ୍ ନଦୀର ଜଳ ଖୁବ୍ ସ୍ୱଚ୍ଛ ନିର୍ମଳ ଦେଖା ଯାଉଥିଲା । ନଦୀଟି ବେଶି ପ୍ରଶସ୍ତ ନଥିଲା । ପାହାଡିଆ ଝରଣା ର ବୃହତ ରୂପ ଭଳି ଲାଗୁଥିଲା । ନଦୀ ତଟରେ ଅସଂଖ୍ୟ ଛୋଟ ବଡ଼ ପଥର, ଆଉ ସବୁ ପଥରଗୁଡିକ ଶ୍ୱେତ ବର୍ଣ୍ଣର ଶାଳଗ୍ରାମ ସଦୃଶ୍ୟ ପାଲିସ୍ । ଅନ୍ୟ ପାର୍ଶ୍ୱରେ ପ୍ରାଚୀର ସଦୃଶ୍ୟ ରହିଥିଲା ସୁଦୀର୍ଘ ଉଚ୍ଚ ପର୍ବତମାଳା । ପର୍ବତର ପାଦଦେଶରେ ଲମ୍ବଲମ୍ବ ପାଇନ୍ ବୃକ୍ଷ । ଗଛଗୁଡିକ ଦେଖି ମନେ ହେଉଥିଲା,ସତ ଯେମିତି ସେମାନେ ପ୍ରତିଯୋଗିତା କରି ବଢ଼ି ଚାଲିଥିଲେ । ଉପରେ ନୀଳ ଆକାଶ, ଗୋଟିଏ ପାର୍ଶ୍ୱରେ ପ୍ରବାହିତ ସିନ୍ଧ୍ ନଦୀର ସ୍ୱଚ୍ଛ ଜଳରାଶି ଓ ଅନ୍ୟ ପାର୍ଶ୍ୱରେ ହରିତ୍ ବର୍ଣ୍ଣର ଦୀର୍ଘ ପର୍ବତମାଳାର ସୌନ୍ଦର୍ଯ୍ୟ ନିଶ୍ଚୟ ପର୍ଯ୍ୟଟକଙ୍କୁ ମୁଗ୍ଧ କରିବ ।

ସେଇ ସୁନ୍ଦର ପ୍ରାକୃତିକ ପରିବେଶ କୋଳରେ ଗାଡ଼ି ଆମର ଚାଲିଥିଲା । ସୋନମାର୍ଗରେ ପ୍ରାୟ ଏଗାରଟା ଭିତରେ ଆମ ଗାଡ଼ି ପହଞ୍ଚ ଗଲା । ଟ୍ୟାକ୍ସିବାଲା ଆମକୁ ଛାଡିଦେଲା । ସେଠାରୁ ଆମକୁ ଘୋଡାରେ ଥାଜିୱାଜ ଗ୍ଲାସିୟର ଯିବାକୁ ପଡ଼ିବ । ଥାଜିୱାଜ୍ ଗ୍ଲାସିୟର ପ୍ରାୟ ସାତ କିଲୋମିଟର । ଆମ ପାଇଁ ପାହାଡି ରାସ୍ତାରେ ଚଢ଼ି ଯିବା କଷ୍ଟ, ତେଣୁ ଘୋଡାରେ ଯିବାକୁ ବାଧ କହିଲେ ଚଳେ । ଆମେ ପହଞ୍ଚିଲା ପୂର୍ବରୁ ବହୁତ ଯାତ୍ରୀ ପହଞ୍ଚି ସାରିଥିଲେ । ଶହ ଶହ ଘୋଡ଼ା ଓ ଘୋଡାବାଲା ସେଠି ଦେଖିବାକୁ ପାଇଲୁ । ଶେଷରେ ଯିବା ପାଇଁ ତିନୋଟି ଘୋଡ଼ା ଠିକ୍ କଲୁ ।

ପ୍ରଥମେ କିଛିବାଟ ସମତଳ ରାସ୍ତା ପଡ଼ିଲା । ତା'ପରେ ଆରମ୍ଭ ହୋଇଗଲା ପାର୍ବତ୍ୟ ରାସ୍ତା । ପର୍ବତର ଅସମତଳ ପଥୁରିଆ ରାସ୍ତା ଘୋଡ଼ା ପିଠିରେ ବସି ଆରୋହଣ କରିବା ନିଶ୍ଚିତ କଷ୍ଟସାଧ୍ୟ ଥିଲା । ଘୋଡାବାଲାମାନେ କିନ୍ତୁ ଖୁବ୍ ସୁନ୍ଦର ଭାବେ ଡେଇଁ ଡେଇଁ ଚାଲି ଯାଉଥିଲେ । ମଝିରେ ମଝିରେ କାଦୁଅ ମଧ୍ୟ ଥିଲା । ଗୋଟିଏ ଘୋଡାବାଲା ମୋ ଘୋଡାକୁ ନିୟନ୍ତ୍ରଣ କରୁଥିଲା । ମତେ

ବହୁତ ଡର ଲାଗୁଥିଲା । କାଦୁଅ ରାସ୍ତାରେ ଘୋଡାର ଗୋଡ଼ ଖସିଯିବାର ଭୟ ରହୁଥିଲା । ସେମାନେ କିନ୍ତୁ କହୁଥିଲେ ଘୋଡ଼ାମାନେ ବି ବହୁତ ସତର୍କତାର ସହିତ ନିଜ ଜୀବନକୁ ସୁରକ୍ଷିତ ରଖି ଚାଲନ୍ତି । ମୁଁ ବି ଦେଖିଲି କାଦୁଅରେ ଘୋଡ଼ା ପାଦ ଚିପି ଚିପି ଚାଲୁଥାଏ । ରାସ୍ତାରେ କୋଉଠି ଆଗକୁ ଝୁଙ୍କିବାକୁ ତ କୋଉଠି ପଛକୁ ଝୁଙ୍କିବାକୁ ଘୋଡାବାଲାମାନେ ଆମକୁ ନିର୍ଦ୍ଦେଶ ଦେଉଥାନ୍ତି । ସେଇ ଅନୁରୂପେ ଆମ ଚାଲୁଥାଉ । ଆମ ସହିତ ଶହଶହ ଭ୍ରମଣକାରୀ ଘୋଡ଼ା ଆରୋହଣ କରି ଚାଲିଥାନ୍ତି । ପ୍ରାୟ ଗୋଟିଏ ଘଣ୍ଟାରେ ଆମେ ଲକ୍ଷ୍ୟସ୍ଥଳ ଥାଜିଓ୍ୱାଜ ଗ୍ଲାସିୟର୍‌ରେ ପହଞ୍ଚି ଯାଇଥିଲୁ ।



ଚାରିପଟେ ଉଚ୍ଚାଙ୍ଗ ପର୍ବତମାଳା ମଝିରେ ସମତଳ ଭୂମି, ଆଉ ଉପରେ ଅଭ୍ରଭେଦୀ ମେଘ ମଣ୍ଡିତ ସୁନୀଳ ଆକାଶ । ଗୋଟିଏ ପାର୍ଶ୍ୱରେ ବୃକ୍ଷରାଜିରେ ଶୋଭାଯୁକ୍ତ ଗିରିରାଜ,ଅନ୍ୟ ଏକ ପାର୍ଶ୍ୱରେ ପର୍ବତମାଳା ସ୍ଥାନେ ସ୍ଥାନେ ବରଫାବୃତ ହୋଇ ଖୁବ୍ ମନୋରମ ଦେଖା ଯାଉଥିଲା । ଜୁନ ମାସ ହୋଇ ଯାଇଥିବାରୁ ଏବଂ ପୂର୍ବ ବର୍ଷ ବରଫର ମାତ୍ରା କମ୍ ପଡ଼ିଥିବାରୁ ବରଫ ଟିକେ କମ୍ ପରିମାଣରେ ଦେଖିବାକୁ ମିଳିଥିଲା । ବରଫାବୃତ ପାହାଡ଼ରୁ ନଦୀଟିଏ ପ୍ରବାହିତ ହୋଇ ସମତଳ ଅଞ୍ଚଳ ଦେଇ ଯାଇଥିଲା । ଘୋଡ଼ା ଚାଳକ ଗୋଟିଏ ସ୍ଥାନରେ 'ବଜରଙ୍ଗୀ ଭାଇଜାନ୍' ସିନେମାର କେତୋଟି ଦୃଶ୍ୟ ସୁଟିଂ ହୋଇଥିବା କଥା କହିଲା । ନଦୀଟି ପାର୍ ହେବାକୁ ଗୋଟିଏ କାଠପୋଲ ଥିଲା । ପୋଲଟି ପାର୍ ହୋଇ ମୁଁ ଗୋଟିଏ ପଥର ଉପରେ ବସି ଗିରିରାଜଙ୍କୁ ମନଭରି ଦେଖୁଥିଲି ।

ନୈସର୍ଗିକ ସୌନ୍ଦର୍ଯ୍ୟରେ ମୁଗ୍ଧ ମୁଁ ନିଜର ଅସ୍ତିତ୍ୱ ହରାଇ ବସିଥିଲି । ଭାବିଥିଲି ଯେ କେହି କାଶ୍ମୀରକୁ 'ଭାରତର ଭୂସ୍ୱର୍ଗ' କହିଛି ତାହା ଯଥାର୍ଥ । ଅନ୍ୟମାନେ ଫୋଟ ଉଠାଇ ସ୍ମୃତିକୁ କ୍ୟାମେରାରେ ବାନ୍ଧି ରଖୁଥିଲେ ।

ଅନେକ ସମୟ ପରେ ବାପ ପୁଅ ଫେରିବା ପାଇଁ ବାହାରିଲେ । ଅବଶ୍ୟ ଆଶାନୁରୂପେ ବରଫ ନଦେଖି ପାରି ପୁଅର ମନ ଟିକେ ଦୁଃଖ ହୋଇଥିଲା ।

ଛୋଟ ଛୋଟ ଟେଣ୍ଟ ବାନ୍ଧି ଲୋକମାନେ ଷ୍ଟୋଭ୍‌ରେ ଚା, ମ୍ୟାଗି, କଫି ଆଦି କରି ବିକ୍ରି କରୁଥିଲେ । ଟିକେ ଅଧିକ ଦାମ, ତଥାପି ପର୍ଯ୍ୟଟକଙ୍କୁ ଦୁର୍ଗମ ଅଞ୍ଚଳରେ ସୁବିଧା ଦେଉଥିଲେ ।

ପୁଅର କାମ ଥିବାରୁ ଆମେ ବାହାରିଲୁ । ଆମକୁ ଫେରିବା ସମୟ ଯିବା ସମୟ ଅପେକ୍ଷା କମ ସମୟ ଲାଗିଥିଲା । ତଳକୁ ଆସି ଆମେ ଘୋଡ଼ା ବାଲାଙ୍କ ପଇସା ତୁଟାଇ ଶ୍ରୀନଗର ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ସେତେବେଳେକୁ ସମସ୍ତଙ୍କୁ ଭୋକ ଜୋର୍‌ରେ ଲାଗିଲାଣି । ବାଟରେ ଗୋଟିଏ ଢାବାରେ ଖାଇ ସେଦିନ ହୋଟେଲ୍‌କୁ ଫେରି ଆସିଥିଲୁ । ତା' ପରଦିନ ଥିଲା ଶ୍ରୀନଗର ସହର ଭ୍ରମଣ । ତେଣୁ ହୋଟେଲ ଫେରି ଆମେ ବିଶ୍ରାମ ନେଇଥିଲୁ ।

ଜୁନ୍ ମାସ ପ୍ରଥମରୁ ଶ୍ରୀନଗରର ଦିନର ତାପମାତ୍ରା ପ୍ରାୟ ତିରିଶ୍ ଡିଗ୍ରୀରୁ ଉର୍ଦ୍ଧ୍ୱ ରହୁଥିଲା । ରାତିରେ କିନ୍ତୁ ଥଣ୍ଡା ଲାଗୁଥିଲା । ରାତିରେ ଅଳ୍ପ ଫ୍ୟାନ୍ ଦେବାକୁ ପଡୁଥିଲା । ଆମେ ରହିଥିବା କୌଣସି ହୋଟେଲ୍‌ରେ ଏ. ସି. ବ୍ୟବସ୍ଥା ନଥିଲା । ଯିବା ଆଗରୁ ଧାରଣା ଥିଲା ସେଠି ଶୀତ ଲାଗିବ ବୋଲି । ଦିନ ବେଳର ଖରାଟା କିନ୍ତୁ କାଟୁଥିଲା । ଜୁନ୍ ମାସ ସେଠି ଗ୍ରୀଷ୍ମ ଋତୁର ସମୟ ।

ଶ୍ରୀନଗର ସହର ବୁଲିବା ପୂର୍ବରୁ ସାକିର୍ କହିଥିଲା କାଶ୍ମୀରରେ ଦଶୋଟି ଗାର୍ଡେନ ଅଛି । ସେଇ ଗାର୍ଡେନଗୁଡ଼ିକ ହିଁ ଶ୍ରୀନଗର ସହରର ମୁଖ୍ୟ ପର୍ଯ୍ୟଟନ ସ୍ଥାନ । ସେଦିନ ସ୍ଥାନୀୟ ଭ୍ରମଣ ଥିବାରୁ ଆମେ ହୋଟେଲ୍‌ରୁ ଜଳଖିଆ ଖାଇ ବାହାରିଥିଲୁ । ହୋଟେଲଗୁଡ଼ିକ ସକାଳ ଜଳଖିଆ, ଆଉ ରାତ୍ରୀର ଭୋଜନ ଦିଅନ୍ତି । ଦିନରେ ଟୁରିଷ୍ଟମାନେ ନିଜେ ବାହାରେ ଖାଇବା ବ୍ୟବସ୍ଥା କରନ୍ତି ।

ସେଦିନ ଆମେ ଟିକେ ଡେରିରେ ଅର୍ଥାତ୍ ଦଶଟାରେ ବାହାରିଲୁ । ହୋଟେଲ୍‌ଟି ସହରର ଗୋଟିଏ ପାର୍ଶ୍ୱରେ ଥିଲା । ସହର ଭିତରେ ପଶିଲା ପରେ ଆମ ଗାଡ଼ିର ଡାହାଣ ପାର୍ଶ୍ୱରେ ଗୋଟିଏ ବିରାଟ ହ୍ରଦ ଦେଖାଇଲା । ସେଇ ହ୍ରଦଟିକୁ ଦେଖାଇ ସାକିର୍ କହିଲା, "ସାବ୍‌ଜୀ ଦେଖିଏ ଡାଲ୍ ଲେକ୍ । ଶ୍ରୀନଗର୍ କି ସାନ୍ ହେ ! !"

ପିଲାଦିନର ପଢିଥିବା ଡାଲ୍ ହ୍ରଦକୁ ନିକଟରେ ଦେଖି ଖୁବ୍ ଖୁସି ଲାଗିଥିଲା । ବିଶାଳକାୟ ହ୍ରଦରେ ଅଚଳାଚଳ କାଚକେନ୍ଦୁ ପାଣି ଭର୍ତ୍ତି ହୋଇଥାଏ । ପାଣି ଉପରେ ସୂର୍ଯ୍ୟଙ୍କର ରୂପେଲି କିରଣ ତରଙ୍ଗ ସହ ଦୋଳି ଖେଳୁଥାଏ । ପ୍ରାକୃତିକ ସୌନ୍ଦର୍ଯ୍ୟର ସୁଷମା ଦର୍ଶକମାନଙ୍କୁ ଉପଭୋଗ କରାଇବା ପାଇଁ, ହ୍ରଦର କୂଳେ କୂଳେ ବସିବା ନିମନ୍ତେ ଅନେକ ଗୁଡ଼ିଏ ବେଞ୍ଚ୍ ପଡିଥିଲା । ଆଉ ପାଖରେ ଥିବା ଲାଇଟ୍ ପୋଷ୍ଟ୍ ଗୁଡିକ ଯେମିତି ଦର୍ଶକ ଆଗରେ ବଖାଣୁ ଥିଲେ, ହ୍ରଦର ସଂଧ୍ୟା କାଳୀନ ଦୃଶ୍ୟ ଖୁବ୍ ମନୋରମ ବୋଲି । ଆଖି ଯେ ପର୍ଯ୍ୟନ୍ତ ପ୍ରସାରିତ ହୋଇ ପାରୁଥିଲା ଦେଖୁଥିଲା ହ୍ରଦର ନୀଳ ଜଳରାଶିକୁ । ଦୂର ଦିଗ୍‌ବଳୟରେ ନୀଳ ଜଳ ଓ ସୁନୀଳ ଆକାଶ ପରସ୍ପରକୁ ଆଲିଙ୍ଗନ କରି ଏକାକାର ହୋଇ ଯାଇଥିଲେ । ଆଉ ସେଇ ଦୃଶ୍ୟ ଦେଖି ଦର୍ଶକ ନିଶ୍ଚିତ ମୁଗ୍ଧ ହୋଇଯିବ ।

ହ୍ରଦ କୂଳ କିଛି ଦୂର ଗଲା ପରେ ବାମପାର୍ଶ୍ୱକୁ ଆମ ଗାଡି ବୁଲିଲା । ସାକିର୍ ଗାଡ଼ି ଡ୍ରାଇଭର ହୋଇଥିଲେ ହେଁ, ଗାଇଡ୍‌ର କାମ ଅଧିକ କରୁଥିଲା । ମୋଗଲ ଗାର୍ଡେନ ଯିବା ସମୟରେ ଗାର୍ଡେନଗୁଡିକ ସଂପର୍କରେ କିଛି ସୂଚନା ଦେଇଥିଲା ।

ଗାର୍ଡେନଗୁଡିକ ମୋଗଲ ସାମ୍ରାଜ୍ୟ ସମୟରେ ମୋଗଲ ସମ୍ରାଟମାନଙ୍କ ଦ୍ୱାରା ତିଆରି ହୋଇଥିଲା । ଏହି ଉପବନଗୁଡିକ ମୋଗଲ ସମ୍ରାଟ୍‌ମାନଙ୍କ ଅବସର ବିନୋଦନ କେନ୍ଦ୍ର ଥିଲା ।

କେଉଁ ବଗିଚାଟି ସମ୍ରାଟ ନିଜ ପୁଅ ଉଦ୍ଦେଶ୍ୟରେ ତ, କେଉଁଟି ରାଣୀଙ୍କୁ ଉପହାର ଦେବା ପାଇଁ ତିଆରି କରିଥିଲେ । ପ୍ରତ୍ୟେକ ଗାର୍ଡେନ ପଛରେ ଗୋଟିଏ ଗପ ରହିଥିଲା । ସେଗୁଡିକ ଦେଖିଲା ପରେ ପିଲାଦିନେ ଇତିହାସରେ ପଢିଥିବା ମୋଗଲ ସମ୍ରାଟମାନଙ୍କ ବିଳାସପୂର୍ଣ୍ଣ ଜୀବନ ଯାପାନ ପ୍ରଣାଳୀ କଥା ମନେପଡୁ ଥିଲା ।

ପ୍ରଥମେ ଆମେ ଯାଇଥିଲୁ 'ଚଷ୍‌ମେ ଶାହୀ' ଗାର୍ଡେନ୍ । ଅନେକ ପ୍ରକାରର ଫୁଲ ଓ ଫୁଲଗଛରେ ଭରପୁର୍ ହୋଇ ବଗିଚାଟି ହସୁଥିଲା । ସବୁଠୁ ବଡ଼ ଆକର୍ଷଣ ଥିଲା ଗୋଲାପ ବଗିଚା । ଗୋଲାପ ଗଛଗୁଡ଼ିକ ବିଭିନ୍ନ ରଙ୍ଗର ବଡ଼ବଡ଼ ଫୁଲରେ ଲଦି ହେଇଥାନ୍ତି ।

ଅନେକ ନୂଆ ନୂଆ ଫୁଲ ଦେଖିଲୁ, ଯାହା ପୂର୍ବରୁ ଦେଖିବାକୁ ପାଇ ନଥିଲୁ । ମଝିରେ ମଝିରେ ଝରଣା ଜଳକୁ ବିରାଟ ବିରାଟ କୁଣ୍ଡରେ ରଖି କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଥିଲା ।

ରଙ୍ଗବେରଙ୍ଗ ଫୁଲ ଭିତରେ ବିରାଟକାୟ ଚିନାର୍ ଗଛଗୁଡ଼ିକ ଉଦ୍ୟାନର ସୌନ୍ଦର୍ଯ୍ୟର ମାନକୁ ବଢାଇ ଦେଉଥିଲା । ସେଠି ଏକ ଘଣ୍ଟା ବୁଲିଲା ପରେ ଆମେ ଗାଡିକୁ ଫେରି ଆସିଲୁ । କାରଣ ଅନ୍ୟ ଗାର୍ଡେନ୍ ବି ବୁଲିବାର ଥିଲା ।

ତା'ପର ଗାର୍ଡେନ୍ ଥିଲା ସାଲିମାର ଗାର୍ଡେନ । ମୋଗଲ ସମ୍ରାଟ ଶାହାଜାହାନ ତାଙ୍କ ରାଣୀ ମମତାଜଙ୍କ ଉଦ୍ଦେଶ୍ୟରେ ଏ ଉଦ୍ୟାନଟି ନିର୍ମାଣ କରିଥିଲେ । ଏ ଗାର୍ଡେନଟିର ପରିଧି ଅନ୍ତତଃ ତିରିଶ ଏକରରୁ କମ ହେବନି । ଏଇଟି ସବୁଠୁ ବଡ଼ ଗାର୍ଡେନ ଥିଲା । ଚାରିପଟେ ପୁରୁଣା ଚିନାର ଗଛ ଘେରି ରହିବା ସହିତ, ମଝିରେ ଝରଣାଟିଏ ବୋହି ଯାଇଛି । ଝରଣାର ଦୁଇ ପାର୍ଶ୍ୱରେ ଖୁବ୍ ସୁନ୍ଦର ଫୁଲ ବଗିଚା, ଝରଣା ପାଣିରୁ ସୃଷ୍ଟି ହୋଇଥିବା କୃତ୍ରିମ ୱାଟର ଫଲ୍ ଓ ଜଳ ଫୁଆରାଗୁଡିକ ଖୁବ୍ ଚିତ୍ତାକର୍ଷକ । ବଗିଚାଟି ତିନୋଟି ପର୍ଯ୍ୟାୟରେ ବିଭକ୍ତ ପ୍ରଥମ ଭାଗଟି ଦିୱାନି ଆମ୍, ମଝି ବଗିଚା ଟି ଦିୱାନି ଖାସ୍ ଓ ଶେଷ

ଅଂଶଟି ସାହି ମହଲା । ସପ୍ତଦଶ ଶତାବ୍ଦୀରେ ଏତେ ସୁନ୍ଦର ଭାବେ ବଗିଚା ଗୁଡ଼ିକ ନିର୍ମିତ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ଲାଗିଥିଲା । ମୋଗଲ ସମ୍ରାଟଙ୍କ ରୁଚିକୁ ମନେ ମନେ ପ୍ରଶଂସା କରିଥିଲି ।

ସେଦିନ ଅନେକଗୁଡ଼ିଏ ସ୍କୁଲ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସାଲିମାର ବାଗକୁ ବୁଲି ଆସିଥାନ୍ତି । ଦୀର୍ଘ ଦୁଇବର୍ଷ କରୋନା ଦ୍ୱାରା ବନ୍ଦୀ ହୋଇ ରହିଥିବା ସ୍କୁଲ ପିଲାଗୁଡିକ ଖୁବ୍ ଖୁସିଥିଲେ । ଉଦ୍ୟାନରେ ଥିବା ଝରଣାରେ କେତେକ ଛାତ୍ର ଗାଧଉଥାନ୍ତି । ଆଉ ସେଇ ପାଣିକୁ ନେଇ ଛାତ୍ରୀମାନେ ଖୁବ୍ ସୁନ୍ଦର ଖେଳୁଥାନ୍ତି । ପାଣି ଫୋପଡା ଫୋପାଡି ହୋଇ ଝିଅ ଗୁଡ଼ିକ ସମ୍ପୂର୍ଣ୍ଣ ଓଦା ହୋଇପଡିଥାନ୍ତି । ଛୋଟ ଝିଅଗୁଡିକ ବୁର୍ଖାରେ ଆବୃତ ଥାଇ ବି କିଛି ସ୍ୱାଧୀନତା ପାଇଥିବାରୁ ଉଦ୍ୟାନ ଭିତରେ ପ୍ରଜାପତି ଭଳି ଉଡ଼ି ବୁଲୁଥାନ୍ତି ।

ଦୁଇଟି ଗାର୍ଡେନ ବୁଲିଲା ପରେ ଆମେ ହାଲିଆ ହୋଇ ଯାଇଥିଲୁ । ଆଉ ବୁଲିବା ପାଇଁ ଶକ୍ତି ନଥିଲା । ସେଦିନ ଦିପହର ଖାଇବା ପରେ ଶ୍ରୀନଗର ସହରର ବଡ଼ ଗୋଟିଏ ଦରଘା ଦେଖିବାକୁ ଗଲୁ । କିନ୍ତୁ ଦରଘା ଭିତରକୁ ସ୍ତ୍ରୀଲୋକମାନଙ୍କ ପାଇଁ ପ୍ରବେଶ ନିଷେଧ ଥିଲା । ବାପପୁଅ ଭିତରକୁ ଗଲେ ମତେ ବାହାର ପଟେ ବୁଲି ଦେଖିବାକୁ ପଡ଼ିଲା । ଝର୍କା ବାଟେ ଦେଖିଲି ଏକ ବିରାଟ ପ୍ରାର୍ଥନା ହଲ୍ । ସେଇଠି ଗୋଟିଏ ମୁଣ୍ଡିଆ ମାରି ଫେରିଥିଲି ।

ଦରଘାଟି ଡାଲ୍ ହ୍ରଦ କୂଳରେ ଥିବାରୁ, କିଛି ସମୟ ସେଠି ବସି ହୋଟେଲ୍‌କୁ ଫେରିଥିଲୁ ।



ଜୁନ୍ ପାଞ୍ଚ ତାରିଖ ଦିନ ସକାଳ ଦଶଟାରେ ଆମେ ହୋଟେଲ୍‌ରୁ ବାହାରିଲୁ ପହଲ୍‌ଗାମ୍ ଅଭିମୁଖେ । ଶ୍ରୀନଗରରୁ ପହଲ୍‌ଗାମ୍ ବି ସେଇ ନବେ ପଞ୍ଚାନବେ କିଲୋମିଟର୍ ବାଟ ହେବ । ସେଦିନ ଆମେ ଶ୍ରୀନଗରର ହୋଟେଲ ଛାଡି ଦେଲୁ । କାରଣ ଆମର ପହଲ୍‌ଗାମ୍‌ରେ ଗୋଟେ ଦିନ ରହିବାର ଥିଲା ।

ଦିନ ଦଶଟା ଭିତରେ ଆମେ ସକାଳ ଜଳଖିଆ ଖାଇ, ଲଗେଜ୍ ପ୍ୟାକ୍ କରି ବାହାରିଲୁ । ସାକିର୍ ବାଟ ସାରା ପୁଅ ସହିତ ଗପସପ ହେଉଥାଏ । ମୁଁ ସେମାନଙ୍କ ଗପ ଶୁଣଥାଏ, ଆଉ ମଝିରେ ମଝିରେ କିଛି ପଚାରୁ ଥାଏ । ପହଲ୍‌ଗାମ୍ ବା ପେହେଲ୍‌ଗାମ୍‌ର ଅର୍ଥ ପଶୁଚରାଳିଙ୍କ ଗ୍ରାମ ବୋଲି ସେ କହୁଥିଲା । ଅନୁମାନ କଲି ବୋଧହୁଏ ସେଇ ଗାଁ ଲୋକ ମେଣ୍ଢା ପୋଷି ଜୀବିକା ନିର୍ବାହ କରୁଥିବେ ଏବଂ ସେଇ ମେଣ୍ଢାମାନଙ୍କୁ ଚରାଇ ନେଉଥିବା ଯୋଗୁଁ ଗ୍ରାମଟିର ନାମ ଏପରି ହୋଇଥିବ ।

ଆମେ ଯାଉଥିବା ରାସ୍ତାଟି ଜାତୀୟ ରାଜପଥର ନମ୍ବର ଏକ ଥିଲା । ସେଇ ରାସ୍ତାଟି କାଶ୍ମୀରକୁ ଅନ୍ୟ ରାଜ୍ୟ ସହିତ ସଂଯୁକ୍ତ କରୁଥିଲା ।

ପହଲ୍‌ଗାଁଓ ରାସ୍ତାରେ ଶହ ଶହ ଡ୍ରାଏ ଫ୍ରୁଟ୍‌ସ୍ ଦୋକାନ । ଗୋଟିଏ ଦୋକାନ ନିକଟରେ ଗାଡ଼ି ଅଟକାଇ କିଛି ଅଖରୋଟ୍, ପେସ୍ତାବାଦାମ, କେଶର, ବ୍ଲାକ୍‌ବେରୀ, ଗୁଜୁରାତି ଇତ୍ୟାଦି ଧରିଲୁ । ଯଦିଓ ଟିକେ ଅଧିକ ଦାମ ଥିଲା, କ୍ୱାଲିଟି ନିଶ୍ଚିତ ଉନ୍ନତ ମାନର ଥିଲା ।

କିଛି ରାସ୍ତା ଗଲା ପରେ ଆମକୁ ସାକିର୍ ଆପଲ୍ ଜୁସ୍ ପିଆଇବାକୁ ଗୋଟିଏ ଜୁସ୍ ଦୋକାନ ସାମ୍ନାରେ ଗାଡ଼ି ରଖିଲା । ଜୁସ୍ ଷ୍ଟଲ୍ ପଛପଟେ ବିରାଟ ଆପଲ୍ ବଗିଚା ଥିଲା । ଆପଲ ଗଛଗୁଡ଼ିକ କଷି କଷି ସବୁଜ ବର୍ଣ୍ଣର ଆପଲ୍‌ରେ ଲଦି ହୋଇଥିଲା । ଫଳନ୍ତି ଅବସ୍ଥାରେ ସେଓଗଛଗୁଡିକ ଦେଖି ବହୁତ ଖୁସି ଲାଗୁଥିଲା । ଆମେ ଷ୍ଟଲ୍‌ରୁ ଆପଲ୍ ଜୁସ୍ ପିଇଲୁ । ବିନା ଚିନିରେ ବି ସେ ଜୁସ୍ ଖୁବ୍ ମିଠା ଲାଗୁଥିଲା ।

ସେଓ ଚାଷ ସେମାନଙ୍କର ରୋଜଗାରର ଏକ ପ୍ରଧାନ ପନ୍ଥା ।

ପୁଅର ଚିକେନ୍ ପ୍ରତି ଟିକେ ଦୁର୍ବଳତା । ଖାଦ୍ୟରେ ଚିକେନ ନିହାତି ଦରକାର କହିଲେ ଚଳେ । ସେଠାରେ ହୋଟେଲରେ ସେମାନେ ରାଇସ୍, ଡାଲି, ପନିର୍, ଛୋଲେ, ରାଜମା, ଚିକେନ ରଖିବା ସହିତ ନିଶ୍ଚୟ କ୍ଷୀରି କି କଷ୍ଟାଡ୍ କି ହାଲୁଆ ରଖୁଥିଲେ । ପରିବା ସେମାନେ ଖାଆନ୍ତି କି ନାହିଁ ଜାଣିନି, କିନ୍ତୁ ହୋଟେଲ୍ ରିସେପସନ୍ କାଉଣ୍ଟରରେ ପରିବା ତରକାରୀ କିନ୍ତୁ ଦେଖିନି । ସାକିର୍ କଥା ପ୍ରସଙ୍ଗରେ କହିଥିଲା, "ମ୍ୟାଡମ୍ ଜୀ କାଶ୍ମୀରର ପଲାଉ ନିଶ୍ଚୟ ଖାଇବେ । ଏମିତି ପଲାଉ ଆଉ କୋଉଠି ପାଇବେନି ।"

ରାସ୍ତାରେ ଥିବା ଢାବାଗୁଡିକରେ କେବଳ ଶାକାହାରୀ ଖାଦ୍ୟ ମିଳୁଥାଏ । ପୁଅ କିନ୍ତୁ ଚିକେନ୍ ଚାହୁଁଥାଏ । ବହୁତ କଷ୍ଟରେ ସାକିର୍ ଗୋଟିଏ ହୋଟେଲ୍ ଭିତରକୁ ଯାଇ ବୁଝି ଆସି କହିଲା, ସେଠି ଚିକେନ୍ ମିଳିବ କିନ୍ତୁ ସମସ୍ତଙ୍କ ସାମ୍ନାରେ ଦେବେନି ଭିତରେ ଲୁଚେଇ କରି ଦେବେ । ମୁଁ ବି ଦେଖିଲି ସବୁ ଟୁରିଷ୍ଟ ପ୍ରାୟ ଶାକାହାରୀ ଥିଲେ । ଆମ ପାଇଁ ପଲାଉ ମଗାଇଲା ବେଳେ ପୁଅ ପାଇଁ ଚିକେନ୍ ବିରିଆନି ମଗାଇଥିଲୁ । ସତରେ ବି କାଶ୍ମୀରୀ ପଲାଉ ସ୍ୱାଦିଷ୍ଟ ଥିଲା । ହୋଟେଲ୍‌ରୁ ବାହାରିଲା ବେଳକୁ ଏକ ପ୍ରକାର କୋଳି ପ୍ୟାକେଟ୍‌ରେ ମିଳୁଥିଲା । ମୁଁ ସେ କୋଳି ଆଣିବାକୁ ଭାବୁଥିଲି, କିନ୍ତୁ ଫେରିବା ସମୟରେ ନେଲେ ରହିବ ଓ ସମସ୍ତେ ଖାଇବେ ବୋଲି ଭାବି ଆଣି ନଥିଲି । ତା ପରେ ପହଲ୍‌ଗାମ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ ।

ପହଲ୍‌ଗାମ୍ ପୂର୍ବରୁ ଏକ ପାହାଡି ନଦୀ ରାସ୍ତାର ବାମ ପାର୍ଶ୍ୱରେ ବହି ଯାଉଥିବା ଦୃଶ୍ୟ ଦେଖିଲି । ସାକିର୍ ସେ ନଦୀଟି ଲିଡର ନଦୀ ଓ ସେଠି ଅନେକ ଚଳଚ୍ଚିତ୍ର ସୁଟିଂ ହୋଇଛି ବୋଲି କହିଲା । ଅପରପାର୍ଶ୍ୱକୁ ଯିବାକୁ ଗୋଟିଏ ବ୍ରିଜ୍ ନଦୀ ଉପରେ ହୋଇଥିଲା । ଯଦିଓ ନଦୀଟିର ନିକଟକୁ ଯାଇ ନଥିଲୁ, ତଥାପି ପାହାଡି ନଦୀଟି ଶିଳାର ପ୍ରତିବନ୍ଧକୁ ଭ୍ରୂକ୍ଷେପ ନକରି କଳ କଳ ନାଦରେ ଆଗକୁ ପ୍ରବାହିତ ହେଉଥିଲା । ସେହି ଅତୁଳ୍ୟ ସୌନ୍ଦର୍ଯ୍ୟର ସଂଦର୍ଶନରେ ଆଖି ତୃପ୍ତ ହେଉନଥିଲେ ବି ଗାଡ଼ି ଆମର ଆଗେଇ ଯାଇଥିଲା ।

କଥା ଥିଲା ସେଦିନ ଆମେ ହୋଟେଲ୍‌ରେ ରହିବୁ ଓ ତା' ପରଦିନ ବୁଲିବୁ । କିନ୍ତୁ ଆମେ ଯେତେବେଳେ ପହଲ୍‌ଗାମ୍‌ରେ ପହଞ୍ଚି ସାରିଥାଉ ସାକିର୍ ଫୋନ୍ କରି ହୋଟେଲ୍ ବିଷୟରେ ବୁଝିବାରୁ, ଏଜେନ୍ସିରୁ ଜାଣିବାକୁ ପାଇଲା ଆମ ହୋଟେଲ୍‌ଟି ପନ୍ଦର କିଲୋମିଟର ପଛରେ ରହିଗଲାଣି । ସେତେବେଳେକୁ ଦିନ ତିନିଟା ହୋଇଗଲାଣି । ତେଣୁ ଆମେ ହୋଟେଲ୍ ଯିବା ପୂର୍ବରୁ ବୈଶାରନ ଭେଲି ଦେଖିବାକୁ ବାହାରିଲୁ । ଯାହାକୁ ମିନି ସୁଇଜରଲ୍ୟାଣ୍ଡ କୁହାଯାଏ ।

(ଆସନ୍ତାଥରକୁ ସମାପ୍ୟ)



# ସବୁ ଆଜି ସୁନୀଲ ସୁନୀଲ

# ଅଙ୍ଗାର ହେବେ ନାହିଁ କବି ସୁନୀଲ୍


**ସୁଶାନ୍ତ**

ବଜରଙ୍ଗ ନଗର, ଝାରପଡ଼ା,
ଭୁବନେଶ୍ୱର-୭୫୧୦୦୬
ଫୋନ : ୯୪୩୯୦୪୪୨୧୫


ଫଟୋ ସୌଜନ୍ୟ : ଲେଖକ
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ଚିତ୍ରଶିଳ୍ପୀ ବିମଳ ଦାସ

**ସେ ଥିଲେ ଶାନ୍ତ, ଶୃଙ୍ଖଳିତ ଓ କୋମଳ । ତାଙ୍କ ଭିତରେ ଥିଲା ପ୍ରଚୁର ଅନ୍ୟମନସ୍କତା । ନିରବତାରୁ ନିଗିଡ଼ି ଆସୁଥିବା ଶବ୍ଦମାନଙ୍କର ସେ ଥିଲେ ସୁଦକ୍ଷ ସ୍ଥପତି । କବିତା ଓ ସଂପାଦନାର ଦୁଇ କୂଳରେ ବସି ସେ ଗାଉଥିଲେ ଗୀତ : କେବେ ପ୍ରେମର ତ କେବେ ବିରହର । ସବୁବେଳେ ସ୍ନେହୀ ଏଇ ମଣିଷଟି ହେଲେ କବି ସୁନୀଲ କୁମାର ପୃଷ୍ଟି । କେହି ହୁଏତ ତନୁଲତାର କବି ବୋଲି ଜାଣିଥିବେ । କିନ୍ତୁ ତନୁଲତା କିଏ କେହି ଜାଣନ୍ତି ନାହିଁ । ଆଜି ସୁନୀଲ ପୃଷ୍ଟି ନାହାନ୍ତି ସତ ହେଲେ ସବୁକିଛି ଲାଗେ ସୁନୀଳ ସୁନୀଳ ।**


ପୋଟ୍ରେଟ୍ ସୌଜନ୍ୟ : ସୌମ୍ୟରଞ୍ଜନ ପଟ୍ଟନାୟକ


ଲେଖକ ସୁଶାନ୍ତ

କବି **ସୁନୀଲ୍ କୁମାର ପୃଷ୍ଟି** ଆଜି ନଥିବା ବେଳେ ଆମେ ତାଙ୍କୁ ଖୋଜିବାକୁ ବାହାରିଛୁ । ଥିବା ବେଳର କିଛି ସ୍ମୃତି, କିଛି ଛବି ଓ କିଛି ଛାଇକୁ ମିଶାଇବାକୁ ହେବ । ବୋହି ଯାଇଥିବା ନଦୀ, ବିତି ଯାଇଥିବା ସମୟର ସାମାନ୍ୟ ଏକ ରେଖାଚିତ୍ର ଆଙ୍କି ବସିଲେ ଯାହା ହେବ ତାହା ହେଉଛି ମୋ ଦୃଷ୍ଟିରେ ସୁନୀଲ୍ ।

ସୁନୀଲ୍ କୁମାର ପୃଷ୍ଟିଙ୍କର ଦୁଇଟି ଦିଗ ସମସ୍ତଙ୍କୁ ଦୃଶ୍ୟମାନ- ଗୋଟିଏ ପଟେ କବି ସୁନୀଲ, ଅନ୍ୟ ପଟେ ସଂପାଦକ ସୁନୀଲ । ଏବଂ ଆମେ ଯେଉଁମାନେ ତାଙ୍କ ଠୁ କନିଷ୍ଠ; ସେ ଆମ ପାଇଁ ପ୍ରିୟ ସୁନୀଲ ଭାଇ । ଆଜି ସେ ଦେହ ଦେଉଳରେ ନଥିବା ବେଳେ, ଲିଭି ଯାଇଥିବା ସଳିତା ପଛର କିଛି ଧୂଆଁ, କିଛି ନିଆଁ, କିଛି ଆଲୋକ ଓ କିଛି ଧ୍ୱନିକୁ ସାଉଁଟିବା ।

ଅକ୍ଟୋବର ୧୯୯୪ ରୁ ୨୦୧୦ ଜାନୁଆରି ଭିତରେ ଗୋଟିଏ ମଂଚା ବନ୍ଧା ଯାଇଥିଲା । ସେ ମଂଚା ଉପରେ ଦୁଇଜଣ ବସିଥିଲେ । ଜଣେ ସ୍ୱଳ୍ପକାଳ, ଆଉ ଜଣେ ଅପେକ୍ଷାକୃତ ଦୀର୍ଘ ସମୟ ସେ ମଂଚାରେ ଦୃଶ୍ୟମାନ ହେଲେ । ମଂଚା ବାନ୍ଧିଥିଲେ ଅନ୍ୟ ଜଣେ । ଯିଏ ମଂଚା ବାନ୍ଧିଥିଲେ, ସିଏ ସେ ମଂଚାରେ ବସିଲେ ନାହିଁ; ସେ ନିଜେ ସେଥିରେ ବସିବେ ନାହିଁ ଭାବିକି ମଂଚା ବାନ୍ଧି, ମନସ୍ଥ କରି ଜଣକୁ ସେଥିରେ ବସାଇଥିଲେ । ପ୍ରଥମ ଜଣକ ମଂଚାରେ ଦୁଇ ବର୍ଷ ବସି ଓହ୍ଲାଇଯିବା ପରେ, ଦ୍ୱିତୀୟ ଜଣକ ମଂଚାରେ ବସିଲେ; ଖାଲି ବସିଲେ ନାହିଁ, ମଂଚା ସମ୍ଭାଳିଲେ ବି । ସେହି ମଂଚାଟି ଥିଲା **'ସଚିତ୍ର ବିଜୟା'** ।

ସେହି ତିନି ଜଣ ଓଡ଼ିଆ ସଂସ୍କୃତି ଓ ସାହିତ୍ୟକୁ ନେଇ ପତ୍ରିକା ଜଗତର ରୂପରେଖ ବଦଳାଇ ଦେଲେ । ମଂଚା ବନ୍ଧାଳି ଥିଲେ ମନୋଜ ଦାସ । ମଂଚା ଉପରେ ପ୍ରଥମେ ବସିଥିଲେ ଅଭୟ ସିଂହ ଏବଂ ଅଭୟ ସିଂହ ଓହ୍ଲାଇଯିବା ପରେ ମଂଚା ସମ୍ଭାଳିଥିଲେ ସୁନୀଲ କୁମାର ପୃଷ୍ଟି । ସମୟ କ୍ରମେ ଏ ତିନି ଜଣଙ୍କ ସହ ମୁଁ ପ୍ରତ୍ୟକ୍ଷ ଓ ଘନିଷ୍ଠ ହୋଇପଡ଼ିଥିଲି । ଏ ତିନି ଜଣଙ୍କୁ ନେଇ ମୁଁ ଅନେକ ସମୟରେ ଗୋଟିଏ ତ୍ରିଭୁଜ ସୃଷ୍ଟି କରେ । ତ୍ରିଭୁଜର ତିନିକୋଣରେ ତିନି ଜଣଙ୍କୁ ବସାଏ । ବୟସର ବ୍ୟବଧାନ ସତ୍ତ୍ୱେ କିଛି ଦିନ ଭିତରେ ଆମ ପରିସରରୁ ତିନିହେଁ ଅନ୍ତର୍ହିତ ହୋଇଯାଇଛନ୍ତି । ପ୍ରଥମେ ଅଭୟ ସିଂହ ଗଲେ ଫେବୃଆରି ୨୦୨୧ରେ, ମନୋଜ ଦାସ ଗଲେ ଏପ୍ରିଲ ୨୦୨୧ରେ, ଆଉ ସୁନୀଲ ପୃଷ୍ଟି ଗଲେ ମଇ ୨୦୨୪ରେ ।



'ସଚିତ୍ର ବିଜୟା'ର ସମ୍ପାଦନା ସମୟରେ ସୁନୀଲ

ସୁନୀଲଙ୍କୁ ଖୋଜିବାକୁ ଯିବା ଭିତରେ ମନୋଜ ଦାସ ଓ ଅଭୟ ସିଂହଙ୍କୁ ଟାଣି ଆଣିବାର ଆବଶ୍ୟକତା ରହିଛି । କାରଣ ଏ ଦୁଇଜଣଙ୍କ ଭିତରୁ ଜଣେ ମଞ୍ଚା ବାନ୍ଧିବା ଓ ଅନ୍ୟ ଜଣେ ସେ ମଞ୍ଚା ଉପରେ ବସିବା ବେଳେ, ଦିନେ ଯେ ହଠାତ୍ ସୁନୀଲ କୁମାର ପୃଷ୍ଟି ସେ ମଞ୍ଚା ଉପରକୁ ଆସିବେ, ସେମାନେ ଭାବି ନଥିଲେ । ଅତ୍ୟନ୍ତ ଆକର୍ଷଣୀୟ, ଉଚ୍ଚକୋଟୀର, ଦିଗ ନିର୍ଣ୍ଣିତ ସେନାପତିର ଦାୟିତ୍ୱ ନିଭାଉ ନିଭାଉ, ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ, ଚିତ୍ତାକର୍ଷକ ନାଟକ ଓ ଭରପୂର ଦର୍ଶକ (ପାଠକ)ଙ୍କ ଉପସ୍ଥିତି ସତ୍ତ୍ୱେ, ନାଟକ ମଝିରେ ହଠାତ୍ ମଂଚରୁ ଓହ୍ଲାଇଗଲେ ଅଭୟ ସିଂହ ଓ ଅବିଳମ୍ବେ ସେ ମଂଚ ଉପରେ ଦୃଶ୍ୟମାନ ହେଲେ ସୁନୀଲ । ଯୁଦ୍ଧକ୍ଷେତ୍ରର ସୈନିକ ହୁଅନ୍ତୁ ବା ନାଟକର ଦର୍ଶକ- ଭାବିବାକୁ ସମୟ ନଥଲା ଯେମିତି- ମଞ୍ଚା ଉପରେ ଥିଲେ ସୁନୀଲ ।




ଅକ୍ଟୋବର ୧୯୯୪ରେ ମଞ୍ଚା ଉପରକୁ ଚଢ଼ିଥିଲେ ଅଭୟ ସିଂହ; ସେପ୍ଟେମ୍ବର ୧୯୯୬ରେ ମଞ୍ଚାରୁ ଓହ୍ଲାଇଗଲେ । ମଞ୍ଚା ଫାଙ୍କା ପଡ଼ି ନାହିଁ । ଅକ୍ଟୋବର ୧୯୯୬ରେ ସୁନୀଲ୍ 'ସଚିତ୍ର ବିଜୟା'ର ସଂପାଦକ ହୋଇ ସେ ମଞ୍ଚା ଉପରକୁ ଆସି ଯାଇଥିଲେ । ଆଜିକୁ ୨୮ ରୁ ୩୦ ବର୍ଷ ତଳେ ସମୟ ଭିନ୍ନ ଥିଲା । ୨୦୨୪ ପରି ଡିଜିଟାଲ୍ ଯୁଗ ସେତେବେଳେ ଆସିନଥିଲା । ଆଜି ଭଲ ପତ୍ରିକାର ମରୁଡ଼ି ସମୟ । ସେତେବେଳେ କିନ୍ତୁ 'ସଚିତ୍ର ବିଜୟା'ର ପ୍ରଥମ ସଂଖ୍ୟା ୩୦ ହଜାର କପି ଛପା ଯାଇଥିଲା ଏବଂ ୮ ରୁ ୧୦ ଦିନ ଭିତରେ ବଜାରରେ ନିଅଣ୍ଟ ପଡ଼ିବାରୁ ତୁରନ୍ତ ମାନ୍ଦ୍ରାଜରୁ ପୁନଃ ମୁଦ୍ରଣ ହୋଇ ୧୦ ହଜାର କପି ଆସିଥିଲା । (୧୯୯୯ ମସିହାରେ ଅଭୟ ସିଂହ ମୋତେ ଏହି ସୂଚନା ଦେଇଥିଲେ ।) ସେତେବେଳେ 'ସଚିତ୍ର ବିଜୟା' ସହିତ ଯେଉଁମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଜଡ଼ିତ ଥିଲେ ସେମାନେ ଜାଣନ୍ତି, ଓଡ଼ିଆ ପତ୍ରିକା ଜଗତରେ 'ଜହ୍ନମାମୁ' ପରେ ସେପରି ଅସାମାନ୍ୟ ପ୍ରସିଦ୍ଧିର କ୍ଷେତ୍ର ଅଭୟ ସିଂହ ହିଁ 'ସଚିତ୍ର ବିଜୟା' ପୃଷ୍ଠାରେ ପ୍ରସ୍ତୁତ କରିଥିଲେ । 'ବିଜୟା' ସଂପାଦନାରୁ ଅଭୟ ସିଂହ ଓହରିଯିବା ଓ ସୁନୀଲ ପୃଷ୍ଟି ସେହି ଦାୟିତ୍ୱରେ ଆସୀନ ହେବା ସହ 'ସଚିତ୍ର ବିଜୟା'ର ବ୍ୟାପକ କ୍ଷେତ୍ରରେ ବିଚରଣ କରିବାର ସୁଯୋଗ ଓ ପରିସର ପାଇଲେ ।




ସେହି 'ବିଜୟା' ପୃଷ୍ଠାରେ କ୍ରମେ ପ୍ରକାଶିତ ହୋଇଥିଲା କବି ସୁନୀଲଙ୍କ ଦ୍ୱିତୀୟ କବିତା ସଂକଳନ 'ଦେହ ଦେଉଳ'ର ବିଜ୍ଞାପନ । ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାରେ ସମୃଦ୍ଧ 'ବିଜୟା'ର ବୃହତ୍ତର ପାଠକ ସମାଜ ଜାଣିବାକୁ ପାଇଲେ ସଂପାଦକ ସୁନୀଲ୍ ଜଣେ କବି ବୋଲି । ଅଧପୃଷ୍ଠାର ବିଜ୍ଞାପନ ଭିତରେ 'ଦେହ ଦେଉଳ'ର ପ୍ରଚ୍ଛଦ ସହ ଗୋଟିଏ କବିତାର ଛିନ୍ନାଂଶ ପ୍ରକାଶିତ ହୋଇଥିଲା । ଯାହାର ମର୍ମଭେଦୀ କବିପ୍ରାଣ ଥିବ, ସିଏ ସେ ଛିନ୍ନାଂଶ କବିତା ଭିତରୁ ସୁନୀଲଙ୍କ ପ୍ରେମରେ ପଡ଼ିଥିବ ହିଁ ପଡ଼ିଥିବ । ମୁଁ ଏଠାରେ 'ଦେହ ଦେଉଳ'ର ସମୀକ୍ଷା ଲେଖୁନାହିଁ, କିନ୍ତୁ ଯିଏ 'ଦେହ ଦେଉଳ'ର କବିତା ସବୁ ପଢ଼ିଥିବ, ସିଏ ପ୍ରଖର ଓ ପ୍ରବୀଣ ଆଧୁନିକ କବିମାନଙ୍କ ଠାରୁ ଭିନ୍ନ, ବିଚକ୍ଷଣ, ଅତ୍ୟନ୍ତ ନାନ୍ଦନିକ ଓ ନିର୍ଭେଜାଲ କବିପଣର ସୁନୀଲଙ୍କୁ ଆବିଷ୍କାର କରିଥିବ ।

'ଦେହ ଦେଉଳ'ର କବିତା ସବୁକୁ ସେହି ସମୟରେ ମୁଁ ଅସଂଖ୍ୟ ଥର ପଢ଼ିଥିବି । ଏବଂ ସୂକ୍ଷ୍ମତର ପ୍ରେମ-କବିତାର ମାୟାଜାଲ ଭିତରେ ବନ୍ଦୀ ହୋଇଛି ବାରବାର । ସେହି ସବୁ କବିତା ଭିତରେ ମୁଁ ପାଇଥିଲି 'ରିଡ୍ ବିଟୁଇନ୍ ଦି ଲାଇନ୍ସ'ର ସ୍ୱର-ସଂବେଦନା । ଯଥାର୍ଥରେ କୁହାଯାଇଛି, ସଂକେତଧର୍ମୀ କବିତା ଭିତରେ 'ରିଡ୍ ବିଟୁଇନ୍ ଦି ଲାଇନ୍ସ' ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ରହିଥାଏ । ସୁନୀଲଙ୍କ 'ଦେହ ଦେଉଳ' ଭିତରେ ତାହା ପ୍ରଚଣ୍ଡ ଭାବରେ ଥିବା ମୁଁ ଠାବ କରିଥିଲି ।

ସଂପାଦକ ସୁନୀଲ ଓ କବି ସୁନୀଲଙ୍କ ଭିତରେ ମୋର ସମ୍ପର୍କ ପ୍ରଥମରୁ ହିଁ 'ସୁନୀଲ ଭାଇ'ରେ ରୂପାନ୍ତରିତ ହୋଇଥିଲା । କହିବାରେ ଦ୍ୱିଧା ନାହିଁ, ମୁଁ ତାଙ୍କୁ ଅଗ୍ରଜ ଭାବେ ଗ୍ରହଣ କରିଥିଲି ଓ ସେ ମୋତେ ଅନୁଜ ଭାବେ ଘେନା କରୁଥିଲେ ।

କ୍ରମେ ସଂପାଦକ ସୁନୀଲ ଓ କବି ସୁନୀଲଙ୍କୁ ମୁଁ ଏକ କରିଦେଇଥିଲି । 'ସଚିତ୍ର ବିଜୟା'ରୁ 'ସାହିତ୍ୟ ପୃଥିବୀ' ଯାଏଁ ଦୀର୍ଘ ବର୍ଷ ଯେହେତୁ ଆମର ଏକତ୍ର ବିତିଛି, ସେଥିରେ ବହୁ ଘଟଣାକ୍ରମ ରହିଛି, ସେସବୁକୁ ଭିନ୍ନ ପରିସରରେ ଉଲ୍ଲେଖ କରା ଯାଇପାରେ । ମାସିକ ପତ୍ରିକା, ପୁଣି 'ସଚିତ୍ର ବିଜୟା' ଓ 'ସାହିତ୍ୟ ପୃଥିବୀ' ପରି ପତ୍ରିକାର ସଂପାଦନା ଭିତରେ ଆମେ କେତେ ନିବିଷ୍ଟ ଓ ନିବିଡ଼ ଭାବେ କାର୍ଯ୍ୟ କରିଛୁ, ସେସବୁର ମୂକସାକ୍ଷୀ ହେଉଛି ପତ୍ରିକାର ପୃଷ୍ଠା ସବୁ । ଜାଣେନା, କାହିଁକି ଆମ ଭିତରେ ସୃଷ୍ଟି ହୋଇଥିଲା ଏତେ ଭଲ ପାଇବା । ପତ୍ରିକା ଭିତରେ ମୋର ଯାହା ଇଚ୍ଛା ତାହା କରିବାର ଅଲିଖିତ ଅଧିକାର ସେ ମୋତେ ଦେଇଥିଲେ । ମୋର ଦକ୍ଷତା ଠାରୁ ସୁନୀଲ୍ ଭାଇଙ୍କ ବଡ଼ପଣ ବହୁତ ଭାରି ଥିଲା । ସେ ଭାରକୁ ବି ମୁଁ ଆତ୍ୟନ୍ତିକ ଶ୍ରଦ୍ଧାର ସହ ଗ୍ରହଣ କରିଥିଲି । ପତ୍ରିକା ସଂପାଦନା ଭିତରେ, କେତେ ଯେ କେଉଁଠି ଘୂରିଛୁ, ଖୋଜିଛୁ, ସାଉଁଟିଛୁ ଏବଂ ସବୁକୁ ନେଇ ପତ୍ରିକା ପୃଷ୍ଠାରେ ପାଠକମାନଙ୍କୁ ଭେଟି ଦେଇଛୁ, ସେସବୁକୁ ମନେ ପକାଇଲେ ଆଜି ନିଜକୁ ବିସ୍ମିତ ଲାଗେ । ଆମେ ସେତେବେଳେ ଏମିତି ଢଙ୍ଗରେ ପତ୍ରିକା ପାଇଁ କାର୍ଯ୍ୟ କରୁଥିଲୁ ଯେ, କେହି କେହି ଶୁଣାଉଥିଲେ, "ଯେଉଁଠି ଥିବେ ସୁନୀଲ୍, ସେଇଠି ଥିବ ସୁଶାନ୍ତ ।"




ସେ ସମୟ ଆଜି ନାହିଁ; ନାହାନ୍ତି ବି ସୁନୀଲ୍ ଭାଇ । ଛାତିକୁ ପଥର କରି ସେ ବାହୁଡ଼ିଗଲେ । ଅଟକି ରହି ଆମ ଛାତି ବି ପଥର ପାଲଟି ଯାଉଛି । ସୁନୀଲ୍ ଭାଇ ଚାଲି ଯାଉଯାଉ, ସୁନୀଲ୍ ଭାଇଙ୍କୁ ନେଇ ତୁରନ୍ତ କିଛି ଲେଖିଦେବା ପାଇଁ କୃଷ୍ଣଭାଇ (କୃଷ୍ଣ କୁମାର ମହାନ୍ତି)ଙ୍କ ସସ୍ନେହ ତାଗିଦ୍ ପରେ ଏବେ ଯାହା ବି ମୁଁ ଲେଖି ବସୁଛି,



# ସୁନୀଲ ପୃଷ୍ଟିଙ୍କ ପାଇଁ କବିତାଟେ

## ତୁମ ପ୍ରେମିକା: ତନୁଲତା

**ରଜନୀ ଶତପଥୀ**

ଅଶିଣ ଆସିଲେ
ପ୍ରତିବର୍ଷ ତୁମ ଫାଟକ ଲଟାରେ
ପେନ୍ଥା ପେନ୍ଥା ଇଟା ରଙ୍ଗ ଫୁଲ ମାତିଲେ
ମନେପଡ଼େ ତମର...
ତମ ପ୍ରେମିକା: ତନୁଲତା ।

ତନୁଲତାର ଫଟୋ ନାହିଁ ତମ ଘରେ
ଠିକଣା ବି ଜଣା ନାହିଁ
ଆଜିକାଲି ରହେ ସିଏ କେଉଁ ସହରରେ( ? )
କେଇବର୍ଷ ହେବ ତା ନାଆଁ ଯୋଡ଼ି ଯାଇଛି
ଆଉ କାହା ସାଙ୍ଗିଆରେ ।

ତମେ କଣ ସତ ମଣିବ( ? )
ମୁଁ ଯଦି କହେ ତନୁଲତାର ଠିକଣା ମିଳିଛି
ହଜାରେ ଜଞ୍ଜାଳରେ ରୁନ୍ଧି ହୋଇ
ସେ ସଂସାର କରିଛି ଆମ ପାଖ ଗାଁରେ.. !
ତନୁଲତା ହୁଣ୍ଡି ବୋହୂଟିଏ ;
ଭାତ ରାନ୍ଧେ, ଭାତ ବାଢ଼େ
ତା ଉଦାସ ପଣରେ ପଖାଳେ
ପିଢ଼ାରେ ବସେଇ ସ୍ୱାମୀକୁ ଦାରୁଭୂତ କରେ;
ତା କଅଁଳ ଭେଣ୍ଡି ପରି ଆଙ୍ଗୁଠିରେ
ବିଣ୍ଡି ପରି ଥାଏ ତୁମ ସ୍ମୃତି
ଆଉ ହାତରେ ଉଖାରୁଥାଏ ବସି
କିଛି କାମ ନଥିଲେ ।

ତନୁଲତାକୁ ଝୁରୁଥିବା ତୁମ କଲମରୁ କାଳି
କାକର ପରି ଝରୁଥିଲା ଦିନେ
ଏଇ ଶରତରେ କେତେ କବିତା ଫର୍ଦ୍ଦରେ;
ଆଜି ତନୁଲତା କାକର ପରି ନିରବରେ ଚରିଯାଏ
ତୁମ ବଗିଚାର ଘାସ ଗାଲିଚାରେ ।

ତୁମ ଘର ପାଚେରୀ କଡ଼ରେ
ତନୁଲତା ପାତଳୀ ଗୁଆଗଛଟିଏ...
ନ ଦିଶିଲା ଗାର ପରି ତା ଲମ୍ବିଥିବା ଛାଇରେ
ପିମ୍ପୁଡ଼ି ଧାର ପରି ତୁମ ସ୍ମୃତି
ଯାଆ ଆସ କରେ ।

ପ୍ରେମ ହେଲେ ପାର୍ବଣର ଚନ୍ଦ୍ରପକ୍ଷ
ପ୍ରେମିକାର ମନ କଇଁଫୁଲ ରାତି
ତନୁଲତାମାନେ ଏଠି ପାଣି ତାରା
ପାଣିରେ ଫୁଟନ୍ତି, ଭାସନ୍ତି
ପାଣିରେ ବତୁରି ମରିବାର ଭାଗ୍ୟ ଜାଣି ବି
କାହିଁ ମିଛରେ ଲୋଡ଼ନ୍ତି ଆକାଶର ଛାତି ?

ଭୁବନେଶ୍ୱର

## ସୁନୀଲ କୁମାର ପୃଷ୍ଟି : ଔଷଧ

ଏ ଘାସମାନଙ୍କୁ କେତେ କାଟୁଥିବ
ଯୋଉମାନେ
କଟି ଯାଉଛନ୍ତି ଦାତୁଆ କାତିରେ ।

ଛି' କର ତ ଏ ମାଳିକୁ
ଫୁଲ ହେଲେ ସଉକ କରେ
ଓ ଘାସ ହେଲେ କାଟିଦିଏ ।

ତାକୁ ଆଜି
ଘାସ ଭିତରେ ମିଳିଲା ଗୋଟେ ଔଷଧ
ଯା'ର ବାସ୍ନା ଭଲ କରି ଦେଇପାରେ ବିଷାଦ ।

ପୋଖରୀରେ ମାଛ ମାରୁଥିବା କେଉଟ ବି
ମାଗିଲା ସେ ବାସ୍ନା
ଏଇଥିପାଇଁ ଯେ ବାରମ୍ବାର ଜାଲ ଛିଣ୍ଡେଇ
ଚାଲି ଯାଉଥିବା ଜହ୍ନ
କ'ଣ ପାଇଁ ପାଣି ଭିତରେ ଆଣୁଚି ଗୋଟେ ଭ୍ରମ
ମାଛର, ଦୀପ ପରି ଜଳୁଥିବା ଗୋଟେ ଜୀବିକାର !
ଗଣେଶ ପାଠ ପଢ଼ାଉଥିଲା
ଜୋତାମାନଙ୍କୁ
ମରାମତି କଲାବେଳେ ।

ଜୋତାର ବି ଗୋଟେ ବର୍ଣ୍ଣବୋଧ ଅଛି
ଗଣେଶ ବିଶ୍ୱାସ କରେ ।

ସେ ବି କୋଉ ଗୋଟେ ବାସ୍ନାରେ ଅଧିର ହେଲାଣି !

କେତେ ନା କେତେ ଛିଣ୍ଡାଜୋତାରୁ ଧୂଳି ଝାଡ଼େ
ସେମାନଙ୍କୁ ଚକ୍ ଚକ୍ କରେ ଆଦରରେ ।

ବୋଧେ ଏଇଥିପାଇଁ ଯେ ଜୋତା ଗୋଟେ
ଔଷଧ ପରି କାମ କରେ ତା'ର
ପିଲାପିଲିଙ୍କ ପେଟ ପୋଷିଲା ବେଳେ ।

ମୁଁ ବି ଏମାନଙ୍କ ଭିତରୁ ଜଣେ ।

ଯେହେତୁ ଆଜି ମନ ଭଲ ଲାଗୁନାହିଁ
ହଜି ଯାଇଛି
ମତେ ବଞ୍ଚେଇ ପାରୁଥିବା କେତେଟା ଶବ୍ଦ
ନାଁ ଅଜଣା କୋଉ ଗୋଟେ ବଗିଚା ଭିତରେ ।



ସପରିବାର ସୁନୀଲ୍ : ପତ୍ନୀ ଗୀତା ଦୀକ୍ଷିତ ଓ ପୁଅ ସୃଜନ ସାରସ୍ୱତ ▶

ପ୍ରତିଟି ଶବ୍ଦ ଲେଖିବା ଭିତରେ ଛାତି ରୁନ୍ଧି ହୋଇଯାଉଛି ।

## କିଞ୍ଚିତ ଦୃଶ୍ୟ : ୧

ଗୋଟିଏ ପ୍ରକୋଷ୍ଠର ଅର୍ଦ୍ଧେକ ସ୍ଥାନରେ ଦୁଇଟି ଟେବୁଲ୍, ଦୁଇଟି ଚେୟାର୍ । ଦୁଇଟି ଟେବୁଲ୍ ଭିତରେ ଦୂରତା ଅଢ଼େଇ ଫୁଟ୍ । ଦୁଇଟି ଚେୟାର୍ ଭିତରେ ଦୂରତା ପାଞ୍ଚ ଫୁଟ୍ । ଗୋଟେ ଚେୟାର୍‌ରେ କବି ସୁନୀଲ୍, ଅନ୍ୟ ଚେୟାରରେ ମୁଁ । ପତ୍ରିକା ସଂପାଦନା ଭିତରେ ଅନେକ ଘଡ଼ି (ମୁହୂର୍ତ୍ତ) ଆସେ-ଯାଏ, ଯେଉଁଠି ସୁନୀଲ ହୁଅନ୍ତି ଅନ୍ୟମନସ୍କ, କବି-କବି । ଆଉ ମୁଁ ନିର୍ବାକ, ନିରବ ମାତ୍ର ।

## କିଞ୍ଚିତ ଦୃଶ୍ୟ:୨

ସେ ନିରବକୁ ମୁଁ ବି ନିରବ । ଶବ୍ଦ ଆସେ, ଯାଏ; ଶବ୍ଦ ଶୁଭେ ନାହିଁ । ସେହି ଶୁଭୁନଥିବା ଶବ୍ଦପୁଞ୍ଜକୁ ନେଇ ସୁନୀଲ୍ ଲେଖି ବସନ୍ତି କବିତା- ନାଁ ତା'ର ନିରବତା । ସେହି ଅଦ୍ଧ ଶବ୍ଦର କବିତା ଲେଖିସାରି କେବେ କେବେ ପଢ଼ନ୍ତି, ଶୁଣାନ୍ତି । କେବେ କିଛି ନ କହି କଲମ ବନ୍ଦ କରିଦେଇ କହନ୍ତି, "କବିତା ଏବେ ହେବ ନାହିଁ, ଚାଲ ସୁଶାନ୍ତ, ଚା ପିଇ ଯିବା !"

▼ ଶେଷହୀନ ସୁନୀଲ : ସୁନୀଲ କୁମାର ପୃଷ୍ଟି



## କିଞ୍ଚିତ ଦୃଶ୍ୟ:୩

ସୁନୀଲ୍ ପୃଷ୍ଟିଙ୍କ କବିତାରେ ଗୋଟେ ଧାଡ଼ି ଅଛି, 'ଉଇଁବି, ଅସ୍ତ ଯିବି ।' ହେ କବି, ଯେ କ'ଣ- ଅତିକ୍ରାନ୍ତ ମଧ୍ୟାହ୍ନରେ ଅସ୍ତ ଗଲ ?

## କିଂଚିତ ଦୃଶ୍ୟ:୪

ଆଉ ଗୋଟିଏ ଧାଡ଼ି ବି ଅଛି ତାଙ୍କର, 'ଶେଷରେ ସବୁ ଦିନେ ଅଙ୍ଗାର ହେବ ।' ସତ୍ୟନଗର ଶ୍ମଶାନରେ, ଜୁଇକାଠ ଉପରେ ଶୁଆଇ ଦିଆ ଯାଇଥିବା ସୁନୀଲଙ୍କ ଦେହରେ ନିଆଁ ଲାଗିବା ପୂର୍ବରୁ, ମୋର ମନେ ପଡ଼ି ଯାଇଥିଲା ଏ ଧାଡ଼ି । ହଁ, ସବୁ ଯେମିତି ଦିନେ ଅଙ୍ଗାର ହେବାର ଏକ ପ୍ରକ୍ରିୟାକରଣ ।

## କିଂଚିତ ଦୃଶ୍ୟ:୫

ସୁନୀଲ ଭାଇଙ୍କ ବାଇକ୍ ଓ ବାଇକ୍ ପଛରେ ମୁଁ; ଦିନ ଦିନ, ମାସ ମାସ, ବର୍ଷ ବର୍ଷ । କେବେ ସେ ଅନ୍ୟମନସ୍କ ତ କେବେ ମୁଁ । ନାହାନ୍ତି ସେ ଆଜି, ନାହିଁ ସେହି ଦିନ ।

ଶେଷକଥା ନ ହେଲେ ବି ଶେଷରେ, 'ବିଜୟା' ବନ୍ଦ ହେଇ ଯାଇଛି, 'ସାହିତ୍ୟ ପୃଥିବୀ' ବନ୍ଦ ହେଇ ଯାଇଛି । ବାଟହୁଡ଼ି ଅବା ବାଟ ଛାଡ଼ି ଅପସରି ଯାଇଛନ୍ତି ସୁନୀଲ୍ । ଆଗରୁ ଆଗରୁ ବାହାରି ଯାଇଛନ୍ତି ଅଭୟ ସିଂହ, ମନୋଜ ଦାସ । ଏହି ଅସମୟ ଭିତରେ ମନେପଡୁଛି କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଗୋଟେ ହାଡ଼ଥରା ଗଳ୍ପର ନାଁ 'ଆକାଶ ତଥାପି ସୁନୀଳ' । ଆଜି ସ୍ୱଦେହରେ ସେ ନଥିବା ବେଳେ, ଚୁନାଚୁନା ସମୟକୁ ନେଇ ଆମେ କହିପାରିବା, କବି ସୁନୀଲ୍ ତଥାପି ସୁନୀଲ୍ ।



ସତ୍ୟନଗର ଶ୍ମଶାନରେ ସରିଗଲେ ସୁନୀଲ୍

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



## ଜୟନ୍ତୀ ରଥ

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◄ ଲେଖିକା ଜୟନ୍ତୀ ରଥ

# ୩୦ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଜୀବନକୁ, ଜଗତକୁ କିଏ କେମିତି ଗ୍ରହଣ କରେ । ଅନ୍ୟମାନେ କ'ଣ ଭାବନ୍ତି ସେଥିପ୍ରତି ସେମାନଙ୍କର ନିଘା ନଥାଏ ।

ନୟାଗଡ଼ ଉଦୟପୁର ଗାଁରେ ନିଜ ପ୍ରଚେଷ୍ଟାରେ ସ୍ଥାପନ କରିଥିଲେ ସଂଗ୍ରହାଳୟଟିଏ ଓଡ଼ିଶାର ଘରେ ଘରେ ଦାସିଆ ଅଜା ଭାବେ ପରିଚିତ ଦାଶରଥି ପଟ୍ଟନାୟକ । ସାରା ଭାରତ ବୁଲି ବୁଲି ସଂଗ୍ରହ କରିଛନ୍ତି କେତେ କଣ । ପାଣିରେ ଭାସୁଥିବା ପଥରଟି, ଏବେ ବହୁ ବର୍ଷ ପରେ ବି ତା' ଆଖିରେ ଜଳଜଳ ହୋଇ ନାଚେ । ଏବେ ସରକାରୀ ସାହାଯ୍ୟ ଅନୁଦାନ ପାଇ ସଂଗ୍ରହାଳୟଟି ପରିବର୍ଦ୍ଧିତ ହେଲାଣି । ତାଙ୍କ ଜୀବଦ୍ଦଶାରେ ସେ ବ୍ୟକ୍ତିଗତ ଭାବେ ସାହାଯ୍ୟ ମାଗି ମାଗି ଗଢ଼ିଥିଲେ ଅନୁଷ୍ଠାନଟି । କେତେ ଖବରକାଗଜ, କେତେ ପତ୍ରିକା, ତାରିଖ, ମାସ, ବର୍ଷ ଅନୁସାରେ ସଜାଡ଼ି ରଖିଛନ୍ତି । ଲେଖାଟିଏ ପଢ଼ିଲେ ପୋଷ୍ଟକାର୍ଡ଼ରେ ଚିଠି ଖଣ୍ଡିଏ ଦେଉଥିଲେ । ବେଳେବେଳେ ଘରେ ଆସି ପହଂଚି ଯାଉଥିଲେ । ହାତରେ ବାଡ଼ି ମୁଣ୍ଡରେ ଠେକା । ସାରା ଓଡ଼ିଶାରେ ପରିଚୟ ତାଙ୍କର ଦାସିଆ ଅଜା । କଟକ ଆନନ୍ଦ ଭବନରେ ବିଜୁ ପଟ୍ଟନାୟକଙ୍କ ସଂଗ୍ରହାଳୟ ସଂଗଠନ ବେଳେ ସୂର୍ଯ୍ୟ ଦେଓଙ୍କ ସହ ସେ ଉଦୟପୁର, ନୂଆଗାଁର ସେଇ ସଂଗ୍ରହାଳୟକୁ ଯାଇଛି ତଥ୍ୟ ସଂଗ୍ରହ ପାଇଁ । ଦାଶରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଆଗରେ ପ୍ରଣାମ କଲାବେଳେ ତାର ମନେ ହୋଇଛି ତାଙ୍କ ଶତାୟୁ ଆତ୍ମା ଜଗି ରହିଛି ସଂଗ୍ରହାଳୟର ପରିସରକୁ ।

ବୋଲଗଡ଼ରେ ଜଣେ ଭଦ୍ରବ୍ୟକ୍ତି ବିଭିନ୍ନ ପ୍ରକାର ରେଡ଼ିଓକୁ ନେଇ ଏକ ସଂଗ୍ରହାଳୟ କରିଛନ୍ତି । ବହୁତ ଇଛା ଥିଲା ଏଇ ସଂଗ୍ରହାଳୟଟିକୁ ଦେଖିବା ପାଇଁ । ସୁବିଧା ସୁଯୋଗ ଆସିନି । ବାଙ୍କୀ କଳାପଥରରେ ବ୍ୟକ୍ତିଗତ ଉଦ୍ୟମରେ ହୋଇଥିବା ଗୋଟିଏ ସଂଗ୍ରହାଳୟକୁ ପରିଦର୍ଶନ କରିବାକୁ ଯାଇଥିଲା, ତାଳପତ୍ର ପୋଥି, ପ୍ରାଚୀନ ମୁଦ୍ରା, ନାନା ପ୍ରକାର ଡିବି ଓ ଘର କରଣା ସାମଗ୍ରୀକୁ ସଜେଇ ରଖିଛନ୍ତି ତତ୍ତ୍ୱାବଧାରକ ୫/୬ ବଖରା ଘର ଭିତରେ । ତା'ର ସଂପ୍ରସାରଣ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରି ସେ ଚିଠି ଲେଖିଥିଲା ।

କର୍ଣ୍ଣାଟକରେ ଦେଖିଥିଲା କେବଳ ବାସନ କୁସନକୁ ନେଇ ଏକ ମ୍ୟୁଜିୟମ । କେବଳ ବାଦ୍ୟଯନ୍ତ୍ରକୁ ନେଇ ବି ସଂଗ୍ରହାଳୟ ଅଛି । ବାପୁଜୀ ନଗରରେ ତାଙ୍କ ଘର ପାଖରେ ଜଣେ ଅଧ୍ୟାପକ । ଘରେ ରଖିଛନ୍ତି ୧୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଗାଡ଼ି । ପ୍ରତିମାସ ଦରମା ପାଇବା ପରେ ତାଙ୍କର ପ୍ରଥମ କାମ ହେଲା ସେଥିରୁ କେତୋଟି ଗାଡ଼ିରେ ତେଲ ପୂରେଇ ସେଗୁଡ଼ିକୁ ଚଳାଇବା । ଘର ଖର୍ଚ୍ଚ ଚଳେ ଘର ଉପରେ, ଗାଁରୁ ଆସିଥିବା ଜମିବାଡ଼ିର ଆଦାୟ ଟଙ୍କାରେ । ତାଙ୍କ ଦରମା ଟଙ୍କା ଖର୍ଚ୍ଚ ହୁଏ ଏଇ ଗାଡ଼ି ସବୁରେ, ରକ୍ଷଣାବେକ୍ଷଣରେ ।

ଜଗତ୍‌ସିଂହପୁର ଜିଲ୍ଲାର ପାବନପୁର ଗ୍ରାମର ଲେଖକ, ଶିଶୁ ସାହିତ୍ୟିକ ବିଜୟ କୁମାର ମହାପାତ୍ର । ଶିକ୍ଷାଗତ ଯୋଗ୍ୟତା ମେଟ୍ରିକ ପାଶ୍ । ନିଜସ୍ୱ ଉଦ୍ୟମ ବଳରେ 'ସୁନାଭଉଣୀ' ନାମକ ଏକ ପତ୍ରିକା ୨୭ଟି ଭାଷାରେ ପ୍ରକାଶ କରୁଥିଲେ । ଦୁଇ ବଖରା ଇନ୍ଦିରା ଆବାସ ଘର ଭିତରେ ତାଙ୍କର ପରିବାର, ଅଫିସ୍ ଓ ସଂଗ୍ରହାଳୟ ଚାଲେ । ସାହିତ୍ୟ ପାଇଁ । ସଂସ୍କୃତି ପାଇଁ ଏତେ ତ୍ୟାଗ । ଏତେ ନିଷ୍ଠା । ତାଙ୍କ ସଂଗ୍ରହାଳୟରେ ରହିଛି ଭାରତ ସମେତ ପୃଥିବୀର ସମସ୍ତ ଦେଶର ପ୍ରାଚୀନ ଅଚଳ ଓ ବର୍ତ୍ତମାନର ପ୍ରଚଳିତ ମୁଦ୍ରା, ତାଳପତ୍ର ପୋଥି, ପାଣ୍ଡୁଲିପି, ପତ୍ରପତ୍ରିକା, ସାହିତ୍ୟିକ, କଳାକାର, ମହାପୁରୁଷ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କର ଫଟୋ । ବିଭିନ୍ନ ଦେଶର ଲୋକଙ୍କର ଅଳଙ୍କାର । ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ, ହସ୍ତଲିଖିତ ଚିଠି ଯାହା କି ଆଜିକାଲି ବିଲୁପ୍ତ ପ୍ରାୟ

ତା'ର ଗୋଟିଏ ପାଖରେ ସାମଗ୍ରୀ । ଆଉ ଗୋଟିଏ ପାଖରେ ଶବ୍ଦ । ଶୀର୍ଷରେ କଳା । ଏଇ ତ୍ରିଭୁଜର ଆବର୍ତ୍ତ ଭିତରେ ସେ ଥାଏ । ସାମଗ୍ରୀକୁ ଛାଡ଼ିବାର ନଥିଲା । ସେଇଟା ଥିଲା ବୃତ୍ତିର ଦାୟ । ଶବ୍ଦ ତା'ର ଗତି । ମୁକ୍ତି । ଶବ୍ଦକୁ ଛାଡ଼ିବାର ଶକ୍ତି ନଥିଲା । ଯେତେବେଳେ ଶବ୍ଦର ଘେରରେ ଥାଏ ସେତେବେଳେ ତା'ର ମନେପଡ଼େ ଅତି ସୁନ୍ଦର ବୃଷଭ । ପଦ୍ମଫୁଲ ଚିତ୍ର ଥିବା କ୍ଷୁଦ୍ରାତିକ୍ଷୁଦ୍ର ଗଙ୍ଗଫାନମ୍ ମୁଦ୍ରାର ସ୍ୱର୍ଣ୍ଣାଭ ଦ୍ୟୁତି । ମନେପଡ଼େ କୃଷ୍ଣ ବଳରାମ ମଥୁରାକୁ ଯିବା ବେଳର ଦୃଶ୍ୟ ଥିବା ପଟ୍ଟଚିତ୍ର ଯେଉଁଥିରେ ଗାଈବାଛୁରୀଙ୍କ ଆଖିରୁ ବି ଝରୁଥାଏ ଲୁହ । ଯେତେବେଳେ ସାମଗ୍ରୀର ବେଷ୍ଟନୀ ଭିତରେ ଥାଏ ସେତେବେଳେ ବି ମନେ ପଡୁଥାଏ ଡମ୍ ମୋରେସଙ୍କ ଧାଡ଼ି Possibly a writer should be wounded at intervals throughtout his life, if he is to convince well.

ମନେ ପଡୁଥାଏ ମନୋଜ ଦାସଙ୍କ ଭାଷଣର କିୟଦଂଶ । ଅଧ୍ୟାତ୍ମବାଦ ଜୀବନ ବିମୁଖତା ନୁହେଁ । ଅଧ୍ୟାତ୍ମବାଦ ଅର୍ଥ ଆତ୍ମାର ସନ୍ଧାନ । ଅହଂରୁ ମୁକ୍ତି ହେଉଛି ଅଧ୍ୟାତ୍ମବାଦର ପ୍ରଥମ ପର୍ଯ୍ୟାୟ । ଜୀବନର ସକଳ ସ୍ଥୁଳ ନିଷ୍ଫଳତା । ସ୍ଥୁଳ ପରାଜୟ ବିପର୍ଯ୍ୟୟ ମଧ୍ୟରେ ଯେଉଁ ସ୍ୱର ଆଶାର ବାଣୀ ଶୁଣାଏ, ସେଇ ସ୍ୱରଟି ହେଉଛି ଆଧ୍ୟାତ୍ମିକ ।

ତତ୍ତ୍ୱ, ତଥ୍ୟ, ସାମଗ୍ରୀ ସର୍ବୋପରି ଦ୍ୱେଷର ବନ୍ଧନରୁ ମୁକ୍ତ ହୋଇ ଶବ୍ଦରେ, ହର୍ଷୋଲ୍ଲାସରେ

▼ ଦାଶରଥି ପଟ୍ଟନାୟକ(ଦାସିଆ ଅଜା)



ପ୍ରକୃତିର ରୂପ ସମ୍ଭାର ଭିତରେ ସମୟ ବିତେଇବାର ଅବକାଶ ବି ସେ ପାଇଚି ।

୨୦୧୨ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆୟୋଜିତ ଜାତୀୟ କବିତା ପାଠୋତ୍ସବରେ ଯୋଗ ଦେବାକୁ ସେ ଦାର୍ଜିଲିଂ ଯାଇଥିଲା । କି ସୁନ୍ଦର ଦାର୍ଜିଲିଂ ! ଦାର୍ଜିଲିଂ ଯିବା ରାସ୍ତାଟା ବି ଉପଭୋଗ୍ୟ ଗାଢ଼ ନାରଙ୍ଗି, ବାଇଗଣି ରଙ୍ଗର ନାଁ ଅଜଣା ଫୁଲ, ଗୋଲାପୀ ରଙ୍ଗର ଖୋଲା ମନ୍ଦାର ଓ ଦୁଦୁରା ପ୍ରତିଘର ସାମ୍ନାରେ । ଦି/ଚାରି ଫୁଟ ଜାଗା ବି ରଙ୍ଗୀନ ଫୁଲରେ ଭର୍ତ୍ତି । କାଞ୍ଚନଜଂଘା ପର୍ବତ ଉପରେ ଥିବା ବରଫଖଣ୍ଡରେ ସୂର୍ଯ୍ୟ ରଶ୍ମିର ପ୍ରତିଫଳନ । ଆଃ, କି ସୁନ୍ଦର ପ୍ରକୃତି ! ବରଫ ଦିଶୁଥିଲା ଗୋଲାପୀ ରଙ୍ଗର । ସେ ପଢ଼ିଥିବା କବିତାକୁ ଆସାମର ପ୍ରାଣଜିତ୍, ଅରୂପା କଲିତା, ମେଦିନୀପୁର ଭାଗିରଥୀ ମିଶ୍ର, ବଙ୍ଗଳାର ଶୁଭମୟ ମଣ୍ଡଳ ଉଚ୍ଛ୍ୱସିତ ପ୍ରଶଂସା କଲେ । ପ୍ରାଣଜିତର ସ୍ତ୍ରୀ ଜୋନାଲି ବଡ଼ ପ୍ରାଣମୟୀ । ବେବିକୁ ଆଦରରେ ଆଲିଙ୍ଗନ କରି କହିଲା– "ଦିଦି ଆପଣ ତ ଦେବୀ ସରସ୍ୱତୀ ।" ପ୍ରାଣଜିତ୍ ଓ ଜୋନାଲି ଦାର୍ଜିଲିଂର ଗଳିଗଳି, ମାର୍କେଟ, ବୁଦ୍ଧ ମନ୍ଦିର– ସବୁଆଡ଼େ ଚାଲି ଚାଲି ବୁଲୁଥିଲେ । ଝାଲ୍‌ମୁଢ଼ିର ମଜା ନେଉଥିଲେ । ସେମାନେ ଆକାଶକୁ ମୁହଁ କରି ଦୁଇ ହାତ ଟେକି ବର୍ଷାକୁ ଆଲିଙ୍ଗନ କରୁଥିଲେ । ସେମାନଙ୍କ ଆନନ୍ଦକୁ ଝରକା ବାଟେ ଦେଖି ଉପଭୋଗ କରୁଥିଲା ବେବି । ଶ୍ୱାସକୁ ଡରି ସେ ବର୍ଷାରେ ଭିଜିବାକୁ ଯାଇ ନଥିଲା । ଅଥଚ ତାର ଜନ୍ମ ଆଷାଢ଼ ମାସରେ । ସେ ଆଷାଢ଼ୀ କନ୍ୟା । ରାତି ସାଢ଼େ ୩ଟାରୁ ଉଠି ପ୍ରସ୍ତୁତ ହୋଇ ଟାଇଗର ହିଲ୍‌ରେ ସୂର୍ଯ୍ୟୋଦୟ ଦେଖିବାକୁ ଯାଇଥିଲା ଜୋନାଲି ଓ ଶ୍ରୀମତୀ ସୁରପ୍ରଭା ପଟ୍ଟନାୟକ (ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ପତ୍ନୀ)ଙ୍କ ସହ । ବହୁତ ଜଣ ବାରଣ କରୁଥିଲେ । ଟାଇଗର ହିଲରେ ସୂର୍ଯ୍ୟୋଦୟ ଦେଖାଯାଏନା ସହଜେ ଅତ୍ୟଧିକ ବରଫ ଯୋଗୁଁ । ସେଦିନ କିନ୍ତୁ ସେମାନେ ଖୁବ୍ ଭଲରେ ଦେଖିଥିଲେ । ପ୍ରତ୍ୟୁଷର ସୂର୍ଯ୍ୟଙ୍କ ଆବାହନ କରିବା ଏକ ନିଆରା ଅନୁଭୂତି ।



ସେଇ କବି ସମ୍ମିଳନୀରେ ଜଣେ କବି ପଢ଼ିଥିଲେ: "ତମର ଦୁଃଖ କଣ ମାଆ / ତମର ପୁଅ ଯେ କବି / ତମ ଲାଗି ସେ ଆଣି ଦେବ / ଢାକାଇ ଜାମଦାନୀ ଶାଢ଼ି / କଲ୍ୟାଣ ଜୁଏଲର୍ସରୁ ଆଣିଦେବ / ତମ ପସନ୍ଦର ଚୁଡ଼ି, କାନଫୁଲ / ଆଣିଦେବ ମାକାଇବାଡ଼ିର ଚା / ତମର ଦୁଃଖ କ'ଣ ମାଆ / ତମ ପୁଅ ଯେ କବି / ତମେ ଟିକେ ଖୁସି ହୁଅନା... / ଟିକେ ଗର୍ବ କରନା... ।" ଦୁର୍ବୋଧ୍ୟ ଉପମା ନାହିଁ । ଅତି ସରଳ । ଅଥଚ ଆବେଗ ଭରା ।

ବେବିର ଆଖିକୁ ଲୁହ ଚାଲି ଆସିଥିଲା । ଏ କବିତା ପାଠୋତ୍ସବ ହୋଇଥିଲା ଅଗଷ୍ଟ ମାସରେ । ବୋଉ ଆଖି ବୁଜିଥିଲା ମେ' ମାସରେ– ବିଶ୍ୱ ମାତୃ ଦିବସରେ । ବୋଉର ପସନ୍ଦର ଚୁଡ଼ି ଶାଢ଼ି, କିଛି କିଣି ପାରି ନଥିଲା ସେ ତାର ଜୀବଦ୍ଦଶାରେ । ବାପାଙ୍କର, ଅକାଳ ମୃତ୍ୟୁ ପରେ ସବୁକିଛି ବୋଉ ଛିଃ କରି ଦେଇଥିଲା । ଆଶାପୂର୍ଣ୍ଣାଙ୍କ 'ପ୍ରଥମ ପ୍ରତିଶ୍ରୁତି' ବହିକୁ ମନେ ପକେଇ ମଝିରେ ମଝିରେ କହୁଥିଲା– "ମୋ ପାଇଁ ଏମିତି ବହିଟିଏ ଲେଖୁନୁ ।"

ବେବି ବୋଉ ପାଇଁ ବହି ଲେଖି ନାହିଁ ଏ ପର୍ଯ୍ୟନ୍ତ । ବୋଉ ନିଜେ ନ ବତେଇଲେ ହୋଇ ପାରିବନି ସେ କାମ । ଗୋଟିଏ ଗୋଟିଏ କାମ ଉପରକୁ ଯେତେ ସହଜ ଲାଗେ ତାହା ପ୍ରକୃତରେ ସେତେ ସହଜ ନୁହେଁ ।

ମେ, ୨୦୧୨ ପର ଠାରୁ ବୋଉ ସହ ତା'ର ଶାରୀରିକ ସଂପର୍କ କଟିଗଲା, ମାତ୍ର ସେ ଅନୁଭବ କଲା ଯେ ବୋଉ ତା' ପଛେପଛେ ଛାଇ ପରି ଅଛି । ତା' ଚାହାଣି, ତା'ଶବ୍ଦ, ତା' ହସ ତାକୁ ଦିଶେ ମେଘ ଫାଙ୍କରେ । ପତ୍ର ଉପରେ ଥିବା ଶିଶିର ବିନ୍ଦୁରେ ।

ସେଇ ବର୍ଷ ଜୁଲାଇ ମାସ 'କାଦମ୍ବିନୀ' ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବରେ ସେ ଗଳ୍ପ ରଚନା ପାଇଁ ସମ୍ମାନିତ ହେଲା ।

ବିଶିଷ୍ଟ ବଙ୍ଗଳା କବି ନରେନ୍ଦ୍ର ନାଥ ଚକ୍ରବର୍ତ୍ତୀ ତାଙ୍କର ପ୍ରଥମ କବିତା ଲେଖିଥିଲେ ମାତ୍ର ୪ ବର୍ଷ ବୟସରେ : "ରାତି ହେଲାଣି/ ଭାତ ଦିଅ ଗୋ ମାଆ ।"

ବୋଉ ଆଖି ସାମନାରୁ ଅପସରି ଯିବା ପରେ ସବୁଦିନ ଶୋଇବାକୁ ଗଲାବେଳେ ସେ ମନକୁ ମନ କହୁଥିଲା– ମୋ' ସ୍ୱପ୍ନକୁ ଟିକେ ଆ ଲୋ ବୋଉ ।

ବୋଉ ଆସୁଥିଲା କଦବା କ୍ୱଚିତ୍ । ତା' ମୁହଁରେ ରୋଗ, କ୍ଲେଶର ଚିହ୍ନ ନଥିଲା । ଦିଶୁଥିଲା ଶୁଭ୍ରା, ସୁଷମାମୟୀ ।

ଥରେ କେବଳ ଗୋଟିଏ ଶବ୍ଦ 'ତ୍ରିବିକ୍ରମ' ଉଚ୍ଚାରଣ କରି ଅପସରିଗଲା । ଦିନ ଦିନ ଧରି ଏ ଶବ୍ଦର ତାତ୍ପର୍ଯ୍ୟ ବୁଝିବାକୁ ଚେଷ୍ଟା କରିଥିଲା । ପାରି ନଥିଲା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ବୁଝାଇ କହିଥିଲେ ଏ ସ୍ୱପ୍ନର ରହସ୍ୟ: ତ୍ରିବିକ୍ରମ ମାନେ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ତ୍ରିଶକ୍ତି । ତତେ ଏଇ ତିନୋଟି ଶକ୍ତି ନିଜ ଭିତରେ ଜାଗ୍ରତ କରିବାକୁ ପଡ଼ିବ ।

ସତରେ ଏଇ ତିନୋଟି ଶକ୍ତି ନ ମିଶିଲେ କୌଣସି କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର, ସଂପୂର୍ଣ୍ଣ ହୋଇପାରେନା ।

ଦୂର ଅଦୂରର ବହୁ ଦର୍ଶନୀୟ ସ୍ଥାନ ଦେଖିବାକୁ ଇଚ୍ଛା ଥିଲା । ସୁବିଧା, ସୁଯୋଗର ଅଭାବରୁ ଯାଇପାରିନି ବେବି । ରାଣୀପୁର ଝରିଆଲର ଚଉଷଠୀ ଯୋଗିନୀ ମନ୍ଦିର । ନିକଟସ୍ଥ ଇଟାରେ ନିର୍ମିତ ଇନ୍ଦ୍ରଲାତ୍ ମନ୍ଦିର । ମଧ୍ୟପ୍ରଦେଶର ଖଜୁରାହୋ ମନ୍ଦିରରେ ହିନ୍ଦୁ ଆଉ ଜୈନ ସ୍ଥାପତ୍ୟ ଦେଖିବା ପାଇଁ ବହୁଦିନର କାମନା ମନ ଭିତରେ ସଂଚିତ ଅଛି ତା'ର । ସବୁ ଶୁଦ୍ଧ ଇଚ୍ଛା ଈଶ୍ୱର ପୂରଣ କରନ୍ତି । ତା'ର ଏଇ ଶୁଦ୍ଧ ଇଚ୍ଛା ପୂରଣ ହେବ କେବେ ? ସଂଗ୍ରହାଳୟ ପରିଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକମାନେ ନାନା ଧ୍ୟାନ ଆକର୍ଷଣୀୟ ସ୍ଥାନର ବିବରଣୀ ଦିଅନ୍ତି । ବାରାହୀ ମନ୍ଦିର, ଉପରେ ଗବେଷଣା କରୁଥିବା ଡକ୍ଟର ହରିପ୍ରିୟା ରଙ୍ଗରାଜନ୍ ଥରେ କହିଥିଲେ ବାରଣାସୀ ନିକଟରେ ମିରଘାଟ ନାମକ ସ୍ଥାନରେ ଦେବୀ ବାରାହୀଙ୍କର ଏକ ପ୍ରାଚୀନ ମନ୍ଦିର ଅଛି । ସେଇ ମନ୍ଦିରରେ ସୂର୍ଯ୍ୟୋଦୟ ପୂର୍ବରୁ ପୂଜାର୍ଚ୍ଚନା କରାଯାଏ । ସୂର୍ଯ୍ୟୋଦୟ ପରଠୁ ମନ୍ଦିର ବନ୍ଦ ହୋଇଯାଏ । ଏ ଦେବୀ କଣ ଅନ୍ଧାରର ଦେବୀ । ଆଲୋକକୁ ନିଷେଧ କରାଯାଇଛି ତାଙ୍କ ପ୍ରବେଶ ଦ୍ୱାରରେ ?

ବିକାନୀରର କରନୀ ମାତାଙ୍କ ମନ୍ଦିରର ମୂଷାମାନଙ୍କୁ ଆପ୍ୟାୟିତ କରାଯାଏ କ୍ଷୀରରେ । ନିର୍ଦ୍ଦ୍ୱନ୍ଦ୍ୱରେ ମୂଷାମାନେ ବିଚରଣ କରୁଥାନ୍ତି ମନ୍ଦିର ପରିସରରେ । ମୂଷା ଏଠି ନିକୃଷ୍ଟ ଜୀବ ନୁହେଁ । ଭୁଲ୍‌ରେ ବି ମୂଷା ଦହରେ ଆଘାତ ଲାଗିଲେ । ପ୍ରାୟଶ୍ଚିତ ସ୍ୱରୂପ ଭକ୍ତକୁ ରୂପାର ମୂଷା ଦେବାକୁ ପଡ଼େ ।

ରାଜସ୍ଥାନ, ଗୁଜୁରାଟର ବହୁ ତୀର୍ଥସ୍ଥାନ ବୁଲି ଦେଖିଛି ବେବି । କରନୀମାତାଙ୍କ ମନ୍ଦିର ଯାଇପାରିନାହିଁ । ତାଳଚେର ରାଜପ୍ରାସାଦର ତତ୍ତ୍ୱାବଧାନ କରୁଥିବା ଜଣେ ଭଦ୍ରଲୋକ । ତାଙ୍କ ନାମ ସୁବ୍ରମନିୟମ୍ । ଥରେ ମ୍ୟୁଜିୟମ୍ ବୁଲିବାକୁ ଆସିଥିଲେ । ବୁଲିସାରି ବେବି ସହ ସାକ୍ଷାତ କରିବାକୁ ଆସିଲେ । କଥା ପ୍ରସଙ୍ଗରେ କହିଲେ ତାଳଚେର ପାଖରେ କୁଆଲୋ ନାମକ ଗ୍ରାମରେ ପଞ୍ଚମ ଶତାବ୍ଦୀରେ ଶୁଳ୍କୀ ରାଜବଂଶ ନିର୍ମିତ କନକ ବିଜୟ ଶିବ ମନ୍ଦିର ଅଛି । ସେଠି ସାପମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଆତଯାତ ହୁଅନ୍ତି । ନିକଟରେ ଆଉ ଗୋଟିଏ ଗାଁ ଅଛି । ଯେଉଁଠି ସ୍ୱର୍ଣ୍ଣକାରମାନେ ମୁଦ୍ରା ନିର୍ମାଣ କରୁଥିଲେ ଭୌମକର ଶାସନ କାଳରେ । ବଡ଼ବଡ଼ ଯୋଜନା ଆଗରେ ଛୋଟ ଛୋଟ ସୁକୁମାର ଇଚ୍ଛାମାନ ଦଳି ଚକଟି ହୋଇ ନିଶ୍ଚିହ୍ନ ହୋଇଯାଏ । ମିରଘାଟର ବାରାହୀ ମନ୍ଦିର, କୁଆଲୋର କନକ ବିଜୟ ମନ୍ଦିର ଦେଖିବାକୁ ତା'ର ଇଚ୍ଛା ବି ସେମିତି ସମୟ ସୁଅରେ ନିଶ୍ଚିହ୍ନ ହୋଇଗଲା । ଅନେକ ଇଚ୍ଛାର ସଳିଳ ସମାଧି, ଅନେକ ସ୍ୱପ୍ନର ଭସ୍ମାବଶେଷ ଉପରେ ପାଦ ଥାପି ଆଗକୁ ଚାଲିଛି । ଅଗ୍ର ଭାଗରୁ ଆସିଚି ଝାନ୍‌ଜି ପବନ ଦେହମୁହଁ ସିଝିଗଲା ପରି, ତ ପୃଷ୍ଠଭାଗରୁ, ପାର୍ଶ୍ୱରୁ ବହି ଆସିଚି ସୁଶୀତଳ ମଳୟ ପବନ, ପ୍ରାଣକୁ, ଆତ୍ମାକୁ ଶୀତଳ କରିଦେଲା ପରି ।

# ବାଇଗଣୀ ରଶ୍ମିର ଲୁହ

**ଡକ୍ଟର ପ୍ରୀତିପଦ୍ମା ପଣ୍ଡା**
ବରିଷ୍ଠ ପ୍ରସାଧନ ଗବେଷଣା ବିଶେଷଜ୍ଞା,
ଆସ୍ଥେଟିକ୍ ଇନ୍‌ସାଇଟ୍, ହାଇଦ୍ରାବାଦ
ଫୋନ:୯୪୩୯୮୯୪୧୧୫

**ଉଜ୍ଜ୍ୱଳ, କମନୀୟ ଓ କାନ୍ତିଯୁକ୍ତ ତ୍ୱଚା ଓ ଚର୍ମର ଅଧିକାରୀ ହେବାକୁ କିଏ ବା ନଚାହେଁ! ଯୁଗେ ଯୁଗେ ଉଜ୍ଜ୍ୱଳ ଓ ଆଭା ଯୁକ୍ତ ତ୍ୱଚାକୁ ସୌନ୍ଦର୍ଯ୍ୟର ପରିମାପକ ହିସାବରେ ଗଣନା କରାଯାଏ । ବିଶ୍ୱ ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଜଗତରେ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କର ବ୍ୟକ୍ତି ବିଶେଷଙ୍କ ଶରୀରର ରଙ୍ଗ ବହୁ ସମୟରେ ସମସ୍ୟା ବା ବିତର୍କ ଭାବରେ ଉଭା ହୋଇଛି ।**





▶ ବିଶେଷଜ୍ଞା ପ୍ରୀତିପଦ୍ମା ପଣ୍ଡା

## ୧. ଉପକ୍ରମ

According to 'Mehmet Murat Ildan', "As long as all the Suns in the universe continue to burn, there will always be hope in this universe." ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସୌର କିରଣର ଉର୍ଜା ଗଛଲତା, ଜୀବଜନ୍ତୁ, ପଶୁପକ୍ଷୀ ସମସ୍ତଙ୍କ ଠାରେ ପ୍ରବହମାନ କିନ୍ତୁ ସୂର୍ଯ୍ୟଙ୍କ ଠାରୁ ନିର୍ଗତ ଅତି ବାଇଗଣୀ ରଶ୍ମି ଆମ ତ୍ୱଚା ଓ ଚର୍ମର ପ୍ରଭୂତ କ୍ଷତି ସାଧନ କରିଥାଏ । ଯଦ୍ୱାରା ଚର୍ମରେ ପ୍ରଦାହ, କଳା ଦାଗ ଏବଂ ଚର୍ମ କର୍କଟ ହେବାର ସମ୍ଭାବନା ଦେଖାଯାଏ । ଆସନ୍ତୁ ବିସ୍ତୃତ ଭାବରେ ଜାଣିବା ସୂର୍ଯ୍ୟଙ୍କର ଏହି ଅତି ବାଇଗଣୀ ରଶ୍ମିର ପ୍ରଭାବରୁ କେମିତି ପାଇବେ ରକ୍ଷା, କେମିତି କରିବେ ପ୍ରତିକାର ଓ ନିରାକରଣ ।

## ୨. ଅତି ବାଇଗଣୀ ରଶ୍ମି କଣ ?

ବୈଜ୍ଞାନିକ ଗବେଷକଙ୍କ ମତ ଅନୁଯାୟୀ ଅତି ବାଇଗଣୀ ରଶ୍ମି ସୂର୍ଯ୍ୟଙ୍କର ଅଲଟ୍ରା ଭାୟୋଲେଟ ସ୍ପେକ୍ଟ୍ରମ୍‌ରୁ ନିର୍ଗତ ହୁଏ । ଏହା ଶରୀର ପାଇଁ ଅତୀବ କ୍ଷତିକାରକ ଅଟେ ଓ ମୁଖ୍ୟତଃ ( ୧୦୦-୪୮୦ nm) wavelengthରେ ଦେଖାଯାଏ । ଏହା ମୁଖ୍ୟତଃ ୨ ପ୍ରକାରର- UV A ଏବଂ UV B । UV A ଅତ୍ୟଧିକ ସୂର୍ଯ୍ୟ କିରଣରୁ ନିର୍ଗତ ହୁଏ ଓ ଶରୀର ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ କିନ୍ତୁ UV B ଫଟୋ ବାର୍ଦ୍ଧକ୍ୟ ପାଇଁ ମୁଖ୍ୟତଃ ଦାୟୀ ହୋଇଥାଏ ।

## ଅତି ବାଇଗଣୀ ରଶ୍ମିର କୁପ୍ରଭାବର ବୈଜ୍ଞାନିକ କାରଣ

ଅତି ବାଇଗଣୀ ରଶ୍ମି ଦୀର୍ଘ ସମୟ ଧରି ତ୍ୱଚା ଓ ଚର୍ମରେ ପଡ଼ିବା ଦ୍ୱାରା ଏହା ଚର୍ମରେ ଥିବା ଇଉମେଲାନିନ୍‌କୁ ଅଧିକ ଗାଢ଼ କଳା ରଙ୍ଗର କରିଥାଏ । ଅତ୍ୟଧିକ ଅତି ବାଇଗଣୀ ରଶ୍ମି ବିକିରଣ ଦ୍ୱାରା ବିଭିନ୍ନ ପ୍ରକାର ଚର୍ମ ସମସ୍ୟା ଯଥା ଚର୍ମ ବାର୍ଦ୍ଧକ୍ୟ, ସୂକ୍ଷ୍ମରେଖା, କୁଞ୍ଚନ, ସୂର୍ଯ୍ୟକିରଣ ଜନିତ କଳା ଦାଗ ଏବଂ ଇମ୍ୟୁନୋ ସପ୍ରେସନ୍ ଆଦି ସୃଷ୍ଟି ହୁଏ ।

## ଅତି ବାଇଗଣୀ ରଶ୍ମିର ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ସନ୍‌ସ୍କ୍ରିନ୍ ଏକ ଅମୋଘ ଅସ୍ତ୍ର

୧. ଅନେକ ବ୍ୟକ୍ତିଙ୍କ ଧାରଣା ଯେ କେବଳ ଅତ୍ୟଧିକ ରୌଦ୍ରତାପ ସମୟରେ ଖରାକୁ ବାହାରିବା ପୂର୍ବରୁ ସନସ୍କ୍ରିନ ବ୍ୟବହାର କରିବା ଉଚିତ୍ କିନ୍ତୁ ପ୍ରକୃତରେ ବର୍ଷର ଯେକୌଣସି ଋତୁରେ ଘରୁ ଗୋଡ଼ କାଢିବାର ଏକ ଘଣ୍ଟା ପୂର୍ବରୁ ସନ୍‌ସ୍କ୍ରିନ୍ ନିଶ୍ଚିତ ଭାବରେ ବ୍ୟବହାର କରନ୍ତୁ । ଏହା ଆମକୁ ଅତି ବାଇଗଣୀ ରଶ୍ମି 'ଏ' ଏବଂ 'ବି'ର କୁପ୍ରଭାବରୁ ରକ୍ଷା କରିଥାଏ ।

୨. ଯଦି ଆପଣ ବୟସର କୁଞ୍ଚନ ବା କଳା ଦାଗ ଅପସାରଣ କରିବା ପାଇଁ କିଛି କ୍ରିମ ବା ସିରମ୍ ବ୍ୟବହାର କରୁ ଥାଆନ୍ତି, ତେବେ ଦିନରେ ନିଶ୍ଚିତ ଭାବରେ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ ।

୩. ଯେହେତୁ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଦ୍ୱାରା ଚର୍ମର ବାହ୍ୟ ସ୍ତର ସୁରକ୍ଷିତ ରହିଥାଏ, ତେଣୁ ନିୟମିତ ଭାବରେ ସନସ୍କ୍ରିନ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳ ଏବଂ ଚମକପ୍ରଦ ହୋଇଥାଏ ।

୪. ସନ୍‌ସ୍କ୍ରିନ୍ ସୁସ୍ଥ ଚର୍ମରେ ଥିବା କୋଲାଜେନ୍, ଇଲାଷ୍ଟିନ୍ ଏବଂ କେରାଟିନ୍ ପ୍ରୋଟିନ୍‌କୁ ସୁରକ୍ଷିତ

ରଖିବାରେ ସାହାଯ୍ୟ କରେ । ଯଦ୍ୱାରା ତ୍ୱଚା ଶୀଘ୍ର ଶୁଷ୍କ ଓ ନଷ୍ଟ ହୁଏ ନାହିଁ ଏବଂ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅଧିକ ଦିନ ପର୍ଯ୍ୟନ୍ତ ବଜାୟ ରହେ ।

୫. ନିୟମିତ ଭାବରେ ଭିଟାମିନ 'ସି' ଯୁକ୍ତ ସନ୍‌ସ୍କ୍ରିନ୍ ବ୍ୟବହାର କଲେ ବ୍ରଣ ବା ପୋଡ଼ାଜଳା ପରବର୍ତ୍ତୀ କଳାଦାଗ ସମସ୍ୟା ଧୀରେ ଧୀରେ ଦୂରୀଭୂତ ହୋଇଥାଏ ।

୬. ସନ୍‌ସ୍କ୍ରିନ୍ ଚେହେରାର ସୂକ୍ଷ୍ମ ରେଖା, ଶୁଷ୍କତା ଓ ବାଦାମୀ ଦାଗ ହଟାଇବାରେ ସାହାଯ୍ୟ କରେ ।

## ଆସନ୍ତୁ ଜାଣିବା ଅତି ବାଇଗଣୀ ରଶ୍ମିର କୁପ୍ରଭାବରୁ ନିଜକୁ ରକ୍ଷା କରିବା ପାଇଁ କେମିତି ନେବେ ତ୍ୱଚାର ଯତ୍ନ

୧. ସୂର୍ଯ୍ୟଙ୍କର ତେଜସ୍କ୍ରିୟ ବିକିରଣରୁ ନିଜର ତ୍ୱଚା ଓ ଚର୍ମକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଦିନ ନିଶ୍ଚିତ ଭାବରେ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ ।

୨. ଘରୁ ବାହାରକୁ ଗୋଡ଼ କାଢ଼ିବାର ୧୫-୩୦ ମିନିଟ୍ ପୂର୍ବରୁ ୩୦-୫୦ SPF ଯୁକ୍ତ ଉଭୟ ଅତି ବାଇଗଣୀ ରଶ୍ମି 'ଏ' ଏବଂ 'ବି'ର କୁପ୍ରଭାବରୁ ରକ୍ଷା କରିପାରୁଥିବା ଆବଶ୍ୟକ ପରିମାଣର ସନ୍‌ସ୍କ୍ରିନ୍ ଲଗାନ୍ତୁ ।

୩. ଅତ୍ୟଧିକ ରୌଦ୍ରତାପ ସମୟରେ ପ୍ରତି ଦୁଇ ଘଣ୍ଟା ଅନ୍ତରରେ ସନ୍‌ସ୍କ୍ରିନ୍ ଲଗାଇବାକୁ ଜମାରୁ ଭୁଲନ୍ତୁ ନାହିଁ ।







୪. ପହଁରିବା ପରେ ବା ଅତ୍ୟଧିକ ଝାଳ ବାହାରିଲେ ତୁରନ୍ତ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ ।

୫. ସମୁଦ୍ରକୂଳ ବା ମରୁଭୂମି ଯାତ୍ରାରେ ଥିବାବେଳେ ସନ୍‌ସ୍କ୍ରିନ୍ (high SPF ଯୁକ୍ତ) ନିଶ୍ଚିତ ଭାବରେ ବ୍ୟବହାର କରନ୍ତୁ ।

୬. ସଦାବେଳେ SPF ଯୁକ୍ତ ଲିପ୍‌ଷ୍ଟିକ୍ ବା ଲିପ୍‌ବାମ୍ ବ୍ୟବହାର କରନ୍ତୁ ଏବଂ ଓଠକୁ କଳା ଟାନ୍ ହେବାରୁ ରକ୍ଷା କରନ୍ତୁ ।

୭. ୬ ମାସରୁ ଛୋଟ ଶିଶୁକୁ ଦିନବେଳେ ଘର ବାହାରକୁ ନିଅନ୍ତୁ ନାହିଁ ।

୮. ଆଖିକୁ ଅତି ବାଇଗଣୀ ରଶ୍ମିର ପ୍ରଭାବରୁ ରକ୍ଷା କରିବା ପାଇଁ ଅଲଟ୍ରା ଭାଓଲେଟ୍ ପ୍ରୋଟେକ୍‌ଟିଭି ସନ୍‌ଗ୍ଲାସ୍ ବ୍ୟବହାର କରନ୍ତୁ ।



ରୂପଚର୍ଚ୍ଚା

# ଫେସିଆଲ୍‌ରେ ଷ୍ଟୋନ୍ ଥେରାପି


## ସସ୍ମିତା ମେହେର

**ସୌନ୍ଦର୍ଯ୍ୟା ବିଶେଷଜ୍ଞା, ସମ୍ପୂର୍ଣ୍ଣା ପାର୍ଲର୍, ଘର ନଂ ୬୫, ବିବେକାନନ୍ଦ ନଗର, ସୋନପୁର, ସୁବର୍ଣ୍ଣପୁର-୭୬୭୦୧୭ ଫୋନ-୯୪୩୭୯୭୭୩୮୭**


ଆଜି ଆମେ ଚର୍ଚ୍ଚା କରିବା ଫେସିଆଲ୍‌ରେ ଷ୍ଟୋନ୍ ଥେରାପି । କେତେ ଉପଯୋଗୀ ଆଉ ତା ପାଇଁ ପ୍ରସ୍ତୁତ ପରିବେଶ ।

ଷ୍ଟୋନ୍ ଥେରାପି କରିବା ଆଗରୁ ଏକ ନୀରବ, ସୁସ୍ଥ, ଥଣ୍ଡା, ଶାନ୍ତ ପରିବେଶଟାଏ ସୃଷ୍ଟି କରିବାକୁ ହୁଏ । କମ୍ ଆଲୋକ, ଧିର ମ୍ୟୁଜିକ୍ ଆଉ ବାସ୍ନାମୟ କେଣ୍ଡେଲ୍ ଲାଇଟ୍ ଦେଇ,ଏକ ଆରାମ ଦାୟକ ବେଡ଼ରେ ତାର ପ୍ରକ୍ରିୟା ସବୁ ଆରମ୍ଭ କରିବାକୁ ହୁଏ ।

ଷ୍ଟୋନ୍ ଥେରାପିରେ ଦୁଇ ପ୍ରକାର ଅର୍ଗାନିକ ଷ୍ଟୋନର ବ୍ୟବହାର ହୁଏ । ଗୋଟିଏ କଳା ଆଉ ଗୋଟିଏ ଧଳା ।

କଳା ଷ୍ଟୋନ୍‌କୁ ଗରମ ପାଣିରେ ଆଉ ଧଳା ଷ୍ଟୋନ୍‌କୁ ଥଣ୍ଡା ପାଣିରେ ବୁଡ଼େଇ ତା ଦେଇ ବିଭିନ୍ନ ପ୍ରକ୍ରିୟା ହୁଏ, ଯାହାକି ମୁହଁର ଉଜ୍ଜ୍ୱଳତା, ମସୃଣତା ବଢ଼ାଇବା ସହ ମାନସିକ ଶାନ୍ତି ଆଉ ସୁସ୍ଥତା ଆଣିଦିଏ ।

କଳା ଷ୍ଟୋନ୍: ନେଗେଟିଭିଟି ଦୂର କରିବାରେ ସହାୟକ ହୁଏ ଏବଂ ବ୍ଲଡ଼ ସର୍କୁଲେଶନକୁ ମେଣ୍ଟେନ୍ କରେ ।

ଧଳା ଷ୍ଟୋନ୍: ତ୍ୱଚାର ଛିଦ୍ର ବନ୍ଦ କରିବାରେ ଆଉ ନେଚୁରାଲ ଓଏଲ୍ ସେବମ ତିଆରି କରିବାରେ ସହାୟକ ହୁଏ ।

ଷ୍ଟୋନ ଥେରାପିରେ ସାଧାରଣ ଫେସିଆଲରୁ ଅଲଗା ଫେସିଆଲ କିଟ୍ ଆସେ । ଷ୍ଟୋନ୍‌ରେ ହଟ୍ ଆଉ କୋଲ୍ଡ କମ୍ପ୍ରେସର୍ ଦେଇ ଆହୁରି ମସାଜ୍‌ର ଟିକେ ଅଲଗା ପ୍ରୋସେସ୍ ଦେଇ ଏଇ ଫେସିଆଲ୍‌ଟି ହୁଏ । ଓଏଲି ସ୍କିନ୍ ପାଇଁ ଆଉ ନର୍ମାଲ ଟୁ ଡ୍ରାଏ ସ୍କିନ୍ ପାଇଁ ଅଲଗା ଅଲଗା ମସାଜ୍ କ୍ରିମ୍ ଆଉ ପେକ୍ ବ୍ୟବହୃତ ହୁଏ ।

ପ୍ରକୃତରେ ଏହା ଏକ ଖୁବ୍ ଉପଯୋଗୀ ପ୍ରୋସେସ୍ । ନାରୀ ମାନଙ୍କ କ୍ଲାନ୍ତି ଆଉ ଭାରାକ୍ରାନ୍ତ ମନକୁ ବି ଅନେକ ପରିମାଣରେ ଆରାମ ଦେବାରେ ସହାୟକ ହୋଇଥାଏ ।

## ବଡ଼ି ପୋଲିସିଂ, ବଡ଼ି ସ୍ପା

ଆଜିକାଲି ମହିଳାଙ୍କ ବ୍ୟସ୍ତବହୁଳ ଜୀବନର କର୍ମକ୍ଳାନ୍ତିକୁ ଦୂର କରିବା ସହ ପୁରା ଶରୀରର ଯତ୍ନ ନେବା ପାଇଁ ମଝିରେ ମଝିରେ ବଡ଼ି ପୋଲିସିଂ କରେଇ ନେବା ଏକ ଉତ୍ତମ ଉପାୟ । ବାହା ହେବା ପୂର୍ବରୁ ଝିଅଟିଏ ପାଇଁ ବି ସମଗ୍ର ଶରୀରର ସୁନ୍ଦରତାକୁ ବୃଦ୍ଧି କରେଇବାରେ ବେଶ୍ ସହାୟକ ହୁଏ ଏଇ ପଦ୍ଧତି । ବଡ଼ି ପୋଲିସିଂ, ବଡ଼ି ସ୍ପା ବିଭିନ୍ନ ପଦ୍ଧତିରେ ହୁଏ, ଯେମିତି ଘରୋଇ ଉପଚାର ହର୍ବାଲ ସାମଗ୍ରୀକୁ ନେଇ, କେବେ ପୁଣି ନୂତନ ସ୍ପା ପଦ୍ଧତିକୁ ନେଇ, ପୁଣି ଆୟୁର୍ବେଦରେ ବି ବିଭିନ୍ନ ରୋଗ ଦୂର କରିବା ସହ ସୁନ୍ଦରତାକୁ ବଜାୟ ରଖିବାରେ ବେଶ୍ ସହାୟକ ହୁଏ ।

ତେବେ ଆଜି ଆମେ ଚର୍ଚ୍ଚା କରିବା ଏକ ସାଧାରଣ ବଡ଼ି ପୋଲସିଂ ଆଉ ସ୍ପା ବିଷୟରେ । ଆମେ ଅଧିକ ଫେୟାର୍‌ନେସ୍ ଏବଂ ଗ୍ଲୋ ପାଇଁ, ରିଂକିଲ ଫ୍ରି ସ୍କିନ୍ ପାଇଁ ଯେମିତି ଫେସିଆଲ୍ କରୁଛୁ, ସେମିତି ଆମେ ଫୁଲ ବଡ଼ି ପୋଲିସିଂ ଆଉ ସ୍ପା କରେଇ ପାରିବା । ସମଗ୍ର ଶରୀରରେ ଫୁର୍ତ୍ତି ଆଣିବା, ତ୍ୱଚାର ସୁନ୍ଦରତାକୁ ବୃଦ୍ଧି କରିବା ପାଇଁ ଏହା ଏକ ଖୁବ୍ ଉପାଦେୟ ପଦ୍ଧତି । ଫୁଲ୍ ବଡ଼ି ପୋଲିସିଂ ପାଇଁ ସ୍ୱତନ୍ତ୍ର କିଟ୍ ଆସେ । ତାକୁ ନେଇ ପୋଲିସିଂ କରେଇ ନେବା ଭଲ । ବଡ଼ି ପୋଲିସିଂ କରେଇବା ଆଗରୁ ପେଡ଼ି କିଓର୍, ମେନିକିଓର୍ କରେଇ ନେବା ଠିକ୍ ରହିବ । ଏବେ ଯିବା ପଦ୍ଧତି ଆଡ଼କୁ ।

୧. ପ୍ରଥମେ ଶରୀରର ବିଭିନ୍ନ ଅଙ୍ଗକୁ ଭଲରେ ପାଞ୍ଚରୁ ସାତ ମିନିଟ ଯାଏଁ କ୍ଲିଞ୍ଜିଙ୍ଗ୍ କରେଇ ନେବା ।

୨. ତାପରେ ସେମିତି ପାଞ୍ଚରୁ ସାତ ମିନିଟ ଯାଏଁ ସ୍କ୍ରବ୍ କରେଇ ନେବା । ମୁହଁର ତ୍ୱଚା ପତଳା ଆଉ ସମ୍ବେଦନଶୀଳ । ତେଣୁ ଆମେ ତାକୁ ଆଙ୍ଗୁଠି ସାହାଯ୍ୟରେ ହାଲ୍‌କା ସ୍କ୍ରବ୍ ଦୁଇରୁ ତିନି ମିନିଟ ଯାଏଁ କରାଉ । କିନ୍ତୁ ଶରୀରରେ ପାଞ୍ଚରୁ ସାତ ମିନିଟ୍ ଯାଏଁ ହାତ ପାପୁଲି ଦେଇ ଟିକେ ଅଧିକ ଜୋର୍‌ରେ ବି କରେଇ ପାରିବା । ତାକୁ ଓଦା ତଉଲିଆ ଦେଇ ପୋଛି ନେବା ।

୩. ଯଦି ତ୍ୱଚା ଖରାର ପ୍ରଭାବରେ କଳା ପଡ଼ିଯାଇଛି ତେବେ ଆମେ ଡିଟେନ୍ ପେକ୍ ଲଗେଇ ଦଶ ମିନିଟ୍ ପରେ ସଫା କରେଇ ନେବା ।

୪. ଏବେ ବଡ଼ି ମସାଜ୍ କରେଇ ନେବା ପନ୍ଦରରୁ କୋଡ଼ିଏ ମିନିଟ୍ ଲେଖାଏଁ ଶରୀରର ବିଭିନ୍ନ ଅଂଶରେ । ଅଭିଜ୍ଞ ମସାଜର୍‌ଙ୍କ ଠୁ କରେଇ ନେବା ଭଲ, ଯିଏ ଶରୀରରେ ଠିକ୍ ପଏଣ୍ଟ୍‌ରେ ପ୍ରେସର୍ ଦେଇ ମସାଜ୍ କରୁଥିବେ ।

୫. ତାପରେ ଗରମ ପାଣିରେ ତଉଲିଆକୁ ଭିଜେଇ ସମଗ୍ର ଶରୀରରେ ସ୍ପା କିମ୍ବା ଫେସିଆଲ୍ ସ୍ପା ଦେଇ ବି କରେଇ ପାରିବା । ଭଲରେ ସାରା ଶରୀରକୁ ପୋଛି ଆଣିବା ।

୬. ଶେଷରେ ଭଲ ଏରୋମା ଓଏଲ୍ ଦେଇ ସମଗ୍ର ଶରୀରକୁ ମସାଜ୍ କରେଇ ନେବା ପରେ ଆମେ ଅଧିକାରିଣୀ ହୋଇଯିବା ଏକ ସୁନ୍ଦର ସ୍ୱସ୍ଥ ତ୍ୱଚାର । ସାରାଦିନର କ୍ଳାନ୍ତି ଦୂର ହେବା ସାଙ୍ଗେ ସାଙ୍ଗେ ଆଗାମୀ କାର୍ଯ୍ୟ ପାଇଁ ବି ଫୁର୍ତ୍ତି ଆଣିଦେବ ଏହା ।






ଲେଖିକା ସସ୍ମିତା ମେହେର

# ସଙ୍ଗୀତାଙ୍କ ରାନ୍ଧଣା

**ସଙ୍ଗୀତା ଦାସ**
ରବି ରାୟ ଲେନ୍, କଲ୍ୟାଣୀ ନଗର, ମଧୁପାଟଣା,
କଟକ-୭୫୩୦୧୦
ଫୋନ: ୯୩୪୮୪୬୮୬୭୭

ଫଟୋ ସୌଜନ୍ୟ : ଲେଖିକା

**ମଇଦାରେ ଛୋଟ ପୁରି ପ୍ରସ୍ତୁତ କରିବା । ଗୋଟିଏ ପୁରି ମଝିରେ ପୂର ଦେଇ ତା ଉପରେ ଆଉ ଗୋଟିଏ ପୁରି ଦେଇ ତାକୁ ଗୋଟିଏ ପଟରୁ ମୋଡ଼ିମୋଡି କରଞ୍ଜି ପ୍ରସ୍ତୁତ କରିବା ଆଉ ତେଲରେ ଧୀର ଆଞ୍ଚରେ ତାକୁ ଛାଣିକି ସିରାରେ ପକେଇ ଟିକେ ଡ୍ରାଏ ଫ୍ରୁଟ୍ସ ଦେଇ ସଜେଇ ଦେବା । ଏହାକୁ ପର୍ବପର୍ବାଣିରେ କରିକି ଖାଇଲେ ଭଲ ଲାଗିଥାଏ ଆଉ ଅଧିକ ଦିନ ମଧ୍ୟ ରହିଥାଏ ।**



## ଚିନି ସିରା କରଞ୍ଜି

**ଆବଶ୍ୟକ ସାମଗ୍ରୀ :** ମଇଦା ୨୫୦ଗ୍ରାମ, ଚିନି ୨୦୦ ଗ୍ରାମ, ନ ଡ଼ ି ଅ । କୋରା ୧୦୦ଗ୍ରାମ, ଦହି ଛେନା ୫୦ଗ୍ରାମ, ଗୁଜୁରାତି ଗୁଣ୍ଡ, ଡ୍ରାଏ ଫ୍ରୁଟ୍ସ, ତେଲ, ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ୧୦୦ଗ୍ରାମ ତେଲ ଉଷୁମ କରିକି ଭଲକରି ହାତରେ ଘଷି ଦେବା । ତାପରେ ଅଳ୍ପ ଲୁଣ ଦେଇ ଚକଟି ଦେଇ ଘୋଡେଇ ରଖିଦେବା । ଅନ୍ୟ ଏକ ପାତ୍ରରେ ନଡ଼ିଆ କୋରା, ଦହି ଛେନା, ଗୁଜୁରାତି ଗୁଣ୍ଡ, ଚିନି ପକାଇ ପୁରକୁ ଭାଜି ଦେବା । ପୁର ଟିକିଏ ଟାଣ ହେବା ପାଇଁ ସୁଜି ଗୋଟିଏ ଛୋଟ ଚାମଚ ପକେଇ ଭାଜିଦେବା । ତାପରେ ଅନ୍ୟ ଏକ ପାତ୍ରରେ ଚିନିସିରା ପ୍ରସ୍ତୁତ କରିବା । ଯେମିତି କି ବେଶୀ ବହଳିଆ ହେବନି କି ଶୁଖିଲା ହେବନି । ସିରାକୁ ଥଣ୍ଡା ହେବାକୁ ଛାଡ଼ିଦେବା । ତାପରେ ଗ୍ୟାସ୍‌ରେ ତେଲ କଡେଇ ବସେଇବା । ଆଉ ମଇଦାରେ ଛୋଟ ପୁରି ପ୍ରସ୍ତୁତ କରିବା । ଗୋଟିଏ ପୁରି ମଝିରେ ପୂର ଦେଇ ତା ଉପରେ ଆଉ ଗୋଟିଏ ପୁରି ଦେଇ ତାକୁ ଗୋଟିଏ ପଟରୁ ମୋଡ଼ିମୋଡି କରଞ୍ଜି ପ୍ରସ୍ତୁତ କରିବା ଆଉ ତେଲରେ ଧୀର ଆଞ୍ଚରେ ତାକୁ ଛାଣିକି ସିରାରେ ପକେଇ ଟିକେ ଡ୍ରାଏ ଫ୍ରୁଟ୍ସ ଦେଇ ସଜେଇ ଦେବା । ଏହାକୁ ପର୍ବପର୍ବାଣିରେ କରିକି ଖାଇଲେ ଭଲ ଲାଗିଥାଏ ଆଉ ଅଧିକ ଦିନ ମଧ୍ୟ ରହିଥାଏ ।

## ଗୁଡ ପୁରୀ

**ଆବଶ୍ୟକ ସାମଗ୍ରୀ :** ଅଟା ୨୫୦ ଗ୍ରାମ, ସୁଜି ୧୦ ଗ୍ରାମ, ଗୁଡ ୧୦୦ଗ୍ରାମ, ଲୁଣ, ଗୁରୁରାତି ଗୁଣ୍ଡ, ରିଫାଇନ ତେଲ କିମ୍ବା ଘିଅ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଟା ଏବଂ ସୁଜିରେ ସ୍ୱାଦ ଅନୁସାରେ ଲୁଣ ଦେଇ ତେଲ ଟିକେ ହାତରେ ଘଷି ଦେବା । ତାପରେ ଅନ୍ୟ ଏକ ପାତ୍ରରେ ଗୁଡ଼ରେ ଆବଶ୍ୟକ ଅନୁସାରେ ପାଣିଦେଇ ଗୁଡ଼ର ମିଶ୍ରଣକୁ ସେଇ ଅଟାରେ ପକେଇ ଭଲ ଭାବରେ ଗୁରୁରାତି ଗୁଣ୍ଡ ଦେଇ ଚକଟି ଦେବା ଆଉ ତାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡେଇ ରଖି ଦେବା । ତାପରେ ଗ୍ୟାସ୍‌ରେ କଡେଇ ବସେଇ ତେଲ ଗରମ କରିବା । ତେଲ ଗରମ ହେଲା ପରେ ଗୋଲ ଗୋଲ ପୁରୀ ବେଲି ତାକୁ ଛାଣି ଦେବା । ପ୍ରସ୍ତୁତ ହେଇଯିବ ଗୁଡ ପୁରି । ଏହାକୁ ଆମେ ଦହି ସହିତ କିମ୍ବା ଆଳୁ ତରକାରୀ ସହ ଖାଇପାରିବା ।



◀ ଲେଖିକା ସଂଗୀତା ଦାସ





# ସାହିତ୍ୟରେ ଶୂନ୍ୟସ୍ଥାନ

ସାହିତ୍ୟ ସାଧନାରେ ଯେଉଁମାନେ ମନୋନିବେଶ କରି ନିଜର ଏକ ପରିଚୟ ଓ ପାଠକ ଗୋଷ୍ଠୀ ଗଠନ କରିଥାନ୍ତି ସେମାନଙ୍କ ମୃତ୍ୟୁ ପରେ ସାହିତ୍ୟରେ କଣ ସତରେ ଶୂନ୍ୟସ୍ଥାନ ତିଆରି ହୁଏ ? ସତରେ କଣ ସେ ସ୍ଥାନ ଅପୂରଣୀୟ ବୋଲି କହି ହେବ ? ଜଣକର ସ୍ଥାନ ଆଉ ଜଣେ ପୂରଣ କରିପାରେ କି ? ମୃତ୍ୟୁବରଣ କରିଥିବା ଅସଂଖ୍ୟ ଲେଖକଙ୍କୁ ଆମେ କଣ ଆନ୍ତରିକ ଭାବେ ମନେ ରଖୁ ? ନା ପାଶୋରି ଦେଉ ? ଯଦି ଭୁଲି ହିଁ ଯାଉ ତେବେ ସେଇ ଶୂନ୍ୟସ୍ଥାନର କଥା କଣ ? କାହା ନାଁରେ ନାମିତ କରିବା ସେଇ ଶୂନ୍ୟସ୍ଥାନ ? ଏବେ ଗୋଟିଏ ଶୂନ୍ୟସ୍ଥାନର ନାଁ ସୁନୀଲ୍ । ହଁ କବି ଓ ସମ୍ପାଦକ ଭାବେ ଜୀବନ ଅତିବାହିତ କରି ୬୧ ବର୍ଷ ବୟସରେ ଆମ ଗହଣରୁ ବିଦାୟ ନେଲେ ସେ । ମଇ ୨୨ ତାରିଖ, ୨୦୨୪ରେ ଦେହାନ୍ତ ହେଲା କବି ସୁନୀଲ୍‌ଙ୍କର । ଗୋଟିଏ ଖାଁ ଖାଁ ଭାବ ଛାଇଗଲା ସର୍ବତ୍ର । ଶୋକାଭିବ୍ୟକ୍ତିର ସ୍ରୋତ ଛୁଟିଲା ସୋସିଆଲ ମିଡ଼ିଆରେ । କହିଲେ, ଏବେ ଏକ ଶୂନ୍ୟସ୍ଥାନର ନାଁ ସୁନୀଲ୍ । ଅନେକଙ୍କର ଆଦରଣୀୟ ଓ ସ୍ନେହର ମଣିଷଟିଏ ଥିଲେ ସେ । ସେ ବି ଭଲ ପାଉଥିଲେ ଅନେକଙ୍କୁ । ସ୍ୱତଃ ତାଙ୍କ ବିୟୋଗରେ ଶୋକାଚ୍ଛନ୍ନ ହେବେ ସଭିଏଁ । କିନ୍ତୁ ଏ ଶୋକ କଣ ସେଇ ଶୂନ୍ୟସ୍ଥାନକୁ 'ସୁନୀଲ୍'ରେ ଆଉଥରେ ରୂପାନ୍ତରିତ କରିଦେଇ ପାରିବ ! ସୁନୀଲ୍‌ଙ୍କୁ ଫେରାଇ ଆଣି ଆଉଥରେ ଠିଆ କରାଇ ପାରିବ କି ତନୁଲତାର ଝାଟିମାଟି ଘରେ ? କବିତାରେ କଳ କଳ ଜଣେ ନିରୀହ କବିଙ୍କୁ  ନିର୍ଜନତାର ଚିହ୍ନା ଚିହ୍ନା ଚୌହଦୀରୁ ଫେରାଇ ଆଣିବ କେଉଁ ଶୋକାଶ୍ରୁ ! ସେ ଭୁଲି ହୋଇଯିବେ ଧିରେ ଧିରେ ଆମମାନଙ୍କ ମାନସିକତାରୁ, ପ୍ରାଣରୁ, ହୃଦୟରୁ । ମାଟିରୁ, ପାଣିରୁ, ପବନରୁ ଉଭେଇ ଯିବେ ସେ । କେବଳ ସେ ଲେଖି ଯାଇଥିବା କବିତାର ଶବ୍ଦମାନେ ହିଁ ଝୁରି ହେବେ । ତାଙ୍କୁ ଅମର କରି ରଖିବେ । ହଁ କେବଳ ଶବ୍ଦ ହିଁ ।

ସେ ଥିଲେ ଶବ୍ଦର ସ୍ଥପତି । ବିଭୋର୍ କଲା ଭଳି ଶବ୍ଦ ନିର୍ମାଣରେ ସେ ଅଦ୍ୱିତୀୟ କେବଳ ନଥିଲେ ଥିଲେ ଅନନ୍ୟ । ସୁନୀଳ ଆକାଶ ପରି ସେ ଶାନ୍ତ ଓ କୋମଳ । ନିରବତାର ନଦୀ ମୁହାଣରେ ସେ ଜଣେ ପ୍ରଖର ନାବିକ । ଯେଉଁଠି ଶବ୍ଦମାନେ ନିର୍ବାକ୍ ହୋଇଯାଆନ୍ତି ସେଇଠୁ ଆରମ୍ଭ ହୁଏ ତାଙ୍କର କବିତା ଯାତ୍ରା । କେବେ ଅବଢ଼ା ପ୍ରେମର ଆଞ୍ଜୁଳାରେ ଟଳମଳ ବିନ୍ଦୁଏ ଜହ୍ନରାତି ତ କେବେ ପୁଣି ଅମଡ଼ା ବାଟର ଏକାକୀ ପଥିକ । ସେ କେତେବେଳେ ଗଢ଼ି ଦିଅନ୍ତି ତନୁଲତାର ମାଟିଘର ତ କେତେବେଳେ ପୁଣି ନିଜେ ହିଁ ଦିଶନ୍ତି ଦେହଦେଉଳର ଉପାସକ । ଓଡ଼ିଆ କବିତାକୁ କମନୀୟ ପରିପାଟୀ ପିନ୍ଧାଇ ଯେଉଁ କବି ଜଣକ ପ୍ରେମିକ ପରି ପଶି ଆସିଥିଲେ ଅଶୀ ଦଶକ ପ୍ରାରମ୍ଭରେ ସେ ଏବେ ଏବେ ଫେରିଗଲେ ଚିହ୍ନା ଚିହ୍ନା ନିର୍ଜନତା ପାଖକୁ ଆଉ ନ ଫେରିବାର ପ୍ରତିଶ୍ରୁତି ଦେଇ । ତାଙ୍କ ସହିତ ଫେରିଗଲେ ସେଇ ନିରୀହପଣ, ସେଇ କୋମଳତା, ସେଇ ଭଲପାଇବାର ଶବ୍ଦସବୁ । ପ୍ରେମରେ ପୀଡ଼ାର ପୁଲକ ଅନୁଭବିବା ବେଳେ ସେ ଏକ ଭାବାତୀତ ଜଗତ ସହିତ ଯୋଡ଼ି ହେଇଯିବା ମୁଁ ଦେଖିଛି । ସେ ଓଡ଼ିଆ କବିତାର ଆକାଶରେ ଥିଲେ ଏକ ଆଲୋକବର୍ତ୍ତିକା, ଅନ୍ଧାର ଛାତିରେ ଯିଏ ଫୁଟାଉଥିଲେ ତାରକସିର ତାରା । ସେ ଆଉ କେହି ନୁହନ୍ତି ମୋର ଓ ଆମ ସଭିଙ୍କର ପ୍ରିୟ କବି ସୁନୀଲ କୁମାର ପୃଷ୍ଟି....

ସୁନୀଲ୍ ଭାଇ ଏମିତି ଚାଲିଯିବେ ଭାବିନଥିଲି । ଭାବିଥିଲି ଯେମିତି ଥରେ ଆମେ, ମୁଁ, କବି ଶ୍ରୀଦେବ ଓ କବି ଉତ୍ପଳ ମହାନ୍ତି ଏକତ୍ର ହଠାତ୍ ତାଙ୍କ ଘରେ ପହଞ୍ଚି ତାଙ୍କୁ ଓ ଗୀତା ଭାଉଜଙ୍କୁ ଚମକେଇ ଦେଇଥିଲୁ ସେମିତି ଆଉଥରେ ଯିବି । କିନ୍ତୁ ସେ ସୁଯୋଗ ସୁନୀଲ ଭାଇ ଦେଲେ ନାହିଁ । ତାଙ୍କର ଆକ୍ସିଡେଣ୍ଟ ପରେ ମୁଁ କଥା ହେଇଛି । କିନ୍ତୁ ଶିଶିର ପତ୍ରିକା ବନ୍ଦ ହୋଇଯିବା ପରେ ସେ ଘରେ ରହିଲେ ଯେ ରହିଲେ, ଧୀରେ ଧୀରେ ସମ୍ପର୍କ ଠାରୁ ଦୂରେଇଗଲେ । ଆଉ ଫୋନ୍ ରିସିଭ୍ କଲେନି । ଆଉ କବିତା ପଠେଇଲେନି । ସେ ବୋଧେ ହୃଦ୍‌ବୋଧ କରିଥିଲେ ଏ ସମ୍ପର୍କ ସବୁ ମାୟା । ବାସ୍ତବତାର ଏକ ଉଚ୍ଚତର ଜଗତକୁ ସେ ଚାଲି ଯାଇଥିଲେ ଯେତିକି ତାଙ୍କ ସମ୍ପର୍କରେ ଖବର ପାଇଥିଲି । ତାଙ୍କ ଜୀବନ ଓ କବିତାକୁ ନେଇ ଏକ ସୁନ୍ଦର ଆଲେଖ 'ରେବତୀ' ପତ୍ରିକାରେ ଛାପିବାକୁ ମନସ୍ଥ କରି କେତେଜଣଙ୍କୁ ଅନୁରୋଧ କରିଛି ଲେଖିଦେବାକୁ । କଥାଟି ଆଉ ସମ୍ଭବ ହୋଇନଥିଲା । ସୁନୀଲ ଭାଇ କେବଳ ସ୍ୱାଭିମାନୀ ନଥିଲେ ପ୍ରତିଶ୍ରୁତି ପାଳିବାରେ ଥିଲେ ଅଟଳ । ପ୍ରେମରେ ପ୍ରତିଶ୍ରୁତି ପାଳିବା ବଡ଼ କଥା । ତନୁଲତା ସେଇଥି ପାଇଁ ତାଙ୍କ ସହିତ ରହି ଯାଇଥିଲା ଏତେକାଳ ପରମ ପ୍ରେମିକା ହୋଇ । ବହୁବାର ଜାଣିବାର ଇଚ୍ଛା କରିଛି ତନୁଲତା କିଏ । କିନ୍ତୁ ସେ ଏକ ଅଦ୍ଭୁତ ସମ୍ମୋହନୀ ହସ ବିଞ୍ଚି ଦେଇ ମୋ ଉପରେ ମୋତେ ଚୁପ୍ କରାଇ ଦେଇଛନ୍ତି : "କୃଷ୍ଣ, ଏ ମାୟାରେ ପଡନା । ତନୁଲତା ବୋଲି କେହି ନାହିଁ କି ନଥିଲା ।"

ରହସ୍ୟକୁ ଆହୁରି ରହସ୍ୟଘନ କରିବାର କଳା ତାଙ୍କୁ ଜଣାଥିଲା । କବିତାକୁ ଏତେ ବେଶି ଭଲ ପାଉଥିଲେ ଥରେ ଥରେ ଗୋଟିଏ ଆପ୍ରୋପ୍ରିଏଟ୍ ଶବ୍ଦ ପାଇଁ ସମ୍ପୂର୍ଣ୍ଣ କବିତାଟି ଛଅ ମାସ ବି ପଡି ରହିବା କଥା ସେ ଜଣାଇବା ବେଳେ ମୁଁ ମାପୁଥାଏ କି ପ୍ରେମ ସତରେ ! କେତେ ଗଭୀର ଓ ନିଷ୍ପାପ !

ଥରେ ପଚାରିନଥିଲି, କିନ୍ତୁ ସେ ସ୍ୱତଃ କହିଥିଲେ, ଅନେକ ସମୟରେ ସେ ବିଚଳିତ ଥିଲେ ବା ଫ୍ରି ଥିଲେ ନିଜ ଟେବୁଲରୁ ଉଠି ଆସି ମୋ ଟେବୁଲ୍ ସାମ୍ନାରେ ବସିବେ । କହିଥିଲେ, "ଜାଣ କୃଷ୍ଣ କବିତା ଲେଖିବା ଏତେ ସହଜ କଥା ନୁହେଁ । ଅନେକ ପୀଡ଼ା ପରେ ଭଲ କବିତାଟେ ଉତୁରେ । ବେଳେବେଳେ ମୁଁ ଗାଧୋଇବା ପାଇଁ ପଶିଥିବି ବାଥରୁମ୍(ୱାଶରୁମ୍ କହୁନି)କୁ, ହଠାତ୍ ମୁଣ୍ଡକୁ ପଶିବ ପୁରା ଡ୍ରାଫ୍ଟ କରା ଚାରି ଧାଡ଼ି, କରିବି କଣ ! ସାୱାର୍ ପାଣି ଅଫ୍ କରିବି । ପାଣି ଝର୍ଝର୍ ବହୁଥିବ ଦେହରୁ । ପୋଛି ହେବି । ଡାଇରି ଆଣିବି । ଲେଖିବି ସେ ଧାଡି । ପୁଣି ପଶିବି ବାଥ୍‌ରୁମ୍ । କବିତା କହିଁକି ଆସିବନି । ଆଉ ଆସିଛି ଯଦି ତମେ ତାକୁ ଲିପିବଦ୍ଧ ନକଲେ ସେ ଚଟ୍ କିନା ଫେରିଯିବ । ଆଉ ମନେ ପଡିବନି । ମୁଁ ଏମିତି ଅନେକ ଧାଡ଼ି ଭୁଲିଛି ।"

ସତରେ କବିଟିଏ କେତେ ମନସ୍କ, କେତେ ଡେଡିକେଟେଡ୍, କେତେ ଉପାସକ ନହେଲେ କବିତାର ସ୍ରଷ୍ଟା ବୋଲାଇବା କଣ ଏତେ ସହଜ ?

ମୋତେ ସୁନୀଲ ଭାଇ 'ସଚିତ୍ର ବିଜୟା' ଅଫିସକୁ ନେଇ ଯାଇଥିଲେ ତାଙ୍କ ସହଯୋଗୀ କରି । କହିଥିଲେ, "କୃଷ୍ଣ 'ସଚିତ୍ର ବିଜୟା' ପାଇଁ ତମକୁ ନେବି ।" ମୁଁ ଜବ୍ ଦରକାର କରୁଥିଲି । ସେ ଦେବଦୂତ ପରି ଦିନେ ପହଞ୍ଚିଲେ ଓ ମୋ ହାତ ଧରି ନେଇଗଲେ ତାଙ୍କ କଥା ରଖି । ଆରମ୍ଭ ହେଲା ତାଙ୍କ ସହିତ 'ସଚିତ୍ର ବିଜୟା'ରେ କାର୍ଯ୍ୟ । ମୁଁ ସମ୍ପାଦନାର ଅନେକ କଥା ଶିଖିଛି ତାଙ୍କ ଠାରୁ । ସବୁ ଗପ ଓ ଫିଚର୍ ତନ୍ନ ତନ୍ନ କରି ପଢୁଥିଲେ । ଫିଚର୍ ଗୁଡିକରେ ଭାଷା ପରିବର୍ତ୍ତନ ପାଇଁ ସେ ଗୁରୁତ୍ୱ ଦେଉଥିଲେ । ବିଜୟାର ଏକ ସ୍ୱତନ୍ତ୍ର ଶୈଳୀର ଭାଷା ଥିଲା । ସେ ମୋତେ ଶିଖାଇଥିଲେ ।

ସୁନୀଲ ଭାଇ ୩/୪ ବର୍ଷର ବଡ଼ ହେଲେ ବି ସାଙ୍ଗ ପରି ମିଶୁଥିଲେ । ଖୁବ୍ ରସିକିଆ କଥା କହୁଥିଲେ ସେ ବେଳେବେଳେ । ପ୍ରେମ ପ୍ରସଙ୍ଗ ପଡିଲେ ସେ ପ୍ରଗଲ୍‌ଭ ହୋଇ ପଡୁଥିଲେ । ମୋତେ ତାଙ୍କର ଶବ୍ଦ ଚୟନ ତାଙ୍କ ପ୍ରେମରେ ପକାଇଥିଲା । କବିତାରେ ଏପରିକି ଗଦ୍ୟରେ ବି ସେ ଶବ୍ଦ ବାଛିବାରେ ମାଷ୍ଟର୍ ଥିଲେ । ନିମିଷେ ସମୟ ନେଇ ଚମତ୍କାର ଶବ୍ଦ ସବୁ ଶୂନ୍ୟରୁ ତୋଳି ଆଣୁଥିଲେ । ମୁଁ ଅଭିଭୂତ ହେଉଥିଲି । ତାଙ୍କର ଛୋଟ ଛୋଟ ବାକ୍ୟରେ ଏପରିକି ଗୋଟିଏ ଯୋଡେ ଶବ୍ଦରେ ସେ କବିତାର ବାକ୍ୟ ଗଢୁଥିବା କଥାଟି ମୋତେ ପ୍ରଭାବିତ କରିଥିଲା । ମୋର ସେ ସମୟର ଅନେକ କବିତାରେ ସୁନୀଲ ଭାଇଙ୍କ ପ୍ରଭାବ ଥିବା ଅନେକେ ଲକ୍ଷ୍ୟ କରିଥିବେ ।






SUPRATIK INFRAVENTURES
LIFESTYLE Project - II
Limited 2 & 3 BHK
Flat Available
RERA
APPROVED
7205330222
sales@supratikinfraventures.com
Follow us on :
/ supratikinfraventures
www.supratikinfraventures.com
Branch Office : Alupur, Near Laxminarayan Temple
O. T. Road, Balasore - 756001

The **REBATI AMA MATIRA SWARA** ● June 2024 Vol - 6 Issue - 08 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108

